# ମହାକବି ସାରଳା ଦାସ

ଲେଖକ

ଅଧ୍ୟାପକ ସର୍ବେଶ୍ୱର ଦାଶ

ଗ୍ରନ୍ଥମନ୍ଦିର

MAHAKABI SARALA DAS

By Sarbeswar Das.

Published by Grantha Mandir,

Binodbehari, Cuttack-2.

Berhampur (Ganjam)

First Edition, May 1979

Price : Rs. 15-50

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ରନ୍ଥ ମନ୍ଦିର

ବିନୋଦବିହାରୀ, କଟକ-୨

ଶାଖା : ବ୍ରହ୍ମପୁର (ଗଞ୍ଜାମ)

ମୁଦ୍ରକ :

ଜୟରାମ ମହାପାତ୍ର

ଗ୍ରନ୍ଥ ପ୍ରକାଶିନୀ

କଟକ-୧

ପ୍ରଥମ ମୁଦ୍ରଣ

ମେ, ୧୯୭୯

ମୂଲ୍ୟ : ଟ ୧୫-୫୦

ସାଦାବନ୍ଧେଇ ଟ ୧୪·୦୦

# ଉତ୍ସର୍ଗ

ସନ୍ତାନର ସୁଖ ବ୍ୟତୀତ ଯିଏ ଜୀବନରେ ଆଉ କିଛି ଜାଣିନଥିଲା ପରଲୋକଗତା ଅପାର କରୁଣାମୟୀ ମୋର ସେହି ଜନନୀର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଅର୍ପଣ କରୁଅଛି ଏହି ଭକ୍ତି ଅର୍ଘ୍ୟ ତାର ହୀନ ସନ୍ତାନ ।

ଲେଖକ

# ସୂଚୀପତ୍ର


୧ । ସାରଳା-ଚରିତ ୧

୨ । ସାରଳା ସାହିତ୍ୟ ୩୬

୩ । ସାରଳାଙ୍କ ଧର୍ମଧାରଣା ସମାଜଦର୍ଶନ ଓ ସ୍ୱଦେଶ ପ୍ରୀତି ୧୩୫

୪ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସାରଳାଙ୍କ ଅବଦାନ ୧୫୭

# ପ୍ରଥମ ଅଧ୍ୟାୟ

# ସାରଳା-ଚରିତ

ଭାଗବତ ପ୍ରଣେତା ମହାପୁରୁଷ ଜଗନ୍ନାଥ ଦାସଙ୍କ ପରି ମହାଭାରତ ରଚୟିତା ମହାମନୀଷୀ ମହାକବି ସାରଳା ଦାସ ଓଡ଼ିଆ ଜାତିର ଚିର ନମସ୍ୟ । ଓଡ଼ିଆ ଭାଷାର ନିର୍ମାତା ଓ ଓଡ଼ିଆ ସାହିତ୍ୟର ଜନକ ରୂପେ ତାଙ୍କର ନାମ ଓଡ଼ିଆ ସାହିତ୍ୟର ଇତିହାସରେ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେ କେବଳ କେତେଖଣ୍ଡି ପୁରାଣ ରଚନା କରିନାହାନ୍ତି; ଓଡ଼ିଆ ସଭ୍ୟତା, ସଂସ୍କୃତି, ପରମ୍ପରା, ଧର୍ମ, ଦର୍ଶନ, ରୀତିନୀତି ଏବଂ ଗୃହାଣି ଓ ଚଳଣିକୁ ବାଙ୍ମୟ ରୂପ ଦାନକରି ଓଡ଼ିଆ ଜାତିକୁ ବିଶ୍ୱସାହିତ୍ୟର ଦରବାରରେ ଏକ ସମ୍ମାନିତ ଆସନ ପ୍ରଦାନ କରିଅଛନ୍ତି । ଉତ୍କଳୀୟ ଜାତୀୟତାବାଦର ସେ ହେଉଛନ୍ତି ସର୍ବପ୍ରଥମ ଏବଂ ସର୍ବଶ୍ରେଷ୍ଠ ଉଦ୍‌ଗାତା । ତାହାଙ୍କର ଯାଦୁକରୀ ଲେଖନୀ ସ୍ପର୍ଶରେ ଏ ରାଜ୍ୟର ନଦନଦୀ, ବନପର୍ବତ, ତୀର୍ଥ, ମନ୍ଦିର ଓ ମୃତ୍ତିକା, ପାଷାଣ ଚଳଚଞ୍ଚଳ ହୋଇଉଠିଥିଲା । ନିଜର ଅସାମାନ୍ୟ ପ୍ରତିଭା, ଅକ୍ଳାନ୍ତ ଶ୍ରମ ତଥା ଅପରିସୀମ ସାଧନା ବଳରେ ସେ ଜାତି ସମକ୍ଷରେ ଏକ ଉଚ୍ଚତର ଓ ମହତ୍ତର ଜୀବନର ଆଦର୍ଶ ରଖିଯାଇଛନ୍ତି । ତାଙ୍କର କଳାକୃତି ଚିରଭାସ୍ୱର । କାଳର କୁଟିଳ ପ୍ରବାହରେ ତାର ଜ୍ୟୋତି ମ୍ଲାନ ହୋଇନାହିଁ; ବରଂ ସୁନା ନିଆଁରେ ପୋଡ଼ିହୋଇ ଚକ୍‌ଚକ୍ କରିବାପରି ଇତିହାସର ନାନା ଉତ୍‌ଥାନ ପତନ ମଧ୍ୟରେ ପରୀକ୍ଷିତ ହୋଇ ତାହା ଉଜ୍ଜ୍ୱଳତର ଓ ଶୁଭ୍ରତର ହୋଇଅଛି । ଜଗନ୍ନାଥ ଦାସଙ୍କ ଭାଗବତକୁ ଛାଡ଼ିଦେଲେ ସାରଳାଙ୍କ ମହାଭାରତ ହେଉଛି ଏକମାତ୍ର ଗ୍ରନ୍ଥ, ଯାହା ଉତ୍କଳୀୟ ଜନମାନସରେ ଅଲିଭା ଦାଗ କାଟିବା ପାଇଁ ସମର୍ଥ ହୋଇଅଛି । ସେଥିପାଇଁ ଭାଗବତ ପରି ଏହା ଉତ୍କଳର ଗ୍ରାମେ ଗ୍ରାମେ ପଠିତ ଓ ପୂଜିତ ହୋଇଥାଏ । ଯୁଗ ଯୁଗ ଧରି ଏହା ଏ ରାଜ୍ୟର ଅଗଣିତ କବି ଓ ଲେଖକଙ୍କୁ ପ୍ରେରଣା ଯୋଗାଇ ଆସିଛି । ଉତ୍କଳରେ ଏପରି କୌଣସି ପ୍ରସିଦ୍ଧ କବି ଓ ଲେଖକ ନାହାନ୍ତି ଯିଏ ସାରଳା ଦାସଙ୍କଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ ହୋଇନାହାନ୍ତି । ସାରଳା ଦାସ ଯଥାର୍ଥରେ ଉତ୍କଳର କବିଗୁରୁ ପଦବାଚ୍ୟ ହେଲେହେଁ ଉତ୍କଳବରେଣ୍ୟ ଏହି ମହାକବିଙ୍କ ଜୀବନକାହାଣୀ ସମ୍ବନ୍ଧରେ ଆମେ ବିଶେଷ କିଛି ଜାଣୁନାହିଁ । ଏହି ଅଦ୍ଭୁତକର୍ମୀ ପୁରୁଷରତ୍ନଙ୍କର ଜୀବନ ଇତିହାସ ଚିରଦିନ ପାଇଁ ବିସ୍ମୃତିର ଅନ୍ଧକାର ଗର୍ଭରେ ବିଲୀନ ହୋଇଯାଇଛି । କେତେକ ଜନଶ୍ରୁତି ଏବଂ ସାରଳା ଦାସଙ୍କ ରଚନା ସମୂହରେ ଇତସ୍ତତଃ ବିକ୍ଷିପ୍ତ କେତେକ ଭଣିତା ହିଁ ଏ କ୍ଷେତ୍ରରେ ଆମର ପ୍ରଧାନ ଅବଲମ୍ବନ । ତାହାଙ୍କର ଆବିର୍ଭାବ-

କାଳ ମଧ୍ୟ ଏପର୍ଯ୍ୟନ୍ତ ଏକ ବିବାଦମାନ ବିଷୟ ହୋଇ ରହିଅଛି । ଅଧିକାଂଶ ସମାଲୋଚକ ତାହାଙ୍କୁ ଉତ୍କଳର ଦ୍ୱିତୀୟ ବିକ୍ରମାଦିତ୍ୟ ସୂର୍ଯ୍ୟବଂଶୀ ମହାରାଜା କପିଳେନ୍ଦ୍ରଦେବଙ୍କ ସମ-ସାମୟିକ ବୋଲି ମତପୋଷଣ କରୁଥିବାବେଳେ ଅନ୍ୟ କେତେକ ତାହାଙ୍କୁ କାଳର ଉଜାଣି ସ୍ରୋତରେ ବହୁଦୂରକୁ ଟାଣି ନେବାନିମିତ୍ତ ତତ୍ପର । ସେମାନଙ୍କ ମତରେ 'ସାରଳା ମହାଭାରତ' ନବମ ବା ଦଶମ ଶତାବ୍ଦୀର ରଚନା । କାରଣ ଏଥିରେ ଅନୁସୃତ ଭାଷା ଓ ରଚନାଶୈଳୀ ସହିତ ସେହି ଶତାବ୍ଦୀରେ ରଚିତ 'ବୌଦ୍ଧଗାନ ଓ ଦୋହା'ର ଯଥେଷ୍ଟ ସାମଞ୍ଜସ୍ୟ ଅଛି । ବୌଦ୍ଧଗାନ ଓ ଦୋହାରେ ବ୍ୟବହୃତ ବହୁ ଶବ୍ଦ ଓ ବ୍ୟାକରଣଗତ ପ୍ରୟୋଗ ସାରଳାଙ୍କ ମହାଭାରତରେ ଦୃଷ୍ଟ ହୁଏ । ଏହା ଯେ କେତେକାଂଶରେ ସତ୍ୟ ଏଥିରେ ସନ୍ଦେହ ନାହିଁ । ସାରଳା ମହାଭାରତରେ ବ୍ୟବହୃତ ଆମ୍ଭି, ତୁମ୍ଭି, ଦାଲି, ଶିକଡ଼ି ଇତ୍ୟାଦି ଶବ୍ଦ ବୌଦ୍ଧଗାନ ଓ ଦୋହାର ପ୍ରଭାବର ଫଳ ବୋଲି କୁହାଯାଇପାରେ । ପୁଣି ବେନି (ଦୁଇ ଅର୍ଥରେ), ସୟଲ (ସକଳ ଅର୍ଥରେ), ଭେଲା (ନାଆ ଅର୍ଥରେ), ପୁଡ଼ା, ବାପୁଡ଼ା ଓ କେଡ଼ୁଆଲ ଇତ୍ୟାଦି 'ବୌଦ୍ଧଗାନ ଓ ଦୋହା'ରେ ବ୍ୟବହୃତ ବହୁ ଶବ୍ଦ ସାରଳା ମହାଭାରତରେ ଅବିକୃତ ଭାବରେ ପ୍ରଯୁକ୍ତ ହୋଇଥିବାର ଦେଖାଯାଏ ।

ଭାଷା ଦୃଷ୍ଟିରୁ ସାରଳା ମହାଭାରତ 'ବୌଦ୍ଧଗାନ ଓ ଦୋହା'ର କେତେ ନିକଟବର୍ତ୍ତୀ ତାହା ନିମ୍ନଲିଖିତ ଉଦ୍ଧୃତାଂଶରୁ ସ୍ପଷ୍ଟ ଅନୁମିତ ହେବ ।

ଟାଲତ ମୋର ଘର ନାହିଁ ପଡ଼ବେଶୀ
ହାଣ୍ଡିତ ଭାତ ନାହିଁ ନିତି ଆବେଶୀ ।
ବେଙ୍ଗ ସଂସାର ବଢ଼ିଲ ଯାଅ
ଦୁହିଲ ଦୁଧ କି ବେଣ୍ଟେ ସାମାଅ ।
ବଳଦ ବିଆଇଲ ଗବିଆ ବାଞ୍ଝେ
ପିଟା ଦୁଇ ଏ ତିନା ସାଞ୍ଝେ,
ଯୋ ସୋ ବୁଧୀ ଶୋଧ ନିବୁଧୀ
ଯୋ ସୋ ଚୋର ସୋଇ ସାଧୀ
ନିତି ନିତି ଷିଆଲା ଷିଂହେ ସମ ଯୁଝଅ
ଢେଣ୍ଟଣର ପାଏର ଗୀତ ବିରଲେ ବୁଝଅ । (ଚର୍ଯ୍ୟାପଦ-୧୬୦)

ଭାଷା ଓ ଧ୍ୱନିତତ୍ତ୍ୱ ବ୍ୟତୀତ 'ବୌଦ୍ଧଗାନ ଓ ଦୋହା' ବର୍ଣ୍ଣିତ ଶୂନ୍ୟବାଦ, ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ ଓ ଯୋଗସାଧନ ପ୍ରଣାଳୀର ଆଭାସ ମଧ୍ୟ ସାରଳା ମହାଭାରତରେ ଦୃଷ୍ଟ ହୁଏ । ସାରଳା ମଧ୍ୟ ତାହାଙ୍କ ମହାଭାରତର କେତେକ ସ୍ଥଳରେ 'ବୌଦ୍ଧଗାନ ଓ ଦୋହା' ବର୍ଣ୍ଣିତ ସହଜ ସୁନ୍ଦରୀର ନାମୋଲ୍ଲେଖ କରିଅଛନ୍ତି । ହେଲେହେଁ କେତୋଟି ଶବ୍ଦ ଓ ବାକ୍ୟାଂଶର ପ୍ରୟୋଗକୁ ଭିତ୍ତି କରି ସାରଳା ମହାଭାରତର କାଳ ନିରୂପଣ କରାଯାଇନପାରେ । ସାମଗ୍ରିକ

ଦୃଷ୍ଟିରୁ ବିଚାର କଲେ, ସାରଳା ମହାଭାରତର ଭାଷା ଓ ରଚନାଶୈଳୀ ବୌଦ୍ଧ ଚର୍ଯାପଦର ଭାଷାଠାରୁ ବହୁ ଗୁଣରେ ଉନ୍ନତ ଓ ବିକାଶପ୍ରାପ୍ତ । ଏହା ବ୍ୟତୀତ ସାରଳା ମହାଭାରତରେ ଏପରି କେତେକ ଅକାଟ୍ୟ ଐତିହାସିକ ଉପାଦାନର ସନ୍ଧାନ ମିଳେ, ଯାହା ତାହାର ଅର୍ବାଚୀନତାର ଏକ ସୁସ୍ପଷ୍ଟ ନିଦର୍ଶନ । ନିମ୍ନରେ ଏହିପରି କେତୋଟି ବିଷୟ ଉଲ୍ଲେଖ କରାଯାଉଅଛି ।

(୧) ସାରଳା ମହାଭାରତର ଅଧ୍ୟୟନରୁ ଜଣାଯାଏ ଯେ ସେ ଗୀତଗୋବିନ୍ଦ-ରଚୟିତା ଜୟଦେବଙ୍କ ରଚନାବଳୀ ସହିତ ସୁପରିଚିତ ଥିଲେ । ଜୟଦେବଙ୍କ ଦଶାବତାର ସ୍ତୋତ୍ର ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା ଏବଂ ସେ ତଦୀୟ ମହାଭାରତର ବହୁ ସ୍ଥଳରେ ଏହାର ଉଲ୍ଲେଖ କରିଅଛନ୍ତି ।

"ଅଣାକାର ବିଷ୍ଣୁର ବିକାଯ୍ ସେହି ସ୍ଥାନେ
ତହୁଁ ସେ ଅବତାର ବସଇ ବିଷ୍ଣୁ ନାମେ ।
ମଚ୍ଛ କୂର୍ମ ବରେହା ନରସିଂହ ବାବନ
ପ୍ରଶୁଧର ଶ୍ରୀରାମ କାହ୍ନୁ ସଂକିଷେଣ ।
ବଉଧ କଲଙ୍କୀ ଯେ ଦଶଅବତାର
ସେ ସ୍ୱାମୀର ଶରୀରୁ ଯେ ହୋଅନ୍ତି ବାହାର ।" (ଉଦ୍‌ଯୋଗ ପର୍ବ-୨୪୬)

ସାରଳା ତାହାଙ୍କ ମହାଭାରତ ରଚନାରେ ବ୍ୟାସପ୍ରଣୀତ ସଂସ୍କୃତ ମହାଭାରତ ବ୍ୟତୀତ ରାମାୟଣ, ଭାଗବତ ଓ ଅନ୍ୟାନ୍ୟ ପୁରାଣବର୍ଣ୍ଣିତ ବିଷୟବସ୍ତୁର ଅନୁସରଣ କରିଅଛନ୍ତି । ଭାଗବତରେ ଦ୍ୱାବିଂଶତି ଅବତାରର ବର୍ଣ୍ଣନା ପ୍ରଦତ୍ତ ହୋଇଥିଲେ ହେଁ, ସାରଳା ଦାସ ଉତ୍କଳର ଜନପ୍ରିୟ କବି ଜୟଦେବଙ୍କ ଅନୁସୃତ ଦଶାବତାର ତତ୍ତ୍ୱକୁ ସର୍ବତ୍ର ଅନୁସରଣ କରିଅଛନ୍ତି । ଏହା ବ୍ୟତୀତ ଆଦିପର୍ବ ବର୍ଣ୍ଣିତ ଖଳ୍ଲକାର ବୃତ୍ତାନ୍ତ, ବ୍ରହ୍ମା କର୍ତ୍ତୃକ ବସ୍ତ୍ରାହରଣ ବୃତ୍ତାନ୍ତ ଓ ରାଧାକୃଷ୍ଣ କେଳି ବର୍ଣ୍ଣନାରେ ମଧ୍ୟ ସାରଳା ଦାସ ଜୟଦେବଙ୍କ 'ଗୀତଗୋବିନ୍ଦ' ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମିତ ହୁଏ । 'ଗୀତଗୋବିନ୍ଦ' ରଚୟିତା ଜୟଦେବ ଦ୍ୱାଦଶ ଶତାବ୍ଦୀର ବ୍ୟକ୍ତି ଥିଲେ ବୋଲି ଐତିହାସିକମାନେ ମତ ପ୍ରଦାନ କରିଥାନ୍ତି । ଏଣୁ ସାରଳା ମହାଭାରତ ଯେ ଦ୍ୱାଦଶ ଶତାବ୍ଦୀର ବହୁ ପରବର୍ତ୍ତୀ ରଚନା ଏଥିରେ ସନ୍ଦେହ ନାହିଁ ।

(୨) ସାରଳାଦାସ ତାହାଙ୍କ ମହାଭାରତରେ ବିଭିନ୍ନ ପ୍ରସଙ୍ଗ ବର୍ଣ୍ଣନା ଅବସରରେ ଆଦିନାଥ, ମତ୍ସ୍ୟେନ୍ଦ୍ରନାଥ ଏବଂ ଗୋରଖନାଥ ଆଦି ନାଥଯୋଗୀମାନଙ୍କ ନାମୋଲ୍ଲେଖ କରିବା ସଙ୍ଗେ ସଙ୍ଗେ ସେମାନଙ୍କଦ୍ୱାରା ପ୍ରବର୍ତ୍ତିତ ଯୋଗମାର୍ଗର ବର୍ଣ୍ଣନା ମଧ୍ୟ କରିଅଛନ୍ତି । ବିରାଟପର୍ବରେ ପାଣ୍ଡବମାନଙ୍କ ଛଦ୍ମବେଶ ଧାରଣ ପ୍ରସଙ୍ଗରେ ସେ ଉଲ୍ଲେଖ କରିଅଛନ୍ତି—

"ସ୍ୱାମୀ ମତ୍ସ୍ୟଇନ୍ଦ୍ରନାଥ ତୁ ଯେ ସଦସ୍ୟେ ଯୋଗେଶ୍ୱର
କୀଚକ ବୋଇଲା ସ୍ୱାମୀ ବିରାଟକୁ ଦୟାକର ।
ଶୁଣିଣ ସାନନ୍ଦ ଯେ ମତ୍ସ୍ୟଇନ୍ଦ୍ରନାଥ ମହାଭୋଳା
ନାଥଙ୍କର ତହୁଁ ଖସିଆସିଲା ଅକ୍ଷୟ ଜୟମାଳା ।"

ପୁଣି ରାମ ବନବାସ ବର୍ଣ୍ଣନା ପ୍ରସଙ୍ଗରେ ଉଲ୍ଲେଖ ଅଛି—

"ଗୋରଖନାଥ ଭେଟିଲେ ରାମ ପରମାର୍ଥ ବନେ
ଅନେକ ଯୋଗାନ୍ତ ସେ କହିଲେ ପ୍ରସନ୍ନେ ।" (ବନପର୍ବ-୨୨୭)

ନାଥଯୋଗୀମାନଙ୍କର ଆବିର୍ଭାବ କାଳ ଏକାଦଶ ବା ଦ୍ୱାଦଶ ଶତାବ୍ଦୀ ବୋଲି ନିର୍ଣ୍ଣୀତ ହୋଇଅଛି । ଏଣୁ ସାରଳା ମହାଭାରତ ଯେ ଦ୍ୱାଦଶ ଶତାବ୍ଦୀର ପରବର୍ତ୍ତୀ ରଚନା ଏହା ନିଶ୍ଚିତ ।

(୩) ସାରଳା ମହାଭାରତର ଅନୁଧ୍ୟାନରୁ ଜଣାଯାଏ ଯେ ସାରଳା ଦାସ ବହୁସ୍ଥଳରେ ନିରାଟ ଐତିହାସିକ ସତ୍ୟକୁ ପୌରାଣିକ ଆଖ୍ୟାୟିକାର ଆବରଣ ପ୍ରଦାନ କରିଅଛନ୍ତି । ଶାନ୍ତି ପର୍ବରେ କୁରୁକ୍ଷେତ୍ର ରଣାଙ୍ଗନରେ ଶରଶଯ୍ୟାରେ ଶାୟିତ ଭୀଷ୍ମଦେବ ପାଣ୍ଡବ-ଶିରୋମଣି ଯୁଧିଷ୍ଠିରଙ୍କୁ ରାଜନୀତି ଉପଦେଶଦାନ ଛଳରେ କହୁଅଛନ୍ତି—

"କୋଡ଼ିଏ ହାତ ଡ଼ୁହି କରିବୁ ନଳକାଠି
ପଞ୍ଚାଶ ନଳରେ ମାଣେକ ପ୍ରକଟି ।
ବିଂଶ ମାଣରେ ଯେ କରିବୁ ଏକବାଟି । ୨୪ ।
ବାଟିକେ ଚନାଏ କରି ଘେନିଥିବ ସଞ୍ଜା
ଆମ୍ଭର ଆମ୍ନାଷ ଘେନି ବ୍ରତିଥିବୁ ରାଜା ।" ୨୫ । (ଶାନ୍ତିପର୍ବ-୩)

ମାଦଳାପାଞ୍ଜି ତଥା ଉତ୍କଳ ଇତିହାସରୁ ଜଣାଯାଏ ଯେ, ତୃତୀୟ ଅନଙ୍ଗଭୀମଦେବ (୧୨୧୧-୩୮) ସର୍ବପ୍ରଥମେ ସମଗ୍ର ରାଜ୍ୟକୁ ନଳକରାଇ କେତେକ ନୂତନ ଭୂସଂସ୍କାର ଓ ରାଜସ୍ୱ ସଂସ୍କାର ପ୍ରବର୍ତ୍ତନ କରିଥିଲେ ଏବଂ ଏହା ପରବର୍ତ୍ତୀ ରାଜାମାନଙ୍କଦ୍ୱାରା ଅନୁସୃତ ହୋଇଥିଲା । ଏହା ସାରଳାଦାସଙ୍କ କାଳ ନିରୂପଣ ପ୍ରସଙ୍ଗରେ ଏକ ସ୍ପଷ୍ଟ ସଙ୍କେତ ।

(୪) ସ୍ୱର୍ଗାରୋହଣ ପର୍ବରେ ମହାରାଷ୍ଟ୍ରର ପ୍ରସିଦ୍ଧ ଭକ୍ତ ସୁଜାଣେଶ୍ୱର ଯତିଙ୍କ ବିଷୟ ବର୍ଣ୍ଣନା କରିବାକୁ ଯାଇ ସାରଳାଦାସ କହିଅଛନ୍ତି—

"ଯମ ବୋଇଲା ଏ ମୃତ୍ୟୁମଣ୍ଡଳେ ଦେଖ ମରହଟ୍ଟ
ନଗ୍ର ଭିତରେ ବସଇ ମହା ମହା ହାଟ ।
ସେଥିକର ତପୋଧନ ନାମ ସୁଜାଣେଶ୍ୱର ଯତି
ସର୍ବଦା ସଂସାରେ ସେ ଅଟଇ ସତ୍ୟବ୍ରତୀ ।
କପା କଉପୁନୀ ରୁଦ୍ରାକ୍ଷର ମାଳ
ଅଂଶା ଲେପନ ଯେ ଜଟାକମଣ୍ଡଳ ।"

ଯେତେଦୂର ଅନୁମିତ ହୁଏ ସାରଳା ମହାଭାରତ ବର୍ଣ୍ଣିତ ଏହି ସୁଜାଣେଶ୍ୱର ଯତି 'ଜ୍ଞାନେଶ୍ୱରୀ' ରଚୟିତା ମହାରାଷ୍ଟ୍ରର ପ୍ରସିଦ୍ଧ ଭକ୍ତକବି ଜ୍ଞାନେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି

ନୁହନ୍ତି । ଜ୍ଞାନେଶ୍ୱରଙ୍କର ଅନ୍ୟନାମ ଜ୍ଞାନନାଥ । ଜ୍ଞାନନାଥ ନିଜକୁ ଗୋରଖନାଥଙ୍କ ଶିଷ୍ୟ ରୂପେ ଅଭିହିତ କରିଅଛନ୍ତି । ତାହାଙ୍କ ପ୍ରଦତ୍ତ ଗୁରୁଶିଷ୍ୟ ପରମ୍ପରା ଅନୁଯାୟୀ ଆଦିନାଥଙ୍କ ଶିଷ୍ୟ ମତ୍ସ୍ୟେନ୍ଦ୍ରନାଥ, ମତ୍ସ୍ୟେନ୍ଦ୍ରନାଥଙ୍କ ଶିଷ୍ୟ ଗୈାଣିନାଥ, ଗୈାଣିନାଥଙ୍କ ଶିଷ୍ୟ ନିବୃତ୍ତିନାଥ ଏବଂ ନିବୃତ୍ତିନାଥଙ୍କ ଶିଷ୍ୟ ଜ୍ଞାନନାଥ ବା ଜ୍ଞାନେଶ୍ୱର । ସାରଳାଦାସ ସୁଜାଣେଶ୍ୱରଙ୍କର ଯେଉଁ ରୂପବର୍ଣ୍ଣନା ପ୍ରଦାନ କରିଅଛନ୍ତି, ତହିଁରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସେ ଜଣେ ନାଥଯୋଗୀ ଥିଲେ । ଆଦିନାଥ, ମତ୍ସ୍ୟେନ୍ଦ୍ରନାଥ ଏବଂ ଗୋରଖନାଥଙ୍କ ସଦୃଶ ତାଙ୍କର ନାମ ଉତ୍କଳରେ ସୁପରିଚିତ ଥିଲା । ମରହଟ୍ଟୀ ସାହିତ୍ୟର ଇତିହାସରୁ ଜଣାଯାଏ ଯେ ଜ୍ଞାନେଶ୍ୱର ତ୍ରୟୋଦଶ ଶତାବ୍ଦୀର ଶେଷ ପାଦରେ ଜୀବିତ ଥିଲେ । ଏଣୁ ସାରଳାଦାସ ଯେ ତ୍ରୟୋଦଶ ଶତାବ୍ଦୀର ବହୁ ପରକାଳର ବ୍ୟକ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ ।

(୫) ମହାଭାରତ ଆଦିପର୍ବରେ ଦ୍ରୌପଦୀ ସ୍ୱୟମ୍ବର ବର୍ଣ୍ଣନା ପ୍ରସଙ୍ଗରେ ସାରଳା ଦାସ ଲେଖିଛନ୍ତି—"ନରକେଶରୀ ରାଜା ଗୋ ଅଟଇ ଉଡ଼ରାଷ୍ଟ୍ରେ / ବାଆନ ଲକ୍ଷ ସୈନ୍ୟ ଅଛଇ *ଏହାର ଆଟେ ।"* ସାରଳା ଦାସ ପୁନଶ୍ଚ ଉଲ୍ଲେଖ କରିଅଛନ୍ତି ଯେ, ସ୍ୱୟମ୍ବରରେ ବାର ରାଷ୍ଟ୍ର, ଛତିଶ ମଣ୍ଡଳ ଓ ଅଷ୍ଟାଦଶ ବଂଶର ରାଜାମାନେ ଯୋଗଦେଇଥିଲେ । ବାର ରାଷ୍ଟ୍ର ମଧ୍ୟରେ ଓଡ଼୍ରରାଷ୍ଟ୍ର ଏବଂ ଅଷ୍ଟାଦଶ ବଂଶ ମଧ୍ୟରେ ଗଙ୍ଗବଂଶ ଅନ୍ତର୍ଭୁକ୍ତ ଥିଲା । ଏଣୁ ବର୍ଣ୍ଣିତ ନରକେଶରୀ ରାଜା ଯେ ଗଙ୍ଗବଂଶର ପ୍ରଥମ ନରସିଂହ ଦେବ ଏଥିରେ ସନ୍ଦେହ ନାହିଁ । ପ୍ରଥମ ନରସିଂହ ଦେବଙ୍କ ରାଜତ୍ୱକାଳ ୧୨୩୮-୬୪ ବୋଲି ନିର୍ଣ୍ଣୀତ ହୋଇଅଛି । ଏଥିରୁ ମଧ୍ୟ ସୂଚିତ ହୁଏ ଯେ ସାରଳା ଦାସ ତ୍ରୟୋଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ଆବିର୍ଭୂତ ହୋଇଥିଲେ ।

(୬) ମଧ୍ୟପର୍ବରେ ସୁରେଖା-ହରଣ ବର୍ଣ୍ଣନା ପ୍ରସଙ୍ଗରେ ସାରଳା ଦାସ କରମଣ୍ଡଳ ରାଜ୍ୟର ନାମୋଲ୍ଲେଖ କରିଅଛନ୍ତି ।

"କୁରୁମ ପର୍ବତ ବୋଲି ଏକଇ ଗିରିବରେ
ସୁରନଦୀ ବୋଲି ଯେ ବହଇ ଏକଧାରେ ।
ତହିଁର ପଶ୍ଚିମେ ଏକ ନଗ୍ରେକ ଅଛଇ
କରମଣ୍ଡଳ ବୋଲିଣ ନଗ୍ର ନାମ ହୋଇ ।
ତହିଁର ନରେନ୍ଦ୍ର ଯେ କୁଡଶେଖର ରାୟ
ମନ୍ତ୍ରୀ ନାମ ତାର ବିରୂପାକ୍ଷ ହୋଏ ।"

କରମଣ୍ଡଳ ଏକ ଆଧୁନିକ ନାମ । ଏହାର ପ୍ରାଚୀନ ନାମ ହେଉଛି ଚୋଳମଣ୍ଡଳ ବା ଚୋଳମାନଙ୍କର ରାଜ୍ୟ । ପର୍ତ୍ତୁଗୀଜ ଓ ଡଚ୍ ଆଦି ପାଶ୍ଚାତ୍ୟ ବଣିକଗଣ ଚୋଳମଣ୍ଡଳକୁ କରମଣ୍ଡଳରୂପେ ନାମିତ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ସାରଳା ମହାଭାରତ ଚତୁର୍ଦ୍ଦଶ ଶତାବ୍ଦୀର ପରକାଳର ରଚନା ।

ଉପରୋକ୍ତ ପରୋକ୍ଷ ପ୍ରମାଣଗୁଡ଼ିକୁ ଛାଡ଼ିଦେଲେ, ସାରଳା ମହାଭାରତରେ ଏପରି କେତେକ ସ୍ପଷ୍ଟ ସଂକେତ ରହିଅଛି, ଯହିଁରୁ ସାରଳାଙ୍କ ଆବିର୍ଭାବ କାଳକୁ ନିଶ୍ଚିତଭାବରେ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅବସ୍ଥାପିତ କରାଯାଇପାରେ ।

ମହାଭାରତର ଆଦିପର୍ବର ମଙ୍ଗଳାଚରଣରେ ଜଗନ୍ନାଥଙ୍କ ବନ୍ଦନା ପ୍ରସଙ୍ଗରେ ସାରଳା ଦାସ କହିଅଛନ୍ତି—"କଳିକାଳ ଧ୍ୱଂସିଣ ଭୋଗେଣ କୋଟି ପୂଜା / ପ୍ରଳମ୍ବିତେ ଖଟଇ କପିଳେଶ୍ୱର ମହାରାଜା ।" ଉପରୋକ୍ତ ଉକ୍ତିରୁ ସାରଳା ଦାସ ଓ ମହାରାଜା କପିଳେଶ୍ୱରଙ୍କର ସମସାମୟିକତା ପ୍ରତିପାଦିତ ହୁଏ; କିନ୍ତୁ ଏଠାରେ ପ୍ରଶ୍ନ ଉଠେ, ଏହି କପିଳେଶ୍ୱର ମହାରାଜା କିଏ ? ସାରଳା ସ୍ୱରଚିତ ଗ୍ରନ୍ଥସମୂହରେ ଏହି ଅରଟିଏ ମାତ୍ର କପିଳେଶ୍ୱରଙ୍କ ନାମୋଲ୍ଲେଖ କରିଅଛନ୍ତି । ଉଦ୍‌ଯୋଗ ପର୍ବ ବର୍ଣ୍ଣିତ ପୂର୍ବଦିଗର ରାଜା କପିଳସେନ ଏବଂ ଚଣ୍ଡୀପୁରାଣ ବର୍ଣ୍ଣିତ କପିଳସିଂହ ମହାରାଜା କପିଳେଶ୍ୱରଙ୍କଠାରୁ ଭିନ୍ନ ଏବଂ ସାରଳା ଦାସଙ୍କ କାଳନିରୂପଣ ପ୍ରସଙ୍ଗରେ ବିଚାର୍ଯ୍ୟ ନୁହେଁ । ମାଦଳାପାଞ୍ଜି ଓ ବିବିଧ ଶିଳାଲେଖରୁ ଜଣାଯାଏ ଯେ ମହାରାଜା କପିଳେଶ୍ୱର ଏବଂ ଉତ୍କଳର ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ରଦେବ ଏକ ଏବଂ ଅଭିନ୍ନ ।

ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଶିଳାଲିପି, ଭୁବନେଶ୍ୱରର କୃତ୍ତିବାସ ବା ଲିଙ୍ଗରାଜ ମନ୍ଦିର ଶିଳାଲିପି ଏବଂ ଗୋପୀନାଥପୁର ଶିଳାଲିପିରେ କପିଳେନ୍ଦ୍ର ଓ କପିଳେଶ୍ୱର ଉଭୟ ନାମର ଉଲ୍ଲେଖ ଅଛି । ଏଣୁ ସାରଳା ଦାସ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ରଙ୍କ ସମସାମୟିକ ଥିବା ନିଶ୍ଚିତ । କେତେକ ମତ ପ୍ରଦାନ କରନ୍ତି ଯେ ସାରଳା ମହାଭାରତ ବର୍ଣ୍ଣିତ କପିଳେଶ୍ୱର ମହାରାଜା ଗଙ୍ଗବଂଶର ବିଳୟକାଳର କପିଳ ନରସିଂହ (୧୩୨୯-୩୦) ହୋଇପାରନ୍ତି; ମାତ୍ର କପିଳନରସିଂହଙ୍କ ରାଜତ୍ୱକାଳ ଅତ୍ୟନ୍ତ ସଂକ୍ଷିପ୍ତ ଓ ଘଟଣାବିହୀନ । ତେଣୁ ତାହାଙ୍କୁ ସାରଳାମହାଭାରତ ବର୍ଣ୍ଣିତ କପିଳେଶ୍ୱର ମହାରାଜା ରୂପେ ଗ୍ରହଣ କରିବା ସମୀଚୀନ ବୋଧ ହୁଏ ନାହିଁ । ସମ୍ରାଟ କପିଳେନ୍ଦ୍ରଦେବ ଓ ସାରଳା ଦାସଙ୍କ ସମସାମୟିକତା ସାରଳା-ମହାଭାରତ ବର୍ଣ୍ଣିତ ଅନ୍ୟ କେତେକ ଘଟଣାଦ୍ୱାରା ମଧ୍ୟ ସମର୍ଥିତ ହୁଏ । କପିଳେନ୍ଦ୍ର ଦେବଙ୍କୁ ଉତ୍କଳର ବିକ୍ରମାଦିତ୍ୟ ରୂପେ ଅଭିହିତ କରାଯାଇଥାଏ । ନିଜର ଅମିତ ପରାକ୍ରମ, ଅପୂର୍ବ ସାହସ ଓ ବିଚକ୍ଷଣ ରାଷ୍ଟ୍ରନୀତିକୁଶଳତା ବଳରେ ସେ ଉତ୍କଳର ପରିସୀମାକୁ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କୃଷ୍ଣାବେଣୀ ନଦୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିପାରିଥିଲେ । ୧୪୪୩-୧୪୬୩ ଏହି କୋଡ଼ିଏ ବର୍ଷ ମଧ୍ୟରେ କପିଳେନ୍ଦ୍ର ସମଗ୍ର ରାଜମହେନ୍ଦ୍ରୀ ରାଜ୍ୟ, ଗୋଦାବରୀ ନଦୀର ସମଗ୍ର ଅବବାହିକା, ବିଜୟନଗର ଅନ୍ତର୍ଗତ ଉଦୟଗିରି ଓ ଚନ୍ଦ୍ରଗିରି ପ୍ରଦେଶ, ମାଳବ, ପାଣ୍ଡ୍ୟ, କାଞ୍ଚି ଏବଂ କୃଷ୍ଣା-କାବେରୀ ଅନ୍ତର୍ବର୍ତ୍ତୀ ସମଗ୍ର ଉପକୂଳ ଅଞ୍ଚଳକୁ ଅଧିକାର କରି ସେ ସବୁ ସ୍ଥାନରେ ଉତ୍କଳର ବିଜୟକେତନ ଉଡ଼ାଇଥିଲେ । ସମ୍ରାଟ କପିଳେନ୍ଦ୍ର ଦେବଙ୍କର ଏହି ଅଭୁତପୂର୍ବ ବିଜୟକାହାଣୀ ଉତ୍କଳୀୟମାନଙ୍କ ପ୍ରାଣରେ ଗଭୀର ଉନ୍ମାଦନା ସୃଷ୍ଟି କରିଥିଲା । ଦେଶପ୍ରାଣ

କବି ସାରଳା ଦାସ ଦେଶ ଓ ଜାତିର ଏହି ଗୌରବମୟ କାହାଣୀକୁ ତାହାଙ୍କ ଅମର କାବ୍ୟ ମହାଭାରତରେ ଲିପିବଦ୍ଧ କରିବାପାଇଁ ପ୍ରସ୍ତୁତ ହୋଇନାହାନ୍ତି । ମଧ୍ୟପର୍ବ, ବନପର୍ବ, ସଭାପର୍ବ ଓ ଅଶ୍ୱମେଧ ପର୍ବମାନଙ୍କରେ ପାଣ୍ଡବମାନଙ୍କର ଦିଗ୍‌ବିଜୟ ପ୍ରସଙ୍ଗରେ ସେ କପିଳେନ୍ଦ୍ର ଦେବଙ୍କଦ୍ୱାରା ବିଜିତ ବହୁ ନଗର, ଜନପଦ ଓ ଦୁର୍ଗାଦିର ବର୍ଣ୍ଣନା କରିଅଛନ୍ତି । କପିଳେନ୍ଦ୍ର ୧୪୫୭ ଖ୍ରୀଷ୍ଟାବ୍ଦରେ ବିଜୟନଗରର ରାଜା ମଲ୍ଲିକାର୍ଜୁନଙ୍କୁ ଯୁଦ୍ଧରେ ପରାସ୍ତକରି ଉଦୟଗିରି ଓ ଚନ୍ଦ୍ରଗିରି ଅଞ୍ଚଳ ଅଧିକାର କରି ଉତ୍କଳସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ ।

ସାରଳା ଦାସ ପ୍ରତ୍ୟକ୍ଷ ତଥା ପରୋକ୍ଷଭାବରେ ମଲ୍ଲିକାର୍ଜୁନଙ୍କ ନାମୋଲ୍ଲେଖ କରିଅଛନ୍ତି । ମଲ୍ଲିକାର୍ଜୁନଙ୍କୁ ତାଙ୍କ ଖୁଡ଼ୁତାପୁଅ ଭାଇ ବିରୂପାକ୍ଷ ହତ୍ୟାକରି ୧୪୬୫ରେ ବିଜୟନଗରର ରାଜା ହୋଇଥିଲେ । ସୁରେଖା-ହରଣ ବର୍ଣ୍ଣନା ପ୍ରସଙ୍ଗରେ ସାରଳା ଦାସ ବିରୂପାକ୍ଷଙ୍କ ନାମୋଲ୍ଲେଖ କରିଅଛନ୍ତି ।

କପିଳେନ୍ଦ୍ରଦେବଙ୍କଦ୍ୱାରା ଅବରୁଦ୍ଧ ଓ ଅଧିକୃତ ଗଙ୍ଗାତୀରବର୍ତ୍ତୀ ମନ୍ଦାର ଦୁର୍ଗ ବିଷୟ ମଧ୍ୟ ସାରଳାଦାସ ଅର୍ଜୁନଙ୍କ ପୂର୍ବଦିଗର ଜୈତଯାତ୍ରା ବର୍ଣ୍ଣନା ପ୍ରସଙ୍ଗରେ ଉଲ୍ଲେଖ କରିଅଛନ୍ତି । ଏହିସବୁ ବିଷୟ ମୂଳ ମହାଭାରତରେ ନାହିଁ । ତେଣୁ ଦେଶପ୍ରାଣ ସାରଳା ଦାସ ଉତ୍କଳର ଏହି ବିଜୟ କାହାଣୀକୁ ମହାଭାରତର ପୌରାଣିକ ଆଖ୍ୟାୟିକା ଅନ୍ତରାଳରେ ଲିପିବଦ୍ଧ କରିବାପାଇଁ ପ୍ରଲୋଭିତ ହୋଇଥିବା ନିଶ୍ଚିତ । ବିରାଟପର୍ବରେ ପାଣ୍ଡବମାନଙ୍କ ଅବସ୍ଥିତି ସମ୍ବନ୍ଧରେ ସନ୍ଧାନ ନେବାପାଇଁ ଦକ୍ଷିଣଦିଗକୁ ଯାଇଥିବା ଦୁର୍ଯ୍ୟୋଧନଙ୍କ ଚରମାନେ ପାଣ୍ଡବମାନଙ୍କ ଅନ୍ୱେଷଣରେ ବିଫଳପ୍ରଯତ୍ନ ହୋଇ ଫେରିଆସି ଯେଉଁ ବିବରଣୀ ଦେଇଛନ୍ତି, ସେଥିରେ ଯେଉଁସବୁ ସ୍ଥାନର ନାମୋଲ୍ଲେଖ କରାଯାଇଛି, ସେଗୁଡ଼ିକ ହେଲା ମହେନ୍ଦ୍ର (ରାଜ ମହେନ୍ଦ୍ରୀ), ଉଦେଗିରି (ଉଦୟଗିରି), ଚନ୍ଦ୍ରଗିରି, ଶ୍ରୈର ମଣ୍ଡଳ, ମଲ୍ଲିକ (ମାଳବ), ପାଣ୍ଡବ ନଗର (ପାଣ୍ଡ୍ୟ), କୁଣ୍ଡାବେଦ (କୋଣ୍ଡାଭିଡ଼), ମନ୍ଦାର, ବିଜୟନଗ୍ର, କର୍ଣ୍ଣାଟ ଓ କାଞ୍ଚି । ଭାନୁମତୀ ସ୍ୱୟମ୍ବର ପ୍ରସଙ୍ଗରେ ମଧ୍ୟ କବି କୁଣ୍ଡୀନଗର, ମାଳବ, କର୍ଣ୍ଣାଟ, କାଞ୍ଚିନଗର, ବିଜୟନଗ୍ର, ମହେନ୍ଦ୍ର ମଣ୍ଡଳ, ଶ୍ରୈଳ ମଣ୍ଡଳ, ଉଦୟ ମଣ୍ଡଳ, ଚନ୍ଦ୍ର ମଣ୍ଡଳ ଓ ମନ୍ଦାର ଆଦି ନଗର ଓ ରାଜ୍ୟମାନଙ୍କର ନାମୋଲ୍ଲେଖ କରିଅଛନ୍ତି । ଏହିସବୁ ନଗର, ରାଜ୍ୟ ଓ ଦୁର୍ଗମାନଙ୍କର ନାମୋଲ୍ଲେଖରୁ କପିଳେନ୍ଦ୍ର ଓ ସାରଳାଦାସଙ୍କ ସମସାମୟିକତା ପ୍ରମାଣିତ ହୁଏ ।

କପିଳେନ୍ଦ୍ରଙ୍କ ରାଜତ୍ୱର ସମସାମୟିକ ଘଟଣାବଳୀର ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ କବି ତାହାଙ୍କଦ୍ୱାରା ପ୍ରବର୍ତ୍ତିତ କେତେକ ପ୍ରଶାସନିକ ସଂସ୍କାର ବିଷୟ ମଧ୍ୟ ଉଲ୍ଲେଖ କରିଅଛନ୍ତି । କପିଳେନ୍ଦ୍ର ତାହାଙ୍କ ରାଜତ୍ୱର ଚାରିଅଙ୍କରେ ଲୁଣ ଓ କଉଡ଼ିକୁ କରମୁକ୍ତ କରିଥିବା ବିଷୟ ଜଗନ୍ନାଥ ମନ୍ଦିରର ଜୟବିଜୟ ଶିଳାଲେଖରେ ଘୋଷଣା କରିଅଛନ୍ତି । ସାରଳା ଦାସ ପୌରାଣିକ ତରିକ ବର୍ଣ୍ଣନା ପ୍ରସଙ୍ଗରେ ସଙ୍କେତରେ ଏହାର ସୂଚନା

ଦେଇଅଛନ୍ତି । ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜ୍ୟଶାସନ ସମ୍ବନ୍ଧରେ ଯେଉଁ ଉପଦେଶ ଦେଇଅଛନ୍ତି, ତାହା କପିଳେନ୍ଦ୍ରଙ୍କଦ୍ୱାରା ପ୍ରବର୍ତ୍ତିତ ଶାସନ ପଦ୍ଧତିର ଏକ ପ୍ରତିଧ୍ୱନି ମାତ୍ର ।

ସୁତରାଂ ସାରଳାଦାସଙ୍କ ମହାଭାରତ ଯେ କପିଳେନ୍ଦ୍ରଙ୍କ ରାଜତ୍ୱକାଳରେ ରଚିତ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । କପିଳେନ୍ଦ୍ରଙ୍କଦ୍ୱାରା ବିଜିତ ପ୍ରାୟ ପ୍ରତ୍ୟେକ ସ୍ଥାନର ବିବରଣୀ ସାରଳା ମହାଭାରତରେ ପ୍ରଦତ୍ତ ହୋଇଥିବାରୁ ଏହା ତାହାଙ୍କ ରାଜତ୍ୱର (୧୪୬୨-୬୭) ଶେଷ ଦଶନ୍ଧିରେ ରଚିତ ହୋଇଥିବା ଖୁବ୍ ସମ୍ଭବପର । ସାରଳା ତଦୀୟ ମହାଭାରତର ଏକ ସ୍ଥାନରେ ପୁରୁଷୋତ୍ତମଦେବଙ୍କର ସିଂହାସନାରୋହଣ ସମ୍ବନ୍ଧରେ ପ୍ରଚ୍ଛନ୍ନ ଇଙ୍ଗିତ ପ୍ରଦାନ କରିଅଛନ୍ତି ।

"ଗୋପାଳ ନୃପତି ନାମ ମରୁଧ୍ୱଜ ବୀର
ଯୁଗାବତୀ ବୋଲିଣ ଯେ ଦୁହିତା ତାହାର
ସସାଗରା ପୃଥିବୀକି ନବଭାଗ କଲେ
ନବଖଣ୍ଡ ମେଦିନୀ ନବ ପୁତ୍ରଙ୍କୁ ଦେଲେ ।
ରାଜାର ଜ୍ୟେଷ୍ଠପୁତ୍ର ନାମ ପୁରୁ ନୃପତି
ଓଡ଼ୁଣୀ ଭାରିଯା ତାର ଅଟଇ ସନ୍ତତି ।
ମା ତାଙ୍କର ଭାଗ ଯେ ଓଡ଼ରାଷ୍ଟ୍ର ମଣ୍ଡଳେ
ତେଣୁ ଓଡ଼ିଶାକୁ ଓଡ଼ରାଷ୍ଟ୍ର ଯେ ବୋଇଲେ ।"

ଏହି ଉପାଖ୍ୟାନ ସହିତ ପୁରୁଷୋତ୍ତମ ଦେବଙ୍କ ସିଂହାସନାରୋହଣ ସମ୍ବନ୍ଧରେ ପ୍ରଚଳିତ କିମ୍ବଦନ୍ତୀର ଯଥେଷ୍ଟ ସାମଞ୍ଜସ୍ୟ ଅଛି । ସଭାପର୍ବରେ ଭୀମ ମତ୍ସ୍ୟାଧିପତି ବିରାଟଙ୍କୁ ଯେଉଁ ଶ୍ରୀମୁଖ ବା ଆଜ୍ଞାପତ୍ରିକା ଲେଖିଛନ୍ତି, ତହିଁରେ ଉଲ୍ଲେଖ ଅଛି, "ଶ୍ରୀ ପୁରୁଷୋତ୍ତମ ଚରଣେ ଶରଣ, କରୁଣାକର ରାଜରାଜେଶ୍ୱର ।" ଏଥିରେ ପୁରୁଷୋତ୍ତମଦେବଙ୍କ ରାଜତ୍ୱ ସମ୍ବନ୍ଧରେ ପ୍ରଚ୍ଛନ୍ନ ଇଙ୍ଗିତ ଥିବା ଅସମ୍ଭବ ନୁହେଁ । ଉପରୋକ୍ତ ଉଦ୍ଧୃତି ସମୂହରୁ ସୂଚିତ ହୁଏ ଯେ, ସାରଳା ଦାସ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଜୀବିତ ଥିଲେ ଏବଂ ତାହାଙ୍କର ମହାଭାରତର କେତେକାଂଶ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ରଚିତ ହୋଇଥିଲା । ମଧ୍ୟପର୍ବରେ ପ୍ରଦତ୍ତ ସାରଳାଦାସଙ୍କ ଏକ ଉକ୍ତିରୁ ଜଣାଯାଏ ଯେ ଏହା ତାହାଙ୍କ ତରୁଣ ବୟସର ରଚନା । "କୁସ୍ଥାନବାସୀ ମୁଁ ନୋହିଲି ବିପ୍ରଗୋଷ୍ଠୀ, କଣକଳିବ ବୁଦ୍ଧି ମୁହିଁ ବୟସ ଅଳପଟି" (ମଧ୍ୟପର୍ବ-୮) । ଏହି ସମୟକୁ ସାରଳା ଦାସଙ୍କ ବୟସ ୨୫ ବର୍ଷ ହୋଇଥିବ ବୋଲି ଧରିଗଲେ ସେ ପଞ୍ଚଦଶ ଶତାବ୍ଦୀର ପ୍ରଥମ ପାଦର ଶେଷ ବା କିଛିତ୍ ପରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିବା ସମ୍ଭବପର । ଭୀଷ୍ମପର୍ବର "ଶୂଦ୍ରମୁନି ସାରଳା ଦାସକୁ ପ୍ରଭୁ ଗତିମୁକ୍ତି ଦେବ" ଉକ୍ତିକୁ ଭିତ୍ତିକରି ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାହାଙ୍କ 'ସାରଳା ଚରିତ'ରେ ମତ ପ୍ରଦାନ କରିଅଛନ୍ତି ଯେ ମହାଭାରତ ରଚନାବେଳକୁ ସାରଳା ଦାସ ବୃଦ୍ଧାବସ୍ଥାରେ

ଉପନୀତ ହୋଇସାରିଥିଲେ; କିନ୍ତୁ ପଣ୍ଡିତ ରଥଙ୍କ ଏ ସିଦ୍ଧାନ୍ତ ସମୀଚୀନ ବୋଧହୁଏନାହିଁ । ବୈରାଗ୍ୟ ବୟସ ଅପେକ୍ଷା ବରଂ ପ୍ରାକ୍ତନ ସଂସ୍କାର, ସ୍ୱଭାବ ଓ ପ୍ରବୃତ୍ତି ଉପରେ ଅଧିକ ନିର୍ଭରଶୀଳ । ସାରଳାଙ୍କ ରଚନାବଳୀରେ ସର୍ବତ୍ର ତାହାଙ୍କ ସଂସାର-ବିମୁଖତା ଓ ଗମ୍ଭୀର ଆଧ୍ୟାତ୍ମିକ ଚେତନାର ପରିଚୟ ମିଳେ । ସାରଳା ଦାସଙ୍କ ରଚନାବଳୀର ଅଧ୍ୟୟନରୁ ଜଣାଯାଏ ଯେ ସେ ଦୀର୍ଘକାଳ ଜୀବିତ ରହି ବାଣୀ ଅର୍ଚ୍ଚନା ଓ ଦେବାରାଧନାରେ ଆପଣାକୁ ନିୟୋଜିତ କରିଥିଲେ । ବାର୍ଦ୍ଧକ୍ୟରେ ମଧ୍ୟ ସେ ଏଥିରୁ ନିବୃତ୍ତ ହୋଇନଥିଲେ ।

ଚଣ୍ଡୀ ପୁରାଣରେ ଗୋଟିଏ ସ୍ଥାନରେ ସେ କହିଛନ୍ତି—"ଆହେ ବୁଧଜନମାନେ ନୁହେଁ ମୁଁ ପଣ୍ଡିତ/ମୂର୍ଖ ଅପାଠକ କାଳ ହେଲା ମୋ ଅତୀତ ।" ଏଥିରୁ ଅନୁମିତ ହୁଏ ଯେ ଚଣ୍ଡୀ ପୁରାଣ ରଚନା ବେଳକୁ କବି ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ । ତାହାଙ୍କର ଜୀବନକାଳକୁ ଅଶୀ ବର୍ଷ ବୋଲି ଧରିଲେ, ସେ ପଞ୍ଚଦଶ ଶତାବ୍ଦୀର ଶେଷ ପୂର୍ବରୁ ଦେହତ୍ୟାଗ କରିଥିବା ଅନୁମେୟ ।

## ଜନ୍ମସ୍ଥାନ :

ସାରଳା ଦାସ କଟକ ଜିଲ୍ଲାର ଝଙ୍କଡ଼ ପ୍ରଗନା ଅନ୍ତର୍ଗତ ତେନ୍ତୁଳିଆପଦା ବା ବଡ଼ସାରୋଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଗ୍ରାମଟିକୁ ଦୁଇଭାଗ କରି ସ୍ୱଚ୍ଛ ସଲିଳା ବୁଢ଼ନଈ (ବୃଦ୍ଧମାତା) ପ୍ରବାହିତ ହେଉଥିଲା । ଏହି ନଦୀର ଅନ୍ୟ ନାମ ଥିଲା ଚନ୍ଦ୍ରଭାଗା । କବିଙ୍କର ସମାଧିପୀଠ ଏହି ନଦୀର ତଟଦେଶରେ ଅବସ୍ଥିତ । ଏହା ମୁନିଗୋସାଇଁ ମଠ ନାମରେ ପ୍ରସିଦ୍ଧି ଲାଭକରିଅଛି । ପୂର୍ବେ ଏହି ସ୍ଥାନରେ ବାଗ୍‌ଦେବୀ ସାରଳା ଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ ଥିଲା । ଏବେ ଏହା ଏଠାରୁ ଦୁଇମାଇଲ ଦୂରବର୍ତ୍ତୀ କନକପୁର ବା କନକାବତୀ ପାଟଣାକୁ ସ୍ଥାନାନ୍ତରିତ ହୋଇଅଛି । ଏହି ସ୍ଥାନରେ ପୂର୍ବ ମନ୍ଦିରର ଭଗ୍ନାବଶେଷ ଦୃଷ୍ଟ ହୁଏ । ବଡ଼ସାରୋଳ ଗ୍ରାମ ସାରଳା ଦାସଙ୍କର ଜନ୍ମସ୍ଥାନ ତଥା ସାଧନାପୀଠ । ସାରଳା ପୀଠର ଅଦୂରରେ ଅବସ୍ଥିତ ନୀଳ-କଳ୍ପବଟ ତଳେ ବସି ସାରଳା ଦାସ ଗ୍ରନ୍ଥ ରଚନା କରୁଥିବା ବିଷୟ ତାହାଙ୍କ ମହାଭାରତରେ ଉଲ୍ଲେଖ ଅଛି । ନିଜର ଜନ୍ମଭୂମି ତଥା ପବିତ୍ର ସାରଳାପୀଠ କବିଙ୍କର ଅତି ପ୍ରିୟ ଥିଲା । ସେଥିପାଇଁ ଏହାର ମହିମାଗାନରେ ସାରଳା ଦାସଙ୍କ ଲେଖନୀ ଚିର ମୁଖର । ମହାଭାରତ ଆଦିପର୍ବରେ ସାରଳାଦେବୀଙ୍କ ବନ୍ଦନା ପ୍ରସଙ୍ଗରେ ସେ ଲେଖିଛନ୍ତି—

"ସେ ନୀଳସୁନ୍ଦର ଗିରି ଉତ୍ତର କଚ୍ଛଡ଼େ
ସାରଭୂମି ଭୂଅଖଣ୍ଡେ ପୂର୍ବଦିଗ ଈଶାନର ଆଡ଼େ ।
ଚନ୍ଦ୍ରଭାଗା ନାମେଣ ସ୍ରୋତକଇ ନଦୀଗୋଟି
ବୃଦ୍ଧମାତାଙ୍କ ପାରୁଣେ ମଉଦଧିରେ ଯାଇଁ ଫୁଟି ।
ସେ ନଦୀର ତୀରେ ପ୍ରଶୁରାମ ଘାଟଇ
କନକାବତୀ ନାମେ ପାଟଣା ପ୍ରକାଶଇ ।
ତହିଁର ସନ୍ନିଧେ ସାରୋଳ ନାମେ ଗ୍ରାମ
ବିଜେ ମାହେଶ୍ୱରୀ ସାରୋଳା ଚଣ୍ଡୀ ନାମ ।"

ସାରଳା ଦାସ ସ୍ୱରଚନାବଳୀରେ ବହୁ ସ୍ଥଳରେ ପ୍ରିୟ ଜନ୍ମଭୂମିର ନାମୋଲ୍ଲେଖ କରିଅଛନ୍ତି । ଏହା ତାହାଙ୍କ ଅପୂର୍ବ ସ୍ୱଦେଶବତ୍ସଳତାର ପରିଚାୟକ । ସାରଳା ଦାସ ତାହାଙ୍କ ଜନ୍ମଭୂମିର ବର୍ଣ୍ଣନା ପ୍ରସଙ୍ଗରେ ଅର୍କ ତୀର୍ଥ ତଥା ଚନ୍ଦ୍ରଭାଗା ନଦୀର ନାମୋଲ୍ଲେଖ କରିଥିବା ହେତୁ ସାମ୍ପ୍ରତିକ ସମାଲୋଚକମାନଙ୍କ ମଧ୍ୟରେ ତାଙ୍କର ଜନ୍ମସ୍ଥାନ ଯେନ ମତଦ୍ୱୈଧ ଦୃଷ୍ଟିହୁଏ; କିନ୍ତୁ କବି ଯାଜପୁରକୁ ଦକ୍ଷିଣ ବାରଣସି, ପୁରୀକୁ ଦକ୍ଷିଣ ଦ୍ୱାରକା ଏବଂ ଚଣ୍ଡୀପୂଳାକୁ ଗଙ୍ଗା ବୋଲି ଉଲ୍ଲେଖ କରିବା ଭଳି ସାରଳା ପୀଠର ଉପକଣ୍ଠରେ ପ୍ରବହମାନା ବୃଦ୍ଧମାତା ନଦୀର ନାମ ରଖିଛନ୍ତି ଚନ୍ଦ୍ରଭାଗା । ମୂଳ ଚନ୍ଦ୍ରଭାଗାଠାରୁ ଏହାକୁ ଚିହ୍ନାଇ ଦେବାପାଇଁ କବି ଏହି ନଦୀକୁ ଗୋପ୍ୟାନ ବା ଗୁପ୍ତ ଚନ୍ଦ୍ରଭାଗା ବୋଲି କହିଅଛନ୍ତି :

"କଳିଗୋପ୍ୟାନତୀର୍ଥ ଚନ୍ଦ୍ରଭାଗା ବୋଲି ନଦୀ/ଈଶାନ୍ୟ ଦିଗେଣ ଚଣ୍ଡୀପୂଳା ଅଛି ଭେଦି ।"

(ସଭାପର୍ବ-୧୧୪)—ପୁନଶ୍ଚ କବି କଙ୍କେରପୁର ବା ଝଙ୍କଡ଼କୁ ତାଙ୍କର ଜନ୍ମସ୍ଥାନବୋଲି ଉଲ୍ଲେଖ କରିଥିବାହେତୁ ଏ ବିଷୟରେ ଅଣୁମାତ୍ର ସନ୍ଦେହର ଅବକାଶ ନାହିଁ ।

"ପୁରରବା ସଞ୍ଚିତ ସେ ଝଙ୍କେରପୁର ଯାହା ବୋଲି
ଶ୍ରୀଗିରିଜାର ଆଜ୍ଞାୟେ ମୁହିଁ ତହିଁ ଜନମିଲି ।
ଚଣ୍ଡଉପୂଳା ଭାଗୀ ଈଶାନ ମୂରତି
ବୃହଦ୍ଧ୍ୱଜ ମୁନି ତହିଁ ତପେଣ ବସିଛନ୍ତି ।
ତାହାଙ୍କ ଜଟା ଭେଦି ବହଇ ନଦୀ ବୃଦ୍ଧମାତା
କନକାବତୀ ପାଟଣା ଯେ ପରଶୁରାମଙ୍କର ସଂଚିତା ।"        (ବିରାଟପର୍ବ-୭୦)

## ବଂଶ ପରିଚୟ :

ପୂର୍ବୋକ୍ତ ବଡ଼ସାରୋଳ ଗ୍ରାମରେ ଏକ ଦରିଦ୍ର କୃଷକ ପରିବାରରେ ସାରଳା ଦାସ ଜନ୍ମଗ୍ରହଣ କରିଥିଲେ । ସେ ଜାତିରେ ଶୂଦ୍ର ଥିଲେ । "ମୁନି ଅଙ୍ଗ ହୋଇଣ ମୁଁ ଜାତି ଶୂଦ୍ର-ଯୋନି"—( ବିରାଟପର୍ବ-୭୧୦ ) । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କୁ ଛାଡ଼ିଦେଲେ ଆଉ ଯେଉଁମାନେ ରହିଗଲେ, ସେମାନଙ୍କୁ କୁହାଯାଉଥିଲି ଶୂଦ୍ର । ପ୍ରାଚୀନ କାଳରେ କୃଷି, ଗୋପାଳନାଦି ଏହି ଶୂଦ୍ରମାନଙ୍କର କର୍ମରୂପେ ବିବେଚିତ ହେଉଥିଲା । ସ୍ୱାଧୀନତାର ବିଲୋପ-ସାଧନ ପରେ ବ୍ରାହ୍ମଣାଦି ଶୂଦ୍ରେତର ଜାତି ମଧ୍ୟ ବାଧ୍ୟହୋଇ କୃଷିକୁ ନିଜର ଜୀବିକା ବା ଉପଜୀବିକା ରୂପେ ଗ୍ରହଣ କରିନେଲେ । ସମାଜସେବା ବ୍ୟତୀତ ଦେବସେବା ମଧ୍ୟ କେତେକ ଶ୍ରେଣୀର ଶୂଦ୍ରଙ୍କର ଜୀବିକା ଥିଲା । ବିଶେଷକରି ଶିବମନ୍ଦିର ଓ ଦେବୀମନ୍ଦିରମାନଙ୍କରେ ସେବାକାର୍ଯ୍ୟ ଏହି ଶୂଦ୍ରଜାତୀୟ ଲୋକମାନଙ୍କ ଉପରେ ନ୍ୟସ୍ତ ଥିଲା । ଢେଙ୍କାନାଳର କପିଳାସ, ଝଙ୍କଡ଼ର ସାରଳା, ଅସୁରେଶ୍ୱରର ହରଚଣ୍ଡୀ ଓ ବାଙ୍କିର ଚର୍ଚ୍ଚିକା ଆଦି ପ୍ରସିଦ୍ଧ ଶୈବ ଓ ଦେବୀପୀଠମାନଙ୍କରେ ଶୂଦ୍ରମାନେ ହିଁ ଦିଅଁ ସେବାର ଅଧିକାରୀ । ଏମାନଙ୍କୁ ରାଉଳ

କୁହାଯାଏ । ଯେତେଦୂର ଅନୁମିତ ହୁଏ ସାରଳା ଦାସ ଏହିପରି ଏକ ଦେବୀସେବକ ଶୂଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେଥିପାଇଁ ସେ ସର୍ବଦା ନିଜକୁ ଚଣ୍ଡୀପୁତ୍ର ଓ ସାରଳା ଦେବୀଙ୍କର ନିଜ ଦାସରୂପେ ବର୍ଣ୍ଣନା କରିଅଛନ୍ତି ।

"ଝଙ୍କଡ଼ପୁରବାସିନୀ ଶ୍ରୀ ସାରଳା ଦେବୀ
ମୁହିଁ ତାର ପୁତ୍ର ଶ୍ରୀ ସାରଳା ନାମେ କବି ।" ( ଚଣ୍ଡୀ ପୁରାଣ-୭୮ )

ଆଦିପର୍ବ ଦ୍ୱିତୀୟଖଣ୍ଡ ପରିଶିଷ୍ଟରେ ପୁଣି ଲେଖାଅଛି—

"ଆମ୍ଭର ଇଷ୍ଟଦେବତା ସାରଳାଚଣ୍ଡୀ ଦେବୀ
ତାହାର ଚରଣେ ଆମ୍ଭେ ସର୍ବଦା ଥାଉ ସେବି ।
ଅପ୍ରାଧ କଲେ କ୍ଷମା କରଇ ମହାମାୟୀ
ଅନ୍ନବସ୍ତ୍ର ଆମ୍ଭନ୍ତ ସଂଯୋଗେ ମିଳଇ ।"

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସାରଳା ଦାସଙ୍କ ପରିବାର ପରଂପରାକ୍ରମେ ସାରଳା ଦେବୀଙ୍କର ପୂଜକ ଥିଲେ । ସାରଳା ଦାସଙ୍କ ଜନ୍ମକାଳୀନ ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ଦାସ । ଯେତେଦୂର ଅନୁମିତ ହୁଏ 'ବିଲଙ୍କା ରାମାୟଣ' ରଚନାକାଳ ପର୍ଯ୍ୟନ୍ତ ସେ ଏହି ନାମରେ ପରିଚିତ ଥିଲେ । ବିଲଙ୍କା ରାମାୟଣରେ ଉଲ୍ଲେଖ ଅଛି—"ରାମାୟଣ ବୃତ୍ତାନ୍ତକୁ ନିରନ୍ତରେ ଘୋଷ / ରାମଙ୍କ ଚରଣେ ନିତ୍ୟେ ସିଦ୍ଧେଶ୍ୱର ଦାସ ।" ସାରଳାଦେବୀଙ୍କ କରୁଣାରୁ ସେ ଗ୍ରନ୍ଥରଚନା କରିବାପାଇଁ ସମର୍ଥ ହୋଇଥିବାରୁ ପରବର୍ତ୍ତୀ କାଳରେ ପିତୃଦତ୍ତ ନାମ ବଦଳାଇ ନିଜକୁ ସାରଳା ଦାସ ନାମରେ ଅଭିହିତ କରିଥିଲେ ଏବଂ ଏହି ନାମରେ ହିଁ ସେ ଚିରପ୍ରସିଦ୍ଧ । "କୃପାଜଳ ନନ୍ଦନୀ ସାରୋଳା ଚଣ୍ଡୀଦେବୀ / ମୁଇଁ ତାହାର ପୁତ୍ର ଯେ ସାରଳା ଦାସ କବି"—(ଚଣ୍ଡୀ ପୁରାଣ) । ମହାଭାରତ ରଚନା ବେଳକୁ ତାଙ୍କର ଏହି ନାମ ଲୋକରେ ପ୍ରଚ୍ଛରିତ ହୋଇସାରିଥିଲା ।

ସାରଳା ଦାସ ସ୍ୱଗ୍ରନ୍ଥାବଳୀରେ କୌଣସିଠାରେ ନିଜର ପିତାମାତାଙ୍କର ନାମୋଲ୍ଲେଖ କରିନାହାନ୍ତି । ସମ୍ଭବତଃ ସେ ଶୈଶବରୁ ପିତୃମାତୃହୀନ ଥିଲେ ଏବଂ ଅଗ୍ରଜ ପରଶୁରାମଙ୍କଦ୍ୱାରା ଲାଳିତପାଳିତ ହୋଇଥିଲେ । ମହାଭାରତ ମଧ୍ୟ-ପର୍ବରେ ସେ ଜ୍ୟେଷ୍ଠ ଭ୍ରାତା ପରଶୁରାମଙ୍କ ନାମୋଲ୍ଲେଖ କରିଅଛନ୍ତି—"କନକପୁର ପାଟଣା ଘର ପର୍ଶୁରାମ / ମୁହିଁ ତାର ଅନୁଜ ସାରଳା ଦାସ ନାମ ।"

ଏହି ପର୍ଶୁରାମ ଚନ୍ଦ୍ରଭାଗା ବା ବୁଢ଼ନଈରେ ଘାଟିଆ ବ୍ୟବସାୟ କରୁଥିବା ଏବଂ ପରଶୁରାମ ପାଟଣା ନାମକ ଏକ ଗ୍ରାମ ସ୍ଥାପନ କରିଥିବା ବିଷୟ ମଧ୍ୟ ସାରଳା ଦାସ ଉଲ୍ଲେଖ କରିଅଛନ୍ତି । ଆଦିପର୍ବ ଦ୍ୱିତୀୟ ଖଣ୍ଡ ପରିଶିଷ୍ଟରେ ଉଲ୍ଲିଖିତ ଅଛି ଯେ ପରଶୁରାମଙ୍କ ବ୍ୟତୀତ ସାରଳା ଦାସଙ୍କର ଅନ୍ୟ ଦୁଇଭାଇ ଥିଲେ ଏବଂ ସେମାନଙ୍କ ମଧ୍ୟରେ ସାରଳା ଦାସ ଥିଲେ

ସମ୍ପର୍କିତ; କିନ୍ତୁ ସାରଳାଙ୍କ ରଚନାସମୂହରେ କୌଣସିଠାରେ ଏ ବିଷୟରେ କିଛି ଉଲ୍ଲେଖ ନଥିବାରୁ ଏହା କେତେଦୂର ସତ୍ୟ, ତାହା କହିବା ସମ୍ଭବପର ନୁହେଁ ।

## ଆଦ୍ୟ ଜୀବନ :

ସାରଳା ଦାସ ଏକ ଦରିଦ୍ର କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା କଥା ଆଗରୁ କୁହାଯାଇଛି । ଉକ୍ତ ପରିବାରରେ କେହି ଜ୍ଞାନୀବ୍ୟକ୍ତି ନଥିଲେ କିମ୍ବା ବିଦ୍ୟାଚର୍ଚ୍ଚାର ପରଂପରା ନଥିଲା । ସେଥିପାଇଁ ଉଚ୍ଚଚିନ୍ତା ଓ ମହତ୍ତ୍ୱର ଜୀବନଯାପନ ପାଇଁ କୌଣସି ପ୍ରେରଣା କବିଙ୍କୁ ମିଳିନଥିଲା । ସେକାଳରେ ବ୍ରାହ୍ମଣ ଶାସନଗୁଡ଼ିକ ସଂସ୍କୃତଚର୍ଚ୍ଚାର କେନ୍ଦ୍ରସ୍ଥଳୀ ଏବଂ ବହୁ ଶାସ୍ତ୍ରବିତ୍ ବିଦ୍ୱଜ୍ଜନମାନଙ୍କର କ୍ରୀଡ଼ାଭୂମି ଥିଲା; କିନ୍ତୁ କନକାବତୀ ପାଟଣା ବା ତତ୍ ସମୀପବର୍ତ୍ତୀ ସ୍ଥାନରେ କୌଣସି ଶାସନ ନଥିବାରୁ ସାରଳା ଦାସ ଆଦ୍ୟ ଯୌବନରେ ସତ୍‌ସଙ୍ଗଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ । ସ୍ଫୁଟନୋନ୍ମୁଖ ଯୌବନର ଏହି ବ୍ୟର୍ଥତା ତାଙ୍କ ପ୍ରାଣରେ ଘୋର ଆଲୋଡ଼ନ ସୃଷ୍ଟି କରିଥିଲା । ଅତୀତର ରୋମନ୍ଥନ କରିବାକୁ ଯାଇ କବି ସେଥିପାଇଁ ବ୍ୟଥାଭରା କଣ୍ଠରେ ଗାଇଉଠିଥିଲେ—

"ଆହେ ବୁଧଜନେ ମୁହିଁ ମୂର୍ଖ ଅପଣ୍ଡିତ
କୁସ୍ଥାନବାସୀ ଅଟଇ ଅଜ୍ଞାନ ବଂଶେ ଜାତ ।
ଗ୍ରାମରେ ମୋହର ପାଠ ସାଧିନାହିଁ ଭଲେ
ନିକଟେ ଶାସନ ନାହିଁ ନ ବସିଲି ପୁରାଣିକଙ୍କ କୂଳେ ।
ଶାସ୍ତ୍ରପାଠ ପଢ଼ିନାହିଁ ମୁଁ କାହାର କୂଳେ
ଦୋଷ ନଧରିବ ମୋର ଏଥି ଦୋଷ ଥିଲେ ।" (ଦ୍ରୋଣ ପର୍ବ-୭୪)

ସେକାଳରେ କୃଷକର କର୍ମମୟ କଠୋର ଜୀବନରେ ଶ୍ରାନ୍ତି ଅପନୋଦନ ଓ ଚିତ୍ତ-ବିନୋଦନର ଏକମାତ୍ର ଉପାୟ ଥିଲା ପଶା, ଜୁଆ, ଶଙ୍କଟା ଆଦି ଗ୍ରାମ୍ୟକ୍ରୀଡ଼ା । ଗ୍ରାମ୍ୟ ପରିବେଶରେ ପରିପାଳିତ ଓ ଉଚ୍ଚତର ଜୀବନଯାପନର ସକଳ ସୁଯୋଗରୁ ବଞ୍ଚିତ ତରୁଣ ସିଦ୍ଧେଶ୍ୱର ଏହିସବୁ କ୍ରୀଡ଼ା-କୌତୁକରେ ଯୋଗଦେବା ଅତ୍ୟନ୍ତ ସ୍ୱାଭାବିକ । ଜନପ୍ରିୟ ଗ୍ରାମ୍ୟ କ୍ରୀଡ଼ା ହିସାବରେ ଜୁଆ ଓ ପଶା ଆଦି କ୍ରୀଡ଼ା-କୌତୁକର ବହୁଳ ପ୍ରସାର ସେ କାଳରେ ଥିଲେହେଁ ସେଗୁଡ଼ିକର ବିଷମୟ ସାମାଜିକ ପରିଣତି ପ୍ରତି ଲୋକେ ଅନବହିତ ନଥିଲେ । ସେଥିପାଇଁ ଲୋକଚକ୍ଷୁରେ ସେଗୁଡ଼ିକ ନିନ୍ଦିତ ବିବେଚିତ ହେଉଥିଲା । ଜୁଆ ଓ ପଶା ଜ୍ଞାନୀ ଓ ବିବେକବାନ୍ ପୁରୁଷକୁ ମଧ୍ୟ କିପରି ବିପଥଗାମୀ କରିଦିଏ ତାର ବହୁ ଦୃଷ୍ଟାନ୍ତ ସାରଳା ଦାସ ତାଙ୍କର ମହାଭାରତରେ ପ୍ରଦାନ କରିଅଛନ୍ତି । ତେଣୁ ଜୀବନର ପରମ ସଫଳତା ଭିତରେ ଶୂଦ୍ରମୁନି ସାରଳା ଦାସ ଆଦ୍ୟଯୌବନର ସେହି କ୍ରୀଡ଼ାଚଞ୍ଚଳ ମୁହୂର୍ତ୍ତଗୁଡ଼ିକର ସିଂହାବଲୋକନ କଲାବେଳେ କେବଳ ଯେ ବିସ୍ମିତ ହୋଇଛନ୍ତି, ତାହା ନୁହେଁ; ବ୍ୟଥିତ ମଧ୍ୟ ହୋଇଛନ୍ତି ।

"ମୋହର ଜନ୍ମେ ମୁଁ ତ ବିଦ୍ୟା ପଢ଼ିନାହିଁ
ସୁଜନ ଜନ ସଙ୍ଗରେ ମୁହିଁ ଯେ ନଥାଇ ।
ପଣ୍ଡିତ ଜନଙ୍କର ନ ବସିଲି ସଙ୍ଗେ
ପଶା ଜୁଆ ଶକଟାଦି ଆବର ନାନା ରଙ୍ଗେ ।
ତୁ ଯହୁଁ ସଦୟ କଲୁସି ଗୋ ମୋତେ
ତେଣୁକରି ସୁଜନ ମୋତେ ବୋଲନ୍ତି ଜଗତେ ।" ( ମଧ୍ୟ-ପର୍ବ-୪୦୧ )

"କୁସ୍ଥାନେ ବସିଲି ନବସିଲି ବିପ୍ରଗୋଷ୍ଠୀ" କିମ୍ବା 'ସୁଜନ ଜନ ସଙ୍ଗରେ ମୁହିଁ ତ ନଥାଇ' ଇତ୍ୟାଦି ସରଳ ସ୍ୱୀକାରୋକ୍ତିଗୁଡ଼ିକରୁ କେହି ମନେକରିବା ଉଚିତ ନୁହେଁ ଯେ ସାରଳା ଦାସ ଆଦ୍ୟ ଯୌବନରେ ଉନ୍ମାର୍ଗଗାମୀ ହୋଇଥିଲେ କିମ୍ବା କଳୁଷିତ ସମ୍ପର୍କରେ ଆସିଥିଲେ । କେତେକ ମନେକରନ୍ତି ଯେ ସ୍ଥଳବିଶେଷରେ ସାରଳା ଦାସ ଯେଉଁ ଜଘନ୍ୟ ଓ ଅଶ୍ଳୀଳ ଯୌନଚିତ୍ର ପ୍ରଦାନ କରିଅଛନ୍ତି ଏବଂ ମହର୍ଷି ଓ ମହାପୁରୁଷମାନଙ୍କର ଯେଉଁ ଘୋର ନୈତିକ ସ୍ଖଳନ ଦର୍ଶାଇଛନ୍ତି, ତାହା ପ୍ରାରମ୍ଭ ଯୌବନରେ ତାଙ୍କ ମନ୍ଦସଂସର୍ଗର ଫଳ; କିନ୍ତୁ ଏହା ଠିକ୍ ନୁହେଁ । ଚିରସଂଯତ ଯୋଗସିଦ୍ଧ ସାରଳା ଦାସଙ୍କ ପବିତ୍ର ଜୀବନରେ କୌଣସି ପ୍ରକାର କଳୁଷିତ ସମ୍ପର୍କ ବା ସ୍ଖଳନର ସମ୍ଭାବନା କଳ୍ପନାତୀତ । ଉପରୋକ୍ତ ଉକ୍ତିସମୂହରେ ସାରଳା କେବଳ ତାହାଙ୍କ ଆଦ୍ୟ ଜୀବନରେ ପରିବେଶର ପ୍ରତିକୂଳତା ପ୍ରତି ଶ୍ରୋତା ଓ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ମହର୍ଷି ଶାନ୍ଦିପନିଙ୍କ ଗୃହରେ ରାମକୃଷ୍ଣଙ୍କ ବିଦ୍ୟାଶିକ୍ଷା ପ୍ରସଙ୍ଗରେ ସାରଳା ଦାସ ଲେଖିଛନ୍ତି—

"ଗୋପାଳପୁର ହାଦେ ମଥୁରା ନଗ୍ରପୁର
ଶାହାସ୍ର ସଙ୍ଗତ ନାହିଁ ଅପାଠକ ସେହି ପୁର ।
କୁସ୍ଥାନବାସେ ଆମ୍ଭେ ପଢ଼ିଲୁ ବେନିଜନ
ବେଦବିଦ୍ୟା ନଜାଣୁ ନଶୁଣୁ ବେନିକର୍ଣ୍ଣ ।
ଧର ଧର ମାର ମାର ଛନ୍ଦବନ୍ଧ କଥା
କଢ଼ା ଘୁମୁରି ଅନୁରୂପେ ସେହୁ ମତା ।
କୁଜନ ହାଥେଣ ପଢ଼ିଲି ପାଣିଦ୍ରବ୍ୟ
ମୂର୍ଖ ସଭାରେ କି ପଣ୍ଡିତ କରଇ ଭବ ।"

ସାରଳା ଦାସଙ୍କ କଥିତ 'କୁଜନ' ଏବଂ 'କୁସ୍ଥାନ' ଶବ୍ଦଦ୍ୱୟକୁ ଏହି ଅର୍ଥରେ ଗ୍ରହଣ କରିବାକୁ ହେବ । ସାରଳା ତାହାଙ୍କ କୈଶୋର ଓ ପ୍ରାରମ୍ଭ ଯୌବନର ଯେଉଁ ଆଲେଖ୍ୟ ପ୍ରଦାନ କରିଅଛନ୍ତି, ତହିଁରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସେ ଆଦ୍ୟ ଯୌବନରେ ବହୁ ଲୋକଙ୍କ ସମ୍ପର୍କରେ ଆସିଥିଲେ ଏବଂ ଲୋକଚରିତ୍ର ଅଧ୍ୟୟନର ଅପୂର୍ବ ସୁଯୋଗ ଲାଭକରିଥିଲେ ।

ସେଥିପାଇଁ ତାହାଙ୍କଦ୍ୱାରା ଅଙ୍କିତ ଚରିତ୍ରଗୁଡ଼ିକ ଅତ୍ୟନ୍ତ ହୃଦୟଗ୍ରାହୀ, ପ୍ରାଣସ୍ପର୍ଶୀ ଓ ବାସ୍ତବ ହୋଇଅଛି । ସାରଳା ମହାଭାରତର ରଚନା ପରେ ଶହ ଶହ ବର୍ଷ ଅତୀତ ହୋଇଥିଲେହେଁ ସେହି ଚରିତ୍ରଗୁଡ଼ିକ ଲୋକଙ୍କର ମାନସପଟରୁ ଅପସାରିତ ହୋଇନାହିଁ । ଉଦାହରଣ ସ୍ୱରୂପ 'ଭୀମ' କହିଲେ ଓଡ଼ିଶାର ଲୋକେ ସାରଳା ମହାଭାରତର ମୂର୍ଖ, ଅପଣ୍ଡିତ ଏବଂ ଉଗ୍ରସ୍ୱଭାବ ଭୀମକର୍ମା ଭୀମାଙ୍କୁ ବୁଝନ୍ତି । 'ନାରଦ' କହିଲେ ଜଣେ କଳହପ୍ରିୟ ବ୍ୟକ୍ତିକୁ ବୁଝାଏ ।

## ସୈନିକ ସାରଳା ଦାସ :

ସାରଳା ଦାସ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ବିଜିତ ନଦୀ, ପର୍ବତ, ବନ, ନଗର, ଜନପଦ, ଦୁର୍ଗ ଓ ରାଜ୍ୟ ସମୂହର ଠିକଣାଖି ବିବରଣୀ ଏବଂ ସେ କାଳରେ ପ୍ରଚଳିତ ରଣ-କୌଶଳ, ବ୍ୟୂହରଚନା, ରଣ ପରିଚାଳନା ଓ ଯୁଦ୍ଧାସ୍ତ୍ର ସମୂହର ସୁବିସ୍ତୃତ ବର୍ଣ୍ଣନା ପ୍ରଦାନ କରିଥିବାରୁ ଏବଂ ସେ ବର୍ଣ୍ଣନା ଅତ୍ୟନ୍ତ ବାସ୍ତବ ଓ ହୃଦୟଗ୍ରାହୀ ହୋଇଥିବାରୁ କେତେକ ମତପୋଷଣ କରନ୍ତି ଯେ ପ୍ରାରମ୍ଭ ଯୌବନରେ ସେ ଜଣେ ସୈନିକ ଥିଲେ ଏବଂ ସମ୍ଭବତଃ ଉତ୍କଳୀୟ କୃଷକସେନାର ସହଯୋଗୀରୂପେ ଉତ୍କଳ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଦାକ୍ଷିଣାତ୍ୟ ଅଭିଯାନରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କର ପ୍ରଧାନ ଯୁକ୍ତି ହେଲା ଯୁଦ୍ଧର ପ୍ରତ୍ୟକ୍ଷ ଅଭିଜ୍ଞତା ନଥିଲେ ସାରଳା ଦାସ ଏପରି ବଳିଷ୍ଠ ଓ ପ୍ରାଣବନ୍ତ ସମର-ସାହିତ୍ୟ ସୃଷ୍ଟି କରିପାରିନଥାନ୍ତେ । ସମର-କବିତା ରଚନାରେ ସାରଳା ଦାସ ଯେ ଓଡ଼ିଆ ସାହିତ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଏହା ନିଃସନ୍ଦେହ; କିନ୍ତୁ ଏଥିପାଇଁ ତାହାଙ୍କୁ ସୈନିକ-କବିର ଭୂମିକାରେ ଅବତୀର୍ଣ୍ଣ କରାଇବାର କୌଣସି ଆବଶ୍ୟକତା ଥିଲା ପରି ମନେହୁଏନାହିଁ । ମହାକବି କାଳିଦାସ ତାହାଙ୍କ 'ମେଘଦୂତ' କାବ୍ୟରେ ଭାରତର ଯେଉଁ ମନୋଜ୍ଞ ଭୌଗୋଳିକ ଚିତ୍ର ପ୍ରଦାନ କରିଅଛନ୍ତି, ତହିଁରୁ କ'ଣ ଅନୁମାନ କରିବାକୁ ହେବ ଯେ ସେ କାବ୍ୟବର୍ଣ୍ଣିତ ପ୍ରତ୍ୟେକ ସ୍ଥାନ ପରିଦର୍ଶନ କରିଥିଲେ ? ରାମାୟଣ ଓ ମହାଭାରତରେ ଯେଉଁ ସମରଚିତ୍ର ପ୍ରଦତ୍ତ ହୋଇଛି, ତହିଁରୁ କ'ଣ ବୁଝିବାକୁ ହେବ ଯେ ବାଲ୍ମୀକି ଏବଂ ବ୍ୟାସ ଆଦ୍ୟ ଯୌବନରେ ସୈନିକ ଥିଲେ ବୋଲି ? ଅନ୍ୟଠାରୁ ଶ୍ରୁତ ବା ଅଧୀତ ତଥ୍ୟାବଳୀକୁ କବି କଳ୍ପନାଦ୍ୱାରା ରସାଣିତ କରି ବାସ୍ତବ ଜୀବନ୍ତ ରୂପ ପ୍ରଦାନ କରିବା ଆଦୌ ଅସମ୍ଭବ ନୁହେଁ । ସାରଳାଙ୍କ ସମୟ ଉତ୍କଳୀୟ ଜାତୀୟ ଜୀବନରେ ଅଭ୍ୟୁଦୟର କାଳ । ଚତୁର୍ଦ୍ଦିଗରେ ସାଜ ସାଜ ରବ, ରଣବିଜୟୀ ଉତ୍କଳୀୟ ସୈନିକମାନଙ୍କ ମୁଖରେ ବିଜୟର ଗୌରବମୟ କାହାଣୀ ଏବଂ ଗ୍ରାମେ ଗ୍ରାମେ ଆଖଡ଼ାଘର ଓ ରଣପ୍ରସ୍ତୁତି, ଏସବୁ ଦେଶପ୍ରାଣ ସାରଳା ଦାସଙ୍କ ହୃଦୟକୁ ବୀରରସରେ ଆପ୍ଲୁତ କରିଥିବ ଏବଂ ସେ ଏହାକୁ ତାଙ୍କ କାବ୍ୟରେ ରୂପାୟିତ କରିବା ପାଇଁ ଉତ୍ସାହିତ ହୋଇଥିବେ । ସେ ଯାହାହେଉ, ସାରଳା ଦାସ ସୈନିକ ସାଜି କପିଳେନ୍ଦ୍ରଙ୍କ ଦାକ୍ଷିଣାତ୍ୟ ଅଭିଯାନରେ ଅଂଶ ଗ୍ରହଣ କରିଥିବା ସମ୍ଭାବନା ସପକ୍ଷରେ କୌଣସି ବଳିଷ୍ଠ ଯୁକ୍ତି ବା ପ୍ରମାଣ ନାହିଁ ।

## କବିତ୍ୱସ୍ଫୂର୍ତ୍ତି :

ମଧ୍ୟ-ଯୌବନରେ କବିଙ୍କ ଜୀବନରେ ସଂଘଟିତ ହୁଏ ଏକ ବିରାଟ ପରିବର୍ତ୍ତନ । ଗ୍ରାମ୍ୟ କୃଷକର ଗତାନୁଗତିକ ଜୀବନଧାରା ଏବଂ ପଶା, ଜୁଆ ଆଦି ଗ୍ରାମ୍ୟକ୍ରୀଡ଼ା ଆଉ ତାଙ୍କ ଭୋକିଲା ମନର ତୃପ୍ତି ସମ୍ପାଦନ କରିପାରେନାହିଁ । ଅତୀତର ଜଡ଼ତା ଓ ତନ୍ଦ୍ରା ଶୀଘ୍ର ଅପସରିଯାଏ ଏବଂ ତାଙ୍କ ଜୀବନରେ ଆରମ୍ଭ ହୁଏ ଏକ ନୂତନ ଅଧ୍ୟାୟର ଶୁଭ ଅରୁଣୋଦୟ । ଅସୀମ ଓ ଅନନ୍ତର ଆହ୍ୱାନ ତାଙ୍କ ପ୍ରାଣକୁ ଆଲୋଡ଼ିତ କରେ । ଏକ ନବଚେତନାର ଉଚ୍ଛଳ ଜାହ୍ନବୀ ପ୍ରବାହରେ ତାଙ୍କ ହୃଦୟ ପ୍ଲାବିତ ହୋଇଯାଏ । ଅତୀତକୁ ବିଦାୟ ଦେଇ ସେ ଏକ ଉଚ୍ଚତର ଓ ମହତ୍ତର ଜୀବନର ସନ୍ଧାନରେ ବ୍ରତୀ ହୁଅନ୍ତି ।

"କିଛୁ ବୟସେଣ ମୁଁ ପାଇଲି ଚେତନା
ହୃଦଗତେ ବିକାଶି ଉଦେକ କାମନା ।
ତାମସ ପ୍ରକୃତି ଅନ୍ତର କରି ମନେ ଭାବେ
ମହାଭାରତ ଆରଣ୍ୟକ ପର୍ବ ବଖାଣିଲି ପରସ୍ତାବେ ।" (ବନପର୍ବ-୩୫୦) .

ଏ ଚେତନା ହେଉଛି ସୃଷ୍ଟିର ଚେତନା ଏବଂ ଏ କାମନା ହେଉଛି ତାଙ୍କ ଅନ୍ତରର ଆହ୍ୱାନ । ଏହାହିଁ ହେଉଛି କବି-କଳ୍ପିତ ଶୂନ୍ୟବାଣୀ—"ଅଦଭୂତେ ଦ୍ୱିଜବର ବେଦପୁର ବାସୀ / ଆକାଶର ବାରତା ମୋତେ କହିଲିକ ଆସି ।" ଯଥାର୍ଥରେ ଏହା ହେଉଛି ସଂସ୍କୃତାନଭିଜ୍ଞ, ରାମାୟଣ ମହାଭାରତାଦି ପୁରାଣର ଦିବ୍ୟ ଉପଦେଶାମୃତପାନରୁ ବଞ୍ଚିତ କୋଟି କୋଟି ନରନାରୀଙ୍କର କରୁଣ କାତର ନିବେଦନ । ଦେଶମାତୃକାର ଏ ଆହ୍ୱାନ ସାରଳା ଦାସଙ୍କ ପ୍ରାଣକୁ ଅଧୀର ଓ ଅସ୍ଥିର କରିପକାଇଲା । ଜୀବନରେ ସେ ଏକ ମହାନ୍ ପରୀକ୍ଷାର ସମ୍ମୁଖୀନ ହେଲେ । ଏକ ପକ୍ଷରେ ଦରିଦ୍ର କୃଷକ-ଜୀବନର ଅସରନ୍ତି କୁଟୁମ୍ବଜଞ୍ଜାଳ ଏବଂ ଅପର ପକ୍ଷରେ ଦେଶ ଓ ଜାତିର ଆହ୍ୱାନ । ଏହି ଦୁଇଗୋଟି ମଧ୍ୟରୁ ତାଙ୍କୁ ଗୋଟିଏ ପନ୍ଥା ବାଛିନେବାକୁ ପଡ଼ିବ । ଶେଷରେ ଦେଶାତ୍ମବୋଧର ବିଜୟ ହୋଇଛି ଏବଂ ସାରଳା ଦାସ ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ସାଧନାର ଚିରକଣ୍ଟକିତ ପଥ ବାଛି ନେଇଛନ୍ତି ।

"ଶୁଣିଣ କୁଟୁମ୍ବ ଜଞ୍ଜାଳକୁ ମୋତେ ଲାଗିଲା ମହାଭୟେ
ଛାଡ଼ିଲି ସର୍ବଚିନ୍ତା ହୋଇଲି ବୋଧମୟେ ।
ଶବଦ କହିଲି ମୋର କୁଟୁମ୍ବ ପରିମୁଖେ
ଛାଡ଼ି ମେଲି ମନଭ୍ରାନ୍ତି ଯେବେ ଲେଖନକର ସୁଖେ ।" (ବନପର୍ବ-୪୩୨)

ଏହାପରେ ସାରଳା ଦାସ ସୃଷ୍ଟି କରିଚାଲିଛନ୍ତି ଗ୍ରନ୍ଥ ପରେ ଗ୍ରନ୍ଥ, ପୁରାଣ ପରେ ପୁରାଣ ଏବଂ ସର୍ବୋପରି ଅଖିଳଜ୍ଞାନର ଗନ୍ତାଘର ପୁରାଣଶ୍ରେଷ୍ଠ ମହାଭାରତ । ମହାଭାରତର ଅମିୟ ସୁଧାରସରେ ଉତ୍କଳର ପୁରପଲ୍ଲୀ ପ୍ଲାବିତ ହୋଇଛି । ଜଗତ ସ୍ତବ୍ଧ ଚକିତ ହୋଇଛି

ଏହି ସରଳ ଓ ତଥାକଥିତ ମୂର୍ଖ କୃଷକଙ୍କର ଅଦ୍ଭୁତ କରଣି ଦେଖି । କସ୍ତୁରିକା ମୃଗ ନିଜ ନାଭିସ୍ଥିତ କସ୍ତୁରୀର ସୁଗନ୍ଧରେ ବିଭ୍ରାନ୍ତ ହୋଇ ବନରୁ ବନାନ୍ତର ଏହି ଅଭୂତପୂର୍ବ ସୁରଭିର ମୂଳ ଉତ୍ସ ଖୋଜିବୁଲିବା ପରି ମହାକବି ସାରଳା ଦାସ ନିଜର କୃତିତ୍ୱରେ ବିସ୍ମିତ ଓ ବିମୁଗ୍ଧ ହୋଇଛନ୍ତି । ତାଙ୍କ ଅନ୍ତରରେ ପ୍ରଶ୍ନ ଜାଗିଛି ଏ ଅନୁପମ ସୃଷ୍ଟି କ'ଣ ତାଙ୍କର କୃତିତ୍ୱ ? ସେ ତ ଜଣେ ମୂର୍ଖ, ଅପଣ୍ଡିତ ଓ ଅପାଠକ କୃଷକ ମାତ୍ର । ସୁଧିଜନମାନଙ୍କର ଜ୍ଞାନର ନିକଷ ମହାଭାରତ ଭଳି ଗ୍ରନ୍ଥ ରଚନା କରିବା କ'ଣ ତାଙ୍କ ପକ୍ଷରେ ସମ୍ଭବ ? ଆଜନ୍ମ ଦେବୀଭକ୍ତ, ପରମ ଈଶ୍ୱରବିଶ୍ୱାସୀ ସାରଳା ଦାସଙ୍କର ମନେହୋଇଛି, ଏହା ନିଶ୍ଚୟ ତାହାଙ୍କ ଇଷ୍ଟଦେବୀ ସାରଳା ଚଣ୍ଡୀଙ୍କର ନିର୍ଦ୍ଦେଶ । ସେ କେବଳ ନିମିତ୍ତ ମାତ୍ର । ତାଙ୍କର ବୋଧ ହୋଇଛି, ସତେ ଯେପରି ଅପାର କରୁଣାମୟୀ ସେହି ଦେବୀ ତାଙ୍କ ହାତକୁ ଖଣ୍ଡିଏ ତାଳପତ୍ର ଖେଦା ଓ ଗୋଟିଏ ଲେଖନୀ ବଢ଼ାଇଦେଇ ଆଦେଶ କରିଛନ୍ତି ମହାଭାରତ ରଚନା କରିବାକୁ । ଦେବୀ ଯାହା କହିଛନ୍ତି, ସେ ତାହା ହିଁ ଲେଖିଛନ୍ତି । ତାଙ୍କ ଲେଖନୀ ଯେଉଁଠି ବନ୍ଦ ହୋଇଯାଇଛି, ସେଠି ଦେବୀ ନିଜେ ପୂରଣକରି ଦେଇଛନ୍ତି ।

"ମମ ହାତେ ଦିଲେ ଆଣି ଲେଖନ ଗୋଟିଏ
ଏହା ଦେନି ଯାହା କହିବୁ ସେ ହୋଇବ ଶାସ୍ତ୍ରମୟେ ।
ବହୁତ ଅନ୍ୟାଗ୍ର ଛଡ଼ାଇ ମୋତେ ଆଣି
ଅଭଗତେ ମୋତେ ପ୍ରସନ୍ନ ହୋଇଲେ କାତ୍ୟାୟନୀ
ଆପଣେ ବସି କହିଲେ ବାଲ୍ମିକ ଭାବ ଦେନି ।
ତେଣୁ ମୁହିଁ ଅଜ୍ଞାନେ ପଶିଲି ସାଗର
ହେ ବୁଧଜନେ ମୋତେ ନୋହିଇ ଗୋଚର ।
ସ୍ୱୟଂ ମୋତେ ଯାହା କହି ଦିଅନ୍ତି ସାରଳା
ସୁରଭିମାଳା ପ୍ରାୟେ ମମ ହୃଦେ ହାର ।" (ବନପର୍ବ-୪୩୨)

ଏହାହିଁ ପ୍ରତିଭାର ପ୍ରକାଶ ଧର୍ମ, ପ୍ରତିଭାର ପରିସ୍ଫୁରଣରେ ଅଦୃଷ୍ଟ, ଅଶ୍ରୁତ ଓ ଅଚିନ୍ତ୍ୟ, ଦୃଷ୍ଟିଗମ୍ୟ, ଶ୍ରୁତିଗୋଚର ଓ ସହଜବୋଧ୍ୟ ହୋଇଥାଏ । ପ୍ରତିଭାର ପ୍ରକାଶଭଙ୍ଗୀ ସର୍ବଦା ଅଭୂତପୂର୍ବ, ଅଚିନ୍ତନୀୟ ଓ ନିୟମ ନିରଙ୍କୁଶ । ସେଥିପାଇଁ ବେଳେବେଳେ ଏହାକୁ ଚିହ୍ନି ମଧ୍ୟ ଚିହ୍ନି ହୁଏନାହିଁ, ଜାଣି ମଧ୍ୟ ଜାଣି ହୁଏନାହିଁ । ଏହି କାରଣରୁ ପ୍ରତିଭାର ପରିପ୍ରକାଶକୁ ସର୍ବଦା ଦେବାଶିଷ ବୋଲି ମନେ କରାଯାଇଥାଏ । ବାଲ୍ମିକି ଓ କାଳିଦାସଙ୍କ ସମ୍ବନ୍ଧରେ ଦେବାଶିଷ ଲାଭର ବହୁ ଉପାଖ୍ୟାନ ପ୍ରଚଳିତ ଅଛି । ଉତ୍କଳରେ ମଧ୍ୟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଓ ଗୋପାଳକୃଷ୍ଣ ଦେବାଶିଷବଳରେ କବିତ୍ୱ ପ୍ରାପ୍ତ ହୋଇଥିବାର ବହୁ କିମ୍ବଦନ୍ତୀ ଶୁଣାଯାଏ ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ସାରଳା ଦାସଙ୍କ ପରମାରାଧ୍ୟା ଇଷ୍ଟଦେବୀ ସାରଳା ମନ୍ଦିରପୂଜିତା ପାଷାଣମୟୀ ମୂର୍ତ୍ତିମାତ୍ର ନୁହଁନ୍ତି, ସେ ମନୋମୟୀ, ଭାବମୟୀ ଓ ଆନନ୍ଦନନ୍ଦିନୀ ।

"ମାନସରୂପୀ ଭବାନୀ ଭବକୁଣ୍ଡଳୀ
ଦ୍ୱାଦଶ ରଙ୍ଗେ ସେ ସଦୟେ ମଉଭୋଳୀ ।
ଆନନ୍ଦନନ୍ଦନୀ ସେ ବାଂଛିତ ମମ ହୃଦେ
ଶୂଦ୍ରମୁନି ପଦକୁ ମୁଁ ଭର୍ଜନ ସାରଳା ପ୍ରସାଦେ ।" ( ଦ୍ରୋଣପର୍ବ-୪୮ )

ନିଜର କବିତ୍ୱସ୍ଫୂର୍ତ୍ତି ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଯାଇ ସେ କହିଛନ୍ତି— "ନ କଲଇଁ ପ୍ରାର୍ଥନା ମୁଁ ନ କଲଇଁ / ସେବା ଅଦଭୂତେ ଆଜ୍ଞା ଦିଲେ ତୁ ଶ୍ରୀ ମହାଭାରତ କହିବା ।" (ଦ୍ରୋଣପର୍ବ-୬୭୪) । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ କବିତ୍ୱସ୍ଫୂର୍ତ୍ତି ସାରଳା ଦାସଙ୍କ ପକ୍ଷରେ ପ୍ରତିଭାର ସ୍ୱାଭାବିକ ପରିସ୍ଫୁରଣ ମାତ୍ର ଥିଲା ଏବଂ ଏଥିପାଇଁ ସେ ଦେବୀଙ୍କ ନିକଟରେ ଅଧା ପଡ଼ିବା ଭଳି କୌଣସି ଅତିମାନବିକ ଉପାୟର ଆଶ୍ରୟ ଗ୍ରହଣ କରିନଥିଲେ । ସାରଳାଦାସଙ୍କ କବିତ୍ୱଲାଭ ସମ୍ବନ୍ଧରେ କେତେକ ଗଳ୍ପ ଓ କିମ୍ବଦନ୍ତୀର ପ୍ରଚଳନ ଅଛି ଏବଂ ସେଥିରୁ କେତୋଟି ସାରଳା ମହାଭାରତର ଅଙ୍ଗୀଭୂତ ମଧ୍ୟ ହୋଇଛି । ନିମ୍ନରେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ଦୁଇଟିର ଦୃଷ୍ଟାନ୍ତ ଦିଆଯାଉଛି ।

ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗଦ୍ୱାରା ପ୍ରକାଶିତ ସାରଳା ମହାଭାରତର ଆଦିପର୍ବ ଦ୍ୱିତୀୟ ଖଣ୍ଡ ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ ଦିନେ ଗ୍ରୀଷ୍ମକାଳ ମଧ୍ୟାହ୍ନ ସମୟରେ ସାରଳାଦାସ ଆଖୁ କିଆରିରେ ପାଣି ମଡ଼ାଉଥିଲେ । ସେ ଦିନଟି ଥିଲା ଶୁକ୍ଳ ଅଷ୍ଟମୀ ମଙ୍ଗଳବାର । ସାରଳା ପାଣି ଟେଣ୍ଡ଼ୁଥିବା ସମୟରେ କ୍ଳାନ୍ତି ଅପନୋଦନ ନିମିତ୍ତ ଭଣ୍ଡ ବିଭଣ୍ଡ ଗୀତ ଗାନ କରୁଥିଲେ । ସ୍ଥାନଟି ରାଜପଥର ନିକଟବର୍ତ୍ତୀ ଥିବାରୁ ସେ ବାଟଦେଇ ଅନେକ ସ୍ତ୍ରୀ ପୁରୁଷ ଯା' ଆସ କରୁଥିଲେ । ଏହି ସମୟରେ ସାରଳାଦେବୀ ଅପୂର୍ବ ରୂପଲାବଣ୍ୟମୟୀ ଓ ନାନାରତ୍ନବିଭୂଷିତା ଏକ ଷୋଡ଼ଶୀ ତରୁଣୀରୂପରେ ସେହି ବାଟଦେଇ ଗଲେ । ଜଣେ ରୂପବତୀ ତରୁଣୀଙ୍କୁ ପାଖରେ ଦେଖି ସାରଳାଦାସ ଗୀତ ଗାଇବା ବନ୍ଦ କରି ତୁନି ହୋଇଗଲେ । କିଛି ସମୟ ପରେ ଦେବୀ ଯୁବତୀ ବେଶ ପରିତ୍ୟାଗକରି ଜଣେ ବୃଦ୍ଧା ସ୍ତ୍ରୀ ବେଶରେ ସାରଳାଦାସଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ତାଙ୍କୁ ଗୀତ ଗାଇବା ବନ୍ଦ କରିଦେବାର କାରଣ ପଚାରିଲେ । ସାରଳାଦାସ ଉତ୍ତର କଲେ, "ତୁମ ନିକଟରେ ମୁଁ କିପରି ଭଣ୍ଡ ବିଭଣ୍ଡ ଗୀତ ଗାଇଥାନ୍ତି ।" ବୃଦ୍ଧା କହିଲେ, "ତୁ ଅନ୍ୟ ଗୀତ ନ ଗାଇ କୃଷ୍ଣଚରିତ ଗାନକର ।" ଏହା ଶୁଣି ସାରଳାଦାସ କ୍ଷଣକ ପାଇଁ ସ୍ତମ୍ଭୀଭୂତ ହୋଇଗଲେ । ଏହା ପରେ ସାରଳାଦାସଙ୍କ କଣ୍ଠରୁ କୃଷ୍ଣଚରିତ ସ୍ଫୁରିତ ହେଲା । ଏହି ଅଭୂତପୂର୍ବ ଘଟନା ସାରଳାଦାସଙ୍କୁ ଅତ୍ୟନ୍ତ ବିଚଳିତ କରିପକାଇଲା । ସେ କାମ ଶେଷରେ ଗୃହକୁ ଫେରିଯାଇ ଅନ୍ନ ଜଳ ସ୍ପର୍ଶ ନକରି ଚିନ୍ତିତ ହୃଦୟରେ ଶୋଇପଡ଼ିଲେ । ଅର୍ଦ୍ଧରାତ୍ରି ସମୟରେ ସେ ସ୍ୱପ୍ନରେ ଦେଖିଲେ ସ୍ୱୟଂ ସାରଳା ଦେବୀ ତାଙ୍କର ମସ୍ତକ ନିକଟରେ ବସି ତାଙ୍କୁ କହୁଛନ୍ତି—"ମୋ କଥା ତୁ ଏତେଶୀଘ୍ର ଭୁଲିଗଲୁ ? ମୁଁ ପରା ତୋତେ ବିସ୍ତୃତ ପୁରାଣ

ରଚନା କରିବା ପାଇଁ କହୁଛି ।" ସାରଳାଦାସ ସେହି ସ୍ୱପ୍ନରେ ଦେବୀଙ୍କୁ ନମସ୍କାର ଜଣାଇ କହିଲେ—"ମୁଁ ତ ଗଣ୍ଡମୂର୍ଖ । ଲେଖିପଢ଼ି ଜାଣିନାହିଁ । କିନ୍ତୁ ପୁରାଣ ରଚନା କରିବି କିପରି ?" ତାପରେ ସାରଳା ଦେବୀ ତାଙ୍କ ପ୍ରତି ପ୍ରସନ୍ନହୋଇ ତାଙ୍କ ମୁଣ୍ଡପାଖରେ ଲେଖନପତ୍ର ଥୋଇଦେଇ କହିଲେ, "ତୁ କିଛି ଚିନ୍ତାକରନା । ମୁଁ ତୋ କଣ୍ଠରେ ବସି ସବୁ କଥା କହିଦେଉଥିବି । ଯେଉଁଠି ନ ଆସିବ ମୁଁ ନିଜେ ପୂରଣ କରିଦେବି ।" ସାରଳା-ଦାସଙ୍କ ସ୍ୱପ୍ନ ଭାଙ୍ଗିଗଲା । ସେ ଚେତନା ପାଇ ଦେଖିଲେ ଯେ ତାଙ୍କ ମୁଣ୍ଡ ପାଖରେ ଲେଖନପତ୍ର ଥୁଆହୋଇଛି । ଏହା ପରେ ସେ ପୁରାଣ ରଚନା ଆରମ୍ଭକଲେ ।

ଏହି ଉପାଖ୍ୟାନର ବିଷୟବସ୍ତୁ ଅନୁଧ୍ୟାନ କଲେ, ଜଣାଯାଏ ଯେ ଏହା ସାରଳାଦାସଙ୍କ ନିଜ ଲେଖା ନୁହେଁ ।

"ଆମ୍ଭର ପିତାଙ୍କର ଯେ ଅଟଇ ତୃତୀୟପୁତ୍ର
ପିତାମାତା ଆମ୍ଭର ଅଟନ୍ତି ବୃଦ୍ଧଗତ ।
ସବୁହୁଁ ସାନ ମୁଁ ଯେ ଜଡ଼ଭାବ ମତ
ଜ୍ୟେଷ୍ଠଭ୍ରାତାମାନେ ଯେ କାର୍ଯ୍ୟ କରୁଥାନ୍ତି ।"

ଏ ଭାଷା ସାରଳାଦାସଙ୍କ ଭାଷା ହୋଇ ନ ପାରେ । ଯେଣୁକରି ଅନୁମିତ ହୁଏ ସାରଳା ଦେବୀଙ୍କ ମହିମା ପ୍ରଖ୍ୟାପନ ଉଦ୍ଦେଶ୍ୟରେ ପରବର୍ତ୍ତୀ କାଳର କେହି ଅନୁଲେଖକ ସ୍ୱକଳ୍ପନାପ୍ରସୂତ ଏହି ଗଳ୍ପଟିକୁ ମୂଳ ଗ୍ରନ୍ଥରେ ସଂଯୋଜିତ କରିଦେଇଛନ୍ତି ।

ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାହାଙ୍କ ରଚିତ ସାରଳାଚରିତରେ ସାରଳାଦାସଙ୍କ କବିତ୍ୱ ପ୍ରାପ୍ତି ସମ୍ବନ୍ଧରେ ଅନ୍ୟ ଏକ କିମ୍ବଦନ୍ତୀର ଉଲ୍ଲେଖ କରିଅଛନ୍ତି । ଏଥିରେ ଉଲ୍ଲିଖିତ ଅଛି ଯେ ସାରଳା ପୀଠର ଅଦୂରରେ କୌଣସି ଏକ ଶୂଦ୍ରର ବସତି ଥିଲା । ତାଙ୍କର ଅନେକଗୁଡ଼ିଏ ସନ୍ତାନ ଥିଲେ । ସେ ପ୍ରତ୍ୟହ ତାଙ୍କ ପୁତ୍ରମାନଙ୍କୁ ଗଳ୍ପ କହନ୍ତି । ବର୍ଣ୍ଣିତ ଗଳ୍ପଗୁଡ଼ିକ ସେମାନଙ୍କର ମନେଅଛି କି ନାହିଁ ଜାଣିବା ନିମିତ୍ତ ସେ ସେମାନଙ୍କୁ ପ୍ରଶ୍ନ କରନ୍ତି । କନିଷ୍ଠ ପୁତ୍ର ସିଦ୍ଧେଶ୍ୱର ଅତ୍ୟନ୍ତ ଜଡ଼ମତି ଥିବାରୁ କୌଣସି ପ୍ରଶ୍ନର ଉତ୍ତର ଦେଇ-ପାରନ୍ତିନାହିଁ । ସେଥିଲାଗି ପିତା ତାଙ୍କୁ କଟୁ ଭର୍ତ୍ସନା କରନ୍ତି । ଏଥିରେ ଅତ୍ୟନ୍ତ ମ୍ରିୟମାଣ ହୋଇ ସିଦ୍ଧେଶ୍ୱର (ସାରଳାଦାସ) ଜଗଦମ୍ବା ମହାମାୟୀ ସାରଳାଙ୍କର ଶରଣାପନ୍ନ ହେଲେ । ତାଙ୍କର ତପସ୍ୟାରେ ପ୍ରସନ୍ନ ହୋଇ ଦେବୀ ତାଙ୍କୁ ବର ମାଗିବାକୁ କହିବାରୁ ସେ କହିଲେ, "ମୁଁ ମହାଭାରତ ରଚନା କରିବାକୁ ଚାହେଁ ।" ତାହାଙ୍କର ଏହି ଉତ୍ତରରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଦେବୀ କହିଲେ, "ତୁ ଖେଦାଲେଖନ ଧରି ନୀଳ କଳ୍ପବଟ ମୂଳରେ ବସ । ଯାହା ଶୁଭିବ ଲେଖି ଯା ।" ସେହିଦିନଠାରୁ ସାରଳାଦାସ ମହାଭାରତ ଓ ଅନ୍ୟାନ୍ୟ ପୁରାଣ ରଚନା କରିବାକୁ ଲାଗିଲେ ।

ଏହିପରି ଅନ୍ୟ ଏକ କିମ୍ବଦନ୍ତୀର ଉଲ୍ଲେଖ ମଧ୍ୟ 'ସାରଳାଚରିତ'ରେ ଦୃଷ୍ଟ ହୁଏ । ସାରଳାଦାସ ପ୍ରତ୍ୟହ ବିଲରେ ହଳ କରନ୍ତି । ଦିନେ ହଳକର୍ମରେ ଶ୍ରାନ୍ତ ଅନୁଭବ କରିବାରୁ କ୍ଲାନ୍ତି ଅପନୋଦନ ନିମିତ୍ତ ସେ ନିଜର ପ୍ରିୟତମ ଚଉତିଶା ସୁଲଳିତ କଣ୍ଠରେ ଗାନ କରିବାକୁ ଲାଗିଲେ । ହଠାତ୍ ଗୀତର କେତୋଟି ପଦ ମନେ ନ ପଡ଼ିବାରୁ ସେ ଗାନ ବନ୍ଦ କରିଦେଲେ । ଏହି ସମୟରେ ଅପୂର୍ବ ଏକ ନାରୀମୂର୍ତ୍ତି ତାଙ୍କ ସମ୍ମୁଖରେ ଆବିର୍ଭୂତା ହୋଇ କହିଲେ, "ଗୀତ ବନ୍ଦ କଲୁ କାହିଁକି ? ଆସିଯିବ ଯେ, ବୋଲ । ତୋ ଗୀତ ମୋତେ ଖୁବ ଭଲ ଲାଗେ । ମୋର ଇଚ୍ଛା, ତୁ ମହାଭାରତ ରଚନା କରିବୁ ।" ଏତିକି କହି ଦେବୀ ଅନ୍ତର୍ହିତା ହୋଇଗଲେ । ସାରଳା ମହାଭାରତର କେତେକ ପୋଥି ଏବଂ ଛାପା ପୁସ୍ତକରେ ଏହି କିମ୍ବଦନ୍ତୀ କିଞ୍ଚିତ୍ ଭିନ୍ନାକାରରେ ବର୍ଣ୍ଣିତ ହୋଇଅଛି । ଏସବୁ କିମ୍ବଦନ୍ତୀ ଓ ଜନଶ୍ରୁତିର ବିଷୟବସ୍ତୁ ଭିନ୍ନ ହେଲେହେଁ ତାତ୍ପର୍ଯ୍ୟ ସମାନ । ଏଗୁଡ଼ିକର ନିଷ୍କର୍ଷ ହେଉଛି ଯେ ସାରଳାଦାସ ମୂର୍ଖ ଓ ଅପଣ୍ଡିତ ଥିଲେ । ସାରଳା ଦେବୀଙ୍କର ଅପାର କରୁଣାରୁ ତାଙ୍କର କବିତ୍ୱ ସ୍ଫୂର୍ତ୍ତି ହୋଇଥିଲା । ଯେତେଦୂର ଅନୁମିତ ହୁଏ ସାରଳାଙ୍କ ପରବର୍ତ୍ତୀ କାଳର ଅନୁଲେଖକଗଣ ତାହାଙ୍କ ବିନୟସୂଚକ ଉକ୍ତିସମୂହକୁ ଭିତ୍ତିକରି ନିଜ କଳ୍ପନା ଅନୁଯାୟୀ ଏହି ସବୁ ଅଦ୍ଭୁତ ଅତିମାନବିକ ଗଳ୍ପର ଅବତାରଣା କରିଅଛନ୍ତି । ସାରଳାଦାସଙ୍କ ଜୀବନୀ ଆଲୋଚନା ପ୍ରସଙ୍ଗରେ ଏଗୁଡ଼ିକର କୌଣସି ଉପଯୋଗିତା ନାହିଁ ।

## ଶୂଦ୍ରମୁନି ସାରଳା :

ସାରଳାଦାସ ତାହାଙ୍କ ଗ୍ରନ୍ଥସମୂହରେ ନିଜକୁ ଶୂଦ୍ରମୁନି ନାମରେ ଅଭିହିତ କରିଅଛନ୍ତି । ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ତାହାଙ୍କ 'ପ୍ରବନ୍ଧାବଳୀ' ପୁସ୍ତକରେ ଲେଖିଅଛନ୍ତି ଯେ କବି ବର୍ଣ୍ଣରେ ଶୂଦ୍ର ଏବଂ ଜାତିରେ ମୁନି ଥିଲେ । ମୁନିମାନେ ଦେବପୂଜକ । ରାଉଳଙ୍କ ପରି ଠାକୁରାଣୀଙ୍କ ସେବା ଏମାନଙ୍କର ପ୍ରଧାନ ବୃତ୍ତି । ସାରଳାଦାସ ଶୂଦ୍ରକୁଳରେ ମୁନି-ଜାତିରେ ଜନ୍ମଗ୍ରହଣ କରିଥିବାରୁ ନିଜକୁ ଶୂଦ୍ରମୁନି ବୋଲି କହିଅଛନ୍ତି; କିନ୍ତୁ ସାରଳାଦାସଙ୍କ ମହାଭାରତ ତଥା ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ 'ଶୂଦ୍ରମୁନି' ପଦ ଯେଉଁ ଅର୍ଥରେ ବ୍ୟବହୃତ ହୋଇଅଛି, ତହିଁରୁ ଶ୍ୟାମସୁନ୍ଦର ରାଜଗୁରୁଙ୍କ ମତବାଦର ସମୀଚୀନତା ପ୍ରତିପାଦିତ ହୁଏନାହିଁ । ଏ ସମ୍ବନ୍ଧରେ ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଅନ୍ୟ ଏକ ମତ ପ୍ରଦାନ କରିଅଛନ୍ତି । ସେ ଲେଖିଛନ୍ତି ଯେ ସାରଳାଦାସ ମହାଭାରତ ରଚନା କରିସାରିବା ପରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତସଭାର ଅନୁମୋଦନ ଲାଭ ଉଦ୍ଦେଶ୍ୟରେ ପୁରୀ ଯାଇ ମୁକ୍ତିମଣ୍ଡପ ପଣ୍ଡିତମଣ୍ଡଳୀ ସମକ୍ଷରେ ସ୍ୱରଚିତ ଅଭିନବ ପ୍ରାକୃତ ମହାଭାରତ ଉପସ୍ଥାପିତ କରିଥିଲେ; କିନ୍ତୁ ଏହି ଗ୍ରନ୍ଥରେ "ହସ୍ତୀ ବାରିଯୁଣ ତାର ଘଣ୍ଟି ବାରିଯୁଣ" ଭଳି ଅତ୍ୟନ୍ତ ଅବାସ୍ତବ ଓ ଅସମ୍ଭବ ବିଷୟର ଉଲ୍ଲେଖ ଥିବାରୁ ପଣ୍ଡିତମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏଥିରେ ଘୋର ମର୍ମାହତ ହୋଇ କବି

ରାତ୍ରିଜାଗରଣପୂର୍ବକ ଜଗନ୍ନାଥଙ୍କର ଆରାଧନା କରିବାକୁ ଲାଗିଲେ । ମହାପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ତହିଁ ପରଦିନ ସେ ଉକ୍ତ ଅଂଶର ସତ୍ୟତା ପ୍ରତିପାଦନରେ ସମର୍ଥ ହୋଇଥିଲେ । ପଣ୍ଡିତମାନେ ତାହାଙ୍କ ଯୁକ୍ତିରେ ସନ୍ତୁଷ୍ଟ ହୋଇ ତାହାଙ୍କ ମହାଭାରତକୁ ମାନ୍ୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାହାଙ୍କୁ 'ଶୂଦ୍ରମୁନି' ଉପାଧିରେ ଭୂଷିତ କରିଥିଲେ; କିନ୍ତୁ ଏହା କେବଳ ଅନୁମାନ ମାତ୍ର । ସାରଳାଙ୍କର ଗ୍ରନ୍ଥସମୂହର ଅଧ୍ୟୟନରୁ ସୂଚିତ ହୁଏ ଯେ ମହାଭାରତ ରଚନା ସମାପ୍ତିର ବହୁ ପୂର୍ବରୁ ଏପରିକି ମହାଭାରତ ରଚନାର ଆରମ୍ଭବେଳକୁ ସେ ଶୂଦ୍ରମୁନି-ରୂପେ ପରିଚିତ ହୋଇ ସାରିଥିଲେ । ପୁନଶ୍ଚ ଅପର କୌଣସି ବ୍ୟକ୍ତି ବା ଅନୁଷ୍ଠାନ ତାଙ୍କୁ ଏହି ପଦବୀରେ ଭୂଷିତ କରିନଥିଲେ । ଯେତେଦୂର ଜଣାଯାଏ ସ୍ୱରଚିତ ଗ୍ରନ୍ଥର ମହତ୍ତ୍ୱ ପ୍ରତିପାଦନ ଉଦ୍ଦେଶ୍ୟରେ ସାରଳାଦାସ ନିଜ ଇଚ୍ଛାରେ ଏହି ପଦ ଗ୍ରହଣ କରିଥିଲେ । ମହାଭାରତ ରଚନାଭଳି ଏହା ମଧ୍ୟ ସେ ସାରଳାଦେବୀଙ୍କ ନିର୍ଦ୍ଦେଶାନୁଯାୟୀ କରିଥିଲେ ବୋଲି ଉଲ୍ଲେଖ କରିଅଛନ୍ତି ।

"ଆନନ୍ଦନନ୍ଦିନୀ ଗୋ ବିଜେସିତ ମମ ହୃଦେ
ଶୂଦ୍ରମୁନି ପଦକୁ ମୁଁ ଭାଜନ ସାରଳା ପ୍ରସାଦେ ।
ଏଡ଼େବଡ଼ ପଦକୁ କିସ ମୋହର ପ୍ରତିଜ୍ଞା
ସକଳ ଜନ ତାରିଣୀ ସିଦ୍ଧ ସାରଳାର ଆଜ୍ଞା ।" (ଦ୍ରୋଣପର୍ବ-୪୯)

ରାମାୟଣ ମହାଭାରତାଦି ଅଷ୍ଟାଦଶ ପୁରାଣର ରଚୟିତାଗଣ ସମସ୍ତେ ଥିଲେ ବ୍ରାହ୍ମଣ । ତେଣୁ ସେମାନେ ଲୋକରେ ବ୍ରହ୍ମମୁନି ନାମରେ ପରିଚିତ । ସେମାନଙ୍କ ସଦୃଶ ସାରଳାଦାସ ମଧ୍ୟ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ ରଚନା କରିଥିଲେ; କିନ୍ତୁ ସେ ଥିଲେ ଜାତିରେ ଶୂଦ୍ର । ତେଣୁ ନ୍ୟାୟତଃ ଶୂଦ୍ରମୁନି ପଦ ତାଙ୍କର ପ୍ରାପ୍ୟ ।

"ସାବର୍ଣ୍ଣିକ ମନୁ ଅନ୍ତରେ ଯେ ଯମନିକ ଭାସ୍କର
ଅଷ୍ଟାଦଶ ପୁରାଣ ମୋତେ ଦିଲେ ସିଦ୍ଧ ଅକ୍ଷର ।
ସ୍ୱେତେକକୁ ଯୋଗ୍ୟ ମୋତେ କଲେ ଅଭୟ ନିରଞ୍ଜନୀ
ତେଣୁ କରି ବୋଲାଇଲି ମୁଁ ସାରଳା ଦାସ ଶୂଦ୍ରମୁନି ।" (ଦ୍ରୋଣପର୍ବ-୪୯)

× × ×

"ମୁନିଅଂଶ ହୋଇଣ ମୁଁ ଜାତ ଶୂଦ୍ରଯୋନି
ଶ୍ରୀସାରଳା ପ୍ରସନ୍ନେ ଏବେ ହୋଇଲି ଶୂଦ୍ରମୁନି ।" (ବିରାଟପର୍ବ-୭୧୧)

ଏଥିରୁ ସାରଳାଦାସଙ୍କର ଗଭୀର ଆତ୍ମବିଶ୍ୱାସ ଓ ମାତୃଭାଷାପ୍ରୀତିର ପରିଚୟ ମିଳେ । ଦେଶ ଓ ସମାଜରେ ଯେତେବେଳେ ବ୍ରାହ୍ମଣ ପଣ୍ଡିତମାନଙ୍କର ଅଖଣ୍ଡ ପ୍ରତିପତ୍ତି, ସେତେବେଳେ ସାରଳାଦାସଙ୍କ ଭଳି ପ୍ରାକୃତ ଭାଷାର ଜଣେ ଶୂଦ୍ରକବି ନିଜକୁ ଶୂଦ୍ରମୁନି-ରୂପେ ଅଭିହିତ କରିବା କମ୍ ସାହସର ପରିଚାୟକ ନୁହେଁ । ଏହି ଦୃଷ୍ଟିରୁ ସାରଳାଦାସଙ୍କୁ ପ୍ରକୃତରେ ଜଣେ ବିପ୍ଳବୀ ବୋଲି କୁହାଯାଇପାରେ ।

## ଶାସ୍ତ୍ରଦର୍ଶିତା :

ସାରଳାଦାସ ତାହାଙ୍କ ଗ୍ରନ୍ଥସମୂହରେ ସର୍ବତ୍ର ନିଜକୁ ମୂର୍ଖ, ଅପଣ୍ଡିତ, ଅଜ୍ଞାନ ଓ ଅପାଠକ ଭାବରେ ଚିତ୍ରଣ କରିଅଛନ୍ତି ।

"ସାରଳାଦାସ ଶରଣ ପଶେ ସେ ଚରଣେ
ମୂର୍ଖ ମୁହିଁ ଅପଣ୍ଡିତ ଶାସ୍ତ୍ର ହିଁ ନ ଜାଣେ ।
ଜ୍ଞାନ, ଧ୍ୟାନ, ଯୋଗ, ଲୟ କିଛି ମୋର ନାହିଁ
ଗ୍ରନ୍ଥ ଭେଦିବାକୁ ଶକ୍ତି ମୋର ଅବା କାହିଁ ।" (ବିରାଟପର୍ବ-୨)

"ଜନମହୁଁ ମୂର୍ଖ ମୁଁ ନ ଜାଣଇ ଶାସ୍ତ୍ରବିଦ୍ୟା
ନ ଜାଣି ଜପମନ୍ତ୍ର ନୋହଇ ତପସିଦ୍ଧା ।" (କର୍ଣ୍ଣପର୍ବ-୪୧)

"ହେ ବୁଧଜନେ ଜନ୍ମହୁଁ ଅପାଠୀ ଅଜ୍ଞାନୀ
ବାସ ହିଁ କୁସ୍ଥାନେ ମୁହିଁ କସ ଅବା ଜାଣି ।
ନ ପଢ଼ିଲି ଶାସ୍ତ୍ରବିଦ୍ୟା ପୁଣି ଅପାଠକ
ଅଣଅକ୍ଷର ଅମର୍ଯ୍ୟାଦା ପୁଣି ଅବିବେକ ।" (ଚଣ୍ଡୀପୁରାଣ-୧୪)

ଉପରୋକ୍ତ ଉକ୍ତିସମୂହକୁ ସାରଳାଦାସଙ୍କ ଜ୍ଞାନ ଓ ସାଧନାର ମାପକାଠି ରୂପେ ଗ୍ରହଣ କରିଯାଇ ନପାରେ । ସାରଳା-ସାହିତ୍ୟର ଛନ୍ଦେ ଛନ୍ଦେ ଆମେ ଯେଉଁ ପ୍ରଚଣ୍ଡ ପ୍ରତିଭାର ପରିସ୍ଫୁରଣ ଲକ୍ଷ୍ୟକରୁ, ତାହା କଦାପି ଜଣେ ମୂର୍ଖ, ଅଜ୍ଞାନ ଓ ଅପାଠକ ବ୍ୟକ୍ତିର କୃତି ହୋଇ ନପାରେ । ସାରଳାଦାସ ଯେ ଜଣେ ଅସାଧାରଣ ଜ୍ଞାନୀ ଓ ପଣ୍ଡିତ ବ୍ୟକ୍ତି ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ । ତେବେ ସେ ନିଜକୁ ବାରମ୍ବାର ମୂର୍ଖ ଓ ଅପଣ୍ଡିତ ବୋଲି ଘୋଷଣା କରିବାର କାରଣ କଣ ? ଏହାର ନାନା କାରଣ ଥାଇପାରେ । ପ୍ରଥମରେ ଏହା ହୁଏତ ସେକାଳରେ ଏକ ପ୍ରତିଷ୍ଠିତ କାବ୍ୟ-ପରମ୍ପରାରେ ପରିଣତ ହୋଇଥିଲା । ଉଦାହରଣ ସ୍ୱରୂପ ସାରଳାଦାସଙ୍କ ପରବର୍ତ୍ତୀ କାଳର ଦାର୍ଶନିକ ସଂସ୍କୃତ ଭାଷାରେ ସୁପଣ୍ଡିତ ଜଗନ୍ନାଥ ଦାସଙ୍କ ଭାଗବତରେ ମଧ୍ୟ ଆମେ ଏହିପରି ଦୀନତା ଓ ହୀନତାସୂଚକ ଉକ୍ତିମାନ ଦେଖିବାକୁ ପାଉ; ଦ୍ୱିତୀୟରେ ସଂସ୍କୃତ ମହାଭାରତ ଓ ଅନ୍ୟାନ୍ୟ ପୁରାଣକୁ ସର୍ବପ୍ରଥମେ ଓଡ଼ିଆରେ ରଚନା କରି ସାରଳାଦାସ ସମାଜରେ ଯେଉଁ ବିପ୍ଳବ ସୃଷ୍ଟି କରିଥିଲେ, ତଦ୍ଦ୍ୱାରା ସେ ଅଗାଧ ପ୍ରତିପତ୍ତିଶାଳୀ ବ୍ରାହ୍ମଣ ପଣ୍ଡିତ ତଥା ସମସାମୟିକ ଶିଷ୍ଟମଣ୍ଡଳୀର ଚକ୍ଷୁଶୂଳ ଓ ଅସୂୟାଭାଜନ ହୋଇଥିବା ନିଶ୍ଚିତ । ତେଣୁ ସେମାନଙ୍କର କୋପଶାନ୍ତି ନିମିତ୍ତ ସେ ବୋଧହୁଏ ନିଜକୁ ମୂର୍ଖ, ଅପଣ୍ଡିତ ଓ ଅଜ୍ଞାନ ବୋଲି ପ୍ରତିପାଦିତ କରିବା ପାଇଁ ଚେଷ୍ଟା କରିଅଛନ୍ତି । ଏଥି ସହିତ ସେ ପୁଣି କୈଫିୟତ ବାଢ଼ିଛନ୍ତି ଯେ ଏସବୁ ପୁରାଣଶାସ୍ତ୍ର ମହାମାୟୀ ଜଗଦମ୍ବା ସାରଳାଦେବୀଙ୍କର ଶ୍ରୀମୁଖବଚନ । ଏଥିରେ ତାଙ୍କ ନିଜର କୌଣସି କୃତିତ୍ୱ ବା କର୍ତ୍ତୃତ୍ୱ ନାହିଁ ।

"ନରମଦା ସରସ୍ୱତୀ କୃପାଜଳ କୁମାରୀ
ସିନ୍ଧୁ ସଙ୍ଗମତୀର୍ଥ ଆଜ୍ଞାବ୍ରତକାରୀ ।
ମୋତେ କସ ଗୋଚର ଗଙ୍ଗାବାଲି ଲେଖା
ଜଙ୍ଖେରପୁରବାସିନୀ ସାରଳା ମୋର ସାଖୀ ।
ଆହୋ ବୁଧଜନେ ନ ଘେନମା ମୋର ଦୋଷ
ସେ ଯାହା କହନ୍ତି ମୁଁ ତାହା କରଇ ପ୍ରକାଶ ।
ମାନବ ହୋଇ ମୁଁ ତାହାଙ୍କ ରୂପ ଯେ ଦେଖିଲି
ସେ ଯାହା ବୋଲେ କହଇ ମୁଁ ତାହା ଲେଖିଲି ।
ମୁହିଁ ଶୂଦ୍ର ମୂର୍ଖ ଅଜ୍ଞାନ ଅପଣ୍ଡିତ
ମୁଁ କାହିଁ କହିବ ପୁରାଣ ଅକଳିତ ଶ୍ରୀମହାଭାରତ ।
ନ ପଢ଼ିଲି ନ ଶୁଣିଲି ନ ଭାବିଲି ଗତପୁଣ୍ୟେ
ଅଷ୍ଟାଦଶ ପର୍ବ କଲି ମୁଁ ସାରଳା ପ୍ରସନ୍ନେ ।" (ଉଦ୍‌ଯୋଗ ପର୍ବ-୨୭)

ଉପରୋକ୍ତ ଉକ୍ତିସମୂହରୁ ଆହୁରି ମଧ୍ୟ ସୂଚନା ମିଳେ ଯେ ସାରଳାଦାସ ଆଦ୍ୟ ଯୌବନରେ ଉଚ୍ଚଶିକ୍ଷା ଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ । ସେ ନିଜର ଗ୍ରନ୍ଥସମୂହରେ ଏକଥା ସ୍ପଷ୍ଟଭାବରେ ଉଲ୍ଲେଖ କରିଅଛନ୍ତି ।

"ଗ୍ରାମରେ ମୋହର ପାଠ ସାଧି ନାହିଁ ଭଲେ
ନିକଟେ ଶାସନ ନାହିଁ ନ ବସିଲି ପୁରାଣିକଙ୍କ ତୁଲେ ।
ଶାସ୍ତ୍ରପାଠ ପଢ଼ିନାହିଁ ମୁଁ କାହାରି ତୁଲେ
ଦୋଷ ନ ଧରିବ ମୋର ଏଥି ଦୋଷ ଥିଲେ ।" (ଦ୍ରୋଣପର୍ବ-୭୪)

× × ×

"ବାଳକାଳେ ତ ନ ପଢ଼ିଲି ନ ଜାଣିଲି ଅକ୍ଷର
ସମ୍ପ୍ରତି କହିବାକୁ କସ ସାଧ୍ୟ ମୋହର ।" (ବିରାଟପର୍ବ-୨୦୯)

ଉଚ୍ଚଶିକ୍ଷାଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ ହେଁ ସାରଳାଦାସ ତାହାଙ୍କ ବାଲ୍ୟ ଓ କୈଶୋରରେ ଗ୍ରାମ୍ୟ ଚାଟଶାଳୀରେ ଲିଖନପଠନାଦି ପ୍ରାରମ୍ଭିକ ଶିକ୍ଷାଲାଭ କରିଥିବା ଅନୁମିତ ହୁଏ । ମଧ୍ୟପର୍ବରେ ରାମକୃଷ୍ଣଙ୍କର ବିଦ୍ୟାଶିକ୍ଷା ବର୍ଣ୍ଣନା ପ୍ରସଙ୍ଗରେ ସେ ପଞ୍ଚଦଶ ଶତାବ୍ଦୀର ଉତ୍କଳରେ ଅନୁସୃତ ଚାଟଶାଳୀ ଶିକ୍ଷା ପଦ୍ଧତିର ଯେଉଁ ସୁବିସ୍ତୃତ ଓ ପ୍ରାଣବନ୍ତ ଚିତ୍ର ପ୍ରଦାନ କରିଅଛନ୍ତି, ତାହା ଯେ ତାହାଙ୍କ ବ୍ୟକ୍ତିଗତ ଅନୁଭୂତି ଉପରେ ପ୍ରତିଷ୍ଠିତ ଏଥିରେ ସନ୍ଦେହ ନାହିଁ ।

"ଶ୍ରୀଫଳା ଲଣ୍ଡି ଗୁରୁ ବାଳେକ ଆଗରେ
ଦେଖିଣ ଶିଖିଲେ କୃଷ୍ଣ କଲେବରେ ।

ଦୁତୀୟେଣ ଗୁରୁଦେବ ଲିହିଲେକ ଫଳା
ତାହା ଦେଖି ଶିଖିଲେ ଦେବଙ୍କ ବେନି ବଳା ।
ଚଉବିଂଶ ଅକ୍ଷର ପୁଣ ବାର ହିଁ ଯେ ମାନ୍ତ୍ରା
ଦେଖି ଶିଖିଲେ ସ୍ୱାମୀ ଧାର୍ମିକ ବୁଦ୍ଧିବନ୍ତା ।
ସିଦ୍ଧି କଂ କ୍ୟ ଝ କ୍ଳ କ୍ୱ କ୍ନ କ୍ମ କର୍କ ଝ୍ୟ ଝ
ଶିଖିଲୁନ୍ତି ଗୁରୁ ହେ ଆବର କି ପାଠ କହ ।
କ୍ଳ କ୍ନ କ୍ୱ କ୍ମ କ୍ତ ସ୍କ ସ୍ତ ଷ୍ଣ ଅଂଶଯୋଗ
ଏତେକ ଗୁରୁ ହୋଇଲାକ ଭୋଗ ।
ଚଉବିଂଶ ଅକ୍ଷର ଯେ ଚଉବିଂଶ ଫଳା
ଏକାଦିନକେ ଲିହି ପଢ଼ିବା ହୋଇଲା ।
ଗୁହିଁବା ମାନ୍ତ୍ରକେ ଦେବ ଶିଖିଲେ ବନା
ସାଧିଲେ ଶିଲୋକ ନ ଦେଖି ନିଚହ୍ନା ।"

ବର୍ଣ୍ଣଶିକ୍ଷା ଓ ପଦ୍ୟାବୃତ୍ତି ସଙ୍ଗେ ସାମାନ୍ୟ ଗଣିତଶିକ୍ଷା ଓ ପତ୍ରଲିଖନ ସେକାଳରେ ଚାଟଶାଳୀ ଶିକ୍ଷାର ପ୍ରଧାନ ଅଙ୍ଗ ଥିଲା । ସାରଳାଦାସ ତାଙ୍କର ଗ୍ରନ୍ଥସମୂହରେ ଯେଉଁସବୁ ଆଜ୍ଞା-ପତ୍ରିକା ଓ ଶ୍ରୀମୁଖର ବର୍ଣ୍ଣନା କରିଅଛନ୍ତି ସେଗୁଡ଼ିକରୁ ସେକାଳର ବିଦ୍ୟାଳୟମାନଙ୍କରେ ପଢ଼ାଯାଉଥିବା ପତ୍ରଲିଖନର ଆଦର୍ଶ ସୂଚିତ ହୁଏ । ଯେତେଦୂର ସମ୍ଭବ ଚାଟଶାଳୀଶିକ୍ଷା ସମାପ୍ତି ପରେ ସାରଳାଦାସ ଉଚ୍ଚଶିକ୍ଷାଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ । ସେଥିପାଇଁ ଉତ୍ତରଜୀବନରେ ସେ ଏଥିଲାଗି ଘୋର ଖେଦ ପ୍ରକାଶ କରିଛନ୍ତି । ସାରଳାଦାସଙ୍କ ଗ୍ରନ୍ଥାବଳୀ ପାଠକରିବା ସମୟରେ ତାହାଙ୍କ ପ୍ରାଣର ସେହି ମର୍ମନ୍ତୁଦ ବେଦନା ପାଠକର ପ୍ରାଣକୁ ଗଭୀରଭାବରେ ସ୍ପର୍ଶକରେ ।

ପରିବେଷ୍ଟନୀର ପ୍ରତିକୂଳତା ହେତୁ ସାରଳାଦାସ ଉଚ୍ଚଶିକ୍ଷାଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ ହେଁ ଜ୍ଞାନାହରଣରୁ ନିବୃତ୍ତ ହୋଇନଥିଲେ । ତାଙ୍କର ଜ୍ଞାନପିପାସା ଥିଲା ଅନନ୍ତ ଓ ଅସୀମ ଏବଂ ବିଶାଳ ପ୍ରକୃତି ଓ ବିରାଟ ସଂସାର ଥିଲା ତାଙ୍କର ଶିକ୍ଷାୟତନ । ସେ ଅସାଧାରଣ ଧୀଶକ୍ତିସମ୍ପନ୍ନ ଥିଲେ ଏବଂ ତାଙ୍କର ସ୍ମରଣଶକ୍ତି ଥିଲା ଅଦ୍ଭୁତ । ସେ ଯାହା ଦେଖୁଥିଲେ ଓ ଶୁଣୁଥିଲେ ତହିଁରୁ ଶିକ୍ଷାଲାଭ କରୁଥିଲେ । ["ସ୍ୱାମୀ ନ ଗଲି ତୀର୍ଥ ଯେ ନ କଲି ଧର୍ମମାନ / ଶ୍ରବଣେ ଶୁଣିଲି ଯାହା ଦେଖିଲି ନୟନ ।"—ବିରାଟପର୍ବ-୭୪] ସାରଳାଦାସ ଆଦ୍ୟ ଜୀବନରେ ଉଚ୍ଚଶିକ୍ଷାଲାଭର ସୁଯୋଗରୁ ବଞ୍ଚିତ ହୋଇଥିଲେ ମଧ୍ୟ ପ୍ରାକ୍ତନ ସଂସ୍କାର, ଶ୍ରମ ଓ ସାଧନାବଳରେ ଅମିତଜ୍ଞାନ ଓ ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ହୋଇପାରିଥିଲେ । ସାରଳାଦାସ ଯେ କେବଳ ସୁପଣ୍ଡିତ ଥିଲେ ତାହା ନୁହେଁ, ନିଜ ପାଣ୍ଡିତ୍ୟ ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ସଚେତନ ମଧ୍ୟ ଥିଲେ । ସେ କିନ୍ତୁ ଏହାକୁ ନିଜର କରଣି ବୋଲି ମନେ ନ କରି

ଦେବାଦେଶ ଓ ଦେବାଶିଷର ପରିଣାମ ବୋଲି ବିବେଚନା କରୁଥିଲେ । ଦେଶଭକ୍ତ, ଧର୍ମ-ପରାୟଣ ଓ ଈଶ୍ୱରବିଶ୍ୱାସୀ ସାରଳାଦାସଙ୍କ ପକ୍ଷରେ ଏହା ଅତ୍ୟନ୍ତ ସ୍ୱାଭାବିକ ଥିଲି ।

"ନ ପଢ଼ି ପଣ୍ଡିତ ମୁଁ କଲାଇଁ ଅଭ୍ୟାସ
ବିଦନ୍ତି ଶୂଦ୍ରମୁନି ଗନ୍ଥିକ ଶ୍ରୀ ସାରଳାଦାସ ।
ସାରୋଳାର ରୂପେ ମୋତେ କହିଲୁ ଯେବଣ ଗ୍ରନ୍ଥ
ତେଣୁ ଜଗତେ ମୋତେ ବୋଲନ୍ତି ପଣ୍ଡିତ ।" (ମଧ୍ୟପର୍ବ-୪୦୧)

× × ×

"ଜଗନ୍ନାଥ ସ୍ୱାମୀଙ୍କର ଚରଣ ଅରବିନ୍ଦେ
ସେ କେଶର ଚୁମ୍ବିଇ ମୁଁ ହୋଇଣ ମକରନ୍ଦେ ।
ସେ ସ୍ୱାମୀର ଚରଣେ ଶରଣ ମୁହିଁ ନତେ୍ୟ
ତେଣୁକରି ହୋଇଲି ମୁଁ ପରମ ପଣ୍ଡିତେ ।" (ଶ୍ରୀଷ୍ମପର୍ବ-୨୩୭)

× × ×

"ମୁନି ଅଂଶେ ଜାତ ହୋଇଲେ କାବ୍ୟ ପାରଇ କହି
ନ ପଢ଼ିଣ ବିଦ୍ୟା ଯେ ସାଧନ କଲି ମୁହିଁ ।" (ବନପର୍ବ-୧୯୮)

× × ×

"ନ ପଢ଼ି ପଣ୍ଡିତ ମୁଁ ନ ଜାଣି ଶାସ୍ତ୍ରବାଣୀ
ବହୁତ ଅନ୍ୟାଗ୍ରର ଛଡ଼ାଇ ମୋତେ ଆଣି ।" (ବନପର୍ବ-୪୩୨)

ଉପରୋକ୍ତ ଉକ୍ତିସମୂହରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ସାରଳାଦାସ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନରେ ନିୟମିତ ଶିକ୍ଷା ଗ୍ରହଣ ନ କରି ମଧ୍ୟ ଆତ୍ମଚେଷ୍ଟା ଓ ଅଖଣ୍ଡ ସାଧନାବଳରେ ଅଖିଳ ଜ୍ଞାନର ଅଧିକାରୀ ହେବା ସଙ୍ଗେ ସଙ୍ଗେ ସୁପଣ୍ଡିତ ରୂପେ ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ମହାଭାରତ ଅଧ୍ୟୟନରୁ ଜଣାଯାଏ ଯେ ଭାରତୀୟ ପୁରାଣ ସାହିତ୍ୟରେ ସାରଳା-ଦାସଙ୍କର ଗଭୀର ପ୍ରବେଶ ଥିଲି । ରାମାୟଣ, ମହାଭାରତ, ଅଷ୍ଟାଦଶ ପୁରାଣ ଓ ବହୁ ଉପପୁରାଣ ସେ ଆୟତ୍ତ କରିଥିଲେ ।

"ସ୍ୱାମୀ ଅଷ୍ଟାଦଶ ପୁରାଣ ଲେଖନ ପଠନେ
ହରିଲି ଦୁଷ୍କୃତ ବିଘ୍ନରାଜଙ୍କ ପ୍ରସନ୍ନେ ।" (ସଭାପର୍ବ-୧୧୨)

× × ×

"ବିଷ୍ଣୁ ପୁରାଣ ରାଜା ପାଦ ମାର୍କଣ୍ଡ ପୁରାଣ
ଶିବ ପୁରାଣ ମନ୍ତ୍ରୀ ଡଗର ନାରଦ ପୁରାଣ ।
ବାମନ ବରେହା ଗରୁଡ଼ କାଳିକା ପୁରାଣ
ନରସିଂହ ମତ୍ସ୍ୟ କୁରୁମ ପୁରାଣ ବଉଦ କଲକୀ ବଖାଣ ।
ସାବର୍ତ୍ତିକ ମନୁ ଅନ୍ତରେ ଯେ ଯମନକ ଭାସ୍କର
ଅଷ୍ଟାଦଶ ପୁରାଣ ମୋତେ ଦିଲେ ସିଦ୍ଧ ଅକ୍ଷର ।" (ଦ୍ରୋଣପର୍ବ)

ସାରଳାଙ୍କ ବୋଲକୁ ଝଙ୍କଡ଼ର ସାରଳାପୀଠ ପବିତ୍ର ସାରସ୍ୱତଧାମ ରୂପେ ପ୍ରସିଦ୍ଧି ଲାଭ କରିପାରିଥିଲା ଏବଂ ପୁରାଣ ପାଠ ଓ ପୁରାଣ ଆଲୋଚନା ଦେବୀପୀଠର ନିତ୍ୟକର୍ମ-ରୂପେ ବିବେଚିତ ହେଉଥିଲା । ମହାଭାରତ ଆଦିପର୍ବରେ ସାରଳାବନ୍ଦନା ପ୍ରସଙ୍ଗରେ ସାରଳାଦାସ ଲେଖିଛନ୍ତି—

"ସର୍ବମଙ୍ଗଳା ରୂପ ମହାଭାରତ ମତିଭୋଳୀ
ଗ୍ରନ୍ଥ ଅର୍ଥ ଶୁଣଇ ସେ ହରଷେ କୁତୂହଳୀ ।"

ଏଥିରେ ଅନୁପ୍ରାଣିତ ହୋଇ ସାରଳାଦାସ ପୁରାଣ ପାଠ ଓ ପୁରାଣ ରଚନା ପ୍ରତି ଆକୃଷ୍ଟ ହୋଇଥିବେ ।

ଅନେକଙ୍କର ଧାରଣା ଯେ ସାରଳାଦାସ ସଂସ୍କୃତଭାଷା ଜାଣିନଥିଲେ ଏବଂ ବ୍ରାହ୍ମଣ ପଣ୍ଡିତମାନଙ୍କଠାରୁ ରାମାୟଣ, ମହାଭାରତ ଓ ପୁରାଣ ଶୁଣି ତହିଁରେ ନିଜ କଳ୍ପନା ମିଶ୍ରିତ କରି ଗ୍ରନ୍ଥରଚନା କରିଯାଇଛନ୍ତି । ସେଥିପାଇଁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ମଧ୍ୟରେ ଘୋର ଅମେଳ ପରିଲକ୍ଷିତ ହୁଏ; କିନ୍ତୁ ସାରଳା ମହାଭାରତ ଅଧ୍ୟୟନରୁ ଜଣାଯାଏ ଯେ ସେ ସଂସ୍କୃତଭାଷାରେ ସଂପୂର୍ଣ୍ଣ ଅନଭିଜ୍ଞ ନଥିଲେ । ତାହାଙ୍କ ମହାଭାରତରେ ସ୍ଥାନେ ସ୍ଥାନେ ସଂସ୍କୃତ ବାକ୍ୟାଂଶସମୂହର ବ୍ୟବହାର ଦେଖିବାକୁ ମିଳେ । ମହାଭାରତୀୟ ଚରିତ୍ର-ସମୂହର ଲୋକପ୍ରଚଳିତ ନାମଗୁଡ଼ିକର ସେ ଯେଉଁ ଅଭିନବ ବ୍ୟାଖ୍ୟା ପ୍ରଦାନ କରିଅଛନ୍ତି, ତହିଁରୁ ତାହାଙ୍କ ସଂସ୍କୃତଜ୍ଞାନର ପରିଚୟ ମିଳେ । ଉଦାହରଣ ସ୍ୱରୂପ ସଂସ୍କୃତ ଯୁଧିଷ୍ଠିର, ଧନଞ୍ଜୟ, ସବ୍ୟଶାଚୀ ଓ ଅଭିମନ୍ୟୁ ଆଦି ଶବ୍ଦଗୁଡ଼ିକ ଲୋକରେ ଯୁଯେଷ୍ଠି, ଧନୁର୍ଜୟ, ସର୍ବଶାଚୀ ଓ ଅଭିମନୁ ରୂପେ ଉଚ୍ଚାରିତ ହୋଇଥାଏ । ସାରଳାଦାସ ଉକ୍ତ ଶବ୍ଦଗୁଡ଼ିକର ସଂସ୍କୃତ ବ୍ୟାଖ୍ୟା ଗ୍ରହଣ ନକରି ନିଜର କଳ୍ପନା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ବ୍ୟାଖ୍ୟା କରିଯାଇଛନ୍ତି । ଯୁଧିଷ୍ଠିର ଦ୍ୱିତୀୟ ଜ୍ୟେଷ୍ଠ ହୋଇଥିବାରୁ ତାଙ୍କ ନାମ ଯୁଯେଷ୍ଠି । ଅର୍ଜୁନ ଶର ଦ୍ୱାରା ସମଗ୍ର ପୃଥିବୀକୁ ଜୟ କରିବାକୁ ସମର୍ଥ; ତେଣୁ ତାଙ୍କର ନାମ ହେଲା ଧନୁର୍ଜୟ ଓ ସର୍ବଶାଚୀ । ଅଭିମନ୍ୟୁ ପୂର୍ବଜନ୍ମରେ ଥିଲେ ସ୍ୱର୍ଗର ଅଭୟମନୁ; ତେଣୁ ତାଙ୍କର ନାମ ହେଲା ଅଭିମନୁ । ବନମାଳୀ, ଶ୍ରୀବତ୍ସ, ଜନାର୍ଦ୍ଦନ ଓ ଶ୍ରୀଖଣ୍ଡୀ ଆଦି ଶବ୍ଦର ସଂପୂର୍ଣ୍ଣ ଅଭିନବ ବ୍ୟାଖ୍ୟା ମଧ୍ୟ ସେ ପ୍ରଦାନ କରିଅଛନ୍ତି; ଅଥଚ ତାହାଙ୍କଦ୍ୱାରା ପ୍ରଦତ୍ତ କୌଣସି ଗୋଟିଏ ହେଲେ ଅର୍ଥ ଅସଙ୍ଗତ ଓ ଅପ୍ରାସଙ୍ଗିକ ବୋଧହୁଏ ନାହିଁ । 'ବନମାଳୀ' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ସେ କହୁଅଛନ୍ତି : "ସର୍ବବର୍ଣ୍ଣ ଏକତ୍ର କରି ଶରୀର ସମ୍ଭାଳି / ତେଣୁ ସେ ନାମ ତୋହର ବହିଲୁ ବନମାଳୀ ।" ( ବନପର୍ବ-୩୭୨ ) ସଂସ୍କୃତଭାଷାରେ ପ୍ରବେଶ ନଥିଲେ ଏହା କଦାପି ସମ୍ଭବପର ହୋଇନଥାନ୍ତା । ସଂସ୍କୃତ ଧାତୁ ଓ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗକରି ସେ ଅସଂଖ୍ୟ ନୂତନ ଶବ୍ଦ ସୃଷ୍ଟି କରିଅଛନ୍ତି ।

ଉଦାହରଣ ସ୍ୱରୂପ ସଂସ୍କୃତ ଦୃଷ୍ ଧାତୁରୁ 'ଦୃଷୁଆଇଲ', ବଚ୍ ଧାତୁରୁ 'ବଞ୍ଚାଇଲ', ତୁଲ୍ ଧାତୁରୁ 'ତୁଲଅଇଲ', ପାତାଳ ଶବ୍ଦରୁ ପାତାଳୀ କରିବା ଇତ୍ୟାଦି ଶବ୍ଦ ଗଢ଼ି ସେ ସ୍ୱ ସଂସ୍କୃତଜ୍ଞାନର ପରିଚୟ ପ୍ରଦାନ କରିଅଛନ୍ତି । ବାସେବି, କାମେନୀ, ସୁନ୍ଦେଶ୍ୱି, ପାବେନ, ରୋଧିର, ବୋବେର, ସ୍ୱତୀ (ସତୀ), ତୃପ୍ତି, ଛଦ୍ରମ, ଅନ୍ଧତ୍କାର ପ୍ରଭୃତି ସାରଳା ମହାଭାରତର କେତେକ ଶବ୍ଦକୁ ଭିତ୍ତିକରି କେହି କେହି ମତ ପ୍ରଦାନକରନ୍ତି ଯେ ସାରଳା ସଂସ୍କୃତଭାଷାରେ ଅନଭିଜ୍ଞ ଥିବାରୁ ଏପରି ଉଚ୍ଚାରଣଗତ ବ୍ୟତିକ୍ରମକୁ ପ୍ରଶ୍ରୟ ଦେଇଛନ୍ତି; କିନ୍ତୁ ଏହା ଠିକ୍ ନୁହେଁ । ସାରଳାଦାସଙ୍କ ରଚନାବଳୀ ମୁଖ୍ୟତଃ ଗ୍ରାମୀଣ ଜନତା ପାଇଁ ଉଦ୍ଦିଷ୍ଟ ଥିଲା; ତେଣୁ ସେ ତାହାଙ୍କ ଗ୍ରନ୍ଥସମୂହରେ କଥିତ ଭାଷା ଓ ଲୋକରେ ପ୍ରଚଳିତ ଉଚ୍ଚାରଣକୁ ପ୍ରାଧାନ୍ୟ ଦେଇଛନ୍ତି । ଅଦ୍ୟାବଧି ଉତ୍କଳର ପୁରପଲ୍ଲୀରେ ଉପରୋକ୍ତ ଉଚ୍ଚାରଣ ପଦ୍ଧତି ଅନୁସୃତ ହେଉଥିବାର ଦେଖାଯାଏ । ତେଣୁ ସାରଳାଦାସ ସଂସ୍କୃତଭାଷାରେ ସୁପଣ୍ଡିତ ନ ହୋଇଥିଲେ ହେଁ, ସେ ଯେ ସଂସ୍କୃତ ବୁଝିପାରୁଥିଲେ, ଏଥିରେ ସନ୍ଦେହ ନାହିଁ । ଯଥାର୍ଥରେ ସାରଳାଙ୍କ ଭାଷାର ପରିଚ୍ଛଦ ହେଉଛି ପ୍ରାକୃତ; କିନ୍ତୁ ପ୍ରାଣ ସଂସ୍କୃତ । ବିରାଟପର୍ବରେ ସାରଳାଦାସ ଲେଖିଛନ୍ତି : "ନୟନେ ଦେଖଇ ଗୋ ମୁଁ ଲହଇ ଶାସ୍ତ୍ରଯୋଗେ / ବିରାଟପର୍ବକୁ ବଞ୍ଚାଇଲି ଶ୍ଲୋକ ଗୀତ ବାଗେ ।" ( ବିରାଟପର୍ବ-୨୯୧ ) ।

ଏଥିରୁ ଜଣାଯାଏ ଯେ ସାରଳାଦାସ ମୂଳ ସଂସ୍କୃତ ମହାଭାରତ ସହିତ ଅପରିଚିତ ନଥିଲେ । ସଂସ୍କୃତ ପୁରାଣମାନଙ୍କ ବ୍ୟତୀତ ବିଷ୍ଣୁଶର୍ମାରଚିତ ହିତୋପଦେଶ ଓ ପଞ୍ଚତନ୍ତ୍ର, ଜୟଦେବଙ୍କ ଗୀତଗୋବିନ୍ଦ ଏବଂ କାଳିଦାସଙ୍କ ରଘୁବଂଶ ଓ କୁମାରସମ୍ଭବ ଆଦି ସଂସ୍କୃତ ସାହିତ୍ୟର ଅମର ରଚନାବଳୀ ସମ୍ବନ୍ଧରେ ସାରଳାଦାସ ସମ୍ୟକ୍ ଅବହିତ ଥିବା ବିଷୟ ତାହାଙ୍କ ଗ୍ରନ୍ଥସମୂହର ଅନୁଧ୍ୟାନରୁ ଜଣାପଡ଼େ । ମହାଭାରତ ଆଦିପର୍ବରେ ଦ୍ରୌପଦୀ ସ୍ୱୟମ୍ବରବର୍ଣ୍ଣନାରେ ସାରଳାଦାସ ରଘୁବଂଶବର୍ଣ୍ଣିତ ଇନ୍ଦୁମତୀ ସ୍ୱୟମ୍ବରଦ୍ୱାରା ପ୍ରଭାବିତ ହୋଇଥିବା ସୁନିଶ୍ଚିତ । ବନପର୍ବବର୍ଣ୍ଣିତ ଦଶରଥଙ୍କ ପ୍ରତି କପିଳାର ଅଭିଶାପ, ଦଶରଥଙ୍କର କପିଳା-ସେବା, ନିଜ ଜୀବନ ବିନିମୟରେ ବ୍ୟାଘ୍ର ଆକ୍ରମଣରୁ କପିଳାର ରକ୍ଷା ଏବଂ ପରିଶେଷରେ ଦଶରଥଙ୍କୁ କପିଳାର ବରଦାନ ଆଦି ଘଟଣାମାନଙ୍କରେ 'ରଘୁବଂଶ' ବର୍ଣ୍ଣିତ ଦିଲୀପ-ନନ୍ଦିନୀ ଉପାଖ୍ୟାନର ଛାୟାପାତ ଦ୍ରଷ୍ଟବ୍ୟ । ହରିସେନଙ୍କ ବର୍ଣ୍ଣିତ ସମୁଦ୍ରଗୁପ୍ତଙ୍କ ଦିଗ୍ବିଜୟକୁ ଭିତ୍ତିକରି କାଳିଦାସ ରଘୁଙ୍କ ଦିଗ୍ବିଜୟ ବର୍ଣ୍ଣନା କରିବା ପରି ସାରଳାଦାସ କପିଳେନ୍ଦ୍ରଦେବଙ୍କ ଦାକ୍ଷିଣାତ୍ୟ ଅଭିଯାନକୁ ଭିତ୍ତିକରି ପାଣ୍ଡବମାନଙ୍କର ଦକ୍ଷିଣ କୋଶଳ ଜୈତ୍ରଯାତ୍ରାର ପରିକଳ୍ପନା କରିଅଛନ୍ତି । ଖଞ୍ଜନକାର ବୃତ୍ତାନ୍ତ, ରାଧାକୃଷ୍ଣକେଳି ବର୍ଣ୍ଣନା ଏବଂ ଦଶାବତାର ବର୍ଣ୍ଣନାରେ ଗୀତଗୋବିନ୍ଦକାର ଜୟଦେବଙ୍କ ପ୍ରଭାବ ସୁସ୍ପଷ୍ଟ ।

"ରାଧା ମାଧବ ବେନି କୁଞ୍ଜଲତା ତଳେ
ବହିଇ ମଳୟାନିଳ ବସନ୍ତ ଶୟଳେ ।
ରାଧା ମାଧବର ଶୃଙ୍ଗାର ପ୍ରତୋଷେ
ବଢ଼ିଲା ଅନଙ୍ଗରସ ପ୍ରେମର ଲାଳସେ ।" ( ବନପର୍ବ-୩୬୪ )

ଏହା ଯେ ନିଶ୍ଚିତଭାବରେ ଗୀତଗୋବିନ୍ଦର ପ୍ରତିଧ୍ୱନି ଏ କଥା ବୁଝାଇ କହିବାର ପ୍ରୟୋଜନ ନାହିଁ । ପଞ୍ଚତନ୍ତ୍ରର ସିଂହ-ଶୃଗାଳ ଏବଂ ବକ-କର୍କଟ ଉପାଖ୍ୟାନ ସାରଳାଦାସ ଅବିକଳ ଉଦ୍ଧାର କରିଛନ୍ତି । ସାରଳାଦାସ କାଳିଦାସଙ୍କ 'କୁମାରସମ୍ଭବ' କାବ୍ୟ ସହିତ ପରିଚିତ ଥିବା ମଧ୍ୟ ଅନୁମିତ ହୁଏ । କାଳିଦାସ ପାର୍ବତୀ-ପରମେଶ୍ୱରଙ୍କର ଶୃଙ୍ଗାର ବର୍ଣ୍ଣନା କରି ସମାଲୋଚକମାନଙ୍କଦ୍ୱାରା ନିନ୍ଦିତ ହୋଇଥିଲେ । ତଦନୁକରଣରେ ସାରଳାଦାସ ମଧ୍ୟ ଉଲ୍ଲେଖ କରିଅଛନ୍ତି ଯେ, ପୂର୍ବଜନ୍ମରେ ସେ ଶିବଙ୍କ ଦ୍ୱାରପାଳ ଥିବା କାଳରେ ଏକ ଅସତର୍କ ମୁହୂର୍ତ୍ତିରେ ଶିବ-ପାର୍ବତୀଙ୍କ ଏକାନ୍ତ ଅବସ୍ଥାନ ଅବଲୋକନ କରି ମର୍ତ୍ତ୍ୟରେ ମନୁଷ୍ୟରୂପରେ ଜନ୍ମଗ୍ରହଣ କରିବା ନିମିତ୍ତ ତାହାଙ୍କଦ୍ୱାରା ଅଭିଶପ୍ତ ହୋଇଥିଲେ । 'କୁମାରସମ୍ଭବ' କାବ୍ୟରେ ଶିବ-ପାର୍ବତୀଙ୍କ ହୃଦୟର ନିଷ୍ଠା ପରୀକ୍ଷାକରିବା ଉଦ୍ଦେଶ୍ୟରେ ଛଦ୍ମବେଶୀ ବ୍ରାହ୍ମଣ ବେଶରେ ତାହାଙ୍କ ସମ୍ମୁଖରେ ଅବତୀର୍ଣ୍ଣ ହୋଇ ଶିବଙ୍କର ନିନ୍ଦାଗାନ କରିବା ପରି ସାରଳା ମହାଭାରତରେ ନାରଦ ପାର୍ବତୀଙ୍କର ଅନ୍ତରର ନିଷ୍ଠା ପରୀକ୍ଷା କରିବା ନିମିତ୍ତ ଶ୍ମଶାନବାସୀ ଶିବଙ୍କର ନାନା ଦୁର୍ଗୁଣର ଉଲ୍ଲେଖ କରିଅଛନ୍ତି । ଯେତେଦୂର ଅନୁମିତ ହୁଏ, କାଳିଦାସ ଥିଲେ ସାରଳାଙ୍କର ସବୁଠାରୁ ପ୍ରିୟ କବି । ସେଥିପାଇଁ ସେ ଲେଖିଛନ୍ତି—"ପ୍ରଥମ ଜନ୍ମରେ ମୁଁ ହେବି କାଳିଦାସ ।" କେତେକ ମତ ପ୍ରଦାନ କରନ୍ତି ଯେ ସାରଳାଦାସ ଶ୍ରୀମଦ୍ ଭଗବଦ୍ ଗୀତାର ବିଷୟବସ୍ତୁ ସହିତ ପରିଚିତ ନଥିଲେ । ସେଥିପାଇଁ ଗୀତା ସଂସ୍କୃତ ମହାଭାରତର ସାରଭୂତ ଅଂଶ ରୂପେ ପରିଗଣିତ ହେଲେ ମଧ୍ୟ ସାରଳାଦାସ ତଦୀୟ ମହାଭାରତରେ ଗୀତା-ବର୍ଣ୍ଣିତ ଅମୂଲ୍ୟ ଉପଦେଶାବଳୀର ଉଲ୍ଲେଖ କରିନାହାନ୍ତି; କିନ୍ତୁ ଏ ମତ ଠିକ୍ ବୋଲି ମନେହୁଏ ନାହିଁ । ସାରଳାଙ୍କ ମହାଭାରତ ଉଚ୍ଚଶିକ୍ଷାରୁ ବଞ୍ଚିତ ଗ୍ରାମ୍ୟ ଜନତାର ଶ୍ରବଣ ଓ ପଠନ ନିମିତ୍ତ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲା । ତେଣୁ ସାରଳାଦାସ ତାହାଙ୍କ ମହାଭାରତରେ ଗୀତାର କଠିନ ଅଧ୍ୟାତ୍ମତତ୍ତ୍ୱସମୂହର ଅବତାରଣା କରିବା ସମୀଚୀନ ମନେକରିନାହାନ୍ତି; କିନ୍ତୁ ଗୀତାର ଭାବଧାରା ଓ ରଚନାଶୈଳୀ ସହିତ ସେ ଯେ ସମ୍ପୂର୍ଣ୍ଣ ପରିଚିତ ଥିଲେ, ତାହା ନିମ୍ନୋକ୍ତ ଉଦାହରଣରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ।

"ଶରଣପଞ୍ଜର କରୁ ବଇରି ମୁକତି
ସ୍ଥିର ବୋଲନ୍ତେଣି ସ୍ୱାମୀ ତୁହି ଶାନ୍ତ ମୂର୍ତ୍ତି ।
ସୁନ୍ଦରବନ୍ତ ତୁହି ତ ସଂଗ୍ରାମେ ଶକତା
ସ୍ନେହ ବାରି ବୋଲନ୍ତେଣି ତୁହି ପିତାମାତା ।
ସତ୍ୟ ପାଳିବାକୁ ନାଥ ତୋତେ ନାହିଁ ସରି
ଜ୍ଞାନୀ ବୋଲନ୍ତେଣି ତୁହି ଚଇତନ୍ୟକାରୀ ।
ଅଥଳକୁ ଥଳ ତୁହି ଜଳକୁ କମଳ
କମଳକୁ ଗନ୍ଧ ତୁହି ଗନ୍ଧେ ପରିମଳ ।

ତୁମ୍ଭ ବିନା କିଏ ଅଛି ଭକ୍ତ ଭରସା
ଭାବ ଅଭାବ ଯେ ସ୍ୱାମୀ ଜାଣ ତୁ ସକଳ ।
ଭାବୁକ ଜନର ଭାବ ତୁମ୍ଭେ ଏକା ଜାଣ
ସେବକ ଅନୁରୂପରେ କର ଯେ ପାଳନ ।
ଅଚନ୍ତା ଚନ୍ତାମଣି ହେ ଅଛ ଜ୍ଞାନଗୁରୁ
ନଶ୍ଚଳପଣରେ ତୁମ୍ଭେ ଅଛ ମହାମେରୁ ।
ଶୀତଳଗୁଣରେ ତୁମ୍ଭେ ମଳୟ ପବନ
ଉପଭୋଗ ବୋଲିବା ତ ମଳୟ ଚନ୍ଦନ ।" ( ଚଣ୍ଡୀପୁରାଣ-୩ )

ଏ ଉକ୍ତିସମୂହ ଯେ ଗୀତାର ପ୍ରତିଧ୍ୱନି ଗୀତା-ପାଠକମାନଙ୍କୁ ଏହା ବୁଝାଇବାକୁ ପଡ଼ିବ ନାହିଁ ।

ସଂସ୍କୃତ ପୁରାଣ ଓ କାବ୍ୟ-କବିତା ବ୍ୟତୀତ ସାରଳାଦାସ କେଉଁ ଓଡ଼ିଆ କାବ୍ୟ-କବିତା ଅଧ୍ୟୟନ କରିଥିଲେ, ତାହା ଜାଣିବାର ଉପାୟ ନାହିଁ । ସାରଳାଙ୍କ ମହାଭାରତ ହେଉଛି ଓଡ଼ିଆରେ ପ୍ରଥମ ମହାକାବ୍ୟ । ଓଡ଼ିଆ ସାହିତ୍ୟର ପ୍ରାକ୍-ସାରଳା ଯୁଗର ଇତିହାସ ଏବେ ମଧ୍ୟ ଅନ୍ଧକାରାବୃତ ହୋଇ ରହିଅଛି । ଯେଉଁ କେତୋଟି ଗ୍ରନ୍ଥ ପ୍ରାକ୍-ସାରଳା ଯୁଗର ରଚନା ବୋଲି ଧରାଯାଇଥାଏ, ସେଗୁଡ଼ିକ ମଧ୍ୟରେ ବଚ୍ଛା ଦାସଙ୍କ 'କଳସା ଚଉତିଶା', ଗୋରଖନାଥଙ୍କ 'ଶିଶୁବେଦ' ଏବଂ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ରସୁଧାନିଧି' ଉଲ୍ଲେଖ-ଯୋଗ୍ୟ—"ବେଦମନ୍ତ୍ର ଯୁଗତେ ସେ ପଢ଼ନ୍ତି କଳସା / ବଶିଷ୍ଠ ମାରକଣ୍ଡ ଆବର ଦୁର୍ବାସା ।" ଏଠାରେ 'କଳସା' ଶବ୍ଦ ବଚ୍ଛା ଦାସଙ୍କ କଳସା ଚଉତିଶାକୁ ସୂଚିତ କରୁଅଛି ବୋଲି ଅନେକଙ୍କର ମତ । ସାରଳାଦାସ ତାହାଙ୍କ ମହାଭାରତରେ ଶିବ ପାର୍ବତୀ ବିବାହର ଯେଉଁ ଚିତ୍ର ପ୍ରଦାନ କରିଅଛନ୍ତି ତହିଁରେ ବଚ୍ଛା ଦାସଙ୍କ 'କଳସା ଚଉତିଶା'ର ପ୍ରଭାବ ପ୍ରତିଫଳିତ ହୋଇଥିବାର ଦୃଷ୍ଟ ହୁଏ । ସାରଳା ମହାଭାରତରେ 'ଶିଶୁବେଦ' ଶବ୍ଦର ବହୁଳ ଉଲ୍ଲେଖ ଦୃଷ୍ଟ ହୁଏ । ଏହି ଶବ୍ଦ କେତେବେଳେ ଯୋଗ ଅର୍ଥରେ ଏବଂ ଅନ୍ୟ କେତେବେଳେ ଗ୍ରନ୍ଥ ଅର୍ଥରେ ବ୍ୟବହୃତ ହୋଇଅଛି—"ଯେବଣ ଶାସ୍ତ୍ର ବାହାର ଶିଶୁମୁନି ବେଦୁଁ / ଶୂଦ୍ରମୁନି ପଦ ମୋ ସାରଳା ପ୍ରସାଦୁଁ ।" (ସଭାପର୍ବ) 'ରୁଦ୍ରସୁଧାନିଧି' ଏକ ଉଚ୍ଚାଙ୍ଗ ଗଦ୍ୟକାବ୍ୟ । ଏଥିରେ ଯେଉଁ ଜଳାନ୍ଧର ମାୟାର ଉଲ୍ଲେଖ ଅଛି, ସାରଳାଦାସ ତାହା ଅର୍ଜୁନଙ୍କ ଜାଳନ୍ଧର ବ୍ୟୂହ-ଭେଦ ବର୍ଣ୍ଣନା ପ୍ରସଙ୍ଗରେ ଉଲ୍ଲେଖ କରିଅଛନ୍ତି । ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଶୈବ ହୋଇ ମଧ୍ୟ ଜଗନ୍ନାଥଙ୍କର ସ୍ତୁତି ଗାନ କରିବା ପରି ସାରଳା ଦାସ ଶାକ୍ତ ଓ ପ୍ରଧାନ ଦେବୀଭକ୍ତ ହୋଇ ମଧ୍ୟ ନୀଳାଚଳପତି ଜଗନ୍ନାଥଙ୍କୁ ନିଜର ଭକ୍ତି-ଅର୍ଘ୍ୟ ଅର୍ପଣ କରିଛନ୍ତି । 'ରୁଦ୍ରସୁଧାନିଧି'ର ନାରୀରୂପବର୍ଣ୍ଣନା ସହିତ ସାରଳାଦାସଙ୍କ ନାରୀରୂପବର୍ଣ୍ଣନା ମଧ୍ୟ ତୁଳନୀୟ । ସାରଳା-ଦାସଙ୍କ ବାଣୀବୃତ୍ତିକୁ 'ରୁଦ୍ରସୁଧାନିଧି'ରେ ଅନୁସୃତ କାବ୍ୟିକ ଗଦ୍ୟଶୈଳୀର ସ୍ୱଚ୍ଛନ୍ଦ ବିକାଶ ବୋଲି କୁହାଯାଇପାରେ ।

ପୁରାଣ ଶାସ୍ତ୍ର ଓ କାବ୍ୟକବିତା ବ୍ୟତୀତ ସାରଳାଦାସ ଅନ୍ୟାନ୍ୟ ବିଦ୍ୟାରେ ବ୍ୟୁତ୍ପନ୍ନ ଥିବା ଜଣାଯାଏ । ସକଳବିଦ୍ୟା ମଧ୍ୟରେ ସେ ଚାରିଗୋଟି ବିଦ୍ୟାକୁ ପ୍ରାଧାନ୍ୟ ଦେଇଅଛନ୍ତି । ସେହି ଚାରିଗୋଟି ବିଦ୍ୟା ହେଲା ଆୟୁର୍ବେଦ, ଧନୁର୍ବେଦ, ଜ୍ୟୋତିର୍ବେଦ ଏବଂ ଶିଶୁବେଦ । ବ୍ରହ୍ମା ତାହାଙ୍କ ଚାରିମୁଖରେ ଏହି ଚାରିବେଦ ନିତ୍ୟ ଅଭ୍ୟାସ କରନ୍ତି ବୋଲି ସେ ଉଲ୍ଲେଖ କରିଅଛନ୍ତି । ବ୍ରହ୍ମା ଏହି ଚାରିବେଦ ପଢ଼ନ୍ତୁ ବା ନ ପଢ଼ନ୍ତୁ ସାରଳାଦାସ ଯେ ଏହି ଚାରି ବିଦ୍ୟାରେ ନିପୁଣ ଥିଲେ ଏଥିରେ ସନ୍ଦେହ ନାହିଁ । ଜ୍ୟୋତିଷଶାସ୍ତ୍ର ବିଶେଷକରି ଫଳିତ ଜ୍ୟୋତିଷରେ ତାଙ୍କର ଅସାଧାରଣ ପ୍ରବେଶ ଥିଲା । ଜନ୍ମ, ଯାତ୍ରା, ଯୁଦ୍ଧବିଗ୍ରହାଦି ପ୍ରତ୍ୟେକ ଘଟନାର ଆରମ୍ଭରେ ତିଥି, ବାର, ନକ୍ଷତ୍ର, ଲଗ୍ନ କରଣାଦି ବିଷୟରେ ସେ ଯେପରି ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଅଛନ୍ତି, ସେଥିରୁ ଜଣାଯାଏ ଯେ ସେ ଜଣେ ଜ୍ୟୋତିଷଶାସ୍ତ୍ରବିଶାରଦ ଥିଲେ । ଶୁଭାଶୁଭ ମୁହୂର୍ତ୍ତ ନିରୂପଣ, କୋଷ୍ଠିବିଚାର ଏବଂ ରଜଚକ୍ର ନିରୂପଣ ଆଦି ଜ୍ୟୋତିଷଶାସ୍ତ୍ରର ବିଷୟମାନ ତାଙ୍କ ଜିହ୍ୱାଗ୍ରରେ ଅବସ୍ଥାନ କରୁଥିଲା—"ଧୌମ୍ୟ ପୁରୋହିତେ ବୋଇଲେ ଯାହା ଶାସ୍ତ୍ର ଯୋଗେ/ମୁହିଁ ତାହା ବଖାଣିଲି ଶାସ୍ତ୍ର ପୁରାଣ ମାର୍ଗେ ।" ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ ସାରଳାଦାସ ଜ୍ୟୋତିଷଶାସ୍ତ୍ରରେ ପାରଙ୍ଗମ ଥିଲେ । ସମର-ସାହିତ୍ୟ ହିସାବରେ ସାରଳାଙ୍କ ମହାଭାରତ, ବିଲଙ୍କା ରାମାୟଣ ଏବଂ ଚଣ୍ଡୀପୁରାଣ ଅତୁଳନୀୟ । ଏହିସବୁ ଗ୍ରନ୍ଥରେ ସେ ଶରଯୁଦ୍ଧ, ଅସିଯୁଦ୍ଧ, ଗଦାଯୁଦ୍ଧ ଓ ମାଲ୍ୟଯୁଦ୍ଧ ଆଦି ବିବିଧ ଯୁଦ୍ଧକୌଶଳ, ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ସୈନ୍ୟଚାଳନା ଓ ବ୍ୟୂହରଚନା ଆଦି ବିଷୟରେ ଯେଉଁ ଠିକିଣିଖି ବିବରଣୀ ପ୍ରଦାନ କରିଅଛନ୍ତି, ତହିଁରୁ ଜଣାଯାଏ ଯେ ସମର-ବିଜ୍ଞାନରେ ସେ ଧୂରନ୍ଧର ଥିଲେ । ଏହା ବ୍ୟତୀତ ଆୟୁର୍ବେଦ, ଅଶ୍ୱଶାସ୍ତ୍ର, ଗୋଚିକିତ୍ସାବିଜ୍ଞାନ, ଆହାରଶାସ୍ତ୍ର ଏବଂ କାମଶାସ୍ତ୍ର ସମ୍ବନ୍ଧରେ ତାଙ୍କର ସ୍ପଷ୍ଟ ଧାରଣା ଥିବା ବିଷୟ ମହାଭାରତ ଓ ଅନ୍ୟାନ୍ୟ ଗ୍ରନ୍ଥର ବର୍ଣ୍ଣନାରୁ ଜଣାଯାଏ ।

ସାରଳା ମହାଭାରତରେ ଯୋଗର ବିସ୍ତୃତ ବର୍ଣ୍ଣନା ଦୃଷ୍ଟ ହୁଏ । ବସ୍ତୁତଃ ଓଡ଼ିଆ ଯୋଗସାହିତ୍ୟର ମୂଳଦୁଆ ପକାଇଛନ୍ତି ସାରଳାଦାସ । ସାରଳାଙ୍କ ମହାଭାରତ ତଥା ଅନ୍ୟାନ୍ୟ ଗ୍ରନ୍ଥର ଅଧ୍ୟୟନରୁ ଜଣାଯାଏ, ଯୋଗ ପ୍ରତି ତାଙ୍କର ବିଶେଷ ଆକର୍ଷଣ ଥିଲା । ସେ ଯେ କେବଳ ବିବିଧ ଯୋଗସାଧନା ପ୍ରଣାଳୀର ଉଲ୍ଲେଖ କରିଅଛନ୍ତି ତାହା ନୁହେଁ, ତାଙ୍କ ସୃଷ୍ଟ ଅଧିକାଂଶ ଚରିତ୍ରର ପ୍ରଧାନ ଚାରିତ୍ରିକ ବୈଶିଷ୍ଟ୍ୟ ହେଉଛି ସେମାନଙ୍କର ଯୋଗଜ୍ଞାନ । ଯୌନାଚାର ସଦୃଶ ଲୌକିକ ବ୍ୟାପାରରେ ମଧ୍ୟ ସେ ଯୋଗର ଉପଯୋଗିତା ସ୍ୱୀକାର କରିଅଛନ୍ତି । ଯୋଗଶାସ୍ତ୍ର ସମ୍ବନ୍ଧରେ ତାଙ୍କର ଜ୍ଞାନ କିପରି ଗଭୀର ଥିଲା, ତାହା ନିମ୍ନୋକ୍ତ ଉଦାହରଣରୁ ସ୍ପଷ୍ଟ ପ୍ରତିପାଦିତ ହେବ ।

ମୂଷଳୀ ପର୍ବରେ ଶ୍ରୀକୃଷ୍ଣ ଅକ୍ରୂରଙ୍କୁ ବ୍ରହ୍ମଜ୍ଞାନ ଲାଭର ଏକମାତ୍ର ଉପାୟ ସ୍ୱରୂପ ଏକାମ୍ର କାନନରେ ଯୋଗାଭ୍ୟାସ କରିବା ପାଇଁ ନିର୍ଦ୍ଦେଶ ଦେଇ କହୁଅଛନ୍ତି—

"ଶ୍ରୀକୃଷ୍ଣ ବୋଇଲେ ପବନ କରି ତୁ ଆହାର
ପ୍ରଳୟ ବିଧାନ ସମାଧି ଅଷ୍ଟ ଯେ ପ୍ରକାର ।
ପବନ ଶୂନ୍ୟମାର୍ଗେ କରିବୁ ତୁ ବସା
ଛନ୍ଦିଲେ ମନ ପବନ ତାପ ହୋଏ ଆଶା ।
ଯୋଗ ଆସନ ଯେ ଚଉଷଠୀ ମୁଦ୍ରା
ପଞ୍ଚମନ ଛନ୍ଦି ତୁ ରହିବୁ ଅନିଦ୍ରା ।
କାମ କଇ ବଞ୍ଚାଇବୁ ଦଶଦ୍ୱାରକୁ ନିରୋଧି
ପଦ୍ମରେ ପବନ ନେଇ ପକାଇବୁ ସାଧି ।
ଇଅଁଳା ପିଅଁଳା ଶୁସୁମୁନା ତିନିନାଡ଼ି ଧରି
ପବନ ନିରୋଧିବୁ ଏକ ହାର କରି ।
ଘଟିକା ଲେଉଟାଇ ଛନ୍ଦି ଖେଚରୀ ମୁଦ୍ରା
ସ୍ୱେଣିକରି ଅନ୍ତର୍ଗତ ହୁଅଇ ଅନିଦ୍ରା ।
ନିଦ୍ରା ଛନ୍ଦିଲେକ ଆଉ ନ ଲଗଇ ଭୋଖ
ଭୋଖ ନ ଭେଟିଲେ ଶରୀର ଗୋଟିଏ ରଖ ।
ଆହାରନିଦ୍ରା ଯେବେ ହୋଅଇଟି ଉପେକ୍ଷା
ଗ୍ରୁଡ଼ିଇ ଆସନ ସେ ଶରୀର ହୋଏ ରକ୍ଷା ।
ଆହାର ଭାଙ୍ଗିଗଲେ ଆଉ କାଲ ନୁଆରଇ ଭୋଗି
ଏହା ବୃତ୍ତି ସାଧନ କରଇ ଯେ ଯୋଗୀ ।" (ମୂଷଳୀପର୍ବ-୬)

ସାରଳାଦାସ ସ୍ୱରଚିତ ଗ୍ରନ୍ଥସମୂହରେ ବିବିଧ ଯୋଗସାଧନ ପ୍ରଣାଳୀର ଯେଉଁ ବିସ୍ତୃତ ବିବରଣୀ ପ୍ରଦାନ କରିଅଛନ୍ତି, ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଯୋଗଶାସ୍ତ୍ରରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ଥିଲା । ସାରଳାଙ୍କ ସମୟରେ ଜନସମାଜରେ ତନ୍ତ୍ରର ଯଥେଷ୍ଟ ପ୍ରଭାବ ଥିଲା । ଉଲୁକ-ବିଦ୍ୟା, ଶାବରୀବିଦ୍ୟା ଓ ଗୁଣିଗାରେଡ଼ିଦ୍ୱାରା ଲୋକେ ଅଘଟନ ଘଟନ କରାଇପାରୁଥିବାର ବହୁ ଜନଶ୍ରୁତି ଓ କିମ୍ବଦନ୍ତୀ ରହିଅଛି । ସୁଭଦ୍ରାହରଣ, ହାରାବତୀବିଭା ଓ ଅନ୍ୟାନ୍ୟ ବହୁ ଉପାଖ୍ୟାନରେ ସାରଳାଦାସ ମନ୍ତ୍ରତନ୍ତ୍ରାଦିର ବହୁଳ ବର୍ଣ୍ଣନା କରିଅଛନ୍ତି । ଏଥିରୁ ଅନୁମାନ କରିବା ସ୍ୱାଭାବିକ ଯେ ଦେବୀଭକ୍ତ ସାରଳାଦାସ ତାନ୍ତ୍ରିକ ସାଧନ ପ୍ରଣାଳୀ ସହିତ ସୁପରିଚିତ ଥିଲେ । ସାରଳାଦାସ ତାହାଙ୍କ ଗ୍ରନ୍ଥସମୂହରେ ବିବିଧ ରାଗରାଗିଣୀ, ନାୟକ-ନାୟିକା ଲକ୍ଷଣ ଏବଂ ଉପମାଉତ୍ପ୍ରେକ୍ଷାଦି ଅଳଙ୍କାରର ଯେଉଁ ପରିଚୟ ପ୍ରଦାନ କରିଛନ୍ତି, ତହିଁରୁ ଜଣାଯାଏ ଯେ ସଙ୍ଗୀତଶାସ୍ତ୍ର ଓ ସଂସ୍କୃତ ଅଳଙ୍କାରଶାସ୍ତ୍ରରେ ତାଙ୍କର ପ୍ରବେଶ ଥିଲା । ସାରଳା-ଦାସ ଉତ୍କଳ ଓ ଭାରତର ଅନ୍ୟାନ୍ୟ ପ୍ରଦେଶର ନଗର, ଜନପଦ, ନଦନଦୀ, ବନପର୍ବତ ଓ ତୀର୍ଥମନ୍ଦିରାଦିର ଯେଉଁ ବର୍ଣ୍ଣନା ପ୍ରଦାନ କରିଅଛନ୍ତି, ତହିଁରୁ ଜଣାଯାଏ ଯେ ସେ ଉତ୍କଳ ସମେତ ଭାରତର ବିଭିନ୍ନ ସ୍ଥାନର ଭୌଗୋଳିକ ସ୍ଥିତି ସମ୍ବନ୍ଧରେ ସମ୍ୟକ୍ ଅବହିତ ଥିଲେ ।

ସୁଦୂର ଲକ୍ଷ୍ମୀପୁର, ନେପାଳର ପଶୁପତିନାଥ, ହିମାଳୟର କେଦାରନାଥ ଓ ସୌରାଷ୍ଟ୍ରର ସୋମନାଥ ମନ୍ଦିର ସମ୍ବନ୍ଧରେ ସେ ଯେଉଁ ବିବରଣୀ ପ୍ରଦାନ କରିଅଛନ୍ତି, ତାହା ଜଣେ ପ୍ରତ୍ୟକ୍ଷଦର୍ଶୀର ଭ୍ରମଣ କାହାଣୀ ଭଳି ଶୁଣାଯାଏ । ସାରଳାଦାସ ଭାରତ ତଥା ଉତ୍କଳର ବହୁ ଐତିହାସିକ ତଥ୍ୟକୁ ଯେପରି ଚତୁରତାର ସହିତ ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ଖଞ୍ଜିଦେଇଛନ୍ତି, ତହିଁରୁ ତାଙ୍କ ଇତିହାସ ଜ୍ଞାନର ପରିଚୟ ମିଳେ ।

ସ୍ଥୂଳତଃ ସାରଳାଦାସ ନିଜକୁ ମୂର୍ଖ ଅଜ୍ଞାନ ଓ ଅପାଠକ ବୋଲି ଯେତେ ପ୍ରଚାର କରିଥାନ୍ତୁ ପଛକେ, ସେ ଯେ ଜଣେ ଅଦ୍ୱିତୀୟ ସ୍ମୃତିଧର ଓ ଅସାଧାରଣ ଧୀଶକ୍ତିସମ୍ପନ୍ନ ମହାପଣ୍ଡିତ ଥିଲେ ଏଥିରେ ସନ୍ଦେହ ନାହିଁ; ଅବଶ୍ୟ ଏସବୁ ବିଦ୍ୟା ସେ କୌଣସି ଶିକ୍ଷାନୁଷ୍ଠାନରେ ଅଭ୍ୟାସ କରିନଥିଲେ । ନିଜର ବିଶାଳ ଅଭିଜ୍ଞତା, ଗଭୀର ଅନୁଭୂତି, ଅକ୍ଳାନ୍ତ ଶ୍ରମ, ଅଖଣ୍ଡ ସାଧନା, ଐକାନ୍ତିକୀ ଈଶ୍ୱରଭକ୍ତି ଓ କଠୋର ଅଧ୍ୟବସାୟ ବଳରେ ସେ ଅଖିଳ ଜ୍ଞାନର ଅଧିକାରୀ ହୋଇପାରିଥିଲେ ।

## ଗୃହସ୍ଥ ଜୀବନ :

ସାରଳାଦାସ ତାହାଙ୍କ ଗ୍ରନ୍ଥସମୂହରେ ନିଜର ପାରିବାରିକ ଜୀବନ ସମ୍ବନ୍ଧରେ ବିଶେଷ କିଛି ଉଲ୍ଲେଖ କରିନାହାନ୍ତି । ତେବେ ସେଥିରୁ ଯେତିକ ସୂଚନା ମିଳୁଛି, ତହିଁରୁ ଜଣାଯାଏ ଯେ ସେ ବିବାହିତ ଓ ବହୁକୁଟୁମ୍ବୀ ଥିଲେ । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ପରିବାର ପୋଷଣ ନିମିତ୍ତ ତାଙ୍କୁ କଠିନ ଶ୍ରମ କରିବାକୁ ପଡ଼ୁଥିଲା ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନିଜର କୌଳିକ ବୃତ୍ତି କୃଷିକର୍ମରୁ ବିରତ ହୋଇ ନଥିଲେ । ତାଙ୍କ ଶେଷ ଜୀବନର ରଚନା ଚଣ୍ଡୀ ପୁରାଣରେ ସେ ଲେଖିଛନ୍ତି—"ଜନମହୁଁ ଅପଣ୍ଡିତ ମୂର୍ଖ ମୋର ଗୋଣ / ବଳରାମ ଶସ୍ତ୍ର ଦ୍ୱାରା କୃଷି ମୋର ନିତି ।" (ଚଣ୍ଡୀପୁରାଣ-୧୧୪) ହେଲେ କୁଟୁମ୍ବ ଜଞ୍ଜାଳ ଏବଂ ଅଳୀକ ସଂସାରର ମୋହ ଓ ଆକର୍ଷଣ ତାଙ୍କୁ ବାନ୍ଧି ରଖିପାରିନଥିଲା । ଆକାଶଚାରୀ ବିହଙ୍ଗମ କ୍ଷୁଦ୍ର କୁଳାୟର ବନ୍ଧନ ଛିନ୍ନକରି ମହାକାଶରେ ବିଚରଣ କରିବାପରି ଅନନ୍ତ ଓ ଅସୀମର ଆହ୍ୱାନ ସର୍ବଦା ତାଙ୍କ ପ୍ରାଣକୁ ଉଦ୍‌ବେଳିତ କରୁଥିଲା । ଇଷ୍ଟଦେବୀ ସାରଳାଙ୍କ ପ୍ରତି ତାଙ୍କର ଅଚଳା ଭକ୍ତି ଥିଲା ଏବଂ ଦେବାରାଧନା ସଙ୍ଗେ ବାଣୀସେବାକୁ ସେ ଜୀବନର ପ୍ରଧାନ ବ୍ରତରୂପେ ଗ୍ରହଣ କରିନେଇଥିଲେ । ଏଥିପାଇଁ ଜୀବନରେ ତାଙ୍କୁ କମ୍ ସଂଗ୍ରାମ କରିବାକୁ ପଡ଼ିନାହିଁ । କବି ଅତ୍ୟନ୍ତ ହୃଦୟଗ୍ରାହୀ ଓ ପ୍ରାଣସ୍ପର୍ଶୀ ଭାଷାରେ ନିଜ ଅନ୍ତରର ସେହି ସଂଗ୍ରାମର କାହାଣୀ ବ୍ୟକ୍ତ କରିଅଛନ୍ତି—

"ସଂସାରେ ନିମଗ୍ନ ମୁଁ ଯେ କ୍ରୋଧ ଜଳେ ଭାସି<br>
ସ୍ୱେହୁଁ ଉଦ୍ଧାରନ୍ତା ନାଥ ତୁହି ସେ ହୃଷୀକେଶୀ ।<br>
ସ୍ୱାମୀ ମୃତ୍ୟୁ ମଣ୍ଡଳେ ଜାତହୋଇ ପୃଥିବୀ ହୋଏ ଭାର<br>
ସ୍ୱାମୀ କୁଟୁମ୍ବ ଦେଇଣ ମୋତେ କ୍ରୋଧ ଯେ ନକର ।"

× × ×

"ଲୋଭ ମୋହ ସଂସାର ଯେ କୁଟୁମ୍ବ ରଞ୍ଜନା
କ୍ଷଣ କ୍ଷଣକେ ଅନିତ୍ୟ ଏ ଜଳବିନ୍ଦୁ ପ୍ରାୟେ ସିନା ।
ସ୍ୱାମୀ ଦେଖୁ ଦେଖୁ ବଣାହୋଇ ପଡ଼ିଲି କଣ୍ଟାଳେ
ଯେ କୋଧୁ ନାରାୟଣ ମୋତେ ଉଦ୍ଧର ଯେତେବେଳେ ।" (ବନପର୍ବ-୪୩୧)

ସାରଳାଦାସଙ୍କ କେତେକ ଉକ୍ତିରୁ ତାଙ୍କ ଦିନଚର୍ଯ୍ୟାର ଏକ ସୁସ୍ପଷ୍ଟ ଚିତ୍ର ଆମ ଆଖି ଆଗରେ ଝଲସିଉଠେ । ଦିନସାରା କଠିନ ପରିଶ୍ରମ କରିବା ପରେ କବି ରାତିରେ ଗଭୀର ଚିନ୍ତାମଗ୍ନ ରହୁଥିଲେ ଏବଂ ରାତିର କଳ୍ପନା ଓ ଚିନ୍ତାକୁ ସେ ପ୍ରତ୍ୟୁଷରେ କାବ୍ୟରେ ରୂପାୟିତ କରୁଥିଲେ ।

"ଝଙ୍କଡ଼ବାସିନୀ ସେ ସାରଳାଦେବୀ
ତାହାଙ୍କର ଦାସ ମୁଁ ଶ୍ରୀ ସାରଳା କବି ।
ହେ ବୁଧଜନେ ସେ ମୋତେ ରାନ୍ଦେଣ ଯାହା କହଇ
ଅରୁଣ ଉଦୟ କାଳେ ମୁଁ ତାହା ଲେଖଇ ।" ( ଚଣ୍ଡୀପୁରାଣ-୪ )

ଯେତେଦୂର ଜଣାଯାଏ କବିଙ୍କର ପାରିବାରିକ ଜୀବନ ସୁଖ ଓ ଶାନ୍ତିମୟ ଥିଲା । "ମାନବ ଜୀବନେ ମୁହିଁ ଅହିଂସ ଅପାପୀ" ବୋଲି କବି ଉଲ୍ଲେଖ କରିଅଛନ୍ତି । କଠୋର ସଂଯମ ଏବଂ ଶୃଙ୍ଖଳା ତାଙ୍କ ଦାମ୍ପତ୍ୟ ଜୀବନର ଆଦର୍ଶ ଥିଲା । ବନପର୍ବରେ ସେ ଉଲ୍ଲେଖ କରିଅଛନ୍ତି—

"ମନବଚନ କର୍ତ୍ତବ୍ୟ ଦାରାହରଣ ଦୋଷ
ଏ ପାପ ଖଣ୍ଡଣ ମୋତେ କରିବା ହୃଷୀକେଶ ।
ବଡ଼ିଲି ମୂର୍ଖପଣେ ମୁଁ ନ ଜାଣଇ କିଛି
ଯେଥିପାଇଁ ପ୍ରତିକାର ମୁଁ ମାଗଇ ଶ୍ରୀବତ୍ସ ।" ( ବନପର୍ବ-୩୬୯ )

କବି ହିଁ ଲୋକପାବନୀ ଲୋକମାତା ଗଙ୍ଗାଙ୍କୁ ଜଣେ ପରୁଷବାଦିନୀ, ସ୍ୱାମୀର ଏକାନ୍ତ ପ୍ରତିକୂଳାଚାରିଣୀ ଓ ନଷ୍ଟ ରହୃଦୟା ଇତର ନାରୀ ରୂପେ ଚିତ୍ରଣ କରିଥିବାରୁ 'ଭାରତଦର୍ପଣ' ରଚୟିତା ପଣ୍ଡିତ ଗୋପୀନାଥ ନନ୍ଦ ଅନୁମାନ କରନ୍ତି ଯେ ଏହା କବିଙ୍କର ସଂଘର୍ଷମୟ ବେଦନାଦାୟକ ଦାମ୍ପତ୍ୟ ଜୀବନର ବହିଃ ପ୍ରକାଶ ମାତ୍ର; କିନ୍ତୁ ଏପରି ଏକ ସିଦ୍ଧାନ୍ତ ସମୀଚୀନ ବୋଧହୁଏନାହିଁ । ସାରଳାଙ୍କ ଗଙ୍ଗାଚରିତ ମହାଭାରତବର୍ଣ୍ଣିତ ଗଙ୍ଗାଚରିତଠାରୁ ଭିନ୍ନ । ଏ ବିବାହରେ ଗଙ୍ଗାଙ୍କର ସମ୍ମତି ନଥିଲା । କେବଳ ବାଧ୍ୟବାଧକତାରେ ପଡ଼ି କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ସେ ଶାନ୍ତନୁଙ୍କର ପାଣି ଗ୍ରହଣ କରିଥିଲେ; କିନ୍ତୁ ହୃଦୟ ଓ ଆତ୍ମାର ମେଳ ନଥିଲେ କୌଣସି ବିବାହ ସଫଳ ହୋଇପାରେନାହିଁ । ଏହି କାରଣରୁ

କେତେ ସୁନାର ସଂସାର ଚୂନା ହୋଇ ଯିବାର ଦୃଷ୍ଟାନ୍ତ ସାରଳାଦାସଙ୍କ ନଜରକୁ ଆସିଥିବ । ତେଣୁ ଗଙ୍ଗା ଚରିତ୍ରଚିତ୍ରଣରେ ସାରଳାଦାସ ସମାଜର ଏକ ରୁକ୍ଷ କଠୋର ବାସ୍ତବ ଚିତ୍ର ପ୍ରଦାନ କରି ଅପୂର୍ବ କଳାକୁଶଳତାର ପରିଚୟ ପ୍ରଦାନ କରିଅଛନ୍ତି । କବି ନାରୀ ପ୍ରକୃତି ସମ୍ବନ୍ଧରେ ସ୍ଥଳ ବିଶେଷରେ କେତେକ କଟୁ ମନ୍ତବ୍ୟ ପ୍ରକାଶ କରିଥିଲେ ହେଁ ପାରିବାରିକ ଜୀବନର ସଫଳତାରେ ନାରୀର ଅପରିହାର୍ଯ୍ୟ ଭୂମିକାକୁ ସେ ସ୍ୱୀକାର କରିଅଛନ୍ତି । ତାହାଙ୍କ ମତରେ ନାରୀ ପରିବାରରେ ଏକାଧାରରେ ମାତା, ଧାଈ ଓ ପୁତ୍ରର ଭୂମିକା ଗ୍ରହଣ କରିଥାଏ । ମାତା ପରି ସେ ପାଳନକରେ, ଧାଈପରି ସ୍ନେହକରେ ଓ ପୁତ୍ରପରି ସେବାକରେ । ଏଥିରୁ ଜଣାଯାଏ କବିଙ୍କର ଦାମ୍ପତ୍ୟ ଜୀବନ ସୁଖ ଓ ଶାନ୍ତିମୟ ଥିଲା । ବନପର୍ବରେ ନଳଦମୟନ୍ତୀ କଥୋପକଥନ ଛଳରେ ମନୁଷ୍ୟ ଜୀବନରେ ନାରୀର ଭୂମିକା ସମ୍ବନ୍ଧରେ ସେ ଯାହା କହିଛନ୍ତି, ତହିଁରୁ ତାହାଙ୍କ ଶାନ୍ତିମୟ ଦାମ୍ପତ୍ୟ ଜୀବନର ପରିଚୟ ମିଳେ ।

"ଦମୟନ୍ତୀ ବୋଇଲା ମୋତେ କେହ୍ନେ କରିବ ତେଜ୍ୟା
ଦୁଃଖର କାଳକୁ ସିନା କରିଛ ଭାରିଯା ।
ନାନା ଝଗଡ଼ ଯେ ପାଉଥାଇ ପତି
ଭାରିଯା ଦେଖନ୍ତେଣ ସମସ୍ତ ହୋଅଇ ଶାନ୍ତି ।
ବିପତ୍ତି କାଳକୁ ସେ ପ୍ରସରଇ ବୁଦ୍ଧି
ଦୁଃଖର କାଳକୁ ସେ ଭାରିଯା ହିଁ ମହୌଷଧି ।
ଭାରିଯା ଘେନ କୁଟୁମ୍ବ ନଜାଣୁ କି ତାହା
ପୁରୁଷର ଅର୍ଦ୍ଧଅଙ୍ଗ ଭାରିଯା ସେ ଯାହା ।" (ବନପର୍ବ-୨୬୦)

## ସଂଗ୍ରାମ ଓ ସଂଘର୍ଷ :

ଯେତେଦୂର ଅନୁମିତ ସାରଳାଦାସ ସର୍ବପ୍ରଥମେ ଓଡ଼ିଆ ଭାଷାରେ ମହାଭାରତ ଓ ଅନ୍ୟାନ୍ୟ ପୁରାଣ ରଚନା କରି ସମାଜର ରକ୍ଷିତସ୍ୱାର୍ଥ ଶିଷ୍ଟମଣ୍ଡଳୀର ବିଷଦୃଷ୍ଟିରେ ପଡ଼ିଥିଲେ । ସେଥିପାଇଁ ତାଙ୍କୁ ନାନା ଭର୍ତ୍ସନା ସହିବାକୁ ପଡ଼ିଥିଲା । ହେଲେ କବି ଏଥିରେ ତିଳେମାତ୍ର ବିଚଳିତ ନହୋଇ ଅସୀମ ଧୈର୍ଯ୍ୟ ଓ ଅଟଳ ବିଶ୍ୱାସର ସହିତ ସାଧନାର ବିପଦ-ବନ୍ଧୁରିତ ପଥରେ ଅଗ୍ରସର ହୋଇଥିଲେ ।

"ବୁଧଜନ ପଣ୍ଡିତଙ୍କ ଆଗରେ କହଣା
ଚକ୍ଷୁ ଥାଉଁ ଥାଉଁ ଯୋକେ ହେଉଛନ୍ତି କଣା ।
ଦେଖୁ ଦେଖୁ ଅଦଭୂତେ ମାୟା ଜଳେ ବୁଡ଼ି
ଲୋଭ ମୋହ କ୍ରୋଧ ନାଥ ନୁଆରଇ ଉବୁରି ।
ଯେ ଅବା କହୁଁତେଣ ଅଛନ୍ତି ଜ୍ଞାନବନ୍ତ
ଶ୍ରୀ ବିଷ୍ଣୁ ପୁରାଣକୁ କହିତେ ହୋଅନ୍ତି ସେହୁ ଶ୍ରୋତା । (ଦ୍ରୋଣପର୍ବ-୭୩୭)

ତାହାଙ୍କ ରଚିତ ମହାଭାରତର ଯଥାର୍ଥ ମୌଳିକତା ହୃଦୟଙ୍ଗମ ନକରି କେତେକ ଲୋକ ତାଙ୍କର କଠୋର ସମାଲୋଚନା କରୁଥିଲେ । ସେଥିପାଇଁ କବି ନିଜର ସ୍ୱଭାବସୁଲଭ ବିନୟ ରସାଣିତ ବଚନ ଭଙ୍ଗୀରେ ସେମାନଙ୍କର କ୍ରୋଧ ଶାନ୍ତି ପାଇଁ ନିବେଦନ କରିଅଛନ୍ତି :

"ଆହେ ସାଧୁ ସୁଜ୍ଞଜନେ ମୋର ନିବେଦନ
ଦୋଷାଦୋଷ ଥିଲେ କ୍ଷମା କରିବ ଆପଣ ।
ଝଙ୍କଡ଼ବାସିନୀ ଦେବୀ ଅଭୟା କୃପାରେ
ଜନହିତେ ଏ ଗ୍ରନ୍ଥକୁ କଲି ମୁଁ ଭିଆରେ ।
ହିଂସା କପଟତା ଦୂରକରି
ଏ ଗ୍ରନ୍ଥକୁ ପଢ଼ି ତରିଯିବ ଭବବାରି । (ବିଲଙ୍କାରାମାୟଣ—୮୦)

× × ×

ସୁଜନଜନମାନଙ୍କୁ ନିବେଦନ ମୋର
ଲେଖନକର ଦୋଷାଦୋଷ ଯେ ନଧର ।
ଜନମାନଙ୍କର ମନ ହୋଏ କାଲଭ୍ରମ
ମୋ ଗୁରୁ କେତେ ମାତର ନରଙ୍କ ଅଧମ ।" (ଆଦିପର୍ବ-୧୦୬୫)

## ତୀର୍ଥଭ୍ରମଣ :

ପ୍ରାଚୀନକାଳରେ ତୀର୍ଥଯାତ୍ରା ମାନବଜୀବନର ଏକ ଲକ୍ଷ୍ୟରୂପେ ବିବେଚିତ ହେଉଥିଲା । ମାନବ ଜୀବନରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ଚତୁଃବର୍ଗ ପ୍ରାପ୍ତିରେ ଏହା ସହାୟକ ହେଉଥିଲା । ସାରଳାଦାସ ତୀର୍ଥସମୂହର ମହିମା କୀର୍ତ୍ତନରେ ପଞ୍ଚମୁଖ ହୋଇ ଉଠିଛନ୍ତି । ନେପାଳର ପଶୁପତିନାଥଠାରୁ ସୌରାଷ୍ଟ୍ରର ସୋମନାଥ ଓ ଉତ୍କଳର ପୁରୁଷୋତ୍ତମ ପର୍ଯ୍ୟନ୍ତ ଏପରି କୌଣସି ତୀର୍ଥ ନାହିଁ ଯାହା ସେ ବର୍ଣ୍ଣନା କରିନାହାନ୍ତି । ହେଲେ, ସେ ଖେଦର ସହିତ ଉଲ୍ଲେଖ କରିଅଛନ୍ତି ଯେ ସେ ତୀର୍ଥଭ୍ରମଣର ସୁଯୋଗରୁ ବଞ୍ଚିତ ହୋଇଥିଲେ । "ନ ଜାଣଇ ଜପମନ୍ତ୍ର ନ ଗଲିଇଂ ନାନାତୀର୍ଥ / ନ ସାଧିଲି ତପଯୋଗ ନୋହିଲି ଭଗତ ।" (ଦ୍ରୋଣପର୍ବ-୧୩୩)

ଯେତେଦୂର ଅନୁମିତ ହୁଏ, ସାରଳାଦାସ କୁଟୁମ୍ବଜଞ୍ଜାଳ ଓ ଆର୍ଥିକ ଅସ୍ୱଚ୍ଛଳତା ହେତୁ ବହୁ ତୀର୍ଥରେ ଦର୍ଶନଲାଭରୁ ବଞ୍ଚିତ ହୋଇଥିଲେ; ହେଲେ, ଏକାମ୍ରକାନନର କୃତ୍ତିବାସ-କ୍ଷେତ୍ର, ନୀଳାଚଳର ପୁରୁଷୋତ୍ତମକ୍ଷେତ୍ର, କୋଣାର୍କର ଅର୍କକ୍ଷେତ୍ର ଏବଂ ପ୍ରାଚୀନଦୀ ତୀରବର୍ତ୍ତୀ ଦେବପୀଠମାନ ସେ ଦର୍ଶନ କରିଥିବା ବିଷୟ ତାଙ୍କର କବି-ଭଣିତମାନଙ୍କରୁ ଜଣାଯାଏ । ଏକାମ୍ରକାନନ ଓ ପ୍ରାଚୀ ତୀରବର୍ତ୍ତୀ ଶିବମନ୍ଦିରମାନଙ୍କ ସମ୍ବନ୍ଧରେ ସେ ଯେଉଁ ସୁବିସ୍ତୃତ

ବର୍ଣ୍ଣନା ପ୍ରଦାନ କରିଅଛନ୍ତି, ତାହା ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଅନ୍ୟ ପକ୍ଷରେ ସମ୍ଭବ ନୁହେଁ । ନୀଳାଚଳର ପୁରୁଷୋତ୍ତମ କ୍ଷେତ୍ର ଏବଂ କୋଣାର୍କର ଅର୍କକ୍ଷେତ୍ରରେ ସେ କିଛିକାଳ ଅବସ୍ଥାନ କରିଥିବା ଓ ତାଙ୍କ ମହାଭାରତର କେତେକାଂଶ ଏହି ଦୁଇ ସ୍ଥାନରେ ରଚିତ ହୋଇଥିବା ସମ୍ଭବପର । "ଶ୍ରୀ କୋଣାର୍କ ତୀର୍ଥ ମହୋଦଧି ତଟେ / ମୁହିଁ ତାହା ଭଜିଲି କଲ୍ୟାଣ କଳ୍ପବଟେ । × × × ସଦାଳୟେ ଚିନ୍ତିଲି ମୁଁ ଅନେକ ଜନ୍ମେ ଜନ୍ମେ / ଭାବଗ୍ରାହୀ ନାଥକରି ଭାବିଲି ଶ୍ରୀପୁରୁଷୋତ୍ତମେ ।" (ଶାନ୍ତିପର୍ବ-୩୪) । ସାରଳାଦାସ ଏକାଧିକବାର ପୁରୁଷୋତ୍ତମ ଦର୍ଶନରେ ଯାଇଥିବା ଅନୁମିତ ହୁଏ ।

## ଆଧ୍ୟାତ୍ମ ଜୀବନ :

ମନୁଷ୍ୟ-ଜୀବନର ଗତି ଅତି ବିଚିତ୍ର । ତାର ଜୀବନରେ ଏପରି ଗୋଟିଏ ଗୋଟିଏ ଘଟଣା ଘଟିଯାଏ, ଯାହା ତାହା ଜୀବନର ମାର୍ଗକୁ ସମ୍ପୂର୍ଣ୍ଣ ବଦଳାଇଦିଏ । ସେଇଠି ହୁଏ ତାର ପୁନର୍ଜନ୍ମ । ମହର୍ଷି ବାଲ୍ମୀକି, ଭଗବାନ୍ ବୁଦ୍ଧ ଓ ମହାପୁରୁଷ ଦୟାନନ୍ଦ ସରସ୍ୱତୀ ଆଦି ମହାତ୍ମାମାନଙ୍କର ଜୀବନ ଇତିହାସ ଏହାର ପ୍ରମାଣ । ସାରଳାଦାସଙ୍କ ଜୀବନରେ ଏହିପରି ଏକ ଘଟଣା ଘଟିଥିଲା ।

"ଅଦଭୁତେ ଦ୍ୱିଜବର ବେଦପୁରବାସୀ
ଆକାଶର ବାରତା ମୋତେ କହିଲେକ ଆସି ।
ଶୁଣିଣ କୁଟୁମ୍ବ-ଜଞ୍ଜାଳକୁ ମୋତେ ଲାଗିଲା ମହାଭୟେ
ଛାଡ଼ିଲି ସର୍ବଚିନ୍ତା ହୋଇଲି କ୍ରୋଧମୟେ ।" ( ବନପର୍ବ-୪୩୧ )

ଏହି ଘଟଣାରେ ସାରଳାଦାସଙ୍କ ପୁନର୍ଜନ୍ମ ହେଲା । ଜୁଆ ଓ ପଶାସକ୍ତ ଗ୍ରାମ୍ୟ ତରୁଣ ସିଦ୍ଧେଶ୍ୱର ଦାସ ହେଲେ ଶୂଦ୍ରମୁନି ସାରଳାଦାସ । ସଂସାର ତାଙ୍କୁ ଅଳୀକ ଓ ଅସାର ବୋଧହେଲା ଏବଂ ମୁକ୍ତି ପାଇଁ ତାଙ୍କ ପ୍ରାଣ ବ୍ୟାକୁଳ ହୋଇଉଠିଲା ।

"ଦୁସ୍ତପଦ ଦୁଷ୍କୃତ ସଂସାର ଜନବାସୀ
ଯେ ଭବସାଗରେ ପଡ଼ି ଯାଉଅଛୁ ଭାସି
ଶ୍ରୀରାମ ନାମ ମୋହର ଶରୀରକୁ ବଜ୍ରସେହ୍ଲା
ତାହାଙ୍କର ଭାବ ଅଭାବ ଗୋଟି ମୋତେ ଚିହ୍ନା ।
ଲୋଭ ମାୟା ମୋହ ସଂସାର ଯେ କୁଟୁମ୍ବ ରଚନା
କ୍ଷଣେ କ୍ଷଣେ ଅନିତି ଏ ଜଳବିମ୍ବ ପ୍ରାୟେ ସିନା ।
ସ୍ୱାମୀ ଦେଖୁ ଦେଖୁ ବଣା ହୋଇ ପଡ଼ିଲି ଜଞ୍ଜାଳେ
ଯେ କ୍ରୋଧୁ ନାରାୟଣ ମୋତେ ଉଦ୍ଧାର ଯେତେବେଳେ ।" (ବନପର୍ବ-୪୩୧)

ଏହିଠାରୁ ଆରମ୍ଭ ହୁଏ କବିଜୀବନର ଅଖଣ୍ଡ ସାଧନା । ଏ ସାଧନାର ଦୁଇଗୋଟି ଦିଗ । ଗୋଟିଏ ହେଉଛି ଗ୍ରନ୍ଥରଚନା ଏବଂ ଅନ୍ୟଟି ଅଧ୍ୟାତ୍ମସାଧନା । ସାରଳାଦାସଙ୍କ ଅଧ୍ୟାତ୍ମ-ସାଧନାର ପ୍ରାଣକେନ୍ଦ୍ର ଥିଲା ଐକାନ୍ତିକୀ ଓ ଅବ୍ୟଭିଚାରିଣୀ ଭକ୍ତି । ଇଷ୍ଟଦେବୀ ସାରଳାଙ୍କ-ଠାରେ ତାଙ୍କର ଅଚଳାଭକ୍ତି ଥିଲା; କିନ୍ତୁ ସେ ଭକ୍ତି କେବଳ ସାରଳାଙ୍କଠାରେ ସୀମାବଦ୍ଧ ନରହି ସର୍ବଗାମୀ ଓ ବିଶ୍ୱପ୍ରସାରୀ ହୋଇଯାଇଥିଲା । ଦେବତା, ମନୁଷ୍ୟ, ବୃକ୍ଷ, ପାଷାଣ ଯେଉଁଠି ସେ ଭଗବଦ୍ ସତ୍ତାର ଅନୁଭବ କରିଛନ୍ତି ସେଠି ତାଙ୍କ ହୃଦୟ ଅମିୟ ଭକ୍ତିରସରେ ପରିପ୍ଲୁତ ହୋଇଯାଇଛି । ଐକାନ୍ତିକୀ ଭକ୍ତିର ଶ୍ରେଷ୍ଠ ନିକଷ ହେଉଛି ପରିପୂର୍ଣ୍ଣ ଆତ୍ମସମର୍ପଣ ଓ ସମ୍ପୂର୍ଣ୍ଣ ଆତ୍ମବିଲୋପ । ବିଶାଳ ମହାଭାରତ ଗ୍ରନ୍ଥ ରଚନା କରି ମଧ୍ୟ ସାରଳା ନିଜକୁ ବାରମ୍ବାର ମୂର୍ଖ, ଅପଣ୍ଡିତ, ଅଜ୍ଞାନ ଓ ଅପାଠକ ବୋଲି ଘୋଷଣା କରିଅଛନ୍ତି । ସେ କହିଛନ୍ତି ଯେ ଗ୍ରନ୍ଥରଚନାରେ ତାଙ୍କ ନିଜର କୌଣସି କୃତିତ୍ୱ ବା କର୍ତ୍ତୃତ୍ୱ ନାହିଁ । ସାରଳା ତାଙ୍କୁ ଯାହା କହିଛନ୍ତି ସେ ତାହାହିଁ ଲେଖିଛନ୍ତି । ସାରଳାଦାସଙ୍କ ଅଧ୍ୟାତ୍ମସାଧନାରେ କର୍ମଯୋଗ, ଜ୍ଞାନ-ଯୋଗ ଓ ଭକ୍ତିଯୋଗର ସମନ୍ୱୟ ସାଧିତ ହୋଇଥିଲା । ତାହାଙ୍କ ମତରେ ମୁକ୍ତି ପାଇଁ ବ୍ରହ୍ମଜ୍ଞାନ ଏକାନ୍ତ ପ୍ରୟୋଜନ ଏବଂ ଯୋଗାଭ୍ୟାସ ବିନା ବ୍ରହ୍ମଜ୍ଞାନ ଲାଭ ସମ୍ଭବପର ନୁହେଁ । ସେଥିପାଇଁ ସେ ପରମଭକ୍ତ ଅକ୍ରୂରଙ୍କୁ ଏକାମ୍ର କାନନରେ ଯୋଗାଭ୍ୟାସ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି; କିନ୍ତୁ ଭକ୍ତି ବିନା ଯୋଗାଭ୍ୟାସରେ ସଫଳତା ଅର୍ଜନ ସୁଦୂର-ପରାହତ । ସେଥିପାଇଁ ସେ ଜନସାଧାରଣଙ୍କୁ ଆକୁଳ କଣ୍ଠରେ ନିବେଦନ ଜଣାଇଛନ୍ତି ।

"ପଣ୍ଡିତଜନେ ସମସ୍ତ ଜଞ୍ଜାଳ ଉପେକ୍ଷିବା
ମନବଚନ କର୍ମବେ ହରିଙ୍କି କରି ସେବା ।" (ମୂଷଳୀ-୯)

**ଜାତିସ୍ମରତ୍ୱ :**

ସାରଳାଦାସ ତାହାଙ୍କ ମହାଭାରତ ଓ ଚଣ୍ଡୀ ପୁରାଣରେ ନିଜର ପୂର୍ବଜନ୍ମ ବୃତ୍ତାନ୍ତ ଉଲ୍ଲେଖ କରିଅଛନ୍ତି । ସେଥିରୁ ଜଣାଯାଏ ଯେ, ସେ ପିଣ୍ଡଦେହରେ ଶିବଙ୍କର ଦ୍ୱାରପାଳ ଥିଲେ । କିନ୍ତୁ ଶିବପାର୍ବତୀଙ୍କ ରତିରସ ବର୍ଣ୍ଣନା କରିବା ଅପରାଧରେ ବିଘ୍ନରାଜ ଗଣେଶ ତାଙ୍କୁ ମର୍ତ୍ତ୍ୟଭୂମିରେ ମନୁଷ୍ୟ ଯୋନିରେ ଜନ୍ମଗ୍ରହଣ କରିବା ପାଇଁ ଅଭିଶାପ ଦେଲେ । ତା'ପରେ ଶିବ ତାଙ୍କ ପ୍ରତି କୃପା ପ୍ରକାଶ କରି କହିଲେ ଯେ ସେ ଚାରିଥର ମନୁଷ୍ୟଯୋନିରେ ଜନ୍ମଗ୍ରହଣ କରିବେ । ପ୍ରଥମ ଜନ୍ମରେ ତାଙ୍କର ନାମ ହେବ କାଳିଦାସ, ଦ୍ୱିତୀୟ ଜନ୍ମରେ ମହାକାଳ ଧ୍ୱଂସ ଏବଂ ତୃତୀୟ ଜନ୍ମରେ ସାରଳାଦାସ । ଏହାପରେ ଆଉ ଥରେ ମାତ୍ର ସେ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିବେ । ପ୍ରତିଥର ପନ୍ଦର ଲକ୍ଷ ହିସାବରେ ଷାଠିଏ ଲକ୍ଷ ପଦରେ ବିଷ୍ଣୁଲୀଳା କୀର୍ତ୍ତନ କରି ସେ ବିଘ୍ନରାଜଙ୍କର ଅଭିଶାପରୁ ମୁକ୍ତିଲାଭ କରିବେ ଏବଂ ମର୍ତ୍ତ୍ୟମଣ୍ଡଳ ତ୍ୟାଗକରି ଶିବଙ୍କର ଦ୍ୱାରପାଳ ପଦରେ ଅଧିଷ୍ଠିତ ହେବେ । ଚଣ୍ଡୀ ପୁରାଣରେ ଏହି ବିଷୟଟି କଥିତ

ଭିନ୍ନ ଭାବରେ ବିବୃତ ହୋଇଅଛି । ତଦନୁଯାୟୀ ସେ ଥିଲେ ବ୍ରହ୍ମାଙ୍କ ପୁତ୍ର ମନୁ । ବିଷ୍ଣୁଙ୍କ ଦ୍ୱାରପାଳ ଜୟବିଜୟଙ୍କୁ ସେ ଅଭିଶାପ ଦେଇଥିବାରୁ ସେଥିରେ କ୍ଷୁବ୍ଧ ହୋଇ ବିଷ୍ଣୁ ତାଙ୍କୁ ମର୍ତ୍ତ୍ୟଲୋକରେ ମନୁଷ୍ୟଯୋନିରେ ଜନ୍ମଗ୍ରହଣ କରିବା ପାଇଁ ଶାପ ଦେଇଥିଲେ । ଏହି ବିଷୟ ଜଣେ କବିଙ୍କର ଦୁଇ ଗ୍ରନ୍ଥରେ ବିଭିନ୍ନ ପ୍ରକାରେ ଉଲ୍ଲିଖିତ ହୋଇଥିବାରୁ କେତେକ ଏହାକୁ ପରବର୍ତ୍ତୀ କାଳର ପ୍ରକ୍ଷେପ ବୋଲି ମନେ କରନ୍ତି । ବିଷୟଟି କେବଳ ଏହି ଦୁଇଟି ସ୍ଥାନରେ କଥିତ ହୋଇଥିଲେ ଏହାକୁ ପ୍ରକ୍ଷେପ ବୋଲି ଧରିନେବାରେ କୌଣସି ଅସୁବିଧା ରହନ୍ତା ନାହିଁ; କିନ୍ତୁ ମହାଭାରତର ପ୍ରାୟ ପ୍ରତି ପର୍ବରେ ଏକାଧିକ ସ୍ଥାନରେ ଏହି ବିଷୟ ସିଧାସଳଖ ଭାବରେ କିମ୍ବା ପରୋକ୍ଷରେ କୁହାଯାଇଛି । ତେଣୁ ଏହାକୁ ସାରଳାଦାସଙ୍କର ନିଜର ଉକ୍ତି ବୋଲି ଗ୍ରହଣ କରିବା ଅଧିକ ଯୁକ୍ତିସଙ୍ଗତ ।

"ଶିବଙ୍କର ସିଂହଦ୍ୱାରେ ଦ୍ୱାରପାଳ ମୁହିଁ ପୂର୍ବେ
କଳ୍ପିତ ପାତକେ ମୁଁ ମାନବ ଜନ୍ମ ଏବେ । ( ବନପର୍ବ )

× × ×

କଳି କାଳ ବିକାଳ ଏ ପାପ ପୁଣ୍ୟ ବେନି
ପୂର୍ବର କଳ୍ପିତ ଦୋଷେ ଉପୁଜିଲି ମାନବଯୋନି । ( ବିରାଟପର୍ବ-୯୨ )

× × ×

ଶିବ ଦ୍ୱାରପାଳ ମୁଁ ଅଭିସାରକ କବି
ମାନୁଷ ଯୋନିରେ ଜନ୍ମ ପ୍ରସନ୍ନ ବାକ୍ୟଦେବୀ ।" ( ମୂଷଳୀ-୧୩୪ )

ଉପରୋକ୍ତ ଉକ୍ତିସମୂହରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଏସବୁ କବିଙ୍କର ନିଜ ଲେଖା, ପ୍ରକ୍ଷେପ ନୁହେଁ । ଏହି କାରଣରୁ କେତେକ ସାରଳାଦାସଙ୍କଠାରେ ଜାତିସ୍ମରତ୍ୱ ଆରୋପ କରିଥାନ୍ତି । କିନ୍ତୁ ସାରଳାଦାସ ଏ ପ୍ରକାର ସମ୍ଭାବନାକୁ ଖଣ୍ଡନ କରିଅଛନ୍ତି : "ନୁହଇ ମୁଁ ଜାତିସ୍ମର ନ ଜାଣଇ ଏହା / ସିଦ୍ଧଚଣ୍ଡୀ ସାରଳା କହିଲେ ମୋତେ ଯାହା ।" (ସ୍ୱର୍ଗାରୋହଣ-୨୨)। ଅନ୍ୟ କେତେକଙ୍କ ମତରେ ଜାତିସ୍ମରତ୍ୱ ଏକ ପ୍ରତିଷ୍ଠିତ ବୌଦ୍ଧ ପରମ୍ପରା । ବୁଦ୍ଧ ଜାତିସ୍ମର ଥିଲେ ଏବଂ ବୌଦ୍ଧଜାତକ ଗଳ୍ପସମୂହରେ ତାହାଙ୍କର ବହୁ ପୂର୍ବଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି । ସାରଳାଦାସ ବୌଦ୍ଧଧର୍ମର ଆଚାର ଓ ଦର୍ଶନଦ୍ୱାରା ପ୍ରଭାବିତ ହୋଇ ଏପରି ଲେଖିଯାଇଥିବା ସମ୍ଭବପର; କିନ୍ତୁ ଯେତେଦୂର ଅନୁମିତ ହୁଏ, ଏହା ସାରଳାଦାସଙ୍କ ଭକ୍ତିଭାବନାର କାବ୍ୟିକ ପ୍ରକାଶମାତ୍ର । ଉପାସ୍ୟ ଓ ଉପାସକ, ଭକ୍ତ ଓ ଭଗବାନଙ୍କର ସମ୍ବନ୍ଧ ନିତ୍ୟ । ଏହା ଏକ ଇନ୍ଦ୍ରିୟାତୀତ ଓ ଦେହାତୀତ ସମ୍ବନ୍ଧ; ତେଣୁ ଦେଶ ଓ କାଳ ନିରପେକ୍ଷ । ପ୍ରେମିକ ଭକ୍ତ ମନେକରେ ଭଗବାନଙ୍କ ସହିତ ତାର ଏ ସମ୍ବନ୍ଧ ଏତେ ଦୃଢ଼ ଓ ଏତେ ନିବିଡ଼ ଯେ ତାହା ଗୋଟିଏ ଜନ୍ମରେ ସୀମିତ ହୋଇ ନପାରେ । ଦେଶକାଳର ସୀମା ଅତିକ୍ରମ କରି ତାହା ଜନ୍ମ-ଜନ୍ମାନ୍ତରରେ ପରିବ୍ୟାପ୍ତ ହୋଇଥାଏ । ସାରଳାଙ୍କ ଗ୍ରନ୍ଥସମୂହରେ ଏହି କଥା ବାରମ୍ବାର ସୂଚାଇ ଦିଆଯାଇଛି ।

ଜୟ ଜୟ ଜନନୀ ଗୋ ଦେବୀ କାତ୍ୟାୟିନୀ
ଆଦ୍ୟ ଅନ୍ନପୂର୍ଣ୍ଣା ଶୁଦ୍ଧ ମାଗୋ ନାରାୟଣୀ ।
ତବ ଚରଣରେ ମୁହିଁ ଜନ୍ମେ ଜନ୍ମେ ସେବି
ଜନ୍ମେ ଜନ୍ମେ ଅଟଇ ଗୋ ମୁହିଁ ଶୂଦ୍ରମୁନି ।
କେବଳ ସେବିଲି ଦୁର୍ଗା ଶ୍ରୀଚରଣ ବେନି । ( ଚଣ୍ଡୀପୁରାଣ )

ଏହାହିଁ ସାରଳାଦାସଙ୍କ ପୂର୍ବଜନ୍ମ ବୃତ୍ତାନ୍ତର ଏକମାତ୍ର ଯୁକ୍ତିସଙ୍ଗତ ବ୍ୟାଖ୍ୟା ।

## ରାଜାନୁଗ୍ରହ ଲାଭ :

କିମ୍ବଦନ୍ତୀରୁ ଜଣାଯାଏ ଯେ ସାରଳା ଦାସ ପୁରୀର ଗଜପତି ମହାରାଜାଙ୍କ ଦ୍ୱାରା ଅନୁଗୃହୀତ ହୋଇଥିଲେ । ତାହାଙ୍କ ଜଗନ୍ନାଥଭକ୍ତି ତଥା ମହାଭାରତ ରଚନା ଯୋଗୁଁ ରାଜା ତାଙ୍କୁ ରାଜକବି ଉପାଧିରେ ଭୂଷିତ କରିବା ସଙ୍ଗେ ସଙ୍ଗେ ଝଙ୍କଡ଼ ପ୍ରଭୃତି ଗ୍ରାମ ନିଷ୍କର ବୃତ୍ତି ସ୍ୱରୂପ ଦାନ କରିଥିଲେ; କିନ୍ତୁ ସାରଳାଦାସ ରାଜକୃପା ଲାଭ କରିଥିବାର କୌଣସି ପ୍ରମାଣ ତାଙ୍କ ଗ୍ରନ୍ଥସମୂହରୁ ମିଳେନାହିଁ । ଚଣ୍ଡୀ ପୁରାଣରେ ସେ ଭୂମିକର୍ଷଣ ଦ୍ୱାରା ଜୀବିକା ନିର୍ବାହ କରୁଥିବା ବିଷୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଅଛନ୍ତି । ମହାଭାରତରେ ବହୁ ସ୍ଥଳରେ ମଧ୍ୟ ସେ ନିଜ ଦାରିଦ୍ର୍ୟ ତଥା କୁଟୁମ୍ବ କଙ୍କାଳ ବିଷୟ ଉଲ୍ଲେଖ କରିଅଛନ୍ତି । ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ କବି ଆଜୀବନ ଦରିଦ୍ର ଥିଲେ ଏବଂ ରାଜାନୁଗ୍ରହ ଲାଭର ଅଭିଳାଷ ପୋଷଣ କରି ନଥିଲେ ।

## ମହାପ୍ରୟାଣ :

ସାରଳାଦାସ ସାରାଜୀବନ ଜନସେବା, ବାଣୀ ଅର୍ଚ୍ଚନା, ଦେବାରାଧନା ଓ ଯୋଗସାଧନାରେ ନିରତ ରହି ଅତ୍ୟନ୍ତ ପରିଣତ ବୟସରେ ନିଜର ସାଧନାପୀଠ ବଡ଼ ସାରୋଳଠାରେ ଦେହ ତ୍ୟାଗ କରିଥିଲେ । ତେନ୍ତୁଳିଆପଦା ବା ବଡ଼ ସାରୋଳାଠାରେ ଅବସ୍ଥିତ ମୁନି ଗୋସାଇଁ ମଠରେ ଅଦ୍ୟାବଧି ମାଘସପ୍ତମୀ ମହୋତ୍ସବ ଅନୁଷ୍ଠିତ ହୁଏ । ସମ୍ଭବତଃ ସାରଳାଦାସ ଏହି ପବିତ୍ର ଦିବସରେ ମର ଶରୀର ତ୍ୟାଗକରି ଅମରପଥର ଯାତ୍ରୀ ହୋଇଥିଲେ ।

□□□

# ଦ୍ୱିତୀୟ ଅଧ୍ୟାୟ

# ସାରଳା ସାହିତ୍ୟ

ବିଲଙ୍କା ରାମାୟଣ, ଓଡ଼ିଆ ମହାଭାରତ ଓ ଓଡ଼ିଆ ଚଣ୍ଡୀ ପୁରାଣ, ଏହି ତିନିଖଣ୍ଡି ଗ୍ରନ୍ଥ ସାରଳାଦାସଙ୍କ ଦ୍ୱାରା ରଚିତ ହୋଇଥିବା ଜଣାଯାଏ । ଚଣ୍ଡୀପୁରାଣରେ ନିଜର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା ପ୍ରସଙ୍ଗରେ ସାରଳାଦାସ ଲେଖିଅଛନ୍ତି : "ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ / ତୃତୀୟେ ଲିଖନ କଲି ଶିବା ଭାଗବତ ।" ରାମାୟଣ କହିଲେ ଏଠାରେ ବିଲଙ୍କାରାମାୟଣ ଓ ଭାଗବତ କହିଲେ ଚଣ୍ଡୀପୁରାଣ ବା 'ଦେବୀ ଭାଗବତ' ବୋଲି ବୁଝିବାକୁ ହେବ । ଏହି ତିନିଖଣ୍ଡ ଗ୍ରନ୍ଥ ମଧ୍ୟରୁ ବିଲଙ୍କାରାମାୟଣ ଓ ଚଣ୍ଡୀ ପୁରାଣ ଅପେକ୍ଷାକୃତ କ୍ଷୁଦ୍ର ରଚନା ଏବଂ ଅଷ୍ଟାଦଶ ପର୍ବ-ସମ୍ବଳିତ ମହାଭାରତ ଏକ ବିରାଟ ମହାକାବ୍ୟ । ଏହା ଆକାରରେ ବ୍ୟାସରଚିତ ସଂସ୍କୃତ ମହାଭାରତଠାରୁ ବଡ଼ । କାରଣ ସଂସ୍କୃତ ମହାଭାରତର ଶ୍ଳୋକ ସଂଖ୍ୟା ଏକଲକ୍ଷ ହୋଇଥିବା ସ୍ଥଳେ ସାରଳା ମହାଭାରତର ମୋଟ ପଦସଂଖ୍ୟା ଏକ ଲକ୍ଷ ଚାଳିଶ ହଜାର । ଉପରୋକ୍ତ ତିନିଖଣ୍ଡ ଗ୍ରନ୍ଥ ବ୍ୟତୀତ ସିଦ୍ଧେଶ୍ୱର ଦାସଙ୍କ ନାମରେ ଭଣିତାଯୁକ୍ତ 'ବିଚିତ୍ର ରାମାୟଣ' ନାମକ ଗ୍ରନ୍ଥ ମଧ୍ୟ ସାରଳାଦାସଙ୍କ ଦ୍ୱାରା ରଚିତ ବୋଲି ଅନେକଙ୍କର ମତ; କିନ୍ତୁ ଏ ପର୍ଯ୍ୟନ୍ତ ଏହା ଏକ ବିବଦମାନ ବିଷୟ ହୋଇ ରହିଥିବା ହେତୁ ସ୍ଥିର ନିଶ୍ଚିତ ଭାବରେ କିଛି କହିବା ସମ୍ଭବପର ନୁହେଁ । ସାରଳାଦାସଙ୍କ ନାମରେ ଭଣିତାଯୁକ୍ତ 'ଲକ୍ଷ୍ମୀ ନାରାୟଣୀ ବଚନିକା' ନାମକ ଅନ୍ୟ ଏକ କ୍ଷୁଦ୍ର ରଚନାର ସନ୍ଧାନ ଏବେ ମିଳିଛି । ଏଥିରେ ଲକ୍ଷ୍ମୀ ନାରାୟଣ କଥୋପକଥନ ଛଳରେ ସ୍ତ୍ରୀ ପୁରୁଷ ମଧ୍ୟରେ ଦାମ୍ପତ୍ୟ ଜୀବନ ଓ ପାରିବାରିକ ସମ୍ପର୍କ ଆଲୋଚିତ ହୋଇଅଛି । ପରବର୍ତ୍ତୀ କାଳରେ ରଚିତ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଏହାଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିବା ଅନୁମିତ ହୁଏ ।

**ବିଲଙ୍କା ରାମାୟଣ :**

ଶିବ ପାର୍ବତୀଙ୍କର କଥୋପକଥନ ଛଳରେ ସମଗ୍ର ଗ୍ରନ୍ଥଟିର କଥାବସ୍ତୁ ପରିକଳ୍ପିତ ହୋଇଅଛି । ଲଙ୍କାର ରାଜା ରାବଣକୁ ମାରି ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ପ୍ରତ୍ୟାଗମନ କଲେ । ଅଯୋଧ୍ୟାରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ନିମିତ୍ତ ସକଳ ପ୍ରକାର ଆୟୋଜନ କରାଗଲା । ରାମଚନ୍ଦ୍ରଙ୍କର ଅଭିଷେକ ବାର୍ତ୍ତା ଶୁଣି ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ଯମ ବିଲଙ୍କାର ସହସ୍ରଶିରା ରାବଣ ଦ୍ୱାରା ଦେବତାମାନଙ୍କରୁ ଅକଥନୀୟ

ନିର୍ଯାତନା ବିଷୟ ଶୁଣାଇ କାନ୍ଦିବାକୁ ଲାଗିଲେ । ଦେବତାମାନେ ବିଚାର କଲେ ଯେ ରାମଙ୍କ ବ୍ୟତୀତ ସହସ୍ରଶିରା ରାବଣକୁ ବଧ କରିବା ପାଇଁ ଅନ୍ୟ କେହି କ୍ଷମ ନୁହନ୍ତି । କିନ୍ତୁ ରାମ ଥରେ ରାଜପଦରେ ଅଭିଷିକ୍ତ ହୋଇଗଲେ ସେ ଆଉ ବିଲଙ୍କାରେ ରାବଣକୁ ମାରିବା ପାଇଁ ମନ ବଳାଇବେ ନାହିଁ । ତେଣୁ ବ୍ରହ୍ମାଙ୍କର ପରାମର୍ଶକ୍ରମେ ସ୍ଥିର ହେଲା ଯେ ମାୟା-ବଳରେ ରାମଙ୍କ ମନ ବଦଳାଇ ତାଙ୍କୁ ବିଲଙ୍କା ପଠାଇବାକୁ ହେବ । ଏହି ଉଦ୍ଦେଶ୍ୟରେ ଖଳ ଓ ଦୁର୍ବଳଙ୍କୁ ଅଯୋଧ୍ୟାକୁ ପଠାଗଲା । ସେ ଦୁହେଁ ଯଥାକ୍ରମେ ସୀତା ଓ ରାମଙ୍କ କଣ୍ଠରେ ବିଜେ କରି ସେମାନଙ୍କ ମନକୁ ଉତ୍ତେଜିତ କରିବାକୁ ଲାଗିଲେ । ଠିକ୍ ସେତିକିବେଳେ ରାମଚନ୍ଦ୍ର କୁଳଗୁରୁ ବଶିଷ୍ଠଙ୍କୁ ଲଙ୍କା-ବିଜୟ କାହାଣୀ ଶୁଣାଉଥାନ୍ତି । ସୀତା ରାମଙ୍କ ଉକ୍ତିର ଘୋର ପ୍ରତିବାଦ କରି କହିଲେ ଯେ ରାମଙ୍କ ପକ୍ଷରେ ବୃଥା ଆସ୍ଫାଳନ ଶୋଭା ପାଏ ନାହିଁ । ରାବଣ-ବିଜୟର ପ୍ରକୃତ ଗୌରବ ରାମଙ୍କର ନୁହେଁ, ତାଙ୍କ ନିଜର । କାରଣ ତାଙ୍କର ଉପସ୍ଥିତି ବିନା ରାବଣ କେବେହେଁ ମରିନଥାନ୍ତା । ଯଦି ରାମଚନ୍ଦ୍ର ପ୍ରକୃତରେ ବୀର, ତାହାହେଲେ ବିଲଙ୍କାରେ ସହସ୍ରଶିରା ରାବଣକୁ ମାରି ନିଜ ବଳବୀର୍ଯ୍ୟର ପ୍ରମାଣ ଦିଅନ୍ତୁ । ସୀତାଙ୍କର ଏ ପ୍ରକାର କଟୂକ୍ତିରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ରାମଚନ୍ଦ୍ର ସଙ୍ଗେ ସଙ୍ଗେ କୋଦଣ୍ଡ ଧାରଣପୂର୍ବକ ବିଲଙ୍କା ଯାତ୍ରା କଲେ । ପରେ ହନୁମାନ ଯାଇ ତାଙ୍କ ସହିତ ମିଳିତ ହେଲେ । ବିଲଙ୍କାରେ ସହସ୍ରଶିରା ରାବଣ ସହିତ ରାମଙ୍କର ଘୋର ଯୁଦ୍ଧ ହେଲା; କିନ୍ତୁ ରାମ ଓ ହନୁମାନଙ୍କର ସକଳ ଚେଷ୍ଟା ବୃଥା ହେଲା । କୌଣସି ପ୍ରକାରେ ବିଲଙ୍କା ରାବଣ ମଲା ନାହିଁ । ଏଥିରେ ଅତ୍ୟନ୍ତ ହତାଶ ଓ ବିଚଳିତ ହୋଇ ରାମଚନ୍ଦ୍ର ସହସ୍ରଶିରା ରାବଣକୁ ମାରିବା ପାଇଁ ନିଜର ଅସାମର୍ଥ୍ୟ ଜଣାଇଦେଲେ । ଦେବତାମାନେ କହିଲେ ଯେ ସୀତାଦେବୀ ନ ଆସିଲେ ସହସ୍ରଶିରା ରାବଣର ମୃତ୍ୟୁ ଅସମ୍ଭବ । ଦେବତାମାନଙ୍କର ଏହି ପ୍ରସ୍ତାବରେ ରାମଚନ୍ଦ୍ର ରାଜି ହେବାରୁ ହନୁମାନ ଅଯୋଧ୍ୟା ଯାଇ ଲକ୍ଷ୍ମଣ ଓ ସୀତାଦେବୀଙ୍କୁ ସାଙ୍ଗରେ ଧରି ଆସିଲେ । ସୀତା ମହିଷାମର୍ଦ୍ଦିନୀ, ମହାମାୟା କାତ୍ୟାୟନୀ ପ୍ରଦତ୍ତ ପୁଷ୍ପାୟୁଧ ଧାରଣପୂର୍ବକ ଅଷ୍ଟାଲଙ୍କାରଭୂଷିତା ତ୍ରୈଲୋକ୍ୟମୋହିନୀ ବେଶରେ ସହସ୍ରଶିରା ରାବଣ ସମ୍ମୁଖରେ ରଥରେ ବିଜେକଲେ । ତାହାଙ୍କ ନବଯୌବନ ଦର୍ଶନରେ କାମପୀଡ଼ିତ ମହାପ୍ରତାପଶାଳୀ ସହସ୍ରଶିରା ରାବଣ ସମସ୍ତ ବଳବୀର୍ଯ୍ୟ ହରାଇ ନିଶ୍ଚେଷ୍ଟ ଓ ଦୁର୍ବଳ ହୋଇପଡ଼ିଲା ।

"ନବ ଯଉବନ ସତୀ ଦେଲେକ ଦେଖାଇ
ପଞ୍ଚଶର ପୁଷ୍ପ ଧନୁରେ ପୂରାଇ
ଆପଣା ଗର୍ଭରୁ କାଢ଼ି ଜନକଦୁଲଣୀ
ଅସୁର ଉପରେ ଦେବୀ ବିନ୍ଧିଲେକ ଟାଣି ।
କନ୍ଦର୍ପର ପଞ୍ଚଶର ଅଙ୍ଗରେ ବାଜିଲା
ବେଳୁବେଳ ଦୈତ୍ୟତନୁ ଆତୁର ହୋଇଲା ।"

ସହସ୍ରଶିରା ରାବଣର ଏହି ନିଶ୍ଚେଷ୍ଟ ଅବସ୍ଥାରେ ରାମଚନ୍ଦ୍ର ଶର ପ୍ରହାରକରି ତାକୁ ସଂହାର କଲେ ।

'ବିଲଙ୍କା ରାମାୟଣ' ମୁଖ୍ୟତଃ ସଂସ୍କୃତ 'ଅଦ୍ଭୁତ ରାମାୟଣ' ଉପରେ ଆଧାରିତ ହେଲେହେଁ ଏହାର କଥାବସ୍ତୁର ବିନ୍ୟାସ ଓ ଉପସ୍ଥାପନାରେ ଯଥେଷ୍ଟ ନୂତନତ୍ୱ ପରିଲକ୍ଷିତ ହୁଏ । ଏହାର ଭାଷା ସରଳ ଓ ବର୍ଣ୍ଣନା ସାବଲୀଳ । କବି କୃଷକ-ଜୀବନରୁ ବହୁ ଉପମା ଓ ରୂପକଳ୍ପ ଗ୍ରହଣକରି ବିଷୟଗୁଡ଼ିକୁ ସରସ ଓ ହୃଦୟଗ୍ରାହୀ କରିବା ପାଇଁ ଉଦ୍ୟମ କରିଅଛନ୍ତି ।

"ଦେବଙ୍କୁ ବୋଇଲେ ଗୋଟା ଲୁହାମଇ ଆଣ
ଲୁହାମଇ ବୁଲାଇବା ବିଲଙ୍କା ଭୁବନ ।
ଏହା ଶୁଣି ଦେବଗଣ ହରଷ ହୋଇଲେ
ଲୁହାମଇ ଗୋଟା ଆଣି ଶ୍ରୀରାମଙ୍କୁ ଦେଲେ ।
ସୀତା ଘେନି ମଇ ପରେ ବସିଲେ ଶ୍ରୀରାମ
ଲୁହାମଇ ବୁଲାଇଲେ ବିଲଙ୍କା ଭୁବନ ।
ଖାଲ ଢିପ ଭୂମି ସବୁ ସମତୁଲ କଲେ
ଦୈତ୍ୟ ଗଣ୍ଡିମୁଣ୍ଡ ସମୁଦ୍ରରେ ପକାଇଲେ ।"

ଏଥିରୁ କବିଙ୍କର ଅଦ୍ଭୁତ କଳ୍ପନାଶକ୍ତିର ପରିଚୟ ମିଳେ । ଦେବୀଙ୍କର ମାହାତ୍ମ୍ୟ କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ କବି ଏଥିରେ ଦେଖାଇବାକୁ ଚାହାନ୍ତି ଯେ ନାରୀ କେବଳ ପୁରୁଷର ଶଯ୍ୟାସଙ୍ଗିନୀ ବା ବିଳାସସାମଗ୍ରୀ ନୁହେଁ; ପୁରୁଷର ସହଯୋଗିନୀ ଓ ସମଭାଗିନୀ ରୂପେ ସମାଜରେ ତାର ଏକ ବିଶିଷ୍ଟ ଓ ବଳିଷ୍ଠ ଭୂମିକା ରହିଅଛି ।

## ଚଣ୍ଡୀ ପୁରାଣ :

'ଚଣ୍ଡୀ ପୁରାଣ' ମହାଭାରତର ପରବର୍ତ୍ତୀ ରଚନା । ଏହାର ପରିକଳ୍ପନା କବି ମହାଭାରତ ରଚନା କଲାବେଳକୁ କରିସାରିଥିବା ମନେହୁଏ । ବିରାଟ ପର୍ବରେ ଚଣ୍ଡୀ ପୁରାଣର ଯେଉଁ ସଂକ୍ଷିପ୍ତସାର ପ୍ରଦତ୍ତ ହୋଇଅଛି, ସଂଗୀତ ପୁସ୍ତକ ତାର ସଂପ୍ରସାରଣ ମାତ୍ର । 'ଚଣ୍ଡୀ ପୁରାଣ'ର ବିଷୟବସ୍ତୁ ସଂସ୍କୃତ ମାର୍କଣ୍ଡେୟ ଚଣ୍ଡୀ ଓ ଦେବୀଭାଗବତ ଉପରେ ଆଧାରିତ ହେଲେହେଁ ଚରିତ୍ରସମୂହର ନାମକରଣ ଓ ଅନ୍ୟାନ୍ୟ ବହୁ ବିଷୟରେ ଯଥେଷ୍ଟ ମୌଳିକତା ରହିଅଛି । ସମୁଦାୟ ବିଷୟଟି ଶୁକ-ପରୀକ୍ଷିତ ସମ୍ବାଦ ଆକାରରେ ପରିକଳ୍ପିତ ହୋଇଅଛି । ଦୈତ୍ୟପତି କପିଳସିଂହର ଯୁବତୀ ସ୍ତ୍ରୀ ଧର୍ମରେଖା ସ୍ୱାମୀଙ୍କର କଠୋର ଶୃଙ୍ଗାରକୁ ସହ୍ୟ କରି ନ ପାରି ଆତ୍ମରକ୍ଷା ପାଇଁ ଗୋଟିଏ ମଇଁଷିର ଛଦ୍ମବେଶରେ ସିଂହଳ ଦ୍ୱୀପକୁ ପଳାୟନ କଲା । ସେଠାରେ ଯମଙ୍କର ବାହନ କୃତାନ୍ତ ନାମକ ମଇଁଷି ତାକୁ

ଦେଖି ତା ପ୍ରତି ବଳାତ୍କାର କଲା ଏବଂ ସେହି ମିଳନରୁ ଜାତ ହେଲା ମହିଷାସୁର । ଦୈତ୍ୟରାଜ କପିଳ ସିଂହ ନିଜ ଭାର୍ଯ୍ୟାକୁ ଖୋଜି ଖୋଜି ସିଂହଳ ଦ୍ୱୀପରେ ପହଞ୍ଚିଲା । ସେଠାରେ ସେ ନିଜ ପତ୍ନୀର ସନ୍ଧାନ ପାଇଲା । ହେଲେ ଲୋକଲଜ୍ଜା ଭୟରେ ସେମାନେ ଆଉ ନିଜ ରାଜ୍ୟକୁ ଫେରି ନ ଆସି ସିଂହଳର ସେନାବଳପୁରଠାରେ ଏକ ନୂତନ ନଗର ନିର୍ମାଣ କରି ସେଠାରେ ବାସକଲେ । ସେମାନଙ୍କ ଯତ୍ନରେ ଲାଳିତପାଳିତ ହୋଇ ମହିଷାସୁର ପୃଥିବୀର ଅଦ୍ୱିତୀୟ ବୀରପୁରୁଷ ରୂପରେ ଆତ୍ମପ୍ରକାଶ କଲା । ତାର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତାହାକୁ ବର ପ୍ରଦାନ କଲେ ଯେ ଦେବ, ଦାନବ, ଯକ୍ଷ, ରକ୍ଷ, ଗନ୍ଧର୍ବ, ନର, ବାନର କାହାରିଦ୍ୱାରା ସେ ଯୁଦ୍ଧରେ ପରାଜିତ ହେବ ନାହିଁ; କେବଳ ଜଣେ ନାରୀ ହାତରେ ତାର ମୃତ୍ୟୁ ସମ୍ଭବପର । ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ଭୁବନରେ ତାର ଅଖଣ୍ଡ କୀର୍ତ୍ତି ବିସ୍ତାର କଲା । ମହିଷାସୁର ଦ୍ୱାରା ନିର୍ଯାତିତ ଦେବଗଣ ଆତ୍ମରକ୍ଷାର ଉପାୟାନ୍ତର ନ ଦେଖି କ୍ଷୀରସମୁଦ୍ରରେ ନାରାୟଣଙ୍କର ଆଶ୍ରୟପ୍ରାର୍ଥୀ ହେଲେ । ନାରାୟଣ ତେତିଶ କୋଟି ଦେବତାଙ୍କ ସହିତ ମେରୁ ପର୍ବତ ଉପରେ ମହିଷାସୁରର ନିଧନ ଉପାୟ ଚିନ୍ତା କରୁଥିବା ସମୟରେ ମହିଷାସୁର ଲୁଚି ଲୁଚି ତାର ଶିଙ୍ଗରେ ମେରୁ ପର୍ବତକୁ ଆଘାତ କଲା । ଦୁର୍ଦ୍ଦାନ୍ତ ମହିଷାସୁରର ଶିଙ୍ଗର ଆଘାତରେ ମେରୁ ପର୍ବତ ଟଳିବାରୁ ଦେବତାମାନଙ୍କ ମୁଖରୁ ପ୍ରଚଣ୍ଡ ପ୍ରଳୟାଗ୍ନି ସମ୍ଭୂତ ହେଲା । ସେହି ପ୍ରଳୟଙ୍କରୀ ଅଗ୍ନିଗର୍ଭରୁ ଜନ୍ମଲାଭ କଲେ ଦୁର୍ଗତିନାଶିନୀ ମହାମାୟୀ ସହସ୍ରଭୁଜା ଦୁର୍ଗା । ତା'ପରେ ଦେବତାମାନେ ଦୁର୍ଦ୍ଧର୍ଷ ମହିଷାସୁରର ବଧ ନିମିତ୍ତ ଦୁର୍ଗାଙ୍କୁ କାତର ପ୍ରାର୍ଥନା ଜଣାଇବା ସଙ୍ଗେ ସଙ୍ଗେ ତାହାଙ୍କୁ ନିଜ ନିଜର ଅସ୍ତ୍ରଶସ୍ତ୍ର ପ୍ରଦାନ କଲେ । ତତ୍ପରେ ଦେବୀ ଅପୂର୍ବ ରୂପଲାବଣ୍ୟମୟୀ ମୋହିନୀରୂପରେ ରହିଗିରି ଉପରେ ବିଜେ କଲେ ।

ଚଣ୍ଡ, ମୁଣ୍ଡ ପ୍ରଭୃତି ମହିଷାସୁରର ସେନାପତିଗଣ ଦେବୀଙ୍କର ଅପରୂପ ଲାବଣ୍ୟରେ ମୁଗ୍ଧ ହୋଇ ମହିଷାସୁରକୁ ତାଙ୍କର ସନ୍ଦେଶ ଦେବାରୁ ମହିଷାସୁର ସେହି ସୁନ୍ଦରୀ ରମଣୀଙ୍କୁ ଧରିନେବାପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଲା; କିନ୍ତୁ ଦେବୀଙ୍କ ଚକ୍ଷୁଦ୍ୱୟରୁ ନିର୍ଗତ ଅଗ୍ନିରେ ଚଣ୍ଡ, ମୁଣ୍ଡ ପୋଡ଼ି ପାଉଁଶ ହୋଇଗଲେ । ତା'ପରେ ଦେବୀ ନିଜ ଗର୍ଭରୁ ଛାୟା, ମାୟା ନାମକ ଦୁଇଜଣ ଯୋଗିନୀ ସୃଷ୍ଟି କରି ଅସୁରକୁଳ ବିନାଶ କରିବାପାଇଁ ସେମାନଙ୍କୁ ଆଦେଶ କଲେ । ଚଣ୍ଡ, ମୁଣ୍ଡ ସମେତ ଦୁର୍ଜୟ ଅସୁରସେନାର ବିନାଶରେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ମହିଷାସୁର ଦେବୀଙ୍କୁ ଧରିନେବାପାଇଁ ତାର ଶ୍ରେଷ୍ଠ ସେନାପତି ଶୁମ୍ଭ, ନିଶୁମ୍ଭଙ୍କୁ ତାଙ୍କ ନିକଟକୁ ପ୍ରେରଣକଲା । ଅସୁରଦ୍ୱୟଙ୍କ ନିକଟରେ ପ୍ରେମର ଛଳନାକରି ଦେବୀ ସେମାନଙ୍କର ମୃତ୍ୟୁଭେଦ ଜାଣିବା ପରେ ଘୋର କାମପୀଡ଼ିତ ଅବସ୍ଥାରେ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲିଦେଲେ । ଏହା ପରେ ମହିଷାସୁର ଦେବୀଙ୍କୁ ଧରିନେବାପାଇଁ ଗୁମର, ବେମାଳ, କାଳ ବିକାଳ, ତାମ୍ରମାଳା, ବିଡ଼ାଳାକ୍ଷ, ରକ୍ତବୀର୍ଯ୍ୟ, ବୀରଘଣ୍ଟ ଓ କାଳଦଣ୍ଡ

ଆଦି ବୀର ସେନାପତିମାନଙ୍କୁ ପ୍ରେରଣକଲା; କିନ୍ତୁ ସେମାନେ ସମସ୍ତେ ଦେବୀଙ୍କ ମାୟାରେ ମୋହ-ମୁଗ୍ଧ ହୋଇ ଅଚିରେ ମରଣପଥର ଯାତ୍ରୀ ହେଲେ । ଶେଷରେ ମହିଷାସୁର ଦେଶର ସମସ୍ତ ସୈନ୍ୟସାମନ୍ତ ଠୁଳ କରି ଦେବୀଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲା । ଦେବୀଙ୍କ ନିର୍ଦ୍ଦେଶରେ ଯୋଗିନୀ ଓ ଡାକିନୀଗଣ ଅଗଣିତ ଅସୁରସୈନ୍ୟଙ୍କୁ ମୂଳପୋଛି କଲେ; କିନ୍ତୁ ଦେବୀ ନିକ୍ଷିପ୍ତ କୌଣସି ଅସ୍ତ୍ର ମହିଷାସୁରର ବଜ୍ର-କଠିନ ଦେହକୁ ଭେଦକରି ପାରିଲା ନାହିଁ । ଦେବୀ ଏଥିରେ ନିରାଶ ହୋଇପଡ଼ିବାରୁ ସର୍ବମଙ୍ଗଳା କହିଲେ ଯେ ମହିଷାସୁର ବ୍ରହ୍ମାଙ୍କ ବରରେ ବଳୀୟାନ; ତେଣୁ ସାଧାରଣ ଅସ୍ତ୍ରଶସ୍ତ୍ରଦ୍ୱାରା ତାର ନିଧନ ଅସମ୍ଭବ । ତାର ମୃତ୍ୟୁର ଗୋଟିଏ ମାତ୍ର ଉପାୟ ଅଛି । ତାହା ହେଉଛି :

"ମାଗୋ ତୋର ଭଗମାର୍ଗ ନ ଦେଖଇ ଯେବେ
କୋଟିଯୁଗେ ମୈଷାସୁର ନ ମରଇ ତେବେ ।
ଏ ରୂପ ଗୁଡ଼ିଣ ତୁ ହେବୁ ଉଲଗ୍ନଶାୟୀ
ମୈଷା ମୋହ ହେବ ତୋର ଜାନୁ ଯୌବନକୁ ଚାହିଁ ।"

କିନ୍ତୁ ଏହି ଲଜ୍ଜାକର ପ୍ରସ୍ତାବରେ ଦେବୀ କୌଣସିମତେ ରାଜି ନହେବାରୁ ଦେବତା-ମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା । ସେମାନେ ସମସ୍ତେ ସୃଷ୍ଟିରକ୍ଷାର୍ଥ ସର୍ବମଙ୍ଗଳାଙ୍କ ପ୍ରସ୍ତାବରେ ସମ୍ମତିଦାନ କରିବା ପାଇଁ ଦେବୀଙ୍କୁ କାତର କଣ୍ଠରେ ନିବେଦନ କରିବାକୁ ଲାଗିଲେ । ଦୁର୍ଗତିତାରିଣୀ ମହାମାୟା ଦୁର୍ଗାଙ୍କ ପକ୍ଷରେ ଦେବତାମାନଙ୍କ ଆକୁଳ ଅନୁରୋଧ ଏଡ଼ିଦେବା ଆଉ ସମ୍ଭବପର ହେଲନାହିଁ । ବିଶ୍ୱ-ସୃଷ୍ଟିର ମଙ୍ଗଳ ପାଇଁ ସେ ସର୍ବସ୍ୱ ତ୍ୟାଗ କରିବାପାଇଁ ପ୍ରସ୍ତୁତ ହୋଇଗଲେ । ତା'ପରେ ଦେବୀ ବିଶ୍ୱ-ସଂହାରିଣୀ ଚାମୁଣ୍ଡା ମୂର୍ତ୍ତି ଧାରଣ କଲେ ।

"ବିବସନ ହେଲେ କେଶ କରିଣ ମୁକୁଳା
କାଛଟା ପିନ୍ଧିଲେ ଦିଶେ ଜାନୁ ଯେ ଯୁଗଳ ।"

ଦୁର୍ଗାଙ୍କ ଜାନୁ-ଯୌବନ-ଦର୍ଶନରେ ମହିଷାସୁର ଚାହିଁ ଚାହିଁ ହତବୀର୍ଯ୍ୟ ଓ ନିଶ୍ଚେଷ୍ଟ ହୋଇପଡ଼ିଲା ଏବଂ ସେହି ଅବସ୍ଥାରେ ଦେବୀ ତାର ବକ୍ଷରେ ଶୂଳବିଦ୍ଧ କରି ତାର ପ୍ରାଣ ସଂହାର କଲେ ।

'ଚଣ୍ଡୀ ପୁରାଣ' ନାମରେ ପୁରାଣ ହେଲେହେଁ ଯଥାର୍ଥରେ ଏକ ଉଚ୍ଚାଙ୍ଗ କାବ୍ୟ ଏବଂ ଏକ ସମରକାବ୍ୟ ହିସାବରେ ଓଡ଼ିଆ ସାହିତ୍ୟରେ ଏହାର ସ୍ଥାନ କେବଳ ସାରଳା ମହାଭାରତ ତଳକୁ । ଏହା ଏକ ରୌଦ୍ରରସପ୍ରଧାନ କାବ୍ୟ । ଏହାର ଛନ୍ଦେ ଛନ୍ଦେ ପ୍ରତିବିମ୍ବିତ ହୋଇଛି କୃଷକ-କବିଙ୍କର ଅପୂର୍ବ କଳ୍ପନାବିଳାସ ଓ ଅଦ୍ଭୁତ ବର୍ଣ୍ଣନାଚାତୁରୀ । ରୌଦ୍ର ଓ ବୀଭତ୍ସ ରସର ବର୍ଣ୍ଣନାରେ କବି ଅଦ୍ଭୁତ ଶକ୍ତିମତ୍ତା ପ୍ରଦର୍ଶନ କରିଅଛନ୍ତି ।

ରଣଭୂମିର ଯେଉଁ ବୀଭତ୍ସିକାମୟ ଚିତ୍ର ସେ ଅଙ୍କନ କରିଛନ୍ତି, ତାହା ପାଠକଲାବେଳେ ରୋମ ଟାଙ୍କୁରିଉଠେ ଏବଂ ହୃଦୟ ଭୟରେ ଜଡ଼ସଡ଼ ହୋଇଯାଏ । ମନେହୁଏ ସତେ ଯେପରି ପ୍ରତ୍ୟେକଟି ଘଟଣା ଦର୍ଶକର ଚକ୍ଷୁସମ୍ମୁଖରେ ଘଟିଯାଉଛି । କେବଳ ଯୁଦ୍ଧ ବା ରଣାଙ୍ଗନର ବର୍ଣ୍ଣନା ନୁହେଁ, ରୂପବର୍ଣ୍ଣନାରେ ମଧ୍ୟ ସେ ସିଦ୍ଧହସ୍ତତାର ପରିଚୟ ପ୍ରଦାନ କରିଅଛନ୍ତି ।

"ଆରକ୍ତନୟନୀ ବାମା କୁଟିଳା ତା ଦୃଷ୍ଟି
ବକ୍ର ନୟନେ ଚାହିଁଲେ ଶୈଳ ଯିବ ଫୁଟି ।
ତରଙ୍ଗ ତରଳ ନେତ୍ର ଚଞ୍ଚଳ କୁରଙ୍ଗୀ
ସଙ୍ଗବିହୀନରେ ସେହୁ ଚାହିଁଇ ବିଭଙ୍ଗୀ ।
ସ୍ୱାମୀ ହେମକୁ ଜିଣେ ଯେ ତିଳପୁଷ୍ପ ନାସା
ତାକୁ ଦେଖନ୍ତେ ଆନକୁ ନ ବଳିବ ଆଶା ।
ବେନି ଶ୍ରବଣେ ଲୁଳନ୍ତି ବେନି ଯେ କୁଣ୍ଡଳ
ପୁରୁଷନାଶକୁ କିବା ପାତିଅଛି ଜାଲ ।
ମୟୂରପୁଚ୍ଛ ପରାୟେ ଅଧର ସୁରଙ୍ଗ
ତାକୁ ଦେଖି ଯୋଗୀ ଯୋଗ ହୋଇଯିବ ଭଙ୍ଗ ।

× × × ×

ବସନ୍ତେ ଅଦ୍ଭୁତୋପମା ହସନ୍ତେ ଶୋଭିନୀ
ଚଳନ୍ତେ ହୁଅଇ ସେ ଯେ ତ୍ରୈଲୋକ୍ୟମୋହିନୀ ।
ରମ୍ଭାକୁ ପଟାନ୍ତର କରିବ ବା ରୂପ
ରମ୍ଭାଠାରୁ ଶତଗୁଣେ ଅଧିକ ସ୍ୱରୂପ ।
ସ୍ୱାମୀ ନବସୃଷ୍ଟି ଚିନ୍ତା ଛାଡ଼ି ପ୍ରଜାପତି
କେତେକାଳେ ସର୍ଜିଲା ସେ ଦେବ୍ୟରତ୍ନ କାନ୍ତି ।
ବହୁ ଯୁଗେ ରଚିଲା ସେ ସୃଷ୍ଟିଶ୍ୱରନ୍ତ କାନ୍ତି
ଭାଜିଲେ ଗଢ଼ିବ କେତେକାଳେ ପ୍ରଜାପତି ।
ତେଣୁକରି ବେଗେ ସେହୁ ନ କରଇ ଗତି
ତ୍ରୈଲୋକ୍ୟେ ଦେଖିଲୁ ନାହିଁ ଏମନ୍ତ ଯୁବତୀ ।" ( ଚଣ୍ଡୀପୁରାଣ-୬୫ )

ଦେବୀଙ୍କର ମହିମାକୀର୍ତ୍ତନ 'ଚଣ୍ଡୀ ପୁରାଣ' ରଚନାର ମୂଳ ଉଦ୍ଦେଶ୍ୟ ହେଲେହେଁ ଏହାର ଅନ୍ତରାଳରେ କବିଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ ଅନୁଧ୍ୟାନର ଯୋଗ୍ୟ । ସାରଳାଙ୍କ ମତରେ ନାରୀ ଅବଳା ନୁହେଁ କିମ୍ବା ପୁରୁଷର ସମ୍ଭୋଗ ସାମଗ୍ରୀବିଶେଷ ନୁହେଁ । ସେ ଅମାପ ଶକ୍ତିର ଅଧିକାରିଣୀ ।

"ହେ ପକ୍ଷୀ ଜାତ ମଧ୍ୟ ଅବସାନ ଏହି
କରନ୍ତି ଗୃହବାସ ଏ ମନୁଷ୍ୟଙ୍କୁ ମୋହି ।
ମହାଋଷି ବିପ୍ର ତପୋଧନ ତପ ଭାଜି
ମତ୍ତଗର୍ବ ପୁରୁଷଙ୍କ ଦର୍ପ ଦ୍ୟନ୍ତି ଭାଜି ।
ହରନ୍ତି ଦୁର୍ଗତି ଏହି ହୋଇ ଶାନ୍ତମୂର୍ତ୍ତି
ନାନାରଙ୍ଗ କଉତୁକ କରୁଣଥାଆନ୍ତି ।
ଜାତକାଳ କାଳେ ମାତା ରୂପ ସେ ହୁଅନ୍ତି
ଯୌବନରେ ପତ୍ନୀରୂପେ ମୋହିତ କରନ୍ତି ।
ଅନ୍ତଃକାଳେ ସେମାନେ ଯେ ହୁଅନ୍ତି କାଳିକା
ଶେଷକାଳେ ହୁଅନ୍ତି ସେ ହିଙ୍ଗୁଳାର ଶିଖା ।" ( ଚଣ୍ଡୀପୁରାଣ-୧୬ )

ଦୁର୍ବାର ଭୋଗଲାଳସା ଓ ନିରଙ୍କୁଶ ଯୌନଚର୍ଯ୍ୟାର ବିଷମୟ ପରିଣତି ସମ୍ବନ୍ଧରେ ସମାଜର ମହିଷାସୁରମାନଙ୍କୁ ଚେତାବନୀ ଶୁଣାଇବା ସଙ୍ଗେ ସଙ୍ଗେ ମନୁଷ୍ୟ ଜୀବନରେ ସଂଯମ ଓ ବ୍ରହ୍ମଚର୍ଯ୍ୟର ଆବଶ୍ୟକତା ପ୍ରତି କବି ଏଥିରେ ଜନସମାଜର ଦୃଷ୍ଟି ଆକର୍ଷଣ କରିଅଛନ୍ତି ।

ମହାଭାରତ ପରି 'ଚଣ୍ଡୀପୁରାଣ' ଦାଣ୍ଡୀ ବୃତ୍ତରେ ରଚିତ । ଏଥିରେ ଧାଡ଼ିମାନଙ୍କର ଅକ୍ଷରସଂଖ୍ୟା କେଉଁଠି ସମ ତ କେଉଁଠି ବିଷମ । ତେଣୁ ପଦ ମିଳାଇକରି ଆବୃତ୍ତି କରିବା ପାଇଁ କବି ନିର୍ଦ୍ଦେଶ ଦେଇଅଛନ୍ତି ।

"ସେ ମୋତେ ସ୍ୱପନେଣ ବସି କହିଇ ଯାହା
ସମକ୍ଷର ପରିଯନ୍ତେ ଲେଖନ କରଇ ମୁଁ ତାହା ।
ସମଲିଖନରେ ଅମିଳନ ହୋଏ ଅବା
ହେ ପଣ୍ଡିତ ଜନେ ମିଳାଇଣ ଦେବା ।"

**ମହାଭାରତ :**

ମହାଭାରତ ସାରଳାଦାସଙ୍କ ସର୍ବଶ୍ରେଷ୍ଠ ରଚନା । ଏଥିରେ ତାହାଙ୍କ ଅଲୋକସାମାନ୍ୟ କବିପ୍ରତିଭାର ପରିପୂର୍ଣ୍ଣ ପରିପ୍ରକାଶ ସମ୍ଭବପର ହୋଇଅଛି । ସାରଳା ମହାଭାରତ ସଂସ୍କୃତ ମହାଭାରତର ଅବିକଳ ଅନୁବାଦ ନୁହେଁ । ସଂସ୍କୃତ ମହାଭାରତର ସ୍ଥୂଳ କଥାଭାଗକୁ ଦୃଷ୍ଟି-ସମକ୍ଷରେ ରଖି ସାରଳାଦାସ ସ୍ୱାଧୀନ ଓ ସ୍ୱଚ୍ଛନ୍ଦଭାବରେ ନିଜର ମହାଭାରତ ଲେଖି-ଯାଇଛନ୍ତି । ସବୁ ଦୃଷ୍ଟିରୁ ବିଚାର କଲେ ସାରଳା ମହାଭାରତ ଏକ ମୌଳିକ ରଚନାର ସକଳ ବିଭବରେ ମଣ୍ଡିତ । ସଂସ୍କୃତ ମହାଭାରତ ପରି ସାରଳା ମହାଭାରତ ଅଷ୍ଟାଦଶ

ପର୍ବରେ ବିଭକ୍ତ । ଏହି ପର୍ବଗୁଡ଼ିକ ହେଲା ଯଥାକ୍ରମେ—(୧) ଆଦିପର୍ବ, (୨) ମଧ୍ୟପର୍ବ, (୩) ସଭାପର୍ବ, (୪) ବନପର୍ବ, (୫) ବିରାଟପର୍ବ, (୬) ଉଦ୍‌ଯୋଗ ପର୍ବ, (୭) ଭୀଷ୍ମପର୍ବ, (୮) ଦ୍ରୋଣପର୍ବ, (୯) କର୍ଣ୍ଣପର୍ବ, (୧୦) ଶଲ୍ୟପର୍ବ, (୧୧) ଗଦାପର୍ବ, (୧୨) କାଇଁଶିକା ବା ଐଷିକପର୍ବ, (୧୩) ନାରୀପର୍ବ, (୧୪) ଶାନ୍ତିପର୍ବ, (୧୫) ଆଶ୍ରମିକପର୍ବ, (୧୬) ଅଶ୍ୱମେଧ-ପର୍ବ, (୧୭) ମୂଷଳୀପର୍ବ, (୧୮) ସ୍ୱର୍ଗାରୋହଣ ପର୍ବ । ପର୍ବସଂଖ୍ୟା ସମାନ ହେଲେହେଁ ପର୍ବଗୁଡ଼ିକର ବିଷୟବସ୍ତୁ ତଥା ନାମକରଣରେ ଯଥେଷ୍ଟ ତାରତମ୍ୟ ଲକ୍ଷିତ ହୁଏ । ସାରଳା ମହାଭାରତର ମଧ୍ୟପର୍ବ ଏକ ନୂତନ ପର୍ବ; କାରଣ, ଏହି ନାମରେ କୌଣସି ପର୍ବ ମୂଳ ମହାଭାରତରେ ନାହିଁ । ମୂଳ ମହାଭାରତର ଆଦିପର୍ବ ଓ ବନପର୍ବ ବର୍ଣ୍ଣିତ କେତେକ ବିଷୟ ସହିତ ବହୁ ନୂତନ ବିଷୟ ସନ୍ନିବେଶିତ କରି ସାରଳାଦାସ ଏହି ପର୍ବଟି ସୃଷ୍ଟି କରିଅଛନ୍ତି । ସେହିପରି ମୂଳ ଗ୍ରନ୍ଥରେ ଗଦାପର୍ବ ନାମରେ କୌଣସି ପର୍ବ ନାହିଁ । ଶଲ୍ୟପର୍ବ-ବର୍ଣ୍ଣିତ ଦୁର୍ଯ୍ୟୋଧନଙ୍କର ବ୍ୟାସସରୋବର ପ୍ରବେଶ ଓ ଭୀମଙ୍କ ସହି ଦୁର୍ଯ୍ୟୋଧନଙ୍କର ଗଦାଯୁଦ୍ଧାଦି ବିଷୟକୁ ଭିତ୍ତି କରି ସାରଳାଦାସ ଏହି ନୂତନ ପର୍ବଟିର କଳ୍ପନା କରିଅଛନ୍ତି । ସେହିପରି ମୂଳ ମହାଭାରତର ସୌପ୍ତିକପର୍ବ ଅନ୍ତର୍ଗତ ଐଷିକ ଉପପର୍ବର ବିଷୟବସ୍ତୁକୁ ନେଇ କାଇଁଶିକା ପର୍ବ ନାମରେ ଏକ ନୂତନ ପର୍ବ ସୃଷ୍ଟି କରାଯାଇଛି । ସଂସ୍କୃତ ମହାଭାରତର ଶାନ୍ତିପର୍ବ ଏକ ବିଶାଳ ପର୍ବ । ୩୬୫ ଅଧ୍ୟାୟରେ ବିଭକ୍ତ ଏହି ପର୍ବରେ ଶରଶଯ୍ୟାଶାୟୀ ଭୀଷ୍ମଦେବ ଯୁଧିଷ୍ଠିରାଦି ପାଣ୍ଡବମାନଙ୍କୁ ରାଜଧର୍ମ, ଆପଦ୍ଧର୍ମ ଓ ମୋକ୍ଷଧର୍ମ ସମ୍ବନ୍ଧରେ ବହୁ ମୂଲ୍ୟବାନ୍ ଉପଦେଶ ପ୍ରଦାନ କରିଅଛନ୍ତି । ଶ୍ରୀମଦ୍‌ଭଗବଦ୍‌ଗୀତା ସଦୃଶ ଏହା ଭାରତୀୟ ଧର୍ମ-ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । କିନ୍ତୁ ସାରଳା ମହାଭାରତର ଶାନ୍ତିପର୍ବ ଆକାରରେ ଅତ୍ୟନ୍ତ କ୍ଷୁଦ୍ର ଏବଂ ଏହାର ବିଷୟବସ୍ତୁ ମାତ୍ର ଚାରିଗୋଟି ଅଧ୍ୟାୟରେ ପରିକଳ୍ପିତ । ପାଣ୍ଡବମାନଙ୍କୁ ଭୀଷ୍ମଙ୍କର ରାଜନୀତି ବିଷୟକ ଉପଦେଶ ବ୍ୟତୀତ ଏଥିରେ ଭୀଷ୍ମ ଓ ଦୁର୍ଯ୍ୟୋଧନାଦିଙ୍କର ପିଣ୍ଡଦାନ, ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ, ଦୁର୍ବାସା ଋଷିଙ୍କୁ କୃଷ୍ଣଙ୍କର ମାୟାଦର୍ଶନ ଓ କୋଣାର୍କ ତୀର୍ଥ ମହାତ୍ମ୍ୟ ଆଦି ବିଷୟ ବର୍ଣ୍ଣିତ ହୋଇଅଛି । ସଂସ୍କୃତ ମହାଭାରତର ଅନୁଶାସନିକ ପର୍ବ ସାରଳା ମହାଭାରତରେ ଦୃଷ୍ଟ ହୁଏ ନାହିଁ । ସଂସ୍କୃତ ମହାପ୍ରସ୍ଥାନିକ ପର୍ବର ସାରାଂଶ ସାରଳା ମହାଭାରତର ସ୍ୱର୍ଗାରୋହଣ-ପର୍ବରେ ବର୍ଣ୍ଣିତ ହୋଇଅଛି ।

ପର୍ବ ବିଭାଗକୁ ଛାଡ଼ିଦେଲେ ବିଷୟବସ୍ତୁ ଦୃଷ୍ଟିରୁ ମଧ୍ୟ ଏ ଉଭୟ ଗ୍ରନ୍ଥ ମଧ୍ୟରେ ବିରାଟ ତାରତମ୍ୟ ଲକ୍ଷିତ ହୁଏ । ଏହି ତାରତମ୍ୟ ବା ବୈଷମ୍ୟକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ପ୍ରଥମରେ ସାରଳାଦାସ ମୂଳ ମହାଭାରତବର୍ଣ୍ଣିତ ବହୁ ଉପାଦେୟ ବିଷୟ ନିଜ ଗ୍ରନ୍ଥରେ ପରିହାର କରିଛନ୍ତି । ଭୀଷ୍ମପର୍ବବର୍ଣ୍ଣିତ ଅଷ୍ଟାଦଶାଧ୍ୟାୟୀ ଭଗବଦ୍‌ଗୀତାକୁ ସମଗ୍ର ମହାଭାରତର ସାରସଂଗ୍ରହ ବୋଲି କୁହାଯାଇଥାଏ; କିନ୍ତୁ ସାରଳାଦାସ ଏହି ନିଗୂଢ଼ ଆଧ୍ୟାତ୍ମିକ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟକୁ ତାଙ୍କ ଗ୍ରନ୍ଥରୁ ସମ୍ପୂର୍ଣ୍ଣ ବାଦ୍ ଦେଇଛନ୍ତି । ଶାନ୍ତି-

ପର୍ବ ବର୍ଣ୍ଣିତ ଭୀଷ୍ମଙ୍କର ଆପଦ୍ଧର୍ମ ଓ ମୋକ୍ଷଧର୍ମ ସମ୍ବନ୍ଧୀୟ ଉପଦେଶ ଏବଂ ଅଶ୍ୱମେଧ ପର୍ବ ଅନ୍ତର୍ଗତ ଅନୁଗୀତା ବର୍ଣ୍ଣିତ ନିଗୂଢ଼ ଅଧ୍ୟାତ୍ମତତ୍ତ୍ୱସମୂହ ମଧ୍ୟ ସାରଳାଦାସ ତାହାଙ୍କ ମହାଭାରତରେ ଉଲ୍ଲେଖ କରିନାହାନ୍ତି । ଏହିସବୁ ଧର୍ମ ଓ ତତ୍ତ୍ୱମୂଳକ ବିଷୟବସ୍ତୁକୁ ଛାଡ଼ିଦେଲେ ସଂସ୍କୃତ ମହାଭାରତ ବର୍ଣ୍ଣିତ ବହୁ ଚରିତ୍ର, ଉପାଖ୍ୟାନ ଓ ଘଟଣା ସାରଳା ମହାଭାରତରେ ଦୃଷ୍ଟ ହୁଏ ନାହିଁ । ଉଦାହରଣ ସ୍ୱରୂପ, ସଂସ୍କୃତ ମହାଭାରତ ବର୍ଣ୍ଣିତ ସୁକନ୍ୟା ଉପାଖ୍ୟାନ, ଯବକ୍ରୀତ ଉପାଖ୍ୟାନ, ସାବିତ୍ରୀ-ସତ୍ୟବାନ କଥା, ଚ୍ୟବନ ଉପାଖ୍ୟାନ, ଧର୍ମବ୍ୟାଧ କଥା ଓ ଅଦ୍ଭୁତ ନକୁଲୋପାଖ୍ୟାନ ଆଦି ବହୁ ବିଷୟ ସାରଳା ମହାଭାରତରେ ଦେଖିବାକୁ ମିଳେନାହିଁ ।

ଦ୍ୱିତୀୟରେ ସଂସ୍କୃତ ମହାଭାରତର ବସ୍ତୁ-ବିନ୍ୟାସକ୍ରମ ମଧ୍ୟ ସାରଳା ମହାଭାରତରେ ଯଥାଯଥ ଅନୁସୃତ ହୋଇନାହିଁ । ଉଦାହରଣ ସ୍ୱରୂପ, ମୂଳ ମହାଭାରତର ଉଦ୍‌ଯୋଗପର୍ବ ବର୍ଣ୍ଣିତ ଅମ୍ବିକା ଉପାଖ୍ୟାନକୁ ସାରଳାଦାସ ଆଦିପର୍ବରେ ସନ୍ନିବେଶିତ କରିଛନ୍ତି । ସେହିପରି ଶିବାର୍ଜୁନ ଯୁଦ୍ଧ ଓ ଅର୍ଜୁନଙ୍କର ପାଶୁପତ ଅସ୍ତ୍ର ଓ ଅକ୍ଷୟତୂଣୀର ଲାଭ ବିଷୟଟିକୁ ମୂଳ ଗ୍ରନ୍ଥର ବନପର୍ବରୁ ନେଇଆସି ମଧ୍ୟପର୍ବରେ ଖଞ୍ଜି ଦେଇଛନ୍ତି । ଏହିପରି ସ୍ଥାନ ଓ କାଳଗତ ବ୍ୟତିକ୍ରମର ବହୁ ଉଦାହରଣ ସାରଳା ମହାଭାରତରେ ଦେଖିବାକୁ ମିଳେ । ତୃତୀୟରେ ସାରଳାଦାସ ମୂଳଗ୍ରନ୍ଥର ବହୁ ବିଷୟ ଓ ଘଟଣାକୁ କିଞ୍ଚିତ ପରିବର୍ତ୍ତନ କରି ଭିନ୍ନ ଆକାରରେ ଲେଖିଯାଇଛନ୍ତି । ମୂଳ ମହାଭାରତରେ ଉଲ୍ଲେଖ ଅଛି ଯେ ଶାନ୍ତନୁ ଦାସ-ରାଜକନ୍ୟା ସତ୍ୟବତୀଙ୍କୁ ବିବାହ କରିଥିଲେ ଏବଂ ତାହାଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇପୁତ୍ର ଜନ୍ମଗ୍ରହଣ କରିଥିଲେ । ମାତ୍ର ସାରଳାଦାସ ଏହି ବିଷୟଟିକୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଲେଖିଯାଇଛନ୍ତି । ସାରଳାଙ୍କ ସତ୍ୟବତୀ ପରାଶରଙ୍କ ପତ୍ନୀରୂପେ ରହିଯାଇଛନ୍ତି ଏବଂ ଶାନ୍ତନୁ ଦ୍ୱିତୀୟବାର ଦାରପରିଗ୍ରହ କରିନାହାନ୍ତି । ଶାନ୍ତନୁ ଏକାନ୍ତ କାମପୀଡ଼ିତ ଅବସ୍ଥାରେ ଚିତ୍ରପିତୁଳାକୁ ଆଲିଙ୍ଗନ କରିବା ଅବସରରେ ତାଙ୍କ ରେତ ସ୍ଖଳିତ ହୋଇଛି ଏବଂ ତହିଁରୁ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇ ପୁତ୍ର ଜନ୍ମ ଗ୍ରହଣ କରିଛନ୍ତି । ମୂଳ ମହାଭାରତ ଅନୁଯାୟୀ ଧୃତରାଷ୍ଟ୍ରଙ୍କ କନିଷ୍ଠ ପୁତ୍ର ଯୁଯୁତ୍ସୁ ପାଣ୍ଡବମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେମାନଙ୍କର ଅନୁଗମନ କରିଛନ୍ତି ଏବଂ ଶେଷ ପର୍ଯ୍ୟନ୍ତ ଜୀବିତ ରହି ସୁଖ-ଶାନ୍ତିରେ ବାସକରିଛନ୍ତି; କିନ୍ତୁ ସାରଳା ମହାଭାରତରେ ଏହି ବିଷୟଟି ଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି । ସେଥିରେ ଦୁର୍ଲକ୍ଷ (ଯୁଯୁତ୍ସୁ)ଙ୍କୁ କୃଷ୍ଣଙ୍କର କୂଟଚକ୍ରାନ୍ତର ଶିକାର ହେବାକୁ ପଡ଼ିଛି । ଗାନ୍ଧାରୀଙ୍କର ନୟନାନଳରେ ଦଗ୍ଧ ହୋଇ ସେ ପ୍ରାଣ ହରାଇଛନ୍ତି । ସାରଳା ମହାଭାରତରେ ଏପରି ପରିବର୍ତ୍ତନର ବହୁ ଉଦାହରଣ ରହିଅଛି । ଅନେକ ସ୍ଥଳରେ ସାରଳାଦାସ ମୂଳ ମହାଭାରତୀୟ ଚରିତ୍ରମାନଙ୍କର ନାମ ବଦଳାଇ ଦେଇ ସ୍ୱାଧୀନ ଭାବରେ ସେମାନଙ୍କର ନାମକରଣ କରିଛନ୍ତି । ସାରଳା ମହାଭାରତରେ କୌରବ ଶହେଭାଇଙ୍କ ନାମ 'ଦୁ' ଅକ୍ଷରରେ ଆରମ୍ଭ ହୋଇଅଛି; କିନ୍ତୁ ଏହା ମୂଳାନୁମତ ନୁହେଁ । ମୂଳ ମହାଭାରତ

ଅନୁଯାୟୀ ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କର ନାମ ହେଉଛି ପ୍ରତିବନ୍ଧ୍ୟ, ସୁତସୋମ, ଶ୍ରୁତକୀର୍ତ୍ତି, ଶତାନୀକ ଏବଂ ଶ୍ରୁତକର୍ମା; କିନ୍ତୁ ସାରଳାଦାସ ଏମାନଙ୍କର ନାମ ରଖିଛନ୍ତି ଯଥାକ୍ରମେ ଜୟଦେବ, ବଳୀସେନ, ପରମାନନ୍ଦ, ପ୍ରାକର୍ମକେଶରୀ ଏବଂ ସୁରସେନ । ମୂଳ ମହାଭାରତରେ ବିରାଟ ରାଜ୍ୟରେ ଅଜ୍ଞାତବାସ କାଳରେ ଯୁଧିଷ୍ଠିରଙ୍କ ନାମ ରଖାଯାଇଛି କଙ୍କ ଏବଂ ଅର୍ଜୁନଙ୍କ ନାମ ରଖାଯାଇଛି ବୃହନ୍ନଳା; କିନ୍ତୁ ସାରଳାଦାସ ଯୁଧିଷ୍ଠିରଙ୍କ ନାମ ରଖିଛନ୍ତି କୋଲ୍ଲ ଏବଂ ଅର୍ଜୁନଙ୍କ ନାମ ରଖିଛନ୍ତି ବୃହନ୍ନାରୀ । ସେହିପରି ସଂସ୍କୃତ ମହାଭାରତର ଶିଖଣ୍ଡି ସାରଳା ମହାଭାରତରେ ଶ୍ରୀଖଣ୍ଡି ନାମରେ ପରିଚିତ ।

ଚତୁର୍ଥରେ ସାରଳାଦାସ ସଂସ୍କୃତ ମହାଭାରତରେ ଆଦୌ ଉଲ୍ଲେଖ ନଥିବା ବହୁ ନୂତନ ଚରିତ, ଉପାଖ୍ୟାନ ଓ ବିଷୟବସ୍ତୁ ନିଜ ମହାଭାରତରେ ସଂଯୋଜିତ କରିଅଛନ୍ତି । ଏଗୁଡ଼ିକ ସେ ଅନ୍ୟ ପୁରାଣ, ଲୋକକଥା, ପ୍ରଚଳିତ କିମ୍ବଦନ୍ତୀ ଓ ସମସାମୟିକ ଇତିହାସରୁ ଗ୍ରହଣ କରିଅଛନ୍ତି ଅଥବା ନିଜ କଳ୍ପନା ଅନୁଯାୟୀ ଲେଖିଯାଇଛନ୍ତି । ସଂସ୍କୃତ ମହାଭାରତରେ ନ ଥିବା ଉପାଖ୍ୟାନଗୁଡ଼ିକ ମଧ୍ୟରେ ସୁରେଖାହରଣ, ସଚଳାହରଣ, ଚନ୍ଦ୍ରାବତୀହରଣ, ଊଷାହରଣ, ନୀଳେନ୍ଦ୍ରକନ୍ୟାହରଣ, ହାରାବତୀ ବିଭା, ଅନନ୍ତାଶୂଦ୍ର କଥା ଓ କୌଶିକ ବ୍ରାହ୍ମଣ ଉପାଖ୍ୟାନ ଆଦି ଉଲ୍ଲେଖଯୋଗ୍ୟ । ଏହାଛଡ଼ା ବାବନାଭୂତ କଥା, ବିଷ୍ଣୁକର ପଣ୍ଡା ଉପାଖ୍ୟାନ, କାଳଜିହ୍ୱାରାକ୍ଷସୀ ଉପାଖ୍ୟାନ, ଅର୍କଦୈତ୍ୟ ବଧ, କାର୍ତ୍ତିବାସ ବଧ, ଦାରୁବ୍ରହ୍ମ-ଚରିତ, ଜାରାଶବର ଉପାଖ୍ୟାନ, ଶବରିନାରାୟଣ ଓ ଗୋମୁଖୀ କେଶବ କଥା, ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ଏବଂ ଏକାମ୍ର କାନନରେ ଅନ୍ଧୁରଙ୍କ ତପସ୍ୟା ଆଦି ବହୁ ବିଷୟ ମୂଳ ମହାଭାରତରେ ଦୃଷ୍ଟ ହୁଏନାହିଁ ।

ଏ ସବୁ ବ୍ୟତୀତ ସାରଳା ଦାସ ତାହାଙ୍କ ମହାଭାରତରେ ଏପରି କେତେକ ବିଷୟର ଅବତାରଣା କରିଛନ୍ତି. ଯେଉଁଗୁଡ଼ିକର ଅଭିନବତ୍ୱ ଓ ଅନନ୍ୟତା ପାଠକକୁ ମୁଗ୍ଧ ଚକିତ କରେ । ଏଗୁଡ଼ିକୁ ମୂଳ ମହାଭାରତଠାରୁ ସାରଳା ମହାଭାରତର ସବୁଠାରୁ ବଡ଼ ବ୍ୟତିକ୍ରମ ବୋଲି କୁହାଯାଇଥାଏ ।

**(୧) ସତ୍ୟ ଆମ୍ବ ଉପାଖ୍ୟାନ :**

ପାଣ୍ଡବମାନଙ୍କ ବନବାସର ନବମବର୍ଷରେ ଦୁର୍ଯ୍ୟୋଧନ କର୍ଣ୍ଣଙ୍କର ପରାମର୍ଶକ୍ରମେ ପାଣ୍ଡବମାନଙ୍କର ସନ୍ଧାନ ନେବା ଉଦ୍ଦେଶ୍ୟରେ ବିଭିନ୍ନ ଦିଗକୁ କେତେଜଣ ଗୁପ୍ତଚରଙ୍କୁ ପଠାଇଲେ । ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ସେମାନେ ଯାହାଙ୍କୁ ପାଣ୍ଡବ ବୋଲି ସନ୍ଦେହ କରିବେ, ଛଦ୍ମବେଶରେ ସେମାନଙ୍କର ଆତିଥ୍ୟ ଗ୍ରହଣ କରି ଅଦିନରେ ପାଚିଲା ଆମ୍ବ ଖାଇବାକୁ ମାଗିବେ । ସେମାନେ ଯଦି ଅକାଳରେ ପାଚିଲା ଆମ୍ବ ଖାଇବାକୁ ଦେବାରେ

ସମର୍ଥ ହୁଅନ୍ତି ତାହାହେଲେ ଜଣାଯିବ ଯେ ସେମାନେ ପ୍ରକୃତ ପାଣ୍ଡବ । ସେହି ଆମ୍ବଟିକୁ ଆଣି ଦୁର୍ଯ୍ୟୋଧନଙ୍କୁ ଦେଖାଇଲେ ସେମାନେ ପୁରସ୍କୃତ ହେବେ । ଅନ୍ୟ ପକ୍ଷରେ ପାଣ୍ଡବମାନେ ଯଦି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପାଚିଲା ଆମ୍ବ ଖାଇବାକୁ ନ ଦିଅନ୍ତି, ତାହାହେଲେ ସେମାନେ ମୁନିଋଷିମାନଙ୍କ ସମକ୍ଷରେ ସେମାନଙ୍କୁ ଏପରି କଟୁ ଭର୍ତ୍ସନା କରିବେ ଯେ ସେମାନେ ଘୋର ମନ ଦୁଃଖରେ ଆତ୍ମହତ୍ୟା କରିବାକୁ ବାଧ୍ୟହେବେ । ଏହି ଘଟନାର କିଛିଦିନ ପରେ ଗଉରମୁଖ ନାମକ ଜଣେ ଗୁପ୍ତଚର ବହୁତ ଖୋଜି ଖୋଜି ଅବଶେଷରେ ଅଘ୍ନନ୍ଦ ବନରେ ପାଣ୍ଡବମାନଙ୍କୁ ଠାବ କଲା । ଛଦ୍ମ ସନ୍ନ୍ୟାସୀବେଶରେ ସେ ଯୁଧିଷ୍ଠିରଙ୍କୁ ଶିବାର ସତ୍ୟ କରାଇ ଖାଇବାପାଇଁ ଗୋଟିଏ ପାଚିଲା ଆମ୍ବ ମାଗିଲା । ଅଦିନରେ ପାଚିଲା ଆମ୍ବ ପାଇବାରେ ଅସମର୍ଥ ହୋଇ ଯୁଧିଷ୍ଠିର ଘୋର ମନସ୍ତାପରେ ପାଣ୍ଡବସଖା ଶ୍ରୀକୃଷ୍ଣଙ୍କର ସାହାଯ୍ୟପ୍ରାର୍ଥୀ ହେଲେ । ଶ୍ରୀକୃଷ୍ଣ କହିଲେ, "ଅଦିନରେ ଗଛ-ଆମ୍ବ ତ ମିଳିବା ସମ୍ଭବପର ନୁହେଁ; କିନ୍ତୁ ପାଣ୍ଡବମାନେ ଯଦି କିଛି ଗୋପନ ନ ରଖି ସତ୍ୟକଥା ପ୍ରକାଶ କରନ୍ତି ତାହାହେଲେ ସତ୍ୟ-ଆମ୍ବ ଫଳାଇ ଦିଆଯାଇ ପାରିବ ।" ଏହା କହି ଶ୍ରୀକୃଷ୍ଣ ଆମ୍ବ ଟାକୁଆଟାଏ ଭୂଇଁରେ ପୋତିଦେଲେ । ତା'ପରେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ ନିଜ ନିଜ ଜୀବନର ଗୋପନ ରହସ୍ୟ ଫେଡ଼ି କହିବାରୁ ଟାକୁଆଟି ଅଙ୍କୁରିତ ହୋଇ ନବପଲ୍ଲବ, ପୁଷ୍ପ ଓ ଫଳ ଧାରଣ କଲା । ଏଥରକ ପଡ଼ିଲା ଦ୍ରୌପଦୀଙ୍କ ପାଳି । ଦ୍ରୌପଦୀ ଅନ୍ତରରେ କୌଣସି ଦ୍ୱିଧା ନ ରଖି ହୃଦୟର ଗୋପନତମ ରହସ୍ୟ ଫେଡ଼ି କହିଲେ ଆମ୍ବ ପାଚି ଖାଇବାର ଉପଯୋଗୀ ହୋଇ ପାରିବ । ଦ୍ରୌପଦୀଙ୍କୁ ସମ୍ବୋଧନ କରି ଶ୍ରୀକୃଷ୍ଣ କହିଲେ—"ଦେବୀ ସତ୍ୟ କହ ଯେବଣ ତୋହର କଥା / ସ୍ତ୍ରୀଙ୍କର ଚରିତ ଯେ ସମସ୍ତ ଅଟଇ ମିଥ୍ୟା ।" ଏହିପରି କଠୋର ପରୀକ୍ଷାର ସମ୍ମୁଖୀନ ହୋଇ ଦ୍ରୌପଦୀ ପଞ୍ଚଭର୍ତ୍ତା ଏବଂ ପାଣ୍ଡବସଖା ଭଗବାନ ଶ୍ରୀକୃଷ୍ଣଙ୍କୁ ସାକ୍ଷୀ ରଖି ନିଜର ସତ୍ୟପାଠ ଆରମ୍ଭ କଲେ—

"ଦ୍ରଉପଦୀ ବୋଇଲେ ସ୍ତ୍ରୀଙ୍କର ସ୍ୱେସନକ ପ୍ରକୃତି
ଶୂରବନ୍ତ ସୁନ୍ଦର ପୁରୁଷ ଦେଖିଲେ ସେ ଅବଶ୍ୟ ବଳାବନ୍ତ ମତି ।
ଯଦ୍ୟପି ଅବା ଭ୍ରାଥ ପୁତ୍ର ହିଁ ହେଉ
ସୁବେଶ ପୁରୁଷ ଦେଖିଲେ ଚିତ୍ତ ନେଇ ଥୋଉ ।
ଯୁଗତେ ଏ ମୋହର ଅଟନ୍ତି ପଞ୍ଚପତି
ସ୍ୱେକା ମାତ୍ର ଅର୍ଜୁନରେ ମୋହର ଅଧିକ ପୀରତି ।"

ଦ୍ରୌପଦୀ ଏତିକି କହିବା ପରେ ଆମ୍ବ ପକ୍ୱବର୍ଣ୍ଣ ଧାରଣ କଲା । ତା'ପରେ ଗଉରମୁଖ ବ୍ରାହ୍ମଣ ସ୍ନାନାନ୍ତେ ଭୋଜନ କରିବ ବୋଲି କହି ଆମ୍ବଟିଏ ଧରି ସେଠାରୁ ଚାଲିଗଲା । ଭଗବାନ୍ ଶ୍ରୀକୃଷ୍ଣ ତାର ମନ୍ଦ ଅଭିପ୍ରାୟ ଜାଣିପାରି ସେ ସ୍ନାନାନ୍ତେ ଗନ୍ଧର୍ବନଦୀ କୂଳରେ ସନ୍ଧ୍ୟା କରୁଥିବା ସମୟରେ ମାୟାବଳରେ ତାହାଠାରୁ ଆମ୍ବଟିକୁ ହରଣକରି ନେଇଗଲେ ।

## (୬) ଖଳ୍ୟକାର ଉପାଖ୍ୟାନ :

ଦୁର୍ଯ୍ୟୋଧନ ଦ୍ୱାରା ନିର୍ମିତ ଜତୁଗୃହରୁ ପାଣ୍ଡବମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେମାନଙ୍କର ପରମହିତାକାଂକ୍ଷୀ ପିତୃବ୍ୟ ବିଦୁର ଜତୁଗୃହରୁ ନଦୀକୂଳ ପର୍ଯ୍ୟନ୍ତ ଗୋଟିଏ ସୁଡ଼ଙ୍ଗ ଖୋଳିବା ନିମିତ୍ତ ଜଣେ ଉପଯୁକ୍ତ ଖନକାରର ସନ୍ଧାନରେ ଥାନ୍ତି । ଦିନେ ନିଶାର୍ଦ୍ଧରେ ସେ ପଥମଧ୍ୟରେ ଜଣେ କୁତ୍ସିତ କଦାକାର ଲୋକକୁ ଭେଟିଲେ । ତା' ହାତରେ ସିନ୍ଧିକାଠି ଥିବାର ଦେଖି ସେ ତାକୁ ତା'ର ପରିଚୟ ପଚାରିଲେ । ଲୋକଟି କହିଲା ଯେ ସେ ଜଣେ ତସ୍କର ଏବଂ ସିନ୍ଧିକାଠି ବା ଲକ୍ଷଣାଯନ୍ତ୍ର ସାହାଯ୍ୟରେ କାନ୍ଥ ଖୋଳି ପରଘରେ ପଶି ଧନ ଅପହରଣ କରିବା ତା'ର ବେଉସା । ଲକ୍ଷଣାଯନ୍ତ୍ରର ଇତିହାସ ବର୍ଣ୍ଣନା କରିବାକୁ ଯାଇ ସେ କହିଲା ଯେ ପ୍ରଥମେ ଶ୍ରୀକୃଷ୍ଣ ଏହି ଅସ୍ତ୍ର ଆହରଣ କରିଥିଲେ । ଥରେ ଶ୍ରୀକୃଷ୍ଣ ରାଧାପ୍ରେମରେ ଅସମ୍ଭାଳ ହୋଇ ରାଧାର ସ୍ୱାମୀ ଚନ୍ଦ୍ରସେଣାର ଶୟନାଗାରର ରୁଦ୍ଧ ଦ୍ୱାରକୁ ମୁଣ୍ଡରେ ପେଲୁଥିବା ଅବସ୍ଥାରେ କବାଟକଣ୍ଟା ବାଜି ମୁଣ୍ଡରୁ ଝରଝର ରକ୍ତ ବୋହିବାକୁ ଲାଗିଲା । ଶ୍ରୀକୃଷ୍ଣଙ୍କର ଏ ଅବସ୍ଥାରେ ସମବେଦନା ପ୍ରକାଶ କରି ବ୍ରହ୍ମା ତାଙ୍କୁ ଏକ ଯନ୍ତ୍ର ପ୍ରଦାନ କଲେ ଏବଂ କହିଲେ ଯେ ଏହି ଯନ୍ତ୍ର ସାହାଯ୍ୟରେ ସେ ଅକ୍ଲେଶରେ ଚନ୍ଦ୍ରସେଣାର ଘର କାନ୍ଥ ଫୁଟାଇ ଭିତରେ ପ୍ରବେଶ କରି ପାରିବେ ଏବଂ ବ୍ରହ୍ମାଦତ୍ତ ନିଦ୍ରାଧୂଳି ବଳରେ ସମସ୍ତଙ୍କୁ ଅଚେତ କରି ରାଧାଙ୍କ ସହିତ ନିଶୀଥାଭିସାର ରଚନା କରି ପାରିବେ । ଏହି ଅସ୍ତ୍ର ସାହାଯ୍ୟରେ ଶ୍ରୀକୃଷ୍ଣ ଲକ୍ଷେ ଶୃଙ୍ଗାର ରଚନା କରିବାରେ ସମର୍ଥ ହୋଇଥିବାରୁ ଏହାର ନାମ ହେଲା ଲକ୍ଷଣା । ପରେ ଶ୍ରୀକୃଷ୍ଣ ଅଞ୍ଜନ, କଜ୍ଜ୍ୱଳ ଓ ନିଦଗୁଣ୍ଡି ସହିତ ସେହି ଅସ୍ତ୍ର ଖନକାରକୁ ପ୍ରଦାନ କରିଥିଲେ । ସାମାନ୍ୟ ଜଣେ ତସ୍କର ହୋଇ ସେ କିପରି ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ଅନୁଗ୍ରହ-ଲାଭରେ ସମର୍ଥ ହେଲା ବୋଲି ବିଦୁର ପଚାରନ୍ତେ ଖନକାର ତା'ର କାହ୍ନବୃତ୍ତାନ୍ତ ବିଦୁରଙ୍କ ଆଗରେ ବର୍ଣ୍ଣନା କଲା ।

ଦିନେ ଶ୍ରୀକୃଷ୍ଣ ରାଧାଙ୍କର ପ୍ରୀତିଲାଭରେ ଅସମର୍ଥ ହୋଇ ଘୋର ମନଦୁଃଖରେ ସରିହସୁନ୍ଦରୀ ନାମକ ଜଣେ ଦୂତୀକୁ ରାଧାଙ୍କ ନିକଟକୁ ପଠାଇଲେ । ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ, ଗୁଟିକା ଓ ଅଞ୍ଜନ ଆଦି ତାନ୍ତ୍ରିକ ଉପାୟ ବଳରେ ସରିହସୁନ୍ଦରୀ ରାଧା ଓ ଗୋପୀମାନଙ୍କର ମନକୁ କୃଷ୍ଣଙ୍କ ପ୍ରତି ଆକୃଷ୍ଟ କରିବାରେ ସମର୍ଥ ହେଲା : "ନନ୍ଦପୁଅ ବୋଲି ଗୋପୀ ନିନ୍ଦା କରୁଥିଲେ / ସରିହସୁନ୍ଦରୀ ବାକ୍ୟେ ସର୍ବେ ବଶହେଲେ ।" ତା'ପରେ ଦିନେ ମଥୁରାରେ ବସନ୍ତ ଉତ୍ସବ ଅନୁଷ୍ଠିତ ହେଉଥାଏ । ଗୋପାଳ ଓ ଗୋପାଙ୍ଗନାମାନେ ଦହିଦୁଧ ଘେନି ମଥୁରାପୁରକୁ ଯାଇଥାନ୍ତି । ସମଗ୍ର ଗୋପପୁର ଜନଶୂନ୍ୟ ହୋଇଥାଏ । ରାଧାଙ୍କର ଶାଶୁ ମଧ୍ୟ ଝିଅ ଘରକୁ ଯାଇଥାନ୍ତି । ଗୃହରେ ରାଧା ଏକାକିନୀ ଅବସ୍ଥାନ କରୁଥାନ୍ତି । ଶ୍ରୀକୃଷ୍ଣଙ୍କୁ ଡାକିଆଣିବା ପାଇଁ ରାଧା ବୃନ୍ଦା ଦୂତୀ ସରିହସୁନ୍ଦରୀକୁ ନିଜର ବସ୍ତ୍ରାଳଙ୍କାରରେ ଭୂଷିତା କରାଇ ତାଙ୍କ ନିକଟକୁ ପଠାଇଲେ । ଏଣେ କୃଷ୍ଣ

ରାଧାଙ୍କ ଆଗମନ ପ୍ରତୀକ୍ଷାରେ କଦମ୍ବ ଗଛ ଡାଳରେ ଲୁଚି ବସିଥାନ୍ତି । ଶ୍ରୀରାଧାଙ୍କର ବସ୍ତ୍ରାଳଙ୍କାରରେ ଭୂଷିତା ବୃଦ୍ଧା ସରହସୁନ୍ଦରୀଙ୍କୁ ଦେଖିବା ମାତ୍ରେ କୃଷ୍ଣ ତାଙ୍କୁ ରାଧା ବୋଲି ଭାବି ତା' ନିକଟକୁ ଆସିଲେ । ରାଧାବିରହବେଦନାବିଦଗ୍ଧ କୃଷ୍ଣଙ୍କର ସବୁ ହିତାହିତ ଜ୍ଞାନ ଲୋପପାଇଲା । ରାଧାଭ୍ରମରେ ସେ ବୃଦ୍ଧା ସରହସୁନ୍ଦରୀ ସହିତ ଉନ୍ମତ୍ତ କାମ-କ୍ରୀଡ଼ାରେ ରତହେଲେ । କେଳି ଶେଷରେ ଯେତେବେଳେ ତାଙ୍କର ସଂଜ୍ଞା ଫେରିଆସେ ସେତେବେଳେ ସେ ଦେଖନ୍ତି ତାଙ୍କର ଅଙ୍କଶାୟିନୀ ରମଣୀ ଶ୍ରୀରାଧା ନୁହନ୍ତି, ପଲିତକେଶା ବୃଦ୍ଧା ଦୂତୀ ସରହସୁନ୍ଦରୀ; ସେତେବେଳେ ତାଙ୍କ ଅନୁତାପର ସୀମା ରହେନାହିଁ । ଚରମ ଦୁଃଖରେ ଭାଙ୍ଗିପଡ଼ି ସେ ଅନୁଶୋଚନା କରନ୍ତି—

"ଯେହିନେକ ଅବସ୍ଥା କଲୁଟି ଅନଙ୍ଗ
ଜଗବନ୍ଦନ ପୁରୁଷକୁ କଲୁ ଏସନ ଯୋଗ ।
ପରଦାରା ଶୃଙ୍ଗାର ଯେ ନୋହୁ ପୋଡ଼ୁ ପୋଡ଼ୁ
ପରଦାରାକୁ ଯେ ଇଚ୍ଛିବ ଶରୀର ତାର ଛଡ଼ୁ ।"

ସରହସୁନ୍ଦରୀ ସହିତ ଶ୍ରୀକୃଷ୍ଣଙ୍କର ଏହି ଅଶୁଭ ମିଳନରୁ ଯେଉଁ ପୁତ୍ର ସନ୍ତାନ ଜାତହେଲା, ଶ୍ରୀକୃଷ୍ଣ ତାର ନାମ ରଖିଲେ ଖନକାର । ଶ୍ରୀକୃଷ୍ଣ ବ୍ରହ୍ମାଦତ୍ତ ଲକ୍ଷଣାଯନ୍ତ୍ରଟିକୁ ଖନକାରକୁ ଦେଇ କଦମ୍ବ ତରୁତଳରୁ ରାଧିକାଙ୍କର ଶୟନକକ୍ଷଯାଏ ଏକ ସୁଡ଼ଙ୍ଗ ଖୋଳିବା ପାଇଁ ଆଦେଶ କଲେ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶାନୁଯାୟୀ ଖନକାର ରାଧାଙ୍କର ଶୟନ-ମନ୍ଦିରକୁ ଶ୍ରୀକୃଷ୍ଣଙ୍କର କେଳିକାନନ ସହିତ ଏକ ସୁଡ଼ଙ୍ଗଦ୍ୱାରା ସଂଯୁକ୍ତ କରିଦେଲା । ସେହିଦିନଠାରୁ ଶ୍ରୀରାଧାଙ୍କ ସହିତ ଶ୍ରୀକୃଷ୍ଣଙ୍କର ଗୋପନ ଅଭିସାରର ପଥ ସୁଗମ ହୋଇଗଲା । ଖନକାରଠାରୁ ତାର ଜନ୍ମବୃତ୍ତାନ୍ତ ଶୁଣିବା ପରେ ବିଦୁର ତାହାକୁ ଜତୁଗୃହଠାରୁ ସୁରନଦୀ କୂଳଯାଏ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ କଲେ । ସଂସ୍କୃତ ମହାଭାରତରେ ଶ୍ରୀକୃଷ୍ଣ-ସରହସୁନ୍ଦରୀ ଉପାଖ୍ୟାନ ତଥା ଖନକାର ଜନ୍ମବୃତ୍ତାନ୍ତର ଉଲ୍ଲେଖ ନାହିଁ । ସେଥିରେ କେବଳ ଏତିକି ଲେଖାଅଛି ଯେ ବିଦୁର ଜଣେ ବିଶ୍ୱସ୍ତ ଖନକଦ୍ୱାରା ଜତୁଗୃହରୁ ପାଣ୍ଡବମାନଙ୍କ ପଳାୟନ ନିମିତ୍ତ ଏକ ଗୁପ୍ତ ସୁଡ଼ଙ୍ଗ ଖୋଳାଇଥିଲେ ।

## (ଗ) ବେଲାଳସେନ ଚରିତ :

ବେଲାଲସେନ ଥିଲେ ଭୀମସେନଙ୍କର ଔରସରେ ନାଗରାଜା ବାସୁକୀକନ୍ୟା ବେଲିବାଳୀର ଗର୍ଭଜାତ ପୁତ୍ର । ମହାଭାରତ ଯୁଦ୍ଧାରମ୍ଭରେ ଭୀମ ତାଙ୍କୁ ସ୍ମରଣ କରିବାରୁ ପାଣ୍ଡବମାନଙ୍କ ସାହାଯ୍ୟାର୍ଥେ ସେ ପାଣ୍ଡବ ଶିବିରରେ ଉପଗତ ହେଲା । ବେଲାଲସେନର ବୀରତ୍ୱ ଓ ରଣକୌଶଳ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ତାକୁ ଶର ସାହାଯ୍ୟରେ କୌରବ ସୈନ୍ୟମାନଙ୍କୁ ପାଣ୍ଡବମାନଙ୍କଠାରୁ ଚିହ୍ନିତ କରିଦେବା ପାଇଁ କହିଲେ ।

ବେଲ୍ଲାଳସେନର ପ୍ରସ୍ତାବକ୍ରମେ ଶ୍ରୀକୃଷ୍ଣ ତାର ଶରରେ ସିନ୍ଦୂର ଚକ୍ରାଟିଏ ଦେଲେ । ତା'ପରେ ବେଲ୍ଲାଳସେନ କୁରୁକ୍ଷେତ୍ରର ରଣାଙ୍ଗନ ମଧ୍ୟକୁ ଶର ନିକ୍ଷେପ କଲା । ନିମେଷକ ମଧ୍ୟରେ ବେଲ୍ଲାଳସେନର ନିକ୍ଷିପ୍ତ ଶର କୁରୁସୈନ୍ୟମାନଙ୍କ ମସ୍ତକକୁ ସିନ୍ଦୂରବିନ୍ଦୁରେ ମଣ୍ଡିତ କରିଦେଲା । ବେଲ୍ଲାଳସେନର ଏହି ଅଦ୍ଭୁତ ରଣକୌଶଳ ସନ୍ଦର୍ଶନରେ ଶ୍ରୀକୃଷ୍ଣଙ୍କର ବିସ୍ମୟର ସୀମା ରହିଲାନାହିଁ । ତାକୁ ପୁନର୍ବାର ପରୀକ୍ଷାକରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ କହିଲେ ଯେ ସେ (ଶ୍ରୀକୃଷ୍ଣ) ଆତ୍ମଗୋପନ କଲେ ବେଲ୍ଲାଳସେନ ଯଦି ଶର ସାହାଯ୍ୟରେ ତାଙ୍କର ସନ୍ଧାନ ଦେବାରେ ସମର୍ଥ ହୁଏ, ତାହାହେଲେ ତାହାହିଁ ହେବ ତାର ବୀରତ୍ୱର ଯଥାର୍ଥ ନିଦର୍ଶନ । ଏତକ କହି ଶ୍ରୀକୃଷ୍ଣ ମାୟାବଳରେ ନିଜକୁ ବେଲ୍ଲାଳସେନର କାଣିଆଙ୍ଗୁଠି ନଖ ଭିତରେ ଗୋପନ କଲେ । ତା'ପରେ ବେଲ୍ଲାଳସେନ ଅବ୍ୟର୍ଥ ଶରସନ୍ଧାନଦ୍ୱାରା ନିଜର କାଣିଆଙ୍ଗୁଠି ନଖଭିତରୁ ଶ୍ରୀକୃଷ୍ଣଙ୍କୁ ବାହାର କରିଆଣିଲା । ବେଲ୍ଲାଳସେନର ଏହି ଅଭୂତପୂର୍ବ ରଣକୌଶଳ ସନ୍ଦର୍ଶନରେ ଶ୍ରୀକୃଷ୍ଣ ଅତ୍ୟନ୍ତ ବିଚଳିତ ହୋଇପଡ଼ିଲେ । ସେ ଭାବିଲେ ଯେ ବେଲ୍ଲାଳସେନ ଯଦି ବଂଚିରହେ ତାହାହେଲେ ନିମେଷକ ମଧ୍ୟରେ ମହାଭାରତ ଯୁଦ୍ଧ ଶେଷ ହୋଇଯିବ ଏବଂ ସେପରି ହେଲେ, ମହାଭାରତ ଯୁଦ୍ଧର ମୂଳଲକ୍ଷ୍ୟ ସାଧିତ ହୋଇପାରିବନାହିଁ ।

"ଅଠର ଦିବସ ଏବେ ହୋଇବାକ ଯୁଦ୍ଧ
ଏତ ନିମିଷକେ ସବୁ କରି ଦେବ ବଧ
ଯୁଦ୍ଧ କଉତୁକମାନ ଦେଖି ତ ନୋହିବ
କ୍ଷଣକ ମାତ୍ରକେ ଏହୁ ସକଳ ନାଶିବ ।"

ଶ୍ରୀକୃଷ୍ଣ ତହୁଁ ବେଲ୍ଲାଳସେନର ବିନାଶ ପାଇଁ ଉପାୟ ପାଞ୍ଚିଲେ । ସେ କୌଶଳର ସହିତ ବେଲ୍ଲାଳସେନଠାରୁ ସତ୍ୟ କରାଇନେଲେ ଯେ ସେ ଯାହା ମାଗିବେ ବେଲ୍ଲାଳସେନ ବିନା ଦ୍ୱିଧାରେ ତାହା ଦେବ । କ୍ଷାତ୍ରକୁଳ-ଚୂଡ଼ାମଣି ବେଲ୍ଲାଳସେନ ସତ୍ୟ କଲାରୁ ଶ୍ରୀକୃଷ୍ଣ ତାକୁ ତାର ଶିରକମଳ ଭିକ୍ଷା ମାଗିଲେ --"ସତ୍ୟ କରାଇ ତାକୁ ବୋଇଲେ ବଚନ / ତୋ ଶିରି କମଳ ମୋତେ ଦେବୁରେ ନନ୍ଦନ !" ବେଲ୍ଲାଳସେନ ଏଥିରେ ତିଳେମାତ୍ର ବିଚଳିତ ନ ହୋଇ କହିଲା ଯେ ସେ କ୍ଷତ୍ରିୟ ଏବଂ କ୍ଷତ୍ରିୟ ଥରେ ଯାହା ଦାନକରେ, ତାକୁ ଆଉ ଫେରାଇ ନିଏନାହିଁ; ତେଣୁ ମରଣକୁ ତାର ଡର ନାହିଁ । ସେ କେବଳ ଏତିକି ଚାହେଁ ଯେ ଅଠରଦିନବ୍ୟାପୀ ମହାଭାରତ ଯୁଦ୍ଧ ସେ ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖିବ । ବେଲ୍ଲାଳସେନର ଏହି ଉକ୍ତିରେ ଅତ୍ୟନ୍ତ ପ୍ରୀତହୋଇ ଶ୍ରୀକୃଷ୍ଣ ତାକୁ ଦିବ୍ୟଚକ୍ଷୁ ପ୍ରଦାନକଲେ ଏବଂ ତାର ଛିନ୍ନ ମସ୍ତକକୁ ଶୁଭସ୍ତମ୍ଭ ଉପରେ ସ୍ଥାପନ କଲେ । ଯୁଦ୍ଧ ଶେଷରେ ପାଣ୍ଡବ ପାଞ୍ଚଭାଇ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଯୁଦ୍ଧଜୟରେ ନିଜ ନିଜର ଭୂମିକା ନେଇ ଘୋର ବାଦାନୁବାଦ ଲାଗିଲା । ପ୍ରତ୍ୟେକେ ଚାହିଁଲେ ଯୁଦ୍ଧଜୟଜନିତ ଗୌରବ ତାଙ୍କର ହିଁ ପ୍ରାପ୍ୟ । ଶ୍ରୀକୃଷ୍ଣ କିଛି ନ କହି ସମସ୍ତଙ୍କୁ ରଣଭୂମିମଧ୍ୟସ୍ଥ ଶୁଭସ୍ତମ୍ଭ ନିକଟକୁ ନେଇଗଲେ ଏବଂ ଶୁଭସ୍ତମ୍ଭୋପରିସ୍ଥାପିତ ବେଲ୍ଲାଳସେନର ଛିନ୍ନ ମସ୍ତକକୁ ନିଜର ଅନୁଭୂତି ବର୍ଣ୍ଣନା କରିବାକୁ କହିଲେ ।

"ଆପଣେ ଶ୍ରୀହରି ତହୁଁ ପଚ୍ଚରନ୍ତି ବାଣୀ
ରଣେ କି କି ଦେଖିଲୁ କହ ବୀରମଣି !
ଆମ୍ଭର ଏହି କଥାରେ ଯେ ହୋଇଛୁ ସଂଶୟ
କେ କେତେ ସଇନ ମାଇଲା ସତ୍ୟ କରି କହ ?"

ବେଲାଲସେନର ଛିନ୍ନ-ମସ୍ତକ ଉତ୍ତରଦେଲା । କିଏ କାହାକୁ ମାରିଲା ସେ କିଛି ଦେଖିନାହିଁ; ଗୋଟିଏ ଚକ୍ର କେବଳ ଉଭୟ ପକ୍ଷର ସୈନ୍ୟଙ୍କୁ ବିନାଶ କରୁଥିବା ସେ ଦେଖିଛି ।

"କେ କାହାକଇ ମାରିଲା ତାହା ଜାଣି ନୁଆରିଲି
ମାତ୍ର ଏକ କଥା ଦିବ୍ୟ ନୟନେ ଦେଖିଲି ।
ପାଣ୍ଡବ ଆଡ଼ୁଁ ଚକ୍ରେ ହୁଅଇ ବାହାର
କୋଟିଏ ସୂର୍ଯ୍ୟ ଜିଣି ତେଜ ଅଛଇ ତାହାର ।
କଉରବ ସଇନକୁ ସେ କରଇ ଦହନ
ସେ ସୈନ୍ୟରୁ ଚକ୍ର ପୁଣି ହୁଅଇ ଉତପନ୍ନ ।
ପାଣ୍ଡବ ସଇନକୁ ସେ କରଇ ଛେଦନ
ଏଥୁଁ ଆନ ମୁଁ ଦେଖିନାହିଁ ଭଗବାନ !"

## (୪) ଭରଦା ବୃତ୍ତାନ୍ତ :

ମହାଭାରତ ଯୁଦ୍ଧାରମ୍ଭରେ କୌରବମାନଙ୍କର ଅପରିମିତ ସୈନ୍ୟବଳ ଓ ବିରାଟ ସମରସଜ୍ଜା ଦେଖି ଯୁଧିଷ୍ଠିର ଟିକିଏ ବିଚଳିତ ହୋଇପଡ଼ିଲେ । ତେଣୁ ଆସନ୍ନ ଯୁଦ୍ଧର ଫଳାଫଳ ଜଣାଇବା ପାଇଁ ଭୂତ-ଭବିଷ୍ୟଜ୍ଞାତା ମନ୍ତ୍ରୀ ସହଦେବଙ୍କୁ ନିର୍ଦ୍ଦେଶ କଲେ । କିନ୍ତୁ ସହଦେବ କହିଲେ, ସେ ନିଜେ ଏ ବିଷୟରେ କିଛି ଫେଡ଼ିକହିବା ଉଚିତ ହେବ ନାହିଁ । ବୈତରଣୀ ନଦୀତୀରସ୍ଥ ଧବଳ ପର୍ବତର ପଶ୍ଚିମରେ ଯାଜପୁର ନଗ୍ରରେ ଭରଦା ନାମରେ ଜଣେ ଲୋକ ବାସକରେ । ତାକୁ ଅଣାଗଲେ ସେ ସବୁ କଥା ଫେଡ଼ି କହିବ । ତାକୁ ଆଣିବା ପାଇଁ ଭୀମସେନ ଯାଜପୁର ଯାତ୍ରା କଲେ । ସେଠାରେ ସେ ଯାହା ଦେଖିଲେ ତହିଁରେ ତାଙ୍କ କ୍ରୋଧ ଓ ବିସ୍ମୟର ସୀମା ରହିଲାନାହିଁ । ସେ ଦେଖିଲେ ଯେ ଭରଦା ଗୋଟାଏ ଘୋର ପାପାଗ୍ରସ୍ତ ବ୍ୟକ୍ତି । ସେ ଭୃତ୍ୟଭଳି ନିଜ ପତ୍ନୀର ସେବାକରେ ଏବଂ ନିଜ ବିବାହିତା ପତ୍ନୀର ଦେହକୁ ଅନ୍ୟର ଉପଭୋଗ ପାଇଁ ବିକିକରି ସେହି ଅର୍ଥରେ ଜୀବିକା ନିର୍ବାହ କରେ । ଏପରି ଗୋଟାଏ ଜଘନ୍ୟ ପାପାଗ୍ରସ୍ତ ବ୍ୟକ୍ତିକୁ ହସ୍ତିନା ନେବାପାଇଁ ଭୀମସେନଙ୍କର ମନ ବଳିଲା ନାହିଁ; କିନ୍ତୁ ତାକୁ ନେବାପାଇଁ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶ ଥିବାରୁ ସେ ତାର ଚୁଟି ଧରି ଝେକି ଝେକି ହସ୍ତିନା ଘେନିଗଲେ । ସହଦେବଙ୍କର ନିର୍ଦ୍ଦେଶରେ ତାକୁ କୁରୁକ୍ଷେତ୍ର ରଣଭୂମିର ଶୁଭସ୍ତମ୍ଭରେ ବାନ୍ଧି ରଖାଗଲା । ନିଶାର୍ଦ୍ଧରେ ଶ୍ରୀୟା ନାମକ ଶୃଗାଳ ଏବଂ ଶୃଗାଳପତ୍ନୀ ତାରାକ୍ଷୀ

ଭୋଜନ ଅନ୍ୱେଷଣରେ ଆସି ସେଠାରେ ପହଞ୍ଚିଲେ । ଶୁଭ୍ରସ୍ତମ୍ଭରେ ବନ୍ଧା ହୋଇଥିବା ସୁନ୍ଦର ପୁରୁଷଟିକୁ ଦେଖି ଶୃଗାଳୁଣୀ ତାର ମାଂସ ଖାଇବା ପାଇଁ ପ୍ରସ୍ତାବ କଲା; କିନ୍ତୁ ଶୃଗାଳ ତାକୁ ସେଥିରୁ ନିବୃତ୍ତ କରାଇ କହିଲା—

"ଶ୍ରୀକାଳ ବୋଇଲା ସରୂପେ ଏ ଅଟଇ ଭାରଦା
ଆପଣା ଭାର୍ଯ୍ୟା ସେବଇ ଏ ପରେ ପରମଦା ।
ପୁରୁଷ ଅପାଠକ ଏ ତପସ୍ୱୀକୁ ଭୃତ୍ୟପଣେ ଖଟଇ
ପୁରୁଷଙ୍କ ମଧ୍ୟେ ଏ କୁଳଜନ ଅଟଇ ।" ତା'ପରେ କ୍ଷୁଧାର୍ଥିନୀ ପତ୍ନୀକୁ ବୋଧଦେଇ ସେ କହିଲା, "ଠିକ୍ କୋଡ଼ିଏ ଦିନ ପରେ ଭୂରିଭୋଜନ ମିଳିବ; ତେଣୁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ।" ଶୃଗାଳୁଣୀ ବିଷୟଟି କ'ଣ ବୋଲି ଜାଣିବାକୁ ଚାହିଁବାରୁ ଭବିଷ୍ୟତଜ୍ଞାତା ଜାତିସ୍ମର ଶୃଗାଳ ପ୍ରତ୍ୟାସନ୍ନ ମହାଭାରତ ଯୁଦ୍ଧରେ ଅଠର ଦିନର ଜୟ ପରାଜୟର କାହାଣୀ ତାକୁ ଗୋଟି ଗୋଟି କରି ଶୁଣାଇଲା । ଶୃଗାଳ ଓ ଶୃଗାଳୁଣୀ କଥାବାର୍ତ୍ତା ହେଉଥିବାବେଳେ ଭାରଦା ସବୁକଥା ମନଦେଇ ଶୁଣୁଥିଲା । ପରଦିନ ସକାଳେ ସହଦେବଙ୍କ ଅନୁରୋଧକ୍ରମେ ଭୀମସେନ ଭାରଦାର ବନ୍ଧନ ଛିନ୍ନକରି ତାକୁ ଯୁଧିଷ୍ଠିରଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ । ତା'ପରେ ସହଦେବଙ୍କ ନିର୍ଦ୍ଦେଶାନୁଯାୟୀ ଭାରଦା ପୂର୍ବରାତିରେ ଶୃଗାଳଠାରୁ ମହାଭାରତ ଯୁଦ୍ଧର ଫଳାଫଳ ସମ୍ବନ୍ଧରେ ଯାହା ଯାହା ଶୁଣିଥିଲା, ସେସବୁ ଗୋଟି ଗୋଟି କରି ବର୍ଣ୍ଣନା କଲା । ଏହା ପରେ ଭାରଦାର ମୂର୍ଦ୍ଧନା ଫାଟିଗଲା ଏବଂ କୃଷ୍ଣଚରଣ ଦର୍ଶନକରି ସେ ସ୍ୱର୍ଗଗାମୀ ହେଲା ।

## (୫) ଯୁଧିଷ୍ଠିର ଓ ସୁହାଣୀ କନ୍ୟା ଉପାଖ୍ୟାନ :

ସାରଳା ମହାଭାରତର ସବୁଠାରୁ ଉତ୍କୃଷ୍ଟ ବ୍ୟତିକ୍ରମ ହେଉଛି ଯାଜପୁରର ହରି ସାହୁ ବୈଶ୍ୟର କନ୍ୟା ସୁହାଣୀ ସହିତ ମହାପ୍ରସ୍ଥାନଯାତ୍ରୀ ବାନପ୍ରସ୍ଥଗୃହୀ ଯୁଧିଷ୍ଠିରଙ୍କର ବିବାହ ଉପାଖ୍ୟାନ । ସ୍ୱର୍ଗାରୋହଣ ଉଦ୍ଦେଶ୍ୟରେ ପାଣ୍ଡବ ପଞ୍ଚଭ୍ରାତା ଏବଂ ଦ୍ରୌପଦୀ ରାଜ୍ୟ ତ୍ୟାଗକରି ତୀର୍ଥଯାତ୍ରାରେ ବହିର୍ଗତ ହେଲେ । ସେମାନେ ବୈତରଣୀ ତୀରବର୍ତ୍ତୀ ଯାଜପୁର ବା ଧର୍ମପୁରରେ ପହଞ୍ଚି ସେଠାରେ ଅବସ୍ଥାନ କରିବାକୁ ଲାଗିଲେ । ଏହାର ଅଦୂରରେ ଥିଲା ଅମରାବତୀ କଟକ । ସେହି ଅମରାବତୀ କଟକରେ ହରିସାହୁ ନାମରେ ଜଣେ ବୈଶ୍ୟ ବାସ କରୁଥିଲା । ତାର ପଞ୍ଚଦଶ ବର୍ଷ ବୟସ୍କା ଗୋଟିଏ ରୂପସୀ କନ୍ୟା ଥିଲା । ତାର ନାମ ଥିଲା ସୁହାଣୀ । ଦୈବଜ୍ଞମାନେ ଗଣନାକରି ମତ ଦେଇଥାନ୍ତି ଯେ ବିବାହକାଳରେ ତାର ମୃତ୍ୟୁ ସୁନିଶ୍ଚିତ । ତେଣୁ ହରି ସାହୁ ତାକୁ ବିଭା ନ ଦେଇ ଘୋର ମନଦୁଃଖରେ ଥାଏ । ଯୁଧିଷ୍ଠିରଙ୍କୁ ଦେଖି ହରି ସାହୁ ତାଙ୍କୁ କନ୍ୟା ଅର୍ପଣ ପାଇଁ ପ୍ରସ୍ତାବ କଲା । ହରି ସାହୁକୁ କନ୍ୟାଦାୟରୁ ମୁକ୍ତିଦେବା ଉଦ୍ଦେଶ୍ୟରେ ଯୁଧିଷ୍ଠିର ଅପର ଚାରିଭାଇଙ୍କ ସମ୍ମତିକ୍ରମେ

ସୁହାଣୀର ପାଣିଗ୍ରହଣ କଲେ । ପୂର୍ବ ବ୍ୟବସ୍ଥାନୁଯାୟୀ ଠିକ୍ ସେହି ସମୟରେ ସୁହାଣୀର ପ୍ରାଣ ନେବା ନିମନ୍ତେ ଯମରାଜ ସେଠାରେ ଆସି ପହଞ୍ଚିଲେ । ଅର୍ଜୁନ ଯମଙ୍କୁ ବନ୍ଦୀକଲେ । ହରି ସାହୁର ଅନୁରୋଧକ୍ରମେ ଯମ ମୁକ୍ତି ପାଇଲେ । ଯମଙ୍କର ନିର୍ଦ୍ଦେଶକ୍ରମେ ସେ ସ୍ଥାନର ନାମ ହେଲା ଅମରାବତୀ ।

ଯୁଧିଷ୍ଠିର ସୁହାଣୀ କନ୍ୟା ସହିତ କିଛିକାଳ ଅତିବାହିତ କରିବା ପରେ କପିଳାସର ଶିଖରେଶ୍ୱରଙ୍କ ସେବାରେ ତାଙ୍କୁ ନିଯୁକ୍ତ କରି ଦ୍ରୌପଦୀ ଓ ଅପର ଚାରିଭାଇଙ୍କ ସହିତ ସ୍ୱର୍ଗାରୋହଣ ପଥରେ ଅଗ୍ରସର ହେଲେ ।

"ଶୁଣ ହୋ ବଇବସ୍ୱତ ମନୁ ବଦସ୍ୱନ୍ତି ଅଗସ୍ତି
ପାଣ୍ଡବେ ରହିଲେ ଯେ ନଗ୍ର ଅମରାବତୀ ।
ସୁହାଣୀ କନ୍ୟାକଇ ବନ୍ଧି ହୋଇଲେ ଧର୍ମସୁତେ
ରହିଲେ ପାଣ୍ଡବେ ପଞ୍ଚଅଷ୍ଟାଦଶ ବର୍ଷ ପରିଯନ୍ତେ ।"

ମୂଳ ମହାଭାରତ ସହିତ ସାରଳା ମହାଭାରତର ବୈଷମ୍ୟ କେବଳ କଥାବସ୍ତୁରେ ସୀମିତ ନୁହେଁ; କେତେକ ପ୍ରସିଦ୍ଧ ମହାଭାରତୀୟ ଚରିତ୍ରକୁ ମଧ୍ୟ ସାରଳା ଦାସ ଭିନ୍ନାକାର କରିଦେଇଛନ୍ତି । ତ୍ରିଲୋକପାବନୀ ଶାନ୍ତନୁହୃଦୟହାରିଣୀ ଗଙ୍ଗାଦେବୀଙ୍କୁ ସେ ଜଣେ ପୁରୁଷବାଦିନୀ, କଳହପରାୟଣା ଇତର ନାରୀରୂପେ ଚିତ୍ରଣ କରିଅଛନ୍ତି । ଦ୍ରୌପଦୀ, କୁନ୍ତୀ, ଗାନ୍ଧାରୀ, ଲକ୍ଷ୍ମୀ ଓ ପାର୍ବତୀଙ୍କ ଭଳି ବିଶ୍ୱବନ୍ଦନୀୟା ନାରୀଚରିତ୍ରମାନଙ୍କୁ ସେ ସ୍ଥଳବିଶେଷରେ ଈର୍ଷାପରାୟଣା ସାଧାରଣୀ ଗ୍ରାମ୍ୟ ନାରୀର ସ୍ତରକୁ ନେଇଯାଇଛନ୍ତି । ତପୋନିଷ୍ଠ ସାଧକ-ଶିରୋମଣି ଦ୍ରୋଣାଚାର୍ଯ୍ୟଙ୍କୁ ଜଘନ୍ୟ ମାତୃହରଣ ଦୋଷରେ ଦୋଷୀ କରାଇଛନ୍ତି । ମୂଳ ମହାଭାରତରେ ବର୍ଣ୍ଣିତ ହୋଇଅଛି ଯେ ଆଜନ୍ମବ୍ରହ୍ମଚାରୀ ମହାବୀର ଭୀଷ୍ମ ସେ କାଳର ଯୁଦ୍ଧ ନିୟମ ଅନୁଯାୟୀ ନପୁଂସକ ରୂପରେ ଜନ୍ମଗ୍ରହଣ କରିଥିବା ଶିଖଣ୍ଡିଙ୍କୁ ସମ୍ମୁଖରେ ଦେଖି ଅସ୍ତ୍ର ପରିହାର କରିଥିଲେ; କିନ୍ତୁ ସାରଳା ଲେଖିଛନ୍ତି ଶିଖଣ୍ଡିଙ୍କୁ ଦେଖି ଅମ୍ବା-ସ୍ମୃତିରେ ଭୀଷ୍ମ ଘୋର କାମପୀଡ଼ିତ ହୋଇପଡ଼ିବାରୁ ତାଙ୍କର ଧାତୁ ସ୍ଖଳିତ ହେଲା ଏବଂ ସେ ନିଶ୍ଚେଷ୍ଟ ଓ ଦୁର୍ବଳ ହୋଇପଡ଼ିଲେ ।

"ପୀଡ଼ିଲା ଅନଙ୍ଗ ଯେ ମାଡ଼ିଲା ଚନ୍ଦ୍ରକଳା
ତୁଟିଲା ବଳଦର୍ପ ହୋଇଲେ ଭେଓଲା ।
ନଉ ସହସ୍ର ବରଷ ଯେବଣ ଅଚଳବିନ୍ଦୁ
ଅମ୍ବାର ଦର୍ଶନମାତ୍ରକେ ତୁଟିଲା ସର୍ବବିନ୍ଦୁ ।" (ଭୀଷ୍ମପର୍ବ-୩୨୦)

ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ମଧ୍ୟରେ ଯେଉଁ ବୈଷମ୍ୟ ପରିଲକ୍ଷିତ ହୁଏ, ତାର କାରଣ ଉଲ୍ଲେଖ କରିବାକୁ ଯାଇ କେତେକ ଆଲୋଚକ ମତପ୍ରଦାନ କରିଥାନ୍ତି

ଯେ ସାରଳା ଦାସ ସଂସ୍କୃତ ଭାଷା ଜାଣିନଥିଲେ । ବ୍ରାହ୍ମଣ ପଣ୍ଡିତମାନଙ୍କଠାରୁ ସେ ଯାହା ଶୁଣୁଥିଲେ ତାହା ଆପଣା ସ୍ମୃତିକୋଷରେ ସଞ୍ଚିତକରି ରଖୁଥିଲେ ଏବଂ ତହିଁରେ ଆପଣା କଳ୍ପନାର ପୁଟ ଦେଇ ପ୍ରକାଶ କରୁଥିଲେ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ସାରଳା ଦାସଙ୍କ ଅଜ୍ଞତା ଏବଂ ଅସାବଧାନତା ଉପରୋକ୍ତ ବୈଷମ୍ୟସମୂହର ପ୍ରଧାନ କାରଣ । କିନ୍ତୁ ଏହା ଠିକ୍ ନୁହେଁ । "ଏ ମହାଭାରତ ପଦ ଅମୃତ ରସ ସମାନ / ଲେଖଇ ସାରଳା-ଦାସ ହୋଇ ସାବଧାନ ।" (ଉଦ୍ୟୋଗପର୍ବ—୭୩୦) । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ସାରଳାଦାସ ମହାଭାରତ ରଚନାରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିଅଛନ୍ତି । ଏଥିରେ ଦୃଷ୍ଟ ବୈଷମ୍ୟ ଓ ବିଚ୍ୟୁତି ଇଚ୍ଛାକୃତ ଓ ସୁପରିକଳ୍ପିତ । ସାରଳାଦାସ ଯେ ଏକ ସୁଚିନ୍ତିତ ଓ ସୁପରିକଳ୍ପିତ ଯୋଜନା ଅନୁଯାୟୀ ମହାଭାରତ ପ୍ରଣୟନ କରିଥିଲେ, ତାହା ତାଙ୍କ ମହାଭାରତର ଆଭ୍ୟନ୍ତରୀଣ ପ୍ରମାଣଦ୍ୱାରା ସିଦ୍ଧହୁଏ । ଉଦ୍ୟୋଗ ପର୍ବରେ ଶ୍ରୀକୃଷ୍ଣ-ସୁଦେଷ୍ଣା ସମ୍ବାଦ ଏବଂ ଶୃଗାଳ-ଶୃଗାଳୁଣୀ ଉକ୍ତି-ପ୍ରତ୍ୟୁକ୍ତିରେ ସେ ମହାଭାରତ ଯୁଦ୍ଧର ଯେଉଁ ବିବରଣୀ ପ୍ରଦାନ କରିଅଛନ୍ତି, ତହିଁରେ ସାରଳା ମହାଭାରତବର୍ଣ୍ଣିତ ଏବଂ ସଂସ୍କୃତ ମହାଭାରତରେ ଅନୁକ୍ତ କେତୋଟି ବିଶିଷ୍ଟ ଘଟଣାର ଉଲ୍ଲେଖ ଅଛି । ସେଗୁଡ଼ିକ ମଧ୍ୟରୁ ବିରାଟ ଓ ସୁଦେଷ୍ଣା କଳିଯୁଗରେ ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚେଶ୍ୱରୀ ରୂପରେ ଜନ୍ମହେବା ଘଟଣା, ଲକ୍ଷ୍ମଣକୁମାରର ମୃତଦେହ ସାହାଯ୍ୟରେ ଦୁର୍ଯ୍ୟୋଧନଙ୍କର ରକ୍ତନଦୀ ପାରହେବା ବିଷୟ, ଅଶ୍ୱତ୍ଥାମାଙ୍କଦ୍ୱାରା ଦ୍ରୌପଦୀ ପଞ୍ଚପୁତ୍ରଙ୍କର ହତ୍ୟା ଏବଂ ଦୁର୍ଯ୍ୟୋଧନଙ୍କର ଶୋକ, ଅଶ୍ୱତ୍ଥାମା ଦ୍ୱାରା ନିକ୍ଷିପ୍ତ ବ୍ରହ୍ମାସ୍ତ୍ରକୁ ଶ୍ରୀକୃଷ୍ଣ ଉତ୍ତରାଗର୍ଭସ୍ଥ ସନ୍ତାନକୁ ବଳରୂପେ ପ୍ରଦାନକରିବା ବୃତ୍ତାନ୍ତ, ଦୁର୍ଯ୍ୟୋଧନକୁ ହତ୍ୟା କରି ନ ପାରିବା ଯୋଗୁ କୁନ୍ତୀଙ୍କର ପୁତ୍ରମାନଙ୍କୁ ଭର୍ତ୍ସନା ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ଦୁର୍ଯ୍ୟୋଧନଙ୍କୁ ମାରି ନ ପାରିଲେ ଅଗ୍ନି ଜାଳି ଆତ୍ମହତ୍ୟା କରିବା ନିମିତ୍ତ ଭୀମସେନଙ୍କର ଦୃଢ଼ପ୍ରତିଜ୍ଞା ଆଦି ବିଷୟ ବିଶେଷ ଉଲ୍ଲେଖଯୋଗ୍ୟ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସାରଳାଦାସ କୌଣସି ପର୍ବ ରଚନା କରିବାର ବହୁ ପୂର୍ବରୁ ତହିଁରେ ବର୍ଣ୍ଣନୀୟ ବସ୍ତୁ ସମ୍ବନ୍ଧରେ ସ୍ପଷ୍ଟ ଧାରଣାକରି ତଦନୁଯାୟୀ ଗ୍ରନ୍ଥ ରଚନାରେ ଅଗ୍ରସର ହେଉଥିଲେ । 'ଚଣ୍ଡୀପୁରାଣ' ରଚନାର ବହୁ ପୂର୍ବରୁ ସେ କିପରି ତାର ସଂକ୍ଷିପ୍ତସାର ତଦୀୟ ମହାଭାରତରେ ପ୍ରକାଶ କରିଥିଲେ, ତାହା ପୂର୍ବରୁ ସୂଚିତ ହୋଇଅଛି । ତେଣୁ ସାରଳା ମହାଭାରତରେ ପରିଦୃଷ୍ଟ ବୈଷମ୍ୟ ଓ ବ୍ୟତିକ୍ରମସମୂହ ଯେ କବିଙ୍କର ସ୍ୱେଚ୍ଛାକୃତ ଓ ସୁପରିକଳ୍ପିତ ଏଥିରେ ସନ୍ଦେହ ନାହିଁ । ସାରଳାଦାସ ପରମ୍ପରାର ଋଜୁମାର୍ଗ ଅନୁସରଣ ନ କରି କାହିଁକି ସ୍ୱତନ୍ତ୍ର ପନ୍ଥା ଅବଲମ୍ବନ କରିବାକୁ ଅଧିକ ପସନ୍ଦ କଲେ ତାର ନାନା କାରଣ ଥାଇପାରେ । ସାଧାରଣତଃ କୌଣସି ଏକ ଗ୍ରନ୍ଥର ବସ୍ତୁବିନ୍ୟାସ ଓ ରଚନାଶୈଳୀ, ଗ୍ରନ୍ଥରଚନାର ଉଦ୍ଦେଶ୍ୟ, ପାଠକ ଓ ଶ୍ରୋତାମାନଙ୍କର ଅଭିରୁଚି ଓ ମନସ୍ତତ୍ତ୍ୱ, ଜଗତ ଓ ଜୀବନ ପ୍ରତି ଗ୍ରନ୍ଥକର୍ତ୍ତାଙ୍କର ଆଭିମୁଖ୍ୟ ଓ ଦୃଷ୍ଟିଭଙ୍ଗୀ ଏବଂ ସମସାମୟିକ ରାଜନୈତିକ, ସାମାଜିକ, ସାଂସ୍କୃତିକ, ଓ ଆଧ୍ୟାତ୍ମିକ ପରିବେଶ ଉପରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ବର୍ତ୍ତମାନ ଯାହାକୁ

ମହାଭାରତ ବୋଲି କୁହାଯାଉଛି, ତାହା ବହୁ ସହସ୍ର ବର୍ଷର କ୍ରମପରିଣାମର ଫଳ । ଏହା 'ଜୟ'ରୁ ବଢ଼ି 'ଭାରତ' ଏବଂ 'ଭାରତ'ରୁ 'ମହାଭାରତ'ରେ ପରିଣତ ହୋଇଛି । ଏହି ସୁଦୀର୍ଘ ଯାତ୍ରାପଥରେ ଏହା କେତେ ଥର ଯେ ତାର ରୂପ ବଦଳାଇଛି ଏବଂ ଯୁଗକୁ ଯୁଗ କେତେ ନୂଆ ନୂଆ ବିଷୟ ଏଥିରେ ଯୋଡ଼ାଯାଇଛି, ତାର ଇୟତ୍ତା ନାହିଁ । ତେଣୁ ସାରଳା ମହାଭାରତ ହେଉ ବା ଅନ୍ୟ ଯେକୌଣସି ପ୍ରାଦେଶିକ ଭାଷାରେ ରଚିତ ମହାଭାରତ ହେଉ, ଏହି ନିୟମ ମଧ୍ୟ ତା' ପ୍ରତି ପ୍ରଯୁଜ୍ୟ । ସାରଳାଙ୍କ ମହାଭାରତ ରଚନାର ପ୍ରଧାନ ଉଦ୍ଦେଶ୍ୟ ଥିଲା ସଂସ୍କୃତାନଭିଜ୍ଞ ଅଗଣିତ ନରନାରୀଙ୍କୁ ପୁରାଣ ପଠନ ଓ ଶ୍ରବଣର ସୁଯୋଗ ଦେବା । ଏହି ପୁରାଣ ହିଁ ସେ କାଳରେ ଲୋକଶିକ୍ଷାର ଏକମାତ୍ର ମାଧ୍ୟମ ଥିଲା । ତେଣୁ ସାରଳାଦାସ ତାହାଙ୍କ ମହାଭାରତ ମାଧ୍ୟମରେ ବିଭିନ୍ନ ପୁରାଣ ସମ୍ବନ୍ଧରେ ଲୋକଙ୍କୁ ଏକ ସ୍ଥୂଳଧାରଣା ଦେବାପାଇଁ ଚେଷ୍ଟାକରିବା ସ୍ୱାଭାବିକ । ମହାଭାରତ ସ୍ୱର୍ଗାରୋହଣ ପର୍ବରେ ସେ କହୁଅଛନ୍ତି—

“ସେ ସାରଳା ପ୍ରସନ୍ନେ ହୋଇଲା ମୋର ଜ୍ଞାନ
ଅଷ୍ଟାଦଶ ପର୍ବ ଗ୍ରନ୍ଥ କଲିଇ ଲେଖନ ।
× × ×
ଅଷ୍ଟାଦଶ ପୁରାଣ ଯେ ହୋଇଲା ସମ୍ପୂର୍ଣ୍ଣ
ପଢ଼ିଲେ ଶୁଣିଲେ ଯେ ହୋଅଇ ବହୁତ ପୁଣ୍ୟ ।”

କେଉଁ କେଉଁ ପୁରାଣରୁ ସେ ତାଙ୍କ କାବ୍ୟର ଉପାଦାନ ଗ୍ରହଣ କରିଛନ୍ତି ଏବଂ କେଉଁଠାରୁ କେଉଁ ବିଷୟ ଗ୍ରହଣ କରିଛନ୍ତି, ତାର ସୂଚନା ମଧ୍ୟ ସେ ଗ୍ରନ୍ଥ ମଧ୍ୟରେ ଦେଇଛନ୍ତି—“ବିଷ୍ଣୁ ପୁରାଣ ରାଜା, ମାର୍କଣ୍ଡ ପୁରାଣ ପାତ୍ର, / ଶିବ ପୁରାଣ ମନ୍ତ୍ରୀ, ନାରଦ ପୁରାଣ ନଗର ସଜାତ ।। / ଏ ଚାରି ପୁରାଣକୁ ମୁଖ୍ୟକରି ଅଷ୍ଟାଦଶ ପୁରାଣ ବୋଲି । / ସେତେକ ବିଖ୍ୟାତ କରିବାକୁ ମୁହିଁ ଯେ ଆଜ୍ଞା ପାଇଲି ।।” (ଦ୍ରୋଣପର୍ବ-୨୭୫) ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ ସାରଳା ଦାସ ମହାଭାରତର ବିଷୟବସ୍ତୁ ସହିତ ସଂପୂର୍ଣ୍ଣ ସମନ୍ୱୟ ରକ୍ଷାକରି ଅଷ୍ଟାଦଶ ପୁରାଣରୁ ସାର ସାର କଥା ବାଛି ଲୋକରେ ବିଖ୍ୟାତ କରିବାପାଇଁ ଉଦ୍ୟମ କରିଅଛନ୍ତି । ତାହାଙ୍କ ମହାଭାରତର ଅନୁଧ୍ୟାନରୁ ଜଣାଯାଏ ଯେ ସେ ବିଷ୍ଣୁ ପୁରାଣରୁ ବହୁ ବିଷୟ ଗ୍ରହଣ କରିଅଛନ୍ତି । କୃଷ୍ଣ ବଳରାମଙ୍କ ଜନ୍ମବୃତ୍ତାନ୍ତ, ଅକ୍ରୂରଙ୍କର ଗୋକୁଳଯାତ୍ରା, ଜଳ ମଧ୍ୟରେ ଶ୍ରୀକୃଷ୍ଣଙ୍କର ବିଗ୍ରହ ଦର୍ଶନକରି ଅକ୍ରୂରଙ୍କର ମୋହ, ସ୍ୟମନ୍ତକମଣିହରଣ ଓ ଶତଧନୁ ଉପାଖ୍ୟାନ, ପାରିଜାତହରଣ, ଚନ୍ଦ୍ରାବତୀହରଣ, ଉଷାହରଣ, ନରକାସୁରବଧ, ବଳରାମଙ୍କ ଦେହତ୍ୟାଗ, ଅର୍ଜୁନଙ୍କଦ୍ୱାରା କୃଷ୍ଣବଧୂମାନଙ୍କର ପଞ୍ଜାବରେ ଅବସ୍ଥାପନ ଏବଂ ଆଭୀରମାନଙ୍କ ହାତରେ ଅର୍ଜୁନଙ୍କର ପରାଜୟ ଆଦି ବିଷୟ ସାରଳା ଦାସ ସାମାନ୍ୟ କେତେକ ପରିବର୍ତ୍ତନ ସହ ବିଷ୍ଣୁ ପୁରାଣ ଅନୁଯାୟୀ ଲେଖିଯାଇଛନ୍ତି । ବିଷ୍ଣୁ ପୁରାଣ ବ୍ୟତୀତ ରାମାୟଣ ଓ

ଭାଗବତରୁ ମଧ୍ୟ ସାରଳା ବହୁ ବିଷୟ ଗ୍ରହଣ କରିଅଛନ୍ତି—"ରାମାୟଣ, ଭାଗବତ ଶ୍ରୀ ମହାଭାରତ, / ଶ୍ରବଣ ଗାୟନ କଲେ ଖଣ୍ଡିବ ସର୍ବଦୁଷ୍କୃତ ।" (ବନପର୍ବ-୨୬୧)

ସାରଳା ମହାଭାରତବର୍ଣ୍ଣିତ ସଂକ୍ଷିପ୍ତ ରାମାୟଣ ଓ ରାମଚରିତ ବିଷୟକ ଅନ୍ୟାନ୍ୟ ଉପାଖ୍ୟାନ ପରବର୍ତ୍ତୀ କାଳର ବହୁ କବି ଓ ଲେଖକଙ୍କୁ ପ୍ରଭାବିତ କରିଥିବା ଜଣାଯାଏ । ସାରଳା ଦାସ ମହାଭାରତର ବିଭିନ୍ନ ପ୍ରସଙ୍ଗ ବର୍ଣ୍ଣନା ଅବସରରେ ରାମାୟଣବର୍ଣ୍ଣିତ ବହୁ ଉପାଖ୍ୟାନ ଉଦ୍ଧାର କରିଅଛନ୍ତି । ଏହି ଉପାଖ୍ୟାନଗୁଡ଼ିକ ମଧ୍ୟରେ ସଗରଚରିତ, ଅହଲ୍ୟାଶାପ ବୃତ୍ତାନ୍ତ, ରାମଜନ୍ମ, ରାମବନବାସ, ସୀତାହରଣ, ହରିଶ୍ଚନ୍ଦ୍ର ଉପାଖ୍ୟାନ, ଆତାପି ବାତାପି ଉପାଖ୍ୟାନ, ଅଷ୍ଟାବକ୍ରଚରିତ, ଋଷ୍ୟଶୃଙ୍ଗ ଉପାଖ୍ୟାନ ଏବଂ ଭଗୀରଥଙ୍କ ଗଙ୍ଗା ଆନୟନ ଆଦି ବିଷୟ ବିଶେଷ ଉଲ୍ଲେଖଯୋଗ୍ୟ । ରାମାୟଣ ବ୍ୟତୀତ ବିଭିନ୍ନ ପୁରାଣ ଓ ଉପପୁରାଣମାନଙ୍କରେ ବର୍ଣ୍ଣିତ ରାମଚରିତ ସମ୍ବନ୍ଧୀୟ ବହୁ ବିଷୟ ସେ ତାହାଙ୍କ ମହାଭାରତରେ ଉଲ୍ଲେଖ କରିଅଛନ୍ତି । ଏ ବିଷୟରେ ସେ ଶୈବ ଓ ଶାକ୍ତ ପୁରାଣମାନଙ୍କଦ୍ୱାରା ବିଶେଷ ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ଗୋସିଂହ ଦୈତ୍ୟବଧ, ସୁଗନ୍ଧିକାହରଣ, ଗୁରୁଗୃହରେ ରାମକୃଷ୍ଣଙ୍କ ବିଦ୍ୟାଶିକ୍ଷା, ପ୍ରହ୍ଲାଦଚରିତ, ବଳିବାମନ ଉପାଖ୍ୟାନ, ପରୀକ୍ଷିତ ଜନ୍ମ, ଯଦୁବଂଶ ଧ୍ୱଂସ ଓ ଶ୍ରୀକୃଷ୍ଣଙ୍କ ମହାପ୍ରାୟାଣ ଆଦି ବିଷୟ ବର୍ଣ୍ଣନାରେ ସାରଳାଦାସ ଶ୍ରୀମଦ୍ଭାଗବତର ରଚନାସରଣି ଅନୁସରଣ କରିଥିଲେହେଁ ସ୍ଥଳବିଶେଷରେ ନିଜର କଳ୍ପନାନୁଯାୟୀ ବିଷୟଗୁଡ଼ିକୁ କିଞ୍ଚିତ୍ ପରିବର୍ତ୍ତନ କରିଦେଇଛନ୍ତି ।

ମହାଭାରତ ଓ ଶ୍ରୀମଦ୍ଭାଗବତରେ ଶ୍ରୀରାଧାଙ୍କ ନାମର ଉଲ୍ଲେଖ ନାହିଁ; କିନ୍ତୁ ସାରଳାଦାସ ଖନକାର ଜନ୍ମବୃତ୍ତାନ୍ତ ଏବଂ ବ୍ରହ୍ମାଙ୍କଦ୍ୱାରା ବତ୍ସାହରଣ ବର୍ଣ୍ଣନା ପ୍ରସଙ୍ଗରେ ରାଧାକୃଷ୍ଣ କେଳି ପ୍ରସଙ୍ଗ ଉଲ୍ଲେଖ କରିଅଛନ୍ତି । ଏ ବର୍ଣ୍ଣନା ଯେପରି ବୀଭତ୍ସ, ସେହିପରି ଅଶ୍ଲୀଳ । ଏଥିରେ ଲେଖାଅଛି ଯେ ରାଧାଙ୍କର ଶୟନମନ୍ଦିରଠାରୁ କଦମ୍ବମୂଳଯାଏ ଏକ ସୁଡ଼ଙ୍ଗ ଖୋଳିବାପାଇଁ ଶ୍ରୀକୃଷ୍ଣ ଖନକାରକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରେ ଏହି ସୁଡ଼ଙ୍ଗ ହୋଇଥିଲା ରାଧାକୃଷ୍ଣ ନିଭୃତ ପ୍ରଣୟର ପ୍ରଧାନ ଅବଲମ୍ବନ ।

"ମୋତେ ବୋଇଲେ ତୁ ଯେବେ ଏକ କଥା କରି
କଦମ୍ବ ତଳକୁ ଯୁଣେ ରାଧିକାର ପୁରି ।
କଦମ୍ବ ମୂଳୁ ବିବର ଗୋଟିଏ ଖୋଳିବୁ
ରାଧିକା ପଲ୍ୟଙ୍କ ତଳେ ନେଇ ଫୁଟାଇବୁ ।
× × ×
ରାଜ ହୋଇଲେ ଗୁଆଳଙ୍କୁ ନିଦ୍ରା କରାଇ
ବିବରେ ପଶି ରାଧିକା କଦମ୍ବ ମୂଳକୁ ଯାଇ ।
ଇଚ୍ଛାଏ ଶୃଙ୍ଗାର ସେ ଦିଅଇ ଚନ୍ଦ୍ରବଦନୀ
ଗୋପାଳ କତରେ ସେ ଯାଇ ଶୋଅଇ ରଜନୀ ।" ( ଆଦିପର୍ବ ୬୮୦୧ )

ଏ ବର୍ଣ୍ଣନା କେତେକାଂଶରେ ବ୍ରହ୍ମବୈବର୍ତ୍ତ ପୁରାଣ ଓ ଜୟଦେବକୃତ ଗୀତ-ଗୋବିନ୍ଦର ଅନୁରୂପ । ତେଣୁ ରାଧାକୃଷ୍ଣ କେଳିବର୍ଣ୍ଣନାରେ କବି ଉପରୋକ୍ତ ଗ୍ରନ୍ଥଦ୍ୱୟ ତଥା ଆଭୀର ବା ଗଉଡ଼ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ରାଧାକୃଷ୍ଣ ପ୍ରେମ ବିଷୟକ କିମ୍ବଦନ୍ତୀ ଓ ଅଶ୍ଳୀଳ ଲୋକଗୀତଦ୍ୱାରା ପ୍ରଭାବିତ ହୋଇଥିବେ । ଅଷ୍ଟାଦଶ ପୁରାଣ ଓ ବିବିଧ ଉପପୁରାଣ ବ୍ୟତୀତ ସାରଳାଦାସ ଅନ୍ୟାନ୍ୟ ବହୁ ସୂତ୍ରରୁ ତାଙ୍କ ମହାଭାରତର ଉପାଦାନ ଆହରଣ କରିଥିବା ଅନୁମିତ ହୁଏ । ଉଦାହରଣସ୍ୱରୂପ, ଦ୍ରୌପଦୀ ସ୍ୱୟମ୍ବରରେ ଲକ୍ଷବିନ୍ଧା ପ୍ରସଙ୍ଗରେ ଯେଉଁ ରାଧାଚକ୍ରର ଉଲ୍ଲେଖ ଅଛି, ତାହାର ବର୍ଣ୍ଣନା ଜୈନ ହରିବଂଶରେ ଦୃଷ୍ଟହୁଏ । ସେହିପରି ଭାନୁମତୀଙ୍କର ଦୁଃସ୍ୱପ୍ନ ଏବଂ କୌରବ ଶତଭ୍ରାତାଙ୍କୁ ହତ୍ୟା କରିବା ନିମିତ୍ତ ଭୀମସେନଙ୍କର ଆସ୍ଫାଳନରେ ଭଟ୍ଟନାରାୟଣକୃତ ବେଣୀସଂହାର ନାଟକର ଛାୟା ସୁସ୍ପଷ୍ଟ । ସାରଳାଦାସ ତାହାଙ୍କ ମହାଭାରତର ବହୁସ୍ଥଳରେ ଭୁବନେଶ୍ୱରର କୃତ୍ତିବାସ କ୍ଷେତ୍ର, ନୀଳାଚଳର ପୁରୁଷୋତ୍ତମକ୍ଷେତ୍ର ଏବଂ କୋଣାର୍କର ଅର୍କକ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣନା କରିଅଛନ୍ତି । ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ଏକାମ୍ର ପୁରାଣ ଓ ଶାମ୍ବ ପୁରାଣ ଆଦି ପୁରାଣ ଅନୁସରଣରେ କବି ଏହା ଲେଖିଥିବା ଅନୁମିତ ହୁଏ । ଏହା ବ୍ୟତୀତ କବି ମାଘମହାତ୍ମ୍ୟ, କାଳିକା ପୁରାଣ, ଶିବ ପୁରାଣ, ସୌରପୁରାଣ ଓ ଯମ ପୁରାଣ ଅନୁଯାୟୀ କେତେକ କଥା ଲେଖିଥିବାର ଉଲ୍ଲେଖ କରିଅଛନ୍ତି । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ସାରଳାଙ୍କ ମହାଭାରତ ବ୍ୟାସରଚିତ ମହାଭାରତର ଅନୁବାଦ ମାତ୍ର ନୁହେଁ । ଏହାକୁ ଅଖିଳ ପୁରାଣର ସାର ସଂଗ୍ରହ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେହେଁ କବି ମୂଳ ମହାଭାରତୀୟ କଥାବସ୍ତୁ ସହିତ ସମ୍ପୂର୍ଣ୍ଣ ସଂହତି ରକ୍ଷାକରି ଏପରି କୌଶଳର ସହିତ ଅନ୍ୟାନ୍ୟ ପୌରାଣିକ ଉପାଖ୍ୟାନଗୁଡ଼ିକୁ ଖଞ୍ଜି ଦେଇଛନ୍ତି ଯେ ଗ୍ରନ୍ଥ ତାର ମୂଳଲକ୍ଷ୍ୟରୁ କଦାପି ବିଚ୍ୟୁତ ହୋଇନାହିଁ । ପୁଣି କୌଣସି ଗୋଟିଏ ହେଲେ ଗଳ୍ପ ଅବାନ୍ତର ବା ଅପ୍ରାସଙ୍ଗିକ ବୋଧ ହୁଏନାହିଁ । ପ୍ରତ୍ୟେକଟି କାହାଣୀ ବା ଚରିତ୍ର ମୂଳ କଥାବସ୍ତୁର ପରିପୂରକରୂପେ ସଂଯୋଜିତ ହୋଇଅଛି । ଗଛର ଡାଳପତ୍ର ଲଟେଇ ଲଟେଇ ଯାଇଛି; ହେଲେ ମୂଳଲତାଟି କେତେବେଳେ ହେଲେ ପାଠକ ବା ଶ୍ରୋତାର ଦୃଷ୍ଟି କେନ୍ଦ୍ରରୁ ଅପସାରିତ ହୋଇନାହିଁ ।

(୨) ସାରଳା ମହାଭାରତ ସମ୍ପର୍କରେ ଆଉ ଗୋଟିଏ କଥା ସ୍ମରଣ ରଖିବା ଉଚିତ । ଏହା ମୁଖ୍ୟତଃ ଆବୃତ୍ତି ଓ ଶ୍ରବଣ ପାଇଁ ଉଦ୍ଦିଷ୍ଟ । ସାରଳା ଦାସ ପ୍ରତ୍ୟହ ଯାହା ରଚନା କରୁଥିଲେ ତାହା ଦେବୀଙ୍କ ନିକଟରେ ଆବୃତ୍ତି କରୁଥିଲେ ଏବଂ ଗ୍ରାମର ଆବାଳବୃଦ୍ଧବନିତା ତାହା ହୃଷ୍ଟଚିତ୍ତରେ ଶ୍ରବଣ କରୁଥିଲେ । ଦ୍ରଷ୍ଟାର ଅଭିରୁଚିଦ୍ୱାରା ଦୃଶ୍ୟକାବ୍ୟର ରୂପରେଖ ନିୟନ୍ତ୍ରିତ ହେବା ପରି ଆବୃତ୍ତିପ୍ରଧାନ ଶ୍ରବ୍ୟକାବ୍ୟର ସ୍ୱରୂପ ଅନେକ ପରିମାଣରେ ଶ୍ରୋତାର ଅଭିରୁଚି ଓ ମାନସିକ ପୃଷ୍ଠଭୂମି ଉପରେ ନିର୍ଭର କରିଥାଏ । ସାରଳାଦାସଙ୍କ ଶ୍ରୋତା ଥିଲେ ଗ୍ରାମର ଅଗଣିତ ନିରକ୍ଷର ଓ ଅଶିକ୍ଷିତ ନରନାରୀ । ସାରଳା ଦାସ ସେହିମାନଙ୍କ ପାଇଁ ତାଙ୍କର

ମହାଭାରତ ଲେଖୁଥିଲେ । ତେଣୁ ସେମାନଙ୍କର ଶିକ୍ଷା, ଯୋଗ୍ୟତା, ଅନୁଭୂତି, ଅଭିଜ୍ଞତା ଓ ମନସ୍ତତ୍ତ୍ୱ ପ୍ରତି ଦୃଷ୍ଟି ରଖି ତାଙ୍କୁ ଗ୍ରନ୍ଥ ରଚନା କରିବାକୁ ହେଉଥିଲା । ସେଥିପାଇଁ ସାରଳା ମହାଭାରତ ତଥ୍ୟପ୍ରଧାନ ନ ହୋଇ କଥାପ୍ରଧାନ ହୋଇଅଛି । ସାରଳାଦାସ ଜଣେ ଅର୍ଦ୍ଧ-ଶିକ୍ଷିତ କୃଷକ ଥିବାରୁ ଗୀତା ଓ ଭୀଷ୍ମ-କଥିତ ନୀତିଶାସ୍ତ୍ରର କଠିନ ତତ୍ତ୍ୱମୂଳକ ବିଷୟଗୁଡ଼ିକୁ ତାହାଙ୍କ ଗ୍ରନ୍ଥରୁ ବାଦ୍ ଦେଇଥିବା ଆଦୌ ସତ୍ୟ ନୁହେଁ । ବେଦ, ଉପନିଷଦ୍ ଓ ଯୋଗଶାସ୍ତ୍ରର ଗହନ ତଥ୍ୟସମୂହକୁ ସେ ଯେପରି ସହଜ ଭାଷାରେ ଓ ସ୍ୱଳ୍ପ କଥାରେ ପ୍ରକାଶ କରିଅଛନ୍ତି, ତାହା ଦେଖିଲେ ବିସ୍ମିତ ହେବାକୁ ହୁଏ । ତେଣୁ କେବଳ ଜନହିତକୁ ଦୃଷ୍ଟି ସମକ୍ଷରେ ରଖି ସେ ସଂସ୍କୃତ ମହାଭାରତର ନିଗୂଢ଼ ତତ୍ତ୍ୱ-ସମୂହକୁ ଯଥାସମ୍ଭବ ପରିହାର କରିଅଛନ୍ତି ।

"ସମସ୍ତ ସଞ୍ଚିପି ବାକ୍ୟଦେବୀ କହିଛନ୍ତି ମୋତେ
ସମୂଳ ଜନେ ନ ପୁଣ ନ ବୁଝନ୍ତି ଗହଳ ଲେଖନ୍ତେ ।
ତେଣୁ କହିଲି ମୁଁ ଠିକ ଠିକ ବାକ୍ୟେ
ସାରୋଳା ପ୍ରସନ୍ନେ ମୋତେ ନୋହିଲ ଅସଙ୍ଖ୍ୟେ ।" (ଦ୍ରୋଣପର୍ବ-୬୭୪)

ସାରଳାଦାସ ମୂର୍ଖ, ଅପଣ୍ଡିତ ଯାହା ହୁଅନ୍ତୁ ପଛକେ ସେ ଯେ ଜଣେ ଉତ୍ତମ ଲୋକ-ଶିକ୍ଷକ ଓ ମାନବ-ମନସ୍ତତ୍ତ୍ୱବିତ୍ ଥିଲେ, ଏଥିରେ ସନ୍ଦେହ ନାହିଁ । ସେ ଭଲ କରି ଜାଣିଥିଲେ ଯେ ବିଷୟଟିକୁ ହୃଦୟଗ୍ରାହୀ ଓ ଚିତ୍ତାକର୍ଷକ କରି ପ୍ରକାଶ କରିବାକୁ ହେଲେ, ତାହାକୁ ଲୋକଙ୍କ ଅନୁଭୂତି ସହିତ ଜଡ଼ିତ କରିବାକୁ ହେବ । ମହାଭାରତ ଯୁଦ୍ଧ ସ୍ଥୂଳତଃ ଭାଇ ଭାଇ ମଧ୍ୟରେ ଏକ ଗୃହଯୁଦ୍ଧ; କିନ୍ତୁ ବେଳେବେଳେ ଏହି ଯୁଦ୍ଧ ବିଶ୍ୱଗ୍ରାସୀ ଭୟାବହ ରୂପ ଧାରଣ କରିଥାଏ । ଗାଁ ପିଲାମାନଙ୍କର ଟ୍ରେଣ୍ଟ ଟ୍ରେଣ୍ଟ କଳିରୁ କିପରି ପ୍ରଳୟକାଣ୍ଡ ଘଟେ, ତାହା ସମସ୍ତଙ୍କର ଅଙ୍ଗେ ନିଭାଇବା କଥା । ଏହା ହିଁ 'ଟିମିଟି ଖେଳରୁ ମହାଭାରତ' କଳ୍ପନାର ମୂଳଉତ୍ସ । ଗ୍ରାମ୍ୟ ଜନମାନସରେ ଗଳ୍ପ-ଉପାଖ୍ୟାନର ଯାଦୁକରୀ ପ୍ରଭାବ ସାରଳାଦାସଙ୍କୁ ଭଲ ଜଣାଥିଲା । ସେଥିପାଇଁ ସେ କଠିନ ଶାସ୍ତ୍ରାର୍ଥ-ସମୂହକୁ ନିଜର ଅଭୂତପୂର୍ବ କଳ୍ପନାଶକ୍ତି ବଳରେ ଲୋକଚିତ୍ତାନୁରଞ୍ଜକ ଆଖ୍ୟାୟିକା ରୂପରେ ଉପସ୍ଥାପିତ କରୁଥିଲେ । ସେହି ଆଖ୍ୟାୟିକାଗୁଡ଼ିକ ଉତ୍କଳୀୟ ଜନମାନସରେ ଅଳଭି ଗାର କାଟିବା ପାଇଁ ସମର୍ଥ ହୋଇଅଛି । ଏଠାରେ ଏହାର ଦୁଇଗୋଟି ମାତ୍ର ଦୃଷ୍ଟାନ୍ତ ଉଲ୍ଲେଖ କରାଯାଉଅଛି । ସଂସ୍କୃତ ମହାଭାରତରେ ଉଲ୍ଲେଖ ଅଛି ଯେ ପାଣ୍ଡବମାନେ କାମ୍ୟକ ବନରେ ଅବସ୍ଥାନ କରୁଥିବା ସମୟରେ ଅର୍ଜୁନ ଭାଇମାନଙ୍କଠାରୁ ଓ ଦ୍ରୌପଦୀଙ୍କଠାରୁ ବିଦାୟ ନେଇ ତପସ୍ୟା କରିବାକୁ ଗଲେ । ଅର୍ଜୁନଙ୍କର ଅନୁପସ୍ଥିତି ଭାଇମାନଙ୍କୁ ଘୋର ବାଧିଲା; କିନ୍ତୁ ସବୁଠାରୁ ବେଶି ମନଦୁଃଖରେ ଥାନ୍ତି ଦ୍ରୌପଦୀ । ମଧ୍ୟମପତି ଅର୍ଜୁନ ସବୁବେଳେ ତାଙ୍କର ମନେ ପଡ଼ୁଥାନ୍ତି । ଦିନେ ମନର କୋହ ସମ୍ଭାଳି ନ ପାରି ସେ ଯୁଧିଷ୍ଠିରଙ୍କୁ କହିଲେ, "ଯେଉଁ ଅର୍ଜୁନ ଦ୍ୱିବାହୁ ହେଲେହେଁ ସହସ୍ରବାହୁ ଅର୍ଜୁନ (ସହସ୍ରାର୍ଜୁନ) ସହିତ ପରାକ୍ରମରେ

ସମାନ, ସେ ନ ଥିବାରୁ ଏ ବନ ମୋତେ ସୁଖ ଲାଗୁନାହିଁ । ତାଙ୍କ ବିନା ମୋତେ ଗୃହଆଡ଼ ଶୂନ୍ୟ ଦେଖାଯାଉଛି ।" ସଂସ୍କୃତ ମହାଭାରତର ଏହି ବର୍ଣ୍ଣନା ଓ ସାରଳାଦାସଙ୍କ ସତ୍ୟଆମ୍ବ ଉପାଖ୍ୟାନ ମଧ୍ୟରେ ବିଶେଷ କୌଣସି ତଫାତ୍ ନାହିଁ; ତଫାତ୍ କେବଳ ସାରଳାଦାସଙ୍କ ଅପୂର୍ବ କଳ୍ପନାଶକ୍ତିର । ପରିବେଷଣ ପରିପାଟୀର ଅଭିନବତ୍ୱ, ଉପସ୍ଥାପନାର ଚମତ୍କାରିତା, ବସ୍ତୁ ସଂସ୍ଥାନର ନାଟକୀୟତା ଏବଂ ଚରିତ୍ରଚିତ୍ରଣର ଗଭୀର ମନସ୍ତାତ୍ତ୍ୱିକତାରେ ଏହା ମୂଳ ମହାଭାରତକୁ ବହୁ ଗୁଣରେ ବଳିଯାଇଛି । ଗୋଟିଏ ହେଉଛି ସରଳ ସତ୍ୟକଥନ ଏବଂ ଅପରଟି ହେଉଛି ଏକ ଅପୂର୍ବ କଳାସାମଗ୍ରୀ । ଏହା ଯେ ଚୁମ୍ବକ ପରି ଲୋକଚିତ୍ତକୁ ଆକର୍ଷଣ କରିବ, ଏଥିରେ ସନ୍ଦେହ କଣ ?

ସେହିପରି ସଂସ୍କୃତ ମହାଭାରତରେ ଦ୍ରୋଣ ପର୍ବରେ ଅର୍ଜୁନ ନିଜ ବିଜୟର କାରଣ ସ୍ୱରୂପ ଏକ ବିସ୍ମୟକର ଅତିମାନବିକ ଘଟଣାର ଉଲ୍ଲେଖ କରିଛନ୍ତି । ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ଯେତେବେଳେ ଶରଜାଲରେ ଶତ୍ରୁସୈନ୍ୟଙ୍କୁ ଭୂତଳଶାୟୀ କରୁଥିଲେ, ସେତେବେଳେ ତାଙ୍କୁ ଦେଖାଯାଉଥିଲା, ତାଙ୍କର ଆଗେ ଆଗେ ଶୂଳହସ୍ତ ଜଣେ ପରମତେଜସ୍ୱୀନ ମହାପୁରୁଷ ବିଚରଣ କରୁଥିଲେ ଏବଂ ସେ ଯେଉଁ ଦିଗକୁ ଗତିକରୁଥିଲେ, ସେହି ଦିଗର ସୈନ୍ୟମାନେ ନିହତ ହେଉଥିଲେ । ଯଥାର୍ଥରେ ସେହି ତେଜସ୍ୱୀ ପୁରୁଷଙ୍କଦ୍ୱାରା ନିହତ ଶତ୍ରୁଗଣ ଅର୍ଜୁନଙ୍କଦ୍ୱାରା ନିହତ ହୋଇଛନ୍ତି ବୋଲି ଲୋକେ ଘୋଷଣା କରୁଥିଲେ । ସେହି ମହାପୁରୁଷ କିଏ ବୋଲି ଅର୍ଜୁନ ପଚାରିବାରୁ ବ୍ୟାସଦେବ କହିଲେ, ସେ ହେଉଛନ୍ତି ମହାଦେବ । ଏହି କ୍ଷୀଣ ସୂଚନାରୁ ସାରଳାଦାସଙ୍କ ଯାଦୁକରୀ ଲେଖନୀ ସୃଷ୍ଟି କରିଛି ବେଲ୍ଲଳସେନ ଉପାଖ୍ୟାନ । ଭାବ ଏକା; କିନ୍ତୁ ପରିବେଷଣ ପରିପାଟୀର କି ଅଦ୍ଭୁତ ଚମତ୍କାରିତା । ପୁଣି କେଡ଼େ କୌଶଳର ସହିତ ସାରଳାଦାସ ଏଥିରେ ଖଞ୍ଜିଦେଇଛନ୍ତି, ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ନରବଳି ପରମ୍ପରା । କୌଣସି ଶୁଭକାର୍ଯ୍ୟର ନିର୍ବିଘ୍ନ ପରିସମାପ୍ତି ନିମିତ୍ତ ନରବଳିଦାନ ଏକ ଅତି ଆଦିମ ପରମ୍ପରା । ଉପସ୍ଥାପନାର ଚମତ୍କାରିତା ଓ ବ୍ୟଞ୍ଜନାର ଗଭୀରତାରେ ବେଲ୍ଲଳସେନ ଉପାଖ୍ୟାନ ଯେ ଏକ ଅତୁଳନୀୟ କଳାସୃଷ୍ଟି, ଏଥିରେ ସନ୍ଦେହ ନାହିଁ । ଭୀମଙ୍କ ପ୍ରଚଣ୍ଡ କ୍ଷୁଧାକୁ କେନ୍ଦ୍ର କରି ସାରଳାଦାସ ଯେଉଁ ଉପାଖ୍ୟାନ ସୃଷ୍ଟି କରିଛନ୍ତି, ତହିଁରୁ ମଧ୍ୟ ତାହାଙ୍କ ଅଲୋକସାମାନ୍ୟ କଳାକୁଶଳତାର ପରିଚୟ ମିଳେ । ଗରିବଘର ପିଲା ହାଣ୍ଡିରୁ ଭାତ ଚୋରିକରି ଖାଇବା ପ୍ରତି ଗ୍ରାମର ଏକ ପ୍ରାତ୍ୟହିକ ଘଟଣା; ଅଥଚ ଏହି ସାମାନ୍ୟ ଘଟନାକୁ ନେଇ ସାରଳାଦାସ କି ଅଦ୍ଭୁତ ରୋମାଞ୍ଚ ସୃଷ୍ଟି ନ କରିଛନ୍ତି ! ଭୀମଙ୍କ କ୍ଷୁଧା ଉପାଖ୍ୟାନରେ ପୁଣି ଯୋଗଶାସ୍ତ୍ରର ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱକୁ ଏହାର ଅଙ୍ଗୀଭୂତ କରି ସାରଳାଦାସ ନିଜ ଅସାମାନ୍ୟ କବିପ୍ରତିଭାର ପରିଚୟ ପ୍ରଦାନ କରିଅଛନ୍ତି । ଜଟିଳ ଅଧ୍ୟାତ୍ମତତ୍ତ୍ୱ-ସମୂହକୁ ସାଧାରଣଲୋକର ଅନୁଭୂତି ଗୋଚର କରାଇବା ପାଇଁ ସାରଳାଦାସ ଏହିପରି ବହୁ ଗଳ୍ପ ଓ ଉପାଖ୍ୟାନ ସୃଷ୍ଟି କରିଛନ୍ତି । ମୂଷଳୀପର୍ବ-ବର୍ଣ୍ଣିତ କୋକୁଆ ଭୟ ବୃତ୍ତାନ୍ତ ସାରଳାଦାସଙ୍କ ଅଭୂତପୂର୍ବ କଳ୍ପନାପ୍ରବଣତା ଓ ଅପୂର୍ବ ବସ୍ତୁନିର୍ମାଣ ଶକ୍ତିର ଅନ୍ୟ ଏକ

ଉଜ୍ଜ୍ୱଳ ଉଦାହରଣ । ସଂସ୍କୃତ ମହାଭାରତରେ ଉଲ୍ଲେଖ ଅଛି ଯେ ଯଦୁବଂଶ ଧ୍ୱଂସର ଅବ୍ୟବହିତ ପୂର୍ବରୁ କାଳ କରାଳରୂପରେ ଦ୍ୱାରକାବାସୀ ପ୍ରତ୍ୟେକଙ୍କର ଗୃହରେ ଦେଖାଦେଲା । ଦୁର୍ଦ୍ଧର୍ଷ ଯଦୁବୀରଗଣ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରି ମଧ୍ୟ ତାର କିଛି କରି-ପାରିଲେ ନାହିଁ । ମହାକାଳର ଏହି କରାଳ ରୂପଟିକୁ ପ୍ରାକୃତଜନର ଅନୁଭୂତିଗୋଚର କରାଇବା ପାଇଁ ସାରଳାଦାସଙ୍କ ବୈଚିତ୍ର୍ୟମୟୀ କଳ୍ପନା ସୃଷ୍ଟି କରିଛି ଅଭିନବ କୋକୁଆ ଉପାଖ୍ୟାନ । ବର୍ଣ୍ଣନାର ଚମତ୍କାରିତା ଓ ଉପସ୍ଥାପନାର ଅଭିନବତ୍ୱରେ ଏହା ଅତୁଳନୀୟ ।

"ଶୁଣ ହୋ ରାଜନ ଭଲଣ ଶ୍ରୀକୃଷ୍ଣ ଯେ ରହିଲେ ଉପାୟେ
ଦ୍ୱାରକା ଭୁବନକଇ ଲଗିଲା ମହାଭୟେ ।
ଅଦଭୁତେ ଶୁଭିଲା ଅଇଲା କୋକୁଆ
ଦ୍ୱାରକା ଲୋକଯାକ ହୋଇଲେ ଅଗୃଭୁଆ ।
ଭୟେଣ କଅଁଲା ପୋଏ ରହନ୍ତି ଭିତରେ
ଯାଇଣ ପଶନ୍ତି କେହୁ ମାତାଙ୍କ କୋଡ଼ରେ ।
ଦେବକୀ ପଚାରିଲେ ଶୁଣ ହୋ ବାସୁଦେବ
କୋକୁଆ ବୋଲି କହି ହେ ଅଟଇ କେବଣ ଜୀବ ।
ଗୋବିନ୍ଦ ବୋଇଲେ ମାଗୋ ସେ ତ ଅଟଇ କୋକୁଆ
ଅପାରକାଳରୁ ଶୁଣିଲୁ ଅଛୁ ଏହା ।
ଯୋଜନେ ଯୋଜନେ ଭୁଜ ତାର ସପତ ଗୋଟି ଆଖି
ଅନ୍ତରୀକ୍ଷେ ଉଡ଼ୁଥାଇ ଅଟଇ ତାର ପକ୍ଷୀ ।
ଯୋଜନ ଯୋଜନ ତୁଣ୍ଡ ତାର ପାଞ୍ଚ ଯୋଜନ ଗର୍ଭ
ତରି ପୁରୁଷ ନ ଯାଇ ପଡ଼ିଲେ ଭକ୍ଷ ସର୍ବ ।
ଦିବସେ କୋକୁଆ ବୋଲି ଦେଖନ୍ତି ସ୍ୱପନେ
ଅଦଭୁତେ ଡରି ପଡ଼ି ଚଅଁନ୍ତି ସର୍ବଜନେ ।
କେ ବୋଲଇ ମୋତେ ଗୋ କୋକୁଆ ଗିଳୁଥିଲା
କେ ବୋଲଇ କାହାକୁ କେଣେ ଗିଳିଗଲା ।
କେ ବୋଲଇ ଅନ୍ତରୀକ୍ଷେ ଉଡ଼ିଗଲା ଧରି
କେ ଅଦଭୁତେ ଆଉ ନ ପାରିଲେ ବାରି ।" (ମୂଷଳୀ-୧୦)

ମୂଳ ମହାଭାରତର ଅମୂର୍ତ୍ତିଭାବନା ସାରଳାଙ୍କ ଯାଦୁକରୀ ଲେଖନୀ ସ୍ପର୍ଶରେ କିପରି ଅପୂର୍ବ ରସମୟୀ ମୂର୍ତ୍ତି ପରିଗ୍ରହ କରିଅଛି, ତାହା ଦେଖିଲେ ବିସ୍ମୟର ସୀମା ରହେନାହିଁ । ଉପରୋକ୍ତ ଉପଖ୍ୟାନରେ କବି ଗଣମନସ୍ତତ୍ତ୍ୱର ଯେଉଁ ଚିତ୍ର ପ୍ରଦାନ କରିଅଛନ୍ତି, ତହିଁରୁ ଲୋକଚରିତ୍ର ଅଧ୍ୟୟନରେ ତାଙ୍କ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ମିଳେ । କୌଣସି ସ୍ଥିତି, ଅବସ୍ଥା, ଆଚରଣ ଓ ସମ୍ବନ୍ଧର ବ୍ୟାଖ୍ୟା କରିବା ଉଦ୍ଦେଶ୍ୟରେ ଅନେକ

ସମୟରେ ନୀତିଶିକ୍ଷାମୂଳକ କାଳ୍ପନିକ ଉପାଖ୍ୟାନର ଅବତାରଣା କରାଯାଇଥାଏ । ସଂସ୍କୃତ ପୁରାଣ ସାହିତ୍ୟର ଏହା ଏକ ପ୍ରତିଷ୍ଠିତ ପରମ୍ପରା । ଉଦ୍‌ଯୋଗ ପର୍ବ ବର୍ଣ୍ଣିତ ବାବରପୁରୀ ଉପାଖ୍ୟାନ, ତୁଳସିବେଣ ବାଘ ଓ ତୁଳାମୁହିଁକାଙ୍କ କଥା, ଗୋବିନ୍ଦ ପଣ୍ଡା ଉପାଖ୍ୟାନ ଏବଂ ସଭାପର୍ବ-ବର୍ଣ୍ଣିତ ବାବନାଭୂତ କଥା ଏହାର ପ୍ରକୃଷ୍ଟ ଉଦାହରଣ । ସମୟ ସମୟରେ ବିଷୟବସ୍ତୁର ପ୍ରକୃତ ସ୍ୱରୂପ ଓ ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ଯଥାର୍ଥ ଉପଲବ୍ଧି ନିମିତ୍ତ ଅତିରଞ୍ଜନର ଆଶ୍ରୟ ନେବାକୁ ହୋଇଥାଏ । ଅତିରଞ୍ଜିତ ଓ ଅତିଶୟୋକ୍ତି ପ୍ରତି ଗ୍ରାମ୍ୟ ଜନତାର ମଧ୍ୟ ଏକ ନୈସର୍ଗିକ ଆକର୍ଷଣ ରହିଅଛି । ଶ୍ରୋତାର ଅନ୍ତରରେ ବିସ୍ମୟଜନିତ ଶିହରଣ ସୃଷ୍ଟି କରି ଏହା କାବ୍ୟରସୋପଲବ୍ଧିରେ ସହାୟକ ହୋଇଥାଏ । ସେଥିପାଇଁ ସାରଳାଦାସ ତାଙ୍କ ମହାଭାରତରେ ଅତିରଞ୍ଜନ ବା ଅତିଶୟୋକ୍ତିର ବହୁଳ ବ୍ୟବହାର କରିଅଛନ୍ତି । ପରମ ରାମଭକ୍ତ ହନୁମାନଙ୍କର ଅତୁଳନୀୟ ପରାକ୍ରମର ପରିଚୟ ଦେବାକୁ ଯାଇ କବି କହୁଛନ୍ତି :

"ଅଭିମାନ ପାଇ ସେ ହନୁମାନ ଗଲା ଅତିବେଗେ
ବିଶ୍ୱରୂପ ଧରି ସେ ଯୋଚିଲା ଆକାଶର ମାର୍ଗେ ।
ଗଗନେ ବ୍ୟାପିଲା ଯହୁଁ ତାର ବିଶ୍ୱରୂପ
ପର୍ବତମାନ ଦିଶିଲା ତୁଚ୍ଛ ମାଛିର ସରୂପ ।
ମେରୁ ପର୍ବତ ଉପାଡ଼ିଲେଡ଼ନ୍ତେ ହନୁମନ୍ତ
ପିତାମହ ସ୍ତୁତିକଲେ ଅଞ୍ଜନାର ସୁତ ।
ମେରୁଗିରି ଛାଡ଼ ବାବୁ ସଂସାର ନିମନ୍ତେ
ତୋହର କୋପେ ପୃଥ୍ୱୀ ଯିବ ରସାଂଗତେ ।
ବ୍ରହ୍ମାଙ୍କ ବଚନେ ହନୁ ଛାଡ଼ିଲା ମେରୁଗିରି
ସଂସାର ରକ୍ଷା ନିମନ୍ତେ ଗଲାକ ଅପସରି ।
ପୁଣ ମନ୍ଦର ପର୍ବତ ଉପାଡ଼ନ୍ତେ ପାବେନି
ଅନେକ ବିନୋୟି ତାହା ମାଗିଲେ ସହସ୍ରଯୋନି ।
ବାସବର ବଚନେ ସେ ଛାଡ଼ିଲା ମନ୍ଦର
ଲୋକାଲୋକ ଗିରି ସେ ଉପାଡ଼ି ଧାଇକାର ।
ସେ ପର୍ବତ ବିନୋୟି ମାଗିଲେ ବୃହସ୍ପତି
ହେମବନ୍ତ ଉପାଡ଼ନ୍ତେ ମାଗିଲେ ପାର୍ବତୀ ।
ଗିରିଜା ପିଅର ସେ ହନୁମାନର ଅଟଇ ଅଜା
ତେଣୁଆୟୁ ସେ ଗିରିକି ହନୁମାନ କଲା ତେଜ୍ୟା ।
ପୁଣି ଉପାଡ଼ନ୍ତେ ପର୍ବତ କପିଳାସ
ଅପାର ବିନୋୟି ଯେ ମାଗିଲେ ବିଶ୍ୱବାସ ।

ଗନ୍ଧମାର୍ଦ୍ଦନ ପର୍ବତ ଉପାଡ଼ନ୍ତେ ହନୁ
ଅଶ୍ୱିନୀକୁମାରେ ମାଗିଲେ ଆଦିତ୍ୟର ତନୁ ।
ଭଲ ଭଲ ପର୍ବତ ମାଗିଣ ଦେବତାଏ ଘେନନ୍ତେ
କୋପେଣ ପ୍ରତିଜ୍ଞା କରଇ ଅଞ୍ଜନାର ସୁତେ ।
ବ୍ରହ୍ମା ଇନ୍ଦ୍ର ରୁଦ୍ର ଯେବେ ପର୍ବତ ମାଗନ୍ତି
ଅବଶ୍ୟ ମାରିବି ନୋହିଲେ ଶ୍ରୀରାମ ଦ୍ରୋହ କରଇ ମତି ।
ତେତିଶ କୋଟି ଦେବତାଏ ନଇଲେ କେହି ଭୟେ
ଇଚ୍ଛାଏ ପର୍ବତ ଉପାଡ଼ିଲା ଅଞ୍ଜନାର ତନୟେ ।
ପାଞ୍ଚକୋଟି ପର୍ବତ ନେଇ ବସାଇଲା ଶିରେ
ମର୍ଦ୍ଦୁତେକ ପର୍ବତ ନେଇ ବସାଇଲା କନ୍ଧରେ ।
ରୋମକେ ପର୍ବତ ଯେ ଗୁନ୍ଥଇ ପାବେନି
ସେ ପର୍ବତଙ୍କ ଉପରେ ବସାଇଲା କୋଟି ଘେନି ।
ବେନି ଲକ୍ଷ ପର୍ବତ ତାର ବେନି କରେଣ ମାଳା
ଆବର କୋଟିଏ ତାର କଟିରେ ମେଖଳା । (ଉଦ୍‌ଯୋଗ-୩୫୬)

ମହାଭାରତ ଯୁଦ୍ଧରେ କୁରୁକ୍ଷେତ୍ରର ରଣାଙ୍ଗନ ମହାଶ୍ମଶାନରେ ପରିଣତ ହୋଇଗଲା । ଚତୁର୍ଦ୍ଦିଗରେ ଅଗଣିତ ମୃତଦେହ, ରକ୍ତର ଅବାରିତ ସ୍ରୋତ ଏବଂ ନିର୍ଜନ ନିଶୀଥରେ ଭୂତ-ପ୍ରେତ ଓ ଯୋଗିନୀ ଡାକିନୀଙ୍କର ତାଣ୍ଡବ ନୃତ୍ୟ । ଧ୍ୱଂସ ଓ ଅପଚୟର ସେ ବିଶାଳତା, ଭୟଙ୍କରତା ଓ ଅନ୍ତର୍ନିହିତ କାରୁଣ୍ୟର ମୂର୍ତ୍ତିମନ୍ତ ବାଙ୍‌ମୟ ପ୍ରକାଶ ହେଉଛି ଦୁର୍ଯ୍ୟୋଧନଙ୍କର ରକ୍ତନଦୀ ସନ୍ତରଣ । ସମଗ୍ର ମହାଭାରତର ମର୍ମବାଣୀ ଯେପରି ଏଥିରେ ପ୍ରତିଧ୍ୱନିତ ହୋଇ-ଉଠିଛି । ସମରପିପାସୁ ରକ୍ତଲୋଲୁପ ମନୁଷ୍ୟଜାତି ପାଇଁ ଯୁଗେ ଯୁଗେ ଏହା ଏକ ଗମ୍ଭୀର ଚେତାବନୀ ହୋଇ ରହିବ । ବସ୍ତୁକଳ୍ପନାର ଅଭିନବତ୍ୱ, ପରିପ୍ରକାଶର ଚମତ୍କାରିତା, ଚରିତ୍ରଚିତ୍ରଣର ମନସ୍ତାତ୍ତ୍ୱିକ ଗାମ୍ଭୀରତା ଏବଂ ଅର୍ଥ ଓ ରସର ଅଭିବ୍ୟଞ୍ଜନାରେ ଏହା ଯେ ମୂଳ ମହାଭାରତକୁ ବହୁଗୁଣରେ ଟପିଯାଇଛି, ଏଥିରେ ସନ୍ଦେହ ନାହିଁ । ଏହିପରି ଅଶ୍ୱତ୍ଥାମା ହସ୍ତୀ ଉପାଖ୍ୟାନ, ଦାତାକର୍ଣ୍ଣ ଉପାଖ୍ୟାନ ଓ ଭୀମଙ୍କ ଜନ୍ମବୃତ୍ତାନ୍ତ ଆଦି ସାରଳାମହାଭାରତର ବହୁ ଗଳ୍ପ ଓ ଉପାଖ୍ୟାନର ମୂଳଉତ୍ସ ହେଉଛି ଅତିରଞ୍ଜନ ।

ଆଦର୍ଶ ଆଦର୍ଶରେ ସୀମାବଦ୍ଧ ହୋଇ ରହିଗଲେ ତାହା ଚଉକୁ ସ୍ତବ୍ଧ ଚକିତ କରିଥାଏ ସତ, ହେଲେ ତାହା ଅନ୍ତରକୁ ସ୍ପର୍ଶ କରିପାରେନାହିଁ କିମ୍ବା ସାଧାରଣ ଜନତାର କାର୍ଯ୍ୟ ଓ ଆଚରଣକୁ ପ୍ରଭାବିତ କରିପାରେ ନାହିଁ । ସେଥିପାଇଁ ବାସ୍ତବବାଦୀ ସାରଳାଦାସ ସମସ୍ତ ସମୟରେ ମହାଭାରତୀୟ ଚରିତ୍ରଗୁଡ଼ିକୁ ସେମାନଙ୍କର ଗଗନସ୍ପର୍ଶୀ ଭୁଙ୍ଗିମାରୁ ଧରଣୀର ଧୂଳିମଳିନ କ୍ଳେଦମୟ ବକ୍ଷକୁ ଟାଣିଆଣିଛନ୍ତି । ସେମାନେ ଠିକ୍ ଆମରି ପରି କଳିତକରାଳ

କରୁଛନ୍ତି । ଆମରପରି ପରସ୍ପରକୁ ଈର୍ଷା କରୁଛନ୍ତି ଏବଂ ପରସ୍ପରର ଗୋହି ଖୋଲାଖୋଲି ହେଉଛନ୍ତି । ଗାଁରେ ଭାଇ ଭାଇ, ଯାଆ ଯାଆ ଓ ସଉତୁଣୀ ସଉତୁଣୀରେ ଯେପରି କଳିକଜିଆ ଲାଗେ, ଭୀମ-ଦୁର୍ଯ୍ୟୋଧନ, କାର୍ତ୍ତିକେଶ୍ୱର-ଚନ୍ଦ୍ରଧ୍ୱଜ, ଦ୍ରୌପଦୀ-ହିଡ଼ିମ୍ବିକା, କୁନ୍ତୀ-ଗାନ୍ଧାରୀ ଏବଂ ଲକ୍ଷ୍ମୀ-ପାର୍ବତୀଙ୍କ କାର୍ଯ୍ୟ ଓ ଆଚରଣରେ ଆମେ ତାହାହିଁ ଲକ୍ଷ୍ୟକରୁ । ଥରେ ଦୁର୍ଯ୍ୟୋଧନ ହସ୍ତିନାର କୁରୁରାଜସଭାରେ ଭୀମଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ, 'ଆହେ ପବନପୁତ୍ର ବସ' ବୋଲି କହିବାରୁ ଭୀମ ନିଜ ପିତୃତ୍ୱ ସମ୍ବନ୍ଧରେ ଏପରି କଦର୍ଯ୍ୟ ଇଙ୍ଗିତ ଓ ଅପମାନ ସହ୍ୟ କରିନପାରି ଘରକୁ ଫେରିଆସି ଘୋର ଅଭିମାନରେ କବାଟ କିଳି ଶୋଇଲେ । ତା'ପରେ ଶ୍ରୀକୃଷ୍ଣ ତାଙ୍କୁ ପରାମର୍ଶ ଦେଲେ ଯେ ଭାଇରୁ ପରି ବୃଥା ଅଭିମାନ ନକରି ଦୁର୍ଯ୍ୟୋଧନକୁ ଉପଯୁକ୍ତ ପ୍ରତ୍ୟୁତ୍ତର ଦେବାକୁ ହେବ ।

"ଗୋବିନ୍ଦ ବୋଇଲେ ଧରିଥାଅ ହୃଦଗତେ
ପବନପୁତ୍ର ସେ ତୋତେ ବୋଲିବ ଯୁକତେ ।
ସଭାରେ ତାର ବଚନ ତୁହି ନ ସହିବୁ
ଆହୋ ଗୋଳକ ପୁତ୍ର ମୁଁ ବସୁଛୁ ବୋଲିବୁ ।
ଏମନ୍ତ ବଚନ ଶୁଣି ଧୃତରାଷ୍ଟ୍ର ସୁତ
ସଭାରେ ଲଜ୍ଜା ପାଇବ ମୁଖ ହେବ ନତ ।"

ଶିବଙ୍କ ପୁତ୍ର କାର୍ତ୍ତିକେଶ୍ୱର ଓ ଗିରିରାଜ ହିମାଳୟଙ୍କ ପୁତ୍ର ଚନ୍ଦ୍ରଧ୍ୱଜ ଦୁହେଁ ମାମୁଁ ଭଣଜା । ଖେଳୁଥିବା ସମୟରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗି ଦୁହେଁ ପରସ୍ପର ପ୍ରତି ଦୋଷାରୋପ କରିବାକୁ ଲାଗିଲେ ।

"କାର୍ତ୍ତିକେଶ୍ୱର ବୋଇଲା ଆରେରେ ଚନ୍ଦ୍ରଧ୍ୱଜ
ବାପ ମୋଟା ତୋହର ବୋଲାଇ ଗିରିରାଜ ।
ତୁମ୍ଭଙ୍କୁ ଜନେ କରନ୍ତି ଖଣ୍ଡ ଖଣ୍ଡ କାଟି
ପଡ଼ିଲି ଠାବରୁ ତୁମ୍ଭେ ନ ପାରନା ଉଠି ।
ଜନ ମନୁଷ୍ୟରେ ନିଅନ୍ତି ତୁମ୍ଭଙ୍କୁ ବହି
ତୁଠରେ ପକାଇଣ ଚରଣ ଘଷନ୍ତି ତହିଁ ।
ବହୁତ ଝିଙ୍ଗାସ କଲାକ କାର୍ତ୍ତିକ କୁମାର
ଶୁଣିଣ ଚନ୍ଦ୍ରଧ୍ୱଜ ବୋଇଲା ତୋହ ଛାର ।
ପାଷାଣ ଦେବତା ହୋଇ ସର୍ବକାଳେ ସିଦ୍ଧି
ଆମ୍ଭେ ଏ ମୃତ୍ୟୁପୁରେ ସମସ୍ତ ବିବୁଧାଦି ।
ଆମ୍ଭେ ସେ ଠାକୁର ଅଟୁ ବ୍ରହ୍ମାଣ୍ଡ ଖଣ୍ଡ ଭଳି
ଆମ୍ଭର ପାଦ ଉଦକ ସମସ୍ତେହେଁ ଶିରେ ଘେନି ।

ବାପ ମୋଢ଼ା ତୋହରଟି ଅଛେ ରୁଦ୍ର ନାମ
ଦେବତାଙ୍କ ମଧ୍ୟେ ସେ ଅଟଇ ଅଧମ ।
ଗଉରୀକୁ ବିଭା ସେ ହୋଇଲେ ଯେବଣ କାଳେ
ବରବେଶେ ଆସି ବସିଲ ବ୍ରହ୍ମା ମଣ୍ଡପର ତଳେ ।
ଶିରରେ ମୁକୁଟ ଯେ ଲୋହିତ ବର୍ଣ୍ଣ ସର୍ପ
ଲଲାଟେ ବାନ୍ଧିଲ ଭୁଜଙ୍ଗ ମହାଦର୍ପ
ଗର୍ଜନ୍ତ ସର୍ପ ସବୁ ଫୁଫୁକାର ମସ୍ତେ
କଟି ମେଖଳାର ପିନ୍ଧିଲ ଅଛୁ ନାଗ ଯେ ଗୋଟାଏ ।
× × × × ଇତ୍ୟାଦି । ( ବନପର୍ବ ୮୭ )

ରାଜସୂୟ ଯଜ୍ଞରେ ହିଡ଼ିମ୍ବିକାର ଗର୍ଭଜାତ ଭୀମପୁତ୍ର ଘଟୋତ୍କଚ ମାତାଙ୍କର ପରାମର୍ଶ ଅନୁଯାୟୀ ଦ୍ରୌପଦୀଙ୍କୁ ନମସ୍କାର ନ କରିବାରୁ ଦ୍ରୌପଦୀ ସେଥିରେ ଭୀଷଣ କ୍ରୁଦ୍ଧହୋଇ ଘଟୋତ୍କଚକୁ ଭର୍ତ୍ସନା ଛଳରେ କହୁଛନ୍ତି :

"ଆରେ ଘଟ ଉତ୍କଟ ତୁ ମାତାର ବୋଲ ପାଇ
ମୁକୁଇ ନମସ୍କାର ନୋହିଲୁ କିସ ପାଇଁ ।
ମୁହିଁ ମହାଯଜ୍ଞସେନୀ ଯୁଧିଷ୍ଠି ଦେବଙ୍କର ପାଟବଂଶୀ
ପାଣ୍ଡବହିଁ ଶତେଗୁଣେ ମୁହିଁ ସେ ଅଟଇ ଗରୁହଂସୀ ।
ବ୍ରାହ୍ମଣ ରାଜା ଦ୍ରୁପଦର ମୁଁ ଅଟଇ କୁମାରୀ
ମାତା ନିଲକ୍ଷଣୀ ତୋହର ଅଟଇ ଅସୁରୀ ।
ମାତାର ବଚନେ ତୁ ଗର୍ବିତ ହୋଇଲୁରେ ଦୁଷ୍ଟ
ମୁକୁହିଁ କମ୍ପେ ନମସ୍କାର ନ କଲୁରେ ପାପିଷ୍ଠ ।
ଯେ ମହାସଭାରେ ମୋତେ ନିନ୍ଦା କଲୁରେ ପାମର
ମୋହର ଶାପେ ଅଳ୍ପାୟୁଷ ହୁଅରେ ହିଁ ଛାର ।"

ଦ୍ରୌପଦୀଙ୍କଦ୍ୱାରା ପୁତ୍ରର ଏ ଲାଞ୍ଛନା ସହ୍ୟ କରିନପାରି ପ୍ରତ୍ୟୁତ୍ତରରେ ହିଡ଼ିମ୍ବିକା କହୁଛି :—

"ଆଲୋ ଦେଖୁ ଦେଖୁ ପାମେରୀ ଅଟୁ ତୁ ଅସତୀ
ଯେକା ସ୍ତ୍ରିରୀକ କାହିଁଲେ ଅଛଇ ପଞ୍ଚ ପତି ।
ପୁତ୍ର ମୋହର କୋଟିଏ ପାଟେ ମୂର୍ଖନା ଅଭିଷେକୀ
ତାହାର ତ ନମସ୍କାର ଲେ ନଯୋଗାଇ ସ୍ତ୍ରିରୀଙ୍କି ।
ଅଜ୍ଞାନ ବାଳୁତ ପୁତ୍ରକୁ ମୋର କଲୁଲେ ଏଡ଼େ କୋପ
ଗୁଣ ନ ବିଚାରିଲେ ଅଲୁନୁତେ ଦେଲୁ ଶାପ ।

ଅବଶ୍ୟ ପୁତ୍ର ପ୍ରାପତ ତୋତେ ଏ ପାଞ୍ଚଙ୍କର ଯୋଗେ
କୋଳେ ଉପୁଜିବେ ତୋର ପଞ୍ଚ ଯେ ଆତ୍ମଜେ ।
ମୋହର ଶାପ୍ୟକୁ ତାହାନ୍ତ ହୋଇବ ପରମାଦ
ସାତବରଷେ ପୁତ୍ରେ ତୋହର ହୋଇବେ ଶିରଚ୍ଛେଦ ।"

ଥରେ ଭୋଜନ ସମୟରେ ଅଖିଳ ଜଗତର ଅଧୀଶ୍ୱର ଶ୍ରୀକୃଷ୍ଣ ମହାଦେବଙ୍କ ଉଦ୍ଦେଶ୍ୟରେ ଚଳୁ ପ୍ରଦାନ କଲାରୁ ମହାଲକ୍ଷ୍ମୀ ସେଥିରେ ଘୋର ବିସ୍ମିତା ହୋଇ ଜଗତରେ ତାଙ୍କଠାରୁ ଆଉ କିଏ ବଡ଼ ଅଛି ବୋଲି ପଚାରିଲେ । ଏହାର ଉତ୍ତରରେ ଶ୍ରୀକୃଷ୍ଣ କହିଲେ ଯେ ସେ ହେଉଛନ୍ତି ବିଜିତେନ୍ଦ୍ରିୟ ସଂସାରବିରାଗୀ ଯୋଗେଶ୍ୱର ଶିବ । ଶ୍ରୀକୃଷ୍ଣଙ୍କର ଏହି ଉକ୍ତିରେ ଲକ୍ଷ୍ମୀଙ୍କର ଆତ୍ମସମ୍ମାନରେ ଘୋର ଆଞ୍ଚ ଆସିଲା । ସନ୍ଦେହ-ଦୋଳାରେ ତାଙ୍କ ମନ ଦୋଳାୟିତ ହେବାକୁ ଲାଗିଲା । ସେ ବିଚାରିଲେ ଶିବ ଯଦି ଶ୍ରୀକୃଷ୍ଣଙ୍କର ପୂଜାର ଯୋଗ୍ୟ ହୁଅନ୍ତି, ତାହାହେଲେ ଶିବପତ୍ନୀ ନିଶ୍ଚୟ ତାଙ୍କର ବନ୍ଦନୀୟା ହେବେ; କିନ୍ତୁ ଏ ପ୍ରକାର କଳ୍ପନା ତାଙ୍କ ପାଖରେ ଅସହ୍ୟ । ସେ ନିଜର ସନ୍ଦେହ ମୋଚନାର୍ଥ ଏ ବିଷୟ ଶ୍ରୀକୃଷ୍ଣଙ୍କୁ ଜିଜ୍ଞାସା କଲାରୁ ଶ୍ରୀକୃଷ୍ଣ କହିଲେ, ଶିବପତ୍ନୀ ପାର୍ବତୀ ମହାସତୀ । ତାଙ୍କ ଦର୍ଶନରେ ସେ ମୁକ୍ତିଲାଭ କରିବେ । ଶ୍ରୀକୃଷ୍ଣଙ୍କର ଏହି ଉକ୍ତିରେ ଲକ୍ଷ୍ମୀ ଘୋର ଅପମାନିତା ବୋଧକଲେ । ସେ ବିଚାରିଲେ ଯେ ସେ ହେଉଛନ୍ତି ଅଖିଳ ଜଗତର ଧନଦାତ୍ରୀ, ଅନ୍ନଦାତ୍ରୀ ଏବଂ ପାଳନକର୍ତ୍ତ୍ରୀ । ତେଣୁ ତାଙ୍କଠାରୁ ବଡ଼ ହୋଇ କୌଣସି ନାରୀ ଜଗତରେ ଅଛନ୍ତି, ଏହା ତାଙ୍କର କଳ୍ପନାତୀତ । ଲକ୍ଷ୍ମୀଙ୍କର ଏହି ଅହେତୁକ ଅଭିମାନରେ ଅସନ୍ତୁଷ୍ଟ ହୋଇ ତାହାଙ୍କୁ ଉଚିତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଉଭୟ ଶିବପାର୍ବତୀଙ୍କ ନିକଟକୁ ଯିବାପାଇଁ ଶ୍ରୀକୃଷ୍ଣ ପ୍ରସ୍ତାବ କଲେ । କୈଳାସରେ ପହଞ୍ଚି ଶ୍ରୀକୃଷ୍ଣ ପ୍ରଥମେ ଗରୁଡ଼ ପିଠିରୁ ଓହ୍ଲାଇ ପଡ଼ି ଯୋଗେଶ୍ୱର ଶିବଙ୍କର ପଦ ବନ୍ଦନା କଲେ; କିନ୍ତୁ ଲକ୍ଷ୍ମୀ ନିଜର ଆଭିଜାତ୍ୟ ଓ ବଂଶ ମର୍ଯ୍ୟାଦାରେ ଜଳାଞ୍ଜଳି ଦେଇ ସାମାନ୍ୟ ଗୋଟାଏ ବାଉଳା ଭିକାରୀର ପତ୍ନୀ ପାର୍ବତୀଙ୍କୁ ନମସ୍କାର କରିବା ଉଚିତ ମନେକଲେନାହିଁ । ନିଜର ବିଚକ୍ଷଣ ବୁଦ୍ଧିମତ୍ତା ଓ ଅସାମାନ୍ୟ ବାଗ୍ମିତା ବଳରେ ସେ ପାର୍ବତୀଙ୍କର ସତୀତ୍ୱ ପରୀକ୍ଷା କରିବାପାଇଁ ସ୍ଥିର କଲେ ।

"ଲକ୍ଷ୍ମୀ ବୋଇଲେ ଗୋ ଦେବୀ ଶୁଣ ଏକ ଚିତ୍ତେ
ଭିକାରୀ ଗୋଟିଏ ଯିବାର ଦେଖିଲ କି ଏହିପଥେ ?"

ପାର୍ବତୀ ଲକ୍ଷ୍ମୀଙ୍କର ମନ୍ଦ ଅଭିପ୍ରାୟ ବୁଝିପାରି ଉତ୍ତର କଲେ—

"ପାର୍ବତୀ ବୋଇଲେ ଭିକାରୀରେ ଯେବେ କାର୍ଯ୍ୟ
ବଳି ଘରକୁ ଯାଅ ଯା ଦାନ ତହିଁ ମାଗଇ ବାମନ ନାମେ ଏକ ଦ୍ୱିଜ ।"

ପାର୍ବତୀଙ୍କ ଉତ୍ତରରେ କିଞ୍ଚିତ ଲଜ୍ଜିତା ହୋଇ ଲକ୍ଷ୍ମୀ ପୁଣି ପଚାରିଲେ—

"ପୁଣି ଲକ୍ଷ୍ମୀ ବୋଇଲେ କୁଆଁଳି ଏକ ନଟ
ତାଣ୍ଡବ ନୃତ୍ୟ କରିଗଲା ଦେଖିଲୁ ଏ ବାଟ ।"

ପାର୍ବତୀ ଲକ୍ଷ୍ମୀଙ୍କ କଥାର ଗୂଢ଼ ଇଙ୍ଗିତ ବୁଝିପାରି ଚତୁରତାର ସହିତ ଉତ୍ତର କଲେ—

"ପାର୍ବତୀ ବୋଇଲେ ତୁମେ ଶୁଣ ବାଇଦେଇ
ବୃନ୍ଦାବନକୁ ଯାଅ ନଟ ପୋଷେକ ଅଛି ତହିଁ ।
ତାଳୁରେ ଚୂଳ ତାର ହାତରେ ବାରହବଂଶୀ
ଗୋପାଳୁଣୀଙ୍କୁ ନଚାଏ କଦମ୍ବ ମୂଳେ ବସି ।"

ଏହି କଥା କଟାକଟିରେ ଲକ୍ଷ୍ମୀ ହାରିଯାଇ ଶେଷରେ ପାର୍ବତୀଙ୍କର ପଦବନ୍ଦନା କଲେ ଏବଂ ଦୁହିଁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପିତହେଲା ।

କୁନ୍ତୀ ଓ ଗାନ୍ଧାରୀ ପରସ୍ପରର ଅଜାଣତରେ ଭାଗିରଥୀ ତୀରବର୍ତ୍ତୀ ବକ୍ରେଶ୍ୱର ମହାଦେବଙ୍କୁ ପୂଜା କରୁଥାନ୍ତି । ଗାନ୍ଧାରୀ ପ୍ରତିଦିନ ପ୍ରତ୍ୟୁଷରେ ଆସି ଦେଖନ୍ତି ଯେ ତାଙ୍କ ଆସିବା ଆଗରୁ ଅନ୍ୟ ଜଣେ କେହି ଆସି ସେ ପୂର୍ବଦିନ ଚଢ଼ାଇଥିବା ଫୁଲକୁ କାଢ଼ି ମହାଦେବଙ୍କ ଉପରେ ନୂଆ ଫୁଲ ଚଢ଼ାଇ ପୂଜା କରି ଚାଲିଯାଇଛି । ରାଜାଧିରାଜ ଦୁର୍ଯ୍ୟୋଧନଙ୍କର ଜନନୀ ସେ । ତେଣୁ ଶିବ ପୂଜାରେ ଅନ୍ୟ କୌଣସି ବ୍ୟକ୍ତିର ପ୍ରତିଯୋଗିତା ତାଙ୍କ ପକ୍ଷରେ ଅସହ୍ୟ । ଦିନେ ରାତିରୁ ଆସି ମନ୍ଦିର ଭିତରେ ଲୁଚି ରହି ସେ ଦେଖିଲେ ଯେ କୁନ୍ତୀ ଆସି ମହାଦେବଙ୍କୁ ପୂଜା କରୁଛି । ଦୁହିଁଙ୍କ ମଧ୍ୟରେ ଘୋର ଝଗଡ଼ା ହେଲା । ଶେଷରେ ଶିବ ବ୍ରାହ୍ମଣ ବେଶରେ ଉଭୟଙ୍କୁ ସାକ୍ଷାତ ଦେଇ କହିଲେ ଯେ ସହସ୍ର ସ୍ୱର୍ଣ୍ଣ ଚମ୍ପା ଚଢ଼ାଇ ପରଦିନ ପ୍ରତ୍ୟୁଷରେ ଯିଏ ଶିବଙ୍କୁ ପୂଜା କରିବ ସେ ତାର ହେବେ । ଏଥିରେ ଅତ୍ୟନ୍ତ ଆନନ୍ଦିତ ହୋଇ ଗାନ୍ଧାରୀ ନଅରକୁ ପ୍ରତ୍ୟାବର୍ତ୍ତନ କଲେ । କାରଣ ସେ ଭଲ କରି ଜାଣିଥିଲେ ଯେ ଦରିଦ୍ର ପାଣ୍ଡବମାନଙ୍କ ପାଖରେ ସହସ୍ର ସ୍ୱର୍ଣ୍ଣଚମ୍ପା ସଂଗ୍ରହ କରିବା କଦାପି ସମ୍ଭବପର ହେବନାହିଁ । କୁନ୍ତୀ ମଧ୍ୟ ନିଜର ଦାରିଦ୍ର୍ୟ ଓ ଅସହାୟତା ସ୍ମରଣ କରି ଘରକୁ ଫେରି ଉପବାସରେ ଶୋଇ ରହିଲେ । ତା ପରେ ବୀରପୁତ୍ର ଅର୍ଜ୍ଜୁନ ତାଙ୍କୁ ସ୍ୱର୍ଣ୍ଣଚମ୍ପା ଆଣାଇ ଦେବାର ପ୍ରତିଶ୍ରୁତି ଦେବାରୁ କୁନ୍ତୀ ଆଶ୍ୱସ୍ତା ହେଲେ । ଅର୍ଜ୍ଜୁନଙ୍କର ଅନୁରୋଧକ୍ରମେ ଇନ୍ଦ୍ରଙ୍କର ନିର୍ଦ୍ଦେଶରେ ଧନପତି କୁବେର ସ୍ୱର୍ଣ୍ଣଚମ୍ପା ବୃଷ୍ଟି ଦ୍ୱାରା ସମଗ୍ର ମନ୍ଦିରଟିକୁ ଆବୃତ କରିଦେଲେ । ଗାନ୍ଧାରୀ ମନ୍ଦିରକୁ ଆସି ଏ ଦୃଶ୍ୟ ଦେଖନ୍ତେ ତାଙ୍କର ଲଜ୍ଜାର ସୀମା ରହିଲା ନାହିଁ ।

ଉପରୋକ୍ତ ଉପାଖ୍ୟାନ ସମୂହ ମୂଳ ମହାଭାରତରେ ନାହିଁ । ଏହାଦ୍ୱାରା ମୂଳ ମହାଭାରତବର୍ଣ୍ଣିତ ଚରିତ୍ର ସମୂହର ଆଦର୍ଶ ଓ ଉଚ୍ଚ ନୈତିକ ମୂଲ୍ୟବୋଧ କିଞ୍ଚିତ ବ୍ୟାହତ

ହୋଇଛି । ହେଲେ ସାରଳା ମହାଭାରତର ଏହି ଚରିତ୍ରଗୁଡ଼ିକ ଅଧିକ ଜୀବନ୍ତ ଓ ବାସ୍ତବ ହେବା ଫଳରେ ଆମ ପ୍ରାଣକୁ ଯେପରି ଗଭୀର ଭାବରେ ସ୍ପର୍ଶ କରି ପାରୁଛି 'ମୂଳଚରିତ୍ର-ଗୁଡ଼ିକ ପକ୍ଷରେ ତାହା ସମ୍ଭବପର ନୁହେଁ ।

ସାରଳା ମହାଭାରତରେ ଚାରିତ୍ରିକ ଓ ଆଦର୍ଶଗତ ବିଚ୍ୟୁତିର ଚରମ ଦୃଷ୍ଟାନ୍ତ ଆମେ ଦେଖିବାକୁ ପାଉ, ପରାଶର, ବ୍ୟାସ, ଦ୍ରୋଣ, ବିଭାଣ୍ଡକ, ଋଷ୍ୟଶୃଙ୍ଗ ଆଦି ମୁନିଋଷି ଓ ମହାପୁରୁଷମାନଙ୍କର ଚରିତ୍ର ଚିତ୍ରଣରେ । ତେବେ ପ୍ରଶ୍ନ ଉଠେ ସାରଳା ଦାସ କାହିଁକି ମହାଭାରତର ଏହି ମହନୀୟ ଚରିତ୍ରଗୁଡ଼ିକର ଅଧଃପତନ ଘଟାଇଛନ୍ତି ? ଏହା କଣ ଶୂଦ୍ର ସାରଳାଦାସଙ୍କର ବ୍ରାହ୍ମଣ୍ୟ ଧର୍ମ ବିରୁଦ୍ଧରେ ବିଦ୍ରୋହ ଘୋଷଣା ? ନା ତାହାଙ୍କ ଅତୀତ ଜୀବନର କଳଙ୍କମୟ କାହାଣୀର ପ୍ରତିଧ୍ୱନି ? ଏହି ଦୁଇ ମତ ମଧ୍ୟରୁ କୌଣସି ଗୋଟିଏ ହେଲେ ସମୀଚୀନ ବୋଧହୁଏ ନାହିଁ । ଯେତେଦୂର ମନେହୁଏ ସାରଳାଦାସ ଦେଖାଇବାକୁ ଚାହିଁଛନ୍ତି ଯେ ଦେବତା, ବ୍ରାହ୍ମଣ, ମୁନିଋଷି, ମହାପୁରୁଷ କେହିହେଲେ ସମ୍ପୂର୍ଣ୍ଣ ଦୋଷମୁକ୍ତ ନୁହନ୍ତି । ସମସ୍ତେ ପ୍ରବୃତ୍ତିର ଅଧୀନ । ପୁଣି ସବୁଠାରୁ ବଳଶାଳୀ ଓ ଦୁର୍ନିବାର ପ୍ରବୃତ୍ତି ହେଉଛି ଯୌନପ୍ରବୃତ୍ତି । ଏହାର ସର୍ବଗ୍ରାସୀ କବଳରୁ କାହାର ପରିତ୍ରାଣ ନାହିଁ । ନିଖିଳ ଜଗତର ଅଧିପତି ଶ୍ରୀକୃଷ୍ଣ ଏବଂ ଚିର ଜିତେନ୍ଦ୍ରିୟ ଯୁଧିଷ୍ଠିର ମଧ୍ୟ ଏଥିରୁ ବର୍ତ୍ତିପାରିନାହାନ୍ତି । ମନୁଷ୍ୟ ଜୀବନରେ ଅସତ୍ୟ, ଅନ୍ଧକାର ଓ ମୃତ୍ୟୁର ଉପସ୍ଥିତିକୁ ଅସ୍ୱୀକାର କରାଯାଇ ନ ପାରେ । ହେଲେ ପରାଶର, ବ୍ୟାସ, ଦ୍ରୋଣ ଓ ଯୁଧିଷ୍ଠିରଙ୍କପରି ଅସତ୍ୟରୁ ସତ୍ୟକୁ, ଅନ୍ଧକାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମୃତକୁ ଗତି କରିବାର ଅନନ୍ତ ସମ୍ଭାବନା ପ୍ରତ୍ୟେକ ମନୁଷ୍ୟର ଭାଗ୍ୟଲିପି । ଏଥିପାଇଁ ଦରକାର କେବଳ ଅଟଳ ସଂକଳ୍ପ ଏବଂ କଠିନ ସାଧନା । ସାରଳା ଦାସଙ୍କର ଏହି ଉଦ୍ୟମ ଫଳରେ ମହାଭାରତୀୟ ଚରିତ୍ରଗୁଡ଼ିକ କିଞ୍ଚିତ ମଳିନ ଓ ନିଷ୍ପ୍ରଭ ହୋଇ ପଡ଼ିଥିଲେହେଁ ଅଧିକ ମାନବୀୟ ହୋଇ ଉଠିଛନ୍ତି ।

(୩) ସବୁ ଭାରତୀୟଙ୍କ ପରି ସାରଳାଦାସ କର୍ମବାଦରେ ଅତ୍ୟନ୍ତ ବିଶ୍ୱାସ କରୁଥିଲେ । ତାହାଙ୍କ ମତରେ କର୍ମ ହେଉଛି ମନୁଷ୍ୟ ଜୀବନର ନିୟାମକ । ଯେ ଯେପରି କର୍ମ କରିବ ଇହଜନ୍ମରେ ହେଉ ଅଥବା ପରଜନ୍ମରେ ହେଉ ତାକୁ ତାର ଫଳ ଭୋଗ କରିବାକୁ ହେବ । କର୍ମ କହିଲେ କୌଣସି ଅତିମାନବିକ ଦୈବ ଶକ୍ତି ନୁହେଁ । ମନୁଷ୍ୟର ଆପଣା ଅର୍ଜିତ କର୍ମ ହିଁ ତାର ଜୀବନର ଗତି ଓ ବିକାଶକୁ ନିୟନ୍ତ୍ରିତ କରିଥାଏ ।

"ଯେ ଯାହା ଅରଜଇ ଅବଶ୍ୟ ତାହା ଫଳଇ
କଲିର କୃତ କର୍ମକୁ କର୍ମ ବୋଲିଣ କହି ।
ଆପଣେ ଯାହା ଅର୍ଜି କର୍ମ ବୋଲିଣ ଭୁଞ୍ଜି
ସଞ୍ଚୟେ ନାଶକର ପୋଟ୍ଟଲି ଉମ୍ଭର ପାଞ୍ଜି ।
ଆପଣା ଅରଜା ନାହିଁ ହୋ ଖଣ୍ଡନ୍ତା
ଯେତେ ଧନ ତୋତେ ଥୋଇଛି ବିଧାତା ।" (ସଭା-୫୭୩)

ଏହାହିଁ ଥିଲା ଜଗତ ଓ ଜୀବନ ପ୍ରତି ସାରଳାଙ୍କର ଆଭିମୁଖ୍ୟ । ସେ ଜାଣିଥିଲେ ଯେ ସୁସ୍ଥ ସମାଜ ଗଠନ ପାଇଁ ସମାଜସ୍ଥ ପ୍ରତ୍ୟେକ ବ୍ୟକ୍ତି ନିଜର କୃତକର୍ମ ପାଇଁ ଉତ୍ତରଦାୟିତ୍ୱ ଗ୍ରହଣ କରିବା ଉଚିତ । ତାହା ନୋହିଲେ ସମାଜର ସୁଖଶାନ୍ତି ବିଘ୍ନିତ ହେବା ନିଶ୍ଚିତ । ଏହି ସାମାଜିକ ଚେତନାବୋଧକୁ ପାଠକ ଓ ଶ୍ରୋତାମାନଙ୍କର ହୃଦୟଗୋଚର କରାଇବା ଉଦ୍ଦେଶ୍ୟରେ ସାରଳାଦାସ ତାହାଙ୍କ ମହାଭାରତରେ ନାନା ଗଳ୍ପ, ଉପଖ୍ୟାନ ଓ ପୂର୍ବଜନ୍ମ ବୃତ୍ତାନ୍ତର ଅବତାରଣା କରିଅଛନ୍ତି । ବିଗ୍ରହ ଦ୍ୱାରା ଯୁଧିଷ୍ଠିରଙ୍କର ପରାଭବ, ଯୁଧିଷ୍ଠିରଙ୍କ ନର୍କଦର୍ଶନ, ଶଲ୍ୟଙ୍କର ମୃତ୍ୟୁ , ଦ୍ରୋଣଙ୍କର ପରାଜୟ, ତାରାକ୍ଷୀ ପକ୍ଷୀର ଜନ୍ମକଥା, ମୋଦ୍‌ଗଲ ପଣ୍ଡା ଉପାଖ୍ୟାନ, ସାରସୀ ଶୃଗାଳ କଥା ଏବଂ ଶ୍ୱେତକଳ୍ପ ରାଜା ଉପାଖ୍ୟାନ ଆଦି ବିଷୟର ପ୍ରାସଙ୍ଗିକତା ଏହି ଦୃଷ୍ଟିରୁ ବିଚାର୍ଯ୍ୟ ।

(୪) ଯେକୌଣସି ଲେଖକର କୃତି ତାର ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିବେଶ ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ସଂସ୍କୃତ ରାମାୟଣ, ମହାଭାରତ ଓ ଭାଗବତ ଏହାର ସ୍ପଷ୍ଟ ନିଦର୍ଶନ । ରାମାୟଣର ସମଗ୍ର ଉତ୍ତର କାଣ୍ଡ ଓ ମହାଭାରତର ଅଷ୍ଟାଦଶାଧ୍ୟାୟୀ ଭଗବତ୍ ଗୀତାକୁ ପରବର୍ତ୍ତୀ କାଳର ପ୍ରକ୍ଷେପ ବୋଲି କୁହାଯାଏ । ଭାଗବତକୁ ମହର୍ଷି ବେଦବ୍ୟାସଙ୍କର ରଚନା ବୋଲି କୁହାଗଲେ ମଧ୍ୟ ବହୁ ପରବର୍ତ୍ତୀ କାଳର ଶକ, ହୁଣ, ପୁଲିନ୍ଦ, ମୌର୍ଯ୍ୟ, ଶୁଙ୍ଗ, ମିତ୍ର ଓ କଣ୍ୱବଂଶୀୟ ରାଜାମାନଙ୍କ ବିଷୟ ଏଥିରେ ବର୍ଣ୍ଣିତ ହୋଇଅଛି । କାଳିଦାସଙ୍କ 'ରଘୁବଂଶ' ରାମାୟଣର ବିଷୟବସ୍ତୁ ଉପରେ ଆଧାରିତ ହେଲେହେଁ, ଏଥିରେ କାଳିଦାସଙ୍କ ସମସାମୟିକ ସମ୍ରାଟ୍ ସମୁଦ୍ରଗୁପ୍ତଙ୍କ ବିଜୟ କାହାଣୀ ଲିପିବଦ୍ଧ ହୋଇଅଛି; ଏହା ଅବଶ୍ୟମ୍ଭାବୀ । ପରିବେଶର ପ୍ରଭାବକୁ ଏଡ଼ିଦେବା କୌଣସି ଲେଖକଙ୍କ ପକ୍ଷରେ ସମ୍ଭବପର ନୁହେଁ । ସାରଳାଦାସ ତାହାଙ୍କ ମହାଭାରତରେ ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ଉତ୍କଳ ସମ୍ରାଟ କପିଳେନ୍ଦ୍ରଦେବଙ୍କ ବିଜୟ କାହାଣୀ ଲିପିବଦ୍ଧ କରିଥିବା ବିଷୟ ଆଗରୁ କୁହାଯାଇଛି । ସମ୍ରାଟ କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବଙ୍କଦ୍ୱାରା ବିଜିତ ବିଭିନ୍ନ ରାଜ୍ୟ ଓ ରାଜାମାନଙ୍କର ନାମ ଓ ସେମାନଙ୍କ ନାମ ସହିତ ଜଡ଼ିତ କେତେକ ଘଟଣାକୁ ସାରଳା ଦାସ କୌଶଳର ସହିତ ତାଙ୍କ ମହାଭାରତରେ ଖଞ୍ଜିଦେଇ ଅଛନ୍ତି । ତାହାଙ୍କ ମହାଭାରତର ସଭାପର୍ବରେ ସେ ପାଣ୍ଡବମାନଙ୍କ ଜୈତ୍ରଯାତ୍ରା ପ୍ରସଙ୍ଗରେ ସମସାମୟିକ ତଥା କଥିତ ପୂର୍ବବର୍ତ୍ତୀକାଳରେ ସଂଘଟିତ କେତେକ ଐତିହାସିକ ଘଟଣାର ଉଲ୍ଲେଖ କରିଅଛନ୍ତି । ସ୍ଥଳବିଶେଷରେ ସେ ଐତିହାସିକ ବ୍ୟକ୍ତି ତଥା ଐତିହାସିକ ଘଟଣାସ୍ଥଳ-ମାନଙ୍କର ନାମୋଲ୍ଲେଖ ମଧ୍ୟ କରିଛନ୍ତି । ପୁନଶ୍ଚ ଐତିହାସିକ ଘଟଣା ଅବଲମ୍ବନରେ ନାନା କାଳ୍ପନିକ ଉପାଖ୍ୟାନ ସୃଷ୍ଟିକରି ସେଗୁଡ଼ିକୁ ତାଙ୍କ ମହାଭାରତରେ ସଂଯୋଜିତ କରିଅଛନ୍ତି । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାହାଙ୍କ 'ସାରଳା ମହାଭାରତରେ ଐତିହାସିକ ଉପାଦାନ' ପ୍ରବନ୍ଧରେ ଏ ସବୁର ବିଶଦ ଆଲୋଚନା କରିଅଛନ୍ତି ।

ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର କେନ୍ଦ୍ରସ୍ଥଳୀରୂପେ ବିବେଚିତ ଭୁବନେଶ୍ୱରର ଏକାମ୍ର କାନନ, ନୀଳାଚଳର ପୁରୁଷୋତ୍ତମ କ୍ଷେତ୍ର ଓ କୋଣାର୍କର ଅର୍କ କ୍ଷେତ୍ର ଓଡ଼ିଶା ଇତିହାସ ସହିତ ଓତପ୍ରୋତ ଭାବରେ ଜଡ଼ିତ । ଏହିସବୁ ତୀର୍ଥ ସମ୍ବନ୍ଧରେ ଯେଉଁସବୁ ପୌରାଣିକ ଆଖ୍ୟାୟିକା, କିମ୍ବଦନ୍ତୀ, ଲୋକକଥା ଓ ଜନଶ୍ରୁତି ବହୁକାଳରୁ ଲୋକରେ ପ୍ରଚଳିତ ଥିଲା, ସାରଳା ଦାସ ତାଙ୍କର ଅଲୌକିକ କଳ୍ପନାଶକ୍ତି ବଳରେ ସେ ସବୁକୁ ଏକ ସୁସଂହତ କାବ୍ୟ-ରୂପ ପ୍ରଦାନ କରିଅଛନ୍ତି ।

"ନୀଳଗିରି ଆଖ୍ୟାନ ଏ ବହୁତ ବହୁତ କଥା
ଠିକ ଠିକ କରିଣ ମୁଁ କହିଇ ବିକତା ।" 	(ମୂଷଳୀ-୧୦୪)

ବନପର୍ବରେ ପାଣ୍ଡବମାନଙ୍କର ତୀର୍ଥଭ୍ରମଣ ବୃତ୍ତାନ୍ତ ବର୍ଣ୍ଣନା ପ୍ରସଙ୍ଗରେ ଭୁବନେଶ୍ୱର କୃତ୍ତିବାସ କ୍ଷେତ୍ର, କୋଣାର୍କର ଅର୍କକ୍ଷେତ୍ର ଏବଂ ଯାଜପୁରର ସପ୍ତମାତୃକା ସମ୍ବନ୍ଧରେ ଯେଉଁ କାଳ୍ପନିକ ବିବରଣୀ ପ୍ରଦାନ କରିଅଛନ୍ତି, ତାହା ଏବେ ମଧ୍ୟ ଉତ୍କଳୀୟ ଜନମାନସକୁ ପ୍ରଭାବିତକରି ରଖିଅଛି । ମୂଷଳୀ ପର୍ବରେ ଶ୍ରୀକୃଷ୍ଣଙ୍କ ଦେହାବସାନଠାରୁ ନୀଳାଚଳ ଧାମରେ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ପର୍ଯ୍ୟନ୍ତ ସମଗ୍ର କଥାଭାଗ ସାରଳା ଦାସଙ୍କ କଳ୍ପନା-ପ୍ରସୂତ । ମୂଳ ମହାଭାରତରେ ଏହାର ଉଲ୍ଲେଖ ନାହିଁ । କାଳନ୍ଦୀ ନଦୀ ତୀରବର୍ତ୍ତୀ କାଳେବର ପର୍ବତ ତଳେ ଅଜର ଶବରଦ୍ୱାରା ଶବରୀ ନାରାୟଣ ପୂଜାଠାରୁ ଜରା ଶବର ସହାୟତାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କଦ୍ୱାରା ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ପର୍ଯ୍ୟନ୍ତ ମୂଷଳୀ ପର୍ବ ବର୍ଣ୍ଣିତ କଥାବସ୍ତୁର ଅନ୍ତରାଳରେ ଓଡ଼ିଶାରେ ଜଗନ୍ନାଥ ତତ୍ତ୍ୱର ଇତିହାସ ଓ ବିକାଶଧାରା ଅନୁସନ୍ଧାନ କରାଯାଇପାରେ । ବସ୍ତୁତଃ ଏହି ସୁଦୀର୍ଘ ଉପାଖ୍ୟାନ ସହିତ ମହାଭାରତୀୟ କଥାବସ୍ତୁର କୌଣସି ସମ୍ବନ୍ଧ ନାହିଁ; କିନ୍ତୁ ସାରଳା ଦାସ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ଘଟନା ସହିତ ଏହାକୁ ସମନ୍ୱିତ କରି ଅପୂର୍ବ କଳାକୁଶଳତାର ପରିଚୟ ପ୍ରଦାନ କରିଅଛନ୍ତି ।

"ତୁମ୍ଭେ କିମ୍ପେ ବିମୁଖ ହେଉ ହୋ ସର୍ବଶାଚୀ
ସ୍ୱେ ପିଣ୍ଡ ମୁଖ୍ୟ ଦେବତା ନୁଆରିବ ଭକ୍ଷି ।
ଏ ପିଣ୍ଡ ବିଜେ କରିବ ନୀଳ ସୁନ୍ଦର ପରବତେ
ପୂଜା ପାଇବ ଦଶସହସ୍ର ବରଷ ପରଯନ୍ତେ ।

× × ×

ଶ୍ରୀକୃଷ୍ଣ ବୋଇଲେ ହେ ଏଥି ବ୍ରହ୍ମାର ଯେସନ୍ତେ ଇଚ୍ଛା
ଚାରିଲକ୍ଷ ବତିଶ ସହସ୍ର ବରଷ ଭୋଗ ବାଞ୍ଛା ।
ବହୁଧା ଅବତାରେ ଅବଶ୍ୟ ବିହରିବୁ
ଦୁଷ୍ଟଜନ ମାରି ସନ୍ଥଜନ ପ୍ରତିପାଳିବୁ ।" 	(ମୂଷଳୀ-୧୦୯)

ସେହି ମୂଷଲୀ ପର୍ବରେ ପ୍ରାଚୀ ନଦୀ ତୀରବର୍ତ୍ତୀ ଗୋମୁଖ କେଶବ ଓ ଅଷ୍ଟଶମ୍ଭୁ ବର୍ଣ୍ଣନା ପ୍ରସଙ୍ଗରେ କବି ଲେଖିଛନ୍ତି :

"ଗୋମୁଖୀ କେଶବର ଲଞ୍ଜ ଯେ ପଶ୍ଚିମ ମୂରତି
ତହୁଁ ସେ ପ୍ରାଚୀ ନାମେ ହେଲା ନଦୀ ଏ ଉତପତ୍ତି ।
ଅଶୀ ସହସ୍ର ଗନ୍ଧର୍ବ ଅଣିଲେ ତାହା ଖୋଳି
କେଶବ ଲଞ୍ଜ ଛୁଇଁଲା ଯେ ବାଜଣ କୋଦାଳି ।
ଆଠ ଖଣ୍ଡ ହୋଇ ଛିଡ଼ିଗଲା ସେ ଲଙ୍ଗୁଡ଼
ଅଷ୍ଟଶମ୍ଭୁ ହୋଇଲେ ସେ ପ୍ରାଚୀ ନଦୀ କୂଳର ।" (ମୂଷଲୀ-୧୦୭)

ବୈଦିକ ଉପାସକ ଜଗନ୍ନାଥଭକ୍ତ ସାରଳା ଦାସ ଏହି ଗୋମୁଖୀ କେଶବ ଉପାଖ୍ୟାନରେ ବୈଷ୍ଣବ ଓ ତାନ୍ତ୍ରିକ ମତର ସମନ୍ୱୟ ସାଧନ କରିଅଛନ୍ତି । ସ୍ୱର୍ଗାରୋହଣ ପର୍ବରେ ଅମରାବତୀ କଟକ ଓ କପିଳାସର ଶିଖରେଶ୍ୱର ମହାଦେବଙ୍କ ନାମକରଣର ସାର୍ଥକତା ପ୍ରତିପାଦନ ନିମିତ୍ତ ବିବିଧ କଳ୍ପିତ ଆଖ୍ୟାୟିକାର ଅବତାରଣା କରିଅଛନ୍ତି । ଯୁଧିଷ୍ଠିରଙ୍କର ସୁହାଣୀ କନ୍ୟା ବିବାହ ପ୍ରସଙ୍ଗର ଅବତାରଣା ଏହି ଦୃଷ୍ଟିରୁ ବିଶେଷ ।

"ଯମ ଦେବତା ବୋଇଲା ଏ ମୋର ସତ୍ୟ ସତ୍ୟ ।
ମହୀମଣ୍ଡଳେ ଏ ନଗ୍ର ନାମ ଅମରାବତୀ ।
ଶୁଣ ଆହେ ବୁଧ ଜନେ ମୁଁ ଯାହା କହିଲି
ତେଣୁ ସେ ଅମରାବତୀ ନାମ ଧର୍ମପୁର ବୋଲି ।" (ସ୍ୱର୍ଗାରୋହଣ-୨୯)

ଅମରାବତୀ କଟକ ଓ ଧର୍ମପୁର ନାମକରଣରେ ସାର୍ଥକତା ପ୍ରତିପାଦନ ଯୁଧିଷ୍ଠିର ସୁହାଣୀ କନ୍ୟା ଉପାଖ୍ୟାନର ମୂଳଉଦ୍ଦେଶ୍ୟ ବୋଲି ମନେହୁଏ । ଏହି ରୀତିର ଅନୁସରଣରେ ସାରଳା ଦାସ ବିନ୍ଦୁସାଗର, ଚିଲିକା, ସୁବର୍ଣ୍ଣରେଖା, ବ୍ରମ୍ହଚଣ୍ଡୀ, ନୀଳସୁନ୍ଦର ପର୍ବତ ଆଦି ଓଡ଼ିଶାର ବହୁ ପ୍ରସିଦ୍ଧ ତୀର୍ଥ, ଜଳାଧାର, ନଦ ନଦୀ ଓ ପର୍ବତାଦିର ନାମକରଣର ସାର୍ଥକତା ପ୍ରତିପାଦନ ନିମିତ୍ତ ବହୁ କଳ୍ପିତ ଆଖ୍ୟାୟିକାର ଅବତାରଣା କରିଅଛନ୍ତି । ଐତିହାସିକ ବିବରଣୀ ଓ ଭୌଗୋଳିକ ତଥ୍ୟ ବ୍ୟତୀତ ସାରଳା ମହାଭାରତରୁ ସମସାମୟିକ ଉତ୍କଳର ଅର୍ଥନୈତିକ ଓ ପ୍ରଶାସନିକ ବ୍ୟବସ୍ଥାର ଏକ ସୁସ୍ପଷ୍ଟ ଚିତ୍ର ମିଳିଥାଏ । ଶାନ୍ତି ପର୍ବରେ ଶରଶଯ୍ୟା-ଶାୟୀ ଭୀଷ୍ମ ଯୁଧିଷ୍ଠିରାଦି ପାଣ୍ଡବମାନଙ୍କୁ ରାଜ୍ୟଶାସନ ସମ୍ବନ୍ଧରେ ଉପଦେଶ ଦେବାକୁ ଯାଇ କହିଛନ୍ତି :

"ରାଜ୍ୟଦଣ୍ଡ ବରଗିବୁ ଧାର୍ମିକ ଲୋକ ଦେଖି
ତେବେ ସେ ଜନ ପରଜା ହୋଇବେ ବଡ଼ ସୁଖୀ ।
ଚୋର ବରଗି ଦେଖିବୁ ବଧ୍ୟ ଯେ ଅବଧ୍ୟ
ଦଣ୍ଡ ଅବଧ୍ୟ କଲେ ତୁ ପକାଇବୁ ଛେଦ ।

ଅମୀତ କଥାରେ ଦଣ୍ଡିଲେ ଯେ ନାହିଁ ଦୋଷ
ଦୋଷ ଜାଣିଣ ଦଣ୍ଡ ତୁ ଦେବୁ ପଣ୍ଡ୍‌କ୍ଷିପ ।
କୋଡ଼ିଏ ହାତ ତୁହ୍ନ କରବୁ ନଳକାଠି
ପଞ୍ଚବଂଶ ନଳରେ ମାଣେକ ପ୍ରକଟି ।
ବଂଶ ମାଣରେ ଯେ କରବୁ ଏକ ବାଟି ।
ବାଟିକେ ଚଳାଏ କର ଘେନଥିବୁ ସଞ୍ଜା
ଆମ୍ଭର ଆୟୁଷ ଘେନ ବ୍ରଢଥିବୁ ରାଜା ।
ଠାବେ ଠାବେ ରାଜା ଯେ କରବୁ ଜଳକୀର୍ତ୍ତି
ଇନ୍ଦ୍ର ବୃଷ୍ଟି ନ କଲେ କ୍ଷେତ ଯେହ୍ନେ ବ୍ରଢ ।
ଅଳପ ଦୋଷକୁ ବାବୁ ନ କରବୁ ଦୋଷ
ନରେଖ ଜନଙ୍କୁ ପ୍ରାସାଦ ଗୃହବାସ ।
ନଦୀମାନଙ୍କରେ ଶଙ୍ଖ ଆବର ନାବ ଥିବ
ଶୀତକାଳେ ଦକ୍ଷିଣ ମେଲା ତୋଳାଇବ ।
ଅନଳ ଦାନହିଁ ଦେବ ଠାବେ ଠାବେ
ପଥଶ୍ରାନ୍ତ ଜନେ ଯେହ୍ନେ କଷ୍ଟ ନ ପାଇବେ ।
ଗ୍ରୀଷ୍ମ କାଳେ ଦେବୁଟି ପାଣି ପଣା ଦାନ
ଛତା ପାଣ୍ଢୋଇ ଶୀତଳ ସଞ୍ଚା ନାନା ବସ୍ତ୍ରମାନ ।

× × ×

ମନ୍ତ୍ରିବର ଯୋଗରେ ସମର୍ପିଥିବୁ ରାଜ୍ୟ
ଅଧିକାଂଶ ଲୋକନ୍ତ କରଥିବୁ ତେଜ ।
କୃଷିକାଂଶ ଲୋକନ୍ତ ଯେ ନ ତଣ୍ଡିବୁ ଧନ
ଅନେକ ବସାଇବୁ ଗୋଶାଳା ବ୍ରାହ୍ମଣ ଶାସନ ।
ବର୍ଦ୍ଧିତ କରାଇବୁ ଗୋରସ ରସମାନ
ଗୋଚର ନିମନ୍ତେ ବାବୁ ଛାଡ଼ିଦେବୁ ବହୁସ୍ଥାନ ।
ତୀର୍ଥସ୍ଥାନମାନଙ୍କରେ ଅନ୍ନଛତ୍ର ଦେଉଥିବୁ ନୃପତି
ଅସହଣ ଭୂମିରେ ଥୋଇବୁ ସେନାପତି ।
ଗଜ, ଅଶ୍ୱ ନିମନ୍ତେ ଦେଉଥିବୁ ଧନ
ଗୋପାଳେ ବଶୋଇବାକୁ ଥୋଇଥିବୁ ସ୍ଥାନ ।
ଗୁଣ ଅନୁକ୍ରମେ କରୁଥିବୁ ପୂଜା
କବି କୃତ ଜନଙ୍କୁ କୃପଣ ନୋହିବୁଟି ରାଜା । —ଶାନ୍ତି-୫

ମୁଧିଷ୍ଠିରଙ୍କ ପ୍ରତି ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହା ଯେ ମହାରାଜା କପିଳେନ୍ଦ୍ର ଦେବଙ୍କର ରାଜ୍ୟ ଶାସନର ଏକ ନିଖୁଣ ଚିତ୍ର ଏଥିରେ ସନ୍ଦେହର ଅବକାଶ ନାହିଁ । ମାଦଳା ପାଞ୍ଜି ଓ କପିଳେନ୍ଦ୍ରଙ୍କଦ୍ୱାରା ପ୍ରଦତ୍ତ ବିଭିନ୍ନ ତାମ୍ରଶାସନରୁ ଏହା ପ୍ରତିପାଦିତ ହୁଏ ।

ସାରଳା ମହାଭାରତର ନାୟକ ନାୟିକା ଓ ମୁଖ୍ୟ ଚରିତ୍ରମାନଙ୍କର ଜନ୍ମସ୍ଥାନ ହସ୍ତିନାପୁର ହେଲେହେଁ ସେମାନଙ୍କର ଲୀଳା ଓ ବିହାରସ୍ଥଳୀ ହେଉଛି କବିଙ୍କର ପ୍ରିୟ ଜନ୍ମଭୂମି ଉତ୍କଳ । ସାରଳା ମହାଭାରତରେ ଯେଉଁ ସମାଜଚିତ୍ର ଅଙ୍କିତ ହୋଇଛି, ତାହା ଯଥାର୍ଥରେ ପଞ୍ଚଦଶ ଶତାବ୍ଦୀ ଓଡ଼ିଶାର ସମାଜଚିତ୍ର । ତାହାଙ୍କ ମହାଭାରତବର୍ଣ୍ଣିତ ଚରିତ୍ରମାନଙ୍କର ଖାଦ୍ୟପେୟ, ବେଶଭୂଷା, ଚାଲିଚଳନ, କ୍ରୀଡ଼ାକୌତୁକ, ରୀତିନୀତି, ଶିକ୍ଷାଦୀକ୍ଷା, ଧାରଣା, ବିଶ୍ୱାସ ଓ ସଭ୍ୟତାସଂସ୍କୃତି ସବୁ ଉତ୍କଳୀୟ । ଗ୍ରନ୍ଥବର୍ଣ୍ଣିତ ବିବାହ, ଯାତ୍ରା, ଯଜ୍ଞାନୁଷ୍ଠାନ, ଅତିଥିସତ୍କାର, ପୂଜେଇପର୍ବ, ଓଷାବ୍ରତ, ବ୍ୟବସାୟବାଣିଜ୍ୟ, ଯୁଦ୍ଧବିଗ୍ରହ, ଶିକ୍ଷା ଓ ଚିକିତ୍ସା ପ୍ରଣାଳୀ ଏବଂ ଗୃହସ୍ଥର ଧର୍ମକର୍ମ, ନୀତିନିୟମ, ଆଗ୍ରହବ୍ୟବହାର ସର୍ବତ୍ର ଉତ୍କଳୀୟତାର ମୁଦ୍ରା । ତାହାଙ୍କ ମହାଭାରତ ଅଧ୍ୟୟନ କଲେ ମନେହୁଏ, ସତେ ଯେପରି ଏହା ହେଉଛି ଉତ୍କଳୀୟ ସଭ୍ୟତା ସଂସ୍କୃତିର ଏକ ପ୍ରକାଣ୍ଡ ମହାଭାରତ । ଉତ୍କଳୀୟ ଜାତୀୟଜୀବନର କୌଣସି ଗୋଟିଏ ହେଲେ ବିଭବ ଏଥିରୁ ବାଦ୍ ପଡ଼ିନାହିଁ । ଓଡ଼ିଆ ପିଲାଏ ଯେଉଁ ଝିମାଣି ଖେଳ ଖେଳନ୍ତି, ସେଇଥିରୁ ପୁଣି ଆରମ୍ଭ ହୋଇଛି ମହାଭାରତର ପ୍ରଳୟଙ୍କରୀ ଯୁଦ୍ଧ । ଓଡ଼ିଶାର ଆଦିମ ଅଧିବାସୀମାନଙ୍କ ମଧ୍ୟରେ ପୂର୍ବେ ଯେ କୌଣସି ଶୁଭକାର୍ଯ୍ୟରେ ନରବଳି ଦେବାର ପରମ୍ପରା ଥିଲା । ଉଦ୍‌ଯୋଗ ପର୍ବରେ କୁରୁକ୍ଷେତ୍ର ରଣାଙ୍ଗନସ୍ଥ ଶୁଭସ୍ତମ୍ଭ ଉପରେ ସ୍ଥାପିତ ହୋଇଛି ବେଲାଲସେନର ଛିନ୍ନ ମସ୍ତକ । ଓଡ଼ିଶାର ଢେଙ୍କାନାଳ ଜିଲ୍ଲାସ୍ଥିତ କପିଳାସ ଶିଖରେଶ୍ୱରଙ୍କଠାରେ ଅନ୍ନଭୋଗର ବ୍ୟବସ୍ଥା ଅଛି । ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଉଲ୍ଲେଖ ଅଛି ଯେ ଯୁଧିଷ୍ଠିରଙ୍କର ନିର୍ଦ୍ଦେଶରେ ଭୀମ ଧର୍ମପୁରରୁ ଏକ ଭାର ଧାନଗୋଛା ଆଣି ବେଙ୍ଗଳା ପକାଇ ଧାନ ଅମଲ କଲେ । ସେ ଧାନକୁ ହାତରେ କୁଟି ସହସ୍ର ମାଣ ଚାଉଳରେ ଅନ୍ନ ରାନ୍ଧି ଶିଖରେଶ୍ୱରଙ୍କୁ ପରସିଲେ । ସଭାପର୍ବରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ବର୍ଣ୍ଣନା ପ୍ରସଙ୍ଗରେ ଅନ୍ନଛତ୍ରର ଯେଉଁ ଚିତ୍ର ଦିଆଯାଇଛି, ତାହା ଠିକ୍ ଓଡ଼ିଶାର ଏକ ବଡ଼ ଗ୍ରାମ୍ୟ ଭୋଜି ସଦୃଶ । ଗାଁର ମୁଖିଆଲୋକେ ଭୋଜି ତଦାରଖ କଲାଭଳି ଶ୍ରୀକୃଷ୍ଣ ଅନନ୍ତା ପଡ଼ିହାରୀରୂପରେ ସବୁ ବୁଝାସୁଝା କରୁଛନ୍ତି ।

ଆଦିପର୍ବରେ ଉଲ୍ଲେଖ ଅଛି ଯେ, ଗାନ୍ଧାରସେନଙ୍କ କନ୍ୟା ଗାନ୍ଧାରୀ ଉଆଁସୀ କନ୍ୟା ଥିଲେ । ତାଙ୍କର ବିବାହ ପ୍ରସ୍ତାବ ପଡ଼ିବା ମାତ୍ରେ ବରମାନଙ୍କର ଅକାଳ ମୃତ୍ୟୁ ଘଟୁଥିଲା । ତେଣୁ ବ୍ୟାସଦେବଙ୍କ ପରାମର୍ଶରେ ଗାନ୍ଧାରସେନ ଗାନ୍ଧାରୀଙ୍କୁ ପ୍ରଥମେ ଏକ ଗୋଲକ ବା ସାହାଡ଼ା ଗଛ ସହିତ ବିଭାଦେଇ ପରେ ଧୃତରାଷ୍ଟ୍ରଙ୍କ ସହିତ ବିଭା ଦେଇଥିଲେ । ପୁଣି ଭୀମ ଦୁର୍ଯ୍ୟୋଧନଙ୍କୁ ଗୋଲକପୁତ୍ର ବୋଲି କହିବାରୁ ଦୁର୍ଯ୍ୟୋଧନ କ୍ରୋଧରେ ଗାନ୍ଧାରସେନଙ୍କୁ ସବଂଶେ ନିର୍ମୂଳ କଲେ । ସେହି ସର୍ବନାଶମୁଖରୁ ବର୍ଞ୍ଚି ରହିଲେ କେବଳ ଚତୁରଶିରୋମଣି

ଶକୁନି ଏବଂ ସେ ହେଲେ କୁରୁବଂଶ ଧ୍ୱଂସର ମୂଳ କାରଣ । ମହାଭାରତର ବସ୍ତୁ କଳ୍ପନାରେ ସାରଳା ଦାସ କିପରି ସ୍ଥାନୀୟ ପରିବେଶ ଦ୍ୱାରା ପ୍ରଭାବିତ ହୋଇଛନ୍ତି, ତାହା ଏଥିରୁ ସ୍ପଷ୍ଟ ଅନୁମିତ ହୁଏ । ଗ୍ରାମ୍ୟଜୀବନରେ ସାଧାରଣତଃ ଦେଖାଯାଏ ଯେ କୌଣସି ବଳଶାଳୀ ବ୍ୟକ୍ତି ଦୁର୍ବଳ ବ୍ୟକ୍ତି ଉପରେ ଅତ୍ୟାଚାର କଲେ, ସେ ବିଚାରା ନିରୁପାୟ ହୋଇ ତାକୁ ଅଭିଶାପ ପ୍ରଦାନ କରିଥାଏ । ଉତ୍କଳୀୟ ପଲ୍ଲୀ-ଜୀବନର ଏହା ଏକ ନିତ୍ୟନୈମିତ୍ତିକ ଘଟଣା । ଠିକ୍ ସେହିପରି ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି—

"ଆନର ଚରିତ ଏ ନୋହଇ ଦେବ ହରି
ଏକଇ ବଂଶ ତୁ କରାଇଲୁ ଯେ ବଇରି ।
ତୋହର ଜ୍ଞାନେ ନାଶ ଗଲଟି ମୋର ବଂଶ
ହୋ ଶ୍ରୀକୃଷ୍ଣ ଏହିମତ ହେଉ ତୋହର ବଂଶନାଶ ।"—ନାରୀ ୨୧

ଏହିପରି ଉଦାହରଣ ଦେଇ ବସିଲେ ସରିବ ନାହିଁ । ସାରଳାଙ୍କ ସମସାମୟିକ ସମାଜରେ ସ୍ତମ୍ଭନ, ମୋହନ, ମାରଣ, ତାରଣ, ବଶୀକରଣ ଓ ଉଚ୍ଚାଟନ ଆଦି ଆଭିଚାରିକ କ୍ରିୟାକଳାପ ଏବଂ ରୋଗ-ବ୍ୟାଧିର ନିରାକରଣ ପାଇଁ ଗ୍ରାମଦେବତୀଙ୍କ ନିକଟରେ ପୂଜା ଓ ବଳି ପ୍ରଦାନ ଆଦି ତାନ୍ତ୍ରିକ ବିଧିବିଧାନର ବହୁଳ ପ୍ରଚଳନଥିଲା । ମନ୍ତ୍ରବଳରେ ଭୂତ, ପ୍ରେତ ଓ ଡାକିନୀ ଯୋଗିନୀଙ୍କର ପ୍ରୟୋଗ ଓ ନିୟନ୍ତ୍ରଣ ମଧ୍ୟ କରାଯାଉଥିଲା । ଗୁଣିଗାରେଡ଼ି ସାହାଯ୍ୟରେ ଘା ଫୁଙ୍କି ଭଲ କରିଦେବା କିମ୍ବା ସାପକାମୁଡ଼ା ଆରୋଗ୍ୟ କରିଦେବା ଇତ୍ୟାଦି ବ୍ୟବସ୍ଥା ଉପରେ ଲୋକମାନଙ୍କର ଯଥେଷ୍ଟ ଆସ୍ଥା ଥିଲା । ଏହି ସାମାଜିକ ପରିବେଶର ପ୍ରତି-ଫଳନ ସାରଳା ମହାଭାରତରେ ଦୃଷ୍ଟ ହୁଏ । ରାମ ଓ କୃଷ୍ଣ ଗୁରୁଗୃହରେ ଯେଉଁସବୁ ବିଦ୍ୟା-ଭ୍ୟାସ କରିଥିଲେ, ତନ୍ମଧ୍ୟରେ ଥିଲା—

"କାମଲୋଭ ଆରତୀ ରତିଶାସ୍ତ୍ର ବିଦ୍ୟା
ସ୍ତମ୍ଭନ ମୋହନ ବଶ୍ୟଉଚ୍ଚାଟନ ଗୁଟିକା ଅଞ୍ଜନ ମନ୍ତ୍ରସିଦ୍ଧା ।
ଯୋଗବ୍ରହ୍ମ ତ୍ରିକାଳ ଗାରୁଡ଼ ମହାମନ୍ତ୍ରେ
ଯେତେମାନ ସାଧ୍ୟକଲେ ଏଗାର ଦିନ ଅନ୍ତେ ।" —ମଧ୍ୟ-୭୮୨

ସୁଭଦ୍ରା ହରଣ, ହାରାବତୀ ବିଭା, ତ୍ରିଭୁବନମୋହିନୀ ବିଭା, ଖଳ୍ୟକାର ଜନ୍ମ ବୃତ୍ତାନ୍ତ, ବାବନା ଭୂତ କଥା ଓ ଶମୀବୃକ୍ଷ କୋଟରରୁ ଅର୍ଜୁନଙ୍କର ଅସ୍ତ୍ର ଆହରଣ ଇତ୍ୟାଦି ଉପାଖ୍ୟାନରେ ତାନ୍ତ୍ରିକ କ୍ରିୟାକଳାପର ପ୍ରଭାବ ସୁସ୍ପଷ୍ଟ ।

ଯୌନ ସଂଯମ ଓ ଶୁଦ୍ଧ ନିର୍ମଳ ଦାମ୍ପତ୍ୟ ପ୍ରେମ ଉତ୍କଳୀୟ ଲୋକସଂସ୍କୃତି ଓ ଜାତୀୟ ଜୀବନର ଭିତ୍ତିଭୂମି । ସାରଳା ଦାସ ନାନା ଗଳ୍ପ, ଉପାଖ୍ୟାନ, ଲୋକକଥା ଓ ବିବିଧ ଚରିତ୍ରଚିତ୍ରଣ ମାଧ୍ୟମରେ ଏହାର ମହନୀୟତା ପ୍ରତିପାଦନ କରିଛନ୍ତି । ଅଗ୍ନିକ ଋଷି ବୃତ୍ତାନ୍ତ, ବିଶ୍ୱକସେନ ଶୂଦ୍ର କଥା, ଖଳ୍ୟକାର ଜନ୍ମ ବୃତ୍ତାନ୍ତ ଓ ଭାରଦା ଚରିତ୍ରରେ ସେ ଯୌନ

ସ୍ୱୈରାଚାର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ସାମାଜିକ ଜୀବନରେ ଯୌନ ସଂଯମ ଓ ଶୁଦ୍ଧ ଦାମ୍ପତ୍ୟ ପ୍ରେମର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଖଲ୍ୟକାର ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା ପ୍ରସଙ୍ଗରେ ସେ ଶ୍ରୀକୃଷ୍ଣଙ୍କ ମୁହଁରେ କୁହାଇଛନ୍ତି— "ପରଦାରା ଶୃଙ୍ଗାର ଯେ ଯେହୁ ପୋଡ଼ୁ ପୋଡ଼ୁ । ପରଦାରାକୁ ଯେ ଇଚ୍ଛିବ ଶରୀର ତା'ର ଛୁଡ଼ୁ ।" ଯୌନ ସ୍ୱୈରାଚାରକୁ କଠୋର ବାକ୍ୟରେ ନିନ୍ଦା କରିବା ସଙ୍ଗେ ସଙ୍ଗେ ସମାଜରେ ପ୍ରଚଳିତ ବହୁଦାର ଗ୍ରହଣ ପ୍ରଥାକୁ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ରାମାବତାର ସଙ୍ଗେ କୃଷ୍ଣାବତାରର ତୁଳନା କରି ସେ ସ୍ୱୟଂ କୃଷ୍ଣଙ୍କ ମୁହଁରେ କୁହାଇଛନ୍ତି—

"ତାରୁ ପରମ ସାଧ୍ୱୀ ସେ ଜନକଦୁହିତା
ବଇକୁଣ୍ଠଗାମୀ ହୋଇଲେ ଦେବୀ ସୀତା ।
ସ୍ୱଦେହ ଘେନିଣ ମୁଁ ସ୍ୱର୍ଗକୁ ଗଲି
ସେତେବେଳେ ଏହିନେକ ଅବସ୍ଥା ନ ପାଇଲି ।
କଳ୍କି ଅବତାର ଯେ ହୋଇଲି କୁତୁହୋଲେ
କ୍ଷୀରପାନେ ବଢ଼ିଲି ଯେ ଗୋପାଳଙ୍କ ମେଳେ ।
ପରଦାରାରେ ପ୍ରମତ୍ତ ହୋଇଲି ବାଳକାଳୁ
ପରଦାରା ରମଣ ଆଦ୍ୟ ଗୋପୀଙ୍କର ମେଳୁ ।
ଅବକ୍ଷଣ ଶୃଙ୍ଗାରେ ମୁଁ ବଳାଇଲି ମତି
ବିଭିଣ ସହସ୍ର ଶତ ଅଷ୍ଟ ଉତ୍ତର ଯୁବତୀ । —ମୁଷଳୀ-ପର୍ବ

ଯୌନ ପବିତ୍ରତା ସମ୍ବଳିତ ଏକପତ୍ନୀ ବ୍ରତ ଉପରେ ଆଧାରିତ ଶୁଦ୍ଧ ନିର୍ମଳ ଦାମ୍ପତ୍ୟ ହେଉଛି ଉତ୍କଳୀୟ ଜାତୀୟ ଜୀବନର ଆଦର୍ଶ । ଏହି କଥାକୁ ଲକ୍ଷ୍ୟକରି କବି ଲେଖିଛନ୍ତି—

"କଳିହେ ଆୟୁ ତୁଟଇ କଲେ ବେନି ଭାର୍ଯ୍ୟା
ସତ୍ୟ କୀର୍ତ୍ତି ରହଇଟି କଲେ ଏକ ଭାର୍ଯ୍ୟା ।
ଅପାର ସ୍ତ୍ରିରୀ ହରିଲେ ଆୟୁ କ୍ଷୟ ଯାଇ
ଅପାର ହିଂସାରେ ଦେହ ପତନ ହୁଅଇ ।"

ଦମ୍ପତି ଜୀବନ ମଧ୍ୟ ସଂଯମଶାଣିତ ଓ ତପଃପୂତ ହେବା ବାଞ୍ଛନୀୟ ।

"ଚତୁର୍ଥ ଦିନେ ଯେ ଯାନ୍ତି ଯୁବତୀର ପାଶ
ଗୋ-ହତ୍ୟା ବ୍ରହ୍ମହତ୍ୟା ମାତୃହରଣ ଦୋଷ ।
ଶୁଦ୍ଧ ସ୍ନାନ କରନ୍ତେ ସ୍ତ୍ରିରୀ ପଞ୍ଚମ ଦିବସେ
ସେ ଦିନେ ଯିବେ ପୁରୁଷ ସ୍ତ୍ରିରୀଙ୍କର ପାଶେ ।"

ସାରଳାଙ୍କ ମତରେ ଏହାହିଁ ହେଉଛି ଗୃହସ୍ଥର ବ୍ରହ୍ମଚର୍ଯ୍ୟ । ସନ୍ନ୍ୟାସ ଏହାଠାରୁ ଉତ୍କୃଷ୍ଟ ବିବେଚିତ ହୋଇପାରେ; କିନ୍ତୁ ତାହା ସ୍ୱତଃସ୍ଫୂର୍ତ୍ତ ନ ହୋଇ ଇଚ୍ଛାକୃତ ଭାବରେ

ମଣିଷର ମନ ଉପରେ ଜୋର-ଜବରଦସ୍ତି କରି ଲଦି ଦିଆଗଲେ ପରିଣତି କଣ ହୁଏ, ଅମ୍ବା-ସ୍ତୁତିରେ ରେତ ସ୍ଖଳିତ ହୋଇ ମହାସତୀ ଭୀଷ୍ମଙ୍କର ଦେହ ନଷ୍ଟେଷ୍ଟ ହୋଇଯିବା ଘଟଣାରେ ସାରଳା ଦାସ ତାହା ଦର୍ଶାଇଛନ୍ତି ।

ପଞ୍ଚଦଶ ଶତାବ୍ଦୀବେଳକୁ ଉତ୍କଳରେ ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଏବଂ ବୌଦ୍ଧ ଆଦି ବିବିଧ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସମନ୍ୱୟ ସ୍ଥାପିତ ହୋଇ ଜଗନ୍ନାଥ ଉତ୍କଳୀୟ ଅଧ୍ୟାତ୍ମ୍ୟ ଜୀବନର ପ୍ରାଣକେନ୍ଦ୍ରରୂପେ ପ୍ରତିଷ୍ଠିତ ହୋଇସାରିଥିଲେ । ତେଣୁ ସାରଳା ଦାସ ମହାମାୟା କାତ୍ୟାୟନୀ ସାରଳା ଚଣ୍ଡୀଙ୍କର ପରମ ଭକ୍ତ ହୋଇ ମଧ୍ୟ ସର୍ବତ୍ର ଜଗନ୍ନାଥଙ୍କର ଜୟଗାନ କରିଅଛନ୍ତି । ମହାଭାରତ ଯୁଦ୍ଧର କର୍ଣ୍ଣଧାର ମହାଭାରତ ମହାକାବ୍ୟର ମହାନାୟକ ଶ୍ରୀକୃଷ୍ଣଙ୍କୁ ସେ ଜଗନ୍ନାଥଙ୍କ ସହିତ ଏକ ଏବଂ ଅଭିନ୍ନରୂପେ ଚିତ୍ରଣ କରିଛନ୍ତି । ତାହାଙ୍କ ମତରେ କଳି ଯୁଗରେ ଶ୍ରୀକୃଷ୍ଣ ନୀଳାଚଳ ଧାମରେ ଜଗନ୍ନାଥ ରୂପରେ ପୂଜା ପାଉଛନ୍ତି । ପରମ ଭକ୍ତ ଅକ୍ରୂରଙ୍କୁ ଏକାମ୍ର ତୀର୍ଥରେ ଯୋଗ ସାଧନା କରିବା ପାଇଁ ଉପଦେଶ ଦେବା ପ୍ରସଙ୍ଗରେ ଶ୍ରୀକୃଷ୍ଣ କହିଅଛନ୍ତି—

> "ଅକ୍ରୂର ବୋଇଲେ ହରି ଯାଉଅଛ ମୁହିଁ
> ପୁନରପି ଦରଶନ ତୋତେ ପାଇବହିଁ କାହିଁ ।
> ଶ୍ରୀକୃଷ୍ଣ ବୋଇଲେ ମଉଦଧିର ଉତ୍ତରେ ଯମନୀକ ତୀର୍ଥେ
> ନୀଳକଳ୍ପବଟେ ନୀଳସୁନ୍ଦର ପର୍ବତେ ।
> ସ୍ୱେ ପିଣ୍ଡ ଏହିଠାରୁ ଘେନିଯିବ ଯମ
> ତହିଁ ଯାଇ ଆସିବ ଯେ ଶ୍ରୀ ପୁରୁଷୋତ୍ତମ ।

× × ×

> ଏ ପିଣ୍ଡ ଆମ୍ଭର ଯେ ହୋଇବ ଦାରୁ ବ୍ରହ୍ମ
> ନୀଳ କନ୍ଦରେ ପୂଜା ପାଇବୁ ଚତୁର୍ଦ୍ଧା ରୂପେଣ
> ଇନ୍ଦ୍ରଦ୍ୟୁମ୍ନନ ରାଜା ପ୍ରାସାଦ ତୋଳାଇବ
> ଆମ୍ଭର ରୂପଗୋଟି ନେଇ ବିଜେ କରାଇବ ।
> ତହିଁ ରୁ ପ୍ରତକ୍ଷେ ଦେଖିବୁ ମୋର ରୂପ
> ଦରଶନେ ଖଣ୍ଡିବୁ ରୁ କୋଟିଜନ୍ମ ପାପ ।"

ସାରଳା ମହାଭାରତ ବର୍ଣ୍ଣିତ ନୀଳାଚଳ ଧାମରେ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ସମ୍ବନ୍ଧୀୟ ଯାବତୀୟ ଘଟଣାର ପ୍ରାସଙ୍ଗିକତା ଏହି ଦୃଷ୍ଟିରୁ ବିଚାର୍ଯ୍ୟ । ଉତ୍କଳରେ ଶୈବଧର୍ମ ଓ ବୈଷ୍ଣବଧର୍ମ ବିଭିନ୍ନ ସମୟରେ ପ୍ରାଧାନ୍ୟ ଲାଭ କରିଥିଲେ ମଧ୍ୟ ପଞ୍ଚଦଶ ଶତାବ୍ଦ ସୁଦ୍ଧା ଏହି ଦୁଇ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇସାରିଥିଲା । ଯମନୀକ ତୀର୍ଥ ଉପାଖ୍ୟାନ, ଗୋମୁଖୀ କେଶବ କଥା, ହରିହର ଓ ଲକ୍ଷ୍ମୀ ପାର୍ବତୀ ସମ୍ବାଦ ଏହି ସମନ୍ୱୟର ଫଳ ବୋଲି

ମନେହୁଏ । ସାରଳା ଦାସଙ୍କ ସମସାମୟିକ ଯୁଗର ଧର୍ମଧାରଣା ଓ ଆଧ୍ୟାତ୍ମ ସାଧନାରେ ଯୋଗ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଏ ଯୋଗ ହେଉଛି ମତ୍ସ୍ୟେନ୍ଦ୍ରନାଥ ଓ ଗୋରଖନାଥ ପ୍ରଭୃତି ନାଥ ଯୋଗୀମାନଙ୍କଦ୍ୱାରା ପ୍ରଚଳିତ ହଠଯୋଗ । ସାରଳା ମହାଭାରତରେ ଏହାର ନାମ ହେଉଛି ଶିଶୁବେଦ ବା ସୁଷୁମ୍ନା ବେଦ । ସାରଳା ଦାସ ଏହାକୁ ପଞ୍ଚମ ବେଦର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି । ତାହାଙ୍କ ମତରେ ମୁକ୍ତିର ଏକମାତ୍ର ଉପାୟ ହେଉଛି ବ୍ରହ୍ମଜ୍ଞାନ ଏବଂ ବ୍ରହ୍ମଜ୍ଞାନର ମୁଖ୍ୟ ସାଧନ ହେଉଛି ଯୋଗ । ପରମଭକ୍ତ ଅକ୍ରୂରଙ୍କୁ ଏକାମ୍ର ତୀର୍ଥରେ ଯୋଗ ସାଧନା କରିବାପାଇଁ ପରାମର୍ଶ ଦେଇ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି—

"ଲିଟକେଶ୍ୱର ଲିଙ୍ଗ ବୋଲି ଅଛଇ ଗହନ ଅଟବୀ
ତହିଁ ଯାଇ ନିଜ ଥାନେ ଯୋଗ ସାଧନ କର ବାବା ।
ଦେହସିଦ୍ଧି ହୋଇଲେ ସେ ବଇକୁଣ୍ଠ ପୁର ଯାଇ
ନୋହିଲେ କେବେହେଁ ଯେ ମୁକତି ବାଟ ନାହିଁ । —ମୂଷଳୀ-୬

ସାରଳା ମହାଭାରତ ବର୍ଣ୍ଣିତ ବିଭିନ୍ନ ଦେବଦେବୀ ଓ ଚରିତ୍ରମାନଙ୍କର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ସେମାନଙ୍କର ଯୋଗଜ୍ଞାନ । ସେ କାଳରେ ବୌଦ୍ଧ ସହଜଯାନ ଓ ବଜ୍ରଯାନ ପ୍ରବର୍ତ୍ତିତ ପ୍ରବୃତ୍ତି ମାର୍ଗର ପ୍ରତିକ୍ରିୟା ସ୍ୱରୂପ ଶୈବାଗମ ପ୍ରଭାବିତ ମତ୍ସ୍ୟେନ୍ଦ୍ରନାଥ ଓ ଗୋରଖନାଥ ଆଦି ନାଥପନ୍ଥୀ ଯୋଗୀମାନଙ୍କ ଯୋଗମୂଳକ ନିବୃତ୍ତିମାର୍ଗ ଉତ୍କଳୀୟ ଜନତାର ଚିତ୍ତ ଆକର୍ଷଣ କରିବାରେ ସମର୍ଥ ହୋଇଥିଲା । ସେଥିପାଇଁ ସାରଳା ଦାସ ଇତିହାସର କାଳଗତ ପ୍ରମାଦ ପ୍ରତି ଭ୍ରୂକ୍ଷେପ ନକରି ମହାଭାରତ ସଭାପର୍ବରେ ଏକାଦଶ ଶତାବ୍ଦୀର ଗୋରଖନାଥଙ୍କ ସହିତ ନକୁଳଙ୍କର ଭେଟ କରାଇଛନ୍ତି ।

"ଗୋରେଖ ବୋଇଲେ ଶୁଣସି ଆରେ ପୁତା
ଆମ୍ଭେ ସେ ପଣ୍ଡିତ ହୋ ଗୋରେଖ ଅବଧୂତା
ଅନାଦିନାଥେ ଅଟନ୍ତି ସେ ନିରଞ୍ଜନ ଗୋତ୍ରୀ
ତାହାଙ୍କର ନନ୍ଦନ ଯେ ମସ୍ତ୍ରଇନ୍ଦ୍ର ନାମେ ଯତି,
ମସ୍ତ୍ର ଇନ୍ଦ୍ର ନାଥଙ୍କର ଆମ୍ଭେ ଅଟୁ ପୁତା
ଆମ୍ଭେ ସେ ପଣ୍ଡିତ ହୋ ଗୋରେଖ ଅବଧୂତା ।"

ନକୁଳଙ୍କର ଅନୁରୋଧରେ ଗୋରଖନାଥ ତାଙ୍କୁ ଯୋଗ ସାଧନ ପ୍ରଣାଳୀ ଶିକ୍ଷା ଦେଇଛନ୍ତି । ବିରାଟ ପର୍ବରେ ମତ୍ସ୍ୟ ଦେଶରେ ବିରାଟ ରାଜାଙ୍କର ଅଭିଷେକ ପ୍ରସଙ୍ଗ ବର୍ଣ୍ଣନା ଅବସରରେ ସାରଳାଦାସ ମତ୍ସ୍ୟେନ୍ଦ୍ର ନାଥଙ୍କର ଯେଉଁ ଚିତ୍ର ଅଙ୍କନ କରିଅଛନ୍ତି, ତାହା ଆହୁରି ମନୋଜ୍ଞ ଓ ଉଜ୍ଜ୍ୱଳ ହୋଇଅଛି ।

"ପାଷାଣ ରୂପେ ବିଜୟେ ମସ୍ତ୍ରଇନ୍ଦ୍ର ନାଥେ
ବିରାଟ କରି ଯେନ କାଞ୍ଚିକ ହୋଇଲେ ପ୍ରଣିପତ୍ୟେ

ଜୟତୁ ମତ୍ସ୍ୟଇନ୍ଦ୍ରନାଥ ପ୍ରତକ୍ଷେ ମୀନରୂପୀ
କଣ୍ଠିତ ଅବଲୋକନେ ସପତ ବ୍ରହ୍ମାଣ୍ଡ ବ୍ୟାପି ।
ଅକାରଣକୁ କାରଣ ଶୂନ୍ୟ ପବନବେତ୍ତା
ସାଧନ ପୁରୁଷନାଥ ଜୟତୁ ଅବଧୂତା ।
ଶୂନ୍ୟ ଆସନେ ସ୍ୱାମୀ କୋଟି ବ୍ରହ୍ମାଣ୍ଡ ଘୋଟି
ଶତଉରଶି ମୁଦ୍ରାୟେ ଯେ ସମୟେକ ବ୍ୟାପି
ଉଜାଣି ପବନ ଦେବ ବୁଡ଼ାଇଲୁ ପଞ୍ଚମୁଦ୍ରା
ପବନ ହେଠାଇଣ ଅବ୍ୟକତ କଲୁ ସିଦ୍ଧା ।
ଅନନ୍ତ ସିଦ୍ଧ ଯେ ତୁମ୍ଭେ ମତ୍ସ୍ୟଇନ୍ଦ୍ର ନାଥେ
ଯାହାର ଲୟେ କୋଟି କଳ୍ପ ପରଯନ୍ତେ । —ବିରାଟ-୮

ବିଭିନ୍ନ ସ୍ତୁତି ଓ ବନ୍ଦନା ବ୍ୟତୀତ ବିବିଧ ଘଟନା ଓ ଉପାଖ୍ୟାନ ମାଧ୍ୟମରେ ଯୋଗ ସାଧନା ପ୍ରଣାଳୀର ଯେଉଁ ମନୋଜ୍ଞ ଆଲେଖ୍ୟ ସାରଳା ଦାସ ପ୍ରଦାନ କରିଅଛନ୍ତି, ତହିଁରୁ ତାହାଙ୍କ ଅପୂର୍ବ କଳାକୁଶଳତାର ପରିଚୟ ମିଳେ । ଏହା ଫଳରେ ସେହିସବୁ ଘଟନା, ଚରିତ୍ର ଓ ଉପାଖ୍ୟାନ ଏକ ନୂତନ ଅର୍ଥରେ ଦୀପ୍ତିମନ୍ତ ହୋଇ ଉଠିଛି । ବନପର୍ବରେ ଧର୍ମବକ ଓ ଯୁଧିଷ୍ଠିରଙ୍କ ପ୍ରଶ୍ନୋତ୍ତର ଏହାର ଏକ ପ୍ରକୃଷ୍ଟ ଉଦାହରଣ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତ୍ରିଭୁବନରେ କେତୋଟି ଦ୍ୱାର ଅଛି ବୋଲି ଧର୍ମବକ ପଚାରିବାରେ ଯୁଧିଷ୍ଠିର କହୁଛନ୍ତି—

"ଯୁଧିଷ୍ଠିର ଦେବେ ବୋଇଲେ ଧର୍ମବକ ଆଗର
ସଚରାଚର ମଧ୍ୟରେ ଅଟଇ ଦଶଦ୍ୱାର ।
ନବଦ୍ୱାର ଆତଯାତ ଦ୍ୱାରେକ ଅଛଇ ଗୋପ୍ୟ
ଏମନ୍ତ ବୋଲି କହିଲେ ଯୁଧିଷ୍ଠିର ଦେବ ନୃପ ।"

ଦୁଇ ଆଖି, ଦୁଇ କାନ, ଦୁଇ ନାକପୁଡ଼ା, ମୁଖ, ଉପସ୍ଥ ଓ ଗୁହ୍ୟଦ୍ୱାର, ଏହାହିଁ ମଣିଷ ଶରୀରରୂପକ ତ୍ରିଭୁବନର ନବଦ୍ୱାର । ମସ୍ତକସ୍ଥିତ ବ୍ରହ୍ମରନ୍ଧ୍ର ହେଉଛି ଦଶମଦ୍ୱାର । ଏହା ଅଦୃଶ୍ୟ, ଏହି ଦଶଦ୍ୱାର ରୁଦ୍ଧକରି ଯୋଗ ସାଧନା କରିବାକୁ ହୋଇଥାଏ । ଧର୍ମବକ କାଳର ସ୍ୱରୂପ ବୁଝାଇ କହିବାକୁ ଯୁଧିଷ୍ଠିରଙ୍କୁ ନିର୍ଦ୍ଦେଶ କରିବାରୁ ଯୁଧିଷ୍ଠିର କହୁଛନ୍ତି—

"କାଳ ବୋଲିଣ ହୋଦେ ଯେଉଁଣ ପୁରୁଷ ବିଗ୍ରହ
ଅକ୍ଷୟ ଅବ୍ୟୟ ଅବିକାର ଅଣାକାର ।
ଷଡ଼ ପଦ୍ମ ପରେ ତ୍ରିବେଣୀ ସଙ୍ଗମ
ନାସିକା ଚକ୍ଷୁ ମଧ୍ୟରେ କର ହୋ ସନ୍ଧାନ ।
ସେ କର୍ମ ପୁରୁଷକୁ ଭେଟିବ ବୁଦ୍ଧିବଳେ
ଅଜପା ଲୟେ କରିଣ ବସିବ ନିଶ୍ଚଳେ ।

ମହା ଅନନ୍ତ ଶିରଶିଖରେ ମଣି ଆସନ
ବିଂଶ ଦ୍ୱାଦଶ, ଷୋଡଶ ଦୁଇ ଦଳେନ
ନଯାଇ, ନଥାଇ, ନାଶ ନାହିଁ ଉଦେ ଅସ୍ତ
ନାହିଁ ନିଦ୍ରା ମଇଥୁନ ନାହିଁ ଧିବା ସ୍ତ୍ର ।"—ବନ-୩୪୦

ମୂଳ ସଂସ୍କୃତ ମହାଭାରତରେ ଏସବୁ କିଛି ନାହିଁ । ସାରଳା ଦାସ ଅଦ୍ଭୁତ କଳ୍ପନା-ଶକ୍ତିବଳରେ ଉତ୍କଳୀୟ ଯୋଗ ସାଧନା ପ୍ରଣାଳୀକୁ ମହାଭାରତର ବିଷୟ ସହିତ ଯୋଡ଼ି ଦେଇଛନ୍ତି । ଏହାର ଅନ୍ୟ ଏକ ମନୋଜ୍ଞ ଉଦାହରଣ ହେଉଛି ଭୀମଙ୍କ ଅନ୍ନ ଚୋରିକରି ଖାଇବା ଘଟନା । ଓଡ଼ିଆ ଘରର ସବୁ ପିଲାଙ୍କ ପରି ଥରେ ଭୀମ ଦେବତାଙ୍କୁ ନିବେଦିତ ହେବା ପୂର୍ବରୁ ପାକାନ୍ନ ଭୋଜନ କରି ମାରି କରିଦେବାରୁ ପଣ୍ଡୁ ତାଙ୍କୁ ଉପଯୁକ୍ତ ଶାସ୍ତି ଦେବା ଉଦ୍ଦେଶ୍ୟରେ ଗୋଟିଏ ଖଣ୍ଡା ଧରି ହାଣିବାକୁ ଗୋଡାଇଲେ । ଏହି ସମୟରେ ଅଗ୍ନି ବ୍ରାହ୍ମଣବେଶରେ ସେଠାରେ ଉପସ୍ଥିତ ହୋଇ ପଣ୍ଡୁଙ୍କୁ ଏହି କ୍ରୂର କର୍ମରୁ ନିବୃତ୍ତି କରାଇଲେ ଏବଂ ପଣ୍ଡୁଙ୍କ ଯୁକ୍ତିର ଅସାରତା ପ୍ରତିପାଦନକରି ତାଙ୍କୁ ଯୋଗଶାସ୍ତ୍ରର ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱ ସମ୍ବନ୍ଧରେ ଉପଦେଶ ଦେଲେ । ଅଗ୍ନି କହିଲେ ଯେ ମନୁଷ୍ୟର ଏହି ଶରୀର ହେଉଛି ତ୍ରିଭୁବନ ଏବଂ ତେତିଶ କୋଟି ଦେବତା ମନୁଷ୍ୟ ଦେହରେହିଁ ବାସକରନ୍ତି ।

"ତୁ ଯେ ବୋଇଲୁ ମୁଁ ଦେବତାଙ୍କୁ ଦିଅଇ ଅନ୍ନ
ଶରୀରେ ସେ ଥାନ୍ତି ନା ସମସ୍ତ ଦେବତାମାନ ।
ନାଭିଠାରୁ ଉପରକୁ ତାଳୁ ବ୍ରହ୍ମଦ୍ୱାର ଯାକେ
ସେଥିଁ ଭୋଗ କରନ୍ତି ତେତିଶ କୋଟି ଦେବଲୋକେ ।
ପିତୃ ଦାଇବତ ପୁରୁଷ ବସନ୍ତି ନାଭିମଣ୍ଡଳ ମାଝି
ସଂକଳ୍ପ ଉଦେକ ଅନ୍ନେ ସେହୁ ଯା'ନ୍ତି ରୁଣ୍ଡି ।
ତିନ ଉଦ୍ଭିଡ଼ରେ ଆକାଶକୁ ଉକାଣି
ଧାରୁ ଭେଦି ତଳକୁ ବହଇ ନବଝର ପାଣି ।
ଉପରକୁ ବହଇ ଧାରେ ତଳକୁ ବହଇ ଧାରେ
ଆଗକୁ ବହଇ ଧାରେ ଧାରେକ ପଡଇ ଆକାଶରେ ।"

ଏକ ଚଉ-ଚମତ୍କାରକାରୀ ମନୋଜ୍ଞ କାହାଣୀ ମାଧ୍ୟମରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱଭଳି ଯୋଗ ସାଧନା ବିଷୟକ କଠିନ ତତ୍ତ୍ୱର ପରିବେଷଣ ସାରଳା ଦାସଙ୍କ ଅନନ୍ୟ କବିପ୍ରତିଭାର ପରିଚାୟକ ।

ବୌଦ୍ଧଧର୍ମର ଚରମ ଅଧୋଗତି କାଳରେ ବୌଦ୍ଧ ମହାଯାନରୁ ବଜ୍ରଯାନ ଓ ସହଜଯାନର ବିକାଶ ହୋଇ ନେପାଳ, ତିବ୍ବତ ଏବଂ ଉତ୍ତର-ପୂର୍ବ ଭାରତରେ ବିଶେଷ ପ୍ରସାର ଲାଭକରିଥିଲା । ସହଜଯାନର ପ୍ରଧାନ ବିଶେଷତ୍ୱ ହେଉଛି ଯେ ଏଥିରେ ଯୌନ-ଚର୍ଯ୍ୟାକୁ ଧର୍ମସାଧନାର ମାଧ୍ୟମରୂପେ ଗ୍ରହଣ କରାଯାଇଥାଏ । ଏହାର ପରିଣାମରେ ଯେଉଁ

ଅଦ୍ୱୟ ସହଜାନନ୍ଦ ବା ମହାସୁଖ ଜାତହୁଏ, ତାହାହିଁ ମୁକ୍ତି ବା ନିର୍ବାଣ ନାମରେ ପରିଚିତ ହୋଇଥାଏ । କାଳକ୍ରମେ ବୌଦ୍ଧ ସହଜଯାନ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମକୁ ମଧ୍ୟ ପ୍ରଭାବିତ କଲା । ସହଜଯାନ ପ୍ରବର୍ତ୍ତିତ ଯୌନ ସ୍ୱୈରାଚାରର ଓ ତାହାର ବିପଜ୍ଜନକ ପରିଣତିରୁ ସମାଜକୁ ରକ୍ଷା କରିବା ପାଇଁ ବୈଷ୍ଣବ ଧର୍ମରେ କେବଳ ତତ୍ତ୍ୱଭାବରେ ପରକୀୟା ପ୍ରେମର ଉପଯୋଗିତାକୁ ସ୍ୱୀକାର କରିନିଆଗଲା । ଏବେ ପ୍ରମାଣ ମିଳୁଛି ଯେ ବଜ୍ରଯାନ ଓ ସହଜ-ଯାନର ପ୍ରଧାନ ଗ୍ରନ୍ଥ ବୌଦ୍ଧ 'ଚର୍ଯ୍ୟାପଦ'ର କେତେକ ଗାନ ଭୁସୁକ ପାଦ, ଲୁଇପାଦ ଓ କାହ୍ନୁପାଦ ଆଦି ଓଡ଼ିଆ ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ରଚିତ ହୋଇଥିଲା । ଯାଜପୁରଠାରୁ ସମ୍ବଲପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ସହଜଯାନ ଓ ତାହା ସହିତ ସଂଶ୍ଳିଷ୍ଟ ଉଡ୍‌ଡ଼ିୟାନ (ଉଡ୍‌ଯାନ)ର ପ୍ରସାର ଘଟିଥିଲା ବୋଲି କୁହାଯାଏ । କୋଣାର୍କ ମନ୍ଦିରରେ ଯେଉଁ ସବୁ ଅଶ୍ଳୀଳ ମୂର୍ତ୍ତି ଖୋଦିତ ହୋଇଛି, ତାହା ସହଜଯାନ-ପ୍ରଭାବିତ ହିନ୍ଦୁ ତାନ୍ତ୍ରିକ ମତବାଦର ପରିଣାମ ବୋଲି କେତେକ କହନ୍ତି । ସେ ଯାହାହେଉ କଠୋର ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଉତ୍କଳୀୟ ସାମାଜିକ ଜୀବନଧାରା ତଥା ଅଧ୍ୟାତ୍ମ ସାଧନା କ୍ଷେତ୍ରରେ ବଜ୍ରଯାନ ବା ସହଜଯାନ କୌଣସି ପ୍ରଭାବ ବିସ୍ତାର କରିପାରିନଥିଲା । ସାଧାରଣ ଜୀବନରେ ଏହାର ବିପଜ୍ଜନକ ପରିଣାମ ପ୍ରତି ଲକ୍ଷ୍ୟରଖି ସାରଳା ଦାସ ଏହାକୁ ଲୋକଚକ୍ଷୁରେ ଘୃଣ୍ୟ ଓ ନିନ୍ଦିତ ବୋଲି ପ୍ରତିପାଦନ କରାଇବା ଉଦ୍ଦେଶ୍ୟରେ ତାହାଙ୍କ ମହାଭାରତରେ କେତେକ ଉପାଖ୍ୟାନର ଅବତାରଣା କରିଅଛନ୍ତି । ପୂର୍ବବର୍ଣ୍ଣିତ ଖଳନକାର ଉପାଖ୍ୟାନରେ ସାରଳା ଦାସ ସହଜଯାନ ପ୍ରବର୍ତ୍ତିତ ଯୌନ ଭ୍ରଷ୍ଟାଚାରର ବିରୁଦ୍ଧରେ ଖଡ୍‌ଗ ଉତ୍ତୋଳନ କରିଛନ୍ତି । ଏଥି ସହିତ ସମ୍ପୃକ୍ତ ବୃଦ୍ଧା ଦୂତୀର ନାମ ସହଜ ସୁନ୍ଦରୀ ରଖାଯିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଗଳ୍ପର ଉପସଂହାରରେ କବି ଜନସମାଜକୁ ଚେତାବନୀ ଶୁଣାଇ କହୁଛନ୍ତି :

"ପରଦାରା ସ୍ତ୍ରୀରା ଯେ ଅମୃତ ତହୁଁ ସୁଆଦ
ଏବେ ସେ ଜାଣିଲି ପରଦାରା ପରମାଦ ।
ନାରାୟଣ ବିରସ ଯେ ହୋଇଲେ ଏସନେ
ପରଦାରାକୁ ନବଢ଼ି ସଂସାର ଜନମାନେ ।
କାମାକ୍ଷୀ ସୁମରି ନରେ କାମ କଷ୍ଟ ଛାଡ଼ୁ
ସ୍ୱ ଦାରା ଇଚ୍ଛାକରି ସଂସାର ନପଡ଼ୁ ।" (ଆଦି-୫୭୭)

ଭୀଷ୍ମପର୍ବ ବର୍ଣ୍ଣିତ ଶୁକ୍ରରାଜା ଉପାଖ୍ୟାନରେ ମଧ୍ୟ ସାରଳା ଦାସ ସହଜଯାନ ପ୍ରବର୍ତ୍ତିତ ଯୌନ ସ୍ୱୈରାଚାରର ପ୍ରତି ତୀବ୍ର କଟାକ୍ଷପାତ କରିଅଛନ୍ତି ।

"ମେରୁନାଭି ଖଣ୍ଡରେ ମନ୍ଦର ବୋଲି ଗ୍ରାମ
ବଇଶ୍ୟାନର ବୋଲି ଏକ ବଶ୍ୟର ଯେ ନାମ ।

ସେ ବିଭୀଷଣଙ୍କ ଭାର୍ଯ୍ୟା ନାମ ସେ ମାଳତୀ
ଅତିଅନ୍ତ ସୁନ୍ଦରୀ ସତୀ ସେ ସ୍ୱାମୀରେ ଭଗତି ।
ବିଭୀଷଣଙ୍କ ଭାର୍ଯ୍ୟାର ପାକାଶୁଦ୍ଧି କାଳେ
ସ୍ନାନ ନିମିତ୍ତରେ ଗଲା ପଦ୍ମତୋଳା ଜଳେ ।
ସ୍ନାନକୁ ସାରିଣ ବାଳୀ ବାହୁଡ଼ି ଆସଇ
ବେଳ ଅବସାନ ହୋଇ ସନ୍ଧ୍ୟା ପ୍ରକାଶଇ ।
ସେହି ପଦ୍ମତୋଳା କୂଳେ ସହଜ ବନରେ
ତହିଁର ଭିତରେ ବାଳୀ ଯାଏ ଏକାକୀରେ ।
ବିଶ୍ୱକ୍‌ସେନ ବୋଲିଣ ସେ ଏକ ଶୂଦ୍ରଜାତି
ସେ କନ୍ୟାକୁ ବଳାତ୍କାରେ ଧରେ ପାପମତି ।"

ପରେ ମାଳତୀର ଆହ୍ୱାନକ୍ରମେ ଶ୍ରୀରାମଚନ୍ଦ୍ରଙ୍କ ପ୍ରେରିତ ଶରଦ୍ୱାରା ବିଶ୍ୱକ୍‌ସେନର ଜନନେନ୍ଦ୍ରିୟ ଛିନ୍ନ କରାଯାଇ ତା ପାପର ଉପଯୁକ୍ତ ଦଣ୍ଡବିଧାନ କରାଯାଇଥିଲା । ଏହି ଉପାଖ୍ୟାନରେ 'ସହଜବନ'ର ଉଲ୍ଲେଖ ଏବଂ ତତ୍ପରବର୍ତ୍ତୀ ଘଟଣାରୁ ସହଜିୟା ଧର୍ମପ୍ରତି କବିଙ୍କର ଆକ୍ଷେପ ସୁସ୍ପଷ୍ଟ । ଉଦ୍‌ଯୋଗ ପର୍ବବର୍ଣ୍ଣିତ 'ଭାରଦା' ଉପାଖ୍ୟାନରେ କେତେକ ଅଞ୍ଚଳରେ ପ୍ରଚଳିତ ଯୌନ ବିକୃତି ଓ ମାତୃସ୍ଥାନତାର କଠୋର ସମାଲୋଚନା କରାଯାଇଛି ।

ସଂସ୍କୃତ-ମହାଭାରତ ଓ ସାରଳା ମହାଭାରତ ମଧ୍ୟରେ ବୈଷମ୍ୟର ଅନ୍ୟ ଏକ କାରଣ ହେଉଛି ପ୍ରକ୍ଷେପ । ସାରଳାଙ୍କ କାଳରୁ ଆଜ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚଶହ ବର୍ଷ ମଧ୍ୟରେ ଅନୁଲେଖକ ଓ ଛାପାକାରମାନେ ଏଥିରେ ବହୁ ନୂତନ ବିଷୟ ନିଜ ମନରୁ ଯୋଡ଼ି ଦେଇଛନ୍ତି । କେତେକ ସ୍ଥଳରେ ମୂଳ ବିଷୟକୁ କାଞ୍ଚନ୍ତି ପରିବର୍ତ୍ତନ ମଧ୍ୟ କରିଦେଇଛନ୍ତି । ଏହି ପ୍ରକ୍ଷେପ ଓ ଆଂଶିକ ପ୍ରକ୍ଷେପ ସମୂହକୁ ବାଛି ବାହାରକରିବା ଏକ ସୁକଠିନ କାର୍ଯ୍ୟ । ଏଠାରେ ସ୍ମରଣ ରଖିବା ଉଚିତ- ଯେ ସାରଳା ମହାଭାରତ ମୂଳ ମହାଭାରତଠାରୁ ବହୁଲାଂଶରେ ଭିନ୍ନ ହେଲେହେଁ, ଏହାର ବସ୍ତୁବିନ୍ୟାସରେ ଯଥେଷ୍ଟ ଶୃଙ୍ଖଳା ଏବଂ ସଂହତି ରହିଅଛି । କବି ଏପରି କୌଣସି ବିଷୟବସ୍ତୁର ଅବତାରଣା କରିନାହାନ୍ତି, ଯାହା ମୂଳକଥା ବସ୍ତୁ ସହିତ ସମ୍ପୂର୍ଣ୍ଣ ସମ୍ପର୍କ ଓ ସଂଗତିବର୍ଜିତ; କିନ୍ତୁ ବର୍ତ୍ତମାନ ମିଳୁଥିବା ଛାପା ପୁସ୍ତକ ଓ ପୋଥିମାନଙ୍କରେ ଏପରି କେତେକ ବିଷୟ ଅଛି, ଯାହାର ବର୍ଣ୍ଣନୀୟ ବସ୍ତୁ ସହିତ କୌଣସି ସମ୍ବନ୍ଧ ବା ସଙ୍ଗତି ନାହିଁ । ମଧ୍ୟପର୍ବରେ ସୁଭଦ୍ରାହରଣ ଉପାଖ୍ୟାନ ମଝିରେ କୌଣସି ପ୍ରୟୋଜନୀୟତା ନଥାଇ ପୂର୍ବାପର ସମ୍ବନ୍ଧ ବର୍ଜିତ ଭାବରେ ହଠାତ୍ ଲକ୍ଷ୍ମୀ-ପାର୍ବତୀ ସମ୍ବାଦର ଅବତାରଣା ଯେପରି କରାଯାଇଛି, ତହିଁରୁ ମନେହୁଏ ଶୈବଧର୍ମର ଶ୍ରେଷ୍ଠତା ପ୍ରତିପାଦନ ନିମିତ୍ତ କୌଣସି ଅନୁଲେଖକଙ୍କଦ୍ୱାରା ସାରଳାଙ୍କ ପରବର୍ତ୍ତୀ କାଳରେ ଏହା ସଂଯୋଜିତ ହୋଇଅଛି । ମଧ୍ୟପର୍ବ ଦ୍ୱିତୀୟ ଖଣ୍ଡ ବର୍ଣ୍ଣିତ ନକୁଳଙ୍କର କୁନ୍ତ ମୂନରେ ପୃଥିବୀ ଧାରଣ

ବୃତ୍ତାନ୍ତ ବନ୍ଧୁ ତାଳପତ୍ର ପୋଥିରେ ଦୃଷ୍ଟ ହୁଏ ନାହିଁ । ତେଣୁ ଏହାକୁ ପରବର୍ତ୍ତୀ କାଳର ପ୍ରକ୍ଷେପ ବୋଲି ମନେ କରାଯାଇଥାଏ । ଆଦିପର୍ବ ବର୍ଣ୍ଣିତ ସାରଳା ଚରିତ ଏବଂ ବନପର୍ବ ବର୍ଣ୍ଣିତ ଦାତାକର୍ଣ୍ଣ ଉପାଖ୍ୟାନ ମଧ୍ୟ ପ୍ରକ୍ଷିପ୍ତ ବୋଲି ଅନେକଙ୍କର ମତ । ଭୀଷ୍ମପର୍ବ ବର୍ଣ୍ଣିତ ପ୍ରହ୍ଲାଦ ଚରିତ ଆଂଶିକ ପ୍ରକ୍ଷେପର ଏକ ଉଦାହରଣ ।

ବସ୍ତୁବିନ୍ୟାସ ଦୃଷ୍ଟିରୁ ସାରଳା ମହାଭାରତକୁ ଏକ ସୁପରିକଳ୍ପିତ ଓ ସୁବିନ୍ୟସ୍ତ କଳାସୌଧ ସଙ୍ଗେ ତୁଳନା କରାଯାଇପାରେ । ଏକ ମହାଦ୍ରୁମ ଶାଖା-ପ୍ରଶାଖା ମେଲାଇ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେବାପରି ସାରଳା ମହାଭାରତର କଳେବର ବହୁକଥା ଓ ଉପକଥା-ଦ୍ୱାରା ପରିପୁଷ୍ଟ ହୋଇଥିଲେହେଁ କଥାବସ୍ତୁର ମୂଳପ୍ରବାହରୁ ଏହା କୌଣସିଠାରେ ବିଚ୍ଛିନ୍ନ ହୋଇନାହିଁ । କଥାବସ୍ତୁର ବିଶାଳ ଅରଣ୍ୟ ମଧ୍ୟରେ ପାଠକ ବା ଶ୍ରୋତା ଯେପରି ପଥହରା ହୋଇ ନଯାଏ, ସେଥିପାଇଁ କବି କୌଶଳର ସହିତ ବର୍ଣ୍ଣନୀୟ ବସ୍ତୁର ପୂର୍ବାଭାସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପୂର୍ବକଥିତ ବସ୍ତୁର ପୁନରାବୃତ୍ତି ମଧ୍ୟ କରିଛନ୍ତି । ସାରଳା ମହାଭାରତ ମୁଖ୍ୟତଃ ଶ୍ରୋତାମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସାରଳା ଦାସ ବସ୍ତୁବିନ୍ୟାସର ଏହି ରୀତି ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ସ୍ଥଳବିଶେଷରେ ଉପସ୍ଥାପନାର ଅଭିନବତ୍ୱ ଓ ଚମତ୍କାରିତା ମୂଳଗ୍ରନ୍ଥକୁ ମଧ୍ୟ ଅତିକ୍ରମ କରିଯାଇଛି ।

**ଚରିତ୍ରଚିତ୍ରଣ :**

ଚରିତ୍ରଚିତ୍ରଣ କାବ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ । ଯଥାର୍ଥରେ ଚରିତ୍ରଚିତ୍ରଣର ବାସ୍ତବତା, ମନୋହାରିତା, ମନସ୍ତାତ୍ତ୍ୱିକ ଗମ୍ଭୀରତା ଓ ସାର୍ବଜନୀନତା ଉପରେ କାବ୍ୟର ସ୍ଥାୟିତ୍ୱ ନିର୍ଭରଶୀଳ । ସହସ୍ର ସହସ୍ର ବର୍ଷ ପୂର୍ବେ ରଚିତ ହୋଇଥିଲେ ହେଁ ରାମାୟଣ ଓ ମହାଭାରତର ଚରିତ୍ରାବଳି ଆଜି ମଧ୍ୟ ଆମ ପ୍ରାଣକୁ ଅଭିଭୂତ କରିଥାଏ । ଚରିତ୍ର ଚିତ୍ରଣରେ ସାରଳା ଦାସଙ୍କ କୃତିତ୍ୱ ଅତୁଳନୀୟ । ତାହାଙ୍କ ସୃଷ୍ଟ ଚରିତ୍ରଗୁଡ଼ିକ ସଂସ୍କୃତ ମହାଭାରତ ବର୍ଣ୍ଣିତ ଚରିତ୍ରର ଅନ୍ଧ ଅନୁକୃତି ନୁହେଁ । ପ୍ରତ୍ୟେକ ଚରିତ୍ରର ସ୍ୱକୀୟ ବୈଶିଷ୍ଟ୍ୟ ଓ ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଅଛି । ସାରଳା ମହାଭାରତର ଚରିତ୍ରଗୁଡ଼ିକ ଉତ୍କଳୀୟ ଜନମାନସକୁ ଯେପରି ଗଭୀର ଭାବରେ ପ୍ରଭାବିତ କରିଅଛି, ଅନ୍ୟ କୌଣସି ଓଡ଼ିଆ କାବ୍ୟ ପକ୍ଷରେ ତାହା ସମ୍ଭବପର ହୋଇନାହିଁ । ଏହାର ପ୍ରମାଣ ହେଉଛି ସାରଳା ମହାଭାରତର ଚରିତ୍ରଚିତ୍ରଣ ଉପରେ ଆଧାରିତ ପ୍ରବଚନ ଓ ଆପ୍ତବାକ୍ୟ ସମୂହ । 'ପହିଲି ବାଜି ଭୀମ ହାରେ', 'ଭୀମ ବଳ କୋଇନ୍ତାଙ୍କୁ ଜଣା' ଇତ୍ୟାଦି ବାକ୍ୟ ଉଚ୍ଚାରଣ କରିବା ମାତ୍ରେ ଭୀମ ଚରିତ୍ରର ଏକ ପ୍ରୋଜ୍ଜ୍ୱଳ ଆଲେଖ୍ୟ ପାଠକର ଦୃଷ୍ଟି ସମକ୍ଷରେ ଉଦ୍ଭାସିତ ହୋଇଉଠେ ।

**ଯୁଧିଷ୍ଠିର :**

ସାରଳା ମହାଭାରତର ଚରିତ୍ରମାନଙ୍କ ମଧ୍ୟରେ ଯୁଧିଷ୍ଠିର ଚରିତ୍ର ସର୍ବୋତ୍କୃଷ୍ଟ ବୋଲି ମନେହୁଏ । ଯଥାର୍ଥରେ ଯୁଧିଷ୍ଠିରହିଁ ସାରଳା ମହାଭାରତର ନାୟକ । ପଶା ଖେଳିବାପାଇଁ

ଯୁଧିଷ୍ଠିରଙ୍କ ନିଷ୍ପତ୍ତିରୁ ମହାଭାରତର ମୂଳ-କଥାବସ୍ତୁର ଆରମ୍ଭ ଏବଂ ଯୁଧିଷ୍ଠିରଙ୍କ ସ୍ୱର୍ଗାରୋହଣରେ ମହାଭାରତ ମହାକାବ୍ୟର ପରିସମାପ୍ତି । କାବ୍ୟବର୍ଣ୍ଣିତ କଥାବସ୍ତୁର ଆରମ୍ଭ, ବିକାଶ ଓ ପରିଣତିର ପ୍ରଧାନ ନିୟାମକ ହେଉଛନ୍ତି ଯୁଧିଷ୍ଠିର । ଏହି ଚରିତ୍ର ମାଧ୍ୟମରେ ସାରଳାଦାସ ଜଗତକୁ ତାଙ୍କର ସନ୍ଦେଶ ଶୁଣାଇଛନ୍ତି । ଏ ସନ୍ଦେଶ ହେଉଛି ସତ୍ୟ, ଅହିଂସା ଓ ପ୍ରେମର ସନ୍ଦେଶ । ଯୁଧିଷ୍ଠିର ହେଉଛନ୍ତି ସାରଳାଙ୍କ ଆଧ୍ୟାତ୍ମିକ ଭାବନା ଓ ସମାଜ ଦର୍ଶନର ପ୍ରତୀକ । ସାରଳା ଦାସ ଅନ୍ତରର ଅସରନ୍ତି ସ୍ନେହ ଓ ମମତା ଢାଳି ଏହି ଚରିତ୍ରଟି ନିର୍ମାଣ କରିଅଛନ୍ତି ।

ଯୁଧିଷ୍ଠିର ଚରିତ୍ରର ପ୍ରଧାନ ବିଶେଷତ୍ୱ ହେଉଛି, ତାଙ୍କର ଗଗନସ୍ପର୍ଶୀ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ନିଖିଳ ଜଗତର ଅଧୀଶ୍ୱର ଶ୍ରୀକୃଷ୍ଣ ରାଜସୂୟ ଯଜ୍ଞରେ ଅଇଣ୍ଠା ପତ୍ର ଉଠାଇ ସାଜି ତାଙ୍କର ଭୃତ୍ୟତ୍ୱ ସ୍ୱୀକାର କରିନେଇଛନ୍ତି । ଲଙ୍କାଧିପତି ବିଭୀଷଣ ତାଙ୍କର ପଦ ବନ୍ଦନା କରିଛନ୍ତି । ବିଶାଳ ବିଭବର ଅଧିକାରୀ ମତ୍ସ୍ୟରାଜ ବିରାଟ ଦୀର୍ଘକାଳ ଅପେକ୍ଷାକରି ମଧ୍ୟ ତାଙ୍କର ଚରଣ ଦର୍ଶନ ନ ପାଇ ନିରାଶ ହୋଇ ଫେରିଯାଇଛନ୍ତି । ଯୁଧିଷ୍ଠିରଙ୍କ ମହାନ୍ ବ୍ୟକ୍ତିତ୍ୱ ନିକଟରେ ଦେବ, ଦାନବ, ଗନ୍ଧର୍ବ, ଯକ୍ଷ, କିନ୍ନର ମନୁଷ୍ୟ ସମସ୍ତଙ୍କର ମସ୍ତକ ଅବନତ ହୋଇଯାଇଛି । ସେ କର ଲେଉଟାଇଲେ ନବସୃଷ୍ଟି ଲେଉଟେ ।

"ସ୍ୱାମୀ ଅହିଂସ ଅପାପୀ ଅଜାତଶତ୍ରୁ ହେଟି
କର ନେଉଟାନ୍ତେ ଯାହାର ନେଉଟଇ ନବସୃଷ୍ଟି ।" (ବିରାଟ-୩୧୩)

ଶତସିଂହର ବିକ୍ରମରେ ବିକ୍ରମଶାଳୀ ଭୀମକର୍ମା ଭୀମ, ତ୍ରିଭୁବନବିଜୟୀ ଅର୍ଜ୍ଜୁନ, କୁନ୍ତମୁନରେ ପୃଥିବୀ ଧାରଣରେ ସମର୍ଥ ମହାବୀର ନକୁଳ ଏବଂ ତ୍ରିକାଳଦର୍ଶୀ ମହାନ୍ କୂଟମୀତିଜ୍ଞ ସହଦେବ ସମସ୍ତେ ତାଙ୍କର ଆଜ୍ଞାଧୀନ । ତାହାଙ୍କର ଆଜ୍ଞା ବିନା ସେମାନେ ଅଚଳ ଓ ଅଥର୍ବ । ଏହାର ପ୍ରଧାନ କାରଣ ହେଉଛି, ଯୁଧିଷ୍ଠିରଙ୍କର ମହାନ୍ ନୈତିକ ବଳ । ଯୁଧିଷ୍ଠିର ଚରିତ୍ରରେ ସାରଳା ଦାସ ଦର୍ଶାଇଛନ୍ତି ଯେ ନୈତିକ ବଳହିଁ ପ୍ରକୃତ ବଳ । ନୈତିକ ବଳର ବିନା ସହାୟତାରେ କେବଳ ପଶୁବଳଦ୍ୱାରା ବିଜୟ ଅସମ୍ଭବ । ମହାଭାରତ ଯୁଦ୍ଧରେ ପାଣ୍ଡବମାନଙ୍କର ଯେଉଁ ଜୟ ହୋଇଛି, ତା ଧର୍ମ ଏବଂ ସତ୍ୟର ଜୟ । ସାରଳାଦାସ ଯୁଧିଷ୍ଠିରଙ୍କୁ ସତ୍ୟସନ୍ଧାନୀ ଧର୍ମପୁତ୍ରରୂପେ ଚିତ୍ରଣ କରିଅଛନ୍ତି । ଜଗତର କଳଙ୍କକାଳିମା ତାଙ୍କ ଅନ୍ତରକୁ ସ୍ପର୍ଶ କରିନାହିଁ, କିମ୍ବା କୌଣସି ଜାଗତିକ ପ୍ରଲୋଭନ ତାଙ୍କୁ ପଥଭ୍ରଷ୍ଟ କରି ପାରିନାହିଁ । ସେ ଅକ୍ରୋଧୀ, ଅଲୋଭୀ, ଅପାପବିଦ୍ଧ ଓ ଅଜାତଶତ୍ରୁ ।

"ଅଜାତଶତ୍ରୁ ସେ ଅଣକୋପିତ ଧର୍ମରାୟେ
ଶତ୍ରୁ ମିତ୍ର ଯାହାକୁ ଏକତ୍ୱ ପରାୟେ
ପାପ ନାହିଁ ମିଥ୍ୟା ନାହିଁ ଯେଉଁଣ ମହାତମାର ଯୋଗେ
ତାହାକୁ ଏଡ଼େ ପ୍ରମାଦ ହୋଇଲା କେଉଁଣ ବାଗେ ।" (ବିରାଟ-୫୯୦)

କୌରବଗଣ ତାଙ୍କୁ ଅପରସୀମ ନିର୍ଯାତନା ଦେଇଛନ୍ତି । ହେଲେ କୌରବମାନଙ୍କ ପ୍ରତି ସେ କେତେବେଳେ ହେଲେ ବୈରତା ଆଚରଣ କରିନାହାନ୍ତି । ତାଙ୍କର ମୁଖ କେବଳ ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ । କି ଶତ୍ରୁ କି ମିତ୍ର ଜଗତର ପ୍ରତ୍ୟେକ ବ୍ୟକ୍ତିପାଇଁ ତାଙ୍କ ଅନ୍ତରରେ ସର୍ବଦା ଝରିରହିଛି ଦୟା, କ୍ଷମା, କରୁଣା ଓ ସ୍ନେହର ଅହରନ୍ତ ଉତ୍ସ ।

ସାରଳା ଦାସଙ୍କ ଯୁଧିଷ୍ଠିର ଦୁର୍ବଳ ନୁହନ୍ତି । ତାଙ୍କର ଧୈର୍ଯ୍ୟ, ନୀତିମତ୍ତା ଓ ବିଚକ୍ଷଣ ରାଷ୍ଟ୍ରନୀତିକୁଶଳତାହିଁ ପାଣ୍ଡବମାନଙ୍କୁ ଯୁଦ୍ଧରେ ଜୟଯୁକ୍ତ କରାଇଛି । ମହାଭାରତର ମହା-ଯାତ୍ରାରେ ସେ କେବଳ ସଦେହରେ ସ୍ୱର୍ଗାରୋହଣ ପାଇଁ ସମର୍ଥ ହୋଇଛନ୍ତି । ଶ୍ରୀକୃଷ୍ଣ ସମେତ ଅନ୍ୟ ସମସ୍ତଙ୍କୁ ମୃତ୍ୟୁବରଣ କରିବାକୁ ହୋଇଛି । ମରଦେହରେ ଅମରତ୍ୱ ଲାଭପାଇଁ ଯୁଧିଷ୍ଠିର ଚରିତ୍ର ଯୁଗେ ଯୁଗେ ମଣିଷଜାତିକୁ ଆଲୋକ ଦେଖାଉଥିବ ।

## ଭୀମ—

ସାରଳା ଦାସଙ୍କର ଅନ୍ୟ ଏକ କମନୀୟ କଳା ସୃଷ୍ଟି ହେଉଛି ଭୀମ ଚରିତ୍ର । ସାରଳା ମହାଭାରତର ଅସଂଖ୍ୟ ଚରିତ୍ର ମଧ୍ୟରୁ ଭୀମ ଓ ଶକୁନି ଏହି ଦୁଇଟି ଚରିତ୍ର ଜନମାନସକୁ ସବୁଠାରୁ ବେଶି ପ୍ରଭାବିତ କରିଅଛି । ଭୀମ ଯୁଧିଷ୍ଠିରଙ୍କ ପରି ଆଦର୍ଶବାଦୀ, ଅର୍ଜୁନଙ୍କ ପରି ବିଜ୍ଞ ଓ ବିଚାରବନ୍ତ, ନକୁଳଙ୍କ ପରି ବିଳାସପ୍ରିୟ କିମ୍ବା ସହଦେବଙ୍କ ପରି ଚତୁର କୂଟନୀତିଜ୍ଞ ନୁହନ୍ତି । ଦୁର୍ଦ୍ଧର୍ଷ, ଦୁର୍ଦ୍ଦମନୀୟ ପ୍ରଚଣ୍ଡ କ୍ଷାତ୍ରତେଜର ସେ ଏକ ଜ୍ୱଳନ୍ତ ପ୍ରତିମୂର୍ତ୍ତି । ଶତ୍ରୁର ମୂଳୋତ୍ପାଟନରେ ହିଁ ତାଙ୍କର ଆନନ୍ଦ । କୌଣସି ବ୍ୟକ୍ତି ତାଙ୍କର ଶରଣ ପଶିଲେ ଦ୍ୱିଗୁଣ ଉତ୍ସାହରେ ସେ ତାକୁ ଆଘାତ କରନ୍ତି । ରଣାଙ୍ଗନରେ ସେ ନିର୍ମମ ଓ ନିଷ୍ଠୁର । ଶତ୍ରୁକୁ ଶତ୍ରୁ ବ୍ୟତୀତ ଅନ୍ୟ ଭାବରେ ଦେଖିବାରେ ସେ ଅଭ୍ୟସ୍ତ ନୁହଁନ୍ତି । ଦୁଃଶାସନ ଯେଉଁ ଭୁଜରେ ଦ୍ରୌପଦୀଙ୍କର କେଶାକର୍ଷଣ କରିଥିଲା, ଭୀମସେନ ତାହାର ସେହି ଦକ୍ଷିଣ ଭୁଜ ଉତ୍ପାଟନ କରି ସେହି ରକ୍ତରେ ଦ୍ରୌପଦୀଙ୍କର ବେଣୀବନ୍ଧନ କରାଇଛନ୍ତି । ପାପାତ୍ମା ଦୁର୍ଯୋଧନର ଊରୁଭଙ୍ଗ କରି ସେ ଦ୍ରୌପଦୀଙ୍କୁ ଦେଇଥିବା ଅପମାନର ପ୍ରତିଶୋଧ ନେଇଛନ୍ତି । ନିଜର ପ୍ରତିଶ୍ରୁତି ରକ୍ଷାକରି ସେ ସମଗ୍ର କୌରବକୁଳର ସଂହାର ଘଟାଇଛନ୍ତି । ମହାଭାରତ ଯୁଦ୍ଧରେ ବିଜୟ ଲାଭ କରିବା ପରେ ମଧ୍ୟ ତାଙ୍କର କୋପ ଶାନ୍ତ ହୋଇନାହିଁ । ହୃତସର୍ବସ୍ୱ ପୁତ୍ରଶୋକବିଧୁର ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ସେ ହୃଦୟବିଦାରକ ବାକ୍ୟବାଣ ଦ୍ୱାରା ବିଦ୍ଧ କରିଛନ୍ତି । ଏହାହିଁ କ୍ଷତ୍ରିୟର ସ୍ୱଭାବ । ଅଗ୍ନି ପରି ଜଳିବା ଏବଂ ଜଳାଇବାହିଁ ତାର ଧର୍ମ ।

> "ଯେତେକ କ୍ଷତ୍ରି ହୋଇଲେକ ଶ୍ରେଷ୍ଠ
> ସକଳ କ୍ଷତ୍ରିଙ୍କରେ ଭୀମସେନ ଜ୍ୟେଷ୍ଠ ।
> କ୍ଷତ୍ରିତେଜ ଯେ ଶରୀରେ ପ୍ରାଣ ଥାନ୍ତେ
> ଶରୀରୁ କୋପ ଯେ ନଯାଇ କଦାଚିତେ ।

ଅଗ୍ନି ଯେସନେକ ଲଭିଲେକ ତା ତେଜ ସରଇ
ଥାଆନ୍ତେ ସକଳ ଦ୍ରବ୍ୟମାନ୍ତ ସେ ଦହଇ ।
କ୍ଷତ୍ରି ବୃଦ୍ଧ ଯେବେ ବୋଲିବ ସଂସାରେ
ଭୀମସେନଙ୍କୁ ଆନ ନାହିଁ ନା ବିଗ୍ରହରେ ।" (ଆଶ୍ରମିକ-୨୪)

ଭୀମ ସରଳ ନିଷ୍କପଟ ରୁକ୍ଷ ଓ କର୍କଶ । ସତ୍ୟକୁ ତାର ନଗ୍ନ ସ୍ୱରୂପରେ ପ୍ରକାଶ କରିବାକୁ ସେ କଦାପି କୁଣ୍ଠିତ ନୁହଁନ୍ତି । ସେଥିପାଇଁ କୁନ୍ତୀ, କୃଷ୍ଣ, ଯୁଧିଷ୍ଠିର ଓ ଅର୍ଜୁନଙ୍କ ବିରୁଦ୍ଧରେ ତାଙ୍କୁ କେତେଥର ବିଦ୍ରୋହ ଘୋଷଣା କରିବାକୁ ପଡ଼ିଛି । ଛଳନା କ'ଣ ତାହା ତାଙ୍କୁ ଜଣାନାହିଁ । ସେ ଯାହା ଭାବନ୍ତି ତାହା ପ୍ରକାଶ କରିବାକୁ ଡଳେହେଲେ କୁଣ୍ଠାବୋଧ କରନ୍ତିନାହିଁ । ଆଦିପର୍ବରେ ଦ୍ରୌପଦୀଙ୍କର ବିଭା ପ୍ରସଙ୍ଗରେ ନିଜର ମନୋଭାବ ବ୍ୟକ୍ତ କରିବାକୁ ଯାଇ ସେ କହୁଛନ୍ତି :

"ଭୀମସେନ ବିଗ୍ରହଇ ଅର୍ଜୁନ ଅବା ଲକ୍ଷ ବିନ୍ଧିଲି
ଦୁଷ୍ଟ ରାଜାମାନନ୍ତି ଯେବେ ମାନଗୋବିନ୍ଦ ଗୋଲକଲି ।
ମୁଁ ଯେବେ ସଂଗ୍ରାମ ନ କରି ହୋଇଥାନ୍ତି ତୁନି
ଅର୍ଜୁନ ଗ୍ରହର ଦର୍ପେ କି ଆଣନ୍ତା ଯାଜ୍ଞସେନୀ ।
ମୋହର ସେ କନ୍ୟା ହୋଇବ ଯୁଗତେ
ଅର୍ଜୁନ ଏକଥା ଲଙ୍ଘିବ କେମନ୍ତେ ।
ଯୁଗତେ ଯେବେ ମୋତେ ନ ଦେବ କୁମାରୀ
ବଳାତ୍କାରେ ଅବଶ୍ୟ ମୁଁ ନେମଇଁ ଉଚ୍ଛୁଡ଼ି ।"

ନିର୍ଜନ ନିଶୀଥରେ କୀଚକ ପ୍ରପୀଡ଼ିତା ସହାୟଶୂନ୍ୟା ଦ୍ରୌପଦୀଙ୍କୁ ସମ୍ମୁଖରେ ଦେଖି ଭୀମ ତାଙ୍କୁ ପ୍ରଶ୍ନ କରିଛନ୍ତି :

"ସ୍ତ୍ରିରୀ ହୋଇ ସହୁ ପଞ୍ଚଭ୍ରାତଙ୍କ ଆନ୍ଦୋଳି
କାମ ଅସାଧ୍ୟମେ ନୁଆରିଲୁ ସମ୍ଭାଳି ।
ସ୍ତ୍ରିରୀ ଦେହ ବହୁ ତୁ ସହିବୁ ଅବା କେତେ
ଦୁରସଦ ସହିଲୁନି ଦଶମାସ ପରଯନ୍ତେ ।
କାମ ଅସାଧ୍ୟମେ ଯେ ଧର୍ମ ପରିତ୍ୟାଗି
ସହି ନୁଆରି ମୋତେ ଅଇଲୁ କି ଶୃଙ୍ଗାର ମାଗି ।" (ବିରାଟ-୩୬)

ଭୀମ ଲବିବିକ୍ରମରେ ଯେପରି ଦୁର୍ଦ୍ଧର୍ଷ, ସ୍ୱଭାବରେ ସେହିପରି ଉଗ୍ର, ତୀକ୍ଷ୍ଣ ଓ କର୍କଶ । ସ୍ୱୟମ୍ବର ରାତ୍ରରେ ପରମ ମାହେଶ୍ୱରୀ ରାଜଦୁଲାଳୀ ଦ୍ରୌପଦୀ ପାଣ୍ଡବମାନଙ୍କ ପାଖରେ ଭଗ୍ନ ଶଯ୍ୟାରେ ଶୋଇବାକୁ ଦ୍ୱିଧା ବୋଧକରନ୍ତେ ଭୀମ ତାଙ୍କୁ କହୁଛନ୍ତି :

"ଦେଖିଣ ଭୀମ ସେ କଟାକ୍ଷେଣ ଗ୍ରହି
ବୋଲଇ ଦ୍ରୌପଦୀଲୋ ନ ଶୁଅ କାହିଁପାଇଁ
ଦେଖିଣ ଭୟ କଲା ଦ୍ରୁପଦକୁମାରୀ
ଯେ ଦୁଷ୍ଟ ବ୍ରାହ୍ମଣ ଗୋଟି ନ ପୁଣ ମୋତେ ମାର ।"

କୀଚକଦ୍ୱାରା ଅପମାନିତା ହୋଇ ଦ୍ରୌପଦୀ ଭୀମଙ୍କୁ ଧିକ୍କାର କରିବାରୁ ଭୀମ କହୁଛନ୍ତି :

"ଏସନକ ସଇରନ୍ଧ୍ରୀ ଝିଙ୍ଗାସ ବାକ୍ୟ ଶୁଣି
କୋପେଣ ଗର୍ଜଇ ପାଣ୍ଡବ କାଳସର୍ପ ଜାଣି ।
ଯେତେ ଝିଙ୍ଗାସି ଗୋ କହିଲୁ ତୋର ତୁଣ୍ଡେ
ସ୍ତ୍ରି ଲିଙ୍ଗ ନୋହିଲେ କାଟନ୍ତି ତୋର ମୁଣ୍ଡେ ।"

ରାଜସୂୟ ଯଜ୍ଞରେ ବିରାଟ ପ୍ରତି ଭୀମଙ୍କର ଆଚରଣ ସକଳ ସୌଜନ୍ୟର ସୀମାକୁ ଅତିକ୍ରମ କରିଯାଇଛି । ଭୀମ ପୁଣି ନିରାଟ ବାସ୍ତବବାଦୀ । ପରଂପରାରେ ତାଙ୍କର ବିଶ୍ୱାସ ନାହିଁ । ଗତାନୁଗତିକତାକୁ ସେ ଘୃଣା କରନ୍ତି । ଅଜଣା, ଅଶୁଣା ଓ ଅମଡ଼ା ପଥର ପଥିକ ହେବାରେ ହିଁ ତାଙ୍କର ପରମ ଆନନ୍ଦ । ତାହାଙ୍କ ଚରିତ୍ରର ଏହି ଦିଗଟି ପ୍ରତି ଲକ୍ଷ୍ୟକରି ଯୁଧିଷ୍ଠିର କହୁଛନ୍ତି :

"ବାଟେ ନ ଚାଲଇ ଭୀମା ଅମଡ଼ା ମାଡ଼ଇ
ଯହିଁ ଧର୍ମ ତାହା ସେ ଦଣ୍ଡେକେ ଛାଡ଼ଇ ।
ସୁଗ୍ୟାନ ପଣ୍ଡିତଙ୍କ ତୁଲେଣ ନ ଭେଟି
କୁଜନ ଲୋକଙ୍କ ତୁଲେଣ ତାର ଗୋଷ୍ଠୀ ।"    (ବିରାଟ-୭୦)

ଜୀବନରେ ଭୀମ ଜଣେ ପ୍ରୟୋଜନବାଦୀ । ବାସ୍ତବ ଜୀବନରେ ଯାହାର ପ୍ରୟୋଜନ ନାହିଁ, ତାହା ପ୍ରତି ତାଙ୍କର ଘୋର ବିମୁଖତା । ତାହାଙ୍କ ମତରେ ଶିଳା ଓ ଶାଳଗ୍ରାମ ମଧ୍ୟରେ କୌଣସି ପ୍ରଭେଦ ନାହିଁ ।

ଗଣ୍ଡକୀ ତୀରରେ ପାଣ୍ଡବମାନେ ବନବାସରେ ଥିବା ସମୟରେ ଦିନେ ଭୀମ ଶାଳଗ୍ରାମ ଶିଳାଗୁଡ଼ିକୁ ପାଦରେ ଗଡ଼ାଇ ଗଡ଼ାଇ ନାଚ କରୁଥାନ୍ତି ! ତାଙ୍କର ଏପରି ଅନୁଚିତ ଆଚରଣରେ କ୍ଷୁବ୍ଧ ହୋଇ କୃଷ୍ଣ ତାଙ୍କୁ ପଚାରିଛନ୍ତି :

"ହରି ବୋଇଲେ ଏ ବ୍ରହ୍ମଜାତି ଶାଳଗ୍ରାମ ଶିଳା
ପାଦେଣ ଠେଲିଇଣ କିମ୍ପା କରୁଅଛ ନାଚ ଖେଳା ।
ଭୀମସେନ ବୋଇଲା କେ ତୁମ୍ଭର ଶିଳା ଚିହ୍ନି
ଦୁଇଗୋଟି ପିଟିଲେ ଏଥୁଁ ବାହାର ହୋଏ ଅଗ୍ନି ।

ପାଦରେ ଘଷିଲେ ଗୁଡ଼ଇ ଗୋଡ଼ ମଳି
ନାସିକାରେ ହସ୍ତ ଦେଇ ହସନ୍ତି ବନମାଳୀ ।
ଶ୍ରୀହରି ବୋଇଲେ ଏ ଦେବତା ଅନନ୍ତ ମୂରତି
ଭୀମ ବୋଇଲା ମୁଁ ପ୍ରକୃତିଶଙ୍କା କରଇ ନିତ୍ୟେ ଏଥି ।" (ବନପର୍ବ-୨୫୨)

ଭୀମଙ୍କର ଏପରି ଅଦ୍ଭୁତ ଖିଆଲ ଓ ବିଚିତ୍ର ଦୃଷ୍ଟିଭଙ୍ଗୀ ହେତୁ ମା', ଭାଇ ଓ ପତ୍ନୀ ସମସ୍ତେ ତାଙ୍କୁ ମୂର୍ଖ, ଅପଣ୍ଡିତ ଓ ଅଜ୍ଞାନ ବୋଲି କହନ୍ତି । "ଦ୍ରୌପଦୀ ବୋଇଲେ ସ୍ୱାମୀ ତୁମ୍ଭେ ଅଟ ଯେ ମରୁଖ । ଅପଣ୍ଡିତ, ଅବିବେକ ଅଟୁ ସଦାରେକ ।" (ବିରାଟ-୩୨୯) ସାରଳା ମହାଭାରତରେ ମହାବୀର, ଭୀମକର୍ମୀ ଭୀମସେନଙ୍କୁ ଏହିପରି ଭାବରେ ଚିତ୍ରଣ କରାଯାଇଛି । ଆଦି ପର୍ବରେ ଦୁର୍ଯ୍ୟୋଧନ ଭୀମଙ୍କୁ ପବନପୁତ୍ର ବୋଲି କହିବାରୁ ସେ ଘୋର ଅଭିମାନରେ କବାଟ କିଳି ଶୋଇଲେ । ଶ୍ରୀକୃଷ୍ଣ ତାହାଙ୍କୁ ବହୁତ ବୁଝାସୁଝା କରାଇ ଦୁର୍ଯ୍ୟୋଧନକୁ ପ୍ରତ୍ୟୁତ୍ତରରେ ଗୋଲକପୁତ୍ର ବୋଲି ସମ୍ବୋଧନ କରିବାକୁ ନିର୍ଦ୍ଦେଶ ଦେଲେ । ହେଲେ ଏହି ସାମାନ୍ୟ କଥାଟି ଭୀମସେନଙ୍କ ପକ୍ଷରେ ମନେରଖିବା କାଠିକର ପାଠ । ସେ ଦିନରାତି ସର୍ବଦା ଏହି ଶବ୍ଦଟି ଘୋଷିହେଉଥାନ୍ତି ।

"କହିଣ ନାରାୟଣ ଗଲେ ଅନ୍ତର୍ଦ୍ଧାନେ
ଗୋଲକପୁତ୍ର, ଗୋଲକପୁତ୍ର ବୋଲଇ ସ୍ନାହାନ ଭୋଜନେ ।
ଅନ୍ନ ପୁଡ଼ାଏ ଭୁଞ୍ଜିଣ ମହାରୋଷେ
ଗୋଲକପୁତ୍ର ଗୋଲକପୁତ୍ର ବୋଲଇ ହରଷେ ।
ଆଞ୍ଚୋବନ ସାରି ଶୟନ ସ୍ଥାନେ ବିଜେ
ଗୋଲକପୁତ୍ର ଗୋଲକପୁତ୍ର ବୋଲି ମନେ ମନେ ହେଜେ ।"
(ଆଦି–୦୫୩)

ଭୀମସେନ ଚରିତ୍ରର ଅନ୍ୟ ଏକ ବିଶେଷତ୍ୱ ହେଉଛି ଆହାର, ଶୃଙ୍ଗାର ଏବଂ ଯୁଦ୍ଧରେ ତାଙ୍କର ଚିର ଅତୃପ୍ତି । ଷାଠିଏ ପଉଟି ଅନ୍ନରେ ମଧ୍ୟ ତାଙ୍କର ପେଟ ପୁରେନାହିଁ । ପିଲାଦିନେ ଦେବତାଙ୍କୁ ଅନ୍ନ ନୈବେଦ୍ୟ କରାଯିବା ପୂର୍ବରୁ ଭାତହାଣ୍ଡିରୁ ଭାତ ଗ୍ରେରାଇ ଖାଇଥିବା ହେତୁ ପଣ୍ଡି ଥରେ ତାଙ୍କୁ ହାଣିଦେବା ପାଇଁ ବସିଥିଲେ ଏବଂ ଅଗ୍ନିଦେବତା ବହୁ କଷ୍ଟରେ ତାଙ୍କୁ ଏହି କ୍ରୂରକର୍ମରୁ ନିବର୍ତ୍ତିତ କରିଥିଲେ । ଭୀମଙ୍କର ବଳାତ୍କାର ହେତୁ ଦ୍ରୌପଦୀଙ୍କୁ ଅଗ୍ନିରେ ଆତ୍ମଗୋପନ କରିବାକୁ ହେଉଥିଲା ଏବଂ ତାଙ୍କରି ପାଇଁ କେବଳ ପାଣ୍ଡବମାନଙ୍କୁ ଦାମ୍ପତ୍ୟ ଜୀବନର ସୁପରିଚାଳନା ନିମିତ୍ତ ଏକ କଠୋର ନିୟମରେ ଆବଦ୍ଧ ହେବାକୁ ପଡ଼ିଥିଲା । ତାଙ୍କର ସବୁଠାରୁ ପ୍ରିୟ ବସ୍ତୁ ଥିଲା ଯୁଦ୍ଧ ଏବଂ ଯୁଦ୍ଧରୁହିଁ ସେ ଲାଭ କରୁଥିଲେ ଅପାର ଆନନ୍ଦ ।

ସ୍ୱର୍ଗାରୋହଣ ପର୍ବରେ ଭୀମ ଚରିତ୍ରର ଅନ୍ୟ ଏକ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷିତ ହୁଏ । କଠୋର ବାସ୍ତବବାଦୀ, ନିର୍ମମ, ନିଷ୍ଠୁର, ରୁକ୍ଷ, କର୍କଶ ଭୀମଙ୍କର ପାଷାଣକଠିନ ହୃଦୟ ତଳେ ସ୍ନେହ, କରୁଣା ଓ ପ୍ରେମର ଯେଉଁ ଫଲ୍‌ଗୁଧାରା ଅନ୍ତ ଗୋପନରେ ପ୍ରବାହିତ ହେଉଥିଲି, ତାର ପ୍ରଥମ ପରିଚୟ ଆମେ ପାଉ ଏଇଠି । ଦୁରଧିଗମ୍ୟ ସ୍ୱର୍ଗାରୋହଣ କାଳରେ ହିମାଳୟର ଶିଳାବନ୍ଧୁର ପଥରେ ଦ୍ରୌପଦୀଙ୍କର ପଦସ୍ଖଳିତ ହୋଇ ସେ ଭୂପତିତା ହୋଇଛନ୍ତି । ଦ୍ରୌପଦୀଙ୍କ ପରେ ସହଦେବ, ନକୁଳ ଓ ଅର୍ଜୁନ ବି ଜଣକ ପରେ ଜଣେ ଧରିତ୍ରୀବକ୍ଷକୁ ଆଶ୍ରୟ କରିଛନ୍ତି । ସେମାନଙ୍କର ଏ ଶୋଚନୀୟ ଅବସ୍ଥା ଦେଖି ଭୀମକର୍ମୀ ଭୀମଙ୍କର ପାଷାଣ ହୃଦୟ ତରଳିଯାଇଛି । ସେ ପ୍ରତ୍ୟେକକୁ ସ୍ନେହାଲିଙ୍ଗନ ପାଶରେ ଆବଦ୍ଧ କରି ପ୍ରତ୍ୟେକର ପ୍ରୀତି-ରସାଣିତ ଗୁଣାବଳୀ ସ୍ମରଣ କରିଛନ୍ତି ଏବଂ କ୍ଷଣେମାତ୍ର ଅଟକିଯାଇ ଆପଣାର ପ୍ରିୟ ସ୍ୱଜନମାନଙ୍କର ଯତ୍ନ ନେବାପାଇଁ ଯୁଧିଷ୍ଠିରଙ୍କୁ ଅନ୍ତରର ଆକୁଳ ମିନତି ଜଣାଇଛନ୍ତି । ଧରାଶାୟିନୀ ଦ୍ରୌପଦୀଙ୍କୁ କୋଳରେ ଧାରଣକରି ସେ କହୁଛନ୍ତି—

"ଭୀମସେନ ଡାକ ଦିଅଇ ରାୟେ ବାହୁଡ଼ିଣ ଆସ
ପ୍ରାଣର ଭାବିନୀ ତୁମ୍ଭର ହେଉଛି ବିନାଶ ।
କର୍ମେ ଧର୍ମ ନୃପତି ବିମୁଖ କିମ୍ପା ହେଉ
ଦ୍ରୌପଦୀ ମରୁଛି ଉପେକ୍ଷି କିମ୍ପା ଯାଉ ।
ନୁହସି ବିମୁଖ ସ୍ୱାମୀ ଦେଖ ତୋର ବାମା
ତ୍ରିଇଲୋକ୍ୟ ମୋହିନୀ ଏହୁ ରୂପେଣ ଅନୁପମା ।
ଏହାକୁ ଛାଡ଼ି ଯିବାକୁ କେମନ୍ତେ ମନ ହେଲା
ପାଷାଣ ଶରୀର ତୁମ୍ଭର ବିଧାତା ଗଢ଼ିଲା ।"

ଯୁଧିଷ୍ଠିର ଭୀମଙ୍କୁ ଉତ୍ତରରେ କହୁଛନ୍ତି—

"ଆସ ଆସ ଭୀମ ଛାଡ଼ି ତାକୁ କୋଳ
ମାୟାମୋହ ବନ୍ଧନ ଯେ ନୋହିଇ ସ୍ୱେତେବେଳ ।
କେ କାହାର ସୋଦର କେ କାହାର ଭାରିଯା
କେ କାହାର ପୁତ୍ରବନ୍ଧୁ କେ କାହାର ଆତ୍ମଜା ।"

ଯୁଧିଷ୍ଠିରଙ୍କର ଏ ଉକ୍ତି ଧର୍ମ ଓ ଦର୍ଶନର ଉକ୍ତି । ଏହା ଗୋଟିଏ କାନରେ ବାଜି ଆର କାନରେ ବାହାରିଯାଏ । କିନ୍ତୁ ମୂର୍ଖ, ଅପଣ୍ଡିତ ଭୀମଙ୍କର କରୁଣ ବିଳାପଧ୍ୱନି ଶ୍ରୋତା ଓ ପାଠକର କର୍ଣ୍ଣକୁହରରେ ଚିରଦିନ ପ୍ରତିଧ୍ୱନିତ ହେଉଥିବ । ସ୍ୱର୍ଗ, ମୋକ୍ଷ ଏସବୁ ବଡ଼ ବଡ଼ କଥା ଭୀମଙ୍କ ନିକଟରେ ଅତି ତୁଚ୍ଛ । ପ୍ରେମ ଓ କରୁଣାର ସବୁଜିମାରେ ରୁଚିର ଧଳିର ଏହି ଧରାଧାମ ତାଙ୍କ ପାଇଁ ସୁନ୍ଦର—"ପୁଣି ବୋଲଇ ଭୀମ କପାଇଁ ଛାଡ଼ିଯିବ । ହେମଗିରି ପରେ ଯାଇ କି ସୁଖ ପାଇବ ।" ଏହାହିଁ ସାରଳାଙ୍କର ଭୀମ-ଚରିତ୍ରକୁ ଚିର ଅମର କରି ରଖିଥିବ ।

ସାରଳାଙ୍କର ଭୀମ-ଚରିତ୍ର ସଂସ୍କୃତ ମହାଭାରତର ଭୀମ-ଚରିତ୍ରଠାରୁ ମହତ୍ତ୍ୱ ଓ ଗାମ୍ଭୀର୍ଯ୍ୟରେ ନ୍ୟୂନ ହୋଇପାରେ; କିନ୍ତୁ ଏହା ଯେ ଏକ ସ୍ମରଣୀୟ ଚରିତ୍ର ଏଥିରେ ସନ୍ଦେହ ନାହିଁ ।

## ଅର୍ଜ୍ଜୁନ :

ସାରଳା ଦାସଙ୍କର ଅନ୍ୟ ଏକ ସାର୍ଥକ ସୃଷ୍ଟି ହେଉଛି ଅର୍ଜ୍ଜୁନ-ଚରିତ୍ର । ଯେତେଦୂର ଅନୁମିତ ହୁଏ, ଏହି ଚରିତ୍ରଚିତ୍ରଣରେ ସାରଳାଦାସ ଉତ୍କଳ ସମ୍ରାଟ କପିଳେନ୍ଦ୍ରଦେବଙ୍କୁ ତାଙ୍କର ଆଦର୍ଶରୂପେ ଗ୍ରହଣ କରିଛନ୍ତି ଏବଂ ଅର୍ଜ୍ଜୁନ-ଚରିତ୍ରରେ କପିଳେନ୍ଦ୍ର-ଚରିତ୍ରର ପ୍ରତିଫଳନ ସମ୍ଭବପର ହୋଇଅଛି । ଅର୍ଜ୍ଜୁନ ପୃଥିବୀର ଅଦ୍ୱିତୀୟ ବୀର । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତ୍ରିଭୁବନରେ ତାଙ୍କର ସମକକ୍ଷ ହୋଇ କେହି ନାହିଁ । ପିତାମହ ଭୀଷ୍ମ ଅର୍ଜ୍ଜୁନଙ୍କର ବୀରତ୍ୱ ପ୍ରତି ଲକ୍ଷ୍ୟକରି ଦୁର୍ଯ୍ୟୋଧନଙ୍କୁ କହିଛନ୍ତି—

"ନିଚୟ ହୋଇ ଯେବେ ହୋଇବୁ ଆମ୍ଭେ ରଥୀ
ନିମିଷକେ ନିଃଫଳସ୍ତେ ମାରି ପାରଇ ସବୁନ୍ତି ।
ସ୍ତେ ବେନି ବଳେ ଅଶ୍ୱତ୍ଥାମା ହୋଇବେ ଯେବେ ରଥୀ
ନିମିଷକେ ନିଃଫଳସ୍ତେ ମାରି ପାରଇ ସବୁନ୍ତି ।
ସ୍ତେ ବେନି ଥାଟ ଯେବେ ଦେଖିବ ଅର୍ଜ୍ଜୁନ
ଅର୍ଦ୍ଧ ନିମିଷକେ ସେ ସବୁ କରି ପାରଇ ନିଶୋଧନ ।"

ଭୀଷ୍ମଙ୍କର ଏହି ଉକ୍ତିରେ ଦୁର୍ଯ୍ୟୋଧନ ବିସ୍ମୟ ପ୍ରକାଶ କରିବାରୁ ସେ ପୁନର୍ବାର କହିଛନ୍ତି—

"ଭୀଷ୍ମ ବୋଇଲେ ଆମ୍ଭେ ଶହସ୍ତ ଧରନ୍ତେ
ନାରାଜ ଧରନ୍ତେ କମ୍ପଇ ଆମ୍ଭ ମାଥେ ।
ଧନୁ ଧରନ୍ତେଣ ଦ୍ରୋଣ ଅଶ୍ୱତ୍ଥାମା ।
ପିତା ପୁତ୍ରଙ୍କର ଭୁଜ କମ୍ପଇ ହୃଦୟ କମ୍ପଇ କୃପ ବ୍ରହ୍ମା ।
ଶଲ୍ୟଙ୍କର ଶରୀର କମ୍ପଇ, ଜାନୁ କମ୍ପଇ କର୍ଣ୍ଣ
ଧନୁ ଧରନ୍ତେ ନିଷ୍କମ୍ପ ଏକା ବୀର ଅରଜୁନ ।" (ଭୀଷ୍ମ—୮୨)

ତ୍ରିଭୁବନବିଜୟୀ ମହାବୀର ଅର୍ଜ୍ଜୁନଙ୍କ ପାଇଁ ଯୁଦ୍ଧ ଏକ ବିଳାସ ନୁହେଁ, କଠୋର କର୍ତ୍ତବ୍ୟ ମାତ୍ର । ତାହାଙ୍କ ମତରେ ପରସ୍ୱାପହରଣ ବା ରାଜ୍ୟ ବିସ୍ତାର ପାଇଁ ମନୁଷ୍ୟ ରକ୍ତରେ ହୋରି ଖେଳିବା କ୍ଷତ୍ରିୟର ଧର୍ମ ନୁହେଁ । ଧର୍ମର ସୁରକ୍ଷା, ନ୍ୟାୟର ପ୍ରତିଷ୍ଠା ଏବଂ ଅନ୍ୟାୟ ଅତ୍ୟାଚାରର ପ୍ରତିରୋଧ ପାଇଁ ଯୁଦ୍ଧ କେବଳ କରଣୀୟ । ଶରଣାଗତ ପ୍ରତି ପୁଣି ତାଙ୍କର ଅସୀମ ଦୟା । ତାହାର ଜୀବନରକ୍ଷା ପାଇଁ ନିଜ ଜୀବନ ଦେବାପାଇଁ ସେ ସବୁବେଳେ ପ୍ରସ୍ତୁତ । ଶତଧନୁଙ୍କ ଜୀବନରକ୍ଷା ଏବଂ ଅଗ୍ନିଙ୍କୁ ବ୍ୟାଧିମୁକ୍ତ କରିବା ପାଇଁ ସେ ପ୍ରିୟ ସଖା ଶ୍ରୀକୃଷ୍ଣ

ଏବଂ ପିତା ଅମରାଧିପତି ଇନ୍ଦ୍ରଙ୍କ ସହିତ ବୈରତା ଆଚରଣ ପାଇଁ ପଶ୍ଚାତ୍ପଦ ହୋଇନାହାନ୍ତି । ପୁଣି ସମର ତାଙ୍କ ପାଇଁ କେବଳ ଏକ ହାର-ଜିଣାର ପ୍ରଶ୍ନ ନୁହେଁ । ଏହା ଆଦର୍ଶଗତ ପ୍ରଶ୍ନ । ଭୀଷ୍ମଙ୍କ ପତନ ଘଟାଇବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ପୂର୍ବେ ନପୁଂସକ ଥିବା ଶିଖଣ୍ଡିଙ୍କୁ ଯୁଦ୍ଧରେ ସେନାପତି କରିବା ପାଇଁ ନିର୍ଦ୍ଦେଶ ଦେବାରୁ ଅର୍ଜୁନ ସେଥିରେ ଅସମ୍ମତି ପ୍ରକାଶ କରିଛନ୍ତି; କାରଣ ତାହା ରଣନୀତି-ସମ୍ମତ ନୁହେଁ ।

"ଅଥବା ଜିଣୁ କି ରଣେ ହାରିଲେ ହେଁ ହାରି
ନିସତ ପକ୍ଷ ମୋତେ ନ ବୋଲ ମୁରାରି ।
ସ୍ୱାମୀ ନିସତ ହୋଇ କାର୍ଯ୍ୟ କରନ୍ତି ଯେ ତେଜ୍ୟା
ତାହାଙ୍କର ଜୀବନ ଅସାର୍ଥକ ଦେବରାଜା ।
ସ୍ୱାମୀ କୁଟି କପଟ ଯେ କରନ୍ତି ସଂଗ୍ରାମ
ଛତ୍ରୀ କୁଳକୁ ଦୂଷଣ ବୁଡ଼ଇ ସର୍ବ ଧର୍ମ ।"

ଅର୍ଜୁନ କେବଳ ବୀର ନୁହନ୍ତି, ସେ କ୍ଷମୀ, ଧୀର, ବଶ୍ୟରବନ୍ତ ଓ ଜିତେନ୍ଦ୍ରିୟ । ଦ୍ରୌପଦୀଙ୍କ ସହିତ ଦାମ୍ପତ୍ୟ ଯାପନ ପାଇଁ ଭାଇମାନଙ୍କ ମଧ୍ୟରେ ଯେଉଁ ଚୁକ୍ତାମଣା ହୋଇ-ଥିଲା, ବ୍ରହ୍ମଶାପ ଭୟରେ ସେ ତାହା ଲଙ୍ଘନ କରିଥିବା ହେତୁ ପୂର୍ବ ସର୍ତ୍ତ ଅନୁଯାୟୀ ଦ୍ୱାଦଶ ବର୍ଷ ବନବାସ ବିନା ଦ୍ୱିଧାରେ ବରଣ କରିନେଇଛନ୍ତି । ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ଅନୁମୋଦନକ୍ରମେ ତ୍ରିପୁରମୋହିନୀ, ଷୋଡଶୀ ସୁଭଦ୍ରା ଅର୍ଜୁନଙ୍କର ଶୟନାଗାରର ଦ୍ୱାର ଦେଶରେ ପ୍ରଣୟପ୍ରାର୍ଥିନୀ । ହେଲେ ଶ୍ରୀକୃଷ୍ଣ ଭଗିନୀ ସୁଭଦ୍ରାଙ୍କର ସହସ୍ର ପ୍ରାର୍ଥନା ଓ ଅନୁଯୋଗ ଅର୍ଜୁନଙ୍କର ହୃଦୟକପାଟର ବଜ୍ର କିଳଣୀ ଫିଟାଇପାରିନାହିଁ । ପରେ ଅବଶ୍ୟ ମାୟାଦେବୀପ୍ରଦତ୍ତ ଉଚ୍ଚାଟନବିଦ୍ୟା ସାହାଯ୍ୟରେ ସେ ଅର୍ଜୁନଙ୍କର ପ୍ରେମଲାଭରେ ସମର୍ଥ ହୋଇଛନ୍ତି । ସ୍ୱର୍ଗରେ ତ୍ରୈଲୋକ୍ୟମୋହିନୀ ରୂପସୀ ଉର୍ବଶୀ ଅର୍ଜୁନଙ୍କର ପୌରୁଷ ଓ ସୌନ୍ଦର୍ଯ୍ୟରେ ବିମୋହିତା ହୋଇ ତାଙ୍କର ପ୍ରେମପ୍ରାର୍ଥିନୀ ହୋଇଛନ୍ତି; କିନ୍ତୁ ଅର୍ଜୁନ ଉର୍ବଶୀଙ୍କ ଶାପରେ ନପୁଂସକତ୍ୱ ବରଣ କରିନେଇଛନ୍ତି ପଛକେ ତାଙ୍କର ହୀନ ପ୍ରସ୍ତାବରେ ସମ୍ମତ ହୋଇନାହାଁନ୍ତି । ଅନନ୍ୟାଯୌବନା ରମ୍ଭାନନ୍ଦିନୀ ହାରାବତୀ ଅର୍ଜୁନଙ୍କ ରୂପଲାବଣ୍ୟରେ ମୁଗ୍ଧା ହୋଇ ତାଙ୍କୁ ତାଙ୍କର ସର୍ବସ୍ୱ ଅର୍ପଣ କରିଛନ୍ତି । ହେଲେ ପରମ ନୀତିବାଦୀ ଅର୍ଜୁନ ଅତି ନିର୍ମମ ଭାବରେ ତାଙ୍କ ପ୍ରଣୟକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ।

"ପରଦାରା ଶୃଙ୍ଗାର ଗୋ ନୋହିଇ ମୁଗତେ
ଯେତେଡ଼େ ବଡ଼ ଧର୍ମ ମୁଁ ଲଙ୍ଘିବି କେମନ୍ତେ ।
ପର ସ୍ତ୍ରିୟି ମୋର ମାତା ପର ପୁରୁଷ ମୋର ପିତା
ପର ଧନକୁ ଇଚ୍ଛା ମୁଁ ନ କରଇ ସର୍ବଥା ।
ପର କାର୍ଯ୍ୟେ ଶତ୍ରୁକୁ ମୁଁ ନ ନାଶଇ ସର୍ବ କାଳେ
ପର ସୀମାଭୂମି ଯେ ମୁଁ ନ ହରଇଁ ବଳେ ।

ସ୍ୱଦାରାସ୍ତେଣ ସଭ ସ୍ୱଦାରାସ୍ତେଣ ସଭା
ସତ୍ୟ ଲଙ୍ଘିଲେ ଗୋ ହୋଅଇ ନର୍କଗତ ।" (ବନ-୫୩୨)

ଅର୍ଜ୍ଜୁନ-ଚରିତ୍ରର ଗୋଟିଏ ମାତ୍ର ଦୁର୍ବଳତା ହେଉଛୁ ଯେ ସେ ପ୍ରିୟ ସଖା ଶ୍ରୀକୃଷ୍ଣ ଏବଂ ପ୍ରିୟଧନୁ ଗାଣ୍ଡିବର ଅବମାନନା ସହ୍ୟ କରିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ । ସେଥିପାଇଁ ଏକସମୟରେ ସେ ଯୁଧିଷ୍ଠିରଙ୍କୁ ଏବଂ ଅନ୍ୟ ଏକସମୟରେ ଭୀମଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହୋଇଥିଲେ । ସ୍ୱର୍ଗାରୋହଣ ପର୍ବରେ ଅର୍ଜ୍ଜୁନଙ୍କ ପତନରେ ଯୁଧିଷ୍ଠିର ମନ୍ତବ୍ୟ ପ୍ରଦାନ କରିଛନ୍ତି —

"ଆହୋ ଭୀମସେନ ଏ ମଉଗର୍ବ ହୋଇ
ଆପଣା ପଦ୍ମକ୍ୟପଣ ଆପଣେ କହୁଥାଇ ।
ବୋଇଲା ଏକଚ୍ଛତ୍ର କଲଇ ମୁଁ ମେଦିନୀ
ଆପଣାର ପ୍ରତିଜ୍ଞା କହଇ ଫାଲଗୁନି ।"

ତତ୍ତ୍ୱଦର୍ଶୀ ଯୁଧିଷ୍ଠିରଙ୍କ ପକ୍ଷରେ ଏହା ତୁଚ୍ଛ ବୋଧ ହୋଇପାରେ; କିନ୍ତୁ ଏହି ତଥାକଥିତ ଦୂଷଣ ଯେ ବୀରର ସର୍ବଶ୍ରେଷ୍ଠ ଭୂଷଣ, ଏଥିରେ ସନ୍ଦେହ ନାହିଁ । ସାରଳା ମହାଭାରତର ଅନୁଧ୍ୟାନରୁ ଜଣାଯାଏ ଯେ ସାରଳା ଦାସଙ୍କ କଳ୍ପିତ ଆଦର୍ଶ ବୀର ପୁରୁଷ ଅର୍ଜ୍ଜୁନ, ଭୀମ ନୁହନ୍ତି ।

**ଦୁର୍ଯ୍ୟୋଧନ :**

ମହାଭାରତ ମହାକାବ୍ୟର ପ୍ରତିନାୟକ ହେଉଛନ୍ତି ଦୁର୍ଯ୍ୟୋଧନ । ସଂସ୍କୃତ ଅଳଙ୍କାର-ଶାସ୍ତ୍ର ଅନୁଯାୟୀ କାବ୍ୟରେ ପ୍ରତିନାୟକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତିନାୟକ ଚରିତ୍ରର ସଫଳ ରୂପାୟନ ଉପରେହିଁ କାବ୍ୟର ସାର୍ଥକତା ଅନେକାଂଶରେ ନିର୍ଭର କରେ । ଉପଯୁକ୍ତ ଚାରିତ୍ରିକ ଯୋଗ୍ୟତା ନଥାଇ କୌଣସି ଚରିତ୍ରକୁ ପ୍ରତିନାୟକ ଭାବରେ ଠିଆ-କରାଗଲେ ତଦ୍ଦ୍ୱାରା କାବ୍ୟର ଉତ୍କର୍ଷ ପରିବର୍ତ୍ତେ ଅପକର୍ଷ ସାଧିତ ହୋଇଥାଏ । ତେଣୁ ପ୍ରତିନାୟକକୁ ସର୍ବଥା ହୀନ ଓ ଦୁର୍ବଳ ବୋଲି ପ୍ରତିପାଦିତ କରିବା ପ୍ରାଚ୍ୟ ତଥା ପାଶ୍ଚାତ୍ୟ ସାହିତ୍ୟରେ ଏକ କାବ୍ୟଦୋଷ ରୂପେ ପରିଗଣିତ ହୋଇଥାଏ । କଳା ଦୃଷ୍ଟିରୁ ବିଚାରକଲେ, ସାରଳାଙ୍କ ଦୁର୍ଯ୍ୟୋଧନ ଚରିତ୍ର ଏକ ସାର୍ଥକ ସୃଷ୍ଟି । ସାରଳା ଦାସ ତାହାଙ୍କୁ ସକଳ ନାୟକୋଚିତ ଗୁଣରେ ମଣ୍ଡିତ କରିଅଛନ୍ତି । ସେ ସାକ୍ଷାତ୍ ପନ୍ନଗାନାରାୟଣ । ତାହାଙ୍କ ପଦତଳରେ ପଦ୍ମଚିହ୍ନ ଏବଂ କରତଳରେ ଶଙ୍ଖନିଧି ଓ ପଦ୍ମନିଧି । ତାହାଙ୍କର କରସ୍ପର୍ଶରେ ପାଷାଣ ମଧ୍ୟ ସୁବର୍ଣ୍ଣ ପାଲଟିଯାଏ । ସ୍ୱୟଂ ମହାଲକ୍ଷ୍ମୀ ବୈକୁଣ୍ଠଧାମ ତ୍ୟାଗକରି ତାହାଙ୍କର କକ୍ଷଦେଶରେ ଆସୀନା ଓ ଅନୁଗତା ପରିଗ୍ରହିକା ରୂପେ ତାଙ୍କର ସେବାନିରତା ।

"ଆହେ ଚଇତନ ଯେସନେକ ବେଶ୍ୟାବୃତ୍ତି ଖଟନ୍ତି ଯୌବଣ ଭରିଯା
ତେସନେକ କମଳିଣୀ ମାନଗୋବିନ୍ଦ ରାଜାକୁ ଅଟନ୍ତି ପରିଚର୍ଯ୍ୟା ।
ଜାନୁରେ ସୀମସ୍ଥାନ ଦେଇ ବାରିନିଧିର ଦୁଲଣୀ
ବାମକରେ କପାଳ ଆଉଁସନ୍ତି ଡାହାଣ କରେ ଚାମର ଚାଳି ।" (ଗଦାପର୍ବ-୩୪)

ଦୁର୍ଯ୍ୟୋଧନଙ୍କର ଶୁଦ୍ଧ ନିର୍ମଳ ଦାମ୍ପତ୍ୟ ଜୀବନ ପ୍ରଶଂସନୀୟ । ବହୁଦାର ପରିଗ୍ରହ କ୍ଷତ୍ରିୟକୁଳରେ ପୌରୁଷର ପରିଚୟସୂଚକ । ହେଲେ କାମିନୀ-କାମନା ଦୁର୍ଯ୍ୟୋଧନଙ୍କ ହୃଦୟକୁ କେବେ ଚଞ୍ଚଳ କରିନାହିଁ । ଭାନୁମତୀଙ୍କ ବ୍ୟତୀତ ଅନ୍ୟ ନାରୀଠାରେ ସେ କେବେ ମତି ବଳାଇ ନାହାନ୍ତି । ଏହି ବ୍ୟକ୍ତିଗତ ଗୁଣଗୁଡ଼ିକୁ ଛାଡ଼ିଦେଲେ ଦୁର୍ଯ୍ୟୋଧନ ବହୁ ରାଜୋଚିତ ଓ ମାନବୋଚିତ ଗୁଣର ଅଧିକାରୀ । ଉଦ୍‌ଯୋଗ ପର୍ବରେ ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ସେ ଯେପରି ଭାବରେ ତାଙ୍କ ରଣନୀତିର ବ୍ୟାଖ୍ୟାନ କରିଛନ୍ତି, ତହିଁରୁ ତାଙ୍କ ଉଦାର ରାଜନୈତିକ ଦର୍ଶନର ପରିଚୟ ମିଳେ ।

"ଭାଇ ଭାଇରେ ତ ଆମେ କରୁଛେ ସଂଗ୍ରାମ
ସଭିଏଁ ଏକ ମନରେ କର ହୋ ନିୟମ ।
କାହାରି ମନରେ କିଛି ହିଂସା କପଟ ନଧର
ଯେହୁ ହେଉଅଛି ମହାଭାରତ ଧର୍ମ ସମର ।
ଯେଥିକଇ ସାକ୍ଷୀ ହୋଇଥିବେ ପ୍ରଭୁ ଦେବ ନାରାୟଣ
ଧର୍ମ ପ୍ରମାଣରେ ଶେଷରେ ହୋଇବ ହାରଜିଣ ।
ଦେବ ସହସ୍ରମାନଙ୍କ ଏ ସମରେ କେହି ନ ପେଷିବ
ମନଭେଦୀ ଶରହସ୍ତ ନ ପେଷିବ ମଧ୍ୟମ-ପାଣ୍ଡବ ।
ଗୁରୁଙ୍କ ମୁଖରେ ଯେଉଁ ଅସ୍ତ୍ର ଅଛି ଶିକ୍ଷା ହୋଇ
ପ୍ରୟୋଗ କରିବ ତାହା ରଣ ମଧ୍ୟେ ଥାଇ ।
ସଂଗ୍ରାମ କାଳେ ଯାହାକଇ ଯେ ମାରିବ ମାର
ଯୁଦ୍ଧ ରହିଲେ ବୁଝିବ ନିଜ ମଇତ୍ର ପରକାର ।
ହାସ ପରିହାସ ଖେଳା କରିବାକୁ ସେ କାଳେ
କୁଟିଳତା ନ କରିବ କେହି ଅନ୍ତରାଳେ ।" (ଉଦ୍‌ଯୋଗ-୩୯୬)

ଦୁର୍ଯ୍ୟୋଧନଙ୍କର ଏ ବାଣୀ ଯୁଗ-ଯୁଗକୁ ଶାନ୍ତିକାମୀ ମାନବଜାତି ପାଇଁ ଆଦର୍ଶ ହୋଇ ରହିଥିବ । ମହାବୀର ଅଶ୍ୱତ୍ଥାମାଙ୍କର ଶତ ଅନୁରୋଧ ସତ୍ତ୍ୱେ ଦୁର୍ଯ୍ୟୋଧନ ତାଙ୍କୁ ସେନାପତିପଦରେ ବରଣ କରିନାହାନ୍ତି । କାରଣ ଅମରତ୍ୱ ପାଇଁ ପ୍ରାର୍ଥୀ ହୋଇ ସେ କ୍ଷତ୍ରିୟ ଧର୍ମର ଲଙ୍ଘନ କରିଛନ୍ତି ।

"ମାନଗୋବିନ୍ଦ ବୋଇଲା ତୁ କ୍ଷତ୍ରୀ ହୋଇଲୁ ଜନମିତ,
ଚିରଜୀବୀ ବର ମାଗିଲୁ ମରଣକୁ କଲୁ ଭୀତ ।
ଆଜହୁଁ ବୋଇଲୁ ତୋତେ ନ କରିବି ସେନାପତି,
ବାଘ୍ର ବିଚଳିତ ପୁରୁଷଙ୍କର କିସ ଯେ ଜୀବତି ।
ଯେତେବେଳ ପର୍ଯ୍ୟନ୍ତେ ଶରୀରେ ଥିବ ପ୍ରାଣ,
ସତ୍ୟହିଁ ଲଙ୍ଘିଲେ ହୋ ଜୀବନ ଅକାରଣ ।" (ଦ୍ରୋଣ ପର୍ବ-୪୩୭)

ଦୁର୍ଯ୍ୟୋଧନ ପୁଣି ମହାବୀର । ଗଦାଯୁଦ୍ଧରେ ସେ ଅଦ୍ୱିତୀୟ ଓ ଅପରାଜେୟ । କେବଳ ବଳରାମଙ୍କ ବ୍ୟତୀତ ଅନ୍ୟ କେହି ଗଦାଯୁଦ୍ଧରେ ତାଙ୍କର ସମକକ୍ଷ ନୁହନ୍ତି; କିନ୍ତୁ ବୀରତ୍ୱର ଶ୍ରେଷ୍ଠ ନିକଷ ହେଉଛି ହୃଦୟର ଅଟଳ ସଂକଳ୍ପ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ "ପଛଘୁଞ୍ଚା ନାହିଁ ବୀରର ଜାତକେ । ନ ମରେ ସେ କେବେଁ ପରାଣ ଆତଙ୍କେ ।" ଏହିଠାରେ ହିଁ ଦୁର୍ଯ୍ୟୋଧନଙ୍କ ବୀରତ୍ୱର ପରାକାଷ୍ଠା । ଅଠାଶୋଇ ଭ୍ରାତାଙ୍କର ମୃତ୍ୟୁ ପରେ ବଂଶ ଓ ରାଜ୍ୟ ରକ୍ଷାପାଇଁ ବିଦୁର ଦୁର୍ଯ୍ୟୋଧନଙ୍କୁ ପାଣ୍ଡବମାନଙ୍କ ସହିତ ସନ୍ଧି କରିବାପାଇଁ ପ୍ରସ୍ତାବ ଦେଇଛନ୍ତି । ଏହାର ଉତ୍ତରରେ ଦୁର୍ଯ୍ୟୋଧନ ଯାହା କହିଛନ୍ତି ତହିଁରୁ ତାଙ୍କ ବୀରତ୍ୱର ପରିଚୟ ମିଳେ ।

"ମନ୍ତ୍ରୀର ବଚନ ଶୁଣି ବୋଲଇ ମାନଗୋବିନ୍ଦ
ଯେତେବେଳେ ମୋତେ କେହି ନକର କୂଟ ଛନ୍ଦ ।
ମାନଅଗ୍ନି ଘେନ ଯେ ପୋଡ଼ଇ ମୋର ହିଆ
ବଂଶଯାକ ମରାଇ ହୋ ପ୍ରୀତି କେହ୍ନେ କରିବି ଦୋରେହା ।
× × ×
ଶ୍ରୀକୃଷ୍ଣ ଛାମୁରେ ଯାହା କଲାଇଁ ଦୃଢ଼ବ୍ରତ
ଶରୀରେ ଜୀବନ ଥିବାଯାଏ ମୋର ସଂଗ୍ରାମ ହିଁ ସତ୍ୟ ।
ମାନଗୋବିନ୍ଦ ବୋଇଲା ଜୀବନ ମୋର ଧିକ ଧିକ
ସବୁନ୍ତି ମରାଇଣ ସନ୍ଧିରେଣ ପଶିବି କେହ୍ନେକ ।
ଦୁର୍ଯ୍ୟୋଧନ ବୋଇଲା ଆହୋ ବିଦୁର ମୁଁ କାହାର ବୋଲ ନ ଶୁଣଇ
ଝାସିବି ରଣଜାଗେ ଯାହା ମୋ କର୍ମେ ଅଛି ଲିହି ।"

ଦୁର୍ଯ୍ୟୋଧନଙ୍କର ହୃଦୟର ଉଦାରତା ମଧ୍ୟ ଅତୁଳନୀୟ । ଘୋଷଯାତ୍ରା କାଳରେ ଅର୍ଜୁନ ଚିତ୍ରସେନ ଗନ୍ଧର୍ବ କବଳରୁ ଦୁର୍ଯ୍ୟୋଧନଙ୍କର ପ୍ରାଣରକ୍ଷା କରିଥିଲେ । ଏଥିରେ ପ୍ରୀତ ହୋଇ ଦୁର୍ଯ୍ୟୋଧନ ଅର୍ଜୁନଙ୍କୁ ଏକ ବର ଯାଚିଥିଲେ । ମହାଭାରତ ଭୀଷ୍ମ ପର୍ବରେ ଶ୍ରୀକୃଷ୍ଣଙ୍କର କୂଟ ପରାମର୍ଶରେ ଭୀଷ୍ମଙ୍କୁ ପ୍ରତାରିତ କରି ତାଙ୍କର ମୃତ୍ୟୁଭେଦ ଜାଣିବା ପାଇଁ ଅର୍ଜୁନ ଦୁର୍ଯ୍ୟୋଧନଙ୍କୁ ମାତ୍ର ରାତିକ ପାଇଁ ତାଙ୍କର ଅନର୍ଘମଣି ମୁକୁଟ ମାଗିଛନ୍ତି । ଚତୁର ମନ୍ତ୍ରୀ ଶକୁନି ଅର୍ଜୁନଙ୍କର ଏହି ସାମାନ୍ୟ ପ୍ରାର୍ଥନା ଅନ୍ତରାଳରେ ଥିବା ଗୂଢ଼ ଅଭିସନ୍ଧି ସମ୍ବନ୍ଧରେ ଦୁର୍ଯ୍ୟୋଧନଙ୍କୁ ସତର୍କ କରିଦେଇଛନ୍ତି । ଦୁର୍ଯ୍ୟୋଧନ ଜାଣିଛନ୍ତି ଏହା ତାଙ୍କ ପକ୍ଷରେ ଏକ ଜୀବନମରଣ ସମସ୍ୟା । ହେଲେ ସାଂସାରିକ ଲାଭାଲାଭ ଦୁର୍ଯ୍ୟୋଧନଙ୍କର ମହାନ୍ ବୀରହୃଦୟକୁ ବିଚଳିତ କରିପାରିନାହିଁ । ସେ କହିଛନ୍ତି—

"କଲା ଉପକାର ଯେହୁ ନ ସୁମରନ୍ତି ହୃଦେ
ସଂଶୟେ ସେ ପ୍ରାଣୀ ନରକଗଡ ପାଇ କାନ୍ଦେ ।
ଯଦି ଅର୍ଜୁନ ମୋତେ ମାଗିବାକ ଭେଟି
ଯେହିକ୍ଷଣି ଛେଦି ଦେବି ମୋର ଶିରକମଳ ଗୋଟି ।

ପନ୍ନଗା ନାରାୟଣ ସେ ମାନଚକ୍ରବର୍ତ୍ତୀ
ଅନର୍ଘମଣିମୁକୁଟ କାଢ଼ି ଦେଲେକ ତତ୍‌କ୍ଷଣାନ୍ତ ।" (ଭୀଷ୍ମ-୩୦୩)

ଦୁର୍ଯ୍ୟୋଧନ ଚରିତ୍ରର ସର୍ବପ୍ରଧାନ ଦୁର୍ବଳତା ହେଉଛି ତାଙ୍କର ସଙ୍କୀର୍ଣ୍ଣ ଆଭିଜାତ୍ୟ-ବୋଧ ଓ ଦୁର୍ଜୟ ଆତ୍ମଭିମାନ । ତାଙ୍କ ବିଚାରରେ ପାଣ୍ଡବମାନେ ଗୋଲକୁଣ୍ଡା ଜାରଜାତକ ଏବଂ ରାମକୃଷ୍ଣ ଗ୍ୱର ଗଉଡ଼ବାଉଡ଼ । ଭୀମ ତାଙ୍କୁ ଗୋଲକପୁତ୍ର ବୋଲି ରାଜସଭାରେ ଅପମାନିତ କରିବାରୁ ସେ ଏହି ଅପମାନର ପ୍ରତିଶୋଧ ସ୍ୱରୂପ ତାଙ୍କର ମାତାମହ ଗାନ୍ଧାର-ସେନଙ୍କୁ ଅତି ନିଷ୍ଠୁର ଓ ନିର୍ମମ ଭାବରେ ସବଂଶରେ ହତ୍ୟା କରିଛନ୍ତି । କେବଳ ବଞ୍ଚି-ଯାଇଛନ୍ତି ମାଉଳ ଶକୁନି ଏହି ମହାଅପରାଧର ପ୍ରତିଶୋଧ ନେବାକୁ । ବୃଥା ଆଭିଜାତ୍ୟର ମୋହରେ ଅନ୍ଧ ହୋଇ ଦୁର୍ଯ୍ୟୋଧନ ପିତାମାତା ସମେତ କାହାରିଠାରେ ମସ୍ତକ ଅବନତ କରନ୍ତିନାହିଁ । ଦୁରତିକ୍ରମ୍ୟ ଏହି ଆତ୍ମାଭିମାନକୁ ସେ ଜୀବନ-ମରଣର ସନ୍ଧିସନ୍ଧି ମୁହୂର୍ତ୍ତରେ ମଧ୍ୟ ବିସ୍ମୃତ ହୋଇ ନାହାନ୍ତି । ନାରଦଙ୍କଠାରୁ ଅନ୍ୟାୟ ଯୁଦ୍ଧରେ ଭୀମଙ୍କଦ୍ୱାରା ଦୁର୍ଯ୍ୟୋଧନଙ୍କର ଉରୁଭଙ୍ଗ ଓ ପରାଜୟ ବାର୍ତ୍ତା ଶୁଣି ପ୍ରିୟ ଶିଷ୍ୟ ଦୁର୍ଯ୍ୟୋଧନଙ୍କ ପ୍ରତି ଏହି ଅନ୍ୟାୟର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବଳରାମ ତାଙ୍କ ନିକଟକୁ ଧାଇଁଆସିଛନ୍ତି; କିନ୍ତୁ ମହାମାନୀ ଦୁର୍ଯ୍ୟୋଧନ ଜୀବନର ଏହି ଚରମ ସଙ୍କଟକାଳରେ ମଧ୍ୟ ବଳରାମଙ୍କ ନିକଟରେ ତାଙ୍କର ଉନ୍ନତ ଶିର ଅବନତ କରିନାହାନ୍ତି ।

"ମହାକୋପ ମୂର୍ତ୍ତି ହୋଇଣ ବଳରାମ
ଯାଇଣ ପ୍ରବେଶ ହୋଇଲେ ଯହିଁ ପୁରୁଷୋତ୍ତମ ।
ଦେଖିଣ ମାନଗୋବିନ୍ଦ ରାଜା ନ ଟେକିଲା ଶିର
ଲଜ୍ଜେଣ ମଥା ଯେ ପୋତିଲେ ହଳଧର ।"

ସେ କହୁଉଠିଛନ୍ତି :

"ଆରେ ଦୁର୍ଯ୍ୟୋଧନ ନମସ୍କାର କରିଥାନ୍ତୁ ଯେବେ ଆଜ
ପାଣ୍ଡବନ୍ତ ମାରି ରାଜ୍ୟ ଦିଅନ୍ତି ପାଆନ୍ତୁ ଶୁଭ କାର୍ଯ୍ୟ ।" (ଗଦାପର୍ବ-୯୦)

ଅତି ଆଭିଜାତ୍ୟବୋଧ ଏବଂ ଦୁର୍ଜୟ ଆତ୍ମାଭିମାନ ଦୁର୍ଯ୍ୟୋଧନଙ୍କୁ ଶିଖାଇଛି ଔଦ୍ଧତ୍ୟ ଏବଂ ଏହି ଔଦ୍ଧତ୍ୟ ତାଙ୍କୁ ଟାଣି ନେଇଯାଇଛି ଅନ୍ୟାୟ ଓ ଅତ୍ୟାଚାରର ପଙ୍କିଳ ପଥରେ । ତାଙ୍କର ଅଧଃପତନରେ ସହାୟକ ହୋଇଛନ୍ତି କୁଳକ୍ଷୟ ମନ୍ତ୍ରୀ ଚରମ ବିଶ୍ୱାସଘାତକ ଶକୁନି । ଦୁର୍ଯ୍ୟୋଧନ ତା'ର ହସ୍ତର କ୍ରୀଡ଼ନକ ସାଜିଛନ୍ତି । ତାହାରି କୁପରାମର୍ଶରେ ସେ ଗୋଟିକ ପରେ ଗୋଟିଏ ଅନ୍ୟାୟ କରିଗ୍ୱଲିଛନ୍ତି ଏବଂ ଶେଷରେ ସର୍ବନାଶର ଅତଳଗହ୍ୱର ଭିତରକୁ ଟାଣିହୋଇ ଯାଇଛନ୍ତି । ପାଣ୍ଡବମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଦାବିରୁ ବଞ୍ଚିତ କରିବା ସଙ୍ଗେ ସଙ୍ଗେ ସେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦେଇଛନ୍ତି ଏବଂ ସେମାନଙ୍କୁ ସମୂଳେ ଧ୍ୱଂସ କରିଦେବା ପାଇଁ ସକଳ ଉପାୟ ଅବଲମ୍ବନ କରିଛନ୍ତି । ଶକୁନିର ଆପାତ-

ରମଣୀୟ କଥାରେ ଭୁଲି ସେ କୁରୁପାଣ୍ଡବ ମଧ୍ୟରେ ବୁଝାମଣାର ସବୁ ଦ୍ୱାର ରୁଦ୍ଧ କରିଦେଇଛନ୍ତି ଏବଂ ବିନାଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମି ନ ଦେବାପାଇଁ ଅଗ୍ନି ଶପଥ ଗ୍ରହଣ କରିଛନ୍ତି । ଏହିଠାରୁ ଆରମ୍ଭ ହୋଇଛି ଦୁର୍ଯ୍ୟୋଧନଙ୍କ ଜୀବନର ଦୁଃଖାନ୍ତକ ନାଟକ । ଦୁର୍ଯ୍ୟୋଧନଙ୍କର ସକଳ ଗୁଣରାଜି ଓ ମହାନୁଭବତା ସତ୍ତ୍ୱେ ସେ ଅବସ୍ଥା ଓ ପରିବେଷ୍ଟନୀର ଶିକାର ହୋଇଛନ୍ତି । ସେ ନିଜକୁ ଏପରି ଏକ ସ୍ଥିତିରେ ଆଣି ପହଞ୍ଚାଇଛନ୍ତି, ଯେଉଁଠୁ ଫେରିବାର ଉପାୟ ନାହିଁ । ପତ୍ନୀ, ପୁତ୍ର, ପିତା, ମାତା, ଜ୍ଞାତି, କୁଟୁମ୍ବ ସମସ୍ତଙ୍କର ଶୁଭ ପରାମର୍ଶକୁ ସେ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ତାଙ୍କର ଗୋଟିଏ ମାତ୍ର ଜିଦ୍—ସେ ନିଶ୍ଚିହ୍ନ ହୋଇଯିବେ ପଛକେ କାହାରି ନିକଟରେ ନିଜର ଉନ୍ନତ ମସ୍ତକକୁ ଲୁଣ୍ଠିତ କରାଇବେ ନାହିଁ । ଏ ପ୍ରକାର ଅପରିଣାମ-ଦର୍ଶିତା ସତ୍ତ୍ୱେ ମଧ୍ୟ ଦୁର୍ଯ୍ୟୋଧନ ନ୍ୟାୟ୍ୟ-ଯୁଦ୍ଧରେ ପରାଜିତ ହୋଇ ନାହାନ୍ତି । ତାଙ୍କର ପରାଜୟ ପାଇଁ ମୁଖ୍ୟତଃ ଦାୟୀ କୁଳକ୍ଷୟମନ୍ତ୍ରୀ ଶକୁନିଙ୍କର ବିଶ୍ୱାସଘାତକତା, ଚକ୍ରଧାରୀ ଶ୍ରୀକୃଷ୍ଣଙ୍କର ମହାନ୍ କୂଟଚକ୍ର ଏବଂ କୌରବ ସେନାଧ୍ୟକ୍ଷମାନଙ୍କ ମଧ୍ୟରେ ଉଦ୍ୟମର ଶିଥିଳତା ଏବଂ ଆନ୍ତରିକତାର ଅଭାବ । ଭୀଷ୍ମ, ଦ୍ରୋଣ, ଶଲ୍ୟ ଆଦି କୁରୁକୁଳର ମହାନାୟକଗଣ ପାଣ୍ଡବମାନଙ୍କୁ ନିଜ ନିଜର ମୃତ୍ୟୁ ଭେଦ ଜଣାଇଦେଇ ଯୁଦ୍ଧରେ କୌରବମାନଙ୍କ ପରାଜୟର ପଥ ପରିଷ୍କାର କରିଦେଇଛନ୍ତି । ଦୁର୍ଯ୍ୟୋଧନଙ୍କର ପରମମିତ୍ର କର୍ଣ୍ଣ ମଧ୍ୟ ମାତୃ-ସତ୍ୟରକ୍ଷା ଆଳରେ ଯୁଧିଷ୍ଠିର, ଭୀମ, ସହଦେବ ଓ ନକୁଳଙ୍କୁ ହାତରେ ପାଇ ମଧ୍ୟ ଅକ୍ଷତ ଶରୀରରେ ଛାଡ଼ିଦେଇଛନ୍ତି ।

ଦୁର୍ଯ୍ୟୋଧନ-ଜୀବନରୂପ ଦୁଃଖାନ୍ତକ ନାଟକ ଚରମରେ ପହଞ୍ଚିଛି ତାହାଙ୍କ ରକ୍ତନଦୀ ସନ୍ତରଣ ଦୃଶ୍ୟରେ । ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ମହାକବି ସାରଳା ଦାସଙ୍କର ଏକ ଅଭିନବ ପରିକଳ୍ପନା । ସମଗ୍ର ମହାଭାରତ ମହାକାବ୍ୟର ମହାନ୍ ସନ୍ଦେଶ ଯେପରି ଏହି ଗୋଟିକ ଦୃଶ୍ୟରେ ଅଭିବ୍ୟଞ୍ଜିତ ହୋଇଛି । ଏଥିରେ ଦୁର୍ଯ୍ୟୋଧନଙ୍କ ଜୀବନ ନାଟକର ପରଦାଗୁଡ଼ିକ ତାଙ୍କ ଚକ୍ଷୁ ସମକ୍ଷରେ ଗୋଟିକ ପରେ ଗୋଟିଏ ଉଦ୍‌ଘାଟିତ ହୋଇ ଯାଇଛି ଏବଂ ପ୍ରତ୍ୟେକଟିରେ ମୂର୍ତ୍ତିମନ୍ତ ହୋଇ ଫୁଟିଉଠିଛି ତାଙ୍କ ଜୀବନର ଚରମ ବିଡ଼ମ୍ବନା । ଉତ୍କଟ ଆତ୍ମାଭିମାନର ବଶବର୍ତ୍ତୀ ହୋଇ ଜୀବନରେ ସେ ଯେଉଁ ରକ୍ତନଦୀ ବୁହାଇଥିଲେ ତାର ବ୍ୟର୍ଥତା ତାଙ୍କୁ ମର୍ମେ ମର୍ମେ ଦଂଶନ କରିଛି ଏବଂ ତାଙ୍କର ଅନ୍ତର୍ଦାହ ଚରମରେ ପହଞ୍ଚିଛି, ଯେତେବେଳେ ତାଙ୍କୁ ଆଶ୍ରୟ ଦେଇଥିବା ଓ ଦୁରତିକ୍ରମ୍ୟ ରକ୍ତନଦୀର ପରପାରକୁ ଘେନିଯାଇଥିବା ଶବଟିକୁ ସେ ପ୍ରାଣରେ ଦୁଲାଳ ଲକ୍ଷ୍ମଣକୁମାରଙ୍କର ଶବ ବୋଲି ଚିହ୍ନି ପାରିଛନ୍ତି । ସେତେବେଳେ ତାଙ୍କର ଦ୍ୱିଧା-ବିଦୀର୍ଣ୍ଣ ହୃଦୟ ବିଳପି ଉଠିଛି :

"ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶକୁନି ଦେଖନ୍ତେ
ବିନାଯୁଦ୍ଧେ ସୂଚମୂନେ ବୋଇଲି ରାଜ୍ୟ ନ ଦିଅଇ କଦାଚତେ ।
ତହିଁର ପ୍ରତିଫଳ ଏବେ ପାଇଲିରେ ବାବୁ
ଏଡ଼େ ବଡ଼ ସମ୍ପଦ ମୁଁ ବୁଡ଼ାଇଲି ସବୁ ।

ସେବେ ସୂତ୍ରରେ କରିବା ତୋର ବୋଲ
ଅର୍ଦ୍ଧ ରାଜ୍ୟ ପାଣ୍ଡବନ୍ତ ଦେବ ଉଠିଆସ ମୋହର ତୁଲ ।" (ଗଦାପର୍ବ-୯୮)

କଳ୍ପନାର ଅଭିନବତ୍ୱ, ଅର୍ଥର ଗଭୀର ଅଭିବ୍ୟଞ୍ଜନା ଓ ରସୋତ୍ତୀର୍ଣ୍ଣତାରେ ସାରଳା ମହାଭାରତର ଏହି ଅଂଶ ଅତୁଳନୀୟ । ପ୍ରମାଦଗ୍ରସ୍ତ ହିଂସାପଥର ଯାତ୍ରୀ ପ୍ରତ୍ୟେକ ମନୁଷ୍ୟ ପାଇଁ ଏହା ଏକ ଚିରନ୍ତନୀ ସାବଧାନୀ ହୋଇ ରହିଥିବ । ମହାଭାରତର ପୃଷ୍ଠା ବନ୍ଦ କରି-ଦେଲେ ବି ଦୁର୍ଯ୍ୟୋଧନଙ୍କର ଏହି ଅନ୍ତିମ ବିଳାପ ଧ୍ୱନି ପାଠକ ଓ ଶ୍ରୋତାର ହୃଦୟତନ୍ତ୍ରୀରେ ପ୍ରତିଧ୍ୱନିତ ହୋଇଥାଏ । ମହାଭାରତ ଯୁଦ୍ଧରେ ପରାଜିତ ହୋଇ ଦୁର୍ଯ୍ୟୋଧନ ଅତି ଶୋଚନୀୟ ଭାବରେ ପ୍ରାଣ ହରାଇଛନ୍ତି । ହେଲେ ମାନଚକ୍ରବର୍ତ୍ତୀ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କର ଉନ୍ନତ ମସ୍ତକ ଅବନତ ହୋଇନାହିଁ । ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ଉଦାର ମାନବିକତାର ଉଜ୍ଜ୍ୱଳ ରଶ୍ମିରେ ମୃତ୍ୟୁତମସାଚ୍ଛନ୍ନ ତାଙ୍କର ପାଣ୍ଡୁର ମୁଖମଣ୍ଡଳ କ୍ଷଣକ ପାଇଁ ପ୍ରୋଜ୍ଜ୍ୱଳ ହୋଇଉଠିଛି । ଦ୍ରୌପଦୀ ପଞ୍ଚପୁତ୍ରଙ୍କର ହତ୍ୟା ନିମିତ୍ତ ଅଶ୍ୱତ୍ଥାମାଙ୍କୁ ତିରସ୍କାର କରି ସେ କହୁଅଛନ୍ତି—

"ଆହୋ ଅଶ୍ୱତ୍ଥାମା ଆହିତୁଁ ଅଟୁ ନଷ୍ଟ
ତୋହର ପ୍ରକୃତି ଜାଣି ମୁଁ ନ ବାନ୍ଧିଲି ମୁକୁଟ ।
ସମର ଶେଷକାଳେ ମୋତେ ଯେ କଲୁ ଏହା
ବାଳୁତ ବଧ ଦୋଷେ କଲୁରେ ପାମର ଦୋରେହା ।
ଅଭିମନ୍ୟୁ ମଲା ଘଟ ଉତ୍କଚ ନାଶଗଲା
ଲକ୍ଷ୍ମଣ କୁମାର ହିଁ ପଡ଼ିଲା ବଂଶହିଁ ନାଶଗଲା ।
ସେହାନ୍ତ ରଖିଲି ମୁଁ ବଂଶ ରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହର କୃତ୍ୟେ ।

× × ×

ପଞ୍ଚଭୂତ ଆତ୍ମା କମ୍ପେ ଅଟୁ ହୋ ନିର୍ଲଜ
ସେ ପଞ୍ଚ ପୁଅଙ୍କ ଅବସ୍ଥା ଦେଖି କମ୍ପେ ନୁହିଁଇ ଦହିଜ ।
ପାଞ୍ଚଙ୍କର ମୁଣ୍ଡ ଦିଅ ମୋହର କୋଳାଗ୍ରତେ
କୋଳ କରି ଧରି ମୁଁ ହୋଇବି ଜନା ମୁକତେ ।

× × ×

ପାଞ୍ଚଙ୍କର ମୁଣ୍ଡ କୋଳେ ଦେଖିଣ ଧୃତରାଷ୍ଟ୍ରି
ପ୍ରାଣ ବିସର୍ଜିଲା ମୂର୍ଦ୍ଧନା ଗଲା ଫାଟି ।" (କାଇଁଶିକା-୧୦)

ଦୁର୍ଯ୍ୟୋଧନ ଚରିତ୍ର ସାରଳା ସାହିତ୍ୟ ଜଗତର ଏକ ଅବିସ୍ମରଣୀୟ ଚରିତ୍ର । ଧର୍ମ ଓ ଆଦର୍ଶ ଦୃଷ୍ଟିରୁ ଯାହାହେଉ ପଛେ କଳା ଦୃଷ୍ଟିରୁ ଏହି ଚରିତ୍ରଟିକୁ ସାରଳା ଲେଖନୀ ନିଃସୃତ ସର୍ବଶ୍ରେଷ୍ଠ ଚରିତ୍ର ବୋଲି କୁହାଯାଇପାରେ ।

## କର୍ଣ୍ଣ :

କର୍ଣ୍ଣ ସାରଳା ମହାଭାରତର ଅନ୍ୟ ଏକ ଉଜ୍ଜ୍ୱଳ ଚରିତ୍ର । କର୍ଣ୍ଣ ମହାବୀର । ଯୁଦ୍ଧରେ କେବଳ ଅର୍ଜ୍ଜୁନ ତାଙ୍କର ସମକକ୍ଷ । ତାଙ୍କର ପାଦଭରା ସହି ନପାରି ପୃଥିବୀ ପ୍ରତିଦିନ ଲକ୍ଷଭାର ସୁବର୍ଣ୍ଣ ଉପହାର ଦିଏ ଏବଂ ସେହି ଅର୍ଥକୁ ସେ ଦୀନଦୁଃଖୀ, ବ୍ରାହ୍ମଣ ଓ ସନ୍ନ୍ୟାସୀ-ମାନଙ୍କୁ ଦାନକରନ୍ତି । ଦାନଶୀଳତାରେ ସେ ଅପ୍ରତିଦ୍ୱନ୍ଦ୍ୱୀ । ଅର୍ଜ୍ଜୁନଙ୍କ ଅନୁରୋଧରେ ଇନ୍ଦ୍ର ଛଦ୍ମ ବ୍ରାହ୍ମଣବେଶରେ କର୍ଣ୍ଣଙ୍କ ଜୀବନର ରକ୍ଷାକବଚ, ବଜ୍ରଛଉଁରି, ଅମୃତକୁଣ୍ଡଳ ଓ ବଜ୍ର-କବଚ ଦାନ ମାଗିଛନ୍ତି । ଦାନବୀର ସତ୍ୟ-ସାଧକ କର୍ଣ୍ଣ ଏହି ଦାନର ଗୂଢ଼ ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ମଧ୍ୟ ପୂର୍ବ ସତ୍ୟ ଅନୁଯାୟୀ ଦେହ ବିଦୀର୍ଣ୍ଣ କରି ଏହି ତିନୋଟି ପଦାର୍ଥ ଛଦ୍ମବେଶୀ ଇନ୍ଦ୍ରଙ୍କୁ ଦାନ କରିଛନ୍ତି ।

ମହାଭାରତ ଯୁଦ୍ଧର ପ୍ରାରମ୍ଭରେ କର୍ଣ୍ଣ ଜୀବିତ ଥିବା ପର୍ଯ୍ୟନ୍ତ ପାଣ୍ଡବମାନଙ୍କର ବିଜୟ ଅସମ୍ଭବ ଜାଣି ଶ୍ରୀକୃଷ୍ଣଙ୍କ ପରାମର୍ଶରେ ପାଣ୍ଡବଜନନୀ କୁନ୍ତୀଦେବୀ କର୍ଣ୍ଣଙ୍କୁ ଗୁରୁଦକ୍ଷିଣା ସ୍ୱରୂପ ନୀଳବାଣ ଓ ଭୁଜବାଣ ମାଗିଛନ୍ତି । କର୍ଣ୍ଣ ନିଜ ଜୀବନକୁ ବିପନ୍ନ କରି ମାତୃ ଆଦେଶ ପାଳନ କରିଅଛନ୍ତି । ଦୁର୍ଯ୍ୟୋଧନଙ୍କ ସହିତ କର୍ଣ୍ଣଙ୍କର ଅକୃତ୍ରିମ ବନ୍ଧୁତ୍ୱର ତୁଳନା ନାହିଁ । ଯୁଦ୍ଧରେ ବହୁରାଜାଙ୍କୁ ପରାଜିତ କରି ସେ ଭାନୁମତୀଙ୍କୁ ପ୍ରାପ୍ତ ହୋଇଛନ୍ତି । କିନ୍ତୁ ରାଜସୁତା ଅପୂର୍ବ ସୁନ୍ଦରୀ ଭାନୁମତୀ କେବଳ ଦୁର୍ଯ୍ୟୋଧନଙ୍କର ଯୋଗ୍ୟସଙ୍ଗିନୀ ବିଚାରି ସେ ତାହାଙ୍କୁ ଦୁର୍ଯ୍ୟୋଧନଙ୍କ ହସ୍ତରେ ଅର୍ପଣ କରିଛନ୍ତି । କୁନ୍ତୀ ଚାହିଁଛନ୍ତି କର୍ଣ୍ଣ ପାଣ୍ଡବପକ୍ଷ ସମର୍ଥନ କରି ପାଣ୍ଡବସେନାର ନେତୃତ୍ୱ ଗ୍ରହଣ କରନ୍ତୁ । କିନ୍ତୁ କର୍ଣ୍ଣ ଜୀବନର ସେ ଅପୂର୍ବ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟ ଓ କ୍ଷମତାଲୋଭରେ ସେ ଦୁର୍ଯ୍ୟୋଧନଙ୍କ ଭଳି ବନ୍ଧୁଙ୍କୁ ତାଙ୍କର ଚରମ ଦୁର୍ଦ୍ଦିନରେ କଦାପି ପରିତ୍ୟାଗ କରିପାରିବେ ନାହିଁ—

> "କର୍ଣ୍ଣ ବୋଇଲା ମାଏ ଗୋ ଏମାନ କର୍ମା କହୁ,
> ମଇତ୍ର କାର୍ଯ୍ୟରେ ଥିଲେ ପ୍ରାଣ ପଛେ ଯାଉ ।"

ଶେଷକୁ କୁନ୍ତୀ ଏତିକି ମାତ୍ର ଆଶ୍ୱାସନା ନେଇ ଫେରିଛନ୍ତି ଯେ ତାଙ୍କର ନାମ ସ୍ମରଣ କଲେ କର୍ଣ୍ଣ ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବଙ୍କୁ ପ୍ରାଣରେ ବିନାଶ କରିବେ ନାହିଁ; କାରଣ ସେମାନେ କେହି ତାଙ୍କର ସମକକ୍ଷ ନୁହନ୍ତି । ଶୌର୍ଯ୍ୟ, ବୀର୍ଯ୍ୟ, ବଳ ଓ ବିକ୍ରମରେ କେବଳ ଅର୍ଜ୍ଜୁନ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ । ଯୁଦ୍ଧରେ ଦୁଃଶାସନଙ୍କର ମୃତ୍ୟୁପରେ ବିଦୁର କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ସନ୍ଧି ପ୍ରସ୍ତାବ କରିବାରୁ କର୍ଣ୍ଣ କହିଛନ୍ତି—

> "ବୋଇଲା ଏତେବେଳେ ତୁ ଏହା କର୍ମେ କହୁ
> ପାଣ୍ଡବେ ମାନଗୋବିନ୍ଦ ପ୍ରୀତି ହେବ କାହୁଁ ।
> କରିବା ସମର ଯେ ନୋହିବା ନସତ
> ସଭିଏ ରଣଯଜ୍ଞକୁ କରିବା ସନମତ ।" (କର୍ଣ୍ଣପର୍ବ-୧୨୩)

କୁରୁକ୍ଷେତ୍ର ରଣାଙ୍ଗନରେ ଅର୍ଜୁନଙ୍କ ସଙ୍ଗେ ଯୁଦ୍ଧରେ କର୍ଣ୍ଣ ଶେଷରେ ନିହତ ଓ ପରାଜିତ ହୋଇଛନ୍ତି; କିନ୍ତୁ ଯେଉଁ ପରିପ୍ରେକ୍ଷୀରେ ତାଙ୍କର ପରାଜୟ ହୋଇଛି, ତହିଁରେ ସେ ପରାଜୟ କର୍ଣ୍ଣଙ୍କର ଦୂଷଣ ନ ହୋଇ ଭୂଷଣରେ ପର୍ଯ୍ୟବସିତ ହୋଇଛି । ଶୋଷକସର୍ପର ଅଭିଶାପ ଅନୁଯାୟୀ କର୍ଣ୍ଣଙ୍କର ରଥ ଅକସ୍ମାତ ଭୂମିଗତ ହେବାରୁ ସେ ବିରଥ ହୋଇ ପଡ଼ିଲେ ଏବଂ କିଛି ସମୟ ଯୁଦ୍ଧ ବନ୍ଦ ରଖିବାକୁ ପ୍ରସ୍ତାବ ଦେଲେ ।

"କର୍ଣ୍ଣ ବୋଇଲା ତୁ ଶୁଣରେ ବାବୁ ପାର୍ଥ
ସମର କ୍ଷଣକେ ବିଶ୍ରାମକର ମୁଁ ତୋଳଇ ମୋର ରଥ ।
ତୁ ଯେ କ୍ଷତ୍ରି କୁଳେ ବଡ଼ ଶରସପଞ୍ଜରବାନ
ବିରଥୀ ଯୋଦ୍ଧାକୁ ଶର ନ କରୁ ଆଧାନ,
ଆହୋ ଅର୍ଜୁନ ସମର ଚରିତ ଅଛି ନା ଏମନ୍ତ
ଯାହା ସେ ଲିଖନ କଲା ପ୍ରଜାପତି ଦଇବତ ।" (କର୍ଣ୍ଣପର୍ବ-୧୪୫)

କିନ୍ତୁ କୂଟମତିଙ୍କ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଅର୍ଜୁନ ନ୍ୟାୟ ଓ ସତ୍ୟ ଉପରେ ପ୍ରତିଷ୍ଠିତ ଭାରତୀୟ ସମରଶାସ୍ତ୍ରର ସକଳ ନୀତି-ନିୟମ ଉପରେ କୁଠାରାଘାତ କରି କର୍ଣ୍ଣଙ୍କୁ ଅତି ଅସହାୟ ଅବସ୍ଥାରେ ହତ୍ୟା କରିଛନ୍ତି । କର୍ଣ୍ଣଚରିତ୍ରର ଦାନଶୀଳତା, ଅକୃତ୍ରିମ ବନ୍ଧୁ-ବତ୍ସଳତା ଓ ସତ୍ୟପରାୟଣତା ଯୁଗେ ଯୁଗେ ପ୍ରମାଦପ୍ରବଣ ମନୁଷ୍ୟକୁ ପଥପ୍ରଦର୍ଶନ କରୁଥିବ ।

**ଶକୁନି :**

ଶକୁନିଚରିତ୍ର ସାରଳାଦାସଙ୍କର ଅନ୍ୟ ଏକ ଅଭିନବ ସୃଷ୍ଟି । ଶକୁନିର ଭୟଙ୍କର ବିଶ୍ୱାସଘାତକତାର ପଟାନ୍ତର ନାହିଁ । ସେକ୍ସପିୟରଙ୍କ 'ଅଥେଲୋ' ନାଟକର ଇଆଗୋ ଚରିତ୍ର ସହିତ ସେ କେବଳ ତୁଳନୀୟ । ଶକୁନି ଦୁର୍ଯ୍ୟୋଧନଙ୍କର ମାତାମହ ଗାନ୍ଧାରସେନଙ୍କର ପୁତ୍ର । ସମ୍ପର୍କରେ ସେ ଦୁର୍ଯ୍ୟୋଧନଙ୍କର ମାମୁଁ । ଗାନ୍ଧାରସେନ ନିଜର ଉଆସୀକନ୍ୟା ବିରମୁଣ୍ଡୀଖାଇ ଗାନ୍ଧାରୀଙ୍କୁ ବ୍ୟାସଦେବଙ୍କ ପରାମର୍ଶକ୍ରମେ ପ୍ରଥମେ ଗୋଟିଏ ଗୋଲକବୃକ୍ଷ ବା ଶାହାଡ଼ା ଗଛକୁ ବିଭାଦେଇ ପରେ ଧୃତରାଷ୍ଟ୍ରଙ୍କୁ ବିଭା ଦେଇଥିଲେ; ପରିଣାମରେ ଦୁର୍ଯ୍ୟୋଧନ ହେଲେ ଗୋଳକପୁତ୍ର । ତାଙ୍କର ଆଭିଜାତ୍ୟପୂର୍ଣ୍ଣିତ ଜୀବନରୁ ଏ କଳଙ୍କର ଦାଗ ଲିଭିବାର ନୁହେଁ । ଏହି ଅପରାଧରେ ସେ ଗାନ୍ଧାରସେନଙ୍କୁ ଏକ ରୁଦ୍ଧ ପଥର ଘରେ ବନ୍ଦୀ କରି ଖାଇବା-ପିଇବାକୁ ନ ଦେଇ ଅତି ନିଷ୍ଠୁର ଭାବରେ ହତ୍ୟା କରିଥିଲେ । ଏହି ସର୍ବନାଶର ମୁଖରୁ ନିଜକୁ ବଞ୍ଚାଇ ରଖିଥିଲା କେବଳ ଗାନ୍ଧାରସେନଙ୍କ କନିଷ୍ଠପୁତ୍ର ଶକୁନି, ପିତା ଓ ଭ୍ରାତାମାନଙ୍କର ନିର୍ମମ ହତ୍ୟାର ପ୍ରତିଶୋଧ ନେବାପାଇଁ । ପ୍ରତିହିଂସାନଳରେ ଜର୍ଜରିତ ହୋଇ ଶକୁନି ଦୁର୍ଯ୍ୟୋଧନଙ୍କର ବଂଶନାଶ ପାଇଁ ନିଜ ରକ୍ତରେ ଶପଥ ଗ୍ରହଣ କରିଛି । ତା'ପରେ ଆରମ୍ଭ ହୋଇଛି ଚତୁରଶିରୋମଣି ଶକୁନିର ଭୟଙ୍କର କପଟାଭିନୟ । ନିଜର ବିଚକ୍ଷଣ ବୁଦ୍ଧିମତ୍ତାବଳରେ ସେ ଦୁର୍ଯ୍ୟୋଧନଙ୍କର ପ୍ରଧାନ ପରାମର୍ଶ-

ଦାତା ପଦରେ ଅଧିଷ୍ଠିତ ହୋଇଛି; ପରମ ହିତାକାଂକ୍ଷୀ ସାଜି ମାନଚକ୍ରବର୍ତ୍ତୀ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କର ସ୍ୱଭାବଗତ ଦୁର୍ବଳତାର ସୁଯୋଗ ନେଇ ସେ ତାଙ୍କୁ ପାହାଚ ପାହାଚ କରି ସର୍ବନାଶର ଅତଳ ଗହ୍ୱର ଭିତରକୁ ଠେଲିଦେଇଛି । କର୍ଣ୍ଣପର୍ବରେ ଶକୁନି ଯେଉଁ ସ୍ୱୀକାରୋକ୍ତି ଶୁଣାଇଅଛି, ତହିଁରୁ ଏହି ଚରିତ୍ରର ଭୟଙ୍କରତା ପ୍ରତିପାଦିତ ହୁଏ ।

"ଶକୁନି ବୋଇଲି ବାବୁ ଶୁଣ ହେ ସହଦେବ
ଆଦି ହୁଁ ମୁଁ ତୋତେ କହିନାହିଁ କି ପ୍ରିୟଭାବ ।
ମୋର ପିତା ଗାନ୍ଧାରସେନ ଯେହାକୁ ନକଲି କିଛି ଦୋଷ
ଅଦଭୁତେ ପଥରଘରେ ଭରି ବଂଶ କଲି ମୋର ନାଶ ।
ଶଏ ସତାଣୋଇ ଜଣ ପଶିଲେ ପଥର ଘରେ
ଶଏ ଛୟାଣୋଇ ଜଣେ ମଲେ ସେହିଠାରେ ।
କୃଚ୍ଛେଣ ଯେକା ମୁହିଁ ପରାଣ ପାଇଲି
ସେହି ରାଗ କରି ମୁହିଁ ଏହାର ବଂଶ ମରାଇଲି ।
ମୁହିଁ ସେ ପଶାଖେଳ କରାଇଲି କପଟ ଯେ କୂଟେ
ମୁହିଁ ସେ ଘରେକ ଭିଆଇଲି ସକଳସ ଗୁଆଘୃତ ଛଣପଟେ ।
ମୁହିଁ ସେ ଭୀମସେନକୁ ଖୁଆଇଲି ବିଷଲଡ଼ୁ
ମୋହର ବୁଦ୍ଧି ବଳେ କୁରୁ ପାଣ୍ଡବ ସହୋଦରପଣ ଗୁଡ଼ୁ ।
ମୁହିଁ ସେ ମରାଇଲି ସମରେ ଅଭିମନ୍ୟୁ
ପିତାର ବଚନେ ନିପ୍ରୋଶ୍ୱ ହୋଇଲି ଚନ୍ଦ୍ର ଚନ୍ଦ୍ର ।" (କର୍ଣ୍ଣପର୍ବ-୧୫୭)

ଅଥଚ ଶେଷ ପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ଏହି ବିରାଟ ଷଡ଼ଯନ୍ତ୍ରର ବିନ୍ଦୁ-ବିସର୍ଗ ଜାଣିପାରି ନାହାନ୍ତି । ଅମୃତଜ୍ଞାନରେ ସେ ମହା ହଳାହଳ ହିଁ ପାନକରିଛନ୍ତି । ଶକୁନିଚରିତ୍ର ସାରଳାଦାସଙ୍କ ଅନନ୍ୟ କବିପ୍ରତିଭାର ଏକ ଅତୁଳନୀୟ କଳାସୃଷ୍ଟି ।

## ଧୃତରାଷ୍ଟ୍ର :

ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ । ଅନ୍ଧ ରାଷ୍ଟ୍ରର ରଶ୍ମି ଧାରଣ କଲେ ଅବସ୍ଥା ଯାହା ହେବାର କଥା ତାହାହିଁ ହୋଇଛି । ତାହାଙ୍କ ଶାସନର ପ୍ରଥମ ପର୍ଯ୍ୟାୟରେ ସେ ରାଜା ହୋଇଛନ୍ତି ସତ, ହେଲେ ରାଜ୍ୟର ସୁରକ୍ଷା ଦାୟିତ୍ୱ ବହନ କରିଛନ୍ତି ସାନଭାଇ ପଣ୍ଡୁ । ପଣ୍ଡୁଙ୍କ ବିୟୋଗ ପରେ ରାଜ୍ୟର ଶାସନଡୋରି ଗ୍ଲଲିଯାଇଛି ଦୁର୍ଯ୍ୟୋଧନଙ୍କ ହାତକୁ । ଧୃତରାଷ୍ଟ୍ର ଦୁର୍ଯ୍ୟୋଧନଙ୍କର ସକଳ ଅପକର୍ମର ମୂକସାକ୍ଷୀ ରୂପେ କେବଳ ନାମକୁ ମାତ୍ର ରାଜା ହୋଇ ରହିଛନ୍ତି । ପୁତ୍ରମାନଙ୍କୁ ଶାସନ କରିବାର ସମସ୍ତ ଶକ୍ତି ସେ ହରାଇବସିଛନ୍ତି । କୁରୁରାଜସଭାରେ ସେ ଅବଜ୍ଞା ଓ ଉପହାସର ପାତ୍ର ହୋଇଛନ୍ତି । ସେ ଅବଶ୍ୟ ପୁତ୍ରମାନଙ୍କର ଅପକର୍ମର ମୌଖିକ ପ୍ରତିବାଦ କରିଛନ୍ତି, ବେଳେବେଳେ ନୀତିବାଣୀ ବି ଶୁଣାଇଛନ୍ତି; ହେଲେ ପୁତ୍ରମାନଙ୍କର

ସକଳ ଅପକର୍ମରେ ରହିଆସିଛି ତାଙ୍କର ନୀରବ ସମର୍ଥନ । ପକ୍ଷପାତଶୂନ୍ୟ ନ୍ୟାୟ ବିଚାର-ବୋଧର ପରିଚୟ ଦେବାରେ ସେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଛନ୍ତି । ଆଦିପର୍ବରେ ଯୁଧିଷ୍ଠିରଙ୍କ ଜ୍ଞାନର ପରିଚୟ ପାଇ ତାଙ୍କ ପାଟିରୁ ବାହାରିପଡ଼ିଛି—

"ହୃଦରେ କଳଙ୍କ ରାଜା ବହିଲି ଯୁଧିଷ୍ଠି ଗୁଣ ବାଛି
ଆବର ପୁଅଙ୍କର ମୋର ଜୀବନ କାହିଁ ଅଛି ।" (ଆଦି-୬୭୪)

ତାଙ୍କର ଅନ୍ଧ ଅପତ୍ୟସ୍ନେହ କୁରୁକୁଳକୁ ଧ୍ୱଂସ ଆଡ଼କୁ ଘେନିଯାଇଛି । ଶେଷ ମୁହୂର୍ତ୍ତରେ ମଧ୍ୟ ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କର ଦୁରନ୍ତ ହତ୍ୟାକାରୀ ଭୀମସେନଙ୍କୁ ନିଃଶେଷ କରିଦେବା ପାଇଁ ଆଦରରେ ଆଲିଙ୍ଗନ କରିବାର ଛଳନା କରିଛନ୍ତି । ଜଣେ ସାଧାରଣ ମନୁଷ୍ୟପକ୍ଷରେ ଏ ଅନ୍ଧପୁତ୍ରସ୍ନେହ କ୍ଷମଣୀୟ ହୋଇପାରେ; କିନ୍ତୁ ଜଣେ ରାଷ୍ଟ୍ରନାୟକଙ୍କ ପକ୍ଷରେ ଏହା ଏକ ଅକ୍ଷମଣୀୟ ଅପରାଧ । କୁରୁକୁଳର ପତନ ପାଇଁ ଦୁର୍ଯ୍ୟୋଧନଙ୍କର ଅନମନୀୟତା ଯେତିକି ଦାୟୀ, ଧୃତରାଷ୍ଟ୍ରଙ୍କର ଦୁର୍ବଳତା ମଧ୍ୟ ସମ ପରିମାଣରେ ଦାୟୀ । ଯୁଧିଷ୍ଠିରଙ୍କର ଅକୃତ୍ରିମ ପିତୃଭକ୍ତି ସତ୍ତ୍ୱେ ଧୃତରାଷ୍ଟ୍ର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅନ୍ତରର ଭେଦଭାବ ଭୁଲିପାରି ନାହାନ୍ତି : "ପୁତ୍ରଙ୍କର ଶତ୍ରୁ ଯେ ଦେଖଇ ଅନୁଦିନେ/କେହୁଣସି ଦିନ ସେ ସୁଖ ନୋହିଲି ତାର ମନେ ।" ଏହାହିଁ ଧୃତରାଷ୍ଟ୍ର ଜୀବନର ବ୍ୟର୍ଥତାର ମୂଳ କାରଣ । ସେ ଅନ୍ଧ ହୋଇ ଜନ୍ମ ହୋଇଥିଲେ ଏବଂ ଶେଷପର୍ଯ୍ୟନ୍ତ ଅନ୍ଧ ରହିଯାଇଛନ୍ତି ।

## ଶ୍ରୀକୃଷ୍ଣ :

ମହାଭାରତ ମହାକାବ୍ୟରେ ଶ୍ରୀକୃଷ୍ଣଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଥାର୍ଥରେ ସେ ହେଉଛନ୍ତି ଏହି କାବ୍ୟର ମହାନାୟକ । କୁରୁ ପାଣ୍ଡବ ଉଭୟ ପକ୍ଷ ତାଙ୍କର ପ୍ରାଧାନ୍ୟକୁ ସ୍ୱୀକାର କରିନେଇଛନ୍ତି । ବିରାଟ ମହାଭାରତଯୁଦ୍ଧ ମହାନଟ ଶ୍ରୀକୃଷ୍ଣଙ୍କର ଏକ ଅଭିନୟ ଭିନ୍ନ ଆଉ କିଛି ନୁହେଁ । ଦୁର୍ଯ୍ୟୋଧନଙ୍କର ପତନ ପରେ ଭୀମ, ଅର୍ଜୁନ, ନକୁଳ, ସହଦେବ, ଯୁଧିଷ୍ଠିର, କୁନ୍ତୀ, ସୁଭଦ୍ରା, ଦ୍ରୌପଦୀ ପ୍ରତ୍ୟେକ ପାଣ୍ଡବମାନଙ୍କର ଯୁଦ୍ଧରେ ଜୟ ନିମିତ୍ତ ନିଜ ନିଜ ଭୂମିକାର ଉଲ୍ଲେଖକରି ନିଜକୁ ବିଜୟଗୌରବର ସମ୍ପୂର୍ଣ୍ଣ ଅଧିକାରୀରୂପେ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରିଛନ୍ତି । ଏହାର ପ୍ରମାଣ ପାଇଁ ଶ୍ରୀକୃଷ୍ଣ ସେମାନଙ୍କୁ ସମର ପ୍ରାଙ୍ଗଣରେ ପ୍ରୋତ୍‌ଥିତ ଶୁଭସ୍ତମ୍ଭ ନିକଟକୁ ଘେନିଯାଇଛନ୍ତି । ସେହି ଶୁଭସ୍ତମ୍ଭ ଉପରେ ଅବସ୍ଥାପିତ ବେଲାଲସେନର ଛିନ୍ନ ମସ୍ତକ ଉତ୍ତର ଦେଇଛି ଯେ, ସେ କେବଳ ଗୋଟିଏ ଚକ୍ର ଉଭୟପକ୍ଷର ସୈନ୍ୟଙ୍କୁ ବିନାଶ କରିବାର ଦେଖିଛି । ଏହାଛଡ଼ା ସେ ଆଉ କିଛି ଦେଖିନାହିଁ । ସାରଳାଙ୍କ ମତରେ ମହାଭାରତଯୁଦ୍ଧ ଭଗବାନ ଶ୍ରୀକୃଷ୍ଣଙ୍କ ମହୀଭାରହରଣ-ରୂପ ଲୀଳାର ଅଂଶବିଶେଷ ମାତ୍ର ।

ସାରଳାଦାସ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଉଲ୍ଲେଖ କରିଥିଲେ ହେଁ, ତାହାଙ୍କ ମହାଭାରତରେ ଆମେ ଶ୍ରୀକୃଷ୍ଣଙ୍କୁ ଜଣେ ପରମ କୂଟନୀତିବିଶାରଦ ରାଜନୀତିଜ୍ଞଭାବେ

ଚର୍ଚ୍ଚିତ ହୋଇଥିବାର ଲକ୍ଷ୍ୟ କରୁ । ସାରଳା ମହାଭାରତର ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବଦ୍‌ଗୀତାର ପ୍ରବକ୍ତା ମହାମନୀଷୀ ପରମ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜଣେ ସାଧାରଣ ମନୁଷ୍ୟ ଓ ତାଙ୍କ ଭିତରେ ବିଶେଷ କୌଣସି ତଫାତ୍ ନାହିଁ । ତାଙ୍କ ନିକଟରେ ଉଦ୍ଦେଶ୍ୟ ହିଁ ବଡ଼; ଉପାୟ ନୁହେଁ । ଲକ୍ଷ୍ୟସାଧନ ପାଇଁ ସେ ଯେକୌଣସି ହୀନ ଉପାୟ ଅବଲମ୍ବନ କରିବା ପାଇଁ ପଶ୍ଚାତ୍‌ପଦ ନୁହନ୍ତି । ପାଣ୍ଡବମାନଙ୍କୁ ଯୁଦ୍ଧରେ ଜୟଯୁକ୍ତ କରାଇବା ପାଇଁ ସେ ଯେଉଁ ହୀନ ଚକ୍ରାନ୍ତ ଓ କୂଟ ଷଡ଼ଯନ୍ତ୍ରର ଆଶ୍ରୟ ଗ୍ରହଣ କରିଛନ୍ତି, ପୃଥିବୀର କୌଣସି ନୀତିଶାସ୍ତ୍ର ତାକୁ ସମର୍ଥନ କରି ନପାରେ । ଯେଉଁ ଉପାୟରେ ସେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଜୟଦ୍ରଥ, ଦୁର୍ଯ୍ୟୋଧନ, ଘଟୋତ୍କଚ ଓ ଅଭିମନ୍ୟୁଙ୍କର ପତନ ଏବଂ ବେଲ୍ଲାଳସେନ ଓ ଦ୍ରୌପଦୀ ପଞ୍ଚପୁତ୍ରଙ୍କର ମୃତ୍ୟୁ ଘଟାଇଛନ୍ତି ତାହା ଆଦୌ ସମର୍ଥନଯୋଗ୍ୟ ନୁହେଁ । ପାରିଜାତହରଣ ଓ ଜରାସନ୍ଧବଧ ଆଦି ଘଟନାରେ ସେ ଯେଉଁ ଆଚରଣ ଦେଖାଇଛନ୍ତି ତାହା ଜଣେ ଦସ୍ୟୁର ଆଚରଣଠାରୁ କୌଣସି ଗୁଣରେ ଭିନ୍ନ ନୁହେଁ । କାର୍ଯ୍ୟସାଧନ ନିମନ୍ତେ ଗଧପାଦ ଧରିବା ପାଇଁ ସେ ମଧ୍ୟ କୁଣ୍ଠିତ ନୁହନ୍ତି । କୁରୁକୁଳର ଶେଷ ଅଙ୍କୁର ଏବଂ ପାଣ୍ଡବମାନଙ୍କର ଚର ବିଶ୍ୱସ୍ତ ଦୁର୍ଦ୍ଦକ୍ଷଙ୍କୁ ସେ ଯେଉଁଭଳି ଭାବରେ ମୃତ୍ୟୁମୁଖକୁ ଠେଲିଦେଇଛନ୍ତି ତାହା ଯେପରି ଘୃଣ୍ୟ, ସେହିପରି ନିନ୍ଦନୀୟ । ଶେଷକୁ ସେ ନିଜର ପ୍ରିୟ ଯଦୁବଂଶଧ୍ୱଂସର କାରଣ ମଧ୍ୟ ହୋଇଛନ୍ତି । ଅବଶ୍ୟ ଏସବୁ ସେ କରିଛନ୍ତି ମହୀଭାର ନିବାରଣ ବ୍ୟପଦେଶରେ । ଜଣେ ସାଧାରଣ ଗୃହସ୍ଥ ଭଳି ସେ ମଧ୍ୟ ଦୁଃଖରେ ଅଧୀର ଓ ମ୍ରିୟମାଣ ହୋଇପଡ଼ିଛନ୍ତି ।

"ଲକ୍ଷେ ଷାଠିଏ ସହସ୍ର ଅଶୀଏ ନନ୍ଦନ
ଦୋହିତାମାନେ ଯେ ଏତେକ ବିଦ୍ୟମାନ ।
ଏହାଙ୍କ ପୁତ୍ରପଉତ୍ର କେହୁ ପାରେ କଳି
ଚଉବିଂଶ ଯୋଜନ ଦ୍ୱାରିକା ନୁଆରଇ ସମ୍ଭାଳି ।
ଏହାନ୍ତ ଯୁଗତେ ମୁଁ କରିଥିଲି ସେନେହ
ପଡ଼ିଲି ଅଗାଧ ଜଳେ ଗ୍ରାଡ଼ିଲି ମାୟାମୋହ ।
ସ୍ୱେକା ଏତେକ କୁଟୁମ୍ବ ଅରଜିଲି ମୁହିଁ
ପୁଣି ମରାଇଲି ଅନ୍ୟୋଅନ୍ୟ କରାଇ ।
ସବୁନ୍ତ ମରାଇ ମୁଁ ହୋଇଲଇଁ ଏକା
ଦଶଦିଗ ଅନ୍ଧାର ମୋତେ ଲାଗଇ ତାଟକା ।
ଜୀବନ୍ତେ କାର୍ଯ୍ୟ ନାହିଁ ମରଣ ମନାସଇ
ଏକଥା ସୁମରନ୍ତେ ମୋର ଶରୀର ରୋମାଞ୍ଚଇ ।" (ମୂଷଳୀ-୭୬୭)

ସାରଳା ମହାଭାରତବର୍ଣ୍ଣିତ ଶ୍ରୀକୃଷ୍ଣଙ୍କର ଏହି ଉକ୍ତି ଏବଂ ଭଗବଦ୍‌ଗୀତାରେ ଶ୍ରୀକୃଷ୍ଣ ମୁଖନିଃସୃତ ଆତ୍ମାର ଅମରତ୍ୱ ସମ୍ବନ୍ଧୀୟ ଉଦାତ୍ତ ବାଣୀ ମଧ୍ୟରେ ଆକାଶ-ପାତାଳ ପ୍ରଭେଦ ।

ସାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କର ବ୍ୟକ୍ତିଗତ ଜୀବନର ଯେଉଁ ଚିତ୍ର ପ୍ରଦତ୍ତ ହୋଇଛି, ତହିଁରେ ମଧ୍ୟ କଳଙ୍କର ଅଳିଭା ଦାଗ । ରାଧାଙ୍କର ପ୍ରୀତିଲାଭ ପାଇଁ ସେ ଯେଉଁ ଜଘନ୍ୟ ଓ ହୀନ ଉପାୟ ଅବଲମ୍ବନ କରିଛନ୍ତି, ତାହା କୌଣସି ସଭ୍ୟସମାଜଦ୍ୱାରା ଅନୁମୋଦିତ ହୋଇନପାରେ । ଶ୍ରୀକୃଷ୍ଣ ନିଜେ ମଧ୍ୟ ନିଜର ଆଚରଣରେ ଘୋର ଲଜ୍ଜିତ ହୋଇଛନ୍ତି ।

"କେବଣ କଲଇଁ ପାପ ଏ କାମର ଅନୀତି
ମୋହର ଭଗିନୀ ହେଲ ସ୍ୱେତେ ବଡ଼ ଶାସ୍ତି ।
କାହାର ବୋଲେ ମୁହିଁ କଲଇଁ ଏଡ଼େ କଥା
ମାନବ ମାନନ୍ତ ହୋଇବ ଅନେକ ଅବସ୍ଥା ।
ମୁହିଁ ଯାହା କଲି ତହିଁକି ଗୋଡ଼ାଇବ ସଂସାର
ଗୁରୁ ଗଉରୋବନ୍ତେ ହୋଇବ ଅନେକ ଅବେଭାର ।"

(ଆଦିପର୍ବ-୫୨୫)

ମୂଷଲୀପର୍ବରେ ଶ୍ରୀକୃଷ୍ଣ ଅତୀତ ଜୀବନର ସିଂହାବଲୋକନ ପ୍ରସଙ୍ଗରେ କହୁଛନ୍ତି—

"ଅସାଷ୍ଟମ ହୋଇଣ ଉତ୍ଥାନଶାୟୀ ହୋଇ
ଧାରା ଶ୍ରାବଣ ପ୍ରାୟେ ନୟନୁ ଲୁଅ ବହି ।
ସେ ଲତା ଭିତରେ ଯେ ଶୟାନ ନାରାୟଣ
ପୂର୍ବ କଥା ବିଚାର କରନ୍ତି ମନେ ମନ ।
କହ୍ନା ଅବତାର ଯେ ହୋଇଲି କୂତୁହଳେ
କ୍ଷୀରପାନେ ବଢ଼ିଲି ଯେ ଗୋପାଳଙ୍କ ମେଳେ ।
ଅବାକ୍ଷଣି ଶୃଙ୍ଗାରେ ମୁଁ ବଳାଇଲି ମତି
ବତିଶ ସହସ୍ର ଶତଅଷ୍ଟଉତ୍ତର ଯୁବତୀ ।"

ସାରଳା ମହାଭାରତର କୃଷ୍ଣଚରିତ୍ର ଚିତ୍ରଣର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିଭିନ୍ନ ମତ ପ୍ରକାଶ ପାଇଥାଏ । କେତେକଙ୍କ ମତରେ ଶୂଦ୍ର ସାରଳା ଦାସ ଏହାଦ୍ୱାରା ବ୍ରାହ୍ମଣ୍ୟ ଧର୍ମ ଏବଂ ତାହାର ପରଦେବତା ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଛନ୍ତି । ଏହି ମତାନୁଯାୟୀ ସାରଳାଙ୍କ କୃଷ୍ଣଚରିତ୍ର ଯଥାର୍ଥରେ ଏକ ବ୍ୟଙ୍ଗଚିତ୍ର; କିନ୍ତୁ ସାରଳା ଦାସଙ୍କ ମହାଭାରତ ଅଧ୍ୟୟନ କଲେ ଏ ପ୍ରକାର ଯୁକ୍ତିର ସାରବତ୍ତା ସମ୍ବନ୍ଧରେ ଘୋର ସନ୍ଦେହ ଉପସ୍ଥିତ ହୁଏ । ଦେବୀ-ଉପାସକ ହୋଇ ମଧ୍ୟ ସାରଳା ଦାସ ପରମ କୃଷ୍ଣଭକ୍ତ । ତାହାଙ୍କ ମତରେ କୃଷ୍ଣ ହିଁ ଜଗନ୍ନାଥ ।

"ଦୁର୍ଯ୍ୟୋଧନ ମୂଳେ ଲକ୍ଷେକ ରାଜା ନାଶି
ପୃଥ୍ୱୀର ଭାରଭର ଆପଣେ ଉଶ୍ୱାସି ।

ନିଜର ବଂଶ ସ୍ୱାମୀ ଆପଣେ ନାଶକର
ଖେଳିଲୀଳା ଭିଆଣ ମିଳିଗିରି ବିକେକର ।
ପରମ ଆତ୍ମା ନିରଞ୍ଜନ ଆପଣେ ଦେବ ଗୋପ୍ୟ
ପିଣ୍ଡ ଆତ୍ମା ମିଳିଗିରି ବଉଦ୍ଧ ଶରୀର ସରୂପ ।"

ଏଥିରୁ ପୂର୍ବୋକ୍ତ ମତର ଅସାରତା ପ୍ରତିପନ୍ନ ହୁଏ । ସାରଳାଙ୍କ କୃଷ୍ଣଚରିତ ବ୍ରହ୍ମପୁରାଣ, ବିଷ୍ଣୁପୁରାଣ, ପଦ୍ମପୁରାଣ ଓ ଶ୍ରୀମଦ୍‌ଭାଗବତ ପୁରାଣମାନଙ୍କରେ ପ୍ରଦତ୍ତ କୃଷ୍ଣଚରିତଠାରୁ ବିଶେଷ ଭିନ୍ନ ନୁହେଁ । ଉକ୍ତ ଗ୍ରନ୍ଥମାନଙ୍କରେ ଶ୍ରୀକୃଷ୍ଣ ପରମବ୍ରହ୍ମଙ୍କର ଅବତାର ରୂପେ ବର୍ଣ୍ଣିତ ହୋଇଛନ୍ତି ଏବଂ ତାହାଙ୍କଦ୍ୱାରା ଅନୁଷ୍ଠିତ ଯାବତୀୟ କର୍ମ ତାହାଙ୍କ ଚିନ୍ମୟ ଲୀଳାର ଅଂଶବିଶେଷ ରୂପେ ଗୃହୀତ ହୋଇଛି । ବିଷ୍ଣୁ ପୁରାଣରେ ଜରାସନ୍ଧର ସୈନ୍ୟମାନଙ୍କଦ୍ୱାରା ଶ୍ରୀକୃଷ୍ଣଙ୍କର ବାରମ୍ବାର ପରାଜୟ ସ୍ୱୀକାର ପ୍ରସଙ୍ଗରେ ଗ୍ରନ୍ଥକାର କହୁଅଛନ୍ତି ଯେ ଯେଉଁ ଶ୍ରୀକୃଷ୍ଣ ସଙ୍କଳ୍ପମାତ୍ରକେ ଅଖିଳ ବିଶ୍ୱର ସୃଷ୍ଟି ଓ ସଂହାର ଘଟାଇ ପାରନ୍ତି ତାଙ୍କ ପକ୍ଷରେ ଶତ୍ରୁନାଶନ ଓ ଯୁଦ୍ଧଜୟ ଏକ ଅକିଞ୍ଚିତ୍କର ବ୍ୟାପାର । ତଥାପି ସେ ମନୁଷ୍ୟ-ଧର୍ମ ଆଚରଣପୂର୍ବକ ବଳବାନ୍ ସହିତ ସନ୍ଧି ଓ ଦୁର୍ବଳ ସହିତ ଯୁଦ୍ଧ କରିଥାନ୍ତି । ସାମ, ଦାନ, ଦଣ୍ଡ ଓ ଭେଦ ନୀତିର ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଲେ ସ୍ୱୟଂ ପଳାୟନ ମଧ୍ୟ କରିଥାନ୍ତି । ଏହିପରି ଭାବରେ ଦେହଧାରୀ ମନୁଷ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ ଧର୍ମକର୍ମର ଅନୁସରଣପୂର୍ବକ ଜଗଦୀଶ୍ୱରଙ୍କର ଲୀଳା ତାଙ୍କ ଇଚ୍ଛାନୁଯାୟୀ ପ୍ରବର୍ତ୍ତିତ ହୋଇଥାଏ ।

"ମନୁଷ୍ୟ ଦେହିନାଂ ଚେଷ୍ଟାମିତ୍ୟେବମନୁବର୍ତ୍ତିତେ
ଲୀଳା ଜଗତ୍ପତେସ୍ତସ୍ୟ ଛନ୍ଦତଃ ପରିବର୍ତ୍ତିତେ ।"

(ବିଷ୍ଣୁପୁରାଣ—ପଞ୍ଚମ ଅଂଶ-୧୮)

ସାରଳାଙ୍କର କୃଷ୍ଣଚରିତ ପୁରାଣବର୍ଣ୍ଣିତ ଭଗବାନ୍ ଶ୍ରୀକୃଷ୍ଣଙ୍କର ଭାଗବତୀ ଲୀଳାର ସହଜସରଳ ପରିପ୍ରକାଶ ମାତ୍ର । ଏଥିରେ ପୌରାଣିକ ପରମ୍ପରା ହିଁ ଅନୁସୃତ ହୋଇଅଛି । ତେବେ ଗୋଟିଏ ମାତ୍ର ବିଷୟ ଉଲ୍ଲେଖଯୋଗ୍ୟ ଯେ ସାରଳା ଦାସ କୃଷ୍ଣାବତାରର ପରକୀୟା ପ୍ରୀତିକୁ ଗ୍ରହଣ କରି ପାରି ନାହାନ୍ତି । ଏହାର ବିପଜ୍ଜନକ ସାମାଜିକ ତଥା ଆଧ୍ୟାତ୍ମିକ ପରିଣତି ସମ୍ବନ୍ଧରେ ଉତ୍କଳର ଜନସାଧାରଣଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ ସେ ଅତି କଠୋର ଭାଷାରେ ଏହାର ନିନ୍ଦା କରିଅଛନ୍ତି । ଶ୍ରୀମଦ୍‌ଭାଗବତରେ ମଧ୍ୟ ଏହି ପ୍ରଶ୍ନ ଉଠିଛି । ଭାଗବତ ଦଶମ ସ୍କନ୍ଧରେ ରାସଲୀଳା ବର୍ଣ୍ଣନା ଅବସରରେ ମହାରାଜା ପରୀକ୍ଷିତ ଶୁକଦେବଙ୍କୁ ପ୍ରଶ୍ନ କରିଛନ୍ତି—"ଧର୍ମର ସଂସ୍ଥାପନ ଓ ଅଧର୍ମର ପ୍ରଶମନ ନିମିତ୍ତ ଜଗତର ଈଶ୍ୱର ଶ୍ରୀକୃଷ୍ଣ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ଧର୍ମସେତୁସମୂହର ବକ୍ତା, କର୍ତ୍ତା ଓ ଅଭିରକ୍ଷିତା ହୋଇ ସେ କିପରି ପରଦାରାଭିମର୍ଷଣରୂପ ପ୍ରତିକୂଳ ଆଚରଣ କଲେ ? ଶ୍ରୀ ଶୁକଦେବ ଏହି

ପ୍ରଶ୍ନର ଉତ୍ତରରେ କହିଲେ, "ତେଜସ୍ୱୀଗଣଙ୍କ ପକ୍ଷରେ ଦୋଷାବହ ହୋଇ କିଛି ନାହିଁ । ସର୍ବଭୁକ୍ ଅଗ୍ନିଙ୍କୁ ଯେପରି ପାପ ଓ ମାଳିନ୍ୟ ସ୍ପର୍ଶ କରେ ନାହିଁ, ତେଜସ୍ୱୀ ପୁରୁଷଙ୍କୁ ସେହିପରି ଦୋଷ ଛୁଇଁପାରେ ନାହିଁ । ଈଶ୍ୱରଗଣଙ୍କର ବାକ୍ୟ ହିଁ ସତ୍ୟ; ଆଚରଣ ସର୍ବଦା ସତ୍ୟ ନୁହେଁ । ସେମାନଙ୍କର ଯେଉଁ ଯେଉଁ ଆଚରଣ ବଚନ ସହିତ ସଙ୍ଗତ ତାହାହିଁ ବୁଦ୍ଧିମାନ ଲୋକମାନଙ୍କର ଆଚରଣୀୟ । ପୁନଶ୍ଚ ଭଗବାନ ଅଖିଳ ପ୍ରାଣୀଜଗତର ଅନ୍ତର୍ଯାମୀରୂପେ ଦେହ ଓ ମନରେ ରହି ନିରନ୍ତର ରମଣ କରୁଅଛନ୍ତି । ତେଣୁ ତାଙ୍କ ସମ୍ବନ୍ଧରେ ପରଦାରାଭିମର୍ଷଣ ପ୍ରଶ୍ନ ଉଠିପାରେନା ।" ବସ୍ତୁତଃ ଶୁକଦେବ ଏହି ଜଟିଳ ସାମାଜିକ ପ୍ରଶ୍ନଟିର ଉତ୍ତର ଏଡ଼ାଇଦେଇଛନ୍ତି; କିନ୍ତୁ ସାରଳାଦାସ ଶ୍ରୀକୃଷ୍ଣଙ୍କର ଗୋପଲୀଳା ଓ ବତିଶ ସହସ୍ର ଶହେଆଠ ରମଣୀଙ୍କ ସହିତ ସମ୍ଭୋଗମୟ ଜୀବନକୁ ପସନ୍ଦ କରିନାହାନ୍ତି । ଯେଉଁଠି ଓ ଯେତେବେଳେ ଶ୍ରୀକୃଷ୍ଣଙ୍କର ଗୋପଲୀଳା ବିଶେଷ କରି ରାଧାକୃଷ୍ଣ ଗୋପନ-ପ୍ରଣୟର ବର୍ଣ୍ଣନା କରାଯାଇଛି ସେତେବେଳେ ସେ ଏହାକୁ ମହାପାପ ବୋଲି ଉଲ୍ଲେଖ କରି ଜନସାଧାରଣ ଏଥିରୁ ନିବୃତ୍ତ ରହିବା ପାଇଁ ସାବଧାନ କରିଦେଇଛନ୍ତି ।

"କାମାକ୍ଷୀ ସୁନ୍ଦରୀ ନରେ କାମ କଷ୍ଟ ଛାଡ଼ୁ
ସ୍ୱଦାରା ଇଚ୍ଛା କରି ସଂସାର ନପଡ଼ୁ ।" (ଆଦିପର୍ବ-୫୬୭)

ସାରଳା ଦାସଙ୍କ କୃଷ୍ଣଚରିତ୍ରଚିତ୍ରଣରୁ ଅନୁମିତ ହୁଏ ଯେ ତାହାଙ୍କ କାଳରେ ଜୟଦେବ ଓ ଅନ୍ୟାନ୍ୟ ସହଜିୟା ବୈଷ୍ଣବଙ୍କ ବାଟଦେଇ ପଶିଆସୁଥିବା ପରକୀୟା ପ୍ରେମତତ୍ତ୍ୱ ବ୍ରହ୍ମଚର୍ଯ୍ୟ ପିଣ୍ଡିତ ଉତ୍କଳୀୟ ସାମାଜିକ ବ୍ୟବସ୍ଥାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସାରଳା ଦାସ ତାହାଙ୍କ କୃଷ୍ଣଚରିତ୍ର ତଥା ବିବିଧ ଉପାଖ୍ୟାନ ମାଧ୍ୟମରେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଉପଯୁକ୍ତ ସାମାଜିକ ଓ ଆଧ୍ୟାତ୍ମିକ ନେତୃତ୍ୱ ଦେଇଛନ୍ତି । ତାହାଙ୍କ ବଳିଷ୍ଠ ନେତୃତ୍ୱର ପରିଣାମ ସ୍ୱରୂପ ସ୍ୱକୀୟାବାଦ ପରବର୍ତ୍ତୀ କାଳରେ ଉତ୍କଳୀୟ ବୈଷ୍ଣବଧର୍ମର ଭିତ୍ତିଭୂମିରୂପେ ଗୃହୀତ ହୋଇଥିଲା ।

**ନାରୀଚରିତ୍ର :**

ସାରଳା ଦାସଙ୍କ ପୁରୁଷଚରିତ୍ର ତୁଳନାରେ ତାହାଙ୍କ ନାରୀସୃଷ୍ଟି କିଞ୍ଚିତ ମଳିନ ଓ ନିଷ୍ପ୍ରଭ । ନାରୀ ପ୍ରକୃତି ସମ୍ବନ୍ଧରେ ତାହାଙ୍କ ଚିନ୍ତାଧାରାରେ ମଧ୍ୟ ଉଦାରତାର ଅଭାବ ପରିଲକ୍ଷିତ ହୁଏ ।

"ବାରୁ ସ୍ତ୍ରୀରି ସେ ଅଟନ୍ତି ଅନେକ ବୁଦ୍ଧିମନ୍ତୀ
ଉପାୟେଣ କରି ହାଦେ ଜାତ ସେ କରନ୍ତି ସନ୍ତତି ।

× × ×

ସ୍ତ୍ରିରି ଜନଙ୍କର ସ୍ୱଭାବ ସେ ଗାଢ଼ ଶୃଙ୍ଗାରେଣ ନିପୁଣ
ଅଗ୍ନି ଦେବତା ଯେହ୍ନେ ଘୃତେ ହୋନ୍ତି ଶାନ୍ତମୂର୍ତ୍ତି ।
ମନ୍ତ୍ର ତନୁ ଯେନ ଯେବଣ ପୁରୁଷ ପାବନ୍ତି କେଳି
ରାଜ ଦିବସେ ସେ ସହି ପାରନ୍ତି ଆଦେ୍ୱାଳି ।

× × ×

ସର୍ବଦାୟେଁ ଅଶଉଚବନ୍ତ ଯେବଣ ଜୀବନ
ସ୍ୱାମୀ ଗୁଳଣ ବର୍ଷ ପରସନ୍ତେ ସ୍ତ୍ରୀରିଙ୍କର ଜସ ଧର୍ମ ।
ଦ୍ରୌପଦୀ ବୋଇଲେ ସ୍ତ୍ରିରିଙ୍କର ଯେସନେକ ପ୍ରକୃତି
ଶୂରବନ୍ତ ସୁନ୍ଦର ପୁରୁଷ ଦେଖିଲେ ସେ ଅବଶ୍ୟ କଳାବନ୍ତ ମତି ।
ଯଦ୍ୟପି ଅବା ଭ୍ରାତା ପୁତ୍ର ହିଁ ଯେବେ ହୋଇ
ସୁବେଶ ପୁରୁଷ ଦେଖିଲେ ଚିତ୍ତ ନେଇ ଥୋଇ ।"

ସାରଳା ଦାସ ଯେଉଁସବୁ ନାରୀଚରିତ୍ର ଅଙ୍କନ କରିଛନ୍ତି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଚରିତ୍ରରେ ଏହି ଚିନ୍ତାଧାରାର ପ୍ରତିଫଳନ ଦୃଷ୍ଟ ହୁଏ; ହେଲେ ସାମାଜିକ ଓ ପାରିବାରିକ ଜୀବନରେ ନାରୀର ଯେଉଁ କଲ୍ୟାଣମୟୀ ଭୂମିକା ରହିଅଛି, ସେଥିପ୍ରତି ସାରଳା ଦାସ ଅନବହିତ ନଥିଲେ । ଗୃହସ୍ଥର ମିତ୍ର କିଏ ବୋଲି ଧର୍ମବକ ଯୁଧିଷ୍ଠିରଙ୍କୁ ପଚାରନ୍ତେ ସେ ତାର ଉତ୍ତରରେ କହିଛନ୍ତି—"ଯୁଧିଷ୍ଠିର ବୋଇଲେ ସୁଲକ୍ଷଣୀ ଗୁଣବନ୍ତୀ, ଗୃହକୁ ମିତ୍ର ହୋଇ ଆପଣା ଯୁବତୀ ।" ସ୍ତ୍ରୀ ଶବ୍ଦର ବ୍ୟାଖ୍ୟା କରି ସାରଳା ଦାସ ଉଲ୍ଲେଖ କରିଅଛନ୍ତି ଯେ ଭାର୍ଯ୍ୟା, ମାତା ଓ ମାତାମହୀ ରୂପେ ସମାଜରେ ନାରୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । କୌଶିକ ବ୍ରାହ୍ମଣ ଉପାଖ୍ୟାନ ବର୍ଣ୍ଣନା ପ୍ରସଙ୍ଗରେ ସେ ପତିବ୍ରତା, ସତୀ ନାରୀର ଜୟଗାନ କରିଛନ୍ତି—"ସ୍ତ୍ରିରି ସୁବୁଦ୍ଧି ସେ ଅଟନ୍ତି ଗୁଣବନ୍ତୀ/ଅନାଥ ସଂସାରୁ ସେ ପାବନ୍ତି ସଦଗତି ।"

ସାରଳାଙ୍କ ପୁରୁଷପ୍ରଧାନ ମହାଭାରତ କାବ୍ୟରେ ଯେଉଁ କେତୋଟି ନାରୀ ଚରିତ୍ର ଆମ ହୃଦୟକୁ ଗଭୀର ଭାବରେ ଆଲୋଡ଼ିତ କରିଥାଏ, ସେଗୁଡ଼ିକ ମଧ୍ୟରୁ କେତୋଟିର ସଂକ୍ଷିପ୍ତ ପରିଚୟ ନିମ୍ନରେ ପ୍ରଦତ୍ତ ହେଉଅଛି ।

## ଦ୍ରୌପଦୀ :

ସାରଳା ମହାଭାରତର ନାୟିକା ହେଉଛନ୍ତି ଦ୍ରୌପଦୀ । ପାରମ୍ପରିକ ରୀତିରେ ନାୟକର ପତ୍ନୀ ହିସାବରେ ସେ ନାୟିକା ନୁହନ୍ତି । ମହାଭାରତବର୍ଣ୍ଣିତ କାର୍ଯ୍ୟ ଓ ଘଟନା ପ୍ରବାହର ନିୟନ୍ତ୍ରଣରେ ତାଙ୍କର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଅଛି । ଯଥାର୍ଥରେ ରାମାୟଣର ସୀତାଙ୍କ ପରି ଦ୍ରୌପଦୀ ହିଁ ମହାଭାରତ ମହାକାବ୍ୟରେ ସଙ୍ଘର୍ଷର କେନ୍ଦ୍ର । ଏହି ସଙ୍ଘର୍ଷର ଆରମ୍ଭ ଦ୍ରୌପଦୀ ସ୍ୱୟମ୍ବରରେ ଏବଂ ପରିସମାପ୍ତି ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ।

ଦ୍ରୌପଦୀ ଅଯୋନିସମ୍ଭୂତା । ତାଙ୍କର ଅପରନାମ ଯାଜ୍ଞସେନୀ । ଯଜ୍ଞାନଳରୁ ତାଙ୍କର ଜନ୍ମ ଏବଂ ସେହି ମହାନଳର ପ୍ରଚଣ୍ଡ ଲେଲିହାନ ଶିଖା ପରି ସେ ଜ୍ୱାଳାମୟୀ ଓ ତେଜୋମୟୀ, ସେ ପୁଣି ପ୍ରତିଦିନ ଅଗ୍ନିରେ ସ୍ନାନ କରନ୍ତି । ତାଙ୍କ ଦେହର ଅଗ୍ନିଜନିତ କାନ୍ତି, କଣ୍ଠର ଅଗ୍ନିମୟୀ ବାଣୀ ଓ ଜୀବନର ଆଗ୍ନେୟ ଶପଥ ତାହାଙ୍କ ଯାଜ୍ଞସେନୀ ନାମର ସାର୍ଥକତା ପ୍ରତିପାଦନ କରୁଅଛି । ସାରଳା ଦାସ ଦ୍ରୌପଦୀଙ୍କୁ ବିଶ୍ୱସଂହାରକାରିଣୀ, ମହାମାୟା ଆଦ୍ୟାଶକ୍ତି ରୂପେ କଳ୍ପନା କରିଅଛନ୍ତି । ସେଥିପାଇଁ ସେ ତାଙ୍କ ନାମ ରଖିଛନ୍ତି 'ଜିଘ୍ନସେନୀ' । 'ଜିଘ୍ନସେନୀ' ନାମ ସାରଳାଙ୍କ ଇଚ୍ଛାକୃତ ବୋଲି ମନେହୁଏ । ପ୍ରଥମ ଜନ୍ମରେ ସେ କେତୁକା ଚଣ୍ଡୀ, ଦ୍ୱିତୀୟ ଜନ୍ମରେ ଏକବଳା ପାର୍ବତୀ, ତୃତୀୟ ଜନ୍ମରେ ଇନ୍ଦ୍ରପତ୍ନୀ ଶଚୀ ଏବଂ ଚତୁର୍ଥ ଜନ୍ମରେ ପାଣ୍ଡବ ମହିଷୀ ଦ୍ରୌପଦୀ, ଜଗତରେ ଅନ୍ୟାୟ ଅତ୍ୟାଚାର, ଲାଞ୍ଛନା ଓ ଯାତନାର ବିଲୋପସାଧନ ଲାଗି ଯୁଗେ ଯୁଗେ ତାଙ୍କର ଆବିର୍ଭାବ । ଦୁର୍ଯୋଧନଙ୍କର ନିର୍ଦ୍ଦେଶକ୍ରମେ ଦୁଃଶାସନ ନିଃସହାୟା ଦ୍ରୌପଦୀଙ୍କର କେଶାକର୍ଷଣପୂର୍ବକ ତାଙ୍କୁ ଟେକି ଟେକି ଆଣି କୁରୁରାଜ ସଭାରେ ଉପସ୍ଥିତ କରାଇଛି । ସେଠାରେ ସର୍ବସମକ୍ଷରେ ତାଙ୍କୁ ବିବସ୍ତ୍ର କରାଯାଇଛି । ଏହି ଦାରୁଣ ବର୍ବରୋଚିତ କାର୍ଯ୍ୟ ସମ୍ପାଦିତ ହୋଇଛି ଦୁଃଶାସନଙ୍କ ଦ୍ୱାରା । ଜଗତରେ ଏ ବର୍ବର ଆଚରଣର ତୁଳନା ନାହିଁ । ଏ ଅପମାନ କେବଳ ଦ୍ରୌପଦୀଙ୍କର ନୁହେଁ, ସମଗ୍ର ନାରୀ ଜାତିର । ଭାରତୀୟ ସଭ୍ୟତା ଓ ସଂସ୍କୃତି ବିରୁଦ୍ଧରେ ଏହା ଏକ ହିଂସ୍ର ଆହ୍ୱାନ । ବୀରାଙ୍ଗନା ଦ୍ରୌପଦୀ ଏହି ଆହ୍ୱାନର ଉତ୍ତର ଦେଇଛନ୍ତି ତାଙ୍କର ବଜ୍ରଶପଥରେ—ଯେଉଁ ଦୁଃଶାସନ ତାଙ୍କର ଆତ୍ମମର୍ଯ୍ୟାଦାକୁ ପଦଦଳିତ କରି ତାହାଙ୍କ ଚରମ ଅପମାନର କାରଣ ହୋଇଛି, ତାହାର ରକ୍ତରେ ସେ କେଶ ପ୍ରକ୍ଷାଳନ କରିବେ ଏବଂ ସେ ସୁଦିନ ନ ଆସିବାଯାଏ ତାଙ୍କର କେଶପାଶ ଉନ୍ମୁକ୍ତ ରହିଥିବ । ଦୀର୍ଘ ଚଉଦବର୍ଷ କାଳ ଦ୍ରୌପଦୀ ତାଙ୍କର ସେହି ଅଟଳ ପ୍ରତିଜ୍ଞାରୁ ତିଳେ ହେଲେ ବିଚ୍ୟୁତ ହୋଇନାହାନ୍ତି । କର୍ଣ୍ଣପର୍ବରେ ଶ୍ରୀକୃଷ୍ଣଙ୍କୁ ସମ୍ବୋଧନ ଛଳରେ ପାଣ୍ଡବମାନଙ୍କୁ ସେ ଯେଉଁ ଭର୍ତ୍ସନା ବାଣୀ ଶୁଣାଇଛନ୍ତି ତହିଁରୁ ତାଙ୍କ ଚରିତ୍ରର ଦୃଢ଼ତା ପ୍ରତିପାଦିତ ହୁଏ ।

"ଦ୍ରୌପଦୀ ବୋଇଲେ ହରି ହେ ସ୍ୱେ ବାଳୁତ ତନୁ
ଏମାନେ ଉଗୁରିଲେ ଦେଇଣ ଅଭିମନ୍ୟୁ ।
ଘଟ ଉତ୍କଟ ମରାଇଲେ ଘଟୁକା ନାଶଗଲା
ପିତା ମୋହର ଦ୍ରୁପଦ ଶିର ଛେଦନ ହୋଇଲା ।
ବିରାଟ ପଡ଼ିଲା ଯେନ ଶଙ୍ଖ ଯେ ଉତ୍ତର
ସ୍ୱେହାନ୍ତି ମରାଇ ଛତ୍ରୀପଣ ଏହାଙ୍କର ।
ଭୀଷ୍ମେ ପଡ଼ିଲେ ଯେ ଏହାଙ୍କର ଅଜା
ଭୂରିଶ୍ରବା ନାଶଗଲେ ଏହାଙ୍କର ପଣଅଜା ।
ଜୟଦ୍ରଥ ପଡ଼ିଲା ଯେ ଦୁଶିଳାର ପତି
ଗୁରୁ ପରମଗୁରୁ ମାଇଲେ ସେ ଦ୍ରୋଣ ସେନାପତି ।

ଅଠାଶୋଇ ଭାଇ ମାଇଲେ ସେ ଅଟନ୍ତି ବାଳୁତ
ସେହିମାନ୍ତ ମାରି କୃଷ୍ଣ ତୋର ସେହିଡ଼େକ ଉଚିତ ।
ହରି ଆସ୍ଥାନେ ବସି ଆଜ୍ଞା ଦେଲାକ ଦୁର୍ଯ୍ୟୋଧନ
ସେହି ମୋହର କେଶ ଧରି ନେଲାକ ଦୁଃଶାସନ ।
ସେହି ଦିନୁ କେଶ ମୁହିଁ ଗୁଡେ ନ ବାନ୍ଧିଲି
ସେହିମାନ୍ତ ଆଶ୍ରେ କରି ମୁଁ ନମାକ୍ଷୀ ହୋଇଲି ।
ହରି ସିଂହପ୍ରାୟ କରି ମୁହିଁ ଏହାନ୍ତ ଥିଲି ବୁଝି
ଶ୍ରୀକାଳୟୁଥ ଏ ତ ହୋଇଲେ ରଣମଝି ।
ନଜାଣି ଚଣ୍ଡାଳୁଣୀ ମୁଁ ପ୍ରତିଜ୍ଞା ହାଦେ କଲି
ସ୍ନାନ ସୂତ୍ର ସଙ୍ଗତେ ମୁଁ ଗଣିତା ହୋଇଲି ।" (କର୍ଣ୍ଣପର୍ବ-୪୩)

ଏହି ଉକ୍ତିର ପ୍ରତିଶବ୍ଦରୁ ଯେପରି ଅଗ୍ନି-ସ୍ଫୁଲିଙ୍ଗ ଉଦ୍‌ଗୀର୍ଣ୍ଣ ହୋଇଛି । ଅପମାନିତା ଓ ଲାଞ୍ଛିତା ଜଣେ ତେଜୋମୟୀ ନାରୀର ପୁଞ୍ଜୀଭୂତ କ୍ଷୋଭ, ବେଦନା ଓ କ୍ରୋଧର ଏ ପ୍ରାଣବନ୍ତ ପ୍ରକାଶ ଯଥାର୍ଥରେ ଅତୁଳନୀୟ ।

ଦ୍ରୌପଦୀଚରିତ୍ର ଶକ୍ତି ଓ ସୌନ୍ଦର୍ଯ୍ୟର ଏକ ବିଚିତ୍ର ସମାବେଶ । ସମଗ୍ର ଓଡ଼ିଆ ସାହିତ୍ୟରେ ଏ ଚରିତ୍ର ଦୁର୍ଲ୍ଲଭ । ପଞ୍ଚଦଶ ଶତାବ୍ଦୀର ସ୍ୱାଧୀନ ଉତ୍କଳରେ ନାରୀ ବୋଇଲେ କ'ଣ ବୁଝାଉଥିଲା ତାର କିଞ୍ଚିତ ଆଭାସ ଏଥିରୁ ମିଳିଥାଏ । ଦ୍ରୌପଦୀଙ୍କର ଏହି ବିଶ୍ୱସଂହାରଣୀ ଛିନ୍ନମସ୍ତା, କାତ୍ୟାୟନୀ ରୂପ ବ୍ୟତୀତ ଆଉ ଗୋଟିଏ ରୂପ ମଧ୍ୟ ଅଛି । ତାଙ୍କର ସେ ରୂପ ହେଉଛି କଲ୍ୟାଣମୟୀ, ଜଗଦ୍ଧାତ୍ରୀ ଅନ୍ନପୂର୍ଣ୍ଣାଙ୍କର ରୂପ । ବନପର୍ବରେ କୃଷ୍ଣ-ପତ୍ନୀ ସତ୍ୟଭାମାଙ୍କୁ ଉପଦେଶ ଛଳରେ ନାରୀଧର୍ମ ସମ୍ବନ୍ଧରେ ସେ ଯାହା କହିଛନ୍ତି ତାହା ପ୍ରତି କୁଳବଧୂର ଚିର ଅନୁକରଣୀୟ ହୋଇ ରହିଥିବ । ସତ୍ୟଭାମା ଦ୍ରୌପଦୀଙ୍କୁ କହୁଛନ୍ତି ଯେ ଶ୍ରୀକୃଷ୍ଣଙ୍କର ଅପୂର୍ବ ରୂପଲାବଣ୍ୟମୟୀ ଅସାମାନ୍ୟ ସୁନ୍ଦରୀ ଲକ୍ଷେ ଯୁବତୀ ଅଛନ୍ତି । ହେଲେ ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରି ମଧ୍ୟ ସେହି ଗୋଟିକ ପୁରୁଷର ମନ କିଣିବା ସେମାନଙ୍କ ପକ୍ଷରେ ସମ୍ଭବପର ହେଉନାହିଁ । ତେଣୁ କେଉଁ ଉପାୟ ବା ଜଡ଼ିବୁଟୀ ବଳରେ ସେ ପଞ୍ଚପତିଙ୍କର ମନୋହାରିଣୀ ହୋଇପାରିଛନ୍ତି, ତାହା ଜାଣିବାକୁ ସେ ଆଗ୍ରହ ପ୍ରକାଶ କରିଛନ୍ତି । ସତ୍ୟଭାମାଙ୍କର ଏହି ଉକ୍ତିର ଅନ୍ତରାଳରେ ଦ୍ରୌପଦୀଙ୍କ ପ୍ରତି ବ୍ୟଙ୍ଗ ବିଦ୍ରୂପର ଛାୟା ସୁସ୍ପଷ୍ଟ । ମହାବିଦୁଷୀ ଦ୍ରୌପଦୀ ଏହାର ପ୍ରତ୍ୟୁତ୍ତରରେ ଯାହା କହିଛନ୍ତି, ତାହା ପୃଥିବୀର ପ୍ରତ୍ୟେକ ନାରୀର ଅନୁସରଣୀୟ ।

"ବଦୟନ୍ତି ପାଞ୍ଚାଳୀ ଗୋ ଶୁଣ ସତ୍ୟଭାମେ
ପଞ୍ଚ ପତି ପ୍ରାପତ ମୋତେ ପୂର୍ବର କର୍ମ ଅନୁକ୍ରମେ ।
ନ ଜାଣଇ ମଉଷଧି ନ ଜାଣଇ ମନ୍ତ୍ରଗୁଣ୍ଡି
ନୁହଇ ମୁଁ ଜ୍ଞାନଦେଈ ନ ଜାଣଇ ମୁଁ ଭଣ୍ଡି ।

ବ୍ରତମାନେ ବ୍ରତନ୍ତି ମୋହର ନିଜ ପତି
ମୁହିଁ ବିଗ୍ରହି ଅଟଇ ତାହାଙ୍କର ପ୍ରକୃତି ।
ନିବ ଅଇ ବ୍ରତ ସୂପକାର ବିଧି
ନିତ୍ୟେ ବୁଝାବଇ ରନ୍ଧଣା ପାକସିଦ୍ଧି ।
ନିବଲକ୍ଷ ଖଟିଛନ୍ତି ଥାଇ ପରିବାରି
ସବୁକୁହିଁ ଚରଚଇ ମୁଁ ନିତ୍ୟ କର୍ମ ବେଭାର ।
ଅଶ୍ୱଶାଳ ଗଜଶାଳ ସବୁହିଁ କରଇ ଚରଚ
ବୁଭୁକ୍ଷିତ ଦେଖିଲେ ସବୁହିଁ ଦିଅଇ ସଞ୍ଚା ।
ଦୁଃଖୀ ଅଭାଗ୍ୟବନ୍ତ ମୁଁ ନୁଆରଇ ଦେଖି
ଅଥବା ନିରାଶ ନୁଆସଇ ମୋହର ବାକ୍ୟ ।
ମିଥ୍ୟାକଥା ନୁଆସଇ ମୋତେ ହାଦେ ଭଲେ
ସମସ୍ୟା ନ ଦିଅଇ ମୁଁ ଅସଜନ ଦେଖିଲେ ।
ମାତା ପିତା ସ୍ୱାମୀ ଗୁରୁ ଅତିଥି ଦେବତା
ସ୍ନେହାନ୍ତି ଆରାଧନା କରଇ ନିଭ୍ରାନ୍ତା ।
ସ୍ୱାମୀଙ୍କି ଆଦି କରି ଦାସୀଗଣ ଯାଏ
ସନ୍ତୁନ୍ତି ମୋହର ହୃଦଗତେ ସ୍ନେକ ଧାଏ ।" (ବନପର୍ବ-୨୩୪)

ଦ୍ରୌପଦୀଙ୍କର ଏ ତ୍ୟାଗ ଓ ଦାମ୍ପତ୍ୟନିଷ୍ଠା ଅତୁଳନୀୟ । ପଞ୍ଚପତିଙ୍କର ହୃଦୟ-ହାରିଣୀ ହୋଇ ମଧ୍ୟ ଦ୍ରୌପଦୀ ମହାସତୀ । କାରଣ ସେ ସ୍ୱଇଚ୍ଛାରେ ପଞ୍ଚପତିଙ୍କର ପତ୍ନୀତ୍ୱ ବରଣ କରି ନେଇନାହାନ୍ତି । ଏହା ତାଙ୍କ ଉପରେ ଲଦିଦିଆଯାଇଛି ହେଲେ । ସେ ତାଙ୍କ କର୍ମ ଓ ଆଚରଣରେ ପାଣ୍ଡବ ପଞ୍ଚ-ଆତ୍ମାରେ କୌଣସି ବିଭେଦ ନରଖି ଏକ ଆତ୍ମା ତୁଲ୍ୟ ବ୍ୟବହାର ଓ ପରିଚର୍ଯ୍ୟା କରିଛନ୍ତି । "ସମସ୍ତେ ଜାଣନ୍ତି ମୋହର ପଞ୍ଚ ପତି/ଉଚିତ ମୋର ନାହିଁ ସବୁନ୍ତିହିଁ ଏକଭକ୍ତି ।" ସତ୍ୟଆତ୍ମ ଉପାଖ୍ୟାନରେ ଦ୍ରୌପଦୀ ପ୍ରକାଶ କରିଛନ୍ତି ପଞ୍ଚପତିଙ୍କର ମନୋହାରିଣୀ ହେଲେ ମଧ୍ୟ ଅର୍ଜୁନଙ୍କ ପ୍ରତି ତାଙ୍କର ଅଧିକ ଆକର୍ଷଣ ରହିଅଛି । କାରଣ ସ୍ୱୟମ୍ବର ସଭାରେ ଲକ୍ଷ୍ୟଭେଦ କରି ତାଙ୍କୁ ପତ୍ନୀରୂପରେ ପ୍ରାପ୍ତ ହେବାର ଗୌରବ କେବଳ ଅର୍ଜୁନଙ୍କର । ଏହାଦ୍ୱାରା ତାଙ୍କର ସତୀତ୍ୱରେ ଆଞ୍ଚ ଆସିନାହିଁ; ବରଂ ପଞ୍ଚପତିଙ୍କର ସମକ୍ଷରେ ଅନ୍ତରର ଏହି ଗୋପନ ତଥ୍ୟ ପ୍ରକାଶ କରି ଦ୍ରୌପଦୀ ପ୍ରକୃତ ସତୀତ୍ୱର ପରିଚୟ ପ୍ରଦାନ କରିଛନ୍ତି । ସତ୍ୟରେ ହିଁ ସତୀତ୍ୱର ପ୍ରତିଷ୍ଠା । ଦ୍ରୌପଦୀଚରିତ ସାରଳା ମହାଭାରତର ଏକ ଶ୍ରେଷ୍ଠ ଚରିତ । ସ୍ତ୍ରୀଜାତିକ ଗୌରବରେ ସେ ପାଣ୍ଡବମାନଙ୍କୁ ମଧ୍ୟ ଅତିକ୍ରମ କରିଯାଇଛନ୍ତି—"ମୁହିଁ ମହା ଜଦ୍ନସେନୀ ଯୁଧେଷ୍ଠି ଦେବଙ୍କର ପାଟବଂଶୀ/ ପାଣ୍ଡବଙ୍କୁ ଶତେଗୁଣେ ମୁହିଁ ସେ ଗରୁହଂସୀ ।" ଦ୍ରୌପଦୀଙ୍କର ଏହି ଉକ୍ତି ଜଣେ ଆତ୍ମାଭିମାନିନୀ ନାରୀର ଦମ୍ଭୋକ୍ତି ମାତ୍ର ନୁହେଁ; ଏହା ଅକ୍ଷରେ ଅକ୍ଷରେ ସତ୍ୟ । ପାଣ୍ଡବମାନଙ୍କର ସକଳ

ସଫଳତା ମୂଳରେ ରହିଅଛି, ମହାଭାରତୀୟ ସେନା ଦ୍ରୌପଦୀଙ୍କର ଅଗ୍ନିମୟୀ ପ୍ରେରଣା । ସାରଳା ଦାସ ଓଡ଼ିଆଣୀ କୁଳବଧୂର କେତୋଟି ମାନବିକ ଦୁର୍ବଳତା ଦ୍ରୌପଦୀ-ଚରିତ୍ରରେ ଆରୋପିତ କରି ସ୍ୱ ବିବେଚକତ୍ୱର ପ୍ରମାଣ ଦେଇଛନ୍ତି । ରାଜକନ୍ୟା ଦ୍ରୌପଦୀ ଛଦ୍ମବ୍ରାହ୍ମଣବେଶୀ ପାଣ୍ଡବମାନଙ୍କ ଦ୍ୱାରା ଏକ କୁମ୍ଭାରଶାଳାକୁ ନୀତା ହୋଇଛନ୍ତି । ସେଠାରେ ପାଉଁଶ ଶେଯରେ ଶୋଇଥିବା ପାଣ୍ଡବଜନନୀ କୁନ୍ତୀ ତାଙ୍କୁ ପାଣ୍ଡବମାନଙ୍କ ପାଦତଳେ ସେହି ଭସ୍ମଶେଯରେ ଶୋଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଦ୍ରୌପଦୀ ପାଣ୍ଡବମାନଙ୍କର ଏକମାତ୍ର ସମ୍ବଳ ଗଡ଼ୁ ଓ ତମ୍ବାପାତ୍ରୀ ଆଦି କେତୋଟି ଜିନିଷ ସେଠାରେ ଥୁଆହୋଇ ଥିବାର ଦେଖିଛନ୍ତି । ଏଥିକରେ ତାଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗି-ଯାଇଛି । ଦୁଃଖରେ ଭାଙ୍ଗି ପଡ଼ି ସେ ବିଳାପ କରିଛନ୍ତି—

"ଦ୍ରୌପଦୀ ବଇକୁଣ୍ଠ ପାଉଁଶ ଶେଯ୍ୟା ଦେଖି,
ହେ ଦଇବପୁରୁଷ ମୋହର କପାଳେ ଏହା ସେ ଅଛୁ ଲେଖି ।
ହଂସୁଳି ତୁଳୀ ଗଜଦନ୍ତ ରତ୍ନ ଖଟୁଲି
ବେଢ଼ି ଇଚ୍ଛାରନ୍ତି ମୋତେ ଲକ୍ଷେକ ପୋଇଲି ।
ସୁପାଟର ଉପରେ ଦାସୀନେତ ପାଡ଼ି
ତହିଁର ଉପରେ କର୍ପୂରଗୁଣ୍ଡ ସେବତୀ ପାଖୁଡ଼ି ।
ତହିଁରେ ରଗଡ଼ି ହୋଅଇ ମୋହର ଶରୀର
କେମନ୍ତେ ଶୋଇବି ପାଉଁଶ ଶେଯ୍ୟା ଉପର ।

× × ×

କୁଶ ପାତ୍ରୀ ପୁଇଗଡ଼ୁଆ ପୁଷ୍କରମାଳୀ
ଦେଖି ମୂର୍ଚ୍ଛାଗତ ହୋଇଲି ଦ୍ରୁପଦଦୁଲାଳୀ ।
ରାଜକୁମାରୀ ହୋଇ ଏହନେକ କର୍ମ ମୋହର
ଭିକ୍ଷାଣୀ ବ୍ରାହ୍ମଣନ୍ତ ମୁଁ ପାଇଲଇଁ ବର ।
ଆନ ରଜା ହୋଇ ଯେବେ ମୋତେ ପାଆନ୍ତା
ମଥାର ଉପରେ ବସାଇ ମୋତେ ଘରେ ନିଅନ୍ତା ।
ନିର୍ଦ୍ଧନ୍ୟା ବ୍ରାହ୍ମଣ ଏଡ଼େ ହରଯୋଗୀ
ଅନ୍ତେଣ ହୋଇଲି ମୁଁ ଏହାଙ୍କର ପାଦ ତଳକୁ ଯୋଗୀ ।"

(ଆଦିପର୍ବ-୮୧୭)

ଏହା ଠିକ୍ ଓଡ଼ିଆ ନବବଧୂର କାନ୍ଦଣା ପରି ଶୁଣାଗଲେହେଁ ଦ୍ରୌପଦୀଙ୍କ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ହୋଇଅଛି । ସଭାପର୍ବରେ ରାଜସୂୟ ଯଜ୍ଞକାଳରେ ସଉତୁଣୀ ହିଡ଼ିମ୍ବିକାର ପୁଅ ଘଟୋତ୍କଚ ତାଙ୍କୁ ନମସ୍କାର ନ କରିବାରୁ ସେ କ୍ରୁଦ୍ଧା ହୋଇ ତାକୁ ଅଭିଶାପ ପ୍ରଦାନ କରିଥିବା ବିଷୟ ପୂର୍ବରୁ ଉଲ୍ଲେଖ କରାଯାଇଛି । ଏକ ଗୌରାଙ୍ଗୀ ନାୟିକାର କପାଳଦେଶରେ

ଅଙ୍କିତ କରିଛନ୍ତି ରଚନା ପରି ଏହି ମାନବସୁଲଭ ଦୁର୍ବଳତା ସାରଳାଦାସଙ୍କ ଦ୍ରୌପଦୀ-ଚରିତକୁ କଳ୍ପିତ ନମନୀୟ ଓ ସମଧିକ କମନୀୟ ଓ ମାନବୀୟ କରିଅଛି ।

**କୁନ୍ତୀ :**

ମାତୃତ୍ୱର ମହିମାରେ ମହିମାନ୍ୱିତ ଏହି ଚରିତଟି ସାରଳା ମହାଭାରତର ଅନ୍ୟ ଏକ ସ୍ମରଣୀୟ ଚରିତ । କୁନ୍ତୀଙ୍କର ଦାମ୍ପତ୍ୟଜୀବନ ବିଧାତାଙ୍କର ଏକ ନିଷ୍ଠୁର ପରିହାସ । ଅଗ୍ନିକ ଋଷିଙ୍କର ଦାରୁଣ ଅଭିଶାପ ଫଳରେ କୁନ୍ତୀ ସ୍ୱାମୀ-ସହବାସରୁ ଚିରବଞ୍ଚିତା ହୋଇଛନ୍ତି । ନାରୀ-ଜୀବନର ଚରମ ସାର୍ଥକତା ମାତୃତ୍ୱରେ; ମାତୃତ୍ୱର ଆକୁଳ ଆକାଂକ୍ଷା ତାଙ୍କୁ ପବିତ୍ର ନାରୀଧର୍ମରୁ ବିଚ୍ୟୁତ କରାଇଛି । ନିଜର ଅନିଚ୍ଛାସତ୍ତ୍ୱେ ସ୍ୱାମୀଙ୍କର ଅନୁମୋଦନ ଓ ମହର୍ଷି ଅଗସ୍ତିଙ୍କ ନିର୍ଦ୍ଦେଶକ୍ରମେ ପୁତ୍ରୋତ୍ପାଦନ ନିମିତ୍ତ ତତ୍କାଳୀନ ସମାଜବ୍ୟବସ୍ଥା ଅନୁଯାୟୀ ସେ ପରଦାରତ୍ୱ ସ୍ୱୀକାର କରିନେଇଛନ୍ତି । ଏଠାରେ ସ୍ମରଣ ରଖିବା ଉଚିତ ଯେ ସେ କାଳରେ ବଂଶରକ୍ଷା ନରନାରୀଙ୍କ ପକ୍ଷରେ ସବୁଠାରୁ ବଡ଼ ପବିତ୍ର କର୍ତ୍ତବ୍ୟରୂପେ ବିବେଚିତ ହେଉଥିଲା । ଧର୍ମଦେବତା, ବାୟୁ ଓ ଇନ୍ଦ୍ରଙ୍କ ଔରସରେ ତାଙ୍କ ଗର୍ଭରୁ ଯଥାକ୍ରମେ ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ଜନ୍ମଗ୍ରହଣ କରିଛନ୍ତି । ମାଦ୍ରୀ ଓ ପାଣ୍ଡୁଙ୍କର ମୃତ୍ୟୁ ପରେ ସେ ମଧ୍ୟ ନକୁଳ ଓ ସହଦେବଙ୍କର ପାଳନଭାର ଗ୍ରହଣ କରିଛନ୍ତି । ମାତୃତ୍ୱର ମନ୍ଦାକିନୀପ୍ରବାହରେ ତାଙ୍କର ସକଳ କଳୁଷ ଧୋଇହୋଇଯାଇଛି ଏବଂ ପାଣ୍ଡବଜନନୀରୂପେ ସେ ବିଶ୍ୱବିଶ୍ରୁତା ହୋଇଛନ୍ତି । ସନ୍ତାନମାନଙ୍କ ପାଇଁ ତାଙ୍କ ନିଷ୍ଠା, ତ୍ୟାଗ ଓ ସାଧନାର ତୁଳନା ନାହିଁ । ଜୀବନର ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ସେ ପୁତ୍ରମାନଙ୍କ ସଙ୍ଗେ ବନବାସିନୀ ହୋଇଛନ୍ତି ଏବଂ ଅଶେଷ ଦୁଃଖଯାତନା ସହି ସେମାନଙ୍କୁ ବଢ଼ାଇ ମଣିଷ କରିଛନ୍ତି । ସାରଳା ମହାଭାରତର ପୃଷ୍ଠାରାଜି ଏହି ବିଶ୍ୱବନ୍ଦନୀୟା ମହୀୟସୀ ମହିଳାଙ୍କର ମହିମାଗାନରେ ମୁଖରିତ ହୋଇଉଠିଛି । ମାତୃତ୍ୱର ପରମ ସାଧନାବଳରେ ଜଣେ ସ୍ୱୈରିଣୀ ବିପଥ-ଗାମିନୀ ନାରୀ କିପରି ପରମ ମାହେଶ୍ୱରୀ, ପରମ ସାଧ୍ୱୀ ଓ ପରମ ବୈଷ୍ଣବୀର ପଦକୁ ଉନ୍ନୀତ ହୋଇପାରେ ତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ କୁନ୍ତୀ । ଆଶ୍ରମିକ ପର୍ବରେ କୁନ୍ତୀଙ୍କର ବାନପ୍ରସ୍ଥାବ-ଲମ୍ବନ କାଳରେ ଯୁଧିଷ୍ଠିରଙ୍କ ଉକ୍ତି ଛଳରେ କବି କୁନ୍ତୀଙ୍କର ଅନନ୍ତମାତୃତ୍ୱର ମହିମାଗାନରେ ଆତ୍ମହରା ହୋଇପଡ଼ିଛନ୍ତି ।

"ଆମ୍ଭନ୍ତ ଯେତେଦିନ ଯେ ବନରେ ବୁଲିଲୁ
କନ୍ଦମୂଳ ଫଳ ଖାଇ ଦୁଃଖେ ଦିନ ନେଲୁ ।
ବିପତ୍ତି କାଳେ ମାତ ଆମ୍ଭନ୍ତ ଯେ ଦେଖୁ
ଭୋଗକାଳେ ମାତା ଗୋ କିମ୍ପେ ଆମ୍ଭଙ୍କୁ ଉପେଖୁ ।
ତୋହର ସେ ପୁଣ ନ ଶୁଝାଇଲୁ ଋଣ
ପୁତ୍ରରେ ଲେଖାଇ ଆମ୍ଭନ୍ତ କଲୁ ମନ୍ଦପଣ ।

ଭିକ୍ଷା ଅନ୍ନେଣ ଆମ୍ଭନ୍ତ ପୋଷିଲୁଟି ମାତ୍ର ଯାହା
ସମ୍ପ୍ରଧ୍ୱି କାଳେ ଗୋ ତ୍ୟାଗ କଲୁ ତାହା ।
ବାଳକାଳେ ତାତ ଆମ୍ଭର ହୋଇଲେକ ଭ୍ରଷ୍ଟ
ତୋହର ପ୍ରସାଦେ ଯେ ଆମ୍ଭେ ନ ପାଇଲୁ କିଛି କଷ୍ଟ ।"

କୁନ୍ତୀଙ୍କର ମାତୃତ୍ୱ କେବଳ ନିଜ ସନ୍ତାନମାନଙ୍କଠାରେ ଆବଦ୍ଧ ନୁହେଁ, ତାହା ବିଶ୍ୱପ୍ରସାରୀ । କୁନ୍ତୀ ଯୁଧିଷ୍ଠିରଙ୍କୁ ପ୍ରବୋଧନା ଦେଇ କହୁଛନ୍ତି—

"କୋଇନ୍ତୀଏ ବୋଇଲେ ଶୁଣ ହୋ ଯୁଧିଷ୍ଠି ।
ମୁଁ ତୋତେ କହଇ ଏକାନ୍ତେ
ଅନ୍ଧ ଅନ୍ଧୁଣୀ ଦୁହେଁ ଚଳିବେ କେମନ୍ତେ ।
ମୁଁ ଯେହାଙ୍କର ତୁଳେଣ ବାରୁ ଥିଲେ
ପଥ କଟାଇଣ ମୁଁ ନେଉଥିବ ଭଲେ ।
ଯେତେବେଳେ ଏମାନେ ଛାଡ଼ିବେ ଅନ୍ନପାଣି
ଲେଡ଼ିଆଣି କରି ଅନ୍ନ ଦେଉଥିବ ମନ ଜାଣି ।" (ଆଶ୍ରମିକ-୨୯)

ମାତୃତ୍ୱର ଏହି ଦୁର୍ବାର ପରିପୂରଣ ନିକଟରେ ଧର୍ମ, କର୍ମ, ନୀତି, ନିୟମ ସବୁ ତୁଚ୍ଛ ଓ ଅସାର—ଏହାହିଁ ପୁତ୍ରଗତପ୍ରାଣା କୁନ୍ତୀଙ୍କୁ ବିଶ୍ୱବନ୍ଦନୀୟା ନାରୀର ଗୌରବରେ ମଣ୍ଡିତ କରିଛି ।

**ଗାନ୍ଧାରୀ :**

ସାରଳା ମହାଭାରତର ଆରମ୍ଭରେ ଆମେ ଗାନ୍ଧାରୀଙ୍କୁ ଜଣେ ବରମୁଣ୍ଡଖାଇ ହୀନମନ୍ୟା ଉଆଁସୀ କନ୍ୟାରୂପରେ ଦେଖିବାକୁ ପାଉ । ସେ ଶହେ ଆଠୋଟି ବରଙ୍କର ମୁଣ୍ଡ ଖାଇଛନ୍ତି । ଶେଷକୁ ବ୍ୟାସଦେବଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ଗୋଟିଏ ଶାହାଡ଼ା ଗଛ ସହିତ ପ୍ରଥମେ ବିଭାହିଆଯାଇ ପରେ ତାଙ୍କର ପରି ଜଣେ ହୀନମନ୍ୟ ବ୍ୟକ୍ତି ଅନ୍ଧ ଧୃତରାଷ୍ଟ୍ରଙ୍କ ସହିତ ଛନ୍ଦିଦିଆଯାଇଛି । ଏ ହେଉଛନ୍ତି ସାରଳାମହାଭାରତର ଗାନ୍ଧାରୀ, ଯିଏକି ସଂସ୍କୃତ ମହାଭାରତର ଗାନ୍ଧାରୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବିବାହ ପରେ ଆରମ୍ଭ ହୋଇଛି ଗାନ୍ଧାରୀଙ୍କର ସାଧନାମୟ ଜୀବନର ଅଗ୍ନିମାରମ୍ଭ । ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ଓ ସମଭାଗିନୀ ହେବାପାଇଁ ସେ ଇଚ୍ଛାକୃତ ଭାବରେ ଆଜୀବନ ଅନ୍ଧତ୍ୱ ବରଣ କରିନେଇଛନ୍ତି । ସ୍ୱାମୀଙ୍କର ଜୀବନପ୍ରବାହରେ ସେ ଆପଣାର ଜୀବନସ୍ରୋତକୁ ସମ୍ପୂର୍ଣ୍ଣ ବିଲୀନ କରିଦେଇଛନ୍ତି । ଦର୍ଶନ-ସୁଖରୁ ନିଜକୁ ସବୁଦିନ ପାଇଁ ବଞ୍ଚିତକରି ସେ ଆଖିରେ ଅନ୍ଧପଟଳ ବାନ୍ଧିଦେଇଛନ୍ତି । ଆଉ କେଉଁଠି ଅଛି ଏ ସାଧନାର ପଟାନ୍ତର ? ଏହି ସାଧନା ହିଁ ସମାଜଆଖିରେ ନିନ୍ଦିତା ଓ ଘୃଣିତା ଉଆଁସୀ-କନ୍ୟା ଗାନ୍ଧାରୀଙ୍କୁ ପ୍ରାତଃସ୍ମରଣୀୟା, ବିଶ୍ୱବନ୍ଦନୀୟା ମହାସତୀର ଆସନ

ପ୍ରଦାନ କରିଛି । ଧୃତରାଷ୍ଟ୍ର ଓ ଗାନ୍ଧାରୀ କେଉଁ ଯୁଗରୁ କାଳସ୍ରୋତରେ ଭାସିଗଲେଣି; କିନ୍ତୁ "ଯଥା ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ"—ଗାନ୍ଧାରୀଙ୍କର ପବିତ୍ର ସାଧନାମୟ ଜୀବନର ଏହି ସ୍ମାରକୀ ପ୍ରତି ନବଦମ୍ପତିଙ୍କ ହୃଦୟରେ ଆଶା ଓ ଆଲୋକର ସଞ୍ଚାର କରୁଥିବ । ଗାନ୍ଧାରୀଚରିତ୍ରର ଆଉ ଗୋଟିଏ ପାଖ ହେଉଛି, ତାଙ୍କର ମାତୃତ୍ୱ ଓ ସନ୍ତାନବାତ୍ସଲ୍ୟ । ଦୁର୍ଯ୍ୟୋଧନଙ୍କୁ ଅନ୍ୟାୟ ଓ ଅନୀତିର ପିଚ୍ଛିଳ ମାର୍ଗରୁ ନିବୃତ୍ତ କରିବା ପାଇଁ ଏବଂ କୁଳକ୍ଷୟକାରୀ କପଟାଗ୍ରଣୀ ମନ୍ତ୍ରୀ ଶକୁନିର ପରାମର୍ଶରେ ପରିଚାଳିତ ନ ହେବାପାଇଁ ସେ ବାରମ୍ବାର ଉପଦେଶ ଦେଇଛନ୍ତି; କିନ୍ତୁ ଐଶ୍ୱର୍ଯ୍ୟ ଓ ଯୌବନର ମଦରେ ମତ୍ତହୋଇ ଦୁର୍ଯ୍ୟୋଧନ ସ୍ନେହଶୀଳା ଜନନୀଙ୍କର ଏହି ସଦୁପଦେଶକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଏହି ସରଳା, ସ୍ନେହଶୀଳା ଜନନୀର ଅସରନ୍ତି ସନ୍ତାନବାତ୍ସଲ୍ୟ ପାଠକ ଓ ଶ୍ରୋତାର ତାପିତ ପ୍ରାଣରେ ଶୀତଳତାର ଅମୃତ ସୁଧାଧାରା ଢାଳିଦିଏ । ହେଲେ ସାରଳା ଦାସଙ୍କ ଅନ୍ୟାନ୍ୟ ଚରିତ୍ର ପରି ଗାନ୍ଧାରୀ ମଧ୍ୟ ଧୂଳିମାଟିର ମଣିଷ । ମାତୃହୃଦୟର ଦୁର୍ବଳତାରୁ ସେ ମୁକ୍ତ ନୁହନ୍ତି । ମହାଭାରତଯୁଦ୍ଧରେ ଶତପୁତ୍ରଙ୍କ ମୃତ୍ୟୁରେ ଦାରିଦ୍ରଦଗ୍ଧଶୂନ୍ୟା ହୋଇ ସେ ଚାହିଁଛନ୍ତି ଯୁଧିଷ୍ଠିରଙ୍କୁ ଅନ୍ଧପଟଳମୁକ୍ତ ନୟନାନଳରେ ଦଗ୍ଧ କରିଦେବା ପାଇଁ; କିନ୍ତୁ ଶ୍ରୀକୃଷ୍ଣଙ୍କ ଚତୁର କୌଶଳ ଓ କୂଟନୀତି ଫଳରେ ତାହା ସମ୍ଭବପର ହୋଇନାହିଁ । କୁରୁକ୍ଷେତ୍ରର ରଣାଙ୍ଗନରେ ପୁତ୍ରମାନଙ୍କର ଶବ ଦେଖି ସେ ପାଗଳିନୀ ହୋଇଯାଇଛନ୍ତି । ପ୍ରଚଣ୍ଡ କ୍ରୋଧରେ ସେ କୃଷ୍ଣଙ୍କୁ ଅଭିଶାପ ଦେଇଛନ୍ତି—

"ତୋହର ଜ୍ଞାନେ ନାଶ ଗଲଟି ମୋର ବଂଶ
ହେ କୃଷ୍ଣ ସେହିମତ ତୋହର ହେଉ ବଂଶନାଶ ।"

**ଭାନୁମତୀ :**

ଭାନୁମତୀ ସାରଳା ମହାଭାରତର ଏକ ଗୌଣ-ଚରିତ୍ର । ଉତ୍କଳର ପ୍ରତି କୁଳବଧୂପରି ଏହି ଚରିତ୍ରଟି ଯବନିକାର ଅନ୍ତରାଳରେ ରହିଯାଇଛି । ହେଲେ ସାରଳାଦାସ ଯେଉଁ କେତୋଟି ନିଷ୍କଳଙ୍କ ନାରୀଚରିତ୍ର ଅଙ୍କନ କରିଛନ୍ତି, ତାହା ମଧ୍ୟରୁ ଏହା ଗୋଟିଏ । ଜଗତର କୌଣସି କଳଙ୍କ ତାଙ୍କୁ ସ୍ପର୍ଶ କରିନାହିଁ । ସହଧର୍ମିଣୀଭାବରେ ସେ ଦୁର୍ଯ୍ୟୋଧନଙ୍କୁ କୁକର୍ମରୁ ନିବୃତ୍ତ କରାଇବା ପାଇଁ ଆପ୍ରାଣ ଚେଷ୍ଟା କରି ତିରସ୍କୃତା ହୋଇଛନ୍ତି । ଓଡ଼ିଆ କୁଳବଧୂପରି ସେ କେବଳ ଅଶ୍ରୁବର୍ଷଣ କରିଛନ୍ତି ଏବଂ ସ୍ୱାମୀଙ୍କର ମଙ୍ଗଳ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି । ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଅର୍ଘ୍ୟଥାଳି ଧରି ସ୍ୱାମୀଙ୍କୁ ବନ୍ଦାଇ ଆଣିବା ପାଇଁ ଚିରଜାଗ୍ରତ ସତୀ ସାଧ୍ୱୀ ପ୍ରେମ ଓ କରୁଣାମୟୀ ଏହି କୁଳବଧୂଟିର ସୌମ୍ୟ ମଧୁର ମୂର୍ତ୍ତି ପାଠକର ମାନସପଟରୁ ଲିଭିବାର ନୁହେଁ ।

**ଗଙ୍ଗା :**

ଗଙ୍ଗା ସାରଳା ମହାଭାରତର ଏକ ପାର୍ଶ୍ୱଚରିତ୍ର । ମହାଭାରତର ମୂଳ ଘଟନା-ପ୍ରବାହରେ ଏହାର କୌଣସି ଭୂମିକା ନାହିଁ; କିନ୍ତୁ ଚରିତ୍ରଚିତ୍ରଣର ବୈଚିତ୍ର୍ୟ ଓ ଅନନ୍ୟତା

ହେତୁ ଏହା ଓଡ଼ିଆ ଜନମାନସକୁ ଗଭୀର ଭାବରେ ପ୍ରଭାବିତ କରିଅଛି । ଶିବହୃଦୟହାରିଣୀ ଗଙ୍ଗା ମର୍ତ୍ତ୍ୟଭୂମିରେ ନର୍ଘାତିର କନ୍ୟାରୂପେ ଜନ୍ମଗ୍ରହଣ କଲେ । ଜନ୍ମଜନ୍ମର ସାଥୀ ପରମଯୋଗୀ ଶିବଙ୍କ ସହିତ ପୁନର୍ମିଳନ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ; କିନ୍ତୁ ଶିବ ବ୍ରହ୍ମହତ୍ୟା ପାପର ପ୍ରାୟଶ୍ଚିତ୍ତ ପାଇଁ ପାତାଳର ହଟକେଶ୍ୱରଠାରେ ତପସ୍ୟାନିରତ । ଶିବଙ୍କର ପ୍ରତୀକ୍ଷାରେ ଯୁଗ ଯୁଗ ବିତିଗଲା । ଏଣେ ଅବିବାହିତା କନ୍ୟା ଘରେ ରହିବା ମହାପାପ ବୋଲି ବିଚାରି ନର୍ଘାତ ଗଙ୍ଗାଙ୍କର ବିବାହ ପାଇଁ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଲେ । ଥରେ ପରମଶିବଭକ୍ତ ରାଜର୍ଷି ଶାନ୍ତନୁ ଶିବଙ୍କ ବେଶଭୂଷାରେ ମଣ୍ଡିତ ହୋଇ ବିଚରଣ କରୁଥିବା ସମୟରେ ଶିବଗତପ୍ରାଣା ଗଙ୍ଗା ତାଙ୍କୁ ଶିବ ବୋଲି ବିଚାରି ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଏହାର ସୁଯୋଗ ନେଇ ନର୍ଘାତ ଶାନ୍ତନୁଙ୍କ ସହିତ ଗଙ୍ଗାଙ୍କର ବିବାହ ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ବିଭାବେଦିରେ ମନ୍ତ୍ରୋଚ୍ଚାରଣ ସମୟରେ ପ୍ରକୃତ ସତ୍ୟ ଉଦ୍‌ଘାଟିତ ହେବାରୁ ଗଙ୍ଗା ଆଉ ଶାନ୍ତନୁଙ୍କୁ ବିଭା କରିବାପାଇଁ ମନ ବଳାଇଲେ ନାହିଁ; କିନ୍ତୁ ପିତାଙ୍କ ସତ୍ୟଭଙ୍ଗ ଆଶଙ୍କାରେ ସେ ଶେଷରେ ଗୋଟିଏ କଠିନ ସର୍ତ୍ତରେ ଶାନ୍ତନୁଙ୍କୁ ବିଭା କରିବା ପାଇଁ ରାଜିହେଲେ । ସର୍ତ୍ତ ରହିଲା ଯେ ଶାନ୍ତନୁ ଗଙ୍ଗାଙ୍କର ସକଳ ଦୋଷ କ୍ଷମା କରିବେ ଏବଂ କସ୍ମିନ୍ କାଳେ ତାଙ୍କୁ 'ଗାଙ୍ଗୀ' ବୋଲି ଭର୍ତ୍ସନା କରିବେନାହିଁ । ଏହାର ସାମାନ୍ୟତମ ବ୍ୟତିକ୍ରମ କଲେ ବ୍ରତଭଙ୍ଗ ହେଲା ବୋଲି ଧରିନିଆଯିବ ଏବଂ ତେଣିକି ଗଙ୍ଗା ହେବେ ସମ୍ପୂର୍ଣ୍ଣ ସ୍ୱାଧୀନା ।

"ଭର୍ତ୍ସନା ନ କରିବୁ ନ ଦେବୁ ମୋତେ ଗାଳି<br>
ଅନୁବ୍ରତେ ଖଟିଣଥିବୁ ମୋ ମନର ହିଆଳି ।<br>
ଗଙ୍ଗା ବୋଲିଣ ତୁ ବୋଲୁଥିବୁ ଅନୁବ୍ରତେ<br>
ଗାଙ୍ଗୀ ବୋଇଲେ ନ ଥାଇଟି ପୂରେଇ ମୋର ବ୍ରତେ ।"

ବିବାହର କିଛିକାଳ ପରେ ଗଙ୍ଗା ମୁକ୍ତି ପାଇଁ ଅଧୀରା ହୋଇପଡ଼ିଲେ ଏବଂ ଶାନ୍ତନୁଙ୍କ ଉପରେ ନାନା ଅତ୍ୟାଚାର ଆରମ୍ଭ କରିଦେଲେ । ଶାନ୍ତନୁଙ୍କ ଦୁଃଖ ଓ ଅପମାନର ସୀମା ରହିଲାନାହିଁ । ହେଲେ ବ୍ରତଭଙ୍ଗ ଭୟରେ ସେ ଗଙ୍ଗାଙ୍କର ସବୁ ଅତ୍ୟାଚାର ନୀରବରେ ସହିଗଲେ; କିନ୍ତୁ ଗଙ୍ଗା ତାଙ୍କର ଛଅପୁତ୍ରଙ୍କୁ ଆଜନ୍ମରୁ ଗୋଟି ଗୋଟି କରି ହାଣିସାରି ସପ୍ତମ ପୁତ୍ର ଭୀଷ୍ମଙ୍କୁ ହାଣିବାକୁ ଯାଉଥିବା ସମୟରେ ଶାନ୍ତନୁ ଆଉ ସମ୍ଭାଳି ନ ପାରି ତାଙ୍କୁ ଗାଙ୍ଗୀ ବୋଲି ଭର୍ତ୍ସନା କଲେ । ଏତିକିରେ ଗଙ୍ଗା ଶାନ୍ତନୁଙ୍କୁ ଛାଡ଼ି ଚାଲିଗଲେ । ସାରଳାଙ୍କ ଗଙ୍ଗାଚରିତ୍ର ସଂସ୍କୃତ ମହାଭାରତବର୍ଣ୍ଣିତ ଗଙ୍ଗାଚରିତ୍ରର ଘୋର ବ୍ୟତିକ୍ରମ । ପଣ୍ଡିତ ଗୋପୀନାଥ ନନ୍ଦ ତାହାଙ୍କ "ଭାରତଦର୍ପଣ" ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ଗଙ୍ଗାଙ୍କର ଏହି ବୀଭତ୍ସ ଚରିତ୍ର ଅନ୍ତରାଳରେ ବୋଧହୁଏ ଥିଲା ସାରଳା ଦାସଙ୍କ ଅଶାନ୍ତ ଦାମ୍ପତ୍ୟ ଜୀବନର ବିଫଳତା; କିନ୍ତୁ ଏହା ସମୀଚୀନ ବୋଧହୁଏ ନାହିଁ । ଯେତେଦୂର ଅନୁମିତ ହୁଏ, ସାରଳା ଦାସଙ୍କ ଗଙ୍ଗାଚରିତ୍ର ଏକ ରୂପକ । ଏଥିରେ

ସାରଳା ଦାସ ଶୀତ ଓ ଗ୍ରୀଷ୍ମ କାଳରେ ସ୍ଥିର ଓ ସ୍ୱଳ୍ପ ସଲ୍ଲିଳା ଏବଂ ବର୍ଷାକାଳରେ ଉଚ୍ଛ୍ୱଳ-ତରଙ୍ଗମୟୀ, ଭୟଙ୍କରୀ ଓ ବିଶ୍ୱସଂହାରିଣୀ ଚଞ୍ଚଳା ଗଙ୍ଗାଙ୍କ ସ୍ୱରୂପର ବ୍ୟାଖ୍ୟା କରିଛନ୍ତି— "ଚଞ୍ଚଳା ଜାହ୍ନବୀ ଦୁଷ୍ଟ ଯେ ପ୍ରକୃତି/ନିଶ୍ଚଳ ହୋଇଣ ଥାଇ କି ନୋହିଲ ତାର ଶାନ୍ତି ।"

ଏହି ଉପାଖ୍ୟାନର ଅନ୍ୟ ଏକ ବ୍ୟାଖ୍ୟା ମଧ୍ୟ ସମ୍ଭବପର । ଯେଉଁ ବିବାହରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ସହଯୋଗ ଓ ସହମତ ନାହିଁ, ସେପରି ବିବାହ ଅନେକ ସମୟରେ ନରନାରୀଙ୍କର ଦାମ୍ପତ୍ୟ ଜୀବନରେ ଦାରୁଣ ବିପର୍ଯ୍ୟୟ ସୃଷ୍ଟି କରିଥାଏ । ଏହାର ବହୁ ଦୃଷ୍ଟାନ୍ତ ସାରଳାଙ୍କ ନଜରକୁ ଆସିଥିବ ଏବଂ ସାରଳା ଗଙ୍ଗାଚରିତ୍ରରେ ତାହାକୁ ରୂପାୟିତ କରିଥିବେ । ଏକ ବାସ୍ତବ ସାମାଜିକ ଦୃଷ୍ଟିରୁ ସାରଳାଙ୍କ ଗଙ୍ଗାଚରିତ୍ର ଯେ ଏକ ଅତୁଳନୀୟ କଳାସୃଷ୍ଟି, ଏଥିରେ ସନ୍ଦେହ ନାହିଁ ।

ନରନାରୀ ସମ୍ପର୍କ ବର୍ଣ୍ଣନାରେ ସାରଳାଦାସ ଜଣେ ବାସ୍ତବଧର୍ମୀ ପ୍ରୟୋଗବାଦୀର ଭୂମିକା ଗ୍ରହଣ କରିଛନ୍ତି । ପ୍ରେମ କହିଲେ ସାରଳା-ସାହିତ୍ୟରେ ଶୃଙ୍ଗାର ବା କାମଚେଷ୍ଟାକୁ ବୁଝାଏ । ଶୃଙ୍ଗାରର ନଗ୍ନ ଓ ବୀଭତ୍ସ ବର୍ଣ୍ଣନାରେ ସାରଳା-ସାହିତ୍ୟର ପୃଷ୍ଠା ଭରପୂର । ପୂର୍ବରାଗ, ବିରହ, ବିଚ୍ଛେଦ ଆଦି ପ୍ରେମର ବିବିଧ ଅବସ୍ଥାର ଚିତ୍ର ଏଥିରେ ପ୍ରାୟ ଦେଖିବାକୁ ମିଳେନାହିଁ । ତ୍ୟାଗ, ନିଷ୍ଠା ଓ ତନ୍ମୟତା ଆଦି ପ୍ରେମର ଉଦାତ୍ତ ଓ ସୁକୁମାର ବିଭାଗଗୁଡ଼ିକ ପ୍ରତି ସେ ସମୁଚିତ ଧ୍ୟାନ ଦେଇନାହାନ୍ତି । ଦେହରୁ ଦେହାତୀତକୁ ଉଠିବାର ଯେଉଁ ଅନନ୍ତ ସମ୍ଭାବନା ପ୍ରେମର ରହିଅଛି, ତାହା ପ୍ରତି ସାରଳା ଦାସ ଆଖି ବୁଜିଦେଇଥିବା ପରି ମନେହୁଏ । ଅବଶ୍ୟ ଗାନ୍ଧାରୀ, ଦ୍ରୌପଦୀ, ଭାନୁମତୀ, ଉତ୍ତରା, ଦମୟନ୍ତୀ ଓ ସତ୍ୟା ଚରିତ୍ରରେ ଏହାର କିଞ୍ଚିତ୍ ଆଭାସ ଅଛି; ହେଲେ ତାର ବିକାଶ ପ୍ରତି ସାରଳାଦାସ ସମୁଚିତ ଧ୍ୟାନ ଦେଇନାହାନ୍ତି । ଶୃଙ୍ଗାର ସାରଳାଙ୍କ ମତରେ ଏକ ସାଧନ ମାତ୍ର । ଏହାର ଚରମ ଲକ୍ଷ୍ୟ ହେଉଛି ସନ୍ତାନ ଉତ୍ପାଦନ । ସନ୍ତାନୋତ୍ପତ୍ତି ବ୍ୟତୀତ ନରନାରୀ ମିଳନର ଅନ୍ୟ ଲକ୍ଷ୍ୟ ନାହିଁ । ସେଥିପାଇଁ ସାରଳା ମହାଭାରତରେ ଅଧିକାଂଶ ସ୍ଥଳରେ ସନ୍ତାନ ଉତ୍ପାଦନ ପରେ ହିଁ ନରନାରୀ ସମ୍ପର୍କର ପରିସମାପ୍ତି ଘଟିଛି । ସାରଳା-ସାହିତ୍ୟରେ ଅବୈଧ ଶୃଙ୍ଗାରର ଯେଉଁ ବୀଭତ୍ସ ବର୍ଣ୍ଣନା ଦୃଷ୍ଟ ହୁଏ, ତଦ୍ୱାରା ସାରଳା ଦାସ ପରକୀୟା ପ୍ରେମର ବିଷମୟ ପରିଣତି ପ୍ରତି ଜନସମାଜର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଯୌନ ସମ୍ପର୍କ କ୍ଷେତ୍ରରେ ନରନାରୀଙ୍କର ଯେଉଁ ନୈତିକ ତଥା ସାମାଜିକ ଗୁରୁଦାୟିତ୍ୱ ରହିଅଛି, ସେଥିପ୍ରତି ସାବଧାନ କରିଦେଇଛନ୍ତି । ସାରଳାଙ୍କ ମତରେ ଏକ ସୁସ୍ଥ ସମାଜଗଠନ ପାଇଁ ଯୌନ-ସଂଯମ ଓ ପବିତ୍ରତା ଏକାନ୍ତ ଅପରିହାର୍ଯ୍ୟ । ସେଥିପାଇଁ ଯେଉଁଠି ଏବଂ ଯେତେବେଳେ ଅବୈଧ ଶୃଙ୍ଗାରର ବର୍ଣ୍ଣନା କରାଯାଇଛି, ଠିକ୍ ତା' ପରେ ପରେ ପରଦାରାହରଣର ବିପଜ୍ଜନକ ପରିଣତି ସମ୍ବନ୍ଧରେ ଏକ ସୁଦୀର୍ଘ ନୀତିଭାଷଣ ସାରଳା ଦାସ ଶୁଣାଇଛନ୍ତି । ଏ ପ୍ରସଙ୍ଗରେ ଖନକାର ଜନ୍ମବୃତ୍ତାନ୍ତ, ଭାରଦ୍ୱା ଚରିତ, ମୋଦ୍‌ଗଲପଣ୍ଡା ଚରିତ, ବିଶ୍ୱକସେନ ଶୂଦ୍ର ଉପାଖ୍ୟାନ ଆଦି ବିଶେଷ । ଅସଂଦିଗ୍ଧ ଓ ଟେକ୍‌ଟୋକ୍ ଭାଷାରେ ପରକୀୟା ପ୍ରେମର

ନିନ୍ଦା କରି ସାରଳା ଦାସ ସମସାମୟିକ ଉତ୍କଳକୁ ବଳିଷ୍ଠ ସାମାଜିକ ଓ ଆଧ୍ୟାତ୍ମିକ ନେତୃତ୍ୱ ଦେଇଛନ୍ତି ।

ସାରଳା ମହାଭାରତର ଚରିତ୍ରଚିତ୍ରଣ ପ୍ରସଙ୍ଗରେ ଅନ୍ୟ ଯେଉଁ ବିଷୟଟି ବିଚାର୍ଯ୍ୟ, ତାହା ହେଉଛି ସାରଳାଙ୍କ ଉତ୍ତୁଙ୍ଗ ମାନବବାଦ । ସାରଳା ତାହାଙ୍କ କୃତିସମୂହରେ ମନୁଷ୍ୟକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି । ତାହାଙ୍କ ମତରେ ନର ହିଁ ନାରାୟଣ । ମନୁଷ୍ୟର ଶରୀର ତେତିଶକୋଟି ଦେବତାଙ୍କର ଅଧିଷ୍ଠାନ । ତାହାଙ୍କ ମତ ହେଉଛି ପାପକୁ ଘୃଣା କର; କିନ୍ତୁ ପାପୀକୁ ଘୃଣା କର ନାହିଁ । ସେଥିପାଇଁ ଯେତେ ଦୁଷ୍ଟ ଓ ସଇତାନ ହେଲେ ବି ସାରଳା-ମହାଭାରତର କୌଣସି ଚରିତ୍ର କବିଙ୍କର ସମବେଦନାଲାଭରୁ ବଞ୍ଚିତ ନୁହେଁ । ସଂସ୍କୃତ ମହାଭାରତରେ ଉଲ୍ଲେଖ ଅଛି, ପାଞ୍ଚାଳୀ ପଞ୍ଚପୁତ୍ରଙ୍କର ମୃତ୍ୟୁ ସମ୍ବାଦ ପାଇ ଦୁର୍ଯ୍ୟୋଧନ ଆନନ୍ଦିତ ହୋଇଥିଲେ; କିନ୍ତୁ ସାରଳା ଦାସ ଲେଖିଛନ୍ତି ଯେ ଅଶ୍ୱତ୍ଥାମାଙ୍କ ଦ୍ୱାରା ଆନୀତ ମୃତ ପାଣ୍ଡବମାନଙ୍କର ମୁଣ୍ଡଗୁଡ଼ିକୁ ଯେତେବେଳେ ଦୁର୍ଯ୍ୟୋଧନ ପ୍ରଭାତର ଆଲୋକରେ ଦ୍ରୌପଦୀଙ୍କର ପଞ୍ଚପୁତ୍ରଙ୍କର ମୁଣ୍ଡ ବୋଲି ଚିହ୍ନି ପାରିଛନ୍ତି, ସେତେବେଳେ ଦୁଃଖ ଓ ଅନୁଶୋଚନାରେ ସେ ଭାଙ୍ଗି ପଡ଼ିଛନ୍ତି ଏବଂ ସେହି ମସ୍ତକଗୁଡ଼ିକୁ ଆଲିଙ୍ଗନ କରୁଥିବା ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ସାରଳା-ମହାଭାରତର ଶକୁନି ଏକ ସୟତାନ ଚରିତ୍ର । କୌରବମାନଙ୍କର ପରମହିତାକାଂକ୍ଷୀ ସାଜି ସେ କୁରୁକୁଳର ଧ୍ୱଂସ ଘଟାଇଛନ୍ତି । ତାଙ୍କର ଏହି ଉପକାର ସ୍ମରଣ କରି ସହଦେବ ତାକୁ ଯୁଦ୍ଧରୁ ଚାଲିଯାଇ ପ୍ରାଣରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । କିନ୍ତୁ ଶକୁନି ସହଦେବଙ୍କର ସେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି । ନିନ୍ଦିତ ଜୀବନ ଘେନି ବଞ୍ଚିବାଠାରୁ ରଣଯଜ୍ଞରେ ଝାସଦେଇ ମରିବାକୁ ସେ ଅଧିକ ପସନ୍ଦ କରିଛି । ସାରଳାଦାସ ତାହାଙ୍କ ମହାଭାରତରେ ଦେଖାଇଛନ୍ତି ଯେ କୌଣସି ବ୍ୟକ୍ତି ଯେପରି ସମ୍ପୂର୍ଣ୍ଣ ଦୋଷମୁକ୍ତ ନୁହେଁ, ସେହିପରି କୌଣସି ବ୍ୟକ୍ତି ପୂର୍ଣ୍ଣମାତ୍ରାରେ ଗୁଣବର୍ଜିତ ନୁହେଁ । ଭଲମନ୍ଦ, ଗୁଣଦୋଷ ସମସ୍ତଙ୍କଠାରେ ମିଶାମିଶି ହୋଇ ରହିଛି । ଏହିଠାରେ ହିଁ ମନୁଷ୍ୟ ଜୀବନର ସାର୍ଥକତା ।

ବିଷୟବସ୍ତୁ ଓ ଚରିତ୍ର ଚିତ୍ରଣ ଦୃଷ୍ଟିରୁ ସଂସ୍କୃତ ମହାଭାରତ ଓ ସାରଳା-ମହାଭାରତ ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିଅଛି । ସାରଳା-ମହାଭାରତ ଏକ ମୌଳିକ ରଚନା । ଏହାକୁ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଏକ ବିଶାଳ ବିଶ୍ୱକୋଷ ବୋଲି କୁହାଯାଇପାରେ । ହେଲେ ହେଁ ସଂସ୍କୃତ ମହାଭାରତ ସହିତ ସାରଳା ମହାଭାରତର ଏକ ଅଦ୍ୱୟ ଯୋଗ ରହିଅଛି । ସାରଳାଦାସ ବ୍ୟାସଙ୍କର ପଦାଙ୍କ ଅନୁସରଣ କରିଥିବା ବିଷୟ ବାରମ୍ବାର ଘୋଷଣା କରିଅଛନ୍ତି । ଏଥିରେ ଟିକିଏ ହେଲେ ଛଳନା ବା ମିଥ୍ୟା ନାହିଁ । କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଭେଦ ଓ କଳହ, କୌରବମାନଙ୍କର ପତନ ଓ ରାଜ୍ୟନାଶ ଏବଂ ପାଣ୍ଡବମାନଙ୍କର ଅନ୍ତିମ ବିଜୟ ସଂସ୍କୃତ ମହାଭାରତର ପ୍ରଧାନ ପ୍ରତିପାଦ୍ୟ ବସ୍ତୁ । ସାରଳା-ମହାଭାରତରେ ଏହାର ବ୍ୟତିକ୍ରମ ହୋଇନାହିଁ । ଦ୍ୱିତୀୟରେ ଧର୍ମର ଜୟ

ଓ ଅଧର୍ମର ପରାଜୟ ଦର୍ଶାଇ ଲୋକମାନଙ୍କୁ ଧର୍ମମାର୍ଗରେ ପ୍ରବର୍ତ୍ତିତ କରାଇବା ମହାଭାରତ ରଚନାର ଅନ୍ୟତମ ଲକ୍ଷ୍ୟ । ସାରଳା-ମହାଭାରତର ଲକ୍ଷ୍ୟ ଏହାଠାରୁ ଭିନ୍ନ ନୁହେଁ । ପୁନଶ୍ଚ ସଂସାରର ଅନିତ୍ୟତା ପ୍ରତିପାଦନପୂର୍ବକ ଲୋକମାନଙ୍କୁ ମୋକ୍ଷପ୍ରାପ୍ତି ନିମିତ୍ତ ଅନୁପ୍ରାଣିତ କରିବା ମହାଭାରତର ଚରମ ଧ୍ୟେୟ ଏବଂ ଏହାହିଁ ସାରଳା-ମହାଭାରତର ନିଷ୍କର୍ଷ । ତେଣୁ ସଂସ୍କୃତ ମହାଭାରତ ଓ ସାରଳା-ମହାଭାରତ ମଧ୍ୟରେ ଯେଉଁ ଭେଦ, ତାହା ଏକ ଶୈଳୀଗତ ଭେଦ । ଯଥାର୍ଥରେ ସଂସ୍କୃତ ମହାଭାରତର ବିଶାଳ ମନ୍ଦିର ଭିତରେ ସାରଳା-ମହାଭାରତ ହେଉଛି ଆଉ ଏକ ସୁଦୃଶ୍ୟ ଓ ସୁମନୋହର ମନ୍ଦିର । ଏହାର ମୌଳିକତା ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ଏହା ସଂସ୍କୃତ ମହାଭାରତର ମୂଳ ପ୍ରବାହରୁ ବିଚ୍ଛିନ୍ନ ହୋଇନାହିଁ ।

**କାବ୍ୟୋତ୍କର୍ଷ :**

ଏକ ପୁରାଣର ଆଙ୍ଗିକ ଅବଲମ୍ବନରେ ରଚିତ ହୋଇଥିଲେ ହେଁ ସାରଳା ମହାଭାରତ ଏକ କାବ୍ୟ ଏବଂ ଗୋଟିଏ ଉଚ୍ଚାଙ୍ଗ କାବ୍ୟର ସକଳ ଲକ୍ଷଣ ଏଥିରେ ବିଦ୍ୟମାନ । ସାଧାରଣତଃ ଦୁଇଗୋଟି ବସ୍ତୁ କାବ୍ୟକଳାର କାରଣ ରୂପେ ନିର୍ଦ୍ଦେଶିତ ହୋଇଥାଏ । ଗୋଟିଏ ହେଉଛି ବ୍ୟୁତ୍ପତ୍ତି ଏବଂ ଅନ୍ୟଟି ପ୍ରତିଭା । ସାରଳା ଏ ଉଭୟର ଅଧିକାରୀ ଥିଲେହେଁ ପ୍ରତିଭା ହିଁ ତାହାଙ୍କ କାବ୍ୟକଳାର ମୁଖ୍ୟ କାରଣ । ତାହାଙ୍କର କାବ୍ୟାବଳୀ ଏକ ଅସାମାନ୍ୟ ପ୍ରଚଣ୍ଡ କବିପ୍ରତିଭାର ପ୍ରାଣବନ୍ତ ପରିପ୍ରକାଶ ଭିନ୍ନ ଅନ୍ୟ କିଛି ନୁହେଁ । ତାହାଙ୍କ କାବ୍ୟକଳା ସରଳ, ଅନାଡ଼ମ୍ବର ଓ ନିସର୍ଗସୁନ୍ଦର । ଶ୍ରାବଣର ଅବାରିତ ବାରିଧାରା ପରି ତାହା ସ୍ୱତଃସ୍ଫୂର୍ତ୍ତିଭାବରେ ଝରିପଡ଼ୁଛି । କୌଣସିଠାରେ କୃତ୍ରିମତାର ଗନ୍ଧ ପର୍ଯ୍ୟନ୍ତ ନାହିଁ । ତାହାଙ୍କ କବିତା ପଢ଼ିବା ବା ଶୁଣିବା ମାତ୍ରେ ପାଠକ ବା ଶ୍ରୋତାର ଗଭୀର ଅନ୍ତଃସ୍ଥଳକୁ ଭେଦ କରିଯାଏ । ଅରଣ୍ୟ ପ୍ରସୂନର ପ୍ରାଣମତାଣିଆ ସୁଗନ୍ଧ ପରି ଏହାର ସ୍ନିଗ୍ଧ ଶୀତଳ କାବ୍ୟରସ ତାର ପ୍ରାଣକୁ ଆମୋଦିତ ଓ ଆହ୍ଲାଦିତ କରେ ।

ସାରଳା-ମହାଭାରତ ଏକ କଥାପ୍ରଧାନ ବର୍ଣ୍ଣନାତ୍ମକ କାବ୍ୟ । କଥାରଚନାରେ ସାରଳା ଦାସ ଅଭୂତପୂର୍ବ ଶକ୍ତିମତ୍ତାର ପରିଚୟ ପ୍ରଦାନ କରିଛନ୍ତି । ଚଳଚଞ୍ଚଳା ଉତ୍ତାଳ-ତରଙ୍ଗମୟୀ ଗଙ୍ଗାନଦୀର କଥା କିଏ ନ ଜାଣିଛି ? କିନ୍ତୁ ଏତିକି ମାତ୍ର ସୂଚନାକୁ ଆଧାର ରୂପେ ଗ୍ରହଣ କରି ସାରଳା ଦାସ ଯେଉଁ ଗଙ୍ଗା ଉପାଖ୍ୟାନ ସୃଷ୍ଟି କରିଛନ୍ତି, ତାହା ଓଡ଼ିଆ ସାହିତ୍ୟର ଏକ ଅମର କଳାସୃଷ୍ଟି ରୂପେ ଚିରକାଳ ବିରାଜୁଥିବ । ସେହିପରି କୃତ୍ତିବାସ କ୍ଷେତ୍ର, ମଲ୍ଲିକାର୍ଜ୍ଜୁନ ଓ ରାମଚଣ୍ଡୀମନ୍ଦିର, କୋଣାର୍କତୀର୍ଥ, ଯାଜପୁରର ସପ୍ତମାତୃକା ଓ କପିଳାସର ଶିଖରେଶ୍ୱର ଆଦି ନାମକରଣକୁ ଭିତ୍ତି କରି ସେ ଯେଉଁ ମନୋହର ଉପାଖ୍ୟାନମାନ ସୃଷ୍ଟି କରିଛନ୍ତି ତହିଁରୁ ତାଙ୍କ ପ୍ରଚଣ୍ଡ କଳ୍ପନାଶକ୍ତି ଓ ମହାନ୍ ସୃଜନଶୀଳ ସ୍ରଷ୍ଟାମାନସର ପରିଚୟ ମିଳିଥାଏ । ଆଦିପର୍ବ ବର୍ଣ୍ଣିତ ଚନ୍ଦ୍ରବର୍ମା ଓ ବଚନବୀର୍ଯ୍ୟଙ୍କର ଜନ୍ମ-

କାହାଣୀ ସାରଳାଙ୍କ ଅପୂର୍ବ ବସ୍ତୁନିର୍ମାଣଶକ୍ତିର ଅନ୍ୟ ଏକ ଉଦାହରଣ । ଓଡ଼ିଶାର ଆଚାର-ଅନୁଷ୍ଠାନ, ଜନଶ୍ରୁତି ଓ ପରମ୍ପରା, ସଭ୍ୟତା ସଂସ୍କୃତି ଏବଂ ଗୃହାଣି ଓ ଚଳଣିକୁ ଆଖ୍ୟାୟିତ କରି ସାରଳାଦାସ ସେଗୁଡ଼ିକୁ ଚିରନ୍ତନତା ପ୍ରଦାନ କରିଛନ୍ତି । ସାରଳା ସୃଷ୍ଟିସମ୍ଭାରର ଏ ଅନନ୍ୟତା ଓଡ଼ିଆ ସାହିତ୍ୟରେ ଅତୁଳନୀୟ । ସାରଳାଙ୍କ ସୃଷ୍ଟି ଗଳ୍ପ ଓ ଉପାଖ୍ୟାନ-ଗୁଡ଼ିକର ଭାଷା ଓ ଚରିତ୍ରଚିତ୍ରଣକୁ ଭିତ୍ତି କରି ଓଡ଼ିଆରେ ଯେଉଁସବୁ ପ୍ରବଚନ ଓ ଆପ୍ତବଚନ ଗଢ଼ିଉଠିଛି ସେଥିରୁ ତାହାଙ୍କ ରଚନାର ଜନପ୍ରିୟତା ସୂଚିତ ହୁଏ । ଗଙ୍ଗା ବୋଇଲେ ଥିବି ଗାଙ୍ଗୀ ବୋଇଲେ ଯିବି, କର୍ଣ୍ଣ ମଲେ ପାଞ୍ଚ ଅର୍ଜୁନ ମଲେ ପାଞ୍ଚ, ଧହଲବାଜି ଭୀମ ହାରେ, ଭୀମବଳ କୋଇନ୍ଦ୍ରାଙ୍କୁ ଜଣା, କୀଚକ ବାହୁବଳେ ବିରାଟ ରାଜା, ମୂର୍ଖକୁ ମହାଦେବ ବି ଡରନ୍ତି, ଦରକାର ପଡ଼ିଲେ ଭଗବାନ୍ ବି ଗଧପାଦ ଧରିଥାନ୍ତି, ଯେଉଁ ଗାଣ୍ଡୀବ ହାତେ, ସେହି ଗାଣ୍ଡୀବ ମାଥେ, ଭୂରିଶ୍ରବା ପାଗ ବାନ୍ଧୁ ବାନ୍ଧୁ କଟେଇ ବରଖାସ୍ତ ଇତ୍ୟାଦି ପ୍ରବଚନ ସାରଳାଙ୍କ ଅମ୍ଳାନ ସୃଜନପ୍ରତିଭାର ନିଦର୍ଶନ ସ୍ୱରୂପ ଏବେ ମଧ୍ୟ ଲୋକରେ ପ୍ରଚଳିତ ଅଛି ।

ସାରଳା-ମହାଭାରତର ରଚନାଶୈଳୀ ପ୍ରତି ଲକ୍ଷ୍ୟକଲେ ଜଣାଯାଏ ଯେ ସାରଳା ଦାସ ଜଣେ କଥକର ଭୂମିକାରେ ଠିଆହୋଇ ସମଗ୍ର ମହାଭାରତ ଗ୍ରନ୍ଥ ରଚନା କରିଅଛନ୍ତି । ସାରଳା-ମହାଭାରତ ପଢ଼ିଲାବେଳେ ମନେହୁଏ, ସତେ ଯେପରି ଆମେ ସାରଳାଦାସଙ୍କ ନିଜ ମୁହଁରୁ ମହାଭାରତ ଶୁଣୁଅଛୁ । ସମଗ୍ର ଗ୍ରନ୍ଥଟି କଥୋପକଥନ ଭଙ୍ଗୀରେ ରଚିତ ହୋଇଥିବାରୁ ପାଠକକୁ ଜଣାପଡ଼େ ସତେ ଯେପରି ଚରିତ୍ରମାନେ ଅଭିନେତା ସାଜି ନିଜ ନିଜ ଭୂମିକାର ଅଭିନୟ କରୁଅଛନ୍ତି । ସଭାପର୍ବରେ ଅର୍ଜୁନଙ୍କର ମନ୍ଦାର ଦିଗ୍ବିଜୟ ପ୍ରସଙ୍ଗରେ କୁହାଯାଇଛି—

"ସିନ୍ଧୁ ମନ୍ଦାର ଦେଶରେ ଯାଇ ଅର୍ଜୁନ ପରବେଶ
କଟକେ ପଶନ୍ତେଣ ଶୁଭିଲା ମଧୁର ବାଦ୍ୟଘୋଷ ।
ଆପଣେ ବିଜେକଲା ନୃପତି ଦେବବାଦ୍ୟ ଶୁଣି
ଆଗେ ଓଗାଳିଲା ଆସି ଘଣ୍ଟାରବ ଘୋରବାଣୀ ।
ମାନବ ଜନ୍ମହୋଇ କର୍ମେରେ ଏଡ଼େ ଭରସୁ
କେଉଁଣ ଦର୍ପରେ ମୋହର ରାଜ୍ୟେ ପଶୁ ।
ବିଦ୍ୟାଧର ପୁରୁଷନ୍ତି ମୁଁ ହେଲେଣ ସାଧିଲି
ନ ଜାଣୁ କି ମୋତେ ତୁ ଜାନୁଘଣ୍ଟ ବୋଲି ।
ସିନ୍ଧୁକୁ ଛଡ଼ାଇଲି ଏ ମୋହର ବାହୁବଳେ
ମନ୍ଦର ଉପାଡ଼ି ଆଣି ବସାଇଲି ସିନ୍ଧୁକୂଳେ ।
ଧର୍ମକରି ଧର୍ମ ମୁହିଁ ଦୁର୍ବଳକରି ଅନର୍ଗଳା
ପ୍ରାଣେ କାର୍ଯ୍ୟ ଥିଲେରେ ଜୀବନ ଘେନ ଏଥୁ ପଳା ।

ଅନେକ ପ୍ରତିଜ୍ଞା ଯହୁଁ କଲା ଜାନୁଘଣ୍ଟ
ଶୁଣିଣ ଅର୍ଜ୍ଜୁନର ହେ କମ୍ପଇ ମୁକୁଟ ।
ରାଗେଣ ପ୍ରଚଣ୍ଡ ହୋଇଲା ସେ ଯେ ଗାଣ୍ଡୀବ ଦୀକ୍ଷାଗୁରୁ
ଯେସନେକ କାଳସର୍ପ ଗର୍ଜଇ ଧରି ଫେରୁ ।
ଅର୍ଜ୍ଜୁନ ବୋଇଲେ ତୁ ଯେ ସାରଥୀ ଜାନୁଘଣ୍ଟଇ
ତୋହର ମୋହର କି ଅଇରପଣ ଅଟଇ ।
ପ୍ରତିଜ୍ଞା ସାମରଥ ତୁହି ବୋଲଉ ମହାଯୋଧି
ତୋହର ପଦ ମୁଁ ଯେନମାକୁ ନାହିଁ ସାଧି ।" (ସଭାପର୍ବ-୪୬୧)

ସାରଳା-ମହାଭାରତର ଯେକୌଣସି ପୃଷ୍ଠା ଉଦ୍‌ଘାଟନ କଲେ ରଚନାର ଏହି ଅନବଦ୍ୟ ଶୈଳୀ ପାଠକକୁ ଅଭିଭୂତ କରେ । ସେଥିପାଇଁ ସାରଳା-ମହାଭାରତର ଅତି ବିସ୍ତାରିତ ସୁଦୀର୍ଘ ବର୍ଣ୍ଣନା ପାଠ କଲେ ମଧ୍ୟ ମନରେ ଅବସାଦ ବା ଅନ୍ତରରେ ବିରକ୍ତି ଆସେ ନାହିଁ । କଥୋପକଥନର ଲହରୀରେ ପାଠକ ଭାସିଚାଲିଥାଏ । ପରବର୍ତ୍ତୀ କାଳରେ ଏଥିରୁ ଓଡ଼ିଆ ପାଲା ଓ ଗୀତିନାଟ୍ୟର ବିକାଶ ଘଟିଥିବା ସମ୍ଭବପର । ବିଷୟବସ୍ତୁର ଅଭିନବ ଓ ନାଟକୀୟ ଉପସ୍ଥାପନା ସାରଳାଙ୍କ ବସ୍ତୁବିନ୍ୟାସ ରୀତିର ଅନ୍ୟ ଏକ ବିଶେଷତ୍ୱ । ଆକାଶମାର୍ଗରୁ ଅର୍ଜ୍ଜୁନଙ୍କ ରଥ ଦ୍ରୁତଗତିରେ ଖସି ଆସୁଥିବା ଦେଖି କୁରୁସୈନ୍ୟଙ୍କ ମଧ୍ୟରେ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ ପାଇଛି, ତାର ଏକ ଚିତ୍ର ଦେବାକୁ ଯାଇ କବି କହିଛନ୍ତି —

"ନୟୂତେ ପ୍ରବେଶ ଯହୁଁ ହୋଇଲାକ ରଥ
ଆକାଶୁ ଖସାଇଲା ମାତଳି ପୁଷ୍ୟେକ ଯେମନ୍ତ ।
ଯେତ୍କ ଦୃଷ୍ଟି ସେ ଗୃହାନ୍ତି କଉରେବେ
କର୍ଣ୍ଣ ବୋଇଲା ରଥ ଏକ ଆସଇ ଗାଙ୍ଗେବେ ।
ଅମର ବାରସ୍ତଣି କି କରଣ ଏହୁ ତେଜ୍ୟା
କି ଅବା କଉତୁକେ ବିହଡ଼ଇ ଦେବରାଜା ।
ମାନଗୋବିନ୍ଦ ବୋଇଲା ଏ ନୋହଇ ମଘବା
ଅଇରାବ୍ରତ ଆରୋହି ଚଳଇ ସୁରଦେବା ।
ଶକୁନି ବୋଇଲା ଏ ଅଟଇ କୋବେର
ଶଲ୍ୟେ ବୋଇଲେ ସଅଁକେତୁ ବିବାନ ନାହିଁ ତ ଏହାର ।
ଧୃଶାସନ ବୋଇଲା ଏ ଦେବ ତ୍ରିଲୋଚନ
ମହେଶ୍ୱର ରୂପେ ସେ କରନ୍ତି ଗବନ ।
ଅଶ୍ୱତ୍ଥମା ବୋଇଲା ଏ ନୋହନ୍ତି ମହାଦେବ
ରୁଦ୍ର ଦେବତା ହୋଇଲେ ସଙ୍ଗେ ଥାନ୍ତାଟି ବୃଷଭ ।

ଦୁର୍ଯୋଧନ ବୋଇଲା ଏ ଅଟଇ ପଦ୍ମଯୋନି
ମରୁଳ ନାହିଁ ବୋଲି ନାସ୍ତି କଲା ଶକୁନି ।
ଦ୍ରୋଣେ ବୋଇଲେ ଇନ୍ଦ୍ର କି ଗୋବିନ୍ଦ କି ଅର୍ଜୁନ ଯେ ତିନି
ଆନ କେ ଆସନ୍ତା କି ଏମନ୍ତ ରଥ ଘେନି ।
ମାନଗୋବିନ୍ଦ ବୋଇଲା ମୁଁ ଇନ୍ଦ୍ର ଦେବତାରେ ନୋହଇ ବିବାଦୀ
ସେ ମୋର ସମରେ କମ୍ପେ ଆସିବେ ଜମ୍ଭଭେଦୀ ।
ବାସୁଦେବଙ୍କର ବାନ୍ଧବ ମୁଁ ବଳରାମଙ୍କର ଦେଖନ୍ତେ
ସର୍ବଦା ଅନୁଗ୍ରହ ସେ କରନ୍ତି ହରି ମୋତେ ।
ପାଣ୍ଡବେ ମଲେ ଯେ କେବଣ ବନସ୍ତରେ ପଡ଼ି
ଆନ କେ ଆସଇ ଯେ ଏକା ରଥେ ଚଢ଼ି ।
ଯେସନେକ ବିଗ୍ରହ କରନ୍ତି ସେ କଉରବ ସଇନ
ରଥ ଘେନି ସନ୍ନିଧ୍ୟେ ବିଜୟେ ଫାଲଗୁନି ।" (ବିରାଟ-୪୧୮)

ବିଶାଳ କୁରୁସୈନ୍ୟବାହିନୀ ଦର୍ଶନରେ ଭୀତଚକିତ ଉତ୍ତରର ଭ୍ରମଜାତ ହୋଇଛି ଯେ ତାହା ଏକ ସମୁଦ୍ର: "ଉତ୍ତର ବୋଇଲା ତୁ ବିଧିର କରେ ସଖି / ଅଗାଧ ସମୋଦ୍ର ତୁ କିମର୍ଥେ ନ ଦେଖି ।" ଉତ୍ତରର ଏହି ଉକ୍ତିରେ ବିସ୍ମିତ ହୋଇ ଅର୍ଜୁନ ତାକୁ ପ୍ରକୃତ ସ୍ଥିତି ବୁଝାଇବାକୁ ଚେଷ୍ଟା କରନ୍ତେ ଉତ୍ତର କହୁଅଛି —

"ଉତ୍ତର ବୋଇଲା ରଥ ରୁହାଇ ଦେଖ ବୃହନ୍ନଳୀ
କୂଳକୁ ଆକ୍ଷେପଇ ଯେ ସମୁଦ୍ର ଲହରୀ ।
ହାଦେ ସମୋଦ୍ରେ ଯେ ବୋଇତ ଅପାର
ମଚ୍ଛ କଚ୍ଛପମାନେ ଦେଖ କରନ୍ତି ସାହେର ।
ଭିତରକଇ ଦେଖ ଥିର ଜଳପାଣି
କ୍ଷୀରୋଦ୍ର ଘୋଷ ଶୁଭଇ ପ୍ରଳୟାନ୍ତକ ଜାଣି ।" (ବିରାଟ-୪୬୮)

ଉପସ୍ଥାପନାର ଏ ଚମତ୍କାରିତା ସାରଳା ସାହିତ୍ୟରେ ସର୍ବତ୍ର ଦେଖିବାକୁ ମିଳେ । ଏକ କଥାପ୍ରଧାନ କାବ୍ୟର ପ୍ରାଣ ହେଉଛି ବର୍ଣ୍ଣନା । ବର୍ଣ୍ଣନାର ସ୍ୱଚ୍ଛନ୍ଦ ଗତିଶୀଳତା, ସଜୀବ ବାସ୍ତବତା ଏବଂ ଚଉଚମତ୍କାରକାରୀ ମନୋହାରିତା ଉପରେ ଏ ଶ୍ରେଣୀର କାବ୍ୟର ଉତ୍କର୍ଷ ନିର୍ଭରଶୀଳ । ସାରଳା ମହାଭାରତ ମୁଖ୍ୟତଃ ଏକ ସମର-କାବ୍ୟ । ଯେକୌଣସି ସମର-କାବ୍ୟରେ ଯୁଦ୍ଧବର୍ଣ୍ଣନା ଏକ ପ୍ରଧାନ ସ୍ଥାନ ଅଧିକାର କରିଥାଏ । ଯୁଦ୍ଧବର୍ଣ୍ଣନାରେ ସାରଳାଙ୍କର ପ୍ରଚଣ୍ଡ ଆଗ୍ରହ । ଯୁଦ୍ଧ ନାଁ ପଡ଼ିଲେ ସେ ପାଗଳ ହୋଇଯାଆନ୍ତି ଏବଂ ପୃଷ୍ଠା-ପୃଷ୍ଠାବ୍ୟାପୀ ଯୁଦ୍ଧ ବର୍ଣ୍ଣନା କରୁଥିଲେ ମଧ୍ୟ ତାଙ୍କର ଲେଖନୀ ଥକିପଡ଼େନି । ସୈନ୍ୟଚାଳନା, ବ୍ୟୂହରଚନା ଯୁଦ୍ଧର ବିବିଧ କ୍ରିୟା-କୌଶଳ, ପ୍ରଚଳିତ ଯୁଦ୍ଧାସ୍ତ୍ର, ସାମରିକ ଯାନବାହନ, ଯୁଦ୍ଧର ନୀତିନିୟମ ଏବଂ ରଣାଙ୍ଗନର ଦୃଶ୍ୟବର୍ଣ୍ଣନାରେ ସାରଳା ଦାସ ଏପରି ବିସ୍ତୃତ ଓ ନିଖୁଣ ବିବରଣୀ

ପ୍ରଦାନ କରିଅଛନ୍ତି ଯେ ତାହା ଦେଖି କେତେକ ଅନୁମାନ କରିଥାନ୍ତି, ସାରଳା ଦାସ ଆଦ୍ୟଜୀବନରେ ଉତ୍କଳର ସୈନ୍ୟବାହିନୀ ସହିତ ସଂପୃକ୍ତ ଥିଲେ । ଏ ବିଷୟ ପୂର୍ବରୁ ଆଲୋଚନା କରାଯାଇଛି । ସାରଳା ଦାସଙ୍କ ଯୁଦ୍ଧବର୍ଣ୍ଣନା ଏପରି ଜୀବନ୍ତ ଓ ବାସ୍ତବ ଯେ ତାହା ପାଠକଲାବେଳେ ମନେହୁଏ ସତେ ଯେପରି ପାଠକର ସମ୍ମୁଖରେ ଭୟାବହ ଯୁଦ୍ଧ ସଂଘଟିତ ହେଉଛି । ଶରସବୁ ବିଦ୍ୟୁତ୍‌ଗତିରେ ଛୁଟିଯାଉଛି; ଲକ୍ଷ ଲକ୍ଷ ଗଜ, ରଥ, ଅଶ୍ୱ ଓ ସୈନିକ ଭୂତଳଶାୟୀ ହେଉଛନ୍ତି ଏବଂ ରଣାଙ୍ଗନ ଅଗଣିତ ମୁଣ୍ଡ ଓ କବନ୍ଧମାଳାରେ ଆଚ୍ଛାଦିତ ହେଉଛି । ଉପଯୁକ୍ତ ଶବ୍ଦ ଚୟନ ଓ ଧ୍ୱନି ସଙ୍କଳନ ଦ୍ୱାରା ସାରଳାଦାସ ଯୁଦ୍ଧର ଗତିଶୀଳତା ଓ ଭୟଙ୍କରତାକୁ ଯେପରି ଭାବରେ ପାଠକ ଓ ଶ୍ରୋତାମାନଙ୍କର ପ୍ରତ୍ୟକ୍ଷ-ଗୋଚର କରାଇଛନ୍ତି ତହିଁରୁ ସମରବର୍ଣ୍ଣନାରେ ତାଙ୍କ ଅସାମାନ୍ୟ ପଟୁତାର ପରିଚୟ ମିଳେ । ସମଗ୍ର ଓଡ଼ିଆ ସାହିତ୍ୟରେ ଏ ବର୍ଣ୍ଣନା ଅତୁଳନୀୟ ଓ ଅପ୍ରତିଦ୍ୱନ୍ଦ୍ୱୀ ।

ଯୁଦ୍ଧବର୍ଣ୍ଣନା ପଛକୁ ରୂପବର୍ଣ୍ଣନା । ଯୁଦ୍ଧର ଲୋମହର୍ଷଣକାରୀ ଭୟଙ୍କରତା ଓ ନିର୍ମମ ନିଷ୍ଠୁରତାର ବର୍ଣ୍ଣନାରେ ସାରଳା ଯେପରି ପ୍ରଗଲ୍‌ଭ, ଶିରୀଷସୁକୁମାରୀ କୋମଳାଙ୍ଗୀ ନାୟିକାର ରୂପବର୍ଣ୍ଣନାରେ ସେହିପରି ସିଦ୍ଧହସ୍ତ । ଆଦିପର୍ବରେ ତ୍ରୈଲୋକ୍ୟମୋହିନୀ ଅନନ୍ୟ-ସୁନ୍ଦରୀ ଦ୍ରୌପଦୀଙ୍କର ରୂପବର୍ଣ୍ଣନା ପ୍ରସଙ୍ଗରେ କବି କହୁଛନ୍ତି :

"ସାଧୁ ଏ ସୁନ୍ଦରୀ ରଜାର ଦୁଲଲୀ
ବଂଶର ସାଧୁ ଯେ ଏହାକୁ ପ୍ରତିପାଳି ।
ଆକୁଞ୍ଚିତ କେଶ ଗହଳ ଚକୁର
କୁସୁମ ବିହୁନେ ବିହରନ୍ତି ମଧୁକର ।
ରସାଣପରି ପ୍ରାୟେ ଦିଶଇ ଲଲାଟ ପାଟି
ବନ୍ଧୁକ ଅଧର ଡାଳିମ୍ବବୀଜ ଦଶନ ବିମ୍ବଓଷ୍ଠୀ ।
ଦ୍ୟୂକ ଖଣ୍ଡ କପାଳ ଅଙ୍କିତ ଭ୍ରୂଲତା
ରୋମାବଳୀ ଅମୂଲ୍ୟ କି ଦିଶଇ ବନିତା ।
ଆରକତ ଶୋଭିବନ ଦିଶେ ବେନିତୋଳ
ଅବଲୋକନେ ଚାହିଁଲେ ଛଳିବେ ସକଳ ।
ଚାହାନ୍ତେ ବଙ୍କ ନୟନେ ହୃଦୟ ଯିବ ଫୁଟି
ସଂସାର ରକ୍ଷା ନିମନ୍ତେ ତଳକୁ କଲା ଦୃଷ୍ଟି ।
କାଞ୍ଚିତ କରି ଯେ ଯେବେ ଚାହିଁବ ସଭାକୁ
ଅନେକ ପୁରୁଷହତ୍ୟା ଦୋଷ ଲାଗିବ ଏହାକୁ ।
ସ୍ତ୍ରୀଧର୍ମ ଏହୁ ଅଟଇ ସୁଜ୍ଞାନୀ
ପାପକୁ ଭୟ କରି ସେ ହୋଇଲା ମାନିନୀ ।

× × × ×

ଯଦ୍ୟପି ପାଷାଣ ହୋଇ ବଜ୍ରଗୋଟି
ଅପାଙ୍ଗନୟନେ ଚାହିଁଲେ ସେହି ଯିବ ଫୁଟି ।

ନାସାକୁ ପଟାନ୍ତର ନୋହଇ ତିଳଫୁଲ
ଦନକର ବିଳମ୍ବେ ଝଡ଼ିପଡ଼ଇ ଭୂମିତଳ ।
ଯେହ୍ନାର ନାସାରୁ ବାହାର ଯେବଣ ପବନ
ନିମ୍ବ ବନକାରେ ଲଗିଲେ ହୋଇବ ଚନ୍ଦନ ।
ତାମ୍ବୂଳ ବିହୁନେ ଯେ ଅଧରେ ରଙ୍ଗ ଫୁଟି
ବାଳ ଆଦିତ୍ୟଙ୍କର ତେଜ ବିମ୍ବକୁ ନ ଘଟି ।
ବିମ୍ବ ପଟାନ୍ତର ଅଧର ବୃନ୍ଦକାଳେ
ସେହି ସେ ତୁଲ୍ୟ ନୋହିବ ଝଡ଼ିବ ଅବଶ୍ୟ ତଳେ ।
ସୁଲଳିତ ସୁସଞ୍ଚ ଅଧର ପାଟି ଗୋଟି
ବିଡଶ କଳାରେ କି ଚନ୍ଦ୍ରମା ତେଜ ଘୋଟି ।
ଜ୍ଞାନବନ୍ତ ସୁନ୍ଦରୀ ସେ ବିକାଶଇ ବାଣୀ
ମତ୍ତପିକ ଚୂତବନ ଉପେକ୍ଷିବ ଏହାର ବାକ୍ୟ ଶୁଣି ।
ଯେବଣ ପୁରୁଷକୁ ଏ ବିକାଶିବ ବାକ୍ୟ
ଶରୀର କେ ଧରିବ ହୋଇବ ଅଶକ୍ୟ ।
ଶରଦ ପୂର୍ଣ୍ଣିମୀ ଚନ୍ଦ୍ର ଯେ ବଦନ ଭଲ
ରାହୁର ତେଜ ଲଗି ସେ କଳଙ୍କ ବହିଲ ।
ନିକଳଙ୍କ ବଦନ ଏହାର ଅଟଇ ନିରଦୋଷୀ
ତେଣୁକରି ପଟାନ୍ତର ନ ଘଟଇ ଶଶୀ ।
ନ ଜାଣି ପଟାନ୍ତର କରିବା କେହ୍ନ ଜନ
ପ୍ରଜାପତିର ଶାପେ ତନୁ ହୋଇଲାକ କ୍ଷୀଣ ।” (ଆଦି-୭୨୪)

ବହୁ ପରବର୍ତ୍ତୀ କାଳରେ କାବ୍ୟଯୁଗରେ ରଚିତ ନାରୀର ରୂପବର୍ଣ୍ଣନା ଏହାଠାରୁ ବେଶି ଦୂର ଅଗ୍ରସର ହୋଇଅଛି ବୋଲି ମନେହୁଏ ନାହିଁ । ଯୁଦ୍ଧ ଓ ରୂପ ବର୍ଣ୍ଣନା ଛଡ଼ା ପ୍ରକୃତିବର୍ଣ୍ଣନା, ବସ୍ତୁବର୍ଣ୍ଣନା, ବିବିଧ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ଏବଂ ବିବିଧ ଅବସ୍ଥା ଓ ପ୍ରକ୍ରିୟାର ବର୍ଣ୍ଣନାରେ ସାରଳାଦାସଙ୍କ କୃତିତ୍ୱ ଅତୁଳନୀୟ । ପରଶମଣି ସଂସ୍ପର୍ଶରେ ପାଷାଣ ସୁବର୍ଣ୍ଣ ପାଲଟିଯିବା ପରି ସାରଳାଦାସ ଯାହାକୁ ଛୁଇଁଦେଇଛନ୍ତି ତାହା ଅପୂର୍ବ କାବ୍ୟସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇ ଜନମନ ହରଣରେ ସମର୍ଥ ହୋଇଅଛି । ଭୀମଙ୍କ ପିଲାଦିନର ଗୋଟିଏ ସାମାନ୍ୟ ଘଟଣା । ଭୀମ ଭୋଜନରେ ଚିର ଅତୃପ୍ତ । ଯେତେ ଖାଇଲେ ବି ତାଙ୍କ ପେଟକୁ ଅଣ୍ଟେ ନାହିଁ । ତେଣୁ ପିତାମାତାଙ୍କୁ ଲୁଚାଇ ହାଣ୍ଡିଶାଳେ ପଶି ସେ ଭାତ-ତିଅଣ ଚୋରିକରି ଖାଇଯାନ୍ତି । ପରେ କୁନ୍ତୀ ରନ୍ଧଣାଶାଳକୁ ଯାଇ ଦେଖନ୍ତି ହାଣ୍ଡି ସବୁ ଅଧା ଖାଲି । ଦିନେ ଭୀମ ଖାଉ ଖାଉ ଲୋଭ କରି ଭାତ ତିଅଣ ସବୁ ଖାଇଦେଲେ । ପଣ୍ଡୁ ସ୍ନାନ ସାରି ଦେବତାମାନଙ୍କ ଉଦ୍ଦେଶ୍ୟରେ ଅନ୍ନ ନୈବେଦ୍ୟ କରିବାକୁ ବସନ୍ତେ କୁନ୍ତୀ

ହାଣ୍ଡିଶାଳକୁ ଯାଇ ଦେଖନ୍ତି ତ ହାଣ୍ଡିଯାକ ଊଣ୍ଛା । ତପନେ ପଣ୍ଡୁ ଚୋରର ଧରିବାପାଇଁ ଲୁଚି କରି ସବୁ ଦେଖୁଥିଲେ । ଖ୍ରୀମ ଖାଇବା ଆରମ୍ଭ କରିବା ମାତ୍ରେ ପଣ୍ଡୁ ତାଙ୍କ ଚୁଟି ଧରି ହାଣିବାକୁ ଗୋଡ଼ାଇଲେ । ଖ୍ରୀମ ଭୟରେ ଦୌଡ଼ି ପଳାଇଗଲେ । ପଣ୍ଡୁ ହାତରେ ଖଣ୍ଡା ଧରି ତାଙ୍କ ପଛେ ପଛେ ଗୋଡ଼ାଇଥାନ୍ତି । କିଛିଦୂର ଯିବା ପରେ ଅଗ୍ନି ବ୍ରାହ୍ମଣ-ବେଶରେ ସେଠାରେ ଉପସ୍ଥିତ ହୋଇ ପଣ୍ଡୁଙ୍କୁ ଏହି କ୍ରୂର କର୍ମରୁ ନିବର୍ତ୍ତିତ କରାଇଲେ । ଉତ୍କଳର ଦରିଦ୍ର କୃଷକଜୀବନର ଏହା ଏକ ପ୍ରାତ୍ୟହିକ ଦୃଶ୍ୟ । ଅଥଚ ଏହି ଅତି ସାମାନ୍ୟ ଘଟଣାଟି ସାରଳା ଦାସଙ୍କ ସୁଧାବର୍ଷିଣୀ ଲେଖନୀର ସଂସ୍ପର୍ଶରେ ଅପୂର୍ବ କାବ୍ୟସାମଗ୍ରୀରେ ପରିଣତ ହୋଇଛି । ପୁଣି ଶବ୍ଦାଡ଼ମ୍ବର ବା ଅଳଙ୍କାରର ଗନ୍ଧ ପର୍ଯ୍ୟନ୍ତ ଏଥିରେ ନାହିଁ । ସହଜ ସରଳଭାଷାରେ ହୃଦୟର ଭାବକୁ ବ୍ୟକ୍ତ କରି ସାରଳାଦାସ କିପରି ସୌନ୍ଦର୍ଯ୍ୟର ଯାଦୁ ସୃଷ୍ଟି କରି ପାରୁଥିଲେ, ଏହା ତାହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ରାନ୍ଧଣାବାଢ଼ଠାରୁ ପଶାଖେଳଯାଏ ଓଡ଼ିଆ ସାମାଜିକ ଜୀବନରେ ଏପରି କୌଣସି ବିଷୟ ନାହିଁ, ଯାହା ସାରଳାଦାସ ତାଙ୍କ ମହାଭାରତରେ ବର୍ଣ୍ଣନା କରିନାହାନ୍ତି । ସାରଳାଙ୍କ କାବ୍ୟକଳାର ଏକ ପ୍ରଧାନ ବିଶେଷତ୍ୱ ହେଉଛି ତାଙ୍କର ଉଦ୍ଭଟ କଳ୍ପନାବିଳାସ । ଏହା ବହୁମୁଖୀ ଏବଂ କାବ୍ୟର ପ୍ରତ୍ୟେକ ବିଭାବରେ ଏହାର ପ୍ରଚଣ୍ଡ ପରିସ୍ଫୁରଣ ଅଭିବ୍ୟକ୍ତ । ଭାବ, ଗୁଣ, ବସ୍ତୁ, କ୍ରିୟା, ଘଟଣା ଓ ଚରିତ୍ରବର୍ଣ୍ଣନାରେ ତାଙ୍କ କଳ୍ପନାବିଳାସର କିଞ୍ଚିତ୍ ଆଭାସ ପୂର୍ବରୁ ପ୍ରଦତ୍ତ ହୋଇଅଛି । ଏହି କଳ୍ପନାବିଳାସର ଅନ୍ୟ ଏକ କ୍ଷେତ୍ର ହେଉଛି ଅଳଙ୍କାର । ବର୍ଣ୍ଣନାକୁ ସରସ ସୁନ୍ଦର କରିବା ପାଇଁ ସାରଳାଦାସ ବିବିଧ ଅର୍ଥାଳଙ୍କାରର ସମୁଚିତ ଉପଯୋଗ କରିଅଛନ୍ତି । ଦୁର୍ଯ୍ୟୋଧନ ଓ ଭାନୁମତୀଙ୍କର ହସ୍ତିନା ପ୍ରୟାଣ ବର୍ଣ୍ଣନା ପ୍ରସଙ୍ଗରେ ସେ ଲେଖିଛନ୍ତି :

"ଦୁର୍ଯୋଧନ ବିଜୟ ଶ୍ୱେତହସ୍ତୀର ଉପରେ
ସର୍ବ ଅଳଙ୍କାରେ ଭାନୁମତୀ ଅଛଇ କୋଳରେ ।
ସମୁଦ୍ରମନ୍ଥନୁ ଯେହ୍ନେ ଦେବ ନାରାୟଣ
ଲକ୍ଷ୍ମୀକି ଘେନି ଯେହ୍ନେ ଆସନ୍ତି ବୈକୁଣ୍ଠ ଭୁବନ ।
ଚନ୍ଦ୍ର କୋଳେ ଯେହ୍ନେ ଦିଶଇ ରୋହିଣୀ
ଉମା ଘେନିଣ ଯେହ୍ନେ ବିଜୟ ଶୂଳପାଣି ।
ରତିକି ଘେନିଣ ଯେହ୍ନେ ବିଜୟ କନ୍ଦର୍ପ
ଦୁର୍ଯୋଧନ ଭାନୁମତୀକି ଦେଖିଲେ ତେସନ ସରୂପ ।"

ମାଲୋପମା ଯୋଗେ ଏହି ବର୍ଣ୍ଣନାଟି କିପରି ଭବ୍ୟମଞ୍ଜୁଳ ହୋଇଅଛି ତାହା କାବ୍ୟରସିକମାନେ ଜାଣନ୍ତି ।

ଦ୍ରୋଣଙ୍କ ବ୍ୟତୀତ ଅନ୍ୟ ଗୁରୁ ଗ୍ରହଣ ନ କରିବା ସପକ୍ଷରେ ଯୁକ୍ତି ଦର୍ଶାଇ ଅର୍ଜୁନ କହୁଛନ୍ତି—

"ଅର୍ଜ୍ଜୁନ ବୋଇଲେ ସ୍ୱାମୀ ଦ୍ରୋଣେ ଯେ ଆମ୍ଭର ଗୁରୁ
ତାଙ୍କର ବିଦ୍ୟା ବିନୁ ଆମେ ଆନ ଯେ ନ ଲୋଡ଼ୁ ।
ସ୍ୱେକ ଗୁରୁ କେ ଯେ ଅନେକ ବିଦ୍ୟା ହୋଏ ସାଧି
ବ୍ୟାଧିନାଶ ଯାଇଟି କଲେ ସ୍ୱେକ ମଉଷଧି ।
ଅପାର ଔଷଧରେ ନବର୍ତ୍ତିଇ ରୋଗୀ
ଅପାର ଅନ୍ନ ଖାଇଲେ ନାଶ ଯାଇ ଭୋଗୀ ।
ଅପାର କୁଟ୍ଟମ୍ୱେ ବୋଧ ହୋଇ ଅପାରଇ
ଅପାର ପ୍ରତଗ୍ରହେ ବ୍ରାହ୍ମଣେ ନାଶ ଯାଇ,
ଅପାର ବୁଦ୍ଧି ରେଣ ଯେ କାର୍ଯ୍ୟ ହୋଏ ହାନି
ଆପଣେ ନାଶ ଯାଇ ଅପାର ମତ ଘେନି ।
ଅପାର ସ୍ତ୍ରିଶ ସଙ୍ଗ ହୋଇଲେ
ପୁରୁଷ କ୍ଷୟ ଯାଇ ଅପାର ଶୃଙ୍ଗାର କଲେ ।
ଅପାର ଲୋକରେ ଇନ୍ଦ୍ରର ନୋହେ ମାର
ଅପାର ତୀର୍ଥ କଲେ ହୋଇ ଦେଶାନ୍ତରୀ
ଅପାର ହିଂସାରେ ପ୍ରାଣୀ ପତନ ଯେ ହୋଇ
ଅପାର ଲୋଭରେ ହାଦେ ସଂସାର ତୁଟଇ ।" (ଆଦି–୩୭୩)

ମହାକବି କାଳିଦାସଙ୍କ ପରି ସାରଳା ଉପମାଳଙ୍କାରର ବିଚିତ୍ର ବିନ୍ୟାସରେ ସିଦ୍ଧହସ୍ତ ଥିଲେ । କୃଷିକାରୀ କବି କୃଷକଜୀବନରୁ ଉପମାଳଙ୍କାରର ବହୁ ଉପାଦାନ ଗ୍ରହଣ କରିଥିବା ଦେଖାଯାଏ । ଯୁଦ୍ଧକାଳରେ ଶ୍ରାବଣ ମାସର ଜଳଧାରା ପରି ଶରସବୁ ବର୍ଷେ ଏବଂ ଭୂଇଁରେ ଡାଲ ବୁଣିଲା ପରି ଶତ୍ରୁ ମସ୍ତକସବୁ ଛୁଡ଼ିପଡ଼େ । ଗଛକୁ ପିଟିଲେ ଫଳ ଝଡ଼ିବା ପରି କବନ୍ଧସବୁ ନୃତ୍ୟ କରନ୍ତି ଏବଂ ପଲାଶଗଛ ରକ୍ତକୁସୁମରେ ମଣ୍ଡିତ ହେବା ପରି ବୀରମାନଙ୍କ ଅଙ୍ଗରୁ ରୁଧିର ବହେ । ବନ୍ଧ ବାନ୍ଧି ବଢ଼ିପାଣିକୁ ଅଟକାଇବା ପରି ବୀର ସୈନିକଗଣ ଶତ୍ରୁ-ସୈନ୍ୟଙ୍କୁ ଅଟକାଇ ଦିଅନ୍ତି ଏବଂ ବଳଦ ହଜାଇ କୃଷିକାରୀ ଏଣେତେଣେ ଖୋଜିବୁଲିବା ପରି ଭୀଷ୍ମଙ୍କୁ ହରାଇ ଦୁର୍ଯୋଧନ ଘୋର ବିଚଳିତ ହୋଇପଡ଼ନ୍ତି । ଉପମାଳଙ୍କାର ବ୍ୟତୀତ ଉତ୍ପ୍ରେକ୍ଷା, ରୂପକ, ଅର୍ଥାନ୍ତର ନ୍ୟାସ, ସ୍ୱଭାବୋକ୍ତି, ଅତିଶୟୋକ୍ତି, ସନ୍ଦେହ ଓ ଭ୍ରାନ୍ତିମାନ ଆଦି ବିବିଧ ଅର୍ଥାଳଙ୍କାରର ସୁଷ୍ଠୁ ବିନ୍ୟାସରେ ସାରଳାଦାସଙ୍କ କାବ୍ୟନାୟିକା ଅପୂର୍ବ ରମଣୀୟତାର ମାଧୁର୍ଯ୍ୟରେ ମଣ୍ଡିତ ହୋଇଅଛି; ଅଥଚ ସାରଳା-ସାହିତ୍ୟରେ କୌଣସିଠାରେ ଇଚ୍ଛାକୃତ ଓ ଆୟାସସାଧ୍ୟ ମଣ୍ଡନର ପ୍ରୟାସ ନାହିଁ । କବିଙ୍କର ଅନ୍ତର୍ନିହିତ ସୌନ୍ଦର୍ଯ୍ୟାନୁଭୂତି ଅନୁରୂପ ଶୋଭାସମ୍ପାଦକ ଅଳଙ୍କାରରାଜିରେ ମଣ୍ଡିତ ହୋଇ ସ୍ୱତଃସ୍ଫୂର୍ତ୍ତିଭାବରେ ତାହାଙ୍କ ଲେଖନୀରୁ ନିର୍ଗତ ହୋଇଅଛି । ଏହାହିଁ ଶ୍ରେଷ୍ଠ କାବ୍ୟର ଲକ୍ଷଣ । ବିରାଟ-ପର୍ବରେ ବିଶାଳ କୁରୁସୈନ୍ୟବାହିନୀ ଦର୍ଶନରେ ସମ୍ଭ୍ରମରେ ଭୀତତ୍ରସ୍ତ ଉତ୍ତରଙ୍କୁ ଅର୍ଜ୍ଜୁନ କହୁଛନ୍ତି :

"ଶୁଣ ହୋ ଉତ୍ତର ବୋଲଇ ବୃହନ୍ନଳା
ସାଗର ସତ ସୈନ୍ୟ ତୋହର ବଚନ କେ ନାସ୍ତି କରିପାରି ।
ନଚସୈନ୍ୟ କୁରୁସାଗର ଏ ଅଟଇ ସଇନ
ସିନ୍ଧୁଘୋଷ ପ୍ରାୟ ଶୁଭଇ ମୁଖଧ୍ୱନି ।
ବାଳୁ ବୋଇତ ବୋଲି ତୁ ବୋଇଲୁ ଯହିଁକି
ରଥମାନେ ସେହଟି ତୁ କପାଇଁ ନ ଦେଖି ।
ମଚ୍ଛ କଚ୍ଛପ ତୁ ଯାହା ବିହରୁ ହୃଦଗତେ
ଗଜ ଅଶ୍ୱମାନେ ତ ଅଟନ୍ତି ଯୁଗତେ ।
ତୁ ଯେ ବୋଇଲୁ ଭିତରେ ଥିର ପାଣି ଭଲ
ଆଟ ବେଢ଼ି ଛନ୍ତି ତୋହର ଗୋରୁପଲ ।
ଧବଳ କମଳ ସେ ଯେ ଅଟନ୍ତି ଗୋଧନ
ଥିର ଜଳ ପ୍ରାୟେ ସେ ଦିଶନ୍ତି ବିଦ୍ୟମାନ ।
ଲହଡ଼ି ବୋଲି ତୁ ଯାହା ବୋଇଲୁଁ ହୃଦଗତେ
ଉପରେ ଯେ ଉଡ଼ନ୍ତି ପାତାଙ୍ଗ କେତେ ।" (ବିରାଟ-୪୫୯)

ଏ ବର୍ଣ୍ଣନାର ଚମତ୍କାରିତା ଅତୁଳନୀୟ । ସାଙ୍ଗରୂପକାଳଙ୍କାରର ସାର୍ଥକ ପ୍ରୟୋଗ ଏହାର ଶୋଭାକୁ ବହୁଗୁଣିତ କରିଅଛି । ବିରାଟ ଅନ୍ତଃପୁରରେ ଦ୍ରୌପଦୀଙ୍କ ପ୍ରବେଶ ସମୟର ଶୋଭାବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି :

"ପାଞ୍ଚାଳୀ ପଶନ୍ତେ ପୁର ଦିଶିଲକ ଶୋଭା
ଶ୍ରୀକୃଷ୍ଣା ବିହରନ୍ତି ସେ ତ ପ୍ରତକ୍ଷେ ଅଟଇ ରମ୍ଭା ।
ଅମରାଧିନାଥ କେହ୍ନେ ତେଜିଲା ଆଖଣ୍ଡଳୀ
କେ ଅବା କେବଣ ଦ୍ରୋହେ ପଡ଼ିଲା ଭୂଅଡ଼ଳି ।
ଯେମନ୍ତ ବିହର ଯେ କରନ୍ତି ମହାଦେଇ
ସାବିତ୍ରୀ ସତ୍ୟବନ୍ତେ ତେଜି ଅଇଲେକି ଯେହ୍ନ,
କି ଅବା ମେନକା ଦୁହିତା ଯେହ୍ନ ଶକୁନ୍ତଳା
ସର୍ବଲକ୍ଷଣ ବେଶ କର୍ମେ କେଶ ଯେ ମୁକୁଳା ।" (ବିରାଟ-୧୩୦)

ଉତ୍ପ୍ରେକ୍ଷାଳଙ୍କାରର ଏ ଆଭରଣ ମଧ୍ୟରେ କବିକଳ୍ପନାର ମଞ୍ଜୁଳବିଳାସ ପାଠକକୁ ମୁଗ୍ଧ କରିଥାଏ । ପରବର୍ତ୍ତୀକାଳରେ ଦୀନକୃଷ୍ଣ, ଉପେନ୍ଦ୍ର ଓ ଅଭିମନ୍ୟୁଙ୍କର କାବ୍ୟାବଳୀରେ ଆମେ ଏହି ଅପୂର୍ବ ବର୍ଣ୍ଣନାଶୈଳୀର ଅନୁକୃତି ଲକ୍ଷ୍ୟ କରୁ । ବର୍ଣ୍ଣନା ରସାଶ୍ରୟୀ ହେବା ଏକାନ୍ତ ଆବଶ୍ୟକ । କାରଣ ରସ ହିଁ କାବ୍ୟର ପ୍ରାଣ । ରସହୀନ ବର୍ଣ୍ଣନା ଯେତେ ସୁନ୍ଦର ବର୍ଣ୍ଣାଢ୍ୟ ହେଲେହେଁ ହୃଦୟକୁ ଅଭିଭୂତ କରିପାରେ ନାହିଁ ଏବଂ ହୃଦୟର ଆବେଦନ ବିନା କୌଣସି କାବ୍ୟ କାବ୍ୟପଦବାଚ୍ୟ ହୋଇନପାରେ । ସାରଳା ମହାଭାରତ ରସର ଅକ୍ଷୟ-

ଭଣ୍ଡାର ଏବଂ ବିବିଧ ରସର ବର୍ଣ୍ଣନାରେ କବି ଅପୂର୍ବ କଳାକୁଶଳତା ପ୍ରଦର୍ଶନ କରିଅଛନ୍ତି । ସାରଳା ମହାଭାରତ ଏକ ବୀରରସପ୍ରଧାନ କାବ୍ୟ ହୋଇଥିବାରୁ ଏଥିରେ ବୀର, ରୌଦ୍ର, ବୀଭତ୍ସ ଓ ଭୟାନକ ଆଦି ଆନୁଷଙ୍ଗିକ ରସସମୂହର ପ୍ରାଚୁର୍ଯ୍ୟ ଦୃଷ୍ଟ ହୁଏ । ଧର୍ମବୀର ଯୁଧିଷ୍ଠିର, ତ୍ୟାଗବୀର ଏକଲବ୍ୟ, ଦାନବୀର କର୍ଣ୍ଣ ଓ ହରିଶ୍ଚନ୍ଦ୍ର, ବାଳବୀର ଅଭିମନ୍ୟୁ, ଭୀଷ୍ମ, ଦ୍ରୋଣ, ଭୀମ, ଅର୍ଜୁନ ଓ ଦୁର୍ଯ୍ୟୋଧନାଦି ରଣବୀର ଏବଂ ଶ୍ୱେତ, ଉତ୍ତର, ଘଟୋତ୍କଚ, ନାଗାର୍ଜ୍ଜୁନ ଓ ବଭ୍ରୁବାହନ ଆଦି ଯୁବବୀରମାନଙ୍କର ବୀରତ୍ୱପୂର୍ଣ୍ଣ କାହାଣୀ ପାଠକଲାବେଳେ ଆମ ହୃଦୟ ଉଦାତ୍ତ ବୀରରସରେ ଆପ୍ଳୁତ ହୁଏ । କୀଚକବଧ, ଦୁଃଶାସନବଧ ଓ ଦୁର୍ଯ୍ୟୋଧନଙ୍କ ଊରୁଭଙ୍ଗ ଆଦି ବୃତ୍ତାନ୍ତରେ ରୌଦ୍ରରସର ପରିପୂର୍ଣ୍ଣ ଅଭିବ୍ୟକ୍ତି ଘଟିଅଛି । ଭୟାନକ ଓ ବୀଭତ୍ସରସର ବର୍ଣ୍ଣନା ପ୍ରତିଭା-ସାପେକ୍ଷ । କାରଣ ବିଭାବ, ଅନୁଭାବ ଓ ସଞ୍ଚାରୀ ଭାବାଦିର ଯଥାଯଥ ସନ୍ନିବେଶ ଦ୍ୱାରା ସଂପୂର୍ଣ୍ଣ ରସୋତ୍ତୀର୍ଣ୍ଣ ହୋଇ ନପାରିଲେ ବୀଭତ୍ସରସାତ୍ମକ ବର୍ଣ୍ଣନା ଆମ ହୃଦୟରେ ଆହ୍ଲାଦ ଓ ଆନନ୍ଦ ସଞ୍ଚାର ନକରି ଭୟ ଓ ଜୁଗୁପ୍ସାର କାରଣ ହୋଇଥାଏ । ସାରଳା ମହାଭାରତରେ ଗଦାପର୍ବବର୍ଣ୍ଣିତ ଶ୍ମଶାନ ଦୃଶ୍ୟରେ ବୀଭତ୍ସରସର ଅଭିବ୍ୟକ୍ତି ଚରମରେ ପହଞ୍ଚିଅଛି । ବୀଭତ୍ସରସର ଏହା ଏକ ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

> "ପାଣ୍ଡବଙ୍କ ତୁଲେ ଛନ୍ତି ଏତେକ ସଇନ
> ରଣଭୂମିରେ ପ୍ରବେଶ ନକରି ରଯ୍ୟେଣି ।
> ଦୂରେ ଥାଇ ଶୁଣିଲେ ସେ ଦେବୀଙ୍କର କଳକଳା ନାଦ
> ପାଣ୍ଡବ ଆଟେ ଶୁଭିଲା ପଞ୍ଚଜନ୍ୟ ଶଙ୍ଖର ଶବଦ ।
> ରଟରଟ ମଟମଟ ଦନ୍ତ ପାଟି ଶୁଭୁଅଛି ଏଣେ
> ଯେସନେକ ଗଗନୁ ପଡ଼ଇ ବଜ୍ରବାଣେ ।
> ଜମ୍ବୁପଟଲ ମେହ ଯେସନ୍ତେ ଦିଶନ୍ତି ବୃଷାଳେ
> ରୋଧିର ମାଂସେଂ ସେ ଦେବୀମାନେ କରନ୍ତି କୁତୁହୋଳେ
> ଫୁଙ୍କାରନ୍ତି ଶବଦ ଯେ ଶୁଭଇ ଗରୁ ଘୋର
> ସଇନବଳମାନେ ଯାଇ ରହିଲେକ ଦୂର ।
> ଡିବିଡିବି ଡମ୍ବରୁ ବାଜଇ ଯେ ଘନଘୋର ଡାକ
> ଲହ ଲହ ଜିହ୍ୱାରେ ରେରେକାର ହାକ ।
> ମେଦମେଦା ମାଂସେଂସ କରନ୍ତି ଦେବୀ ଭକ୍ଷ
> ଉଲଗ୍ନଶାୟୀ ହୋଇଣ ନାଚନ୍ତି ପ୍ରତକ୍ଷ ।
> କେ ତୁଣ୍ଡ ବିସ୍ତାରିଣ ପିବନ୍ତି ଯେ ଶ୍ରୋଣୀ
> କେ ମୁଣ୍ଡମାଳମାନ ହୃଦରେ ଭୂଷଣି ।
> ବଜାବନ୍ତି ଘମୁରି ଯେ ବଜଘୋଷ ଦାରୁଣ
> ମଣ୍ଡଳୀରେ ନାଚନ୍ତି ଯେ ଖେମଟା ନାଟଖଣ୍ଡ ।

ଆକାଶେ ଓଷ୍ଠ କାହାର ଭୂମିରେଣ ପାଟି
ଯେକା ଗ୍ରାସନ୍ତି ଯେ ଗିଳନ୍ତି ଯେ ମୃତ୍ୟୁ ପିଣ୍ଡ ଗୋଟି ।
ନାଚନ୍ତି, ଗାବନ୍ତି, ଖାବନ୍ତି ରଣରଙ୍ଗରସେ
କେହୁ ମୃତ୍ୟୁ ପିଣ୍ଡ ଫିଙ୍ଗିଦିଅନ୍ତି ଆକାଶେ ।
ଉପରକୁ ଫିଙ୍ଗିଦିଅନ୍ତି ତଳେ ତୁଣ୍ଡ ପାତି
ଅନନ୍ତା ବିଜୟା କେତୁକା କାଳରାତ୍ରି
ବିକଟ ଅବଲୋକନେ ସେ ମତ୍ତରସେ ଖେଳି
କହି କହି ହାସ୍ୟେ ମଙ୍ଗଳଧ୍ୱନି ତୋଳି ।" (ଗଦାପର୍ବ-୪୨)

ଏହି ବର୍ଣ୍ଣନାରେ ବୀଭତ୍ସରସ ଯେପରି ସାକ୍ଷାତ ମୂର୍ତ୍ତିମନ୍ତ ହୋଇ ପ୍ରକାଶ ଲାଭ କରିଅଛି । ମହାକବି ଭବଭୂତିଙ୍କ ରଚିତ 'ମାଲତୀ ମାଧବ' ନାଟକର ପଞ୍ଚମ ଅଙ୍କ ବର୍ଣ୍ଣିତ ପ୍ରକଟିତ ଦଶନ ପ୍ରେତରଙ୍କ ଭୟଙ୍କର ପିଶାଚମାନଙ୍କର ମାଂସଭୋଜନରୂପ ବୀଭତ୍ସରସାତ୍ମକ ବର୍ଣ୍ଣନା ସହିତ ଏହା ତୁଳନୀୟ । ବିରାଟ-ପର୍ବ ବର୍ଣ୍ଣିତ କୀଚକ ଚିତାରୋହଣ ଦୃଶ୍ୟ ଏବଂ ମୂଷଳୀ-ପର୍ବ ବର୍ଣ୍ଣିତ କୋକୁଆଉପଦ୍ରବ ଭୟାନକରସର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ରୌଦ୍ର ବୀଭତ୍ସାଦି·ଦୀପ୍ତରସ ସଦୃଶ ଶୃଙ୍ଗାର, କରୁଣ, ହାସ୍ୟ, ଅଦ୍ଭୁତାଦି ଦ୍ରୁତଗୁଣସମ୍ପନ୍ନ କାନ୍ତ କୋମଳ ଓ ମଧୁର ରସବର୍ଣ୍ଣନାରେ ମଧ୍ୟ ସାରଳା ଦାସ ସିଦ୍ଧହସ୍ତ ଥିଲେ । ସମ୍ଭୋଗ ଶୃଙ୍ଗାରର ଭବ୍ୟମଞ୍ଜୁଳ ବର୍ଣ୍ଣନାରେ ସାରଳା ମହାଭାରତର ପୃଷ୍ଠାରାଜି ଲୀଳାମୁଖର ହୋଇଉଠିଛି । ସ୍ଥଳବିଶେଷରେ ସାରଳାଙ୍କ ଶୃଙ୍ଗାରବର୍ଣ୍ଣନା ଚରମ ଅଶ୍ଳୀଳତାର କୋଟିକୁ ସ୍ପର୍ଶ କରିଅଛି । ଶୃଙ୍ଗାରରସ ବର୍ଣ୍ଣନାରେ ସାରଳା ଦାସ ଭରତ ଓ ଭୋଜ ଆଦି ସଂସ୍କୃତ ଆଲଙ୍କାରିକ ଓ କାଳିଦାସାଦି ମହାକବିମାନଙ୍କ ପଦାଙ୍କ ଅନୁସରଣ କରିଥିବା ଅନୁମିତ ହୁଏ । ପରବର୍ତ୍ତୀ ଯୁଗରେ ଉପେନ୍ଦ୍ର, ଅଭିମନ୍ୟୁ ଆଦି ଓଡ଼ିଆ କବିପୁଙ୍ଗବଗଣ ସାରଳାଦର୍ଶିତ ସରଣିର ଅନୁସରଣ କରିଅଛନ୍ତି । ନଳଦମୟନ୍ତୀ, ଉତ୍ତରା-ଅଭିମନ୍ୟୁ ଓ ଦ୍ରୌପଦୀ ବିୟୋଗ ଆଦି ଅଳ୍ପ କେତୋଟି ଉପାଖ୍ୟାନକୁ ଛାଡ଼ିଦେଲେ ସାରଳା ମହାଭାରତରେ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନା ନାହିଁ କହିଲେ ଚଳେ । କୋମଳତା ଓ ମାଧୁର୍ଯ୍ୟରେ କରୁଣରସ ରସମାନଙ୍କର ରାଜା ବୋଲି କଥିତ ହୋଇଥାଏ । ମହାକବି ଭବଭୂତି ଓ ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ଗୀତିକବି କିଟସ୍ କରୁଣରସକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଅଛନ୍ତି । ସାରଳା ମହାଭାରତରେ କରୁଣରସର ବହୁଳ ବର୍ଣ୍ଣନା ଦୃଷ୍ଟ ହୁଏ । ସ୍ଥଳବିଶେଷରେ ତାହାଙ୍କ କରୁଣରସର ବର୍ଣ୍ଣନା ଲଘୁ ଗ୍ରାମ୍ୟ ବିଳାପର ସ୍ତରକୁ ଖସିଯାଇଅଛି ।

ଏ ସବୁଥିରେ ରସାଭିବ୍ୟକ୍ତି ଅପେକ୍ଷା ଭାବପ୍ରବଣତାହିଁ ପ୍ରାଧାନ୍ୟ ଲାଭ କରିଅଛି । ସାରଳା ମହାଭାରତରେ କରୁଣରସର ଏକ ଅସରନ୍ତି ଉତ୍ସ ହେଉଛି ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ । କୋମଳତା, ମଧୁରତା ଓ ଗମ୍ଭୀରତାରେ ଏହା ଅନନ୍ୟସାଧାରଣ । ଏହା ପାଠକଙ୍କମାନେ ହୃଦୟର ଅନ୍ଧିସନ୍ଧି କରୁଣରସରେ ଆପ୍ଳୁତ ହୋଇଯାଏ । ଦୁର୍ଯ୍ୟୋଧନଙ୍କର

ବିଳାପରେ ବିପଥଗାମୀ ଓ ବେଦନାଗ୍ରସ୍ତ ସମଗ୍ର ମାନବଜାତିର ବ୍ୟର୍ଥତାର ବିଳାପ ଯେପରି ପ୍ରତିଧ୍ୱନିତ ହୋଇଛି । ଅର୍ଥର ବ୍ୟାପ୍ତି ଓ ବ୍ୟଞ୍ଜନାର ଗାମ୍ଭୀରତାରେ ଏହା ମହାକବି ସେକ୍ସପିୟରଙ୍କ 'କିଙ୍ଗ୍ ଲିଅର' ନାଟକର ଶେଷ ଦୃଶ୍ୟରେ ବର୍ଣ୍ଣିତ ପ୍ରିୟତମା କନ୍ୟା କର୍ଡେଲିଆର ବିୟୋଗରେ ରାଜା ଲିଅରଙ୍କ ବିଳାପ ସଙ୍ଗେ ତୁଳନୀୟ । 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ସାରଳାଙ୍କ ମହାଭାରତକୁ ଏକ ଉଚ୍ଚାଙ୍ଗ ବିୟୋଗାନ୍ତକ କାବ୍ୟର ସାର୍ଥକତାରେ ମଣ୍ଡିତ କରିଅଛି । ସାହିତ୍ୟ-ଦର୍ପଣକାର ବିଶ୍ୱନାଥ କବିରାଜ ଅଦ୍ଭୁତରସକୁ ରସମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସବୁ ରସରେ ଅଦ୍ଭୁତରସର ଉପାଦାନ ନିହିତ ଥାଏ ବୋଲି ଉଲ୍ଲେଖ କରିଅଛନ୍ତି : "ରସେସାରଶ୍ଚମତ୍କାର" । ଏହି ଉକ୍ତି ସାରଳା ମହାଭାରତ ପ୍ରତି ସମ୍ପୂର୍ଣ୍ଣ ପ୍ରଯୁଜ୍ୟ । ଅତିରଞ୍ଜନ, ଅତିବ୍ୟାପ୍ତି ଓ ଅତିକାୟ କଳ୍ପନାଦ୍ୱାରା ଅଦ୍ଭୁତରସର ଉନ୍ମୀଳନରେ ସାରଳା ଦାସ ଅଭୂତପୂର୍ବ ସଫଳତା ହାସଲ କରିଅଛନ୍ତି । ଗଜକଚ୍ଛପ ଉପାଖ୍ୟାନ, କୋକୁଆଭୟ ଓ ଅଶ୍ୱତ୍ଥାମାହସ୍ତୀ ବୃତ୍ତାନ୍ତ ଅଦ୍ଭୁତରସର ଉଜ୍ଜ୍ୱଳ ଉଦାହରଣ । ଅଦ୍ଭୁତରସର ଏହିପରି ଅସଂଖ୍ୟ ବର୍ଣ୍ଣନାରେ ସାରଳାମହାଭାରତର ପୃଷ୍ଠାରାଜି ମୁଖରିତ । ପଲ୍ଲୀର ସରଳ ଓ ଅବିକୃତ ଜନମାନସ ଉପରେ ଅଦ୍ଭୁତରସର ଏକ ଯାଦୁକରୀ ପ୍ରଭାବ ରହିଅଛି । ଏଥିପ୍ରତି ଦୃଷ୍ଟି ରଖି ସାରଳାଦାସ ତାହାଙ୍କ ମହାଭାରତରେ ଅଦ୍ଭୁତରସ ବର୍ଣ୍ଣନାରେ ସୀମା ଅତିକ୍ରମ କରିଯାଇଥିବା ମନେହୁଏ । ହାସ୍ୟରସସୃଷ୍ଟି ପାଇଁ ହୃଦୟର ଯେଉଁ ବିଶାଳତା ଏବଂ ଉନ୍ନତ କଳାବୋଧ ପ୍ରୟୋଜନ, କୃଷକକବି ସାରଳାଦାସଙ୍କର ତାହା ପୂର୍ଣ୍ଣମାତ୍ରାରେ ଥିଲା । ମଧ୍ୟ-ପର୍ବବର୍ଣ୍ଣିତ ଶିବବିବାହ ହାସ୍ୟରସର ଏକ ଅସରନ୍ତି ନିର୍ଝର । ଏହାକୁ ପଢ଼ିଲାବେଳେ ହସି ହସି ପେଟ ଫାଟିଯାଏ । ଆଦିପର୍ବବର୍ଣ୍ଣିତ ଗୋଲକପୁରୀ ଉପାଖ୍ୟାନରେ ଭୀମଙ୍କର ତଥାକଥିତ ମୂର୍ଖତା, ବିରାଟପର୍ବରେ ବଲ୍ଲବବେଶୀ ଭୀମଙ୍କର ମାଲକୁ ଖାଦ୍ୟ ପରିବେଷଣ ଓ ଉତ୍ତରଦ୍ୱାରା ସମ୍ପାଦିତ କୁରୁବୀରମାନଙ୍କର ବେଶ ବିପର୍ଯ୍ୟୟ ଭଳି ନିର୍ମଳ ହାସ୍ୟରସର ଉଦାତ୍ତବର୍ଣ୍ଣନାରେ ସାରଳା ମହାଭାରତ ହାସ୍ୟମୁଖର ।

"ଆହୋ ବିରାଟ ସୂପକାର ବୋଲି ତୁ ବୋଇଲୁ ଯାହାରେ
କେବଣ ବ୍ରହ୍ମରାକ୍ଷସଟି ଗୋପ୍ୟାନ ତୋହର ପୁରେ ।

ରାନ୍ଧଣୀ ଚରିତ ତାର କହି ତ ନପାରି
କଞ୍ଚା ଦାରୁ ଅଚିରା ନେଇ ଚୂଲିରେ ଭରି ।

ଅକଟା ଅବଟା ପରିବା ରୁଣ୍ଡି କରି ହାତେ
ହାଣ୍ଡିରେ ପୂରାଇ ବୋଲେ ଏ ମୋହର ମେଞ୍ଜନ ଯୁଗତେ ।

ମୁଗୁନି ପଥର ମୁଠେକ ମାରି କଲା ଚୂନା
ପେଜରେ ମିଶାଇ ତାହା କଲାକ ମେଞ୍ଜନା

ଉଂଘୋଇ କୁଢ଼ାଇଲା ଧାନ ଶତେକ ପଉଟି
ବୋଇଲା ଭୁଞ୍ଜ ହୋ ମାଲ ଯେତେ ତୋତେ ଅଣ୍ଟି ।" (ବିରାଟ-୧୩୧)

ଭୀମଙ୍କର ମୂର୍ଖତା ବିଷୟ ଉଲ୍ଲେଖ କରି କବି ଲେଖିଛନ୍ତି ଯେ ଭୀମଙ୍କର କିଛି ମନେ ରହେନାହିଁ । ଦୁର୍ଯ୍ୟୋଧନ ଭୀମଙ୍କୁ ପବନପୁତ୍ର ବୋଲି କହି ଅପମାନ ଦେବାରୁ ତାର ପ୍ରତିଶୋଧ ନିମିତ୍ତ ଦୁର୍ଯ୍ୟୋଧନଙ୍କୁ ଗୋଲକପୁତ୍ର ବୋଲି କହିବାକୁ ଶ୍ରୀକୃଷ୍ଣ ଭୀମଙ୍କୁ ଉପଦେଶ ଦେଇଛନ୍ତି । କାଳେ ଶବ୍ଦଟି ଭୁଲିହୋଇଯିବ ସେଥିଲାଗି ଭୀମ ଅହୋରାତ୍ର 'ଗୋଲକପୁତ୍ର ଗୋଲକପୁତ୍ର' ବୋଲି ଘୋଷିହେଉଥାନ୍ତି । ରାତିପାହାନ୍ତା ନିଦଲାଗିଯିବାରୁ ସେ ତାହା ଭୁଲିଗଲେ । ଭୀମଙ୍କର ଏହି ଆଚରଣକୁ କେନ୍ଦ୍ରକରି କବି ହାସ୍ୟରସର ଯେଉଁ ବିମଳ ମନ୍ଦାକିନୀଧାରା ବୁହାଇଛନ୍ତି ତାହା ଅତୁଳନୀୟ ।

"ରାତ୍ରି ଯହୁଁ ହୋଇଲା ତିନିପହର ଆସି
ପାହାନ୍ତି ନିଦ୍ରା ଘାରିଲା ପବନର ଶିଷି ।
ତତକ୍ଷଣେ ପାଶୋରିଲା ପାଣ୍ଡବସୁନ୍ଦର
ଚଉକତି ଦରାଣ୍ଡଇ ଶୟନ ମନ୍ଦିର ।
ହା ହା ପଦ ଗୋଟି ମୋର ଗଲା କଉଣ କତି
ଲେଉଡ଼ନ୍ତେ ସହଦେବଙ୍କୁ ହାବୋଡ଼ିଲା ଯାଇ ଝାଡି ।" (ଆଦି-୪୫୩)

ଅର୍ଜୁନଙ୍କ ଦ୍ୱାରା ପରାଜିତ ଏବଂ ଅର୍ଜୁନନିକ୍ଷିପ୍ତ ମୋହନାଶରରେ ମୂର୍ଚ୍ଛାଗତ ଓ ଚେତନାରହିତ କୁରୁସୈନ୍ୟମାନଙ୍କ ବେଶବିପର୍ଯ୍ୟୟ ଓ ଲାଞ୍ଛନା ଅତ୍ୟନ୍ତ ହାସ୍ୟୋଦ୍ଦୀପକ ହୋଇଅଛି ।

"କର୍ଣ୍ଣର ମୁକୁଟ ଘେନିଣ ଫାଲଗୁନି
ପାଦାନ୍ତି ଗୋଟିକର ଶିରେ ବାନ୍ଧିଲେକ ଆଣି ।

× × ×

ଧୃଶାସନର ଶ୍ରୀଭୂଷା ମୁକୁଟ ଅଲଙ୍କାର
ନେଇଣ ଆଭରଣ କଲା ସେ ଗୃଣ୍ଡାଳର ଶିର ।
ଘୃଣ୍ଡାଳର ତୁରୀବାଦ୍ୟ ଧୃଶାସନ ହୃଦରେ ଲମ୍ବାଇ
ହୃଦରେ ତିନି ଗାର କାଟିଲା ବେଷ ବନ୍ଧି ।
ଅଶ୍ୱତ୍ଥାମାକୁ ରଥୁ ଆଣିଲା କୋଳକରି
ଭୂମିରେ ଶୁଆଇଲା ବିବସନ କରି ।

× × ×

ଶକୁନିକି କୋଳକରି ଧଇଲେକ ବିରାଟି
ତାକୁ ଶୁଆଇଲା ନେଇ ଗର୍ଦ୍ଦଭର ପିଠି ।
ଗଳାରେ ଲମ୍ବାଇଲା ତାର ଦମାଲୁ ଗୋଟାୟେ
ଅଛିବ ବସନମାନ ଆଭରଣ କଲା ତାର କାୟେ ।" (ବିରାଟ-୫୭)

ଏହିପରି ତରଳ ବିମଳ ହାସ୍ୟରସର ପ୍ଲାବନରେ ସାରଳା ମହାଭାରତର ପୃଷ୍ଠାରାଜି ଚଳଚଞ୍ଚଳ । ଶୁଦ୍ଧ ନିର୍ମଳ ହାସ୍ୟରସ ବ୍ୟତୀତ ବ୍ୟଙ୍ଗ-ବିଦ୍ରୂପର ଅବତାରଣା ମଧ୍ୟ ସାରଳା ମହାଭାରତରେ ଦୃଷ୍ଟହୁଏ ।

"ଆପଣା ଶରୀରେ ବାବୁ ପଣ୍ଡିତ ଅଂଶାଇ
ପରଳୁମି ବାଢ଼ୁ ନାସାଦ୍ୱାରେ ହସ୍ତ ଦେଇ ।

× × ×

ଭଲଯେ କରି ଦେଖ ମୋର ଭାଇର ମୁଖ ଗୋଟି
ଗୁଣବନ୍ତ ପୁରୁଷ ଯେ ଅଟଇ ଧୃତରାଷ୍ଟ୍ରି ।

× × ×

ଯାବତକାଳେ ତୁମେ ଚଳ ଧର୍ମବାଟେ
ଘରେକ ଭିଆଇଲ ନଉ, ସକଳସ ଗୁଆଘୃତ ଛଣପଟେ ।
ଅନେକ ଯତ୍ନେ ତହିଁ ପାଣ୍ଡବନ୍ତ ରୁହାଇ
ପୁରଞ୍ଜନ ପଣ୍ତ୍ରା ହାତେ ଲଗାଇଲ ନିଇ ।
ବିକଳେ ବିମ୍ବରେ ସେ ପଳାଇଲେ ଗଳି
କାଳେକ ବ୍ରତ ତୁମ୍ଭେ ଧର୍ମ ପ୍ରତିପାଳି ।"

ଉପରୋକ୍ତ ଉକ୍ତିମାନଙ୍କରେ ନିହିତ ବ୍ୟଙ୍ଗ-ବିଦ୍ରୂପ ଓ ଆକ୍ଷେପର ବ୍ୟଞ୍ଜନା ଅତ୍ୟନ୍ତ ସୁସ୍ପଷ୍ଟ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ହାସ୍ୟରସର ଏକାନ୍ତ ବିରଳତା ଦୃଷ୍ଟିରୁ ସାରଳା ମହାଭାରତର ହାସ୍ୟରସର ଏହି ବିପୁଳ ଐଶ୍ୱର୍ଯ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରୁ ସମସାମୟିକ ଯୁଗରେ ଓଡ଼ିଆ ଜାତିର ପ୍ରାଣପ୍ରାଚୁର୍ଯ୍ୟର ସୂଚନା ମିଳିଥାଏ ।

ସାରଳା ମହାଭାରତ ବୀରରସପ୍ରଧାନ ହେଲେହେଁ ଏହାର ଅନ୍ତରାଳରେ ଅନ୍ତଃସଲିଳା ଫଲ୍‌ଗୁଧାରା ପରି ସ୍ନିଗ୍ଧଶୀତଳ ଶାନ୍ତରସ ଚିର ପ୍ରବାହମାନ । ସମଗ୍ର କାବ୍ୟରେ ସାରଳାଦାସ ଦର୍ଶାଇଛନ୍ତି ଯେ ଧନ, ମାନ, ଐଶ୍ୱର୍ଯ୍ୟ, କ୍ଷମତାଦର୍ପ, ଅହଙ୍କାର ସବୁ ପାଣି-ଫୋଟକା ପରି ଅଳୀକ, ଅସାର ଓ କ୍ଷଣସ୍ଥାୟୀ । ତେଣୁ ମୋକ୍ଷ ହିଁ ଜୀବନର ଏକମାତ୍ର କାମ୍ୟବସ୍ତୁ । ଗ୍ରନ୍ଥର ସର୍ବତ୍ର ଏହାର ଆଭାସ ଥିଲେ ମଧ୍ୟ ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବଦ୍ୱୟରେ ଶାନ୍ତରସର ଉନ୍ମୀଳନ ପରିସ୍ଫୁଟ :

"ଯେ ଭବସାଗର ଦେବ ଜୀବ ପାଣିଫୋଟା
ଶବଦକୁ ଗୋଡ଼ାଇ ଅଇଲା ଲଗିଲା ପକ୍ଷିଧରା ଅଠା ।
ହିଂସା ଅପବାଦ ସବୁ ଜଞ୍ଜାଳର ରସେ
ଲଗିଲା ମାୟା ମୋହ ନାଶକର ଫାଶେ ।
ଦେଖୁ ଅନ୍ଧକାର ଏ ମାୟା ପଟଳେ
ସଙ୍ଗତକୁ ସାହାପକ୍ଷ କେହି ନୋହିଲା କାଳେ ।

ଭାବିଲେ ସପକ୍ଷଟି ନାରାୟଣ ନାମ ଗୋଟି
ଯେହ୍ନେ ସେ ତାରଣ କାରଣକୁ କଣ୍ଠି ଗୋଟି ।"—

ଏହାହିଁ ସାରଳା ମହାଭାରତର ଅନ୍ତର୍ନିହିତ ଧ୍ୱନି ।

ଆଗରୁ କୁହାଯାଇଛି ଯେ ସାରଳା ମହାଭାରତ କଥାପ୍ରଧାନ, ତତ୍ତ୍ୱପ୍ରଧାନ ବା ଭାବପ୍ରଧାନ ନୁହେଁ, ଏହା ଏକ ଆପେକ୍ଷିକ ସତ୍ୟ । ଜାତିବର୍ଣ୍ଣନିର୍ବିଶେଷରେ ଆବାଲବୃଦ୍ଧ-ବନିତା ସମସ୍ତଙ୍କ ପାଇଁ ଏହା ଅଭିପ୍ରେତ ହୋଇଥିବାରୁ ଧର୍ମ ଓ ଦର୍ଶନର କଠିନ ତତ୍ତ୍ୱ-ସମୂହକୁ ଏଥିରୁ ଯଥାସମ୍ଭବ ବାଦ୍ ଦିଆଯାଇଛି; ହେଲେହେଁ ଉଦାର ଭାବସମ୍ପଦରେ ସାରଳା ମହାଭାରତ କୌଣସି ଗୁଣରେ ନ୍ୟୂନ ନୁହେଁ । ବେଦ, ବେଦାନ୍ତ, ସାଂଖ୍ୟ ଯୋଗାଦି ଶାସ୍ତ୍ରବର୍ଣ୍ଣିତ କଠିନ ଆଧ୍ୟାତ୍ମିକ ତତ୍ତ୍ୱସମୂହକୁ ଭାଙ୍ଗି ଚୂମ୍ବକରେ ସର୍ବଜନବୋଧ ସରଳ ଓଡ଼ିଆ ଭାଷାରେ ସାରଳାଦାସ ଯେପରି ପ୍ରକାଶ କରିଅଛନ୍ତି, ତହିଁରୁ ତାଙ୍କ ଅସାମାନ୍ୟ ସୃଜନୀ-ଶକ୍ତିର ପରିଚୟ ମିଳିଥାଏ । ନିମ୍ନୋକ୍ତ ଉଦାହରଣରୁ ଏହା ସ୍ପଷ୍ଟ ପ୍ରତିପନ୍ନ ହେବ ।

"ତୁ ଦେବ ପରମ ଅନାଦି ଧର୍ମ ବ୍ରହ୍ମ
ଅକ୍ଷର ହୁଁ ବିବର୍ଜିତ ନାମ ତୋର ସୂକ୍ଷ୍ମ ।
ଶ୍ରୁତି ସ୍ମୃତି ପ୍ରକୃତି ଆପଣେ ଅର୍ଜିଲୁ ଏକା
ଅନେକ ରୂପ ସ୍ୱାମୀ ନାହିଁ ତୋର ଲେଖା ।
ସତ୍ତ୍ୱ ରଜ ତମ ତ୍ରିଗୁଣ ଅନ୍ତର
ସନାତନ ପୁରୁଷ ତୋତେ ନାହିଁ ପଟାନ୍ତର ।
ଅନ୍ତର ଅନନ୍ତ ରୂପ ଧରୁ ଯେ କାମମୂର୍ତ୍ତି
ଜଳ ସ୍ଥଳ ଅନଳରେ ତୁହି ସିନା ସ୍ଥିତି । (ମଧ୍ୟପର୍ବ-୧୧୬୮)

× × ×

ସଙ୍ଗତ ଅସଙ୍ଗତ କରନ୍ତା ଦେବସ୍ୱାମୀ
ନରକୁଳ ନରଲକ୍ଷ ଅନ୍ତର୍ଯାମୀ ।
ଏକେଣ ଅନେକ ସ୍ୱାମୀ ତୁ ଅନେକ ରୂପ ଧରୁ
ଜାତ ଅନ୍ତ କରଣ ନାଥ ଗର୍ଭରେ ସଂହରୁ । (ଉଦ୍‌ଯୋଗ-୬୭୪)

× × ×

ବ୍ରହ୍ମ ସରୂପରେ ରୂପରେଖ ଧରି
ସ୍ଥାବର ଜଙ୍ଗମ କୀଟ ଆଦିକରି ।
କାଷ୍ଠ ପାଷାଣ ମୂର୍ତ୍ତି କାହିଁ ସେହି
ଯୋଗବ୍ରହ୍ମ ନରକୁଳ ନଚଳ ସେ ଶୂନ୍ୟଦେହୀ
ଆଦି ଅନ୍ତ ମଧ୍ୟ ଯାହାର ସର୍ଜନା
ସ୍ନାନ, ଦାନ, ଧ୍ୟାନ କାରଣେ ସମ୍ପୂର୍ଣ୍ଣା ।
ସିଦ୍ଧି ସାଧକ ସେ ହରି ଅଟେ ମୂଳ
ଚନ୍ଦ୍ର, ସୂର୍ଯ୍ୟ, କାଳନିଦ୍ରା କାମ ସେ ସକଳ ।

ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ପ୍ରତିଗ୍ରହ ଷଟକର୍ମ ମୂଳଗୋଟି
ଯାହାର ଦ୍ରୁଶନେ ଅଘ ପଟଳ ଯାଏ ଫିଟି ।
× × ×
ସକଳ ବିଦ୍ୟାରେ ସେ ସକଳ ଘଟେ ହରି
ଅନନ୍ତ ବ୍ରହ୍ମମୟେ ସକଳ ଘଟେ ପୂରି ।
ଅଚ୍ଛିଦ୍ର ମହିମା କହିଲେ ନ ସରଇ
ବ୍ରହ୍ମ, କ୍ଷତ୍ରୀ, ବୈଶ୍ୟ, ଶୂଦ୍ର ମୟେ ଗୃଶିବର୍ଣ୍ଣ ସେହି ।
ତୁହି ହରି ମୁହିଁ ହରି ସକଳ ବର୍ଣ୍ଣେ ହରି
ଏହି ଅନ୍ତୁ ଗୋଟାକରେ ନାରାୟଣ ଅଛନ୍ତି ବିଜେ କରି ।” (ଭୀଷ୍ମ-୨୪)

ସାରଳାଦାସଙ୍କର ସବୁଠାରୁ ପ୍ରିୟ ବିଷୟ ହେଉଛି ଯୋଗ । ସେ ତାହାଙ୍କ ମହାଭାରତର ବହୁସ୍ଥଳରେ ଯୋଗର ବିବିଧ ପ୍ରକ୍ରିୟା ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଅଛନ୍ତି । ଏହା ବ୍ୟତୀତ ଧର୍ମଶାସ୍ତ୍ର, ଅର୍ଥଶାସ୍ତ୍ର ଓ ନୀତିଶାସ୍ତ୍ରର ବିଷୟମାନ ବିବିଧ ପ୍ରସଙ୍ଗର ବର୍ଣ୍ଣନାକ୍ରମେ ଉଲ୍ଲିଖିତ ହୋଇଅଛି । ଏ ପ୍ରସଙ୍ଗରେ ଯୁଧିଷ୍ଠିରଙ୍କୁ ଭୀଷ୍ମ ଓ ଧୃତରାଷ୍ଟ୍ରଙ୍କର ଉପଦେଶ ଏବଂ ହରିସାହୁ ବୈଶ୍ୟଙ୍କୁ ଯମଙ୍କ ଉପଦେଶ ବିଶ୍ୱରଣୀୟ ।

ସାରଳା ମହାଭାରତର ବାଣୀବିଭବ ଅତୁଳନୀୟ । ମହାକବିମାନଙ୍କର ବାଣୀରେ ଏକ ଅପୂର୍ବ ମୋହିନୀଶକ୍ତି ଅଛି । ଜୀବନର ଶାଶ୍ୱତ ସତ୍ୟସମୂହକୁ ସେମାନେ କାବ୍ୟକଳାର ଅନନ୍ତ ସୌନ୍ଦର୍ଯ୍ୟରେ ମଣ୍ଡିତ କରି ଏପରି ଏକ ଆଲୌକିକ ବାଣୀରୂପ ପ୍ରଦାନ କରନ୍ତି ଯେ ସେଗୁଡ଼ିକ ଆଉ ବ୍ୟକ୍ତିବିଶେଷ ବା କାଳବିଶେଷର ଭାବବସ୍ତୁ ହୋଇ ରହେନାହିଁ । ସେଗୁଡ଼ିକ ସକଳ ଲୋକର ଓ ସର୍ବକାଳର ସମ୍ପଦରେ ପରିଣତ ହୋଇଯାଏ । ସେଗୁଡ଼ିକୁ କୁହାଯାଏ ଆପ୍ତବାକ୍ୟ । ସାରଳା ମହାଭାରତ ଅସଂଖ୍ୟ ସଦୁକ୍ତି ଓ ଆପ୍ତବାକ୍ୟର ଅକ୍ଷୟ ଭଣ୍ଡାର । ନିମ୍ନରେ ସାମାନ୍ୟ କେତୋଟି ଉଦାହରଣ ଦିଆଯାଉଛି ।

**ମହତ୍ ଆଶ୍ରୟ**—“ଅଗୁଣ ଗୁଣ ଆଶ୍ରେ ଜଳ ଆଶ୍ରେ କୃଷି
ଆତ୍ମା ଅନ୍ନ ଆଶ୍ରେ ଗ୍ରହ ଆଶ୍ରେ ଋଷି ।
ପ୍ରାଣ ଆଶ୍ରେ ପିଣ୍ଡ କଳା ଆଶ୍ରେ ଦ୍ୱନ୍ଦ୍ୱ
ପଣ୍ଡିତ ଧର୍ମ ଆଶ୍ରେ ମହତ ଆଶ୍ରେ ବୁଧ ।” (ଉଦଯୋଗ-୭୩)

**ସଜ୍ଜନ ଲକ୍ଷଣ**—“ଅଭାବକୁ ଭାବ କରନ୍ତି ଯେବଣ ପ୍ରାଣୀ
ସଜ୍ଜନ ସଙ୍ଗତରେ ତାହାକୁଇ ଗଣି ।”

**ପରୋପଦେଶେ ପାଣ୍ଡିତ୍ୟ**—
“ପରକଇ ବିଦ୍ୟ ଆପଣେ ହୋଇ ରୋଗୀ
ଦାରାୟେ ପ୍ରମତ୍ତ ହୋଇ କିସ ବୋଲାଉ ଯୋଗୀ ।”

**କୁବୁଦ୍ଧି ଓ କୁସଙ୍ଗର ପରିଣତି**—
“କୁବୁଦ୍ଧି କୁମନ୍ତ୍ରେ ଚଳନ୍ତି ଯେଉଁ’ଣ ଜନ
ନରକୁ ଆଗମ ସେ ନରକେ ଗମନ ।”

**କ୍ରୋଧସମ୍ବରଣର ଉପଯୋଗିତା—**

"ବାରୁ ଅନୁବ୍ରତେ ପ୍ରାଣୀଙ୍କି ରାଗ ନୋହେ ଭଲ
ନଦୀ ସର୍ବଦା ବାରୁରେ ନ ବହଇ ସମତୁଲ ।"

**ସୁପୁରୁଷର ଲକ୍ଷଣ—**"ପ୍ରମାଦ ଭୂମିକ ଯେହୁ ନାସନ୍ତି ହୃଦଗତେ
ଦୁଷ୍ଟଜୀବ ଦେଖିଲେ ଯୁଝନ୍ତି ଅନୁବ୍ରତେ ।
ପରମାଦେ ନ ପଶି ଯେ ପରଦୁଃଖେ ଦୁଃଖୀ
ସ୍ନେହେ ଲୋକନ୍ତି ଯେ ନାରାୟଣ ସାକ୍ଷୀ ।"

**ଧର୍ମ ହିଁ ଏକମାତ୍ର ନୌକା—**

"ନାରାୟଣ ଆତ୍ମା ଏ ଅଟଇ ମହାଧର୍ମ
ସଂସାର ଅଗାଧକୁ ନଉକା ଅଟଇ ଧର୍ମ ।"

**ଆତ୍ମାତତ୍ତ୍ୱ ହିଁ ସାରତତ୍ତ୍ୱ—**"ପୁତ୍ର ପଉତ୍ର ଭାରିଯା ନୋହଇଟି କାହାର
ଦେଖୁଁ ଦେଖୁଁ ତୋହର ସମସ୍ତ ଅପହର ।
ଆତ୍ମାକଇ ପ୍ରମାଦ ଚଳନ୍ତି ଯେବେ ଜନ
ତାହାନ୍ତ ଧର୍ମ ରକ୍ଷଣେ କସ ପ୍ରୟୋଜନ ।"

**ସତ୍ୟ ହିଁ ଜୀବନର ଏକମାତ୍ର ଅବଲମ୍ବନ—**

"ଯେତେବେଳ ପରିଯନ୍ତେ ଶରୀରେ ଥିବ ପ୍ରାଣ
ସତ୍ୟ ହିଁ ଲଙ୍ଘିଲେ ହୋ ଜୀବନ ଅକାରଣ ।"

**ବନ୍ଧୁ ହିଁ ପରମତତ୍ତ୍ୱ—**

"ହେ ପଣ୍ଡିତଜନେ ଜାତ ହୋଇଲେ ଅବଶ୍ୟ ହୋଏ ମୃତ୍ୟୁ
ପରଲୋକ ବାନ୍ଧବ ବନ୍ଧୁ ହିଁ ସେ ପରମତତ୍ତ୍ୱ ।"

**ପାପପୁଣ୍ୟ ସୁଖଦୁଃଖର ଏକତ୍ରାବସ୍ଥାନ—**

"ବ୍ୟାସେ ବୋଇଲେ ଶୁଣ ହେ ତୁ ବାସୁଦେବ
ପାପ ପୁଣ୍ୟ ଆସି ମିଳନ୍ତି ଏକ ଠାବ
ଦୈବସେ ହୋଇଲେ ସେ ସଂଯୋଗ ହୁଅଇ
ସଂସାର କଥା ଏହା କେହି ନ ଜାଣଇ ।
ଦୁଃଖର ଅନ୍ତରେ ପୁଣି ସୁଖ ହୋଏ ଭୋଗୀ
ସ୍ନେହା ଯେ ବର୍ତ୍ତଇ ସେ ପରମ ଯୋଗୀ ।"

**ଆଶାହିଁ ଦୁଃଖର କାରଣ—**

"ଆଶା ଦୁରାପଦ ନୋହଇ ଆନକଲ
ଆଶା ଲୁବୁଧେ ଶଶା ଆସ୍ୟ ଥାଉଁ ମଲ ।
ଯେବଣ ପ୍ରାଣୀ ହୋ ହାରଣ ପୁଣ କରନ୍ତି ଆଶ
ଆପଣାର ଆୟୁ କ୍ଷୟେ ନଷ୍ଟହୁ ଯାନ୍ତି ନାଶ ।

ଆଶାୟେ ପରମ ଦୁଃଖ ସମସ୍ତେ ବିଗ୍ଭର
ନ ଜାଣି ଯେହ୍ନେ ଭକ୍ଷଜନ ପଡ଼ୁଛନ୍ତି ଦୁଚ୍ଛ ।" (ସଭା-୪୭)

**ହୃତବସ୍ତୁ ଓ ମୃତବ୍ୟକ୍ତି ପାଇଁ ଅନୁଶୋଚନା କରଣୀୟ ନୁହେଁ—**

"ହଜିଲା ବଣା ଲୋକଙ୍କୁ ଥିବା କି ବାଟ ଗୃହିଁ
ମଲା ନୁଆସଇ ଭସ୍ମ ନାହିଁନା ଅଙ୍କୁରଇ ।"

**ଜୀବନରେ ମାତ୍ରା ଜ୍ଞାନର ଆବଶ୍ୟକତା—**

"ମାୟେ ସମାନ ସାଦୃଶ୍ୟେ ବଚନ କହିବା
ପ୍ରତାପ ସାଦୃଶ୍ୟେଣ ପ୍ରତିସମସ୍ୟାହିଁ ଦେବା ।
ସେବା ଅନୁରୂପେଣ କରିବା ମନବାଞ୍ଛା
କ୍ଷୁଧା ଅନୁରୂପେ ଭୁକତି କରଇ ଇଚ୍ଛା ।
ଶକତି ସାଦୃଶ୍ୟେଣ କରିବା କର୍ମଣ
ଧନ ଅନୁରୂପେ ଧର୍ମ କରିବା ଘଟଣ ।
ପରାକ୍ରମ ଅନୁରୂପେ ହୋଇବାକ ଦ୍ୱନ୍ଦୀ
ସମାନ ଅନୁରୂପେ ହୋଇବାକ ବାଦୀ ।" (ବିରାଟ-୨୩୨)

**ସହନଶୀଳତା—**

"ହେ ବୁଧଜନେ କାଳପାକେଣ କରି
ସହିଲେ ସେ ମରି ନ ସହିଲେ ଝୁରିମରି ।"

**କର୍ମବାଦ—**

"ଆପଣେ ଯେତେ ପାପ କରଇ ଫଳଇ ପ୍ରତକ୍ଷେ
କଲା କର୍ମହିଁ ସେ କର୍ମ ବୋଲନ୍ତି ଜଗତେ ।"

ସଂକ୍ଷିପ୍ତତା, ପରିମିତିବୋଧ ଓ ବ୍ୟଞ୍ଜନାର ଗଭୀରତାରେ ଏହି ଉକ୍ତିଗୁଡ଼ିକ ଯଥାର୍ଥରେ ଅତୁଳନୀୟ ।

ସାରଳା ମହାଭାରତର ଅନ୍ୟ ଏକ ବିଶେଷତ୍ୱ ହେଉଛି ତାର ଅନୁପମ ସ୍ତୋତ୍ର-ସମ୍ପଦ । ବିଭିନ୍ନ ଦେବଦେବୀ, ସାଧୁସନ୍ଥ ଓ ମହାପୁରୁଷମାନଙ୍କର ଉଦ୍ଦେଶ୍ୟରେ ଏଗୁଡ଼ିକ ରଚିତ ହୋଇଅଛି । ଭାବର ଗମ୍ଭୀରତା, ଭକ୍ତିର ଐକାନ୍ତିକତା, ହୃଦୟର ତନ୍ମୟତା ଏବଂ ଗୀତିଧର୍ମିତ୍ୱରେ ଏହି ସ୍ତୋତ୍ରଗୁଡ଼ିକ ଅତୁଳନୀୟ । ମୂଳଗ୍ରନ୍ଥ ସହିତ ଏକ ଅବିଚ୍ଛିନ୍ନ ଯୋଗ-ସୂତ୍ରରେ ଗ୍ରଥିତ ହୋଇଥିଲେ ମଧ୍ୟ ପ୍ରତ୍ୟେକଟି ସ୍ତୁତି ବା ବନ୍ଦନାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗୀତିକବିତା ରୂପେ ବିଚାର କରାଯାଇପାରେ । କବିପ୍ରାଣର ଆର୍ତ୍ତି, ଆବେଗ, ଉତ୍କଣ୍ଠା, ଦୈନ୍ୟ, ଶଙ୍କା, ନିର୍ବେଦ ଓ ମୁକ୍ତି ପାଇଁ ପରମ ବ୍ୟାକୁଳତାର ମୂର୍ତ୍ତିମନ୍ତ ପରିପ୍ରକାଶ ଏହି ବନ୍ଦନାଗୁଡ଼ିକୁ ଗୀତିକବିତାର ଅନନ୍ତ ସୌନ୍ଦର୍ଯ୍ୟରେ ମଣ୍ଡିତ କରିଅଛି । ଓଡ଼ିଆ ସ୍ତୋତ୍ର ଓ ଭଜନ ସାହିତ୍ୟକୁ ସାରଳାଙ୍କ ଦାନ ଅବିସ୍ମରଣୀୟ । □□□

# ତୃତୀୟ ଅଧ୍ୟାୟ

## ସାରଳାଙ୍କ ଧର୍ମଧାରଣା, ସମାଜ-ଦର୍ଶନ ଓ ସ୍ୱଦେଶପ୍ରୀତି

ସାରଳା ଦାସ ତାହାଙ୍କ ମହାଭାରତରେ ସମସାମୟିକ ଉତ୍କଳର ବିବିଧ ଧର୍ମ-ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ବିଶ୍ୱାସ, ପରମ୍ପରା, ଆଚାର, ଅନୁଷ୍ଠାନ ଓ ରୀତିନୀତି ବିଷୟରେ ଉଲ୍ଲେଖ କରିଅଛନ୍ତି । ଏଗୁଡ଼ିକରୁ ପଞ୍ଚଦଶ ଶତାବ୍ଦୀର ଉତ୍କଳର ଧାର୍ମିକ ସ୍ଥିତି ସମ୍ବନ୍ଧରେ ଏକ ସ୍ଥୂଳ ପରିଚୟ ମିଳିଥାଏ; କିନ୍ତୁ ଏହି ସବୁ ବିଶ୍ୱାସ, ପରଂପରା ଓ ଧର୍ମତତ୍ତ୍ୱସମୂହକୁ ସାରଳାଦାସଙ୍କ ନିଜ ଧର୍ମଧାରଣାର ଅଂଶବିଶେଷରୂପେ ଗ୍ରହଣ କରାଯାଇ ପାରେ । ଜଣେ ନିରପେକ୍ଷ ପର୍ଯ୍ୟବେକ୍ଷକ ଭାବରେ ସାରଳା ଦାସ ଯାହା ଦେଖିଛନ୍ତି, ପ୍ରସଙ୍ଗକ୍ରମେ ସେସବୁ ଉଲ୍ଲେଖ କରିଅଛନ୍ତି । ସାରଳା ମହାଭାରତର ଚରିତ୍ରଚିତ୍ରଣକୁ ଭିତ୍ତିକରି ତାହାଙ୍କ ଧର୍ମଧାରଣା ସମ୍ବନ୍ଧରେ କୌଣସି ସ୍ଥିର ନିର୍ଦ୍ଦିଷ୍ଟ ମ...ରେ ପହଞ୍ଚିବା ମଧ୍ୟ ନିରାପଦ ନୁହେଁ । ସାରଳା ଦାସ ତାହାଙ୍କ ମହାଭାରତରେ ବିଭିନ୍ନ ଚରିତ୍ରର ଗୁଣ ଦୋଷ ବିଶ୍ଳେଷଣ କରିଅଛନ୍ତି । ଏ ସନ୍ଦର୍ଭରେ ପରାଶର, ବ୍ୟାସ, ଦ୍ରୋଣ, ବିଶ୍ୱାମିତ୍ର ଆଦି ଋଷି ମୁନି, ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, ବ୍ରହ୍ମା, ମହେଶ୍ୱରାଦି ଦେବତା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ଅବୈଧ ଯୌନକ୍ରିୟା ଉଲ୍ଲେଖଯୋଗ୍ୟ । ଏହାକୁ ଭିତ୍ତିକରି କେହି କେହି ମତ ପ୍ରକାଶ କରିଥାନ୍ତି ଯେ ସାରଳା ଦାସ ବ୍ରାହ୍ମଣ୍ୟ ଧର୍ମର ଘୋର ବିରୋଧୀ ଥିଲେ । ସେଥିପାଇଁ ବ୍ରାହ୍ମଣ୍ୟ ଧର୍ମର ପ୍ରତିଷ୍ଠାତା, ପ୍ରବକ୍ତା ଓ ପୃଷ୍ଠପୋଷକ ଋଷି ଓ ଦେବତାମାନଙ୍କୁ ସେ ହୀନ ଓ କଳଙ୍କିତ ବୋଲି ପ୍ରତିପାଦିତ କରିବା ପାଇଁ ଚେଷ୍ଟା କରିଅଛନ୍ତି; କିନ୍ତୁ ଏହା ସମୀଚୀନ ବୋଧ ହୁଏନାହିଁ । ପ୍ରଥମ କଥା ଅଧିକାଂଶ ସ୍ଥଳରେ ସାରଳାଦାସ ତାହାଙ୍କ ଚରିତ୍ରସମୂହର ଉପାଦାନ ବିଭିନ୍ନ ପୁରାଣରୁ ଗ୍ରହଣ କରିଅଛନ୍ତି । ସେହି ପୁରାଣମାନଙ୍କରେ ଯୌନକ୍ରିୟା ସମ୍ବନ୍ଧୀୟ ଘଟଣାମାନ ଏକ ଆଧ୍ୟାତ୍ମିକ ଓ ସାଙ୍କେତିକ ଅର୍ଥରେ ବ୍ୟବହୃତ ହୋଇଅଛି । ଅନେକ ସମୟରେ ପୁରାଣ ପରମ୍ପରା ଅନୁଯାୟୀ ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱସମୂହକୁ ସର୍ବସାଧାରଣଙ୍କ ବୋଧଗମ୍ୟ କରାଇବା ଉଦ୍ଦେଶ୍ୟରେ କଳ୍ପନାର ରଙ୍ଗରେ ରଞ୍ଜିତ କରି ଗଳ୍ପାକାରରେ ପ୍ରକାଶ କରାଯାଇଥାଏ । ଶ୍ରୀକୃଷ୍ଣଙ୍କର ରାସଲୀଳା ଏହିପରି ଏକ ବିଷୟ । ଏଥିରେ ଆତ୍ମା ପରମାତ୍ମାର ନିତ୍ୟ ସମ୍ବନ୍ଧକୁ ଏକ ସର୍ବଜନବୋଧ୍ୟ ରୂପକ ସାହାଯ୍ୟରେ ଲୋକଚିତ୍ତାନୁରଞ୍ଜକ ରୂପ ପ୍ରଦାନ କରାଯାଇଅଛି ।

ସାରଳା ଚରିତ୍ରଚିତ୍ରଣରେ ଏହି ପୌରାଣିକ ପରମ୍ପରାର ଅନୁସରଣ କରିଥିବା ଅନୁମେୟ । ଦ୍ୱିତୀୟରେ ସାରଳା ଦାସ ଚରିତ୍ରଚିତ୍ରଣରେ ତାହାଙ୍କ ସମୟରେ ପ୍ରଚଳିତ ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥା ଓ ଢଗଢମାଳୀଦ୍ୱାରା ପ୍ରଭାବିତ ହୋଇଥିବା ସମ୍ଭବପର । ଏହାର ଏକ ପ୍ରକୃଷ୍ଟ ଉଦାହରଣ ନାରଦ ଚରିତ । ସାରଳା ମହାଭାରତରେ ପରମ ଭକ୍ତ ତ୍ରିକାଳଦର୍ଶୀ ମହର୍ଷି ନାରଦଙ୍କର ଯେଉଁ ଚିତ୍ର ଦିଆଯାଇଛି ତାହା ଏକାନ୍ତ ହାସ୍ୟାସ୍ପଦ । ପରବର୍ତ୍ତୀ କାଳରେ ଓଡ଼ିଆ ନାଟକ, ଗୀତିନାଟ୍ୟ ଓ ସୁଆଙ୍ଗାଦିରେ ସାରଳାଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ପରମ୍ପରା ଅନୁସୃତ ହୋଇଅଛି । ଯେତେଦୂର ଅନୁମିତ ହୁଏ, ସାରଳାଦାସ ସ୍ଥଳବିଶେଷରେ ଲୋକବିଶ୍ୱାସ ଓ ଲୋକ-ପରମ୍ପରାଦ୍ୱାରା ପ୍ରଭାବିତ ହୋଇଛନ୍ତି । ତୃତୀୟରେ ବୌଦ୍ଧ ସହଜଯାନଦ୍ୱାରା ପ୍ରବର୍ତ୍ତିତ ଯୌନ ଭ୍ରଷ୍ଟାଚାରକୁ ଲୋକଚକ୍ଷୁରେ ନିନ୍ଦିତ ଓ ଘୃଣିତ ବୋଲି ପ୍ରତିପାଦିତ କରାଇବା ଉଦ୍ଦେଶ୍ୟରେ ସାରଳା ଦାସ ଖନକାର ବୃତ୍ତାନ୍ତ ଭଳି ଉପାଖ୍ୟାନ-ସୃଷ୍ଟି କରିଥିବା ଖୁବ୍ ସମ୍ଭବପର । ତେଣୁ ସାରଳା ମହାଭାରତର ଚରିତ୍ର ଓ ଉପାଖ୍ୟାନ ସମୂହକୁ ସାମଗ୍ରିକ ଭାବରେ ବିଚାର ନ କରି କେବଳ ଅଳ୍ପ କେତୋଟି ଅତିରଞ୍ଜିତ ଉପାଖ୍ୟାନକୁ ଭିତ୍ତିକରି ତାହାଙ୍କ ଧର୍ମଧାରଣା ସମ୍ବନ୍ଧରେ କୌଣସି ମତ ବ୍ୟକ୍ତ କରିବା ସମୀଚୀନ ନୁହେଁ । ଏ ପ୍ରସଙ୍ଗରେ ସାରଳା ମହାଭାରତର କୃଷ୍ଣଚରିତକୁ ଏକ ନଜିର ରୂପେ ଉପସ୍ଥାପିତ କରାଯାଇଥାଏ । ପୂର୍ବ ଅଧ୍ୟାୟରେ କୃଷ୍ଣଚରିତ ଆଲୋଚନା ପ୍ରସଙ୍ଗରେ ଏ କଥା ସ୍ପଷ୍ଟକରି ଦିଆଯାଇଛି ଯେ ସାରଳାଙ୍କ କୃଷ୍ଣଚରିତ୍ରରୁ ତାହାଙ୍କ ବ୍ରାହ୍ମଣ୍ୟ ଧର୍ମବିରୋଧୀ ମତବାଦର ପରିଚୟ ମିଳେନାହିଁ । କବିକଳ୍ପନାର ସମସ୍ତ ଅତିରଞ୍ଜନ ସତ୍ତ୍ୱେ ସାରଳାଦାସ ତାହାଙ୍କ କୃଷ୍ଣଚରିତ୍ରରେ ପୌରାଣିକ ପରମ୍ପରାର ଅନୁସରଣ ବ୍ୟତୀତ ଅନ୍ୟ କିଛି କରିନାହାନ୍ତି । ଏହା ତାହାଙ୍କ କୃଷ୍ଣଭକ୍ତିର ପରିପନ୍ଥୀ ନୁହେଁ । ସାରଳାଙ୍କ ମତରେ ବାସୁଦେବ କୃଷ୍ଣ ହେଉଛନ୍ତି ସାକ୍ଷାତ ନାରାୟଣ; ସେ ପୁଣି ଜଗନ୍ନାଥ ଓ ପୁରୁଷୋତ୍ତମ । ତାହାଙ୍କ ଜୟଗାନରେ ସାରଳା ମହାଭାରତର ପୃଷ୍ଠାରାଜି ଚିରମୁଖର । ସାରଳା ଦାସ ନିଜକୁ ଏହି କୃଷ୍ଣ-ଜଗନ୍ନାଥଙ୍କର ଦାସାନୁଦାସ ଓ ଭୃତ୍ୟର ଭୃତ୍ୟ ବୋଲି ଉଲ୍ଲେଖ କରିଅଛନ୍ତି ଏବଂ ତାହାଙ୍କ ଚରଣସେବାର ସୌଭାଗ୍ୟରୁ ବଞ୍ଚିତ ନ କରାଇବା ପାଇଁ ଭକ୍ତି-ତଦ୍‌ଗତ ହୃଦୟରେ ଶ୍ରୀକୃଷ୍ଣଙ୍କୁ ବାରମ୍ବାର ପ୍ରାର୍ଥନା ଜଣାଇଛନ୍ତି—

> "ଗତ ଆଗତ ଦୋଷେ ହୋଇଲି ଦରିଦ୍ରବାସୀ
> ତବ ନାମ ଗୋଟି ମମ ହୃଦେ ଥାଉ ଅହର୍ନିଶି ।
> ସ୍ୱାମୀ ଜଗନ୍ନାଥ ଭଗତେ ବିଦୂର ତୋତେ ମାଗିଲିକ ଯାହା
> ମୁଁ ତୋହର ଦାସର ଦାସ ହାଦେ ଇଚ୍ଛଇ ତାହା ।
> ମୂର୍ଖ ଅପଣ୍ଡିତ ମୁଁ ନ ଜାଣଇ କିଛି
> ଅନୁଗ୍ରହ କର ନାଥ ଭଗତେ ବର ବାଞ୍ଛି ।

ଅଜ୍ଞାନ ଅପାବନ ଅକାରଣଜୀବୀ
ମୁହିଁ ତ ନ ଜାଣଇ କୋଉଣସି ଜନ୍ମେ ତୋତେ ସେବି ।
ବିଦୁର ପ୍ରସନ୍ନେ ତୋତେ ବାଞ୍ଛିଲିକ ଯାହା
ଏ ସଂସାର ଜନକଇ ନାଥ ପ୍ରାପତ କର ତାହା ।
ଜଗତଜନବନ୍ଧୁ ଜଗମୋହନ ନାମଗୋଟି
ଯାବତ ଜନ୍ମର ଦୁଷ୍କୃତ ଯାଉ ଫିଟି ।
ସର୍ବଦ୍ୱନ୍ଦ୍ୱ ତେଜି ନରେ ନାରାୟଣ କର ସେବା
ଶୂଦ୍ରମୁନି ସାରୋଳା ଦାସକୁ ଭବ ଭୁବନ ଦେବା ।" (ଉଦ୍‌ଯୋଗ-୧୦୧)

ଏଥିରେ ଛନ୍ଦ କପଟ ବା ମିଥ୍ୟା ନାହିଁ । ନିର୍ମଳ ଅନାବିଳ ଏ କୃଷ୍ଣଭକ୍ତିର ପଟାନ୍ତର ନାହିଁ । ଦିବାଲୋକପରି ଏହା ସ୍ପଷ୍ଟ । ଏଣୁ ସାରଳାଙ୍କ କୃଷ୍ଣଭକ୍ତି ସମ୍ବନ୍ଧରେ ପ୍ରଶ୍ନ ଉଠି ନପାରେ । ବିରାଟ ସାରଳା ମହାଭାରତର ଗୋଟିଏ ଦୁଇଟି ଅସ୍ୱାଭାବିକ ଓ ଅତିରଞ୍ଜିତ ଘଟଣାକୁ ଭିତ୍ତିକରି ସାରଳାଙ୍କୁ ବ୍ରାହ୍ମଣ୍ୟ ଧର୍ମବିଦ୍ୱେଷୀ ବୋଲି ଚିହ୍ନଣ କରାଯାଇ ନପାରେ । ସାରଳାଙ୍କ କୃଷ୍ଣଭକ୍ତି ସମ୍ବନ୍ଧରେ ସମଗ୍ର ମହାଭାରତ ସାକ୍ଷ୍ୟ ପ୍ରଦାନ କରିଥାଏ ।

ତେବେ ଏକଥା ସତ୍ୟ ଯେ ସାରଳା ଦାସ ପରମ ଦେବୀଭକ୍ତ ଥିଲେ ଏବଂ ଝଙ୍କଡ଼ର ସାରଳା ଚଣ୍ଡୀ ଥିଲେ ତାଙ୍କର ଇଷ୍ଟଦେବୀ । ଦେବୀଭକ୍ତମାନେ ସାଧାରଣତଃ ଶାକ୍ତ-ଧର୍ମାବଲମ୍ବୀ । ସାରଳା ଧର୍ମବିଶ୍ୱାସରେ ଶାକ୍ତ ଥିବା ଅନୁମାନ କରାଯାଏ । ସ୍ୱରଚିତ ଗ୍ରନ୍ଥାବଳୀରେ ସେ ଦେବୀ ବା ଶକ୍ତିଙ୍କର ମହିମା ଗାନ କରିଅଛନ୍ତି । ତାହାଙ୍କ ମତରେ ଶକ୍ତି ବା ଦେବୀ ହିଁ ସୃଷ୍ଟି, ସ୍ଥିତି ଓ ଲୟର କାରଣ । ଭାର୍ଯ୍ୟାରୂପରେ ସେ ସୃଷ୍ଟି କରନ୍ତି, ମାତା ରୂପରେ ପାଳନ କରନ୍ତି ଏବଂ କାଳିକା ରୂପରେ ସଂହାର କରନ୍ତି । ବିଲଙ୍କାରାମାୟଣରେ ସେ ଦର୍ଶାଇଛନ୍ତି ଯେ ରାମଙ୍କର ରାବଣ ଜୟ ମୂଳରେ ଥିଲେ ସୀତା । ଏହା ପ୍ରମାଣିତ କରିବା ପାଇଁ ସେ ରାମଙ୍କୁ ସହସ୍ରଶିରା ରାବଣକୁ ବଧକରିବା ପାଇଁ ପଠାଇଛନ୍ତି; କିନ୍ତୁ ରାମ ଏକାକୀ ସହସ୍ରଶିରା ରାବଣକୁ ବଧକରିବା ପାଇଁ ଅସମର୍ଥ ହୋଇଛନ୍ତି । ଶେଷରେ ଦେବତାମାନଙ୍କ ପରାମର୍ଶକ୍ରମେ ସୀତାଙ୍କୁ ସେଠାକୁ ନିଆଯାଇଛି ଏବଂ ଅପୂର୍ବ ରୂପ-ଲାବଣ୍ୟମୟୀ ସୀତାଙ୍କର ସୌନ୍ଦର୍ଯ୍ୟ ଦର୍ଶନରେ ସହସ୍ରଶିରା ରାବଣ ହତବୀର୍ଯ୍ୟ ଓ ଦୁର୍ବଳ ହୋଇପଡ଼ିଛି । ତା'ପରେ ରାମ ତାକୁ ଶର ପ୍ରୟୋଗ କରି ନିହତ କରିଛନ୍ତି । ଚଣ୍ଡୀ ପୁରାଣରେ ମହିଷାସୁରର ଅତ୍ୟାଚାରରେ ବ୍ୟତିବ୍ୟସ୍ତ ହୋଇ ଦେବତାମାନେ ନାରାୟଣଙ୍କର ଆଶ୍ରୟପ୍ରାର୍ଥୀ ହୋଇଛନ୍ତି । ବ୍ରହ୍ମା ପ୍ରକାଶ କରିଛନ୍ତି ଯେ କୌଣସି ପୁରୁଷଦ୍ୱାରା ମହିଷାସୁରର ବିନାଶ ସମ୍ଭବପର ନୁହେଁ । ଦେବତାମାନଙ୍କ ପ୍ରାର୍ଥନାକ୍ରମେ ଦୁର୍ଗା ବିବସନା ଅବସ୍ଥାରେ ହତବୀର୍ଯ୍ୟ ଓ ନିଶ୍ଚେଷ୍ଟ ମହିଷାସୁରର ବକ୍ଷରେ ଶୂଳବିଦ୍ଧ କରି ତାର ପ୍ରାଣ ସଂହାର କରିଛନ୍ତି । ମହାଭାରତର ନାୟିକା ଦ୍ରୌପଦୀଙ୍କୁ ମଧ୍ୟ ସାରଳାଦାସ ସର୍ବସଂହାରଣୀ ଚଣ୍ଡିକାରୂପରେ

କଳ୍ପନା କରିଅଛନ୍ତି । ସତ୍ୟଯୁଗରେ ସେ ଥିଲେ କେତୁକା ଚଣ୍ଡୀ ଏବଂ ତ୍ରେତୟା ଯୁଗରେ ଏକବଳା ପାର୍ବତୀ, ଦ୍ୱାପର ଯୁଗରେ ଦ୍ରୌପଦୀରୂପେ ଅବତୀର୍ଣ୍ଣା ହୋଇ ସେ କୌରବ-କୁଳର ବିନାଶର କାରଣ ହୋଇଛନ୍ତି । କର୍ଣ୍ଣ-ପର୍ବରେ ବର୍ଣ୍ଣିତ ହୋଇଛି ଯେ ଦୁଃଶାସନର ରକ୍ତରେ କେଶ ପ୍ରକ୍ଷାଳନ କରିବା ସମୟରେ ଲଲାଟ ନିଃସୃତ ରକ୍ତଧାରା ପାନକରି ଦ୍ରୌପଦୀ ପରମ ସନ୍ତୋଷ ଲାଭକରିଛନ୍ତି । ହିନ୍ଦୁ ଦେବାଦେବୀମାନଙ୍କ ମଧ୍ୟରେ କେବଳ ଚଣ୍ଡୀଙ୍କ ଛଡ଼ା ଆଉ କେହି ରକ୍ତ ପାନ କରନ୍ତି ନାହିଁ । ଦ୍ରୌପଦୀଙ୍କର ପୂର୍ବଜନ୍ମବୃତ୍ତାନ୍ତ ଏବଂ ଦୁଃଶାସନର ରକ୍ତପାନ ବିଷୟ ମୂଳ ମହାଭାରତରେ ନାହିଁ । ଏଥିରୁ ସାରଳାଙ୍କର ଶାକ୍ତଭାବନାର ପରିଚୟ ମିଳେ । କେତେକ ମତ ପ୍ରକାଶ କରନ୍ତି ଯେ ସାରଳା ଦାସ କେବଳ ଶାକ୍ତମତାବଲମ୍ବୀ ନଥିଲେ । ସେ ତାନ୍ତ୍ରିକ ଏବଂ ତନ୍ତ୍ରସିଦ୍ଧ ଥିଲେ । ସାରଳା ମହାଭାରତରେ ତାନ୍ତ୍ରିକ ବିଧି-ବିଧାନ ଏବଂ କ୍ରିୟାକଳାପର ବହୁଳ ଉଲ୍ଲେଖ ଦେଖି ଏପରି ଅନୁମାନ କରାଯାଇଥାଏ । ନିଜେ ଅର୍ଜୁନ ଗୁଣିଗାରେଡ଼ି ବିଦ୍ୟାରେ ପାରଗ ଥିବା ବିଷୟ ବିରାଟ-ପର୍ବରେ ଉଲ୍ଲେଖ କରାଯାଇଛି । କୃଷ୍ଣପୁତ୍ର ପ୍ରଦ୍ୟୁମ୍ନଙ୍କ ପତ୍ନୀ ମାୟାବତୀ ଏବଂ ରମ୍ଭା ଅପ୍ସରାର କନ୍ୟା ହାରାବତୀ ସ୍ତମ୍ଭନ, ମୋହନ, ବଶୀକରଣାଦି ଭଲୁକବିଦ୍ୟାରେ ପ୍ରବୀଣା ଥିବା ବିଷୟ ବର୍ଣ୍ଣିତ ହୋଇଅଛି । ସଭା-ପର୍ବରେ ଉଲ୍ଲେଖ ଅଛି ଯେ ହିରଣ୍ୟ କବଚ ମାୟା ବିଭୂତି ସାହାଯ୍ୟରେ ଯୁଧିଷ୍ଠିରଙ୍କୁ ଅପହରଣ କରି ନେଇଯାଇଛି । ବିଲଙ୍କାରାମାୟଣରେ ମଧ୍ୟ ମାୟା ବିଭୂତି ଦ୍ୱାରା ରାମଙ୍କୁ ଅପହରଣ କରି ନିଆଯାଇଥିବା ବିଷୟର ଉଲ୍ଲେଖ ଅଛି ।

ସାରଳା ଦାସଙ୍କ ମହାଭାରତରେ ଚଉଷଠି ଯୋଗିନୀ ପ୍ରସଙ୍ଗର ଅବତାରଣା ସଙ୍ଗେ ବିବିଧ ତାନ୍ତ୍ରିକ ମୁଦ୍ରାର ଉଲ୍ଲେଖ ମଧ୍ୟ ଦୃଷ୍ଟହୁଏ । ଏଥିରୁ ଅନୁମିତ ହୁଏ ଯେ ସାରଳାଙ୍କ ସମୟରେ ତନ୍ତ୍ରର ବିଶେଷ ପ୍ରସାର ଥିଲା । ଈଶ୍ୱରଦାସଙ୍କ 'ଚୈତନ୍ୟ ଭାଗବତ'ରେ ଉଲ୍ଲେଖ ଅଛି ଯେ ତାନ୍ତ୍ରିକ ବ୍ରାହ୍ମଣମାନଙ୍କଦ୍ୱାରା ପ୍ରତାରିତ ହୋଇ ମହାରାଜା ପ୍ରତାପରୁଦ୍ର କେତେକ ବୌଦ୍ଧ ସନ୍ନ୍ୟାସୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ । ଏଥିରୁ ଅନୁମିତ ହୁଏ ଯେ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳରେ ତାନ୍ତ୍ରିକମତର ବିଶେଷ ପ୍ରସାର ଥିଲା । ସାରଳା ମହାଭାରତ ବର୍ଣ୍ଣିତ ତାନ୍ତ୍ରିକ ବିଧିବିଧାନରୁ ଏହା ପ୍ରମାଣିତ ହୁଏ; କିନ୍ତୁ ସାରଳା ଦାସ ନିଜେ ତାନ୍ତ୍ରିକ ବା ତନ୍ତ୍ରସିଦ୍ଧ ଥିବା ବିଷୟ ଏଥିରୁ ସିଦ୍ଧ ହୁଏନାହିଁ; ବରଂ ସାରଳା ମହାଭାରତର ବର୍ଣ୍ଣନାରୁ ଜଣାଯାଏ ଯେ ସାରଳା ଦାସ କେତେକ ତାନ୍ତ୍ରିକ ବିଧିବିଧାନର ଘୋର ବିରୋଧୀ ଥିଲେ । ପଞ୍ଚ ମକାର ସେବା ତାନ୍ତ୍ରିକ ସାଧନାର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହୋଇଥାଏ । ଏହି ପଞ୍ଚ ମକାର ମଧ୍ୟରୁ ମୈଥୁନ ବା ଯୌନ ଭ୍ରଷ୍ଟାଚାରକୁ ସାରଳା ଦାସ ଅତି କଠୋର ଭାଷାରେ ନିନ୍ଦା କରିଅଛନ୍ତି । ବୌଦ୍ଧ ସହଜିୟା ତାନ୍ତ୍ରିକ ଓ ହିନ୍ଦୁ ବାମାଚାରୀ ତାନ୍ତ୍ରିକମାନଙ୍କଦ୍ୱାରା ଅନୁସୃତ ଯୌନାଚାରର ତୀବ୍ର ସମାଲୋଚନା ସେ ତାଙ୍କ ମହାଭାରତରେ କରିଅଛନ୍ତି । ପୂର୍ବର ଉଲ୍ଲିଖିତ ସତ୍ୟଭାମା-ଦ୍ରୌପଦୀ ସମ୍ବାଦରେ ସେ

ପୁରୁଷର ମନହରଣରେ ତନ୍ତ୍ର ପ୍ରତିପାଦିତ ଯନ୍ତ୍ର-ମନ୍ତ୍ର ଓ ଜଡ଼ିବୁଟିର ବିଫଳତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ କେବଳ ନିର୍ମଳ ପ୍ରେମ, ନିଷ୍ଠା ଓ ପରିଚର୍ଯ୍ୟା ଦ୍ୱାରା ସ୍ୱାମୀ-ସ୍ନେହ ଲାଭ ସମ୍ଭବପର ବୋଲି ମତବ୍ୟକ୍ତ କରିଛନ୍ତି ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ପରମ ଦେବୀଭକ୍ତ ସାରଳା-ଦାସଙ୍କୁ କୌଣସି ପ୍ରକାର ଧର୍ମଗତ ସଂକୀର୍ଣ୍ଣତା ସ୍ପର୍ଶ କରିନଥିଲା । ଶାକ୍ତ ହୋଇ ମଧ୍ୟ ସାରଳାଙ୍କ ନାମ ତୁଳସୀ ମାଳା ହୋଇ ତାଙ୍କର କଣ୍ଠ ମଣ୍ଡନ କରୁ ଓ ତୁଳସୀର ବଲ୍ଲଭ ଶ୍ରୀହରି ତାଙ୍କୁ ମୁକ୍ତି ପ୍ରଦାନ କରନ୍ତୁ ବୋଲି ସେ ବାରମ୍ବାର ପ୍ରାର୍ଥନା କରିଅଛନ୍ତି । ଧର୍ମାଚରଣରେ ସାରଳା ଦାସ ସକଳ ପ୍ରକାର ସାଂପ୍ରଦାୟିକତାରୁ ଊର୍ଦ୍ଧ୍ୱରେ ଥିଲେ । ଶିବ, ଗଣେଶ, କାର୍ତ୍ତିକ, ଦୁର୍ଗା ଓ ପାର୍ବତୀ ଆଦି ଶୈବ ଓ ଶାକ୍ତ ଦେବତାମାନଙ୍କୁ ସେ ଯେପରି ଭକ୍ତି ପ୍ରଦର୍ଶନ କରିଅଛନ୍ତି, ରାମ, ବଳରାମ, ପର୍ଶୁରାମ, ବରାହ, ବାମନ, ଲକ୍ଷ୍ମୀ ଓ ସରସ୍ୱତୀ ଆଦି ବୈଷ୍ଣବ ଦେବତାମାନଙ୍କ ପ୍ରତି ଅନୁରୂପ ଭକ୍ତି ପ୍ରଦର୍ଶନ କରିଅଛନ୍ତି । ସାରଳା ଦାସ ତାହାଙ୍କ ମହାଭାରତରେ ଯେଉଁସବୁ ଦେବତାମାନଙ୍କର ସ୍ତୁତିଗାନ କରିଛନ୍ତି, ସେମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରଧାନ । ଜଗନ୍ନାଥଙ୍କ ମହିମାଗାନରେ ତାଙ୍କର ଲେଖନୀ ଶତଜିହ୍ୱ ହୋଇଉଠିଛି । ଯଥାର୍ଥରେ ଜଗନ୍ନାଥ ହିଁ ତାଙ୍କ ମହାନ୍ ଗ୍ରନ୍ଥର ମହାନାୟକ ଏବଂ ତାଙ୍କର ମହିମାଗାନ ତାହାଙ୍କ ଗ୍ରନ୍ଥରଚନାର ପ୍ରଧାନ ଲକ୍ଷ୍ୟ । ମହାଭାରତ ଯୁଦ୍ଧ ସେହି ଜଗନ୍ନାଥଙ୍କ ଭବଲୀଳାର ଅଂଶବିଶେଷ । ପାଣ୍ଡବମାନେ ଏଥିରେ କେବଳ ନିମିତ୍ତମାତ୍ର ।

"ଦୁର୍ଯ୍ୟୋଧନ ମୂଳେ ଲକ୍ଷେକ ରାଜା ନାଶି<br>
ପୃଥ୍ୱୀର ଭାରଭର ଆପଣେ ଉଶ୍ୱାସୀ ।<br>
ନିଜର ବଂଶ ସ୍ୱାମୀ ଆପଣେ ନାଶକରି<br>
ଖେଳିଲୀଳା ଭୁବଣ ବିଜେ ନୀଳଗିରି ।"

ସାରଳା ଦାସଙ୍କ ମତରେ କୃଷ୍ଣ ଓ ଜଗନ୍ନାଥ ଏକ ଓ ଅଭିନ୍ନ । ଯେ କୃଷ୍ଣ, ସେ ଜଗନ୍ନାଥ ଏବଂ ଯେ ଜଗନ୍ନାଥ, ସେ କୃଷ୍ଣ । କଳିଯୁଗରେ ପାପତାପକ୍ଲିଷ୍ଟ ପଥଭ୍ରଷ୍ଟ ନରନାରୀ-ମାନଙ୍କର ଉଦ୍ଧାର ନିମିତ୍ତ କୃଷ୍ଣ ଦାରୁବ୍ରହ୍ମ ରୂପରେ ପୁରୁଷୋତ୍ତମର ନୀଳଗିରିରେ ବିଜେ କରିଅଛନ୍ତି ।

"ସେ ପିଣ୍ଡ ଆମ୍ଭର ହୋଇବ ଦାରୁବ୍ରହ୍ମ<br>
ନୀଳକନ୍ଦରେ ପୂଜା ପାଇବୁ ଚତୁର୍ଦ୍ଧା ରୂପେଣ ।<br>
ଇନ୍ଦ୍ରଦ୍ୟୁମ୍ନ ରାଜା ପ୍ରାସାଦ ତୋଳାଇବ<br>
ଆମ୍ଭର ରୂପ ଗୋଟି ନେଇ ବିଜେ କରାଇବ ।" (ମୂଷଳୀ-୭)

ଏ ଜଗନ୍ନାଥ ପୁଣି ବୌଦ୍ଧରୂପ, "ପରମଆତ୍ମା ନିରଞ୍ଜନ ଆପଣେ ଦେବ ଗୋପ୍ୟ; ପିଣ୍ଡଆତ୍ମା ନୀଳଗିରି ବଉଦ ଶରୀର ସରୂପ ।" ( ସ୍ୱର୍ଗାରୋହଣ-୧୫ ) ସେହି ଜଗନ୍ନାଥ ପୁଣି

କାରଣବର ଓ ତାର ପିତା ଅଜ ଶବରଦ୍ୱାରା ଅଗୁରୁ ବୃକ୍ଷମୂଳରେ ନୀଳମାଧବ ରୂପରେ ପୂଜା ପାଉଥିଲେ, କୃଷ୍ଣଙ୍କ ପିଣ୍ଡ ଅଗୁରୁ ବୃକ୍ଷରୂପରେ ରୋହଣୀକୁଣ୍ଡରେ ଆବିର୍ଭୂତ ହୋଇଥିଲା ଏବଂ ତହିଁରୁ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବ୍ରହ୍ମ ନିର୍ମିତ ହୋଇଥିଲେ । ଏଥିରୁ ଜଗନ୍ନାଥ ତତ୍ତ୍ୱର ଉଦ୍ଭବ ଓ ବିକାଶରେ ବୈଷ୍ଣବ, ବୌଦ୍ଧ ଓ ଶାବର ପରମ୍ପରାର ସୂଚନାମିଳେ । ଶବରମାନଙ୍କ ଦାରୁ ବା ବୃକ୍ଷପୂଜା ସର୍ବଜନବିଦିତ । ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ସହିତ ବୌଦ୍ଧଧର୍ମର ତ୍ରିରତ୍ନ ଓ ଧର୍ମଚକ୍ର ତୁଳନୀୟ । ରାମ, କୃଷ୍ଣ ଓ ସୁଭଦ୍ରା ଏବଂ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଉପାଖ୍ୟାନକୁ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱ ସହିତ ଯୋଡ଼ିଦିଆଯାଇଛି । ଏସବୁ କେବଳ ଇତିହାସ ଓ କିମ୍ବଦନ୍ତୀର ବିଷୟ । ତାତ୍ତ୍ୱିକ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ । ବାହ୍ୟ ଧର୍ମାଚାର ଦୃଷ୍ଟିରୁ ସାରଳା ଦାସ ଶାକ୍ତ ହେଲେହେଁ ଦର୍ଶନ ଓ ତତ୍ତ୍ୱ ଦୃଷ୍ଟିରୁ ସେ ଥିଲେ ଖାଣ୍ଟି ଅଦ୍ୱୈତବାଦୀ । ଅଦ୍ୱୈତବାଦୀମାନେ ପରଂବ୍ରହ୍ମଙ୍କର ଦୁଇଗୋଟି ଲକ୍ଷଣ ସ୍ୱୀକାର କରନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି ସ୍ୱରୂପଲକ୍ଷଣ ଏବଂ ଅପରଟି ହେଉଛି ତଟସ୍ଥ ଲକ୍ଷଣ ।

ସ୍ୱରୂପ ଲକ୍ଷଣ ଅନୁଯାୟୀ ସେ ଅଜ, ଅରୂପ, ନିର୍ଗୁଣ, ନିରଞ୍ଜନ, ନିରାକାର, ନିରାଲମ୍ବ, ଅଲେଖ, ଅନିର୍ଦ୍ଦେଶ୍ୟ ଓ ଅବାଙ୍ମାନସଗୋଚର । ଜ୍ଞାନ ସ୍ୱରୂପରେ କେବଳ ତାଙ୍କର ପ୍ରକାଶ; କିନ୍ତୁ ତଟସ୍ଥ ଲକ୍ଷଣ ଦୃଷ୍ଟିରୁ ସେ ସାକାର, ସର୍ବଜ୍ଞ, ସକଳ ଗୁଣ ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟର ଆଧାର ଏବଂ ସୃଷ୍ଟି ସ୍ଥିତି ଲୟର କାରଣ । ସାରଳା ଦାସ ତାଙ୍କ ମହାଭାରତରେ ପରମବ୍ରହ୍ମଙ୍କର ଏହି ଉଭୟବିଧ ଲକ୍ଷଣର ବର୍ଣ୍ଣନା କରିଅଛନ୍ତି ।

**ସ୍ୱରୂପ ଲକ୍ଷଣ :**

"ରେଖବର୍ଣ୍ଣ ବିବର୍ଜିତ ଯେବଣ ସ୍ୱାମୀ କଲା
ଶୂନ୍ୟକୁ ଶବଦ କଲି ତୋତେ ନାହିଁ ନ ଦେଖିଲି ।
ଆଦି ଅନ୍ତ ମଧ୍ୟ ସ୍ୱାମୀ ନାହିଁ ଯାହାର ମୃତ୍ୟୁ
ରୋଗ ଶୋକ ବିବର୍ଜିତ ଯାହାର ନିଜ ହେତୁ ।
ଦେବ ବର୍ଣ୍ଣଚିହ୍ନ ଯେ ନ ପାଇଲେ ଦେଖି
ଶୂନ୍ୟ ଶବଦକୁ କେ ପାରିବ ଲେଖି ।
ରୂପ ଗୁଣ ସ୍ୱରୂପ ତୋର ନାଥ ନ ଜାଣନ୍ତି କେହି
ତେଣୁ ସେ ଅଣାକାର ନାମ ହୋଦେ ବହି ।"

**ତଟସ୍ଥ ଲକ୍ଷଣ :**

"ସପତ ପାତାଳ ଗିରି ବଇକୁଣ୍ଠପୁର
ତୋହି ତହୁଁ ନାଥ ସେ ଦଶ ଅବତାର ।

ତପୁଁ ଅଗ୍ନି ଜାତ କୋପୁଁ ଯାହାର ଯମ
ଚକ୍ଷୁ ରୁ ଚନ୍ଦ୍ର ସୂର୍ଯ୍ୟ ଦୟାରୁ ଦେବ ଜାତ ଧର୍ମ ।
ନାସାଉଁ ପବନ ଯେ ହୋଇଲା ଉତପନ୍ନ
ଶରୀର ରୋମୁଁ ଯାହାର ନକ୍ଷତ୍ର ଗଣମାନ ।
ଏକେଣ ଅନେକ ସ୍ୱାମୀ ତୁ ଅନେକ ରୂପ ଧରୁ
ଜାତ ଅନ୍ତ କରଣ ନାଥ ଗର୍ଭରେ ସଂହରୁ ।
ସ୍ୱାମୀ ତୁ ସେ ପିତାମାତା ତୁହି ସେ ବ୍ରହ୍ମହେତୁ
ତୁ ସେ ଦାନଦଣ୍ଡ ବେଳ ଭୋଗ ଛଡ଼ ରତୁ ।
ତୁହି ସେ ଆପ ତେଜ ବାଇବ୍ୟ ଆକାଶ
ତୁହି ସେ ସର୍ବଙ୍କ ନାଥ ମହତ ପୁରୁଷ ।
ଗୃହଖାନ ଚଉରାଶି ଲକ୍ଷ ଜୀବଜନ୍ତୁ ସମ୍ବାଦ
ଆବର ଜଙ୍ଗମ କୀଟ ପତଙ୍ଗ ଯେ ଆଦ ।
କାଷ୍ଠ ପାଷାଣ ଯେ ଆବର ମୃତ୍ତିକା
ସବୁର ହୃଦରେ ନାଥ ତୁହି ସେ ନିଜେ ଏକା ।" (ଉଦ୍‌ଯୋଗ-୨୮୪)

ଲୀଳା ଦୃଷ୍ଟିରୁ ତଟସ୍ଥ ଲକ୍ଷଣକୁ ସ୍ୱୀକାର କରାଗଲେହେଁ ସ୍ୱରୂପ ଲକ୍ଷଣହିଁ ବ୍ରହ୍ମଙ୍କର ପ୍ରକୃତ ଲକ୍ଷଣ ।

"ଶୂନ୍ୟେଣ ଥାଉ ନାଥ ଶୂନ୍ୟେଣ ଆସୁ ଯାଉ
ଅବକାର ପୁରୁଷ କାହାକଇଂ ଦୃଶ ନୋହୁ ।
ସଙ୍ଗତ ଅସଙ୍ଗତ କରନ୍ତା ଦେବ ସ୍ୱାମୀ
ନିରାକୁଳ ନିରାଲମ୍ବ ନିରାଲକ୍ଷ ଅନ୍ତର୍ଯ୍ୟାମୀ ।" (ଉଦ୍‌ଯୋଗ-୨୮୪)

ସାରଳା ଦାସ ତାହାଙ୍କର ମହାଭାରତରେ ବିଶ୍ୱର ସୃଷ୍ଟିକ୍ରମ ଯେପରି ଭାବରେ ନିର୍ଦ୍ଦେଶ କରିଅଛନ୍ତି, ତହିଁରୁ ମଧ୍ୟ ତାହାଙ୍କ ଅଦ୍ୱୈତବାଦୀ ଚିନ୍ତାଧାରାର ପରିଚୟ ମିଳେ ।

"ସମସ୍ତ ଗର୍ଭେ ସଂହରି ବସିଲେ ବିଶ୍ୱବାସୀ
ଅନନ୍ତ କଳ୍ପ ପର୍ଯ୍ୟନ୍ତ ଶୂନ୍ୟେ ଛନ୍ତି ବସି ।
ପୃଥୀ ଆପ ତେଜ ବାଇବ୍ୟ ଆକାଶ
ଜଳ ସ୍ଥଳ ଅନଳ ସମସ୍ତ ଗଲା ନାଶ ।
ନାହିଁ ମେଘ ନାହିଁ ଯୋଗ ପବନ ନାହିଁ ଚନ୍ଦ୍ର ସୂର୍ଯ୍ୟ
ନାହିଁ ବ୍ରହ୍ମ ନାହିଁ ରୁଦ୍ର ନାହିଁ ବିଷ୍ଣୁ ନାହିଁ ସୁରରାଜ ।
ନାହିଁ ମର୍ତ୍ତ୍ୟ ନାହିଁ ସ୍ୱର୍ଗ ନାହିଁ ନା ପାତାଳ
ନାହିଁ ତପତ ନାହିଁ ଶୀତଳ ନାହିଁ ଦିଗପାଳ ।

ନର ନାଗ ଯକ୍ଷ ଅମର କିନ୍ନରହିଁ ନାହିଁ
ଏକା ମାୟିକ ସେ ପୁରୁଷେ ଅଛି ରହି ।
କେତେକାଳ ପରେ ସେ ହାଇଏ ମାଇଲା
ହାଇ ଭିତରୁ ପବନ ବାହାର ହୋଇଲା ।
ସେ ପବନ ଠାରୁଁ ଯୋଗ ପୁରୁଷ ଅବତାର
ସେ ଯୋଗପୁରୁଷ ଠାରୁଁ ନିର୍ଗୁଣ ବାହାର ।
ନିର୍ଗୁଣ ଠାରୁଁ ନିରଞ୍ଜନ ପୁରୁଷ ହୋଇ ଜାତ
ନିରଞ୍ଜନ ଠାରୁଁ ଠୂଳ ପୁରୁଷ ସମ୍ଭୂତ ।
ସେ ଠୂଳର ଠାରୁଁ ଧର୍ମ ଜାତ ଯେ ହୋଇଲା
ସେ ଧର୍ମ ଠାରୁଁ ତିନି ପୁରୁଷ ଉପୁଜିଲା ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତିନିଙ୍କର ନାମ
ତାହାଙ୍କୁ ତିଇଣ ଆଜ୍ଞା ଦିଲେ ଦେବ ଧର୍ମ ।
ବ୍ରହ୍ମାକୁ ବୋଇଲେ ତୁ ସୃଷ୍ଟି ଜାତ କର
ବିଷ୍ଣୁକୁ ବୋଇଲେ ତୁ ଦାନବନ୍ତ ମାର ।
ଈଶ୍ୱରଙ୍କୁ ବୋଇଲେ ତୁ ସାଧ ଯୋଗଜ୍ଞାନ
ଏତେ ବୋଲି ମହାତମା ହୋଇଲେ ଅନ୍ତର୍ଦ୍ଧାନ ।” (ଉଦ୍‌ଯୋଗ-୨୭)

ଉପରୋକ୍ତ ପଂକ୍ତିଚୟରେ ଔପନିଷଦ ଚିନ୍ତାଧାରାର ପ୍ରତିଫଳନ ସୁସ୍ପଷ୍ଟ । ଋଗ୍‌ବେଦର ନାସଦୀୟ ସୂକ୍ତ ଓ ପୁରୁଷସୂକ୍ତ ସହିତ ଏହାର ଯଥେଷ୍ଟ ସାମଞ୍ଜସ୍ୟ ଅଛି । ଅଦ୍ୱୈତବାଦର ଅନ୍ୟ ଏକ ପ୍ରଧାନ ବିଷୟ ହେଉଛି ଜୀବପରମ ଏକାତ୍ମବାଦ; ଅର୍ଥାତ୍ ଜୀବାତ୍ମା ଏବଂ ପରମାତ୍ମା ଏକ ଏବଂ ଅଭିନ୍ନ । ଯଥାର୍ଥରେ ବ୍ରହ୍ମହିଁ କେବଳ ସତ୍ୟ, ଆଉ ସବୁ ମିଥ୍ୟା । ତେଣୁ ଜୀବାତ୍ମା-ପରମାତ୍ମାଭେଦ ଏକ କଳ୍ପିତ ଭେଦ । ଏହାର ମୂଳକାରଣ ହେଉଛି ମାୟା ବା ଅବିଦ୍ୟା । ଅଜ୍ଞାନତାହେତୁ ମନୁଷ୍ୟ ଖଣ୍ଡିଏ ଦଉଡ଼ି ବା ରଜ୍ଜୁକୁ ଦେଖି ସର୍ପବୋଲି ମନେକଲା ପରି, ଜଳରେ ପ୍ରତିବିମ୍ବିତ ଚନ୍ଦ୍ରକୁ ଆକାଶସ୍ଥ ଚନ୍ଦ୍ରଠାରୁ ଭିନ୍ନ ବୋଲି ମନେକରିବା ପରି କିମ୍ବା ଘଟାକାଶକୁ ମହାକାଶଠାରୁ ସ୍ୱତନ୍ତ୍ର ବୋଲି ଭାବିବା ପରି ମାୟା ବା ଅବିଦ୍ୟା ହେତୁ ଜୀବାତ୍ମାକୁ ପରମାତ୍ମାଙ୍କଠାରୁ ବି ଭିନ୍ନ ବୋଲି ବିଚାରିଥାଏ; କିନ୍ତୁ ଅଜ୍ଞାନତା ରୂପ ଅନ୍ଧପଟଳ ଅପସାରିତ ହୋଇଗଲେ ସବୁ ଭେଦଭାବ ବିଦୂରିତ ହୁଏ ଏବଂ ଜୀବାତ୍ମା ବ୍ରହ୍ମାନନ୍ଦରେ ବିହାର କରେ । ସେତେବେଳେ ଆଉ କୌଣସି ଭେଦଭାବ ରହେନାହିଁ; ସବୁ ଏକ ହୋଇଯାଏ । ଏହି ବିଷୟକୁ ବେଦାନ୍ତର ଚାରିଗୋଟି ମହାବାକ୍ୟରେ ପ୍ରକାଶ କରାଯାଇଛି ।

ଏହି ଚାରିଗୋଟି ମହାବାକ୍ୟ ହେଲା—(୧) ମୁଁ ହେଉଛି ବ୍ରହ୍ମ ( ଅହଂ ବ୍ରହ୍ମୋଽସ୍ମି ), (୨) ତୁମ୍ଭେ ସେହି ବ୍ରହ୍ମ ଅଟ ( ତତ୍ତ୍ୱମସି ), (୩) ପରିଦୃଶ୍ୟମାନ ସକଳ ଜଗତ ବ୍ରହ୍ମ ଅଟେ

( ସର୍ବମିଦଂ ଖଳୁ ବ୍ରହ୍ମ ), (୪) ଏହି ଆତ୍ମା ବ୍ରହ୍ମ ଅଟେ ( ଅୟମାତ୍ମା ବ୍ରହ୍ମ ) । ସାରଳା ଦାସ ଅତ୍ୟନ୍ତ ସରଳ ଓ ହୃଦୟଗ୍ରାହୀ ଭାଷାରେ ବେଦାନ୍ତର ଏହି ଗୂଢ଼ ସତ୍ୟକୁ ପ୍ରକାଶ କରିଅଛନ୍ତି । ବେଦାନ୍ତର ତୃତୀୟ ମହାସତ୍ୟକୁ ବ୍ୟାଖ୍ୟା କରିବାକୁ ଯାଇ ସେ କହୁଛନ୍ତି—

"ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି ଭୁବନ ସେ ହରି
ମେଘ ମହାଶୂନ୍ୟ ସେ ନିରାକାର ଅବତରି ।
ପୃଥିବୀ ଆପ ତେଜ ବାୟବ୍ୟ ଆକାଶ
ଧରଣୀ ଧାରଣ ସେ ବିହନ୍ତା ପୁରୁଷ ।
ବ୍ରହ୍ମ ସ୍ୱରୂପରେ ରୂପରେଖ ଧରି
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ଆଦିକରି ।
କାଷ୍ଠ ପାଷାଣ ମୃତ୍ତିକା ହିଁ ସେହି
ଯୋଗ ବ୍ରହ୍ମ ନିରାକୁଳ ନିଶ୍ଚଳ ଶୂନ୍ୟଦେହୀ ।"

ପ୍ରଥମ ଓ ଦ୍ୱିତୀୟ ମହାବାକ୍ୟ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଯାଇ ସେ କହୁଅଛନ୍ତି—

"ରୁଦ୍ର ହରି ମୁହିଁ ହରି ସକଳବର୍ଣ୍ଣେ ହରି
ସବୁଠାରେ ସେହି ପ୍ରଭୁ ରହିଛନ୍ତି ପୂରି ।"

ଚତୁର୍ଥ ମହାବାକ୍ୟ ସମ୍ବନ୍ଧରେ ସେ କହୁଛନ୍ତି—

"ନାରାୟଣ ଆତ୍ମା ଏ ଅଟଇ ମହାବ୍ରହ୍ମ
ସଂସାର ଅଗାଦିକୁ ନାଉକା ଅଟଇ ଧର୍ମ ।"

## ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ :

ଜୀବବ୍ରହ୍ମ ଏକାତ୍ମବାଦରୁ ବିକାଶ ଲାଭକରିଛି ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ । ଜୀବାତ୍ମା ବା ଦେହୀର ଅଧିଷ୍ଠାନ ହେଉଛି ଏହି ଦେହ । ଜୀବାତ୍ମା ହିଁ ବ୍ରହ୍ମ ବା ପରମାତ୍ମା ଏବଂ ସେ ବିଶ୍ୱବ୍ରହ୍ମାଣ୍ଡରେ ସର୍ବତ୍ର ପରିବ୍ୟାପ୍ତ ଅଛନ୍ତି । ତେଣୁ ମନୁଷ୍ୟର ଏହି ଦେହମଧ୍ୟରେ ଅଖିଳ ବିଶ୍ୱବ୍ରହ୍ମାଣ୍ଡର ସ୍ଥିତି । ସାରଳା ମହାଭାରତରେ ପଣ୍ଡୁଙ୍କ ପ୍ରଶ୍ନର ଉତ୍ତରରେ ଅଗ୍ନି କହୁଛନ୍ତି—

"ଦେବତାଏ କାହିଁ ଥାନ୍ତି କହ ମହାବୀର
ଶରୀରରେ ସେ ନିଜ ଦେବତା ବିଦନ୍ତି ଦୋହରି ।
ପ୍ରଥମ ଶିର ତାଳୁରେ ବିଜେ କରନ୍ତି ବ୍ରହ୍ମା
କପାଳପାଟିରେ ହୃଦେ ନାରାୟଣ ମହାତମା ।

ସୂର୍ଯ୍ୟ ଦେବତା ଅଟନ୍ତି ଚକ୍ଷୁବେନି
ନାସିକାଗ୍ରେ ବସଇ ପବନ ମହାଜ୍ଞାନୀ ।
ଦୁଇ ଆଡ଼େ ଯେ କର୍ଣ୍ଣସ୍ଥଳୀ ବେନି
ରୁଦ୍ର ଦେବତା ବସଇ ଭ୍ରୂକୁଟିଗଣ ଘେନି ।
ବେନି ଶ୍ରବଣେ ବସଇ ଗ୍ରାସେ ଚଇତନ
ଗର୍ଭଭେଦ ବସଇ ଗ୍ରାସେ ଶୂନ୍ୟ ନିରଞ୍ଜନ ।
ବତିଶ ଦନ୍ତ ଯେ ହୋଇ ବେନି ପାଟି
ବଜ୍ର ନିର୍ଘାତ ବସନ୍ତି ଗ୍ରହଗଣ ଘେନିକି ।
ଅନୁସର ରୁଚିର ସଦନ ମଣ୍ଡଳ
ଶୁକ୍ର ବୃହସ୍ପତି ବସନ୍ତି ବେନି ଯେ ଚହଲ ।
ଋକ୍ଷ ତୁଳେ ବସଇ ଯେବଣ ଓଷ୍ଠ
ସେହି ସେ ଇନ୍ଦ୍ର ଆସନ କରଇ ସୁରଶ୍ରେଷ୍ଠ ।" (ଆଦି-୨୦୫)

**ଯୋଗ :**

ଜୀବବ୍ରହ୍ମ ଐକ୍ୟବୋଧ ହିଁ ମୁକ୍ତି ଏବଂ ଏଥିପାଇଁ ଏକାନ୍ତ ପ୍ରୟୋଜନ ବ୍ରହ୍ମଜ୍ଞାନ । ଯୋଗାଭ୍ୟାସ ଦ୍ୱାରାହିଁ କେବଳ ବ୍ରହ୍ମଜ୍ଞାନ ଲାଭ ଓ ମୁକ୍ତିପ୍ରାପ୍ତି ସମ୍ଭବପର । ମୂଷଳୀ ପର୍ବରେ ସେଥିପାଇଁ ଶ୍ରୀକୃଷ୍ଣ ପରମଭକ୍ତ ଅକ୍ରୂରଙ୍କୁ ଏକାମ୍ରକାନନରେ ଯୋଗାଭ୍ୟାସ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି—

"ଏହି କ୍ଷଣି ଯାଅ ଯାନ ରହନି ଏଥି
ଖଂଡଗିରି ସନ୍ନିଧେ ଏକାମ୍ରର ବୋଲି ତୀର୍ଥ ।
ଲିଟକେଶ୍ୱର ଲିଙ୍ଗ ବୋଲି ଅଛଇ ଗହନ ଅଟବୀ
ତହିଁ ଯାଇ ନିଜ ଆନେ ଯୋଗସାଧନ କର ବାବା ।
ଦେହ ସିଦ୍ଧି ହୋଇଲେ ବଇକୁଣ୍ଠପୁର ଯାଇ
ନୋହିଲେ କେବେ ହେଁ ଯେ ମୁକତି ବାଟ ନାହିଁ ।"

ବ୍ରହ୍ମଜ୍ଞାନ ଲାଭପାଇଁ ଗୀତା ଭାଗବତାଦିରେ ଯୋଗର ଉପଯୋଗିତା ସ୍ୱୀକୃତ ହୋଇଅଛି । ଯୋଗୀମାନେ ହିଁ କେବଳ ଧ୍ୟାନବଳରେ ନିଜ ହୃଦୟରେ ପରଂବ୍ରହ୍ମଙ୍କୁ ଉପଲବ୍ଧି କରିପାରନ୍ତି ବୋଲି ଶାସ୍ତ୍ରରେ ଉଲ୍ଲିଖିତ ହୋଇଅଛି (ଯୋଗୀହୃଦ୍ ଧ୍ୟାନଗମ୍ୟଂ) । ଶାସ୍ତ୍ରମାନଙ୍କରେ ବିବିଧ ପ୍ରକାର ଯୋଗସାଧନ ପ୍ରଣାଳୀର ଉଲ୍ଲେଖ ଅଛି । ପାତଞ୍ଜଳ ଯୋଗଶାସ୍ତ୍ରବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗକୁ ରାଜଯୋଗ ବୋଲି କୁହାଯାଏ । ଏହାଛଡ଼ା 'ହଠଯୋଗ ପ୍ରଦୀପିକା' ଆଦି ଯୋଗଶାସ୍ତ୍ର ସମ୍ବନ୍ଧୀୟ ଗ୍ରନ୍ଥରେ ହଠଯୋଗର ଉଲ୍ଲେଖ ଅଛି । ଏହାକୁ କାୟା-ସାଧନା ବୋଲି ମଧ୍ୟ କୁହାଯାଏ । ସାରଳାଙ୍କ ଉକ୍ତି ଅନୁଯାୟୀ "ଦେହ ସିଦ୍ଧ ହୋଇଲେ ଯେ ବଇକୁଣ୍ଠପୁର ଯାଇ ।" ସାରଳା ମହାଭାରତରେ ବିଭିନ୍ନ ସ୍ଥଳରେ

ଯୋଗସାଧନା ପ୍ରଣାଳୀର ବିସ୍ତୃତ ବିବରଣୀ ପ୍ରଦତ୍ତ ହୋଇଅଛି । ସେ ଯେପରି ଭାବରେ ଯୋଗସାଧନାର ଠିକନଖି ବିବରଣୀ ପ୍ରଦାନ କରିଅଛନ୍ତି, ତହିଁରୁ ଜଣାଯାଏ ଯେ ସେ ନିଜେ ଜଣେ ଯୋଗ-ସାଧକ ଥିଲେ । ଆଦିପର୍ବରେ ଅଶ୍ୱତ୍ଥାମାଙ୍କ ଯୋଗସାଧନା ବର୍ଣ୍ଣନା ପ୍ରସଙ୍ଗରେ ସେ କହୁଅଛନ୍ତି—

"ଦେଖିଲେ ଅଶତ୍ଥମାର ଏକଇ ଆସନ
ଚଉଦ ବରଷ ହୋଇଲା ସ୍ଥିକଇ ନିଶ୍ଚଳ ନୟନ ।
କାହାରଇ ନାମ ସେ ନ ଧରଇ ତାର'ମନେ
ଶୂନ୍ୟକୁ ଲକ୍ଷ୍ୟ କରି ଚାହିଁଇ ଗଗନେ ।
ବୋଧଇ ଅଣାକାର ସାଧଇ ବ୍ରହ୍ମଜ୍ଞାନ
ସ୍ଥିମନ୍ତେ ଚଉଦ ବରଷ ଏକ ଲକ୍ଷ୍ୟେ ମନ ।
ପବନ ନିରୋଧିଲା ଟେକଇ ଉଜାଣି
ଦ୍ୱାଦଶ ଇନ୍ଦ୍ରିୟ ଏକତ୍ର କରି ଆଣି ।
ବଂଶ ଆଙ୍ଗୁଳି ଗଙ୍ଗା ବୋଲି ଶୋଷି
ସ୍ଥିଥି ସେ ନିଦ୍ରା ଅଳସ ନ ଆସି ।
ପଞ୍ଚମୂନା ନାଳ ସେ ଉହୁଡ଼ର ବାଟ
ଜ୍ୱାଳାନଳ ଟେକିଲା ଯେ ଶ୍ରୀହଟ ଯେ ପାଟ ।
ଝଲାଇ ପକାଇଲା ବାସ୍ତର ଯେ ମୁଦ୍ରା
ଧାତୁ ଦୃଢ଼ କରିଣ ଭାଜିଲା ମହାନିଦ୍ରା ।
ନିଦ୍ରା ପୁରୁଷଟି ଅଟଇ ଯେ କାଳ
ସ୍ଥିହ୍ନ ସେ ନାଶ କରଇ ସକଳ ।
ପବନ ଉଜାଣି ଯାଇ ନବଦ୍ୱାର ବାଟେ
ତାହା ସବୁ ବନ୍ଧନ ଶିଶୁମୂନା ବାଟେ ।
ନବଦ୍ୱାର ନିରୋଧି ବସିଲା ମହାତ୍ମା ।
ଦେଖି ନ ଦେଖିଲା ଶୂନ୍ୟ ଶବଦ ସୀମା ।
ଜିହ୍ୱା ଗୋପ୍ୟାନ କଲା ସେ ଘଣ୍ଟିକାର ମୂଳେ
ତହିଁରୁ ଅମୃତ ପାନ କଲା ସର୍ବକାଳେ ।
ସାତୁକା ପୁରୁଷ ସେ ଅଭୟ କାଳକୁ
ଅମାତ୍ମା ପୁରୁଷ ସେ ଚାହିଁଇ ଶୂନ୍ୟକୁ ।
ନାହିଁ ନାହିଁ ପବନ ନାହିଁ ପଞ୍ଚଶାଖା
ନାହିଁ ନାହିଁନ ଅଙ୍ଗ ନାହିଁ ବାଟ ରେଖା ।
ନାହିଁ ପରସନ୍ନ ନାହିଁ ନା ଅପ୍ରସନ୍ନ ।
ଜିହ୍ୱାଇନ୍ଦ୍ରି ଗୋପ୍ୟକଲା ନିଗ୍ରହ ବାସନ ।" (ଆଦିପର୍ବ-୩୫୯)

ସାରଳାଦର୍ଶିତ ଯୌଗିକ ପଦ୍ଧତିରେ ଷଟ୍‌ଚକ୍ର ନିରୂପଣ ଏକ ପ୍ରଧାନ ବିଷୟ । ବନପର୍ବ ବର୍ଣ୍ଣିତ ଧର୍ମବକ ଉପାଖ୍ୟାନରେ ଏହା ବିସ୍ତୃତ ଭାବରେ ଉଲ୍ଲିଖିତ ହୋଇଅଛି । ଏହି ଛ'ଟି ଚକ୍ର ହେଉଛି ଯଥାକ୍ରମେ ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧାଖ୍ୟ ଓ ଆଜ୍ଞାଖ୍ୟ । ପ୍ରତ୍ୟେକ ଚକ୍ରରେ ବିଭିନ୍ନ ସଂଖ୍ୟକ ଦଳବିଶିଷ୍ଟ ପଦ୍ମର କଳ୍ପନା କରାଯାଇଛି । ଉପରୋକ୍ତ ଚକ୍ରଗୁଡ଼ିକରେ ଅବସ୍ଥିତ ପଦ୍ମସମୂହର ଦଳସଂଖ୍ୟା ହେଉଛି ଯଥାକ୍ରମେ ୪, ୬, ୧୦, ୧୨, ୧୬, ୨ ( ବିଂଶ ଦ୍ୱାଦଶ ଷୋଡ଼ଶ ଦୁଇ ଦୁଇ ଜଳେଣ) । ଯୋଗୀ ପ୍ରାଣାୟାମ ବଳରେ ଷଟଚକ୍ର ଭେଦକରି ଆଜ୍ଞାଚକ୍ର ବା ସହସ୍ରାର ଚକ୍ରରେ ଅବସ୍ଥିତ ଅଣାକାର ପୁରୁଷଙ୍କର ଦର୍ଶନ ଲାଭକରେ ।

"କାଳ ବୋଲିଣ ହାଦେ ଯେଉଁଣ ପୁରୁଷ ବିଗ୍ରହ
ଅକ୍ଷୟ ଅବ୍ୟୟ ଅବିକାର ଅଣାକାର ।
ଷଡ଼ପଦ୍ମ ପରେ ପୁଣି ତ୍ରିବେଣୀ ସଙ୍ଗମ,
ନାସିକା ଚକ୍ଷୁ ମଧ୍ୟରେ କର ହୋ ସନ୍ଧାନ ।
ସେ କାଳପୁରୁଷଙ୍କୁ ଭେଟିବ ବୁଦ୍ଧି ବଳେ
ଅଜପା ଲକ୍ଷ୍ୟେ କରଣ ବସିବ ନିଶ୍ଚଳେ ।
ମହା ଅନନ୍ତ ଶିଖରେ ମଣି ଆସନ ।
ବିଂଶ ଦ୍ୱାଦଶ ଷୋଡ଼ଶ ଦୁଇ ଦଳେଣ ।" (ବନପର୍ବ-୩୪୦)

ପ୍ରାଣାୟାମ ଦ୍ୱାରା ଅଧୋମୁଖୀ କୁଣ୍ଡଳିନୀ ଶକ୍ତିକୁ ଊର୍ଦ୍ଧ୍ୱଗାମୀ କରାଇ ସୁଷୁମ୍ନାସ୍ଥିତ ଷଟ୍‌ଚକ୍ର ଭେଦପୂର୍ବକ ମସ୍ତକସ୍ଥିତ ସହସ୍ରାର ଚକ୍ରରେ ଅଣାକାର ପୁରୁଷଙ୍କର ଦର୍ଶନ କରିବାକୁ ହୁଏ । ସାରଳା ତାହାଙ୍କ ଦର୍ଶିତ ଯୋଗ ମାର୍ଗରେ ନାଥ ଯୋଗୀମାନଙ୍କ ଯୋଗ ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ମହାଭାରତରେ ସେ ନାଥ ଯୋଗୀମାନଙ୍କ ପ୍ରଶସ୍ତି ଗାନ କରିବା ସଙ୍ଗେ ସଙ୍ଗେ ଏହି ସଂପ୍ରଦାୟର ଶ୍ରେଷ୍ଠ ଯୋଗୀ ଗୋରଖନାଥଙ୍କୁ ଏକ ଦେବତାର ଆସନ ପ୍ରଦାନ କରି ତାହାଙ୍କ ନାମରେ ଏକ ସ୍ତୋତ୍ର ଉତ୍ସର୍ଗ କରିଅଛନ୍ତି ।

**ଶୂନ୍ୟବାଦ :**

ସାରଳା ମହାଭାରତରେ ଶୂନ୍ୟର ବହୁଳ ଉଲ୍ଲେଖ ଦୃଷ୍ଟ ହୁଏ । ଅଣାକାର-ପୁରୁଷଙ୍କର ସ୍ୱରୂପ ବର୍ଣ୍ଣନା ପ୍ରସଙ୍ଗରେ ସାରଳା କହୁଅଛନ୍ତି—

"ଆପଣେ ଯେ ଶୂନ୍ୟ ସ୍ୱାମୀ ଭୁବନହିଁ ଶୂନ୍ୟେଣ ଖଣ୍ଡି
କନକ ସାଗର ଆଦିତ୍ୟ ପ୍ରଭା ଗଣ୍ଡି ।
× × ×
ଶୂନ୍ୟେଣ ଆଇ ନାଥ ଶୂନ୍ୟେଣ ଆସୁ ଯାଉ
ଅବିକାର ପୁରୁଷ ରୁ କାହାକଇ ଦୃଶ୍ୟ ନୋହୁ ।

× × ×
ଦେବ ବର୍ଣ୍ଣି ଚହ୍ନ ଯେ ନ ପାଇଲେ ଦେଖି
ଶୂନ୍ୟ ଶବଦକୁ ଧାରିବ କେ ଲେଖି ।
× × ×
ତପୀ ଆସନ ଆଶ୍ରେ ଯୋଗ ଆଶ୍ରେ ଶୂନ୍ୟ ।"

ଉପରୋକ୍ତ ଉଦ୍ଧୃତାଂଶରେ ଉଲ୍ଲିଖିତ ଶୂନ୍ୟଶବ୍ଦ ଅଭାବାତ୍ମକ ବା ନିଷେଧାତ୍ମକ ଅର୍ଥରେ ବ୍ୟବହୃତ ହୋଇନାହିଁ । ଏଠାରେ 'ଶୂନ୍ୟ' ବ୍ରହ୍ମ ଅର୍ଥରେ ପ୍ରଯୁକ୍ତ । ବ୍ରହ୍ମ ଅରୂପ, ଅଣାକାର, ଅଲେଖ, ଅନିର୍ବଚନୀୟ ଓ ଅନିର୍ଦ୍ଦେଶ୍ୟ । ତେଣୁ କେବଳ 'ଶୂନ୍ୟ' ଶବ୍ଦଦ୍ୱାରା ତାହାଙ୍କୁ ପ୍ରକାଶ କରାଯାଇପାରେ । ଗୌଡ଼ପାଦାଚାର୍ଯ୍ୟ ତାହାଙ୍କ ମାଣ୍ଡୁକ୍ୟ କାରିକା ଗ୍ରନ୍ଥରେ ବ୍ରହ୍ମଙ୍କୁ ଚତୁଷ୍କୋଟିବିହୀନ ପଞ୍ଚମ କୋଟି ମାତ୍ର ବୋଲି ବର୍ଣ୍ଣନା କରିଅଛନ୍ତି । କାରଣ ଅସ୍ତି, ନାସ୍ତି, ଅସ୍ତି-ନାସ୍ତି ଉଭୟ ଅଥବା ନ-ଅସ୍ତି-ନ-ନାସ୍ତି ଉଭୟର ନିଷେଧ ଏହି ଚାରି କୋଟିଦ୍ୱାରା ବ୍ରହ୍ମ ଅପ୍ରକାଶ୍ୟ । ଗୌଡ଼ପାଦଙ୍କ ମତରେ ଏହି ଚାରିକୋଟି ଯଥାର୍ଥରେ ବ୍ରହ୍ମଙ୍କର ଆବରଣକାରକ । ତେଣୁ ତାହାଙ୍କୁ ଭାଷାରେ ପ୍ରକାଶ କରିବା ପାଇଁ ଶୂନ୍ୟ, ଶାନ୍ତାକାର, ଗଗନସଦୃଶ ଭଳି ଶବ୍ଦ ବ୍ୟବହାର କରାଯାଇଥାଏ । ବୌଦ୍ଧ-ମାଧ୍ୟମିକ ଶୂନ୍ୟବାଦୀ ଆଚାର୍ଯ୍ୟ ନାଗାର୍ଜ୍ଜୁନ ସ୍ୱରଚିତ ଏକ କାରିକାରେ 'ଶୂନ୍ୟ' ଶବ୍ଦର ଏକ ମନୋହର ବ୍ୟାଖ୍ୟା ପ୍ରଦାନ କରିଅଛନ୍ତି—

"ଅପର ପ୍ରତ୍ୟୟଂ ଶାନ୍ତଂ ପ୍ରପଞ୍ଚୈରପ୍ରପଞ୍ଚିତମ୍ ।
ନିର୍ବିକଳ୍ପମନାନାର୍ଥମେତତ୍ ତତ୍ତ୍ୱସ୍ୟ ଲକ୍ଷଣମ୍ ।"

ଶୂନ୍ୟ ଅପର ପ୍ରତ୍ୟୟ ଅର୍ଥାତ୍ ଏହାକୁ ଜଣେ ଅନ୍ୟ ଜଣକୁ ବୁଝାଇ ପାରିବ ନାହିଁ । ନିଜ ଉପଲବ୍ଧି ବିନା ଏହାର ଅନ୍ୟ ସାକ୍ଷୀ ନାହିଁ । ଏହା ଶାନ୍ତ ଅର୍ଥାତ୍ ସ୍ୱଭାବରହିତ । 'ଶୂନ୍ୟ'ର ଅର୍ଥକୁ କୌଣସି ଶବ୍ଦଦ୍ୱାରା ପ୍ରତିପାଦିତ କରିବା ସମ୍ଭବପର ନୁହେଁ ; ତେଣୁ ଏହା ଅଶବ୍ଦ ବା ଅଣଅକ୍ଷରତତ୍ତ୍ୱ । ଏହା ନିର୍ବିକଳ୍ପକ; ଅର୍ଥାତ୍ ଏହା ଚିତ୍ତବ୍ୟାପାରର ବିଷୟ ନୁହେଁ । ଚିତ୍ତ ଏହି ତତ୍ତ୍ୱର ଧାରଣା କରିପାରେ ନାହିଁ, ତେଣୁ 'ଶୂନ୍ୟ' ନାଗାର୍ଜ୍ଜୁନଙ୍କ ଅନୁଯାୟୀ ଏକ ଭାବ ପଦାର୍ଥ; ଅଭାବାତ୍ମକ ନୁହେଁ । ନାଗାର୍ଜ୍ଜୁନଙ୍କ ଭାଷାରେ ଯାହା ଶୂନ୍ୟ, ଗୌଡ଼ପାଦ ଓ ଶଙ୍କରଙ୍କ ଭାଷାରେ ତାହା ବ୍ରହ୍ମ । ଉତ୍କଳ ଦିନେ ମହାଯାନ-ବୌଦ୍ଧଧର୍ମର ଲୀଳାଭୂମି ଥିଲା । ସାରଳା ମହାଭାରତରେ ନିମ୍ନୋକ୍ତ ଉକ୍ତିଦ୍ୱାରା ଏହା କେତେକାଂଶରେ ସମର୍ଥିତ ହୁଏ ।

"ବାବନ ସମ୍ବାଦ କରଇ ଅମୃତରସ ବାଣୀ
ଉତ୍କଳ ଦେଶେ ନଦୀ ବହଇ ବୈତରଣୀ ।
ବାରିହା ବୋଲିକରି ଅଛଇ ଯେ୍କଇ ଶାସନେ
ମନୋହର ନଗ୍ର ଚଇତନ ପାଟଣା ସନ୍ନିଧାନେ ।

ତହିଁର ଶାସନୀ ଆମ୍ଭେ ମହାଜନ ପାଣିଗ୍ରାହୀ
ନିରଞ୍ଜନ ଧର୍ମଦାସ ପଣ୍ଡାଙ୍କର ପୁତ୍ର ଆମ୍ଭେ ତିନିଭାଇ ।
ମାତାଙ୍କର ନାମ ଆମ୍ଭର ଅଟଇ ଅନନ୍ତାସୁନ୍ଦରୀ
ବ୍ରହ୍ମଦାସ-ପଣ୍ଡା ଆମର ନିନନ୍ଦିଭାଇ
ସଦାନନ୍ଦ ଦାସ ଆମ୍ଭର ଦୁଇଭାଇ ହୋଇ ।
ନିରକୁଳ ବଂଶୀ ଆମ୍ଭେ ଜଳଧର୍ ଗୋଠୀ
ନାମ ଆମ୍ଭର ବାବନ ପଣ୍ଡା ଶୂନ୍ୟସାଧନ ମୂରତି ।" (ଉଦ୍‌ଯୋଗ-୧୫୦)

ଏଥିରୁ ସୂଚିତ ହୁଏ ଯେ ଉତ୍କଳରେ ଶୂନ୍ୟସାଧନାର ପ୍ରଚଳନ ଥିଲା । ଏହା ଯେ ମହାଯାନୀ ଶୂନ୍ୟସାଧନା ତାହା ବେଶ୍ ଅନୁମାନ କରାଯାଇପାରେ । ତେଣୁ ସାରଳା ଦାସ ତାହାଙ୍କ ଧର୍ମଧାରଣାରେ ମହାଯାନୀ ବୌଦ୍ଧ ଶୂନ୍ୟବାଦଦ୍ୱାରା ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ହେଲେହେଁ ସାରଳାଦାସ ତାହାଙ୍କ ମହାଭାରତରେ 'ଶୂନ୍ୟ' ଶବ୍ଦକୁ ଅଦ୍ୱୟ ବ୍ରହ୍ମ ଅର୍ଥରେ ବ୍ୟବହାର କରିଛନ୍ତି ।

**ଧର୍ମଦେବତା :**

"ହେ ଧର୍ମଦେବତା ତୁମ୍ଭେ ସେ ସର୍ବଜାଣୁ ,
ଜନ୍ମ ଦେଇ ପ୍ରାଣୀଙ୍କି କର୍ମେ ହରି ଆଣୁ ।
ଧର୍ମ ଧର୍ମ ସୁମରି ଯାଉ ମୋର ଦିନ,
ଧର୍ମ ବିହନେ ଚିତ୍ତ ନ ଭଜୁ ମୋ ଆନ ।
ଶ୍ରୀଧର୍ମଦେବ ତାଙ୍କ ଚରଣପଙ୍କଜେ,
ଦୀକ୍ଷାଗୁରୁ ନାଥ ବାଞ୍ଛୀଫଳ ଦିଜେ ।" ( ବନ-୨୧୭ )

'ଶୂନ୍ୟ' ପରି ସାରଳା ଦାସ ଧର୍ମନିରଞ୍ଜନ ବା ଧର୍ମଦେବତା ଶବ୍ଦର ବହୁଳ ପ୍ରୟୋଗ କରିଅଛନ୍ତି ।

"କୁଶଶଯ୍ୟାରେ ଯୁଗତେ ଆସି ବିଜୟେ ଧର୍ମ ନିରଞ୍ଜନ
ଦେଖିଣ କୋଇନ୍ତାଙ୍କ ବିନସୁ ଭଗତିମାନ ।
ଅନେକ ପୂଜା କରନ୍ତି ଦେବୀ ଯେ କୋଇନ୍ତା
ଦେଖିଣ ପରମ ସାନନ୍ଦ ଯେ ଧର୍ମଦେବତା ।"

ଧର୍ମଦେବତାଙ୍କ ଔରସରେ କୁନ୍ତୀଙ୍କ ଗର୍ଭରୁ ଜନ୍ମ ଲଭିକଲେ ଧର୍ମପୁତ୍ର ଯୁଧିଷ୍ଠିର । ପୁନର୍ବାର ବନପର୍ବରେ ଧର୍ମଦେବତା ବକପକ୍ଷୀ ରୂପରେ ଧର୍ମପୁତ୍ର ଯୁଧିଷ୍ଠିରଙ୍କର ସତ୍ୟ ଓ ଧର୍ମନିଷ୍ଠା ପରୀକ୍ଷା କରିବାର ଆମେ ଦେଖୁ । ଶେଷରେ ସ୍ୱର୍ଗାରୋହଣ-ପର୍ବରେ ଧର୍ମଦେବତା

ଶ୍ୱାନବେଶରେ ଯୁଧିଷ୍ଠିରଙ୍କର ସତ୍ୟ ଓ ଧର୍ମନିଷ୍ଠା ପରୀକ୍ଷା କରିବାର ଆମେ ଲକ୍ଷ୍ୟକରୁ । ସ୍ୱର୍ଗାରୋହଣ-ପର୍ବରେ ସାରଳା ଦାସ ଧର୍ମଦେବତାଙ୍କର ସ୍ୱରୂପ ନିରୂପଣ ପ୍ରସଙ୍ଗରେ କହୁଅଛନ୍ତି—

"ଇନ୍ଦ୍ର ବୋଇଲେ ଯାହା କଇଁ ସୁମରିଲେ ତୋହର ମାତ
ନିରାକାର ପୁରୁଷ ଏ ଧର୍ମ ଦଇବତ ।
ଶୂନ୍ୟମାର୍ଗେ ଶବଦ ଶୁଭଇ ଯାହାର
ଚନ୍ଦ୍ରବର୍ଣ୍ଣ ନ ଦିଶଇ ଏ ପ୍ରତକ୍ଷ୍ୟେ ନିରାକାର ।
ଆଦ୍ୟନ୍ତୁଁ ଶୂନ୍ୟ ହୋଏ ଶୂନ୍ୟରୁ ପବନ
ପବନନ୍ତୁଁ ଜଳ ଜଳନ୍ତୁଁ ତପନ ।
ତପନନ୍ତୁଁ ହେମ ହେମନ୍ତୁଁ ବୁଦ୍‌ବୁଦ୍‌
ବୁଦ୍‌ବୁଦ୍‌ରୁ ଫେନ ହୋଇଲା ସମ୍ବାଦ ।
ପବନ ମନ୍ଥନରୁ ଫେଣୁ ଜାତ ଅଣ୍ଡ
ଡିମ୍ବ ଫୁଟି ତହୁଁ ବିକାଶିଲା ପିଣ୍ଡ ।
ଶୁଦ୍ଧ ସୃଷ୍ଟିକ ପ୍ରାୟ ଯାହାର ରୂପ ଗୋଟି
ସେ ସେ ଧର୍ମଦେବତା ଶୁଣ ହେ ଯୁଧିଷ୍ଠି ।"

ମହାଭାରତ ଉଦ୍‌ଯୋଗ-ପର୍ବରେ ବର୍ଣ୍ଣିତ ଅଛି ଯେ ପ୍ରଥମେ ଏକମାତ୍ର ପୁରୁଷ ବିଦ୍ୟମାନ ଥିଲେ । ପୁରୁଷଙ୍କ ହାଇରୁ ପବନ, ପବନରୁ ଯୋଗପୁରୁଷ, ଯୋଗପୁରୁଷଙ୍କଠାରୁ ନିର୍ଗୁଣ, ନିର୍ଗୁଣଙ୍କଠାରୁ ନିରଞ୍ଜନ, ନିରଞ୍ଜନଙ୍କଠାରୁ ମୂଳପୁରୁଷ, ମୂଳପୁରୁଷଙ୍କଠାରୁ ଧର୍ମ ଏବଂ ଧର୍ମଙ୍କଠାରୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଜାତ ହେଲେ । ଧର୍ମଦେବତାଙ୍କର ନିର୍ଦ୍ଦେଶରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବିଶ୍ୱ ସୃଷ୍ଟିକରି ପାଳନକଲେ । ଏଥିରୁ ଜଣାଯାଉଅଛି, ଶୂନ୍ୟ-ପୁରୁଷଙ୍କଠାରୁ ବିଶ୍ୱ ସୃଷ୍ଟି-ପ୍ରକ୍ରିୟାର ବିକାଶକ୍ରମରେ ଧର୍ମଦେବତା ଏକ ସୋପାନ । ଶୂନ୍ୟ ସହିତ ସମ୍ବନ୍ଧ ଥିବା ହେତୁ ଧର୍ମ ନିରଞ୍ଜନ ବା ଧର୍ମଦେବତା ଏକ ବୌଦ୍ଧ କଳ୍ପନା ବୋଲି କେତେକ ମତ ପ୍ରଦାନ କରିଥାନ୍ତି । ଏ ପ୍ରସଙ୍ଗରେ ବଙ୍ଗଳାର ଧର୍ମପୂଜା ବିଷୟ ଉଲ୍ଲେଖ କରାଯାଇଥାଏ; କିନ୍ତୁ ସାରଳା ମହାଭାରତର ଧର୍ମନିରଞ୍ଜନ ବା ଧର୍ମଦେବତା କଳ୍ପନା ସହିତ ବଙ୍ଗଳା ଧର୍ମପୂଜାର କୌଣସି ସମ୍ବନ୍ଧ ଥିବା ପରି ମନେହୁଏ ନାହିଁ । ଯେତେଦୂର ମନେ-ହୁଏ ବଙ୍ଗଳା ଧର୍ମପୂଜା ବଙ୍ଗଳାର ବିଶିଷ୍ଟ ଐତିହାସିକ ଓ ସାଂସ୍କୃତିକ ପରିବେଶରୁ ଜନ୍ମଲାଭ କରିଥିଲା । ଓଡ଼ିଶାରେ ଏହାର ବିଶେଷ ପ୍ରସାର ନଥିଲା । ଧର୍ମପୂଜା ହିଂସା ଉପରେ ପ୍ରତିଷ୍ଠିତ । କିନ୍ତୁ ଧର୍ମଦେବତା ପରମଯୋଗୀ, ଅହିଂସାର ପୂଜାରୀ ଓ ଶୁକ୍ଳାମ୍ବରଧର ପୁରୁଷ । ବୌଦ୍ଧଧର୍ମ ନିକାୟ ସହିତ ଧର୍ମଦେବତାଙ୍କର ତୁଳନା କରାଯାଇପାରେ । ନାଗାର୍ଜୁନଙ୍କ ମତରେ ପରିବର୍ତ୍ତନଶୀଳ ଜଗତ ମୂଳରେ ଯେଉଁ ବାସ୍ତବ ପରମାର୍ଥ ବିଦ୍ୟମାନ, ତାହାହିଁ

ଧର୍ମକାଯ୍ୟ । ଧର୍ମକାଯ୍ୟ ଧର୍ମୋପଦେଶ ଦେବା ପାଇଁ ସମ୍ଭୋଗ କାଯ୍ୟରୂପ ପରିଗ୍ରହ କରିବା ପରି ଧର୍ମଦେବତାଙ୍କଠାରୁ ଉତ୍ପନ୍ନ ହୁଅନ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ଅନ୍ୟ ଏକ ଦୃଷ୍ଟିରୁ ମଧ୍ୟ ଧର୍ମଦେବତା କଳ୍ପନାର ବ୍ୟାଖ୍ୟା କରାଯାଇପାରେ । ଧର୍ମଦେବତାଙ୍କର ସତ୍ୟ ସହିତ ନିତ୍ୟ ସମ୍ବନ୍ଧ । ଧର୍ମପୁତ୍ର ଯୁଧିଷ୍ଠିର ମଧ୍ୟ ସତ୍ୟର ସାଧକ । ଯୁଧିଷ୍ଠିରଙ୍କର ସତ୍ୟନିଷ୍ଠା ପରୀକ୍ଷା କରିବା ପାଇଁ ଧର୍ମଦେବତା ପ୍ରଥମେ ବକ ଏବଂ ପରେ ଶ୍ୱାନ ରୂପରେ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଥିଲେ । ଶୁକ୍ଳତ୍ୱ ସତ୍ୟର ପ୍ରତୀକ । ତେଣୁ ଧର୍ମଦେବତା ଶୁକ୍ଲାମ୍ବରଧର ପୁରୁଷ । ବକ ଏବଂ ଶ୍ୱାନ ଉଭୟ ପୁଣି ଶୁକ୍ଳବର୍ଣ୍ଣ । ଯଥାର୍ଥରେ ଧର୍ମହିଁ ସତ୍ୟ ଏବଂ ସତ୍ୟ ଈଶ୍ୱର । ଧର୍ମ ବା ସତ୍ୟରେ ସୃଷ୍ଟି ଆତଜାତ । ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ର, ପିତାମାତା, ସ୍ୱାମୀ ସ୍ତ୍ରୀ, ପୁତ୍ରକନ୍ୟା, ଜୀବଜନ୍ତୁ ସମସ୍ତେ ସ୍ୱ ସ୍ୱ ଧର୍ମ ପାଳନ କରୁଛନ୍ତି । ସେମାନେ ଯେଉଁଦିନ ନିଜ ନିଜର ଧର୍ମପାଳନ ବନ୍ଦ କରିଦେବେ ସେଦିନ ସୃଷ୍ଟି ଲୋପ ପାଇବ । ଏହାର ଅର୍ଥ ବିଶ୍ୱସୃଷ୍ଟି ଏକ ଶାଶ୍ୱତ ନିୟମ ପରମ୍ପରାରେ ଆବଦ୍ଧ । ବେଦରେ ଏହାର ନାମ ଋତ । ଋତ ଅର୍ଥ ସତ୍ୟ । ଯାହା ଅସତ୍ୟ ତାହା ଅନୃତ । ପରଂବ୍ରହ୍ମଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ଧର୍ମରେ ଦୃଢ଼ ଅଛନ୍ତି । ତେଣୁ ଶୂନ୍ୟ ବା ପରଂବ୍ରହ୍ମଙ୍କଠାରୁ ଧର୍ମର ବିକାଶ । ଆମ ସମାଜରେ ନରନାରୀ ସ୍ନାନ ସାରି ଧର୍ମଦେବତାଙ୍କୁ ପାଣି ଢେକନ୍ତି । ବିପଦରେ ପଡ଼ିଲେ ଧର୍ମକୁ ଡାକନ୍ତି । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଧର୍ମକୁ ସାକ୍ଷୀ ରଖନ୍ତି ଏବଂ ଯେଉଁ ଲୋକ ସ୍ୱଧର୍ମଚ୍ୟୁତ ହୋଇ ଅନ୍ୟାୟ ଓ ଅତ୍ୟାଚାର କରନ୍ତି, ତାଙ୍କୁ ଧର୍ମଛଡ଼ା ବୋଲି କହନ୍ତି । ତେଣୁ ସାରଳାଦାସଙ୍କ ଧର୍ମଦେବତା ଯଥାର୍ଥରେ ଋତ ବା ସତ୍ୟର ଦେବତା । ସେ ନିରାକାର ଓ ନିରାଲମ୍ବ ପୁରୁଷ । ସୁତରାଂ ଧର୍ମଦେବତା କଳ୍ପନାର ଅନ୍ତରାଳରେ ଉପନିଷଦୀୟ ଭାବଧାରାର ପ୍ରଭାବ ସୁସ୍ପଷ୍ଟ । ଉପନିଷଦର ଋଷି ପ୍ରାର୍ଥନା କରୁଛନ୍ତି, "ମୋତେ ଅସତ୍ୟରୁ ସତ୍ୟକୁ ନେଇ ଯାଅ ।"

**ସମାଜଦର୍ଶନ :**

ସାରଳା ଦାସ ତାଙ୍କ ମହାଭାରତରେ ଯେଉଁ ସବୁ ସମାଜଚିତ୍ର ପ୍ରଦାନ କରିଛନ୍ତି, ତହିଁରୁ ତାଙ୍କ ସମାଜଦର୍ଶନର କିଞ୍ଚିତ ଆଭାସ ମିଳିଥାଏ । ସାମାଜିକ ଜୀବନରେ ସାରଳା ଦାସ ଜଣେ ବିପ୍ଳବୀ ଥିଲେ । ତାଙ୍କର ଏ ବିପ୍ଳବ ବ୍ରାହ୍ମଣ୍ୟ ଧର୍ମ ବିରୁଦ୍ଧରେ ଯେତେ ନୁହେଁ, ତା'ଠାରୁ ଅଧିକ ସେହି ଧର୍ମଦ୍ୱାରା ପରିପୁଷ୍ଟ ସାମନ୍ତବାଦୀ . ସମାଜ-ବ୍ୟବସ୍ଥା ବିରୁଦ୍ଧରେ । ସାମାଜିକ ଜୀବନରେ ସେ କୌଣସି ପ୍ରକାର ଉଚ୍ଚନୀଚ ଭେଦଭାବର ପକ୍ଷପାତୀ ନ ଥିଲେ । ତାଙ୍କ ମତରେ ମନୁଷ୍ୟ ମାନେ ସମାନ । ନର ହିଁ ନାରାୟଣ । ମଣିଷର ଏହି ଦେହ ତେତିଶ କୋଟି ଦେବତାଙ୍କର ଅଧିଷ୍ଠାନ ।

"ନାରାୟଣ ଆତ୍ମା ଏ ଅଟଇ ମହାବ୍ରହ୍ମ<br>ସଂସାର ଅଗାଧକୁ ନାଉକା ଅଟଇ ଧର୍ମ ।" (ଆଦି-୨୪)

ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସବୁ ମଣିଷ ସମାନ । ଅସ୍ପୃଶ୍ୟ ଓ ଘୃଣ୍ୟ ହୋଇ କେହି ନାହିଁ । ଆଦି-ପର୍ବରେ ବର୍ଣ୍ଣିତ ଅଛି ଯେ ଶିବଙ୍କୁ ପୂଜା କରିବା ପାଇଁ ଜଣେ ପୂଜକ ଆଣିବା ନିମିତ୍ତ ବ୍ୟାସ ସହଦେବଙ୍କୁ ପଠାଇଲେ । ବନମଧ୍ୟରେ ବହୁତ ଅନ୍ୱେଷଣ କରିବା ପରେ ସହଦେବ ଶେଷରେ ଶବର ଜାତୀୟ ଜଣେ ଡିଆଁଳାକୁ ଧରି ବ୍ୟାସଙ୍କ ନିକଟରେ ପହଞ୍ଚିଲେ । ଯୁଧିଷ୍ଠିର ତାହାକୁ ଦେଖି ଉପହାସ କରିବାରୁ ବ୍ୟାସ କୃଷ୍ଣଙ୍କୁ ଲକ୍ଷ୍ୟ କରି କହିଲେ—

"ବ୍ୟାସେ ବୋଇଲେ ତୁ ସର୍ବଭୂତେ ନାଥ
ଏ ଯେବେ ଅଜାତି, ଅଛଇ କେ ନାଥ ।
ଛପନ କୋଟି ଜୀବଜନ୍ତୁ ସଭିଏଁ ଏକ ପ୍ରାଣ
ଏବେ ନାରାୟଣ କେଉଁକେ କଲୁ ଭିଆଣ ।"

ଏହାର ଉତ୍ତରରେ କୃଷ୍ଣ କହୁଛନ୍ତି—

"କୃଷ୍ଣ ବୋଇଲେ ଏ ଶବର ଭାବକୁ ବହିଲା
ଏହାର ଦେହରୁ ପାପ ସକଳ ଧ୍ୱଂସ ଗଲା ।
ନର-ନାରାୟଣ ମଞ୍ଜେ ଅବତାର
କ୍ଷେତ୍ରେ ଜାବତ ଭୋଜିବ ସବୁ ଏକାକାର ।" (ଆଦି-୭୩୪)

ଜନ୍ମ ଓ ବଂଶମର୍ଯ୍ୟାଦା ମନୁଷ୍ୟ ଜୀବନର ମାନଦଣ୍ଡ ନୁହେଁ । ମାନବୋଚିତ ଗୁଣହିଁ ମନୁଷ୍ୟତ୍ୱର ଏକମାତ୍ର ମାପକାଠି । ସେଥିପାଇଁ ଉଦ୍‌ଯୋଗ-ପର୍ବରେ ବିଦୁର ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି ଯେ ତାଙ୍କୁ ପରଜନ୍ମରେ ଆଚଣ୍ଡାଲବ୍ରାହ୍ମଣ ଯେ କୌଣସି ଯୋନିରେ ଜନ୍ମ ଦେଲେ ମଧ୍ୟ ସେଥିରେ ତାଙ୍କର ଆପତ୍ତି ନାହିଁ; କିନ୍ତୁ ସେ ଯେପରି ଭଗବାନଙ୍କ ଚରଣ-ସେବାରୁ ବଞ୍ଚିତ ନହୁଅନ୍ତି ।

"କାଶୀନଦୀଠାରୁ ରୁଦ୍ର ଗଙ୍ଗା ପର୍ଯ୍ୟନ୍ତ
ଚଣ୍ଡାଳ ଯୋନିରେ ଜାତ କରାଅ ମୋତେ ।
ଯେବଣ କୁଳେ ମୋତେ ଜାତ ପଛେ କର
ତବ ପାଦପଦ୍ମେ ଚିତ୍ତ ଥିବଟି ମୋହର ।" (ଉଦ୍‌ଯୋଗ-୧୦୦)

ଭଗବାନଙ୍କ ନିକଟରେ ଆଚଣ୍ଡାଲ ବ୍ରାହ୍ମଣ ସବୁ ଜାତି ସମାନ । ସେଥିପାଇଁ ସାରଳା-ମହାଭାରତରେ ଜରା ଶବର ଶବରୀନାରାୟଣଙ୍କୁ ଲଉପତ୍ରରେ ପୂରାଏ ଅନ୍ନ ଭୋଗ କରୁଅଛି । ପୁଣି ଜରାଶବର ଓ ବସୁ ବ୍ରାହ୍ମଣର ବଂଶଧରମାନେ କଳିଯୁଗରେ ଜଗନ୍ନାଥଙ୍କର ସେବା କରୁଅଛନ୍ତି ।

ସାରଳା ମହାଭାରତର ଅଧ୍ୟୟନରୁ ଜଣାଯାଏ ଯେ ସାରଳାଦାସ ସାମ୍ୟ ଓ ମୈତ୍ରୀ ଉପରେ ପ୍ରତିଷ୍ଠିତ ଏକ ଶୋଷଣହୀନ ନୂତନ ସମାଜର ପରିକଳ୍ପନା କରିଥିଲେ । ବର୍ତ୍ତ-

ପର୍ବରେ ଭୀମ ସୂପକାର ବେଶରେ ଜାତି-ଧର୍ମ ବର୍ଣ୍ଣ-ନିର୍ବିଶେଷରେ ଉଚ୍ଚନୀଚ ସମସ୍ତଙ୍କୁ ଭୋଜନରେ ଆପ୍ୟାୟିତ କରୁଅଛନ୍ତି ।

"ଏକଇ ସୂପକାର ସେ କରଇ ରନ୍ଧନ
ଭୋଗ କରନ୍ତି ସେ ସମସ୍ତ ରାଜ୍ୟମାନ ।
କଉତୁକେ ନଗ୍ର ସ୍ତ୍ରୀମାନେ ମେଷ୍ଟନ ନଅନ୍ତି
ସୁସ୍ୱାଦ ପାଇଣ ବ୍ରାହ୍ମଣା ଘରେ ସଞ୍ଚା ଦ୍ୟନ୍ତି ।
ହରଷେ ରାନ୍ଧି ଦଅଇ କାହାକୁ ନରାଣ ନାହିଁ
ସମସ୍ତ ସୁହୃଦ ମଣେ ବଲ୍ଲବ ଗୋସାଇଁ ।
ସ୍ୱାମୀହୁଁ ଭିକ୍ଷାବାସୀ ପର୍ଯ୍ୟନ୍ତେ ସମସ୍ତଙ୍କୁ ଏକଦୃଷ୍ଟି
ତେଣୁ କରି ସମରାଜ୍ୟେ ସାଧୁ ସାଧୁ ଧ୍ୱନି ଉଠି ।"

ଏହି ସମରାଜ୍ୟ ବା ସାମ୍ୟ ଉପରେ ପ୍ରତିଷ୍ଠିତ ରାଜ୍ୟରେ ସମସ୍ତଙ୍କର ମଣିଷ ଭଳି ବଞ୍ଚିବାର ଅଧିକାର ଅଛି । ପୁଣି ସମସ୍ତଙ୍କ ପାଇଁ ସମାନ ଆସନ ।

"ଆଦିହୁଁ ବ୍ରାହ୍ମଣ ଚଣ୍ଡାଳ ଯାଏ ଏକ ଆସନେ
ସବୁହିଁ ଏକତୁଲ୍ୟ ଭୋଜନ ବିଧାନେ,
ରାଜ୍ୟମାନଙ୍କର ସନ୍ୟ ସେନା ଆଦିକରି
ବାଦ୍ୟକାରମାନଙ୍କୁ ହିଁ ରନ୍ଧି ଯୋଗାଡ଼ମାନ ସମସରି । (ସଭା-୨ୟ୍ତ, ୪୧୧)

ସାରଳାଦାସଙ୍କ ଏହି କଳ୍ପିତ ସମରାଜ୍ୟରେ ମଣିଷର ମୂଲ୍ୟ ମପାଯାଏ ଧନ, କ୍ଷମତା ବା ଐଶ୍ୱର୍ଯ୍ୟରେ ନୁହେଁ; ସତ୍ୟ ନ୍ୟାୟ ଆଦି ମାନବୋଚିତ ଗୁଣରେ । ସେଥିପାଇଁ ରାଜାଧିରାଜ ତ୍ରିଭୁବନପତି ଶ୍ରୀକୃଷ୍ଣ ରାଜସୂୟ ଯଜ୍ଞସଭାରେ ଅନନ୍ତା ପଢ଼ିଆରି ସାଜି ଯୁଧିଷ୍ଠିରଙ୍କର ପରିଚର୍ଯ୍ୟା କରନ୍ତି ଏବଂ ତାଙ୍କର ମୁକୁଟମଣ୍ଡିତ ରାଜଶିର ଯୁଧିଷ୍ଠିରଙ୍କର ପାଦାଙ୍ଗୁଷ୍ଠ ସ୍ପର୍ଶରେ ପବିତ୍ର ହୁଏ । ସାମ୍ୟ ଓ ମୈତ୍ରୀ ଉପରେ ପ୍ରତିଷ୍ଠିତ ଏହି ସମାଜରେ କର୍ମ ସ୍ଥାନ ବା କେହି ନୀଚ ବୋଲି ବିବେଚିତ ହୁଏନାହିଁ । ଚିରସୁକୁମାର ବୀରାଗ୍ରଣୀ ନକୁଳ ବିରାଟ ରାଜ୍ୟରେ ଗୋପାଳ ସାଜି ଗୋରକ୍ଷା କରନ୍ତି ଏବଂ ଭୂତ-ଭବିଷ୍ୟଜ୍ଞାତା ପରମ କୂଟନୀତିବିଶାରଦ ସହଦେବ ଘୋଡ଼ାଶାଳରେ ପଇଣ ସାଜି ଘୋଡ଼ାମାନଙ୍କର ଯତ୍ନ ନଅନ୍ତି । ଅମିତ ପରାକ୍ରମଶାଳୀ ମହାବୀର ଭୀମ ରନ୍ଧନ କରି ରାଜ୍ୟବାସୀଙ୍କର ତୃପ୍ତିବିଧାନ କରନ୍ତି । ସ୍ୱର୍ଗାରୋହଣ ପର୍ବରେ ସେହି ଭୀମ ପୁଣି ବିଲରୁ ଧାନ ବୋହିଆଣି ଢେଙ୍କଲା ପକାଇ ତାକୁ ହାତରେ କୁଟନ୍ତି ଏବଂ ସହସ୍ରମାଣ ଚୁଲ୍ଲିରେ ଅନ୍ନ ରାନ୍ଧି ଶିଖରେଶ୍ୱରଙ୍କୁ ଭୋଗ ଦଅନ୍ତି । ଏହି ସମାଜରେ ରାଜାଠାରୁ ଦୀନଦୁଃଖୀ ପ୍ରଜାଯାଏ ସମସ୍ତେ ସ୍ୱ ସ୍ୱ କର୍ମ ପାଇଁ ନୈତିକ ଦାୟିତ୍ୱ ବହନ କରିବାକୁ ବାଧ୍ୟ । ଆପଣା ଅର୍ଜିତ କର୍ମ ଛଡ଼ା ଦୈବ ବା ଭାଗ୍ୟ ବୋଲି ଆଉ କିଛି ନାହିଁ । ସାରଳାଙ୍କ ଭାଷାରେ "ଆପଣେ ଯାହା ଅର୍ଜି ତାହାକୁ କର୍ମ ବୋଲି କହି ।" ରାଜାଧିରାଜ ମହାରାଜାଙ୍କଠାରୁ ଦୀନ-

ଦରିଦ୍ର ଭିକ୍ଷାରୀ ଯାଏ ସମସ୍ତଙ୍କର ନିଜ କର୍ମ ପାଇଁ ଉତ୍ତରଦାୟିତ୍ୱ ରହିଅଛି । ଯେତେ ବଡ଼ ହେଲେ ବି ନିଜ କର୍ମର ପରିଣାମରୁ କାହାରି ଖସିଯିବାର ଉପାୟ ନାହିଁ । ଯୁଧିଷ୍ଠିର ସାମାନ୍ୟ ଗୋଟିଏ ନିର୍ଦ୍ଦୋଷ ବେଙ୍ଗକୁ ମାରିଦେଇଥିବାରୁ ବିରାଟ ରାଜାଙ୍କ ପଶାକାଠିର ଆଘାତରେ ତାଙ୍କ ମସ୍ତକ ରକ୍ତାକ୍ତ ହୋଇଅଛି ।

ସାରଳାଦାସଙ୍କର କଳ୍ପିତ ସମରାଜ୍ୟରେ ରାଷ୍ଟ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ରାଷ୍ଟ୍ରନାୟକଙ୍କର ଦାୟିତ୍ୱ ଖୁବ୍ ବେଶି ।

"ରାଜାଙ୍କର ଏତେକ ଧର୍ମ ପ୍ରତିପାଳି
ଅଧର୍ମ କେବେହେଁ ନ ସମ୍ଭବନ୍ତି ମହୀଆଳି ।
ପରଜା ପାଳିବୁ କେହି ନୋହିବନ୍ତି ଦୁଃଖୀ
ପ୍ରଜାରକ୍ଷଣେ ଯିନା ରାଜା ହୋଏ ସୁଖୀ ।"

କୃଷି ଏବଂ ଗୋପାଳନ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ । ତେଣୁ ଏ ଦୁଇଟିର ବିକାଶରେ ରାଷ୍ଟ୍ରର ଗୁରୁଦାୟିତ୍ୱ ରହିଅଛି । ତେଣୁ ରାଷ୍ଟ୍ର ତରଫରୁ ଜଳସେଚନ ଓ ଗମନାଗମନପଥର ବ୍ୟବସ୍ଥା କରାଯିବା ଏକାନ୍ତ ପ୍ରୟୋଜନ । ଗୋରୁମାନଙ୍କ ପାଇଁ ଚାରଣଭୂମି ଓ ଗୋପାଳମାନଙ୍କ ପାଇଁ ବିଶ୍ରାମାଗାରର ବ୍ୟବସ୍ଥା କରିବା ମଧ୍ୟ ରାଷ୍ଟ୍ରର ଦାୟିତ୍ୱ । କରଭାର ଏତେ ଲଘୁ ହେବ ଯେ ତାହା ଯେପରି କୌଣସି ଶ୍ରେଣୀର ପ୍ରଜାଙ୍କୁ ନବାଧେ । କୃଷି ଓ ଗୋପାଳନ ବ୍ୟତୀତ ରାଜ୍ୟର ଅର୍ଥନୀତି ବାଣିଜ୍ୟ ଉପରେ ମଧ୍ୟ ନିର୍ଭରଶୀଳ । ବାଣିଜ୍ୟ ସତ୍ୟ ଏବଂ ନ୍ୟାୟ ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ମୁନାଫା ପରିବର୍ତ୍ତେ ଜନସେବା ଏହାର ପ୍ରଧାନ ଆଭିମୁଖ୍ୟ ହେବା ବିଧେୟ । ସ୍ୱର୍ଗାରୋହଣ-ପର୍ବରେ ଯମ ହରିସାହୁ ବୈଶ୍ୟଙ୍କୁ ଉପଦେଶ ଛଳରେ କହୁଅଛନ୍ତି—

"ବଣିକେ ସ୍ୱରୂପ କରି କହିବା ଯେ କଥା
ଲଭ ଲାଗି କହିବ ସେ ନ କହିବ ମିଥ୍ୟା ।
ଗଣ୍ଡାକରେ କଡ଼ାଏକର ବୋଡ଼ିକରେ ଗଣ୍ଡାଏ
ପଣକରେ କୋଡ଼ିଏ କାହାଣକରେ ପଦିକାଏ ।
ଚାରିପାଦେ କଣିବ ବିକିବ ପାଞ୍ଚପାଦେ ।
ପୁଣ୍ୟ ମାର୍ଗେ ଥିବ ନ ପଶିବ ଅପ୍ରମାଦେ ।"

ସମାଜର ସର୍ବାଙ୍ଗୀନ ଉନ୍ନତି ଦୃଷ୍ଟିରୁ ରାଷ୍ଟ୍ର ତରଫରୁ ଏକ ବ୍ୟାପକ ସମାଜକଲ୍ୟାଣ ବ୍ୟବସ୍ଥାର ପ୍ରଚଳନ କରାଯିବା ଏକାନ୍ତ ପ୍ରୟୋଜନ । ସମାଜରେ ଯେଉଁମାନେ ଦୁଃସ୍ଥ ଓ ବାସହୀନ, ରାଜା ବା ରାଷ୍ଟ୍ରନାୟକ ସେମାନଙ୍କ ପାଇଁ ବାସଗୃହ ତୋଳାଇଦେବେ । ପଥଶ୍ରାନ୍ତମାନଙ୍କ ପାଇଁ ଶୀତକାଳରେ ଅନଳଦାନ, ଗ୍ରୀଷ୍ମକାଳରେ ଜଳଦାନ ସଙ୍ଗେ ଛତ୍ର, ବ୍ୟଜନ ଓ

ପାଣ୍ଠୋଇଦାନର ବ୍ୟବସ୍ଥା କରିବେ ଏବଂ ତୀର୍ଥସ୍ଥାନମାନଙ୍କରେ ବୁଭୁକ୍ଷୁ ତୀର୍ଥଯାତ୍ରୀମାନଙ୍କ ପାଇଁ ପ୍ରଚୁର ଅନ୍ନଦାନର ଆୟୋଜନ କରିବେ । ଶାନ୍ତି-ପର୍ବରେ ଶରଶଯ୍ୟାଶାୟୀ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜନୀତି ଉପଦେଶ ଦାନ ଛଳରେ ଏସବୁ କହିଅଛନ୍ତି । ସାରଳାଙ୍କ ମତରେ ସବୁ ଦାନ ମଧ୍ୟରେ ଅନ୍ନଦାନ ଶ୍ରେଷ୍ଠ । ରାଜା ଶ୍ୱେତ ବିପୁଳ ଦାନ କରିଥିଲେ ମଧ୍ୟ ଅନ୍ନଦାନ କରିନଥିବାରୁ ପୁନର୍ବାର ମର୍ତ୍ତ୍ୟଭୂମିରେ ଜନ୍ମଗ୍ରହଣ କରି ମଶାଣିଭୂଇଁର ପାଉଁଶ ଖାଇବାକୁ ବାଧ୍ୟ ହୋଇଛନ୍ତି । ସମାଜର ଉନ୍ନତି କେବଳ ଧନ ଓ ଐଶ୍ୱର୍ଯ୍ୟ ଉପରେ ନିର୍ଭର କରେନାହିଁ । ରାଜ୍ୟର ସାଂସ୍କୃତିକ ବିଭବ ହିଁ ଶାଶ୍ୱତ ବିଭବ । ତେଣୁ ଧର୍ମ, ଶିକ୍ଷା ଓ କାବ୍ୟକଳାର ପୋଷକତା କରିବା ରାଜାଙ୍କର ଏକ ପ୍ରଧାନ କର୍ତ୍ତବ୍ୟ । ସେଥିପାଇଁ ଭୀଷ୍ମ ଯୁଧିଷ୍ଠିରଙ୍କୁ ତୀର୍ଥଯାତ୍ରୀମାନଙ୍କର ସୁବନ୍ଦୋବସ୍ତ କରିବା, ବ୍ରାହ୍ମଣଶାସନ ବସାଇବା ଓ କବିମାନଙ୍କୁ ମୁକ୍ତହସ୍ତରେ ଦାନ କରିବା ପାଇଁ ଉପଦେଶ ଦେଇଛନ୍ତି ।

ସାରଳାଦାସଙ୍କ ରାଜନୈତିକ ଚିନ୍ତାଧାରା ରାଜତନ୍ତ୍ରର ପରିସର ମଧ୍ୟରେ ସୀମାବଦ୍ଧ ଥିଲା; କିନ୍ତୁ ତାହାଙ୍କ ମତରେ ରାଜା ରାଜ୍ୟର ପ୍ରଭୁ ନୁହନ୍ତି; ସେବକମାତ୍ର । ରାଜ୍ୟ ହେଉଛି ରାଜାଙ୍କର ଏକ ପବିତ୍ର ନ୍ୟାସ । ରାଜା କେବଳ ନ୍ୟାସୀ ମାତ୍ର; ଅଧିକାରୀ ନୁହନ୍ତି । ସାରଳାଙ୍କ ମତରେ ସେ ହେଉଛନ୍ତି ପ୍ରକୃତ ରାଜା ଯିଏ ସନ୍ନ୍ୟାସୀର ଭୂମିକା ଗ୍ରହଣ କରି ଜନସେବାରେ ନିଜକୁ ସମ୍ପୂର୍ଣ୍ଣଭାବେ ଉତ୍ସର୍ଗ କରିଦେବାରେ ସମର୍ଥ । ସାରଳାଦାସ ତାଙ୍କର ଏହି ଆଦର୍ଶକୁ ରୂପାୟିତ କରିଛନ୍ତି ଇକ୍ଷ୍ୱାକୁ, ଶୁକ୍ର, ଜାନୁଦଣ୍ଡ ଓ କଣ୍ୟେବିନ୍ଦୁ ଆଦି ରାଜର୍ଷିମାନଙ୍କ ଚରିତ୍ର ମାଧ୍ୟମରେ । ସେମାନେ ସମସ୍ତେ ଅତୁଳ ପରାକ୍ରମଶାଳୀ ମହାବୀର । ସେମାନଙ୍କର ସୈନ୍ୟ-ସାମନ୍ତ କିଛି ନଥିଲା । ନିଜ ବାହୁବଳରେ ସେମାନେ ରାଜ୍ୟରକ୍ଷା କରୁଥିଲେ । ବିପୁଳ ବିଭବର ଅଧିକାରୀ ହୋଇ ମଧ୍ୟ ସେମାନେ ଦୀନଦରିଦ୍ର ସନ୍ନ୍ୟାସୀର ଜୀବନ ଯାପନ କରୁଥିଲେ । କାରଣ ପ୍ରଜାଙ୍କର କଷ୍ଟାର୍ଜିତ ଧନକୁ ନିଜର ଭୋଗବିଳାସରେ ବ୍ୟୟ କରିବାକୁ ସେମାନେ ଘୋର ଅନ୍ୟାୟ ବୋଲି ମନେକରୁଥିଲେ । ଭୀଷ୍ମପର୍ବରେ ଶୁକ୍ର ରାଜାଙ୍କ ପ୍ରସଙ୍ଗରେ କୁହାଯାଇଛି—

"ଯେସନକ ମହିମା ସେ ଶୁକ୍ର ନାମେ ନୃପତି
ତାହାର ଗୃହ ଦିଗେ ନାହିଁ ଲଙ୍ଘନ୍ତା ଅତିଥି ।
ଯେସନେକ ତାହାର ରାଜ୍ୟେ ନାହିଁ ଭିକ୍ଷାବାସୀ
ପରଜା ଯାହା ଅରଜଇ ସେ ନଅଇ ଦୁଇରାଶି ।
ବତିଶଯୁଗ ଭୋଗ କଲା ରାଜା ହୋଇଣ ସନ୍ନ୍ୟାସୀ ।" (ଭୀଷ୍ମ-୧୪୬)

ସିନ୍ଧୁ ମନ୍ଦାର ଦେଶର ରାଜା ବିରଞ୍ଚିନାରାୟଣଙ୍କୁ ତପସ୍ୟା କରି ବର ପାଇଥିଲେ ଯେ ସେ ସତ୍ୟଯୁଗର ରାଜା ଜାନୁଦଣ୍ଡଙ୍କ ସଦୃଶ ଧର୍ମରେ ରାଜ୍ୟପାଳନ କରିବା ପାଇଁ ସମର୍ଥ ହେବେ ଏବଂ ତାଙ୍କର ନାମ ମଧ୍ୟ ହେବ ଜାନୁଦଣ୍ଡ ।

"ହରିହରନାରାୟଣ ଯେ ହୋଇଲେ ପ୍ରସନ୍ନ
ସୁଖେଣ ଭୋଗକର ଦ୍ୱାପର ନ ପୀଡ଼ୁ ଜନ୍ତୁଗଣ ।
ଜାନୁଘଣ୍ଟ ପଦକରି ତୁ ଯେବେ କରୁ ଇଚ୍ଛା
ତୋହର ନାମ ଜାନୁଘଣ୍ଟ ହୋଉ ତୁ ମାଗିଖାଅ ଭିକ୍ଷା ।" (ସଭାପର୍ବ-୪୭୦)

ଚନ୍ଦ୍ରଭାଗା ଉପାଖ୍ୟାନ ପ୍ରସଙ୍ଗରେ ସେହିପରି କଣ୍ଟସ୍ୱରିନ୍ଦୁ ରାଜାଙ୍କର ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନର ଏକ ମନୋଜ୍ଞ ଚିତ୍ର ପ୍ରଦତ୍ତ ହୋଇଅଛି । ସାରଳାଙ୍କ ମତରେ କେବଳ ଭୌତିକ ସମୃଦ୍ଧି କୌଣସି ସମାଜର ଏକମାତ୍ର ଲକ୍ଷ୍ୟରୂପେ ବିବେଚିତ ହୋଇ ନ ପାରେ । ଉଚ୍ଚ ଆଧ୍ୟାତ୍ମିକ ଓ ନୈତିକ ମୂଲ୍ୟବୋଧ ବିନା ସମାଜର ସ୍ଥାୟିତ୍ୱ ତଥା ପ୍ରଗତି ଅସମ୍ଭବ । ସେଥିପାଇଁ ସାରଳାଦାସ ସାମାଜିକ ଜୀବନରେ ଯୌନ ସଂଯମ ଓ ଶାସ୍ତ୍ରାନୁଶୀଳନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଅଛନ୍ତି । ତାହାଙ୍କ ମତରେ ବ୍ରହ୍ମଚର୍ଯ୍ୟ ସାମାଜିକ ନୈତିକତାର ମୂଳାଧାରରୂପେ ବିବେଚିତ ହେବା ଆବଶ୍ୟକ । ସେଥିପାଇଁ ସେ ରାଜାପ୍ରଜା, ଋଷି, ବ୍ରାହ୍ମଣ, ଦେବତା ଏପରିକି ସ୍ୱୟଂ ଭଗବାନଙ୍କଠାରେ ଯେତେବେଳେ ଯୌନ-ବିଚ୍ୟୁତି ଲକ୍ଷ୍ୟ କରିଛନ୍ତି, ଅତି କଠୋର ଭାଷାରେ ତାର ନିନ୍ଦା କରିଛନ୍ତି । ତାଙ୍କର ଆରାଧ୍ୟଦେବତା ଶ୍ରୀକୃଷ୍ଣ ମଧ୍ୟ ଏଥିରୁ ତ୍ରାଣ ପାଇପାରିନାହାନ୍ତି । ସମାଜଦର୍ଶନରେ ସାରଳାଦାସଙ୍କ ବୈପ୍ଳବିକ ଓ ଅଗ୍ରଗାମୀ ଦୃଷ୍ଟିଭଙ୍ଗୀ ପାଠକଙ୍କୁ ମୁଗ୍ଧ ଓ ଚକିତ କରେ ।

## ସ୍ୱଦେଶପ୍ରୀତି :

ଓଡ଼ିଆ ସାହିତ୍ୟରେ ସାରଳାଦାସଙ୍କୁ ଦେଶାତ୍ମବୋଧର ଆଦ୍ୟ ଉଦ୍‌ଗାତା ରୂପେ ଅଭିହିତ କରାଯାଇପାରେ । ତାଙ୍କ ଆଖିରେ ସବୁଠାରୁ ବଳି ବଡ଼ ଥିଲା ତାଙ୍କର ପ୍ରିୟ ଜନ୍ମଭୂମି ଓଡ଼ିରାଷ୍ଟ୍ର ଏବଂ ବଡ଼ ଥିଲା ସେହି ରାଷ୍ଟ୍ରର ନଦନଦୀ, ବନପର୍ବତ, ଗହନ କାନ୍ତାର, ହ୍ରଦ, ସରୋବର ଏବଂ ତୀର୍ଥ ଓ ମନ୍ଦିର । ତାଙ୍କ ଦୃଷ୍ଟିରେ ଏଇ ଦେଶର ଖାଲବିଲ, ମାଟିପଥର, ଗୋଡ଼ିଧୂଳି ସବୁ ପବିତ୍ର । ଏଇ ଓଡ଼ିରାଷ୍ଟ୍ରର କପିଳାସ ହେଉଛି ହରପାର୍ବତୀଙ୍କ ବିହାରସ୍ଥଳୀ ବିଶ୍ୱବନ୍ଦିତ କୈଳାସ । ଏଇ ଓଡ଼ିରାଷ୍ଟ୍ରର ନୀଳାଚଳଧାମକୁ ଦେବଦେବ ଜଗନ୍ନାଥ କଳିଯୁଗରେ ନିଜର ବିଜୟପୀଠରୂପେ ବାଛିନେଇଛନ୍ତି । ଏଇ ରାଷ୍ଟ୍ରର ମହୋଦଧି ତୀରସ୍ଥ ଅପୋଡ଼ା ଭୂଇଁରେ ଶ୍ରୀକୃଷ୍ଣଙ୍କର ଶବସଂସ୍କାର କରାଯାଇଛି । କୁଷ୍ଠରୋଗରୁ ଆରୋଗ୍ୟ ଲାଭକରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣତନୟ ଶାମ୍ବ ସୁଦୂର ଦ୍ୱାରିକାନଗରୀରୁ ଧାଇଁଆସିଛନ୍ତି ଏହି ରାଜ୍ୟର କୋଣାର୍କତୀର୍ଥକୁ । ଏଇଠି ଚନ୍ଦ୍ରଭାଗା ନଦୀତୀରରେ ବାର ବର୍ଷକାଳ ତପସ୍ୟା କରି ସେ ରୋଗମୁକ୍ତ ହୋଇଛନ୍ତି । ଏଇ ରାଜ୍ୟର ଏକାମ୍ରକାନନ, ନୀଳାଚଳଧାମ, ଅର୍କକ୍ଷେତ୍ର କୋଣାର୍କ ଏବଂ ଅଷ୍ଟଶମ୍ଭୁସେବିତ ପ୍ରାଚୀତୀର୍ଥ ଦର୍ଶନକରି ପାଣ୍ଡବମାନେ ନିଜକୁ କୃତାର୍ଥ

ମଣିଥିଲେ । ପୁଣି ଧର୍ମରାଜ ଯୁଧିଷ୍ଠିର ବୃଦ୍ଧାବସ୍ଥାରେ ମଧ୍ୟ ଏଇ ଓଡ଼ରାଷ୍ଟ୍ରର ଧର୍ମପୁର ଗ୍ରାମନିବାସୀ ହରିସାହୁ ବୈଶ୍ୟକନ୍ୟା ସୁହାଣୀକୁ ନିଜର ଜୀବନସଙ୍ଗିନୀରୂପେ ବରଣ କରିନେଇଥିଲେ । ପୁଣି ସ୍ୱର୍ଗାରୋହଣ ପାଇଁ ପାଣ୍ଡବମାନଙ୍କର ମହାଯାତ୍ରା ଆରମ୍ଭ ହୋଇଥିଲା ଏଇ ରାଷ୍ଟ୍ରର ଢେଙ୍କାନାଳସ୍ଥିତ କପିଳାସରୁ । ବାମନାବତାରରେ ସ୍ୱୟଂ ଭଗବାନ ଏଇ ରାଜ୍ୟର ବୈତରଣୀତୀରସ୍ଥ ବାରିଷ୍ଠା ଗ୍ରାମନିବାସୀ ଧର୍ମଦାସ ପଣ୍ଡାର ପୁତ୍ର ବାମନ ପଣ୍ଡା ରୂପେ ଜନ୍ମ ଗ୍ରହଣ କରିଥିଲେ । ସାରଳାଦାସ ଅସଂଖ୍ୟ ଗଳ୍ପ, କାହାଣୀ, ଉପାଖ୍ୟାନ ଓ କିମ୍ବଦନ୍ତୀ ମାଧ୍ୟମରେ ସ୍ୱଦେଶର ଗୌରବଗାନ ଓ ମହିମା କୀର୍ତ୍ତନ କରିଅଛନ୍ତି । ଜନ୍ମଭୂମିର ନାମ ମାତ୍ର ଉଚ୍ଚାରଣରେ ତାଙ୍କ ହୃଦୟ ଆବେଗ ଚଞ୍ଚଳ ହୋଇଉଠେ ଏବଂ ସେ ଆରମ୍ଭ କରିଦିଅନ୍ତି ଜନ୍ମଭୂମି ଓ ତାର ପରମ ଇଷ୍ଟଦେବତା ଜଗନ୍ନାଥଙ୍କର ବନ୍ଦନାଗୀତ । ତାହାଙ୍କ ମହାଭାରତର ନାୟକ ନାୟିକା ଓ ମୁଖ୍ୟ ଚରିତ୍ରମାନଙ୍କୁ ସେ ଖାଣ୍ଟି ଓଡ଼ିଆ-ଓଡ଼ିଆଣୀ କରିଦେଇଛନ୍ତି । ସେମାନଙ୍କର ଆଚାର-ବିଚାର, ଗୃହିଣି, ଚଳଣି, ବିଶ୍ୱାସ ଓ ପରମ୍ପରା ବେଶଭୂଷା, ଖାଦ୍ୟପେୟ, ଅସ୍ତ୍ରଶସ୍ତ୍ର ସବୁ ଓଡ଼ିଆର । ଯଥାର୍ଥରେ ତାହାଙ୍କ ରଚିତ ମହାଭାରତ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଏକ ମହାନ୍ ଜୟଗୀତିକା । ସାରଳା ଦାସଙ୍କ ମତରେ ଓଡ଼ରାଷ୍ଟ୍ର ଭାରତଠାରୁ ବିଚ୍ଛିନ୍ନ ନୁହେଁ । ଯେଉଁଠାରେ ଓଡ଼ରାଷ୍ଟ୍ରର ନାମୋଲ୍ଲେଖ କରିଅଛନ୍ତି ସେଠାରେ ସେ ଜମ୍ବୁଦ୍ୱୀପ ଅନ୍ତର୍ଗତ ଭରତଖଣ୍ଡର ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ତେଣୁ ଉତ୍କଳକୁ ସେ ବରାବର ଭାରତଭୂମିର ଅବିଚ୍ଛେଦ୍ୟ ସାରଭୂତ ଅଙ୍ଗରୂପେ କଳ୍ପନା କରିଅଛନ୍ତି । ଆଧୁନିକ ଯୁଗରେ ରାଧାନାଥ ଓଡ଼ିଆ ସାହିତ୍ୟରେ ଦେଶାତ୍ମବୋଧମୂଳକ କବିତା ରଚନା କରି ବିଶେଷ ଖ୍ୟାତି ଅର୍ଜନ କରିଅଛନ୍ତି । ଉତ୍କଳପ୍ରକୃତିକୁ ନିଜ କାବ୍ୟର ନାୟିକାରୂପେ ଗ୍ରହଣକରି ସେ ଅପୂର୍ବ ସ୍ୱଦେଶପ୍ରୀତିର ପରିଚୟ ପ୍ରଦାନ କରିଅଛନ୍ତି । ହେଲେ ତାଙ୍କର କାବ୍ୟର ନାୟକନାୟିକାମାନଙ୍କୁ ସେ ବୈଦେଶିକ ଓ ବିଦେଶିନୀ କରିଦେଇଛନ୍ତି । ଏ ଦେଶର ମାଟି, ପାଣି, ପବନ ସଙ୍ଗେ ସେମାନଙ୍କ ନାଡ଼ିର ଯୋଗ ନାହିଁ । କେଦାର-ଗୌରୀ, ଉଷା-ଜୟନ୍ତ କେହି ଓଡ଼ିଆ-ଓଡ଼ିଆଣୀ ନୁହନ୍ତି । ନାମରେ ସେମାନେ ଉତ୍କଳୀୟ; କିନ୍ତୁ ଆଚାର-ବିଚାର, ଗୃହିଣି ଚଳଣିରେ ସେମାନେ ପୂରା ବିଦେଶୀ । ସାରଳା ଦାସଙ୍କ ଦେଶାତ୍ମବୋଧ ଯେପରି ବ୍ୟାପକ, ସେହିପରି ଗଭୀର । ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ମୂଳରେ ନିହିତ ପ୍ରାଣଧାରାକୁ ବାଙ୍ମୟ ରୂପଦାନକରି ସେ ପ୍ରକୃତ ଦେଶାତ୍ମବୋଧର ପରିଚୟ ପ୍ରଦାନ କରିଛନ୍ତି । ଉତ୍କଳସମ୍ରାଟ କପିଳେନ୍ଦ୍ର ଦେଶ ପରେ ଦେଶ ଜୟକରି ଉତ୍କଳର ବିଜୟକେତନ ଉଡ଼ାଉଥିବା ବେଳେ କବିଗୁରୁ ସାରଳାଦାସ ଉତ୍କଳର ଅଗଣିତ ନରନାରୀଙ୍କ ଅନ୍ତରରେ ଦେଶାତ୍ମବୋଧର ବନ୍ୟା ଛୁଟାଇ ସେମାନଙ୍କୁ ଦେଶ ଓ ଜାତି ପାଇଁ ଚରମ ତ୍ୟାଗ ନିମିତ୍ତ ପ୍ରସ୍ତୁତ କରି ରଖିବାରେ ସମର୍ଥ ହୋଇଥିଲେ । □□□

## ଚତୁର୍ଥ ଅଧ୍ୟାୟ

# ଓଡ଼ିଆ ଭାଷା ଓ ସାହିତ୍ୟକୁ ସାରଳାଙ୍କ ଅବଦାନ

ସାରଳା ଦାସ ଉତ୍କଳର ଆଦି ମହାକବି ରୂପେ ପରିଚିତ । ଯେଉଁ ଭାଷା ଓ ସାହିତ୍ୟର ଭିତ୍ତିଭୂମି ଉପରେ ସାରଳା ସାହିତ୍ୟ ଆଧାରିତ, ତାର ପ୍ରକୃତ ସ୍ୱରୂପ କ'ଣ ଥିଲି ତାହା ଜାଣିବାର ଉପାୟ ନାହିଁ । ପ୍ରାକ୍‌ସାରଳା ସାହିତ୍ୟ ନାମରେ ଯାହା ପରିଚିତ ତାହା ଅତ୍ୟନ୍ତ ଅକିଞ୍ଚିତକର । ହୁଏତ ପ୍ରାକ୍‌ସାରଳା ସାହିତ୍ୟର ଏକ ବୃହତ୍ ଅଂଶ ବିସ୍ମୃତିର ଅତଳ ଗର୍ଭରେ ବିଲୀନ ହୋଇଯାଇଛି । ତେଣୁ ସାରଳା ହେଉଛନ୍ତି ଓଡ଼ିଆ ସାହିତ୍ୟ-କାନନର ସର୍ବପ୍ରଥମ ମହାଦ୍ରୁମ । ଏହି ବିଶାଳ ଦ୍ରୁମର ସୁଶୀତଳ ଛାୟାରେ କେତେ ଯେ ଶ୍ରାନ୍ତ କ୍ଳାନ୍ତ ପଥଶ୍ରାନ୍ତ ବିଶ୍ରାମ ଗ୍ରହଣକରି ଶକ୍ତି ଆହରଣ କରିଛନ୍ତି ତାର ଇୟତ୍ତା ନାହିଁ । ଦୀର୍ଘ ପାଞ୍ଚଶହ ବର୍ଷ ହେଲା ଏ ରାଜ୍ୟର ଅଗଣିତ କବି, ଲେଖକ, ଗୀତିକାର, ଗାଳ୍ପିକ ଓ ନାଟ୍ୟକାରଙ୍କ ପାଇଁ ସାରଳାଦାସ ଅସରନ୍ତି ପ୍ରେରଣାର ଉତ୍ସ ହୋଇ ରହିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟକୁ ତାଙ୍କ ଦାନର ତୁଳନା ନାହିଁ । ସେ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆଦି କବିଗୁରୁ । ତାହାଙ୍କ କାଳରେ ପୁରାଣ ଥିଲା ଗଣଶିକ୍ଷାର ଏକମାତ୍ର ମାଧ୍ୟମ । ଗ୍ରାମର ମନ୍ଦିର, ଆଖଡ଼ାଘର ଏବଂ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଗୃହରେ ପ୍ରତ୍ୟହ ପୁରାଣ ପାଠ ହେଉଥିଲା । ତାହା ଶୁଣି ଲୋକେ ସେମାନଙ୍କର ଜ୍ଞାନ ଓ ଧର୍ମପିପାସା ମେଣ୍ଟାଉଥିଲେ; କିନ୍ତୁ ପୁରାଣ ସବୁ ସଂସ୍କୃତ ଭାଷାରେ ରଚିତ ହୋଇଥିବାରୁ ସଂସ୍କୃତଜ୍ଞ ପୁରାଣପଣ୍ଡାମାନେ ତାହାକୁ ଓଡ଼ିଆରେ ବ୍ୟାଖ୍ୟା କରି ଲୋକଙ୍କୁ ଶୁଣାଉଥିଲେ; କିନ୍ତୁ ମାଗିଆଣିଲା ଢିଅଣ ସୁଢ଼ୁକାଏ । ପଣ୍ଡିତମାନଙ୍କର ଓଡ଼ିଆ ବ୍ୟାଖ୍ୟା ସବୁବେଳେ ଜନସାଧାରଣଙ୍କର କର୍ଣ୍ଣମନ-ରସାୟନରେ ସମର୍ଥ ହେଉନଥିଲା । ଜନସାଧାରଣଙ୍କର ଏ ଅଭାବର ଗୁରୁତ୍ୱ ଉପଲବ୍ଧି କରି ସାରଳାଦାସ ଓଡ଼ିଆରେ ପୁରାଣ ରଚନା କରିବା ପାଇଁ ମନ ବଳାଇଲେ । ଓଡ଼ିଆରେ ବିଲଙ୍କା ରାମାୟଣ, ମହାଭାରତ ଓ ଚଣ୍ଡୀ ପୁରାଣ ରଚନାକରି ସେ ଯୁଗଯୁଗରୁ ଅନୁଭୂତ ସମାଜର ଏହି ଅଭାବ ଦୂରକଲେ । ଏହିଠାରୁ ଆରମ୍ଭ ହେଲା ଓଡ଼ିଆରେ ପୌରାଣିକ ସାହିତ୍ୟର ଯୁଗ । ସାରଳାଙ୍କ ପଦାଙ୍କ ଅନୁସରଣ କରି ବହୁ କବି ଓ ଗ୍ରନ୍ଥକାର ପୁରାଣ ରଚନା କଲେ । ସାରଳାଙ୍କ ପରବର୍ତ୍ତୀ କାଳରେ ଯେଉଁମାନେ ପୁରାଣ ରଚନାରେ ପ୍ରବୃତ୍ତ ହୋଇଥିଲେ ସେମାନଙ୍କ ମଧ୍ୟରେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ନୀଳାମ୍ବର ଦାସ, ପୁରୁଷୋତ୍ତମ ଦାସ, ଗୋପୀ ଦାସ, ବିଶ୍ୱମ୍ଭର ଦାସ, ଦ୍ୱାରିକା ଦାସ, ପୀତାମ୍ବର

ଦାସ ଓ ବିପ୍ର ଭଗବାନ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ସେମାନଙ୍କଦ୍ୱାରା ରଚିତ ପୁରାଣ-ମାନଙ୍କ ମଧ୍ୟରେ ବଳରାମ ଦାସଙ୍କ ରାମାୟଣ ଓ ଲକ୍ଷ୍ମୀ ପୁରାଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ, ପୀତାମ୍ବର ଦାସଙ୍କ ନୃସିଂହପୁରାଣ, ଚୈତନ୍ୟଦାସଙ୍କ ବିଷ୍ଣୁଗର୍ଭ ପୁରାଣ ଏବଂ ମହାଦେବ ଦାସଙ୍କ ଶିବପୁରାଣ, ସେଗୁଡ଼ିକର ଜନପ୍ରିୟତା ପାଇଁ ପ୍ରସିଦ୍ଧି ଲାଭକରିଅଛି । ସାରଳାଦାସଙ୍କର ଅନ୍ୟ ଏକ ଅବଦାନ ହେଉଛି ଉତ୍କଳୀୟ ବୈଷ୍ଣବଧର୍ମ ଉପରେ ଆଧାରିତ ବିଶାଳ ଜନପ୍ରିୟ ଓଡ଼ିଶୀ ବୈଷ୍ଣବ ସାହିତ୍ୟ । ସାରଳାହିଁ ଏହି ସାହିତ୍ୟର ପ୍ରେରଣାର ଆଦିମ ଉତ୍ସ । ଉତ୍କଳୀୟ ବୈଷ୍ଣବଧର୍ମର ମୂଳତତ୍ତ୍ୱସମୂହ ହେଲା ଏହାର ଜଗନ୍ନାଥ କୈନ୍ଦ୍ରିକତା, ଯୋଗପରତ୍ୱ, ଜ୍ଞାନ ଓ ଭକ୍ତିର ସମନ୍ୱୟ, ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ, ଶୂନ୍ୟବାଦ ଏବଂ ସ୍ୱକ୍ରିୟାବାଦ । ଏହି ତତ୍ତ୍ୱସମୂହର ସୁଶୃଙ୍ଖଳ ସଂକଳନ ଆମେ ପ୍ରଥମେ ଲକ୍ଷ୍ୟ କରୁ ସାରଳାଙ୍କ ମହାଭାରତରେ । ଯଥାର୍ଥରେ ସାରଳାହିଁ ଉତ୍କଳୀୟ ବୈଷ୍ଣବଧର୍ମର ଆଦି ପ୍ରବକ୍ତା । ପରବର୍ତ୍ତୀ କାଳରେ ବଳରାମ, ଜଗନ୍ନାଥାଦି ପଞ୍ଚସଖା ଓ ସେମାନଙ୍କର ଉତ୍ତରାଧିକାରୀ ବୈଷ୍ଣବ ସାଧକଗଣ ସେମାନଙ୍କ ରଚିତ ଗ୍ରନ୍ଥସମୂହରେ ଏହାର ପରିପୂର୍ଣ୍ଣ ବିକାଶ ଘଟାଇଛନ୍ତି । ତେଣୁ ସାରଳାହିଁ ଓଡ଼ିଶୀ ବୈଷ୍ଣବ ସାହିତ୍ୟର ଆଦିଜନକ ରୂପେ ଚିରସ୍ମରଣୀୟ ହୋଇ ରହିବେ । ତୃତୀୟରେ ମହିମାଧର୍ମ ବା ଅଲେଖଧର୍ମର କେତେକ ଆଚାର ଅନୁଷ୍ଠାନର ଉଲ୍ଲେଖ ମଧ୍ୟ ଆମେ ପ୍ରଥମେ ସାରଳା ମହାଭାରତରେ ଦେଖିବାକୁ ପାଉ । ସାରଳାଙ୍କ ଜଗନ୍ନାଥ ସ୍ତୁତି, ବ୍ରହ୍ମସ୍ତୁତି ଓ ଶୂନ୍ୟପୁରୁଷଙ୍କ ବର୍ଣ୍ଣନା ମହିମାଧର୍ମର ଶ୍ରେଷ୍ଠ ସାଧକ ଓ ପ୍ରଚାରକ ଭକ୍ତକବି ଭୀମାଭୋଇଙ୍କୁ 'ସ୍ତୁତି ଚିନ୍ତାମଣି' ଓ 'ବ୍ରହ୍ମନିରୂପଣ ଗୀତା' ଆଦି ଗ୍ରନ୍ଥ ଲେଖିବାକୁ ପ୍ରେରଣା ଯୋଗାଇଥିବା ସମ୍ଭବପର । ଚତୁର୍ଥରେ ଓଡ଼ିଆ କାବ୍ୟ-ସାହିତ୍ୟର ଆଦି ପ୍ରବର୍ତ୍ତକ ହେଉଛନ୍ତି ସାରଳାଦାସ । ତାହାଙ୍କ ପୂର୍ବରୁ ରଚିତ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ବିରଚିତ 'ରୁଦ୍ର ସୁଧାନିଧି' ଓ ବଚ୍ଛାଦାସଙ୍କ 'କଳସା ଚଉତିଶା' ବ୍ୟତୀତ ପ୍ରାକ୍ ସାରଳାଯୁଗର ଅନ୍ୟ କୌଣସି ଗ୍ରନ୍ଥ ସାହିତ୍ୟପଦବାଚ୍ୟ ନୁହେଁ । ପରବର୍ତ୍ତୀ କାଳରେ ବହୁ ପ୍ରଖ୍ୟାତ କବି ସାରଳାଙ୍କ ପଦାଙ୍କ ଅନୁସରଣକରି ଓଡ଼ିଆ କାବ୍ୟ-ସାହିତ୍ୟର ଅଭିବୃଦ୍ଧି ସାଧନ କରିଅଛନ୍ତି । ସାରଳାଙ୍କ ପରେ ଓଡ଼ିଆ ସାହିତ୍ୟଗଗନରେ ଯେଉଁ ଜ୍ୟୋତିଷ୍କଗଣ ଦେଖାଦିଅନ୍ତି, ସେମାନେ ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଶିଶୁଶଙ୍କର ଦାସ ଓ ଦୀନକୃଷ୍ଣ ଦାସ । ବଳରାମ ଦାସଙ୍କ ରଚିତ 'ଜଗମୋହନ ରାମାୟଣ' ଓଡ଼ିଆ ସାହିତ୍ୟଭଣ୍ଡାରର ଏକ ଉଜ୍ଜ୍ୱଳରତ୍ନ । ବଳରାମ ଦାସ ତାହାଙ୍କ ରାମାୟଣର ବସ୍ତୁକଳ୍ପନାରେ ସାରଳାଦାସଙ୍କଦ୍ୱାରା ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ପରଶୁରାମଙ୍କଦ୍ୱାରା ମାତୃଶିରଚ୍ଛେଦନ, ଋଷ୍ୟଶୃଙ୍ଗ ଉପାଖ୍ୟାନ, ଗୟାତୀର୍ଥରେ ସୀତାଙ୍କ ବାଲିପିଣ୍ଡଦାନ, ସୂର୍ପଣଖା ଉପାଖ୍ୟାନ, ଗୋପାଳଠାରୁ ରାମଲକ୍ଷ୍ମଣଙ୍କର ଦୁଗ୍ଧପାନ ଏବଂ ବାଳିବଧ ଇତ୍ୟାଦି ଘଟନା ସାରଳା ମହାଭାରତବର୍ଣ୍ଣିତ ରାମଚରିତ୍ରର ଅନୁରୂପ ହୋଇଅଛି । ଋଷ୍ୟଶୃଙ୍ଗ ଉପାଖ୍ୟାନର ଭାଷା ଓ ଭାବ ସାରଳା ମହାଭାରତରୁ ଅବିକଳ ଗୃହୀତ ହେଲା ପରି ମନେହୁଏ । ବାରନାରୀମାନଙ୍କ ସହିତ ଋଷ୍ୟଶୃଙ୍ଗଙ୍କର ଭେଟ, ଋଷ୍ୟଶୃଙ୍ଗଙ୍କ

ସହିତ ସେମାନଙ୍କର କଥୋପକଥନ, ଋଷ୍ୟଶୃଙ୍ଗଙ୍କୁ ବିଭାଣ୍ଡକଙ୍କ ଉପଦେଶ, ବାରନାରୀମାନଙ୍କ ବିରହରେ ଋଷ୍ୟଶୃଙ୍ଗଙ୍କର ମନର ଅସ୍ଥିରତା, ନୌକାରେ ଚେରିବାଡ଼ ମଧ୍ୟରେ କରିତା ଓ ଋଷ୍ୟଶୃଙ୍ଗଙ୍କ ଏକାନ୍ତ ମିଳନ ଇତ୍ୟାଦି ଯାବତୀୟ ବିଷୟ ସାରଳା ମହାଭାରତର ଋଷ୍ୟଶୃଙ୍ଗ ଉପାଖ୍ୟାନର ଅନୁରୂପ ହୋଇଅଛି । ଏଥିରୁ ଅନୁମିତ ହୁଏ ଯେ ସାରଳାଙ୍କ ଋଷ୍ୟଶୃଙ୍ଗ ଉପାଖ୍ୟାନର କାବ୍ୟକଚେତନା ବଳରାମଦାସଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା । ବଳରାମଦାସଙ୍କ ଲକ୍ଷ୍ମୀ ପୁରାଣର ବସ୍ତୁକଳ୍ପନାର ଅନ୍ତରାଳରେ ସାରଳାଙ୍କ ବିଲଙ୍କା ରାମାୟଣ ତଥା 'ଲକ୍ଷ୍ମୀ ନାରାୟେଣୀ ବଚନିକା'ର ପ୍ରଭାବ ସୁସ୍ପଷ୍ଟ । ବିଲଙ୍କା ରାମାୟଣରେ ସାରଳାଦାସ ଯେପରି ସୀତାଙ୍କର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି ବଳରାମଦାସ ଲକ୍ଷ୍ମୀ ପୁରାଣରେ ସେହିପରି ଲକ୍ଷ୍ମୀଙ୍କର କର୍ତ୍ତୃତ୍ୱ ଓ ମହତ୍ତ୍ୱ ପ୍ରତିଷ୍ଠିତ କରିଅଛନ୍ତି । ସାରଳାଙ୍କ ପଦାଙ୍କ ଅନୁସରଣରେ ବଳରାମ ଦାସ ତାହାଙ୍କ 'ବେଦାନ୍ତସାର ଗୁପ୍ତଗୀତା'ରେ ନୀଳାଚଳଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଅଛନ୍ତି ।

ଭାଗବତକାର ଜଗନ୍ନାଥଦାସ ସାରଳା ମହାଭାରତର ଜଣେ ବିମୁଗ୍ଧ ପାଠକ ଥିବା ଅନୁମାନ କରାଯାଏ । ଜଗନ୍ନାଥଦାସଙ୍କ ଭାଗବତ ସାରଳା ମହାଭାରତ ଅପେକ୍ଷା ମୂଳ ସଂସ୍କୃତ ଗ୍ରନ୍ଥର ନିକଟତର । ଏହାର କାରଣ ଭାଗବତ ମୁଖ୍ୟତଃ ଏକ ତତ୍ତ୍ୱମୂଳକ ଗ୍ରନ୍ଥ ଏବଂ ଜଗନ୍ନାଥ ଦାସ ନିଜେ ସଂସ୍କୃତଭାଷାରେ ଜଣେ ଅଦ୍ୱିତୀୟ ପଣ୍ଡିତ ଥିଲେ । ହେଲେହେଁ ସ୍ଥଳ-ବିଶେଷରେ ଜଗନ୍ନାଥଦାସ ଉତ୍କଳର ଆଦିକବି କବିଗୁରୁ ସାରଳାଦାସଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ଦୁର୍ଯ୍ୟୋଧନ ବ୍ୟାସସରୋବରରେ ଆଶ୍ରୟ ଗ୍ରହଣ କରିଥିବା ଅବସ୍ଥାରେ ଅଶ୍ୱତ୍ଥାମାଙ୍କର ସେଠାକୁ ଗମନ, ତାଙ୍କୁ ମୂଳରୁ ସେନାପତି ପଦରେ ବରଣ ନ କରିଥିବା ହେତୁ ଅଶ୍ୱତ୍ଥାମାଙ୍କର ଦୁର୍ଯ୍ୟୋଧନଙ୍କୁ ଭର୍ତ୍ସନା, ପୃଥିବୀ ଅପାଣ୍ଡବା କରିବାପାଇଁ ଦୁର୍ଯ୍ୟୋଧନଙ୍କର ଅଶ୍ୱତ୍ଥାମାଙ୍କୁ ସେନାପତି ପଦରେ ବରଣ, ଭୀମ ଓ ଶ୍ରୀକୃଷ୍ଣଙ୍କର ଛଦ୍ମ ବ୍ରାହ୍ମଣବେଶରେ ଜରାସନ୍ଧ ପୁରରେ ପ୍ରବେଶ ଓ ଜରାସନ୍ଧର ପରାଜୟ, ଅର୍ଜୁନଙ୍କଦ୍ୱାରା ଯୁଦ୍ଧରେ ପରାଜିତ ହେବା ପରେ ଶିବଙ୍କର ଅର୍ଜୁନଙ୍କୁ ବରଦାନ, ପାର୍ବତୀଙ୍କର ଗୁପ୍ତ ପରାମର୍ଶକ୍ରମେ ଅର୍ଜୁନଙ୍କର ପାଶୁପତ ଅସ୍ତ୍ର ପ୍ରାପ୍ତି ଓ ଶିବଙ୍କ ଗୁପ୍ତପରାମର୍ଶକ୍ରମେ ଅର୍ଜୁନଙ୍କର ପାର୍ବତୀଙ୍କଠାରୁ ଅକ୍ଷୟତୂଣିର ପ୍ରାପ୍ତି, ଦୁର୍ଯ୍ୟୋଧନଙ୍କ ଅନୁରୋଧକ୍ରମେ ଦୁର୍ବାସାଙ୍କର ପାଣ୍ଡବମାନଙ୍କର ଆତିଥ୍ୟଗ୍ରହଣ, ପାଣ୍ଡବମାନଙ୍କୁ ବିପଦରେ ସାହାଯ୍ୟ କରିବାପାଇଁ ଶ୍ରୀକୃଷ୍ଣଙ୍କର ଦ୍ରୌପଦୀ ହସ୍ତରୁ ହାଣ୍ଡିରେ ଲାଗିଥିବା ଶାକାନ୍ନଭକ୍ଷଣ ଓ ଅତିଭୋଜନ ଯନ୍ତ୍ରଣାରେ ଦୁର୍ବାସା ଓ ତାହାଙ୍କ ଶିଷ୍ୟଗଣଙ୍କ ସ୍ଥାନତ୍ୟାଗ, ଶ୍ରୀକୃଷ୍ଣଙ୍କ ବିୟୋଗରେ ଅର୍ଜୁନଙ୍କର ବଳହରଣ ଓ ଗୋପାଳମାନଙ୍କ ଆକ୍ରମଣରୁ କୃଷ୍ଣପତ୍ନୀମାନଙ୍କୁ ରକ୍ଷା କରିବାରେ ତାଙ୍କର ଅସାମର୍ଥ୍ୟ ଇତ୍ୟାଦି ଯାହା ସବୁ ଜଗନ୍ନାଥଦାସଙ୍କ ଭାଗବତର ପ୍ରଥମ ସ୍କନ୍ଧରେ ବର୍ଣ୍ଣିତ ହୋଇଅଛି, ସେଥିରେ ଜଗନ୍ନାଥଦାସ ମୂଳ ଭାଗବତ ଅପେକ୍ଷା ସାରଳା ମହାଭାରତଦ୍ୱାରା ଅଧିକ ପ୍ରଭାବିତ ହୋଇଅଛନ୍ତି ।

ଭାଗବତର ଉଷାହରଣ ଉପାଖ୍ୟାନରେ ଉଷାଙ୍କର ସ୍ୱପ୍ନାନ୍ତ ବିଳାପ ବର୍ଣ୍ଣନାରେ ସାରଳା-ମହାଭାରତ ବର୍ଣ୍ଣିତ ଉଷାବିଳାପର ପ୍ରଭାବ ଅନୁସନ୍ଧେୟ ।

"ପ୍ରବୃଦ୍ଧ ବୁଦ୍ଧ ଅବତାରେ / ଜ୍ଞାନ ବିସ୍ତାରେ ଏ ସଂସାରେ ।"—ଜଗନ୍ନାଥ ଦାସଙ୍କର ଏହି ଉକ୍ତି ମୂଳ ସଂସ୍କୃତ ଭାଗବତର ଅନୁଯାୟୀ ନୁହେଁ । ମୂଳ ଭାଗବତରେ ଉଲ୍ଲେଖ ଅଛି ଯେ ବୁଦ୍ଧ ଅସୁରମାନଙ୍କୁ ବିମୋହିତ କରିବାପାଇଁ ମର୍ତ୍ତ୍ୟଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ଏହାଦ୍ୱାରା ବୁଦ୍ଧଚରିତ୍ରର ନ୍ୟୂନତ୍ୱ ସୂଚିତ ହୋଇଅଛି । କିନ୍ତୁ ସାରଳା ମହାଭାରତରେ ସ୍ୱୟଂ ଜଗନ୍ନାଥ ବୌଦ୍ଧାବତାର ରୂପେ ବର୍ଣ୍ଣିତ ହୋଇ ଥିବାରୁ ଜଗନ୍ନାଥଙ୍କର ପରମଭକ୍ତ ଜଗନ୍ନାଥଦାସ ବୁଦ୍ଧ ଚରିତ୍ରକୁ ଉଜ୍ଜ୍ୱଳ ବର୍ଣ୍ଣରେ ଅଙ୍କିତ କରିଅଛନ୍ତି । ଜଗନ୍ନାଥଦାସଙ୍କ ଭାଗବତର କେତେକ ଉକ୍ତିର ଅନ୍ତରାଳରେ ସାରଳା ମହାଭାରତର ପ୍ରତିଧ୍ୱନି ଶୁଣିବାକୁ ମିଳେ । ନିମ୍ନରେ ସାମାନ୍ୟ କେତୋଟି ଉଦାହରଣ ଦିଆଯାଉଛି ।

**ଭାଗବତ :**

"ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।।"

**ସାରଳାମହାଭାରତ :**

"ବହୁଧା ଅବତାରେ ଅବଶ୍ୟ ବିହରିବୁ
ଦୁଷ୍ଟଜନ ମାରି ସନ୍ଥଜନ ପାଳିବୁ ।"

**ଭାଗବତ :**

"ମର୍ତ୍ତ୍ୟମଣ୍ଡଳେ ଜାତହୋଇ । ଦେବତା ହୋଇଲେ ମରଇ ।।"

**ସାରଳାମହାଭାରତ :**

"ହେ ପଣ୍ଡିତଜନେ ଜାତ ହୋଇଲେ ଅବଶ୍ୟ ହୋଏ ମୃତ୍ୟୁ
ପରଲୋକ ବାନ୍ଧବ କୃଷ୍ଣ ହିଁ ସେ ପରମ ତତ୍ତ୍ୱ ।"

**ଭାଗବତ :**

"ସୃଷ୍ଟିର ଅଗ୍ରେ ମୁହିଁ ଏକ । ମୋ ତହୁଁ ପ୍ରକାଶ ଅନେକ ।।
ଏହି ଯେ ଆଦି ମଧ୍ୟ ଅନ୍ତେ । ମୋ ତହୁଁ ଅନ୍ୟ କେ ଜଗତେ ।।"

**ସାରଳାମହାଭାରତ :**

"ଏକେଣ ଅନେକ ସ୍ୱାମୀ ଅନେକ ରୂପ ଧରୁ
ଜାତ ଅନ୍ତ କରିଣ ନାଥ ଗର୍ଭରେ ସଂହରୁ ।"

**ଭାଗବତ :**

"ଆତ୍ମା କୁଶଳେ ସର୍ବସିଦ୍ଧି । ଜାଣିବ ଏହୁ ମହାବଧି ।।"

**ସାରଳା ମହାଭାରତ :**

"ଜନଜନ୍ତୁ ଥିଲେ ଯେ ଦେବତା ପାଆନ୍ତି ପୂଜା
ଆପଣେ ଅତି ତୃପ୍ତ ହୋଇଲେ ସମସ୍ତେ ପାଆନ୍ତି ପୂଜା ।"

**ଭାଗବତ :**

"ଅଗ୍ନି ଯେସନେ ସର୍ବ ଖାଇ । ଆହାରେ ଭଲମନ୍ଦ ନାହିଁ ।।"

**ସାରଳା ମହାଭାରତ :**

"ସମସ୍ତ ଦହନ କରଇ ଅଗ୍ନି ପରତକ୍ଷ
ଦେବତାଏ ନ ଜାଣନ୍ତି ଯେ ଉଚ୍ଛିଷ୍ଟ ।"

ଏଥିରୁ ଅନୁମିତ ହୁଏ ଯେ ଅପୂର୍ବ ସ୍ମୃତିଧର ଜଗନ୍ନାଥ ଦାସଙ୍କ ମାନସପଟରେ ସାରଳା ଦାସଙ୍କ ମହାଭାରତ ଗଭୀର ରେଖାପାତ କରିଥିଲା । ସାରଳା ଦାସଙ୍କ ଭଳି ଜଗନ୍ନାଥ ଦାସ ଯୌନସଂଯମ ଓ ସ୍ୱକୀୟା ପ୍ରେମ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଶ୍ରୀକୃଷ୍ଣଙ୍କର ବିୟୋଗରେ ଅର୍ଜ୍ଜୁନଙ୍କର ବିମର୍ଷଭାବ ଦେଖି ଯୁଧିଷ୍ଠିର ତାଙ୍କୁ ପ୍ରଶ୍ନ କରୁଛନ୍ତି : "ଅଗମ୍ୟା କଲୁ କି ଗମନ / କିବା ହରିଲୁ ସ୍ତ୍ରି-ଧନ ।" ଜଗନ୍ନାଥ ଦାସଙ୍କ 'ତୁଳାଭିଣା'ରେ ସାରଳା ପ୍ରତିପାଦିତ ଶୂନ୍ୟବାଦ ଓ ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱର ପ୍ରତିଫଳନ ଦୃଷ୍ଟ ହୁଏ । ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା'ବର୍ଣ୍ଣିତ "ଶୂନ୍ୟପୁରୁଷ ଶୂନ୍ୟରେ ଅଛଇ / ଶୂନ୍ୟପରେ ରହି ଲୀଳା କରଇ ।" ସାରଳା ମହାଭାରତ ଉଦ୍‌ଯୋଗପର୍ବ ବର୍ଣ୍ଣିତ, "ଶୂନ୍ୟେଣ ଆଉ ନାଥ ଶୂନ୍ୟେଣ ଆସୁ ଯାଉ/ ଅବିକାର ପୁରୁଷ ରୂ କାହାକୁ ଦୃଶ୍ୟ ନୋହୁ ।" ଉକ୍ତିର ପ୍ରତିଧ୍ୱନି ମାତ୍ର । ଅଚ୍ୟୁତାନନ୍ଦଙ୍କ "ଏଇ ମନ ସିନା ଚତୁର୍ଭୁଜ ମୂରତିରେ, ମୂର୍ତ୍ତିମନ୍ତ ।" ସ୍ୱୟଂ ସାରଳାଙ୍କର "ନାରାୟଣ ଆତ୍ମା ଏ ଅଟଇ ମହାଧର୍ମ"ର ଭାଷାନ୍ତର ମାତ୍ର । ସାରଳା ମହାଭାରତବର୍ଣ୍ଣିତ ବିଭିନ୍ନ ଉପାଖ୍ୟାନ ଅବଲମ୍ବନରେ ପରବର୍ତ୍ତୀ କାଳରେ ଯେଉଁସବୁ କାବ୍ୟକବିତା ରଚିତ ହୋଇଥିଲା ସେଗୁଡ଼ିକ ମଧ୍ୟରେ ଶିଶୁଶଙ୍କରଙ୍କ 'ଉଷାଭିଳାଷ', ଭୀମାଧୀବରଙ୍କ 'କପଟପାଶା' ଏବଂ ଉପେନ୍ଦ୍ରଭଞ୍ଜଙ୍କ 'ସୁଭଦ୍ରା ପରିଣୟ' ଅତ୍ୟନ୍ତ ଜନପ୍ରିୟ । ଭକ୍ତଚରଣ ଦାସ ତାହାଙ୍କ 'ମଥୁରାମଙ୍ଗଳ' କାବ୍ୟରେ ଉଲ୍ଲେଖ କରିଅଛନ୍ତି ଯେ ଅକ୍ରୁର କୃଷ୍ଣଙ୍କୁ ଯମୁନାତଟରେ ରଖାଇ ଯମୁନାନଦୀ ଭିତରକୁ ସ୍ନାନ କରିବାକୁ ଯାଇ ଦେଖନ୍ତି ତ ସେଠାରେ ଶ୍ରୀକୃଷ୍ଣ ବିଦ୍ୟମାନ । ଏହି ଦୃଶ୍ୟରେ ଘୋର ବିସ୍ମିତ ହୋଇ ଅକ୍ରୁର ତଟଦେଶକୁ ଦୃଷ୍ଟି ଫେରାଇ ଶ୍ରୀକୃଷ୍ଣଙ୍କୁ ସେଠାରେ ପୂର୍ବଭଳି ବିମାନରେ ଅବସ୍ଥାନ କରୁଥିବାର ଲକ୍ଷ୍ୟ କରନ୍ତି । ଏହା ସାରଳା ମହାଭାରତ ଅଶ୍ୱମେଧପର୍ବରେ ପ୍ରଦତ୍ତ

ବର୍ଣ୍ଣନାର ଅନୁରୂପ । ମଥୁରାମଙ୍ଗଳବର୍ଣ୍ଣିତ 'କଂସର ଚଟାଉ' ସାରଳା ମହାଭାରତରେ ପ୍ରଦତ୍ତ ଶ୍ରୀମୁଖ ଓ ଆଜ୍ଞା ପତ୍ରିକାସମୂହର ଆଦର୍ଶରେ ରଚିତ । ଦୀନକୃଷ୍ଣ ଦାସ ତାହାଙ୍କ 'ରସ କଲ୍ଲୋଳ' ତଥା ଅନ୍ୟାନ୍ୟ କାବ୍ୟ-କବିତାରେ ସାରଳାଦାସଙ୍କ ପଦାଙ୍କ ଅନୁସରଣରେ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ଅଭେଦତ୍ୱ ପ୍ରତିପାଦନ କରିଅଛନ୍ତି । ସାରଳା ମହାଭାରତର ଆଉ ଜଣେ ବିମୁଗ୍ଧ ପାଠକ ହେଉଛନ୍ତି କବିସମ୍ରାଟ ଉପେନ୍ଦ୍ରଭଞ୍ଜ । ତାହାଙ୍କ କାବ୍ୟସମୂହର ଅନୁଧ୍ୟାନରୁ ଜଣାଯାଏ ଯେ ସେ ସାରଳା ଦାସଙ୍କୁ ତାଙ୍କର ଅନ୍ୟତମ କାବ୍ୟଗୁରୁରୂପେ ଗ୍ରହଣ କରିନେଇ-ଥିଲେ । ଉପେନ୍ଦ୍ରଭଞ୍ଜ ସାରଳାଙ୍କୁ ଯେତେ ସମ୍ମାନ ଦେଇଛନ୍ତି ବୋଧହୁଏ ଅନ୍ୟ କୌଣସି କବି ସେତେ ଦେଇପାରିନାହାନ୍ତି । ଏହାର ମୂକସାକ୍ଷୀ ହେଉଛି ଉପେନ୍ଦ୍ରଭଞ୍ଜଙ୍କ ରଚନାବଳୀ । ଉପେନ୍ଦ୍ରଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ସାରଳା ମହାଭାରତର ଛାୟା ସୁସ୍ପଷ୍ଟ । ସାରଳାଦାସ ତାହାଙ୍କ ମହାଭାରତରେ ଜାତକର୍ମ, ରଜୋଦର୍ଶନ, ବିବାହ, ରାଜ୍ୟାଭିଷେକ, ଯାଗଯଜ୍ଞ ଓ ଯୁଦ୍ଧବିଗ୍ରହାଦି ପ୍ରତ୍ୟେକ ଘଟନାର ବର୍ଣ୍ଣନା ପ୍ରସଙ୍ଗରେ ତିଥି ବାର ନକ୍ଷତ୍ର ଯୋଗ ଲଗ୍ନ କରଣାଦିର ଉଲ୍ଲେଖ କରିଅଛନ୍ତି । ସାରଳାମହାଭାରତର ଏହି ପରଂପରା ଅନୁସରଣରେ ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀର ପୁଷ୍ପବତୀ ହେବା ଘଟନା ପ୍ରସଙ୍ଗରେ ଲେଖିଅଛନ୍ତି :

"ଶୁକ୍ଲପକ୍ଷ ଦଶମୀ ଗୁରୁବାରେ
ସିଦ୍ଧ ସାଧ୍ୟଯୋଗ ଯୋଗ ହେବାରେ
ଦିନ ଅଷ୍ଟ ଦଣ୍ଡ ଭୋଗ ଆଦିତ୍ୟ
ଶୁଦ୍ଧବେଳା ତୁଳଲଗ୍ନ ବିଦିତ" × × × ଇତ୍ୟାଦି ।

'ଲାବଣ୍ୟବତୀ' କାବ୍ୟରେ ପୂର୍ବରାଗ ବର୍ଣ୍ଣନାରେ ମଧ୍ୟ ଉପେନ୍ଦ୍ରଭଞ୍ଜ ସାରଳାବର୍ଣ୍ଣିତ ଆଦର୍ଶ ଓ କାବ୍ୟରୀତିର ଅନୁସରଣ କରିଛନ୍ତି । ସାରଳାମହାଭାରତର 'ଉଷାହରଣ' ପରି 'ଲାବଣ୍ୟବତୀ'ରେ ମଧ୍ୟ ନାୟକନାୟିକାଙ୍କର ପ୍ରଥମ ପରିଚୟ ସ୍ୱପ୍ନରେ ହିଁ ହୋଇଛି । 'ଲାବଣ୍ୟବତୀ'ର "ଚେତ ଚରୁଥିଲ ଗ୍ରହିଁଲା ନିଶି ନାଣେ ପାଶେ ନାହିଁ ଦିବ୍ୟ ତରୁଣ" ଛାନ୍ଦ ସାରଳାଦାସଙ୍କ 'ଉଷାହରଣ' ଉପାଖ୍ୟାନବର୍ଣ୍ଣିତ ସ୍ୱପ୍ନାନ୍ତ ବିଳାପର ଅନୁରୂପ ।

"କୋଳେ ବସାଇଣ ଚୁମ୍ବିଲେ ଅଧର
ସ୍ନେହସନକ ସମୟେ ନିଦ୍ରା ଭାଙ୍ଗିଲା ତାହାର ।
ଚକ୍ଷୁମେଲି ଗ୍ରହିଁଲା ବାଳା ପଲଙ୍କ ଉପରକୁ
ନଦେଖି ଦରିଶଣ ନ ପାଇଲା ତାହାକୁ
ହା ପ୍ରାଣନାଥ ବୋଲି ଉଚେ ରାବଦଲା
ଶୁଣି ଚିତ୍ରରେଖା ତବଦ ହୋଇଲା ।" (ମଧ୍ୟପର୍ବ-୬୫୪)

ସାରଳାବର୍ଣ୍ଣିତ ଏହି ସରଳ ବିଷୟବସ୍ତୁ ଉପରେ କଳ୍ପନାର ରଙ୍ଗ ଢାଳି ଉପେନ୍ଦ୍ର ଭଞ୍ଜ ଏକ ଅପୂର୍ବ କାବ୍ୟସାମଗ୍ରୀ ସୃଷ୍ଟି କରିଅଛନ୍ତି । 'ଲାବଣ୍ୟବତୀ'ବର୍ଣ୍ଣିତ ଐନ୍ଦ୍ରଜାଲିକ

ଉପାଖ୍ୟାନ ସାରଳା ମହାଭାରତବର୍ଣ୍ଣିତ ସଂକ୍ଷିପ୍ତ ରାମଚରିତର ଭାଷାନ୍ତର ମାତ୍ର । 'ବୈଦେହୀଶବିଳାସ' କାବ୍ୟର ଋଷ୍ୟଶୃଙ୍ଗ ଉପାଖ୍ୟାନର ବର୍ଣ୍ଣନାରେ ଉପେନ୍ଦ୍ରଭଞ୍ଜ ସାରଳା ମହାଭାରତ ଋଷ୍ୟଶୃଙ୍ଗ ଉପାଖ୍ୟାନର ଭାବ ଓ ଭାଷା ଅବିକଳ ଉଦ୍ଧାର କରିବାକୁ କୁଣ୍ଠାବୋଧ କରିନାହାନ୍ତି । 'ସୁଭଦ୍ରା ପରିଣୟ'ର ବିଷୟବସ୍ତୁ ସାରଳା ମହାଭାରତର 'ସୁଭଦ୍ରାହରଣ' ଆଖ୍ୟାନ ଉପରେ ଆଧାରିତ । 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟରେ ଜଗନ୍ନାଥ ବନ୍ଦନା ପାଠ-କଲାବେଳେ ସାରଳା ମହାଭାରତ ବର୍ଣ୍ଣିତ ନୀଳାଚଳମହାତ୍ମ୍ୟ ଆମର ସ୍ମୃତିପଥାରୂଢ଼ ହୁଏ । କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ରସିକହାରାବଳୀ ଆଦି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟସମୂହର ନାୟିକାମାନଙ୍କର ନାମକରଣର ସାର୍ଥକତା ଆଲୋଚନା କଲାବେଳେ ଆମର ସ୍ମରଣପଥରେ ଉଦ୍ଭାସିତ ହୁଅନ୍ତି ସାରଳା ମହାଭାରତର ଶୋଭାବତୀ, ହାରାବତୀ, ଚନ୍ଦ୍ରାବତୀ ଓ ତ୍ରିଭୁବନ-ମୋହିନୀ ଆଦି ନାୟିକାଗଣ । ଉପେନ୍ଦ୍ର ଭଞ୍ଜ ତାଙ୍କର କାଳ୍ପନିକ କାବ୍ୟଗୁଡ଼ିକର ରଚନାରେ ସାରଳା ମହାଭାରତରୁ ପ୍ରେରଣା ଲାଭ କରିଥିବା ଖୁବ୍ ସମ୍ଭବପର । ଯୌନ ସଂଯମ ଓ ସ୍ୱକୀୟା ପ୍ରେମତତ୍ତ୍ୱର ଯେଉଁ ଉଜ୍ଜ୍ୱଳ ପରମ୍ପରା ସାରଳା ଦାସ ସୃଷ୍ଟି କରିଯାଇଥିଲେ, କାମଚେଷ୍ଟାର ଉତ୍କଟ ବର୍ଣ୍ଣନା ଭିତରେ ମଧ୍ୟ ଉପେନ୍ଦ୍ର ଭଞ୍ଜ ତାହାର ବ୍ୟତିକ୍ରମ ଘଟାଇ ନାହାନ୍ତି । ବିଷୟ ବସ୍ତୁକୁ ଛାଡ଼ିଦେଲେ ରଚନାଶୈଳୀ ଓ ରସକଳ୍ପନାରେ ମଧ୍ୟ ଉପେନ୍ଦ୍ର ଭଞ୍ଜ ସାରଳାଙ୍କ ପଦାଙ୍କ ଅନୁସରଣ କରିଅଛନ୍ତି । ସମ୍ଭୋଗଶୃଙ୍ଗାର ଏବଂ ନାରୀରୂପ ବର୍ଣ୍ଣନାରେ ସାରଳା ଯେଉଁ ଆଦର୍ଶଗତ ପରମ୍ପରା ସୃଷ୍ଟି କରିଥିଲେ ଉପେନ୍ଦ୍ର ତାହାର ଅଭିବୃଦ୍ଧି ସାଧନ କରିଅଛନ୍ତି ।

ଅଭିମନ୍ୟୁ ସାମନ୍ତସିଂହାର ବିରଚିତ ବିଦଗ୍ଧ ଚିନ୍ତାମଣିର 'ଚନ୍ଦ୍ରାବଳୀ ସମ୍ଭୋଗ' ଓ 'କଳାମାଣିକ' ଗ୍ରନ୍ଥ ପାଠକଲାବେଳେ ସାରଳା ମହାଭାରତର ବହୁ ଅପରୂପ ବର୍ଣ୍ଣନା ଆମର ସ୍ମୃତିପଥାରୂଢ଼ ହୁଏ । ସମ୍ଭୋଗ, ଶୃଙ୍ଗାର ଓ ନାରୀରୂପ ବର୍ଣ୍ଣନାରେ ସାରଳା ଦାସ ଯେଉଁ କାବ୍ୟରୀତିର ପ୍ରଚଳନ କରିଥିଲେ, ମଧ୍ୟଯୁଗୀୟ ପ୍ରାୟ ପ୍ରତ୍ୟେକ ଓଡ଼ିଆ କବି ତାର ଅନୁବର୍ତ୍ତିନ କରିଅଛନ୍ତି; କିନ୍ତୁ ସାରଳା ଦାସ ତାହାଙ୍କ ମହାଭାରତରେ ସମରସାହିତ୍ୟର ଯେଉଁ ଉଜ୍ଜ୍ୱଳ ପରମ୍ପରା ସୃଷ୍ଟି କରିଯାଇଥିଲେ, ତାର ଏକମାତ୍ର ସଫଳ ରୂପାୟନ ଆମେ ଦେଖିବାକୁ ପାଉ ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ' କାବ୍ୟରେ ।

ଆଧୁନିକ ଯୁଗରେ କାଳ୍ପନିକ କାବ୍ୟଧାରାର ପ୍ରାଣପ୍ରତିଷ୍ଠାତା କବିବର ରାଧାନାଥ ରାୟ ଯେଉଁ କେତୋଟି ପୌରାଣିକ କାବ୍ୟରଚନା କରିଅଛନ୍ତି, ସେଗୁଡ଼ିକର ବିଷୟବସ୍ତୁ ସେ ମୁଖ୍ୟତଃ ଆହରଣ କରିଛନ୍ତି ସାରଳା ମହାଭାରତରୁ । ଏହି କାବ୍ୟଗୁଡ଼ିକ ମଧ୍ୟରେ ବାଣହରଣ, ବେଣୀସଂହାର, ଦୁର୍ଯୋଧନଙ୍କ ରକ୍ତନଦୀ ସନ୍ତରଣ ଏବଂ ମହାଯାତ୍ରା ପ୍ରଧାନ । "ପଙ୍କଜ-ବାସିନୀ ଦେବୀ ଉତ୍କଳ ଭାରତୀ, ସାରଳେ କି କଲେ କହି କୁରୁଚୂଡ଼ାମଣି ।" ମହାଯାତ୍ରା ମହାକାବ୍ୟର ଏହି ମଙ୍ଗଳାଚରଣରେ ସାରଳା ମହାଭାରତର ପଦଧ୍ୱନି ସୁସ୍ପଷ୍ଟ । 'ମହାଯାତ୍ରାର' ବସ୍ତୁକଳ୍ପନା ଓ ଚରିତ୍ରଚିତ୍ରଣରେ ମଧ୍ୟ ରାଧାନାଥ କେତେକାଂଶରେ ସାରଳାଙ୍କ ପଦାଙ୍କ

ଅନୁସରଣ କରିଅଛନ୍ତି । ସାରଳା ଦାସଙ୍କ ସଦୃଶ ରାଧାନାଥ ମହାଭାରତୀୟ ଆଖ୍ୟାନର ଅନ୍ତରାଳରେ ଉତ୍କଳ ତଥା ଭାରତର ଇତିହାସ ଲିପିବଦ୍ଧ କରିଛନ୍ତି । ଉଭୟ ରଚନାରେ ସାମ୍ରାଜ୍ୟବାଦୀ ଶାସନ ବିରୁଦ୍ଧରେ ବିଦ୍ରୋହର ଇଙ୍ଗିତ ସୁସ୍ପଷ୍ଟ । ଉଭୟଙ୍କର ଲକ୍ଷ୍ୟ ଦେଶାତ୍ମ-ବୋଧର ଜାଗରଣ ।

"ହତ ହେଲେ ସୁଯୋଧନ କୁରୁକ୍ଷେତ୍ର ରଣେ
ଜୟୀ ହୋଇ ଆମ୍ଭେ ତହିଁ ହେଲୁ ଜୀବନ୍ମୃତ
ପୂର୍ବପିତ୍ର ରକ୍ତ ସ୍ରୋତେ ସନ୍ତରି ସନ୍ତାପେ
ସନ୍ତାପର ସିଂହାସନ ହେଲା ସିନା ଲଭ
ଭଙ୍ଗୁର ଭବର ଭାଇ ଲୀଳା ଏହିପରି ।"

ମହାଯାତ୍ରାର ଏହି ପଂକ୍ତିଚୟରେ ସାରଳା ମହାଭାରତର ମର୍ମବାଣୀ ଝଙ୍କୃତ ହୋଇଉଠିଛି । ପାଣ୍ଡବମାନଙ୍କର ଅଗ୍ନିଦେବଙ୍କୁ ଅସ୍ତ୍ରଶସ୍ତ୍ର ସମର୍ପଣ, ଭଗବାନ ଶ୍ରୀକୃଷ୍ଣଙ୍କର ନୀଳାଚଳରେ ଆବିର୍ଭାବ ଓ ନୀଳାଚଳ ଧାମର ଶ୍ରେଷ୍ଠତ୍ୱ ଆଦି କେତେକ ବିଷୟ ସାରଳା ମହାଭାରତ ଅନୁଯାୟୀ ଏଥିରେ ସଂଯୋଜିତ ହୋଇଅଛି । 'ବେଣୀସଂହାର' କାବ୍ୟରେ ରାଧାନାଥ ଯେ କେବଳ ସାରଳା ମହାଭାରତର ବିଷୟବସ୍ତୁ ଗ୍ରହଣ କରିଛନ୍ତି ତାହାନୁହେଁ, ବହୁ ସ୍ଥଳରେ ସାରଳାଙ୍କ ଭାବ ଓ ଭାଷା ମଧ୍ୟ ଅକ୍ଷୁଣ୍ଣ ରଖିଅଛନ୍ତି ।

"ନିଜ ନିନ୍ଦା ଶୁଣି ପାର୍ଥ ଥିଲେ ନିରୁତ୍ତର
ବାସୁଦେବ ନିନ୍ଦାଶୁଣି ରୁଷିଲେ ଆବର ।
ବିଜୟ ଗାଣ୍ଡିବେ ସେ ଖଞ୍ଜିଲେ ଶାୟକ
ଧରିଲେ କିରୀଟୀ କର ରୁକ୍ମିଣୀ ନାୟକ ।
ବୋଲନ୍ତି ଗାଣ୍ଡିବୀ ପ୍ରଭୁ ନକର ବାରଣ
ନଷ୍ଟେ ମୁଁ ରଖିବି ଭୀମ କୋପୁଁ ଦୁଃଶାସନ
ସହି ମୁଁ ପାରଇ ସବୁ ତୁମ୍ଭ ନିନ୍ଦାବାଣୀ
କେଭେ ନ ସହିବି ଏ ମୋ ପଣ ଚକ୍ରପାଣି !
ନଷ୍ଟେ ଏ ନାରାଚେ ମୁଣ୍ଡ କାଟିବି ଭୀମର
ତୁମ୍ଭ ନିନ୍ଦା ଯେ କରେ ସେ ନୋହେ ମୋ ସୋଦର ।

× × ×

ଭଲକରି ଦେଖ ମୋର ଭ୍ରାତାଙ୍କ ବଦନ
ଉପକାରୀ ପୁରୁଷ ଗୋ ଅଟନ୍ତି ଏ ଜନ ।"

ଉପରୋକ୍ତ ପଂକ୍ତିସମୂହରେ ରାଧାନାଥ ସାରଳା ଦାସଙ୍କ ଉକ୍ତିସମୂହକୁ ଅବିକଳ ଉଦ୍ଧାର କରିଛନ୍ତି । ଭାଷାରେ ଯାହା ଟିକିଏ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ରାଧାନାଥଙ୍କ

କ୍ଷୁଦ୍ରରଚନା 'ଦୁର୍ଯ୍ୟୋଧନଙ୍କର ରକ୍ତନଦୀ ସନ୍ତରଣ'ରେ ମଧ୍ୟ ଏହି କାବ୍ୟରୀତି ଅନୁସୃତ ହୋଇଅଛି । 'ବେଣୀସଂହାର' ପରି ଏହା ମଧ୍ୟ ସାରଳା ମହାଭାରତବର୍ଣ୍ଣିତ ବିଷୟର ଭାଷାନ୍ତର ମାତ୍ର । ଏଠିସେଠି ଭାଷାର ସାମାନ୍ୟ ପରିବର୍ତ୍ତନକୁ ଛାଡ଼ିଦେଲେ, ସାରଳା ମହାଭାରତବର୍ଣ୍ଣିତ ସମଗ୍ର ବିଷୟଟିକୁ ଏଥିରେ ଅକ୍ଷୁଣ୍ଣ ରଖାଯାଇଛି । ପ୍ରିୟ ପୁତ୍ର ଲକ୍ଷ୍ମଣ-କୁମାରର ଶବସାହାଯ୍ୟରେ ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ବିଷୟର ବର୍ଣ୍ଣନା ପ୍ରସଙ୍ଗରେ ସାରଳା ଦାସ ଲେଖିଛନ୍ତି—

"ଅପୂର୍ବ ପୁରୁଷେକ ସେ ଦେଖିଲା ଯହୁଁ ଆଗେ
ଛାଡ଼ିକରି ନୃପତି ପୁଣ ଉଠିଲା କୂଳେ ବେଗେ
ତାହାଙ୍କଇଁ ଆକ୍ଷେପି ଧଇଲା ନୃପବର
ତବଦେ ରହିଲା ସେ ରକତ ନଦୀ ଉପର
କେବଣ ମହାତମା ସେ ବଡ଼ାଇ ବିଚକ୍ଷଣ
ସ୍ୱେ ଅବା ମୋତେ କରି ପାରଇ କାରଣ ।
କୋଳକରି ଧଇଲା ତାକୁ ମାନଚକ୍ରବର୍ତ୍ତୀ
ଉପରେ ଥୋଇଲା ନେଇ ଗଦାବର ଦୁହିନ୍ତ
ସତୁରି ସତୁରି ଭାର ବେନି ଗଦାଗରୁ
ସହିଲା ସେ ମୃତ୍ୟୁପିଣ୍ଡ ଭାର ମହାମେରୁ
ଆପଣେ ରାଜା ଯେ ପଡ଼ି ତହିଁପରେ ମାଡ଼ି
ଷୋଳଭେଳା ଜାଣି ଭାସଇ ରକତ ନଦୀରେ ନବୁଡ଼ି ।
ପିଠିରେ ବସିଣ ରାଜା ବାହଇ ବେନି ହାଥେ
ବେନି ଘଡ଼ିରେ ଗଲା ସେ ଯୋଜନ ପରଯନ୍ତେ ।
ଆପଣା ଭୂମିର ଯେ ପଶ୍ଚିମ ଦିବାଭାଗେ
ପାରହୋଇ ମୃତ୍ୟୁପିଣ୍ଡୁ ଉତୁରିଲା ବେଗେ,
ଦ୍ରୋଣ କର୍ଣ୍ଣ ଶଲ୍ୟ ଶକୁନି ଦୁଃଶାସନ ଭୂରିସବା
ତୋହର ପ୍ରାୟେ କେହି ନୋହିଲେରେ ବାବା ।
କେହି ମୋତେ ରକତ ନଦୀରୁ ନ କଲେକ ପାର
ମରି କେବଣ ମହାତମାରୁ ହୋଇଲୁ ଉପୁଗାର ।
ଲେଉଟାଇ ବଦନ ଚାହିଁଇ କୁରୁରାଣ
ନିରେଖି ଚାହିଁଲା ଏ ମୋ କୁମାର ଲକ୍ଷଣ ।" (ଗଦାପର୍ବ-୧୬)

ଏ ପ୍ରସଙ୍ଗରେ ରାଧାନାଥ ଲେଖିଛନ୍ତି—

"ଦେଖିଲେ ଏ କାଳେ ଅଗ୍ରେ ଆସୁଅଛି ଭାସି
ପରମ ସୁନ୍ଦର ଯୁବା ସେହି ଖରସ୍ରୋତେ ।" × × ×

"ଏହି ମୋତେ ନେବ ପଶ୍ଚ ସ୍ରୋତ ପାରକରି
ଏହାପାଇଁ କୁରୁନାଥ କୋଳକରି ତାକୁ
ଉପରେ ଥୋଇଲେ ଦୁଇ ଗଦା ସେ ତଡ଼ିତ
ଆପେ କୁରୁନାଥ ପରେ ବସିଲେକ ମାଡ଼ି
ଶୋଳ ଜଣି ଭସେ ଶବ ସେ ରୁଧିର ସ୍ରୋତେ
ପିଠିରେ ବସିଣ ରାଜା ବେନହାତେ ବାହି
ଦ୍ୱିଘଡ଼ିରେ ଉପନୀତ ହେଲେ ପରପାରେ
ପାରହୋଇ ମୃତପିଣ୍ଡୁ ଓହ୍ଲାଇ ତ୍ୱରିତେ
ବୋଇଲେ ସେ ଶବ ପ୍ରତି ଦୁଃଶାସନ ଆଦି
ଯୋଗେ ଯା ନୋହିଲା ସାଧି ହେଲା ତୋହ ଯୋଗେ
କିଏ ତୁ ମହାତ୍ମା ? ମୃତ ହୋଇ ଉପକାରୀ
ହେଲୁ ଏଡ଼େ ତୁହି ମୋର ଏ ଆତଙ୍କ ବେଳେ ?
ବୁଲାଇ ସେ ଶବ ମୁଖ ନିରେଖନ୍ତେ ପୁଣି
ଚହ୍ନିଲେ ସଖେଦେ ରାଜା କୁମାର ଲକ୍ଷ୍ମଣେ ।" × × ×

ଏ ଦୁଇ ରଚନା ମଧ୍ୟରେ ଭାଷା, ଭାବ ଓ ରସଗତସାମ୍ୟ ଦେଖିଲେ ବିସ୍ମିତ ହେବାକୁ ପଡ଼େ । ଏଥିରୁ ରାଧାନାଥଙ୍କ ଗୁଣ ଗ୍ରାହକତାର ପରିଚୟ ମିଳେ । ଏତଦ୍ଦ୍ୱାରା ସେ କବିଗୁରୁ ସାରଳାଦାସଙ୍କ ମହାନ୍ କବି ପ୍ରତିଭାପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିଅଛନ୍ତି ।

କାଳ୍ପନିକ କାବ୍ୟରଚନାରେ ମଧ୍ୟ ରାଧାନାଥ ସାରଳାଦାସଙ୍କ ରଚନାଶୈଳୀଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ସାରଳାଦାସ କୃତ୍ତିବାସକ୍ଷେତ୍ର ନାମକୁ ଭିତ୍ତିକରି କୀର୍ତ୍ତି ଓ ବାସନ ଦୈତ୍ୟ ଉପାଖ୍ୟାନ ସୃଷ୍ଟି କଲାପରି ରାଧାନାଥ କେଦାର-ଗୌରୀ ମନ୍ଦିର ଓ ନନ୍ଦକେଶ୍ୱରୀ ପଠାର ନାମକରଣକୁ ଭିତ୍ତିକରି ତାହାଙ୍କର କେଦାରଗୌରୀ ଓ ନନ୍ଦିକେଶ୍ୱରୀ କାବ୍ୟ ରଚନା କରିଛନ୍ତି । ଅବଶ୍ୟ ରାଧାନାଥଙ୍କ. କାଳ୍ପନିକ କାବ୍ୟ ସମୂହରେ ଭାରତୀୟ ପୌରାଣିକ ସାହିତ୍ୟ ଅପେକ୍ଷା ଇଂରାଜୀ ଓ ଗ୍ରୀକ୍ ସାହିତ୍ୟର ପ୍ରଭାବ ଯଥେଷ୍ଟ ଅଧିକ । ସାରଳା ଦାସ କୋଣାର୍କ, ରାମଚଣ୍ଡୀ, ଅମରାବତୀ, କପିଳାସ ଓ ନୀଳାଚଳ ଇତ୍ୟାଦି ସ୍ଥାନମାନଙ୍କର ନାମକରଣରେ ସାର୍ଥକତା ପ୍ରତିପାଦନ ନିମିତ୍ତ ନିଜର ଅଦ୍ଭୁତ କଳ୍ପନା ଶକ୍ତି ବଳରେ ନାନା ଚମତ୍କାରିକ ଉପାଖ୍ୟାନ ସୃଷ୍ଟି କରିଛନ୍ତି । କବିବର ରାଧାନାଥଙ୍କ ରଚନା-ବଳୀରେ ସାରଳାଦର୍ଶିତ ଏହି ରୀତି ଅନୁସୃତ ହୋଇଅଛି । ସାରଳାଦର୍ଶିତ ମାର୍ଗର ଅନୁସରଣରେ ରାଧାନାଥ ଉତ୍କଳର ନଦନଦୀ, ହ୍ରଦ, ସରୋବର ଓ ବନ ପର୍ବତକୁ ତାଙ୍କ କାବ୍ୟର ଆଲମ୍ବନ ବିଭାବ ରୂପରେ ଗ୍ରହଣ କରି ଅପୂର୍ବ ଦେଶାତ୍ମବୋଧର ପରିଚୟ ପ୍ରଦାନ କରିଅଛନ୍ତି । ସାରଳାଙ୍କ ପଦାଙ୍କ ଅନୁସରଣରେ ସେ ସ୍ଥଳବିଶେଷରେ ନାୟକ ନାୟିକାଙ୍କ

ପୂର୍ବଜନ୍ମ ବୃତ୍ତାନ୍ତ ପ୍ରଦାନ କରିଅଛନ୍ତି । ଗଙ୍ଗାଧରଙ୍କ କୀଚକ ବଧ, ମଧୁସୂଦନଙ୍କ କର୍ଣ୍ଣବଧ ଓ ନନ୍ଦକିଶୋରଙ୍କ ଶମନ୍ତୁ କାବ୍ୟସମୂହର ବିଷୟବସ୍ତୁ ମଧ୍ୟ ମୁଖ୍ୟତଃ ସାରଳା ମହାଭାରତରୁ ଗୃହୀତ ହୋଇଅଛି । ବିରାଟପର୍ବରେ ଗୋଧନ ହରଣ ବର୍ଣ୍ଣନା ପ୍ରସଙ୍ଗରେ ବର୍ଣ୍ଣିତ ଅର୍ଜୁନଙ୍କ ରଥ ଦର୍ଶନରେ କୁରୁ ସେନାପତିମାନଙ୍କ ବିସ୍ମୟବୋଧ ସହିତ 'ତପସ୍ୱିନୀ' ଦ୍ୱିତୀୟ ସର୍ଗରେ ନିର୍ବାସିତା ସୀତାଙ୍କ ଦର୍ଶନ ଓ ବିଳାପଧ୍ୱନି ଶ୍ରବଣଜନିତ ମୁନିକୁମାରୀମାନଙ୍କ ବିସ୍ମୟବୋଧ ଓ କଳ୍ପନା ଜଳ୍ପନା ତୁଳନୀୟ । ଏଥିରୁ ଅନୁମିତହୁଏ ଯେ ଗଙ୍ଗାଧର ସାରଳା ଦାସଙ୍କ ରଚନାଶୈଳୀଦ୍ୱାରା ପ୍ରଭାବିତ ହୋଇଥିଲେ । ସ୍ୱାଧୀନୋତ୍ତର ଯୁଗରେ ବହୁ କାବ୍ୟ, ଗୀତିକବିତା, ନାଟକ, ସୁଆଙ୍ଗ ଓ ଗୀତିନାଟ୍ୟ ସାରଳା ମହାଭାରତର କଥାବସ୍ତୁ ଅବଲମ୍ବନରେ ରଚିତ ହୋଇଅଛି । ସାରଳାଙ୍କ ଚରିତ୍ରଚିତ୍ରଣ ଉତ୍କଳୀୟ ଜନମାନସକୁ ଏପରି ଗଭୀର ଭାବରେ ପ୍ରଭାବିତ କରିଅଛି ଯେ ପରବର୍ତ୍ତୀ ଯୁଗରେ କୌଣସି କବି ବା ନାଟ୍ୟକାର ଏହାର ଅନ୍ୟଥାକରଣରେ ପ୍ରୟାସୀ ହୋଇନାହାନ୍ତି; ହେଲେମଧ୍ୟ ସଫଳ ହୋଇନାହାନ୍ତି । ଭୀମ, ନାରଦ ଓ ଶ୍ରୀକୃଷ୍ଣ ଚରିତ୍ର ପ୍ରତି ଏହା ବିଶେଷ ଭାବରେ ପ୍ରଯୁଜ୍ୟ । ଓଡ଼ିଆ ସାହିତ୍ୟରେ ସାରଳା ଅନନ୍ତ ପ୍ରେରଣାର ଉତ୍ସ । ତାହାଙ୍କ କାବ୍ୟର ଅମୃତରସ ପ୍ଲାବନରେ ଓଡ଼ିଆ ସାହିତ୍ୟ ଯୁଗେ ଯୁଗେ ଅଭିସେଚିତ, ପୁଷ୍ପିତ ଓ ପଲ୍ଲବିତ ହେଉଥିବ । ଓଡ଼ିଆ ଜାତି କବିଗୁରୁ ସାରଳାଙ୍କୁ କଦାପି ଭୂଲି ପାରିବନାହିଁ ।

ସାରଳା-ସାହିତ୍ୟର ଭାଷା ସରଳ, ଅନାଡ଼ମ୍ବର ଓ ନିସର୍ଗସୁନ୍ଦର । କୌଣସି ପ୍ରକାର କୃତ୍ରିମତା ଏହାକୁ ସ୍ପର୍ଶ କରିନାହିଁ । ଏହାର ଅର୍ଥଗ୍ରହଣ କରିବାରେ ପାଠକ ବା ଶ୍ରୋତାର କୌଣସି ଅସୁବିଧା ହୁଏନାହିଁ । ପଢ଼ିବା ବା ଶୁଣିବା ମାତ୍ରେ ଏହାର ଅନ୍ତର୍ନିହିତ ଭାବ ମାନସପଟରେ ଗଭୀର ରେଖାପାତ କରେ । ଘଟଣାଗୁଡ଼ିକ ପାଠକର ଚକ୍ଷୁସମକ୍ଷରେ ଘଟି ଯାଉଥିବା ଭଳି ମନେହୁଏ । କି ଘଟଣା ବିନ୍ୟାସ, କି ଚରିତ୍ରଚିତ୍ରଣ, କି ରୂପବର୍ଣ୍ଣନା ସର୍ବତ୍ର ଏହି ରୀତି ଅନୁସୃତ ହୋଇଅଛି । ଭାଷା ପାଇଁ ସାରଳାଙ୍କୁ ଖୋଜି ଲୋଡ଼ିଯିବାକୁ ପଡ଼ିନାହିଁ । ମହାକବି ଭବଭୂତି 'ଯଠ ବ୍ରହ୍ମାଣମିସ୍ୟଂ ବାଗ୍‌ବିଶ୍ୟୋବାନୁବର୍ତ୍ତତେ' କହିଲାଭଳି କାବ୍ୟରସର ଅମୃତଧାରା ତାଙ୍କ ଲେଖନୀରୁ ସ୍ୱତଃ ନିଃସୃତ ହୋଇ ଅନର୍ଗଳ ଭାବରେ ବହି ଚାଲିଛି । ଯେପରିକି ତାହା କୌଣସି ବାଧାବନ୍ଧନ ମାନିବାକୁ ଚାହେଁନାହିଁ । ବେଦ, ବେଦାନ୍ତ, ସାଙ୍ଖ୍ୟ ଯୋଗାଦି ଶାସ୍ତ୍ରର କଠିନ ଆଧ୍ୟାତ୍ମିକ ଭାବସମୂହକୁ ସେ ଯେପରି ସରଳ ଭାଷାରେ ଅଭିବ୍ୟକ୍ତ କରିଛନ୍ତି ତାହା ଦେଖିଲେ ବିସ୍ମୟର ସୀମା ରହେନାହିଁ । ସେ ଯେତେବେଳେ ଯେଉଁ ଭାବ ପ୍ରକାଶ କରିବାକୁ ଚାହିଁଛନ୍ତି ବା ଯେଉଁ ରସ ସୃଷ୍ଟି କରିବାକୁ ଇଚ୍ଛାକରିଛନ୍ତି ତାହା ସେ ଅନାୟାସରେ କରିପାରିଛନ୍ତି । ଅଳଙ୍କାର ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ବୀର, ରୌଦ୍ରାଦି ଦୀପ୍ତରସ ସମୂହର ସମ୍ୟକ୍ ପରିସ୍ଫୁଟନ ପାଇଁ ଦୀର୍ଘସମାସାନ୍ତ ପଦଯୋଜନାର ଏକାନ୍ତ ପ୍ରୟୋଜନୀୟତା ରହିଅଛି । କିନ୍ତୁ କେବଳ ଉପଯୁକ୍ତ ଶବ୍ଦଚୟନ ଓ ଧ୍ୱନି ସଙ୍କଳନଦ୍ୱାରା ସାରଳା ଦାସ ଏ କ୍ଷେତ୍ରରେ ଯେଉଁ ଆଶ୍ଚର୍ଯ୍ୟଜନକ ସିଦ୍ଧି ଲାଭ କରିଅଛନ୍ତି ତହିଁରୁ ତାଙ୍କର

ଅସାମାନ୍ୟ କବିପ୍ରତିଭାର ପରିଚୟ ମିଳେ । ଅନେକ କାବ୍ୟ ଅଛି ଯାହାକୁ ଥରେ ପଢ଼ିସାରିବା ପରେ ଆଉଥରେ ପୃଷ୍ଠା ଓଲଟେଇବାକୁ ଇଚ୍ଛାହୁଏ ନାହିଁ । କିନ୍ତୁ ସାରଳା ଦାସଙ୍କ କାବ୍ୟର ଭାବ ଓ ଭାଷା ଚିର ନୂତନ ଓ ଚିର ସବୁଜ । "ସୁନ୍ଦରେର୍‌ପ୍ରତିରେ ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ" କବିବର ରାଧାନାଥଙ୍କ ଏହି ଉକ୍ତି ସାରଳା ଦାସଙ୍କ ରଚନା ପ୍ରତି ଅକ୍ଷରେ ଅକ୍ଷରେ ପ୍ରଯୁଜ୍ୟ ।

ସାରଳା ସାହିତ୍ୟର ଭାଷା ଏକାଧାରରେ ବାସ୍ତବ, ଜୀବନ୍ତ ଓ ଅସାଧାରଣ ଶକ୍ତିଶାଳୀ । ପ୍ରାଣପ୍ରଚୁରତାହିଁ ଏହାର ପ୍ରଧାନ ବିଶେଷତ୍ୱ । ସାରଳା ସାହିତ୍ୟର ଭାଷା ଓ ରଚନାରୀତି ଏପରି ବଳିଷ୍ଠ ଯେ ତାହାଙ୍କ ଉକ୍ତି ଗୁଡ଼ିକ ପ୍ରବାଦ ଓ ପ୍ରବଚନ ଆକାରରେ ଜନ-ମାନସରେ ଚିରଦିନ ପାଇଁ ଲିପିବଦ୍ଧ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଶାଶ୍ୱତ ସମ୍ପଦରେ ପରିଣତ ହୋଇଛି । ସାରଳା ମହାଭାରତବର୍ଣ୍ଣିତ ଉପାଖ୍ୟାନ ସମୂହରୁ ଯେଉଁସବୁ ପ୍ରବଚନର ସୃଷ୍ଟି ହୋଇଛି ସେଗୁଡ଼ିକ ମଧ୍ୟରୁ କେତୋଟି ହେଲା—ଟିମାଣି ଖେଳରୁ ମହାଭାରତ; ଉଆଁସୀ କନିଆକୁ ସାହାଡ଼ା ଗଛ ବର; ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ; ଭୀମବଳ କୋଇନ୍ତାଙ୍କୁ ଜଣା; ପହିଲିବାଜି ଭୀମ ହାରେ; କର୍ଣ୍ଣ ମଲେ ପାଞ୍ଚ ଅର୍ଜ୍ଜୁନ ମଲେ ପାଞ୍ଚ; କୀଚକ ବାହୁବଳେ ବିରାଟ ରାଜା; ଦରକାରବେଳେ ଭଗବାନ୍ ବି ଗଧପାଦ ଧରନ୍ତି; ଭିରଜା ନିମନ୍ତେ ସାନଲଣାକୁ ନମସ୍କାର; ମୂର୍ଖକୁ ମହାଦେବ ବି ଡରନ୍ତି; ଯେଉଁ ଗାଣ୍ଡିବ ହାତେ, ସେହି ଗାଣ୍ଡୀବ ମାଥେ; ଏକୋଇରବିଳା ବିଗିକେଶନ. ଭୂରିଶ୍ରବା ପାଗ ବାନ୍ଧ, ବାନ୍ଧ କଚେରି ବିରଖାସ୍ତ; ନର କଥା ନାରାୟଣଙ୍କୁ ଅଗୋଚର; ନର ବା କୁଞ୍ଜରେ ଅଶ୍ୱତ୍ଥାମା ହତ; ଇତ୍ୟାଦି । ସାରଳା ମହାଭାରତର ଶକୁନି, ଶିଖଣ୍ଡୀ, କୋକୁଆଭୟ, ତୁଳସୀବଣ ବାଘ, ତୁଳାମୁହାଁ କାଙ୍କ, ଯଦୁବଂଶ ଧ୍ୱଂସ ଇତ୍ୟାଦି ନାମଗୁଡ଼ିକ ମଧ୍ୟ ସେଗୁଡ଼ିକର ମୂଳ ଅର୍ଥ ହରାଇ ଲୋକରେ ପ୍ରବଚନ ଆକାରରେ ବ୍ୟବହୃତ ହେଉଅଛି । ସାରଳାଙ୍କର ଓଡ଼ିଆ ଭାଷାରେ ଅଗାଧ ପ୍ରବେଶ ଥିଲା ଏବଂ ଓଡ଼ିଆ ଭାଷାର ପ୍ରକୃତି ସେ ଉତ୍ତମରୂପେ ଅଧ୍ୟୟନ କରିଥିଲେ । ସେଥିପାଇଁ ସଂସ୍କୃତ ଧାତୁ ଓ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗଦ୍ୱାରା ଅସଂଖ୍ୟ ନୂତନ ଶବ୍ଦ ସୃଷ୍ଟି କରି ସେ ଓଡ଼ିଆଭାଷାର ସମୃଦ୍ଧି ସାଧନ କରିଅଛନ୍ତି । ତାଙ୍କର ଅକ୍ଳାନ୍ତ ଶ୍ରମ ଓ ସାଧନା ଫଳରେ ଓଡ଼ିଆ ଭାଷା ତାର ଶୈଶବକୁ ଅତିକ୍ରମକରି ଏକ ସମୃଦ୍ଧ ଓ ପରିପକ୍ୱ ଭାଷାରେ ପରିଣତ ହୋଇଥିଲା । ଅବଶ୍ୟ ସାରଳାଙ୍କ ରଚନାବଳୀରେ ମୁକୁଳୁକୁ, ଆମ୍ଭନ୍ତ-ତୁମ୍ଭନ୍ତ, ନେସି, ବେସି, ଯିସିତସ, କେଉଣ ଯେଉଣି ରାଗେଣି ଓ ଛନ୍ଦେଣି ଆଦି ବହୁ ପ୍ରାଚୀନ ପ୍ରୟୋଗ ଦେଖିବାକୁ ମିଳେ । ସାରଳାଙ୍କ ସମୟରେ ସଂସ୍କୃତ ଓ ପ୍ରାକୃତ ଭାଷାର ପ୍ରାଧାନ୍ୟ ଥିଲା । ସାରଳାଦାସ ସଂସ୍କୃତ ଓ ପ୍ରାକୃତ କବଳରୁ ଓଡ଼ିଆକୁ ମୁକ୍ତକରି ଏକ ପରିପୁଷ୍ଟ ସ୍ୱାଧୀନ ଭାଷାରୂପେ ପ୍ରତିଷ୍ଠିତ କରାଇବାପାଇଁ କଠୋର ସଂଗ୍ରାମ ଚଳାଇଥିଲେ । ଉପରୋକ୍ତ ପ୍ରୟୋଗ-ମାନ ଉକ୍ତ ସଂଗ୍ରାମର କ୍ଷତଚିହ୍ନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହାଛଡ଼ା ସାରଳା ଦାସ ଲୋକରେ ପ୍ରଚଳିତ ଉଚ୍ଚାରଣ ପଦ୍ଧତିର ଅନୁସରଣରେ ସ୍ଥଳବିଶେଷରେ ଉକାର

ସ୍ଥାନରେ ଓକାର, ଅକାର ସ୍ଥାନରେ ଏକାର ଏବଂ କେତେକ ସ୍ଥଳରେ ଅକାର ସ୍ଥାନରେ ବକାରର ବ୍ୟବହାର କରିଅଛନ୍ତି । ଉଦାହରଣସ୍ୱରୂପ ସେ କୁବେର ଓ ରୁଧିର ସ୍ଥାନରେ କୋବେର ଓ ରୋଧିର, ସୁନ୍ଦରୀ ଓ ପାବନ ପରିବର୍ତ୍ତିରେ ସୁନ୍ଦେରୀ ଓ ପାବେନ ଏବଂ ଶରୀର ଓ ସତୀ ସ୍ଥଳରେ ଶ୍ବରୀର ଓ ସ୍ୱତୀ ଲେଖିଛନ୍ତି । ସ୍ଥାନେସ୍ଥାନେ ବର୍ଣ୍ଣାଗମ, ବର୍ଣ୍ଣଲୋପ, ବର୍ଣ୍ଣ ବିପର୍ଯ୍ୟୟ ଓ ବର୍ଣ୍ଣ ସଂକ୍ଷେପର ଉଦାହରଣ ମଧ୍ୟ ଦୃଷ୍ଟ ହୁଏ; ଯଥା—

ବର୍ଣ୍ଣାଗମ—ଜାମ୍ବିକ, ଶଙ୍କୁନ, ଅନ୍ଧକାର, ଛଦ୍ରମ, ଦାମ୍ବୋଦର, ଅନାଥ (ଅନାଥ) ଇତ୍ୟାଦି ।

ବର୍ଣ୍ଣଲୋପ—ଅସ୍ର (ଅସ୍ତ୍ର), ସଭାବ (ସ୍ୱଭାବ), ସନ୍ୟ, ବଶ୍ୟ, ପ୍ରତଜ୍ଞା ଇତ୍ୟାଦି ।

ବର୍ଣ୍ଣ ବିପର୍ଯ୍ୟୟ—ରୁଷ୍ଟି ବଇଲ ଇତ୍ୟାଦି ।

ବର୍ଣ୍ଣ ସଂକ୍ଷେପ—ତୋଣ (ତୂଣୀର), ସ୍ରାଗ (ସରଗ) ଇତ୍ୟାଦି ।

ଏହାଛଡ଼ା ରକାର ସ୍ଥାନରେ ଡକାର, ମକାର ସ୍ଥାନରେ ବକାର, ବକାର ସ୍ଥାନରେ ମକାର, ମହାପ୍ରାଣ ବର୍ଣ୍ଣସ୍ଥାନରେ ଅଳ୍ପପ୍ରାଣ ବର୍ଣ୍ଣ ଏବଂ ଅଳ୍ପପ୍ରାଣ ବର୍ଣ୍ଣ ସ୍ଥାନରେ ମହାପ୍ରାଣ ବର୍ଣ୍ଣର ବ୍ୟବହାର ମଧ୍ୟ ଦୃଷ୍ଟହୁଏ । ଉଦାହରଣ—ଉଡଙ୍ଗ (ଉରଗ), ନିର୍ବାଣ (ନିର୍ମାଣ), ମତ୍ସଳ (ବତ୍ସଳ), ଧୁଃଶାସନ (ଦୁଃଶାସନ), ଅଗାଦ (ଅଗାଧ) । ପ୍ରାକୃତଶୈଳୀରେ ମଦନସ୍ଥାନରେ ମୟାଣ, କାଣ୍ଡାରୀ ପରିବର୍ତ୍ତିରେ କଣ୍ଡେଆର ଓ ଗରୟସୀ ସ୍ଥଳରେ ଗରୁହଂସୀ ପରି ବହୁ ବ୍ୟବହାର ମଧ୍ୟ ଦୃଷ୍ଟ ହୁଏ । ସ୍ଥୂଳତଃ ସାରଳାଦାସ ଶବ୍ଦଚୟନ ଓ ଶବ୍ଦ ନିର୍ମାଣରେ ସମ-ସାମୟିକ ଉଚ୍ଚାରଣ ପଦ୍ଧତିର ଅନୁସରଣ କରିଅଛନ୍ତି । ଲୋକପ୍ରଚଳିତ ଉଚ୍ଚାରଣଭଙ୍ଗୀର ଅନୁସରଣରେ ସେ ଯୁଧିଷ୍ଠିର ସ୍ଥଳରେ ପୁଟିଷ୍ଟି, ସବ୍ୟସାଚୀ ସ୍ଥାନରେ ସର୍ବଶାଚୀ, ଶିଖଣ୍ଡି ସ୍ଥାନରେ ଶ୍ରୀଖଣ୍ଡି ବୋଲି ଉଲ୍ଲେଖ କରିଅଛନ୍ତି । ଏହା ସଂସ୍କୃତାନୁସାରୀ ନହେଲେ ମଧ୍ୟ ଧ୍ୱନିବିଜ୍ଞାନସମ୍ମତ । ସାରଳାଦାସଲିଖିତ ଭାଷାକୁ କଥିତ ଭାଷାର ଅନୁଗାମୀ କରି ବିଜ୍ଞତାର ପରିଚୟ ପ୍ରଦାନ କରିଛନ୍ତି । ଆଧୁନିକ ଯୁଗରେ ଲିଖିତ ଭାଷା ସଂସ୍କୃତାଭିମୁଖୀ ହେବା ଫଳରେ କଥିତଭାଷା ଓ ଲିଖିତ ଭାଷା ମଧ୍ୟରେ ବ୍ୟବଧାନ ବୃଦ୍ଧିପାଇଛି । ଭାଷାର ସ୍ୱାଭାବିକ ବିକାଶ ପଥରେ ଏହା ଯେ ଏକ ଅନ୍ତରାୟ ଏଥିରେ ସନ୍ଦେହ ନାହିଁ । ସାରଳାଦାସ ତାହାଙ୍କ ଶ୍ରମ ଓ ସାଧନାବଳରେ ଓଡ଼ିଆ ଭାଷାକୁ ଏକ ସର୍ବସମ୍ମତ ସାର୍ବଜନୀନ ରୂପ ଦାନ କରିବାରେ ସମର୍ଥ ହୋଇଛନ୍ତି । ପାଞ୍ଚଶହ ବର୍ଷତଳେ ରଚିତ ତାଙ୍କର କାବ୍ୟର ଭାଷାକୁ ପଢ଼ିଲେ ମନେ ହୁଏ ଏହା ଯେପରି ସଦ୍ୟ ଲିଖିତ ହୋଇଅଛି ।

"ଇନ୍ଦ୍ର ବୋଇଲେ ଗୁରୁ ହେ ନକହ ଏମନ୍ତ
ଯାହାର କୁଳେ ଯୁଦ୍ଧ କରୁଛନ୍ତି ଜଗନ୍ନାଥ ।
ବିଷ୍ଣୁ ଈଶ୍ୱର ଦୁହେଁ ଆରମ୍ଭିଛନ୍ତି ରଣ
କଳ୍ପଦାନବର ଆଉ ରହିବ କାହିଁ ପ୍ରାଣ ।

ମନ୍ତ୍ରୀଙ୍କ ସକଳ କହି ବିଜୟେ ସୁରପତି
ମହାନ୍ଦ୍ର ପର୍ବତ ତଳେ ଯାଇଣ ମିଳନ୍ତି ।
କଳ୍ପାରି ତୁଲେ ଯୁଦ୍ଧ ନାରାୟଣ ହରି
ଦେବ ସଇନ ତୁଲେ ଯେ ପ୍ରବେଶ ସୁରେଶ୍ୱରୀ ।" (ବନ-୬୮୭)

ସାରଲ୍ୟ, ଶାଳୀନତା ଏବଂ ସହଜ ମନୋହାରତାରେ ଏ ଭାଷା ଯେ ଅତୁଳନୀୟ ଏଥିରେ ସନ୍ଦେହ ନାହିଁ । ଯଥାର୍ଥରେ ସାରଳାଦାସ କେବଳ ଓଡ଼ିଆ ସାହିତ୍ୟର ଆଦି ମହାକବି ନୁହନ୍ତି, ଓଡ଼ିଆ ଭାଷାର ଜନକ ମଧ୍ୟ । ସାରଳା ଓଡ଼ିଆ ଭାଷାର ଯେଉଁ ଦୃଢ଼ ମୂଳଦୁଆ ପକାଇଥିଲେ ତାହାର ଉପରେ ସୌଧ ନିର୍ମାଣ କଲେ ଜଗନ୍ନାଥଦାସ ଏବଂ ସେହି ଭାଷା ହିଁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଆଦର୍ଶ ହୋଇ ରହିଅଛି । ସାରଳାଙ୍କ ଭାଷାର ପ୍ରଧାନ ବିଶେଷତ୍ୱ ହେଉଛି ତାର ପ୍ରାଣପ୍ରଚୁରତା ଓ ସ୍ୱଚ୍ଛନ୍ଦ ସାବଲୀଳତା । ଭଞ୍ଜ ଯୁଗରେ ଶବ୍ଦାଳଙ୍କାର ଓ ଚିତ୍ରକାବ୍ୟର ମୋହ ଏବଂ ରାଧାନାଥ ଯୁଗରେ ସଂସ୍କୃତାନୁସାରୀ ଭାଷାର ଆକର୍ଷଣ ଯୋଗୁଁ ଓଡ଼ିଆ ଭାଷାର ପକ୍ଷଚ୍ଛେଦ ହୋଇଗଲା । ଗୋଟିଏ ଦୁଇଟି ଦୃଷ୍ଟାନ୍ତଦେଲେ ଏହାର ସତ୍ୟତା ପ୍ରତିପନ୍ନ ହେବ ।

(୧) "ବିରହୀ ସୁମନା ହିତେ । ବିଟ ମଧୁଲିଟ ବ୍ରାତେ
ବ୍ୟଥିତ ତେଜି ସମଦେ ରସେ ମଜ୍ଜି ଅନବରତରେ ମାତେ ।"(ବୈଦେହୀଶ ବିଳାସ)

(୨) "ଅହିମ କର ତାପ ନାଶେ ଶୋଭି ସାରସ ଚନ୍ଦେ
ଅହିମ କର ତାପ ନାଶେ ଶୋଭି ସାରସ ଚନ୍ଦେ ।" (ବିଦଗ୍ଧଚିନ୍ତାମଣି)

(୩) "ମେଘାକର୍ଷୀ ମହାଚଣ୍ଡ ପକ୍ଷବେଗେ
ହେମାଙ୍ଗ ପକ୍ଷୀନ୍ଦ୍ର ବଳେ ହରିଲେ ଅମୃତ
ସୁରେନ୍ଦ୍ର ରକ୍ଷିତ ଶଶୀମଣ୍ଡଳୁ ଯେସନେ ।" (ମହାଯାତ୍ରା)

ସାରଳା ସାହିତ୍ୟର ସାରଲ୍ୟ, ସ୍ୱଚ୍ଛନ୍ଦ ସାବଲୀଳତା, ସହଜମନୋହାରତା, ଓ ପ୍ରାଣ-ପ୍ରଚୁରତା ଏଥିରେ ନାହିଁ । ଅଳଙ୍କାରର ନିଗଡ଼ ବନ୍ଧନ ଭିତରେ ଭାଷା ଏଠି ନିସ୍ତେଜ ଓ ନିଷ୍ପ୍ରାଣ । ଏ ଭାଷା ଓଡ଼ିଆ ହେଲେହେଁ ବସ୍ତୁତଃ ସଂସ୍କୃତ । ଉତ୍କଳଭାରତୀ ଏଠି ସଂସ୍କୃତର ଆଲୋକରେ ଆଲୋକିତା ହେଲେହେଁ ସ୍ୱ ମହିମାରେ ମହିମାନ୍ୱିତା ନୁହନ୍ତି । ଏଠାରେ ଆମେ ସାରଳାଙ୍କୁ ଦେଖୁନାହିଁ । ଏହାପରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତି ଆଉ ଦୁଇଜଣ କୃଷକ ସନ୍ତାନ—ଫକୀରମୋହନ ଓ ନନ୍ଦକିଶୋର । ସେମାନଙ୍କ ରଚନାରେ ଆମେ ପୁଣି ସାରଳାଙ୍କୁ ଫେରିପାଉ । ଓଡ଼ିଆ ଭାଷା ଓ ସାହିତ୍ୟର ପୁନଶ୍ଚ ପ୍ରାଣପ୍ରତିଷ୍ଠା ସମ୍ଭବପର ହୁଏ । ସାରଳାଙ୍କର ବିଜୟଗୀତିରେ ଓଡ଼ିଆ ସାହିତ୍ୟ ମୁଖରିତ ହୋଇଉଠେ । କବିଗୁରୁ ମହାକବି ସାରଳା ଦାସ ଓଡ଼ିଆ ଜାତିର ଚିରନମସ୍ୟ ହୋଇ ରହିଥିବେ ଏବଂ ତାଙ୍କ ରଚିତ ମହାଭାରତ ସବୁ ଯୁଗ, ସବୁ କାଳ ଓ ସବୁ ଲୋକଙ୍କର ଶାଶ୍ୱତ ସମ୍ପଦ ରୂପେ ଓଡ଼ିଆ ଜାତିକୁ ଚିରକାଳ ଉଦ୍‌ବୁଦ୍ଧ ଓ ଉନ୍ମାଦିତ କରୁଥିବ । □□□